# ଆଇ ଏନ୍ ଇ ଇ

ଜରୂରୀକାଳୀନ ପରିସ୍ଥିତିରେ ଶିକ୍ଷା ପାଇଁ
କାର୍ଯ୍ୟ କରୁଥିବା ଏକ ଆନ୍ତର୍ଜାତୀୟ ସଂଗଠନ







# ଶିକ୍ଷା ପାଇଁ ସର୍ବନିମ୍ନ ମାନଦଣ୍ଡ:

ପ୍ରସ୍ତୁତି, ପ୍ରତିକ୍ରିୟା, ପୁନର୍ଲାଭ

ପ୍ରଥମ ସଂସ୍କରଣ – ଫେବୃୟାରୀ, ୨୦୧୬

ସଂଖ୍ୟା – ୧୦୦୦ ଖଣ୍ଡ

ନିର୍ଦ୍ଦେଶନା- ପ୍ରଫେସର ଡଃ. ଏ.ବି.ଓତା
କମିସନର-ତଥା-ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ଓଡିଶା, ଭୁବନେଶ୍ୱର

ପରିକଳ୍ପନା- ଶ୍ରୀମତି ଲଳିତା ପଟ୍ଟନାୟକ ୟୁନିସେଫ୍, ଓଡିଶା

ସଂଯୋଜନା- ଡଃ ସ୍ନିଗ୍ଧା ମିଶ୍ର,
ଉପ ନିର୍ଦ୍ଦେଶକ,ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ଓଡିଶା,ଭୁବନେଶ୍ୱର

ଦିଗଦର୍ଶନ – ପ୍ରଫେସର. ଏସ୍‌ଏଲ ଜେନା
ଥିଙ୍କ୍ ଟାଙ୍କ୍, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା,ଭୁବନେଶ୍ୱର

ଅନୁବାଦ ମଣ୍ଡଳୀ – ପ୍ରଫେସର ସତ୍ୟକାମ ମିଶ୍ର, ପୂର୍ବତନ ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ବିଭାଗ
ଡଃ. ମିନକେତନ ପାଠୀ, ପୂର୍ବତନ ଅଧକ୍ଷ, Dr. PMIASE, ସମ୍ବଲପୁର
ଡଃ. ଚକ୍ରଧର ବିଶ୍ୱାଳ, ପୂର୍ବତନ ରିଡର, NDWCTE, ଭୁବନେଶ୍ୱର
ଡଃ ନିରଞ୍ଜନ ଜେନା, ପୂର୍ବତନ ଉପନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ
ଡଃ. ପ୍ରିତିଲତା ଜେନା, ପୂର୍ବତନ ସହ ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ,
ଡଃ. ତ୍ରିନାଥ ଦାସ, ଉପ ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ।

ଡିଜାଇନ୍- ସୁଶ୍ରୀ ଜୟାଜ୍ୟୋତି ପଣ୍ଡା, ୟୁନିସେଫ୍- ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ,
ଶ୍ରୀ ବଳଭଦ୍ର କର, ଥିଙ୍କ୍ ଟାଙ୍କ୍, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳାୟ ।

ଲେଆଉଟ୍ ଡିଜାଇନ୍- ସୂତ୍ର ଆଡ୍‌ଭର୍ଟାଇଜିଂ

# ଆଇ ଏନ୍ ଇ ଇ

ଜରୂରୀକାଳୀନ ପରିସ୍ଥିତିରେ ଶିକ୍ଷା ପାଇଁ
କାର୍ଯ୍ୟ କରୁଥିବା ଏକ ଆନ୍ତର୍ଜାତୀୟ ସଂଗଠନ

## ଶିକ୍ଷା ପାଇଁ ସର୍ବନିମ୍ନ ମାନଦଣ୍ଡ:

**ପ୍ରସ୍ତୁତି, ପ୍ରତିକ୍ରିୟା, ପୁନର୍ଲାଭ**

# ଲକ୍ଷ୍ୟ

ଆଇ. ଏନ୍. ଇ. ଇ. ହେଉଛି ବୃତ୍ତିଗତ ଓ ଆଇନ୍ ପ୍ରଣୟନ କର୍ତ୍ତାମାନଙ୍କର ଏକ ମୁକ୍ତ ବିଶ୍ୱସ୍ତରୀୟ ସଂଗଠନ ଯେଉଁଥିରେ ସେମାନେ ଜରୁରୀକାଳୀନ ସ୍ଥିତି ସମୟରେ ଏବଂ ଏହାପର ର ପୂର୍ବାବସ୍ଥା ଫେରିଆସିବା ପରେ ସବୁ ଲୋକଙ୍କୁ ଉଚ୍ଚମାନର ଶିକ୍ଷା ସହିତ ଏକ ସୁରକ୍ଷିତ ଶିକ୍ଷା ପରିବେଶ ସୁନିଶ୍ଚିତ କରିଥାଆନ୍ତି ।

www. ineesite.org

ଆଇ ଏନ୍ ଇ ଇ ସଂଯୋଜକ, ମିନିମମ୍ ଷ୍ଟାଣ୍ଡାର୍ଡ ଆଣ୍ଡ୍ ନେଟଓ୍ୱର୍କ ଟୁଲସ୍
ୟୁନିସେଫ - ଶିକ୍ଷା ବିଭାଗ, ସପ୍ତମ ମହାଲା
୩ ୟୁନାଇଟେଡ୍ ନେସନସ୍ ପ୍ଲାଜା
ନିୟୁର୍କ, ଏନ୍‌ୱାଇ ୧୦୦୧୭
ଆମେରିକା
minimumstandrads@ineesite.org
www.ineesite.org
www.ineesite.org/toolkit

ହାର୍ଡକପି ପାଇବା ପାଇଁ ଦେଖନ୍ତୁ
www.ineesite.org/request-resource

**ପ୍ରଫେସର (ଡକ୍ଟର) ଏ.ବି. ଓତା, ଆଇ.ଏ.ଏସ୍**

କମିଶନର ତଥା ନିର୍ଦ୍ଦେଶକ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ

ଭୁବନେଶ୍ୱର

୨୫ ଫେବୃୟାରୀ, ୨୦୧୫

## ପ୍ରାକ୍‌କଥନ

ଶିକ୍ଷାର ମୌଳିକ ଲକ୍ଷ୍ୟ ଏବଂ ଅନ୍ତର୍ନିହିତ ବୈଶିଷ୍ଟ୍ୟ ହେଉଛି ଜୀବନ ନିମନ୍ତେ ପ୍ରସ୍ତୁତି । ଏହା ମନୁଷ୍ୟକୁ ଜୀବନର ଘାତ ଏବଂ ପ୍ରତିଘାତର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ କରିଥାଏ । ଶିକ୍ଷା ଦ୍ୱାରା ମନୁଷ୍ୟ ସମ୍ପୂର୍ଣ୍ଣରୂପେ ସନ୍ଦେହହୀନ ଓ ଭ୍ରମଶୂନ୍ୟ ଭାବରେ ନହେଲେ ମଧ୍ୟ କିଛି ମାତ୍ରାରେ ନିଜ ଭବିଷ୍ୟତ ସମ୍ବନ୍ଧରେ ଆନୁମାନିକ କଳନା କରିବାରେ ସକ୍ଷମ ହୋଇଥାଏ । ଆପଦକାଳୀନ ବା ଜରୁରୀ ପରିସ୍ଥିତି ବିଭିନ୍ନ ପ୍ରକାରର ହୋଇପାରେ ଯଥା: ପ୍ରାକୃତିକ ବିପର୍ଯ୍ୟୟ, ସଂଘର୍ଷ, ବିଦ୍ରୋହ ଇତ୍ୟାଦି । ଜରୁରୀ କାଳୀନ ଶିକ୍ଷା ଦ୍ୱାରା ଗୁରୁତର ତଥା ଜରୁରୀ ଅବସ୍ଥାରୁ ଉତ୍ପନ୍ନ ସମସ୍ୟା ବିଶେଷକରି ସ୍ୱାଭାବିକ ସାମାଜିକ ସୁବିଧାରୁ ବଞ୍ଚିତ, ବର୍ଜ୍ଜିତ, ବହିଷ୍କୃତମାନଙ୍କ ଭିତରେ ଜାତ ଦ୍ରୁତ ମାନସିକ ଭୟ ଓ ଅଶାନ୍ତିର ମୁକାବିଲା କରିବା ପାଇଁ ସାମର୍ଥ୍ୟ ମିଳିପାରିଥାଏ । ଏହି ବ୍ୟକ୍ତିସମୂହ ସାଧାରଣଭାବରେ ଦୃଷ୍ଟିର ଆଢୁଆଳରେ ଥାଇ ସେମାନଙ୍କର ଉପସ୍ଥିତି ଜାହିର କରିବାରେ ଅସମର୍ଥ ହୋଇଥାଆନ୍ତି । ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏହି ଜରୁରୀକାଳୀନ ଶୈକ୍ଷିକ କାର୍ଯ୍ୟକ୍ରମ ମାଧ୍ୟମରେ ଉପରୋକ୍ତ ଗୋଷ୍ଠୀସମୂହଙ୍କର ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ପ୍ରସ୍ତୁତ କରାଇବା ଏବଂ ଆପଦ କାଳୀନ ପରିସ୍ଥିତିରେ କ୍ରୋଧ ଏବଂ କୋପରୁ ରକ୍ଷା କରିବା ନିମନ୍ତେ ଉଦ୍ଦିଷ୍ଟ ।

ଜରୁରୀକାଳୀନ ପରିସ୍ଥିତିରେ ଅନ୍ତର୍ଭୁକ୍ତି ଶିକ୍ଷା ଦ୍ୱାରା ପ୍ରସ୍ତୁତ କରାଯାଇଥିବା 'ଶିକ୍ଷାର ନିମ୍ନତମ ମାପକ' ଅନେକଗୁଡ଼ିଏ ଅନ୍ତଃରାଷ୍ଟ୍ରୀୟ ଆଦୃତ ମାପକର ସମାହାର ଏବଂ ସ୍ଥାନୀୟ ପରିସ୍ଥିତିରେ ମଧ୍ୟ ଗ୍ରହଣ ଯୋଗ୍ୟ । ମୂଳ ଇଂରାଜୀ ପୁସ୍ତକର ଓଡ଼ିଆରେ ଅନୁବାଦ କାର୍ଯ୍ୟ ଶିକ୍ଷା ଏବଂ ଶିକ୍ଷକ ଶିକ୍ଷା ସହିତ ସଂଶ୍ଳିଷ୍ଟ ବିଶିଷ୍ଟ ଅଭିଜ୍ଞ ଶିକ୍ଷାବିତ୍‌ମାନଙ୍କର ମିଳିତ ପ୍ରଚେଷ୍ଟାରେ ସମ୍ପାଦନ ହୋଇଛି । ଏହା ନିଶ୍ଚିତ ଯେ, ଉତ୍ତମ ଏବଂ ନିର୍ଭୁଲ ଅନୁବାଦ ଏକ ଅତ୍ୟନ୍ତ କଷ୍ଟସାପେକ୍ଷ ଏବଂ ହତୋତ୍ସାହିତ ପ୍ରଣାଳୀ । ତଥାପି ଏହି ପ୍ରକାଶିତ ଅନୁବାଦ ପୁସ୍ତକଟିର ଉପଲବ୍ଧ ସମସ୍ତ ଅନ୍ତର୍ନିହିତ ତଥ୍ୟ ଯେ ଅତ୍ୟନ୍ତ ସ୍ପଷ୍ଟ, ଫଳପ୍ରଦ ଏବଂ ସମସ୍ତଙ୍କର ବୋଧଗମ୍ୟ, ତାହାର ସ୍ୱପ୍ରମାଣ ପୁସ୍ତକଟିର ଅନୁମେୟ । ଶିକ୍ଷା ପଦ୍ଧତିର ବିଭିନ୍ନ ମାଧ୍ୟମ ଯଥା:- ପାଠ୍ୟପୁସ୍ତକ, ପାଠ୍ୟଖସଡ଼ା, ଏବଂ ଏହା ପାଇଁ କେଉଁ ପ୍ରକାରର ପ୍ରସ୍ତୁତି, ପ୍ରତ୍ୟୁତ୍ତର ଏବଂ ନିରାକରଣର ଆବଶ୍ୟକତା ଅଛି, ତାହା ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ଏହି ପୁସ୍ତକରେ ଦର୍ଶାଯାଇଛି ।

ବିଦ୍ୟାଳୟମାନଙ୍କରେ ଗୁଣାତ୍ମକ ବିକାଶ ଆଣିବା ଦିଗରେ ଏବଂ ସମସ୍ତ ଆନୁସଙ୍ଗିକ ପରିସ୍ଥିତିରେ ଏହାର ପରବର୍ତ୍ତୀ ଭୂମିକା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବାର ସତତ୍ ପ୍ରୟାସ ୟୁନିସେଫ୍, ଓଡ଼ିଶା ଶାଖାର ଏକ ବଳିଷ୍ଠ ପଦକ୍ଷେପ । ଶିକ୍ଷକ-ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ମୁଁ ସେଥିପାଇଁ ଆମର କୃତଜ୍ଞତା ଜ୍ଞାପନ କରୁଅଛି ।

ପ୍ରକାଶନଟିର ଗୁଣାତ୍ମକ ଏବଂ ପରିମାଣାତ୍ମକ ପ୍ରତିଛବି ନିଶ୍ଚିତ ଭାବରେ ପ୍ରଶଂସା ଯୋଗ୍ୟ । କେତେଜଣ ବର୍ତ୍ତମାନ ଓ ପ୍ରାକ୍ତନ ଶିକ୍ଷାବିତଙ୍କର ମିଳିତ ପ୍ରୟାସରେ ପୁସ୍ତକଟିର ପ୍ରକାଶନ ସମ୍ଭବ ହୋଇ ପାରିଛି । ଆଶାକରେ, ଏହି ପ୍ରକାଶନଟି ଲୋକମାନଙ୍କ ସମ୍ମୁଖରେ ଜରୁରୀକଳୀନ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏକ ଯୁଗାନ୍ତକାରୀ ମାଧ୍ୟମ ଭାବେ ଦଣ୍ଡାୟମାନ ହେବାରେ ଏକାନ୍ତ ସହାୟକ ହେବ ।

(ଏ.ବି. ଓତା)

ଇଣ୍ଟର-ଏଜେନ୍ସୀ ନେଟୱାର୍କ ଫର ଏଜୁକେସନ୍ ଇନ୍ ଏମ୍ରଜେନ୍ସୀ (ଆଇଏନ୍ଇଇ) ହେଉଛି ବୃତ୍ତିଗତ ଓ ଆଇନ୍ ପ୍ରଣୟନ କର୍ତ୍ତାମାନଙ୍କର ଏକ ମୁକ୍ତ ବିଶ୍ୱସ୍ତରୀୟ ସଂଗଠନ ଯେଉଁଥିରେ ସେମାନେ ଜରୁରୀକାଳୀନ ସ୍ଥିତି ସମୟରେ ସବୁ ଲୋକଙ୍କୁ ଉଚ୍ଚମାନର ଶିକ୍ଷା ସହିତ ଏକ ସୁରକ୍ଷିତ ଶିକ୍ଷା ପରିବେଶ ସୁନିଶ୍ଚିତ କରାଇ ପୂର୍ବାବସ୍ଥା ଫେରାଇ ଆଣିବାକୁ ଏକାଠି କାର୍ଯ୍ୟ କରିଥାନ୍ତି । ଆଇ ଏନ୍ ଇ ଇ ଷ୍ଟିଅରିଂ ଗ୍ରୁପ ସବୁପ୍ରକାର ନେତୃତ୍ୱ ନେବା ସହିତ ଏହା ସଂଗଠନଟିକୁ ଦିଗଦର୍ଶନ ଦେଇଥାଏ । ବର୍ତ୍ତମାନ ଏହି ଷ୍ଟିଅରିଂ ଗ୍ରୁପର ସଦସ୍ୟମାନଙ୍କ ମଧ୍ୟରେ ଅଛନ୍ତି – ଚାଇଲଡ୍ ଫଣ୍ଡ ଇଣ୍ଟରନ୍ୟାସ୍ନାଲ, ଇଣ୍ଟରନ୍ୟାସ୍ନାଲ ରେସକ୍ୟୁ କମିଟି (ଆଇଆରସି), ରିଫ୍ୟୁଜି ଏଜୁକେସନ୍ ଟ୍ରଷ୍ଟ (ଆରଇଟି), ସେଭ ଦ ଚିଲଡ୍ରେନ୍, ଓପନ୍ ସୋସାଇଟି ଇନ୍ଷ୍ଟିଚ୍ୟୁଟ (ଓଏସ୍ଆଇ), ୟୁନେସ୍କୋ, ୟୁନ୍ଏଚ୍ସିଆର, ୟୁନିସେଫ, ୟୁଏସ୍ ଏଡ୍ ଓ ବିଶ୍ୱ ବ୍ୟାଙ୍କ ।

ଶିକ୍ଷା ପାଇଁ ସର୍ବନିମ୍ନ ପଦ୍ଧତି : ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନର୍ଲାଭର ବିଶ୍ୱସ୍ତରୀୟ କାର୍ଯ୍ୟକାରିତା ନେଇ ସୁବିଧା କରାଇ ଦେଉଛି ମିନିମମ୍ ଷ୍ଟାଣ୍ଡାର୍ଡ ଆଣ୍ଡ ନେଟୱାର୍କ ଟୁଲ ନାଁରେ ଗଠିତ ଆଇଏନ୍ଇଇର ଏକ କାର୍ଯ୍ୟକାରୀ ଦଳ । ଆଇଏନଇଇର କାର୍ଯ୍ୟକାରୀ ଦଳ ୧୬ଟି ସଂଗଠନକୁ ନେଇ ଗଠିତ, ଯେଉଁମାନଙ୍କର କି ସଂଘର୍ଷ ଓ ବିପର୍ଯ୍ୟୟ ପରିସ୍ଥିତିରେ ଶିକ୍ଷାଦାନ ବ୍ୟବସ୍ଥା ଉପରେ ଅଛି ଗଭୀର ଜ୍ଞାନ ଓ ଅନୁଭୂତି । ଏହି ସଂଗଠନଗୁଡିକ ହେଉଛନ୍ତି – ଆକ୍ସନ ଏଡ୍, ଆମେରିକାନ୍ ଇନ୍ଷ୍ଟିଚ୍ୟୁଟ ଅଫ ରିସର୍ଚ୍ଚ (ଏଆଇଆର୍), ବେସିକ୍ ଏଜୁକେସନ୍ ଫର ଆଫ୍ଗାନ୍ ରିଫ୍ୟୁଜିସ୍ (ବିଇଏଫ୍ଏଆର୍), ଫାମିଲି ହେଲଥ୍ ଇଣ୍ଟରନ୍ୟାସନାଲ୍ ୩୬୦ (ଏଫଏଚ୍ଆଇ), ମାଭିକାଲେମ୍ ସୋସିଆଲ୍ ଆସିଷ୍ଟାନ୍ସ ଆଣ୍ଡ ଚାରିଟି ଆସୋସିଏସନ୍, ୟେମେନ୍ର ଶିକ୍ଷା ମନ୍ତ୍ରାଳୟ, ନରୱେନ୍ ଏଜେନ୍ସୀ ଫର ଡେଭଲପମେଣ୍ଟ (ନୋରାଡ), ନରୱେନ୍ ରିଫ୍ୟୁଜି କାଉନ୍ସିଲ (ଏନ୍ଆରସି), ପ୍ଲାନ୍ ଇଣ୍ଟରନ୍ୟାସନାଲ୍, ରିଚ୍ ଆଉଟ ଟୁ ଏସିଆ (ରୋଟା), ସେଭ୍ ଦ ଚିଲଡ୍ରେନ୍ ଅଷ୍ଟ୍ରେଲିଆ, ସେଭ୍ ଦ ଚିଲଡ୍ରେନ୍ ନରୱେ, ୟୁନେସ୍କୋ, ୟୁନିସେଫ, ୱାର ଚାଇଲ୍ଡ ହଲାଣ୍ଡ, ୱାର୍ଲଡ ଭିଜନ୍ ଇଣ୍ଟରନ୍ୟାସନାଲ୍ ।

୪୧ଟି ଏଜେନ୍ସୀ, ଅନୁଷ୍ଠାନ ଓ ସଂଗଠନ ପ୍ରତି ଆଇଏନ୍ଇଇ କୃତଜ୍ଞ ଯେଉଁମାନେ କି ଏହି ସଂଗଠନ ଗଠନ ହେବା ଦିନଠାରୁ ହିଁ ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଆସୁଛନ୍ତି । ଏହି ସବୁ ଏଜେନ୍ସୀ, ଅନୁଷ୍ଠାନ ଓ ସଂଗଠନଗୁଡିକ ସଂପର୍କରେ ସବିଶେଷ ଜାଣିବା ପାଇଁ ଆଇଏନ୍ଇଇର ୱେବସାଇଟ୍ www. ineesite.org କୁ ସର୍ଚ୍ଚ କରନ୍ତୁ ।

ଜରୁରୀକାଳୀନ ସ୍ଥିତିରେ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ବ୍ୟକ୍ତି ବିଶେଷ ଓ ସଂଗଠନକୁ ଆଇଏନ୍ଇଇର ଦ୍ୱାର ସର୍ବଦା ଖୋଲା । ଯେଉଁମାନେ ଆଇଏନଇଇର ସଦସ୍ୟ ହେବା ପାଇଁ ଇଚ୍ଛୁକ ସେମାନେ ଆଇଏନ୍ଇଇର ୱେବସାଇଟ www. ineesite.org/join ରେ ସାଇନ୍ ଅପ୍ କରିପାରିବେ । ଆଇଏନ୍ଇଇର ସଦସ୍ୟତା ପାଇଁ କୌଣସି ଶୁଳ୍କ ନିଆଯାଏ ନାହିଁ ।

ଆହୁରି ଅଧିକ ସୂଚନା ପାଇବା ପାଇଁ www.ineesite.org ଦେଖନ୍ତୁ ଅବା minimumstandards@ineesite.org ରେ ଆଇଏନ୍‌ଇଇର ଶିକ୍ଷା ପାଇଁ ସର୍ବନିମ୍ନ ପଦ୍ଧତିର ସଂଯୋଜକଙ୍କ ସହିତ ଯୋଗାଯୋଗ ରକ୍ଷା କରନ୍ତୁ ।

ପ୍ରଥମ ସଂସ୍କରଣ ଆଇଏନ୍‌ଇଇ ୨୦୦୪
ପୁନଃ ମୁଦ୍ରଣ : ଆଇଏନ୍‌ଇଇ ୨୦୦୬
ପୁନଃ ମୁଦ୍ରଣ : ଆଇଏନ୍‌ଇଇ ୨୦୦୯
ଦ୍ୱିତୀୟ ସଂସ୍କରଣ ଆଇଏନ୍‌ଇଇ ୨୦୧୦
ପୁନଃ ମୁଦ୍ରଣ : ଆଇଏନ୍‌ଇଇ ୨୦୧୦
ପୁନଃ ମୁଦ୍ରଣ : ଆଇଏନ୍‌ଇଇ ୨୦୧୨

ସମସ୍ତ ଅଧିକାର ସଂରକ୍ଷିତ ରହିଛି । ଏହି ବହିଟିର ଏକାଧିକାର ସତ୍ୱ ରହିଛି । ତେବେ ଶିକ୍ଷା ଉଦ୍ଦେଶ୍ୟରେ ଏହାର ପୁନରୁତ୍ପାଦନ କରାଯାଇପାରିବ । ଏଥିପାଇଁ ଆନୁଷ୍ଠାନିକ ଅନୁମତି ଦରକାର ହୁଏ କିନ୍ତୁ ସାଧାରଣତଃ ତୁରନ୍ତ ଅନୁମତି ଦେଇ ଦିଆଯାଏ । କିନ୍ତୁ ଅନ୍ୟାନ୍ୟ ସ୍ଥିତିରେ ଏହାର ନକଲ କରିବା, ଅନ୍ୟ କୌଣସି ପ୍ରକାଶନରେ ପୁନଃ-ବ୍ୟବହାର କରିବା, ଅନୁବାଦ ଅବା ଉପଯୋଜନା କରିବାକୁ ହେଲେ କପିରାଇଟ୍ ସତ୍ୱାଧାରୀଙ୍କ ଲିଖିତ ଅନୁମତି ଅନିବାର୍ଯ୍ୟ ।
ଅଳଙ୍କରଣ : କ୍ରିଏଟ୍ରିକ୍ସ ଡିଜାଇନ୍ ଗ୍ରୁପ, କାନାଡା
ପ୍ରଚ୍ଛଦ ଚିତ୍ର : ଦ ଇଣ୍ଟରନ୍ୟାସନାଲ ରେସ୍କ୍ୟୁ କମିଟି, ସେଭ ଦ ଚିଲଡ୍ରେନ୍, ଓକ୍ସଫାମ ନୋଭିବ୍

# ବିଷୟବସ୍ତୁ


**ଶିକ୍ଷାର ସର୍ବନିମ୍ନ ମାନଦଣ୍ଡ ବିଷୟରେ ପ୍ରାରମ୍ଭିକ ସୂଚନା : ପ୍ରସ୍ତୁତି, ପ୍ରତିକ୍ରିୟା, ପୁନର୍ଲାଭ** **୧**

**କାର୍ଯ୍ୟକ୍ଷେତ୍ର ଏକ : ମୂଳଦୂଆ ଭିତ୍ତିକ ମାନଦଣ୍ଡ** **୨୩**

ଗୋଷ୍ଠୀ ଅଂଶଗ୍ରହଣ

ମାନଦଣ୍ଡ ୧ : ଅଂଶଗ୍ରହଣ ୨୭

ମାନଦଣ୍ଡ ୨ : ସମ୍ବଳ ୩୪

**ସମନ୍ୱୟ**

ମାନଦଣ୍ଡ ୧ : ସମନ୍ୱୟ ୩୭

**ବିଶ୍ଳେଷଣ**

ମାନଦଣ୍ଡ ୧ : ଆକଳନ ୪୧

ମାନଦଣ୍ଡ ୨ : କାର୍ଯ୍ୟକ୍ରମ କୌଶଳ ୪୭

ମାନଦଣ୍ଡ ୩ : ନିରୀକ୍ଷଣ ୫୨

ମାନଦଣ୍ଡ ୪ : ମୂଲ୍ୟାୟନ ୫୫

**କାର୍ଯ୍ୟକ୍ଷେତ୍ର ଦୁଇ : ପ୍ରବେଶ ସୁଯୋଗ ଓ ଶିକ୍ଷଣ ପରିବେଶ** **୫୯**

ମାନଦଣ୍ଡ ୧ : ସମାନ ଶିକ୍ଷାଲାଭ ସୁଯୋଗ ୬୨

ମାନଦଣ୍ଡ ୨ : ସୁରକ୍ଷା ଓ ମଙ୍ଗଳ ବିଧାନ ୬୯

ମାନଦଣ୍ଡ ୩ : ସୁବିଧା ଓ ସେବା ୭୬

**କାର୍ଯ୍ୟକ୍ଷେତ୍ର ତିନି : ଶିକ୍ଷାଦାନ ଓ ଶିକ୍ଷଣ** **୮୩**

ମାନଦଣ୍ଡ ୧ : ପାଠ୍ୟକ୍ରମ ୮୬

ମାନଦଣ୍ଡ ୨ : ତାଲିମ, ବୃତ୍ତିଗତ ବିକାଶ ଓ ସମର୍ଥନ ୯୩

ମାନଦଣ୍ଡ ୩ : ନିର୍ଦ୍ଦେଶାବଳୀ ଏବଂ ଶିକ୍ଷଣ ପ୍ରକ୍ରିୟା ୯୬

ମାନଦଣ୍ଡ ୪ : ଶିକ୍ଷା ଲାଭର ଫଳାଫଳ ସମୀକ୍ଷା ୯୯

**କାର୍ଯ୍ୟକ୍ଷେତ୍ର ଚାରି : ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀ** **୧୦୪**

ମାନଦଣ୍ଡ ୧ : ଚୟନ ଓ ନିଯୁକ୍ତି ୧୦୬

ମାନଦଣ୍ଡ ୨ : ଚାକିରୀ ସର୍ତ୍ତାବଳୀ ୧୦୯

ମାନଦଣ୍ଡ ୩ : ସହାୟତା ଓ ତତ୍ତ୍ୱାବଧାନ ୧୧୧

**କାର୍ଯ୍ୟକ୍ଷେତ୍ର ପାଞ୍ଚ : ଶିକ୍ଷା ନୀତି** **୧୧୫**

ମାନଦଣ୍ଡ ୧ : ଆଇନ ଓ ନୀତି ପ୍ରସ୍ତୁତି ୧୧୮

ମାନଦଣ୍ଡ ୨ : ଯୋଜନା ଓ ରୂପାୟନ ୧୨୩

ଅତିରିକ୍ତ ଅଂଶ ୧୨୬

ଅତିରିକ୍ତ ଅଂଶ ୧ : ସଜ୍ଞା ୧୨୬

ଅତିରିକ୍ତ ଅଂଶ ୨ : ସଂକ୍ଷିପ୍ତ ଶବ୍ଦ ୧୪୧

ଅତିରିକ୍ତ ଅଂଶ ୩ : ଅନୁକ୍ରମଣିକା ୧୪୨

ଅତିରିକ୍ତ ଅଂଶ ୪ : ମତାମତ ଫର୍ଦ୍ଦ ୧୪୯

# ଶିକ୍ଷାର ସର୍ବନିମ୍ନ ମାନଦଣ୍ଡ ବିଷୟରେ ପ୍ରାରମ୍ଭିକ ସୂଚନା: ପ୍ରସ୍ତୁତି, ପ୍ରତିକ୍ରିୟା, ପୁନର୍ଲାଭ

## ଆପଦକାଳୀନ ପରିସ୍ଥିତିରେ ଶିକ୍ଷାବ୍ୟବସ୍ଥା

ଶିକ୍ଷା ସମସ୍ତଙ୍କ ପାଇଁ ଏକ ମୌଳିକ ଅଧିକାର । ବିଶେଷକରି ବିଭିନ୍ନ ପ୍ରକାରର ବିପର୍ଯ୍ୟୟ ଓ ସଂଘର୍ଷର ଶିକାର ହେଉଥିବା ଦଶ ନିୟୁତ ଶିଶୁ ଓ ଯୁବକ ଯୁବତୀଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ, କିନ୍ତୁ ଆପଦକାଳୀନ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥା ବାରମ୍ବାର ବାଧାପ୍ରାପ୍ତ ହେବା ଫଳରେ ଶିକ୍ଷାର୍ଥୀମାନେ ଗୁଣାତ୍ମକ ଶିକ୍ଷାର ରୂପାନ୍ତରକ୍ଷମ ପ୍ରଭାବରୁ ବଞ୍ଚିତ ହେଉଛନ୍ତି ।

ଆପଦକାଳୀନ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥା ସବୁ ବୟସର ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷାଲାଭର ସୁଯୋଗ ସୃଷ୍ଟିକରିଥାଏ । ପ୍ରାକ୍-ଶୈଶବ ବିକାଶଠାରୁ ଆରମ୍ଭକରି ପ୍ରାଥମିକ, ମାଧ୍ୟମିକ, ଅନୌପଚାରିକ, ବୈଷୟିକ, ଧନ୍ଦାମୂଳକ, ଉଚ୍ଚଶିକ୍ଷା ଓ ପୌଢ଼ଶିକ୍ଷା ପ୍ରଭୃତି ଏହି ଶିକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଥାଏ । ଆପଦକାଳୀନ ପରିସ୍ଥିତିରେ ପୁର୍ନଉଦ୍ଧାର ପ୍ରକ୍ରିୟା ମଧ୍ୟରେ ଗୁଣାତ୍ମକ ଶିକ୍ଷାଦାନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କୁ ଶାରୀରିକ, ମନୋସ୍ତାତ୍ତ୍ୱିକ, ସାମାଜିକ ଓ ବୌଦ୍ଧିକ ସୁରକ୍ଷା ପ୍ରଦାନ କରାଯାଇ ସେମାନଙ୍କୁ ଏକ ନିରାପଦ ଜୀବନ ନିରନ୍ତରଭାବେ ନିର୍ବାହ କରିବାକୁ ସକ୍ଷମ କରାଯାଇଥାଏ ।

ଆପଦକାଳୀନ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥା ବିଶେଷ ସହାୟତା ଆବଶ୍ୟକ କରୁଥିବା ଶିଶୁ ଓ ଯୁବଗୋଷ୍ଠୀଙ୍କୁ ଚିହ୍ନଟକରି ସେମାନଙ୍କ ଶିକ୍ଷା ପାଇଁ ସୁରକ୍ଷିତ ସ୍ଥାନ ସୃଷ୍ଟି ମାଧ୍ୟମରେ ସେମାନଙ୍କୁ ନିରନ୍ତରଭାବେ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାର ସୁଯୋଗ ପ୍ରଦାନ କରିଥାଏ । ସଙ୍କଟଜନକ ପରିସ୍ଥିତିରେ ଦେଖାଦେଉଥିବା ବିପଦ ଓ ଶୋଷଣରୁ ରକ୍ଷାକରିବା ପାଇଁ ଗୁଣାତ୍ମକ ଶିକ୍ଷା ବିଦ୍ୟାର୍ଥୀମାନଙ୍କୁ ଶାରୀରିକ ସୁରକ୍ଷା ଯୋଗାଇଥାଏ । ଯେତେବେଳେ ଜଣେ ବିଦ୍ୟାର୍ଥୀ ଏକ ସୁରକ୍ଷିତ ଶୈକ୍ଷିକ ପରିବେଶରେ ଥାଏ ତାହାର ଯୌନ ଓ ଆର୍ଥିକ ଶୋଷଣର ଭୟ ହ୍ରାସ ପାଇଥାଏ । ଅନ୍ୟାନ୍ୟ ବିପଦ ଯଥା ବାଧ୍ୟତାମୂଳକ ବିବାହ, ବାଲ୍ୟବିବାହ, ସୈନ୍ୟବାହିନୀରେ ବାଧ୍ୟତାମୂଳକ ଯୋଗଦାନ ତଥା ଅନ୍ୟାନ୍ୟ ସଂଗଠିତ ଅପରାଧର ଆଶଙ୍କା ମଧ୍ୟ ହ୍ରାସ ପାଇଥାଏ । ଏହା ସହିତ ବଞ୍ଚିବା ପାଇଁ ଜରୁରୀ ସାମର୍ଥ୍ୟ ଓ ପରିସ୍ଥିତିସହ ଖାପଖୁଆଇ ବଞ୍ଚିବାର ପ୍ରଣାଳୀକୁ ଦୃଢ଼ୀଭୂତ କରିବା ପାଇଁ ଜୀବନସୁରକ୍ଷା ସୂଚନା ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ ଲାଣ୍ଡମାଇନଠାରୁ କିପରି ଦୂରରେ ରହିବ, ଏଚ୍.ଆଇ.ଭି ସଂକ୍ରମଣ କିପରି ପ୍ରତିରୋଧ କରିହେବ କିମ୍ବା ଉତ୍ତମ ସ୍ୱାସ୍ଥ୍ୟସେବା ଓ ଖାଦ୍ୟ କିପରି ଉପଲବ୍ଧ ହେବ ଇତ୍ୟାଦି ଉପାଦେୟ ଜୀବନସୁରକ୍ଷା ସୂଚନା ଏକ ସୁସ୍ଥ ଓ ନିରାପଦ ଜୀବନଯାପନ ପାଇଁ ସହାୟକ ହୋଇଥାଏ ।

ଶିକ୍ଷାଲାଭ ସୁଯୋଗ ବିଦ୍ୟାର୍ଥୀମାନଙ୍କୁ ଏକ ନିୟମିତ, ସ୍ଥାୟୀ ଓ ନିର୍ଦ୍ଧାରିତ ଜୀବନଶୈଳୀ ଓ ଭବିଷ୍ୟତ ପାଇଁ ଆଶା ପ୍ରଦାନକରି ସେମାନଙ୍କୁ ଯୁଦ୍ଧ ଓ ବିପର୍ଯ୍ୟୟର ମାନସିକ ପ୍ରଭାବରୁ ମୁକ୍ତ କରିଥାଏ । ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଶକ୍ତି ଓ ପରିବର୍ତ୍ତନଶୀଳ ପରିସ୍ଥିତି ସହିତ ଖାପଖୁଆଇ ଚଳିବାର ସାମର୍ଥ୍ୟକୁ ବୃଦ୍ଧିକରାଇ ଶିକ୍ଷା ବ୍ୟବସ୍ଥା ବିପଦପୂର୍ଣ୍ଣ ପରିବେଶରେ ନିଜର ତଥା ଅନ୍ୟମାନଙ୍କର ଯତ୍ନନେବା ଓ ବଂଚିରହିବାର କୌଶଳ ବିଷୟରେ ସୂଚିତ ନିଷ୍ପତ୍ତି ନେବା ପାଇଁ ବିଦ୍ୟାର୍ଥୀମାନଙ୍କୁ ସମର୍ଥ କରିଥାଏ । ରାଜନୈତିକ ବାର୍ତ୍ତା ଅଥବା ବିବାଦୀୟ ସୂତ୍ରରୁ ମିଳୁଥିବା ସୂଚନାଗୁଡ଼ିକର ସମୀକ୍ଷା କରିବା କ୍ଷମତା ଶିକ୍ଷାଲାଭ ଦ୍ୱାରା ବୃଦ୍ଧି ପାଇଥାଏ ।

ବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷଣ ସ୍ଥଳଗୁଡ଼ିକ ଶିକ୍ଷାଦାନ ବ୍ୟତୀତ ଅତ୍ୟାବଶ୍ୟକୀୟ ସହାୟତା ପ୍ରଦାନ ଯଥା ସୁରକ୍ଷା, ପୁଷ୍ଟି, ଜଳ ଓ ପରିମଳ ତଥା ସ୍ୱାସ୍ଥ୍ୟସେବା ପ୍ରଭୃତିର ପ୍ରବେଶ ଦ୍ୱାର ରୂପେ କାର୍ଯ୍ୟକରିଥାଏ । ଶିକ୍ଷାର୍ଥୀ-ପ୍ରିୟ ଓ ସୁରକ୍ଷିତ ଶିକ୍ଷଣସ୍ଥଳ ପାଇଁ ଶିକ୍ଷାକର୍ମୀ ଓ ଅନ୍ୟାନ୍ୟ କ୍ଷେତ୍ର ଯଥା ସୁରକ୍ଷା, ଆଶ୍ରୟ, ଜଳ ଓ ପରିମଳ, ସ୍ୱାସ୍ଥ୍ୟ, ସାମାଜିକ ଓ ମାନସିକ କ୍ଷେତ୍ରରେ କାର୍ଯ୍ୟରତ କର୍ମୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଦରକାର ହୋଇଥାଏ ।

ଗୁଣାତ୍ମକ ଶିକ୍ଷା ଦେଶର ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ଥିରତା ହାସଲ କରିବାରେ ସହାୟକ ହୋଇଥାଏ । ଏହା ସାମାଜିକ ସଂହତିକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସଂଘର୍ଷ ସମାଧାନ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟତା ଯୋଗାଇ ଭୟଙ୍କର ଯୁଦ୍ଧର ବିଭୀଷିକାକୁ ପ୍ରଶମିତ କରେ । ଦୀର୍ଘ ସୂତ୍ରୀ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସହାଯ୍ୟ କରୁଥିଲେ ମଧ୍ୟ ଶିକ୍ଷାର କିଛି ନକାରାତ୍ମକ ପ୍ରଭାବ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାରେ ଅନ୍ତରାୟ ସୃଷ୍ଟିକରିପାରେ । ଉଦାହରଣ ସ୍ୱରୂପ ଯେତେବେଳେ ଶିକ୍ଷା ସାମାଜିକ ଓ ଆର୍ଥିକ ବୈଷମ୍ୟ ଦୂରକରିବା ପରିବର୍ତ୍ତେ ତାହା ବୃଦ୍ଧି ପାଇବାରେ ସହାୟକ ହୁଏ କିମ୍ବା ପାଠ୍ୟକ୍ରମ ଓ ଶିକ୍ଷାଦାନ ପ୍ରଣାଳୀରେ ପକ୍ଷପାତିତା ଯୋଗୁଁ କିଛି ବିଦ୍ୟାନୁରାଗୀ ବିଦ୍ୟାଳାଭରୁ ବଞ୍ଚିତ ହୁଅନ୍ତି ସେତେବେଳେ ଶିକ୍ଷା ବ୍ୟବସ୍ଥା ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ଅନ୍ତରାୟ ସୃଷ୍ଟିକରି ସଂଘର୍ଷକୁ ଏଡାଇବା ପରିବର୍ତ୍ତେ ଇନ୍ଧନ ଯୋଗାଇଥାଏ । ସଂଘର୍ଷ ବା ଯୁଦ୍ଧ ସମୟରେ ଶିକ୍ଷାଦାନ ପ୍ରକ୍ରିୟାକୁ ପରାହତ କରିବା ଲକ୍ଷ୍ୟ ରଖି ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀଙ୍କ ଉପରେ ବିଦ୍ୟାଳୟକୁ ଯିବାଆସିବା ସମୟରେ ଆକ୍ରମଣ ହେବାର ଭୟ ଥାଏ । ଶିକ୍ଷା ବ୍ୟବସ୍ଥାର ସୁରକ୍ଷା ଓ ସଂଘର୍ଷ ପ୍ରଭାବିତ ସମାଜକୁ ନିରନ୍ତର ଶାନ୍ତି ଓ ବିକାଶ ମାର୍ଗରେ ଆଗେଇ ନେବା ପାଇଁ ଉପଯୁକ୍ତ ଢ଼ାଞ୍ଚାରେ ଶିକ୍ଷାସଂସ୍କାର ଆବଶ୍ୟକତା ରହିଛି ।

ସଙ୍କଟମୟ ପରିସ୍ଥିତି ଜାତୀୟକର୍ତ୍ତୃପକ୍ଷ, ଗୋଷ୍ଠୀ ଓ ଆର୍ନ୍ତଜାତିକ ଅଂଶୀଦାରମାନଙ୍କୁ ଏକ ଅପେକ୍ଷାକୃତ ପକ୍ଷପାତଶୂନ୍ୟ ଶିକ୍ଷାବ୍ୟବସ୍ଥା ଓ ଢ଼ାଞ୍ଚା ସୃଷ୍ଟିମାଧ୍ୟମରେ ସାମାଜିକ ରୂପାନ୍ତରୀକରଣ ପାଇଁ ସୁଯୋଗ ପ୍ରଦାନ କରିଥାଏ । ଶିକ୍ଷାଲାଭରୁ ବଞ୍ଚିତ ଗୋଷ୍ଠୀ ଯଥା ଶିଶୁ, କନ୍ୟା, କିଶୋର କିଶୋରୀ ଭିନ୍ନକ୍ଷମ, ଶରଣାର୍ଥୀ ଓ ଅଭ୍ୟନ୍ତରୀଣ ବାସଚ୍ୟୁତ ବ୍ୟକ୍ତିମାନେ ଶିକ୍ଷାଲାଭ ସୁଯୋଗ ଲାଭକରି ଉପକୃତ ହୋଇଥା'ନ୍ତି । ସଂଙ୍କଟଜନକ ପରିସ୍ଥିତି ଗୁଣାତ୍ମକ ଶିକ୍ଷାରେ ଉନ୍ନତି ଆଣି

ଶିକ୍ଷାଲାଭ କରିବାର ଅଧିକ ସୁଯୋଗ ସୃଷ୍ଟି କରିଥାଏ । ସେଥିଯୋଗୁଁ ଏହି ସୁଯୋଗ ସଂଙ୍କଟଜନକ ପରିସ୍ଥିତିରେ ଏକ ସାକାରାତ୍ମକ ଦିଗରୂପେ ବିବେଚିତ ହୁଏ ।

ସଙ୍କଟଜନକ ପରିସ୍ଥିତି ସମାଜର ସବୁଲୋକଙ୍କ ପାଇଁ ନୂତନ କୌଶଳ ଓ ମୂଲ୍ୟବୋଧ ବିଷୟରେ ଶିକ୍ଷାଲାଭ କରିବାର ସୁଯୋଗ ସୃଷ୍ଟିକରିଥାଏ । ଅନ୍ତର୍ଭୁକ୍ତ ଶିକ୍ଷାର ମହାତ୍ମ୍ୟ, ଭାଗିଦାରିତା ଓ ସହନଶୀଳତା, ମତଭେଦର ସମାଧାନ, ମାନବାଧିକାର, ପରିବେଶ ସୁରକ୍ଷା ତଥା ବିପର୍ଯ୍ୟୟ ପ୍ରତିରୋଧ ଭଳି ନୂତନ ମୂଲ୍ୟବୋଧ ଓ କୌଶଳ ବିଷୟରେ ଲୋକେ ଶିକ୍ଷାଲାଭ କରିବାର ସୁଯୋଗ ପାଇଥା'ନ୍ତି । ସଂକଟଜନକ ପରିସ୍ଥିତିରେ ପୁର୍ନଉଦ୍ଧାର ପର୍ଯ୍ୟନ୍ତ ଶିକ୍ଷାବ୍ୟବସ୍ଥା ଉପଯୁକ୍ତ ଓ ପ୍ରାସଙ୍ଗିକ ହେବା ନିହାତି ଜରୁରୀ ଅଟେ । ମୌଳିକ ସାକ୍ଷରତା ଓ ସଂଖ୍ୟାଗଠନ ଜ୍ଞାନ ପ୍ରଦାନସହ ଶିକ୍ଷକ ଆବଶ୍ୟକତାକୁ ପୂରଣ କରିପାରୁଥିବା ଏବଂ ସୂକ୍ଷ୍ମଚିନ୍ତନଶକ୍ତିକୁ ପ୍ରୋତ୍ସାହିତ କରୁଥିବା ପ୍ରାସଙ୍ଗିକ ପାଠ୍ୟକ୍ରମର ପ୍ରଚଳନ ଏକ ଜରୁରୀ ଆବଶ୍ୟକତା ଅଟେ । ସମ୍ଭାବ୍ୟ ବିପତ୍ତି ସଂପର୍କରେ ଶିକ୍ଷାଦାନ, ବିଦ୍ୟାଳୟଗୁଡ଼ିକୁ ଗୋଷ୍ଠୀ ବିପର୍ଯ୍ୟୟ ପ୍ରଶମନ କେନ୍ଦ୍ର ରୂପେ ଗଠନ ଓ ବିପର୍ଯ୍ୟୟ ପ୍ରତିରୋଧ ପାଇଁ ଶିଶୁ ଓ ଯୁବଗୋଷ୍ଠୀଙ୍କ ସଶକ୍ତିକରଣ ମାଧ୍ୟମରେ ନେତୃତ୍ୱ ସୃଷ୍ଟିକରିବା ପ୍ରୟାସ, ସଂଘର୍ଷମୟ ପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବା ଓ ପୁନଃକାର୍ଯ୍ୟକ୍ଷମ କରାଇବା ସଂସ୍କୃତି ସ୍ଥାପନ କରିବାରେ ସହାୟକ ହୁଏ ।

**ମାନବୀୟ ପ୍ରତିକାର ମଧ୍ୟରେ ଶିକ୍ଷା କିପରି ସଂସ୍ଥାପିତ ହୋଇଛି ?**

ସଙ୍କଟଜନକ ପରିସ୍ଥିତିରେ ସମାଜ ଶିକ୍ଷାକୁ ଅଗ୍ରାଧିକାର ଦେଇଥାଏ । ବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷଣ ସ୍ଥଳଗୁଡ଼ିକ ଲୋକମାନଙ୍କର ହୃଦୟରେ ସ୍ଥାନ ପାଇଥାଏ ଏବଂ ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ସୁଯୋଗ ଓ ଉତ୍ତମ ଜୀବନ ଯାପନର ପ୍ରତୀକ ରୂପେ ପରିଗଣିତ ହୋଇଥାଏ । ପ୍ରତ୍ୟେକ ବିଦ୍ୟାର୍ଥୀ ଓ ତାଙ୍କର ପରିବାରବର୍ଗ ସର୍ବଦା ଉଚ୍ଚ ଅଭିଳାଷୀ । ସେମାନଙ୍କର ଅଭିଳାଷ ପୂରଣ କରିବା ପାଇଁ ଏବଂ ସାମାଜିକ ଜୀବନର ବିଭିନ୍ନ ବିଭାଗ ଯଥା : ଆର୍ଥିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସଫଳଭାବେ କାର୍ଯ୍ୟକରିବା ନିମନ୍ତେ ଶିକ୍ଷା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମର୍ଥ କରିଥାଏ ।

ଏବେ ପର୍ଯ୍ୟନ୍ତ ମାନବୀୟ ସାହାଯ୍ୟ କହିଲେ ଖାଦ୍ୟ, ବାସଗୃହ, ଜଳ ଓ ପରିମଳ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଭୃତିକୁ ବୁଝାଉଥିଲା । ଶିକ୍ଷାକୁ ଆକସ୍ମିକ ଆପଦକାଳୀନ ପରିସ୍ଥିତି ସହିତ ମୁକାବିଲା କରିବାର ଏକ ଅସ୍ତ୍ରରୂପେ ବ୍ୟବହାର ହେବା ପରିବର୍ତ୍ତେ ଦୀର୍ଘସୂତ୍ର ବିକାଶ ପ୍ରକ୍ରିୟାର ଏକ ପ୍ରୟାସରୂପେ ପରିଗଣିତ ହେଉଥିଲା । ସେ ଯାହା ହେଉ ନା କାହିଁକି, ବର୍ତ୍ତମାନ ଶିକ୍ଷାକୁ ଜୀବନ-ଧାରଣ ଓ ଜୀବନ ରକ୍ଷାର ଆୟୁଧରୂପେ ଗ୍ରହଣ କରାଯାଇ ମାନବୀୟ ପ୍ରତିକ୍ରିୟାର ଅଂଶବିଶେଷରୂପେ ସ୍ୱୀକୃତୀ ପ୍ରଦାନ କରାଯିବା ଅପରିହାର୍ଯ୍ୟ ହୋଇପଡ଼ିଛି ।

ଶିକ୍ଷା ଯୋଜନା ଓ ମାନବୀୟ ପ୍ରତିକ୍ରିୟା ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଯାହା କେବଳ ଏକ ତତ୍‌କାଳ ସାହାଯ୍ୟ ନୁହେଁ ବରଂ ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ଅଟେ । ଶିକ୍ଷାର୍ଥୀମାନଙ୍କର ଅଧିକାର ଓ ଆବଶ୍ୟକତାକୁ ସଫଳଢ଼ଙ୍ଗରେ ପୂରଣ କରିବା ପାଇଁ ଶିକ୍ଷା ଓ ଅନ୍ୟାନ୍ୟ ଜରୁରୀ ସେବା ଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସହଯୋଗ ଆବଶ୍ୟକ । 'ସ୍ଫୀୟର-ଆଇଏନ୍‌ଇଇର କମ୍ପାନିୟନସିପ୍ ଏଗ୍ରୀମେଣ୍ଟ' ଏବଂ 'ଇଣ୍ଟର ଏଜେନ୍‌ସି ଷ୍ଟାଣ୍ଡିଂ କମିଟିସ ଏଜୁକେସନ କ୍ଲଷ୍ଟର' ଏହି ସମନ୍ୱୟ ଓ ସହଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ମାନବୀୟ ପ୍ରତିକ୍ରିୟାକୁ ସଂକଟ ପୁର୍ବବର୍ତ୍ତୀ ମୁକାବିଲା ପାଇଁ ପ୍ରସ୍ତୁତି ଓ ଆପଦକାଳୀନ ସ୍ଥିତିରେ ଆରମ୍ଭରୁ ପ୍ରାକ ପୁର୍ନଉଦ୍ଧାର ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପ୍ରୟାସରୂପେ ବର୍ଣ୍ଣନା କରାଯାଇଛି । ଦୀର୍ଘକାଳସ୍ଥାୟୀ ଅସ୍ଥିରତା କ୍ଷେତ୍ରରେ ଏହି ଶୈକ୍ଷିକ ବିକାଶ ବାସ୍ତବରେ ଉପଲବ୍ଧ ହୋଇନପାରେ କିନ୍ତୁ ବିଶ୍ଳେଷଣ ଓ ଯୋଜନା ପ୍ରସ୍ତୁତି ପାଇଁ ଏହା ଏକ ମୂଲ୍ୟବାନ ଆଧାର ପ୍ରଦାନ କରିଥାଏ ।

### ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକ କ'ଣ ?

ଆଇ.ଏନ୍.ଇ. ଇ. ହସ୍ତପୁସ୍ତିକାରେ ଉଣେଇଶ(୧୯)ଟି ମାନ ଏବଂ ପ୍ରତ୍ୟେକ ମାନ ପାଇଁ ମୁଖ୍ୟ କାର୍ଯ୍ୟ ଓ ମାର୍ଗଦର୍ଶୀକା ଟୀପ୍ପଣି ସ୍ଥାନ ପାଇଛି । ଶୈକ୍ଷିକ ପ୍ରସ୍ତୁତିର ଗୁଣାତ୍ମକ ବିକାଶ, ପ୍ରତିକ୍ରିୟା ଓ ପୁର୍ନଉଦ୍ଧାର ଓ ନିରାପଦ ଓ ପ୍ରାସଙ୍ଗିକ ଶିକ୍ଷାଲାଭ ପାଇଁ ଅଧିକ ପ୍ରବେଶ ସୁଯୋଗ ସୃଷ୍ଟି ଓ ସେବା ପ୍ରଦାନ କ୍ଷେତ୍ରରେ ଉତ୍ତରଦାୟିତ୍ୱ ହାସଲ କରିବା ହସ୍ତପୁସ୍ତିକାଟିର ଲକ୍ଷ୍ୟ ଅଟେ ।

ପୃଥିବୀର ବିଭିନ୍ନ ଦେଶର ଜାତୀୟ କର୍ତ୍ତୃପକ୍ଷ, ପେଷାଦାର ବ୍ୟକ୍ତି, ନୀତି ପ୍ରଣୟନକାରୀ, ଶିକ୍ଷାବିତ୍ତ ଓ ଅନ୍ୟାନ୍ୟ ପ୍ରଶିକ୍ଷକମାନଙ୍କୁ ନେଇ ଏକ ଆଲୋଚନାତ୍ମକ ପଦ୍ଧତି ମାଧ୍ୟମରେ ଆଇ.ଏନ୍.ଇ.ଇ ଏହି ପୁସ୍ତିକାଟିକୁ ୨୦୦୪ ମସିହାରେ ପ୍ରସ୍ତୁତ କରିଥିଲେ ଏବଂ ୨୦୧୦ ମସିହାରେ ନୂତନ ତଥ୍ୟ ଓ ସୂଚନା ସହ ଏହାର ନୂତନ ସଂସ୍କରଣ ପ୍ରକାଶ ପାଇଥିଲା । ପ୍ରାକୃତିକ ବିପତ୍ତି ଓ ସଂଘର୍ଷଜନିତ ବିପର୍ଯ୍ୟୟ, ମନ୍ଥର ଓ ଦ୍ରୁତ ଆକ୍ରମଣ ପରିସ୍ଥିତି, ସହର ଓ ଗ୍ରାମ୍ୟ ପରିବେଶରେ ଆପଦକାଳୀନ ପରିସ୍ଥିତି ପ୍ରଭୃତି ପରିସ୍ଥିତିଗୁଡ଼ିକୁ ମୁକାବିଲା କରିବା ପାଇଁ ହସ୍ତପୁସ୍ତିକାରେ ସନ୍ନିବେଷ୍ଟିତ ମାର୍ଗଦର୍ଶୀକା ଗୁଡ଼ିକ ଅଭିପ୍ରେତ । ଗୁଣାତ୍ମକ ଓ ସମନ୍ୱିତ ମାନବୀୟ ପ୍ରତିକ୍ରିୟା ହାସଲ କରିବା ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନ ହସ୍ତପୁସ୍ତିକାର ମୁଖ୍ୟ ବିଷୟ ଅଟେ । ବିପର୍ଯ୍ୟୟ ପ୍ରଭାବିତ ଲୋକମାନଙ୍କର ଶିକ୍ଷାଧିକାର ଓ ଶୈକ୍ଷିକ ଆବଶ୍ୟକତାକୁ ପୂରଣକରି ସେମାନଙ୍କ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ମାନବୀୟ ସହଯୋଗ ଓ ବିକାଶ ପାଇଁ ମିଳୁଥିବା ଅନୁଦାନ ମଧ୍ୟରେ ସମନ୍ୱୟର ଆବଶ୍ୟକ ଉପରେ ମଧ୍ୟ ହସ୍ତପୁସ୍ତିକାରେ ଗୁରୁତ୍ୱ ଦିଆ ଯାଇଛି । ନିର୍ଦ୍ଦିଷ୍ଟ ଭାବେ ସଂଘର୍ଷ ପ୍ରଭାବିତ ପୃଷ୍ଠଭୂମିରେ ଯୁଦ୍ଧ, ଅସ୍ଥିରତା ଓ ମାନବୀୟ ସଙ୍କଟ ଇତ୍ୟାଦି ଏକ ଶାନ୍ତିପୂର୍ଣ୍ଣ ସ୍ଥିର ସମୟ ଅତିବାହିତ

କରିବାରେ ବାଧାସୃଷ୍ଟି କରିଥାଏ, ଏ ଭଳି ପରିସ୍ଥିତିରେ ମାନବିକ ଓ ବିକାଶମୂଳକ ସଂଗଠନ ଗୁଡ଼ିକ ଶିକ୍ଷାକୁ ସମର୍ଥନ ଦେବା ପାଇଁ ଏକାଠି କାର୍ଯ୍ୟକରିଥାନ୍ତି । ମାନବୀୟ ଅନୁଦାନ ବିକାଶମୂଳକ ସହାୟତାରେ ପରିଣତ ହେବା ସମୟ ମଧ୍ୟରେ ଏହି ଭାଗିଦାର ସଂଗଠନଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ଅନ୍ତରଙ୍ଗ ସହଯୋଗ ଶିକ୍ଷାକୁ ଫଳପ୍ରଦ ସହାୟତା ପ୍ରଦାନ କରିଥାଏ ।

ଗୁରୁତର ଆପଦକାଳୀନ ସ୍ଥିତିକୁ ସାମ୍ନାକରିବା ପାଇଁ ଏବଂ ମୁକାବିଲା କରିବା ପାଇଁ କିପରି ପ୍ରସ୍ତୁତ ରହିବ ଯାହା ଫଳରେ ବିପଦ ହ୍ରାସ ପାଇବ, ଭବିଷ୍ୟତ ପାଇଁ ପ୍ରସ୍ତୁତି ବୃଦ୍ଧି ପାଇବ ଏବଂ ଗୁଣାତ୍ମକ ଶିକ୍ଷାର ଏକ ଦୃଢ଼ଭିତ୍ତିଭୂମି ସ୍ଥାପିତ ହେବ – ଏହି ସବୁ ବିଷୟରେ ହସ୍ତପୁସ୍ତିକାରେ ଦିଗ୍‌ଦର୍ଶନ ଦେଇଥାଏ ।

## ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡଗୁଡ଼ିକ କିପରି ପ୍ରସ୍ତୁତ ହୋଇଛି ?

୨୦୦୩-୦୪ ବର୍ଷରେ ଆଇ.ଏନ୍.ଇ.ଇ. ଦ୍ୱାରା ପ୍ରସ୍ତୁତ ମାନଦଣ୍ଡଗୁଡ଼ିକ ସ୍ଥାନୀୟ, ଆଞ୍ଚଳିକ ଓ ଜାତୀୟ ସ୍ତରରେ ବିତର୍କ ଓ ଅନ୍‌ଲାଇନ ମାଧ୍ୟମରେ ତଥା ସାଥୀମାନଙ୍କ ମଧ୍ୟରେ ବିଚାରବିମର୍ଷ କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ଆଇ.ଏନ୍.ଇ.ଇ.ର ଏହି ଉଚ୍ଚ ପରାମର୍ଶମୂଳକ ପଦ୍ଧତି ତାହାର ସହଯୋଗିତା, ସ୍ୱଚ୍ଛତା, ଫଳାଫଳକୁ ଦେଖି ବ୍ୟୟ କରିବା ଓ ବିଚାର ବିମର୍ଷ ମାଧ୍ୟମରେ ନିଷ୍ପତ୍ତି ଗ୍ରହଣ କରିବା ପ୍ରଭୃତି ମାର୍ଗଦର୍ଶୀ ନୀତିଗୁଡ଼ିକରେ ପ୍ରତିଫଳିତ ହୋଇଛି । ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକର ପ୍ରଥମ ସଂସ୍କରଣ ପ୍ରସ୍ତୁତ କରିବାରେ ପଚାଶରୁ ଉର୍ଦ୍ଧ୍ୱଦେଶର ୨୨୫୦ରୁ ଅଧିକ ବ୍ୟକ୍ତିଙ୍କର ଭୂମିକା ରହିଥିଲା । ୨୦୦୯-୧୦ ବର୍ଷରେ ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକର ମୂଲ୍ୟାୟନର ସିଦ୍ଧାନ୍ତ ଏବଂ ବ୍ୟବହାରକାରୀ ମାନଙ୍କର ସୁପାରିଶ ଭିତ୍ତିରେ ନିମ୍ନଲିଖିତ ସୁଫଳପ୍ରାପ୍ତି ଆଶାରେ ମାନଦଣ୍ଡଗୁଡ଼ିକର ନବୀକରଣ ଉଦ୍ୟମ କରାଗଲା ।

- ଆପଦକାଳୀନ ଶିକ୍ଷା କ୍ଷେତ୍ରରେ ସଂପ୍ରତି ପରିଦୃଷ୍ଟ ପ୍ରସଙ୍ଗ ଗୁଡ଼ିକୁ ହସ୍ତପୁସ୍ତିକାରେ ସ୍ଥାନ ଦେବା ।
- ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକର ବ୍ୟବହାରକାରୀଙ୍କ ଅଭିଜ୍ଞତା ଓ ଉତ୍ତମ ଅଭ୍ୟାସ ଗୁଡ଼ିକୁ ହସ୍ତପୁସ୍ତିକାରେ ଲିପିବଦ୍ଧ କରିବା, ଓ
- ୨୦୦୪ ସଂସ୍କରଣ ଅପେକ୍ଷା ଏହାକୁ ଅଧିକ ବ୍ୟବହାକାରୀ-ପ୍ରିୟ କରାଇବା

ଆଇ.ଏନ୍.ଇ.ଇ. ର ନିଜସ୍ୱ ପରାମର୍ଶାତ୍ମକ ପଦ୍ଧତି ଓ ଶିକ୍ଷା, ମାନବିକ ଓ ବିକାଶ ଅଭ୍ୟାସକାରୀ ତଥା ନୀତିନିର୍ଦ୍ଧାରକମାନଙ୍କ ସହିତ ଘନିଷ୍ଠ ସଂପର୍କ ଭିତ୍ତିରେ ୨୦୧୦ରେ ସର୍ବନିମ୍ନ ମାନଙ୍କ ଗୁଡ଼ିକର ନୂତନ ସଂସ୍କରଣ ପ୍ରସ୍ତୁତ କରାଯାଇଥିଲା, ସାରା ବିଶ୍ୱର ଏକ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସଂପୃକ୍ତ କରାଇ ଯେଉଁ ମୁଖ୍ୟପଦକ୍ଷେପ-ଗୁଡ଼ିକ ଗ୍ରହଣ କରାଯାଇଛି ସେଗୁଡ଼ିକ ହେଲା, ହସ୍ତ ପୁସ୍ତିକା ଉପରେ ମିଳିଥିବା ମତାମତର ବିଶ୍ଳେଷଣ, ଅନ୍‌ଲାଇନ ପରାମର୍ଶ, ପରସ୍ପରସହ ସଂପୃକ୍ତ ପ୍ରସଙ୍ଗ ଗୁଡ଼ିକୁ ଦୃଢ଼ୀକରଣ ପାଇଁ ବିଶେଷଜ୍ଞ ପରାମର୍ଶ, ମାନଦଣ୍ଡଗୁଡ଼ିକ ପାଇଁ

ଉଦ୍ଦିଷ୍ଟ ପ୍ରତ୍ୟେକ କ୍ଷେତ୍ରର ଏକତ୍ରୀକରଣ, ସାଥୀ ସମୀକ୍ଷା ଓ ନେଟୱାର୍କ ମାଧ୍ୟମରେ ଆଇ.ଏନ.ଇ.ଇ ସଦସ୍ୟମାନଙ୍କ ଦ୍ୱାରା ଅନ୍‌ଲାଇନ୍ ସମୀକ୍ଷା ଇତ୍ୟାଦି ।

**ସମ୍ମାନର ସହ ବଞ୍ଚିବାର ଅଧିକାର ହାସଲ ପାଇଁ ଏକ ମାନବିକ ଅଧିକାର ଆଧାର**

ମାନବିକ ଅଧିକାର, ମାନବୀୟ ଓ ଶରଣାର୍ଥୀ ଆଇନ ହେଉଛି ସେହି ଆର୍ନ୍ତଜାତିକ ଆଇନଗତ ଚୁକ୍ତି ଓ ଆଦର୍ଶ ମାନଦଣ୍ଡ ଯାହା ଉଭୟ ଶାନ୍ତି, ଯୁଦ୍ଧ ଓ ବିପର୍ଯ୍ୟୟ ଜନିତ ସଂକଟ ସମୟରେ ମାନବିକ ଅଧିକାରକୁ ସାବ୍ୟସ୍ତ ଓ ନିୟନ୍ତ୍ରଣ କରେ । ଆଇ.ଏନ୍.ଇ.ଇ. ଦ୍ୱାରା ପ୍ରସ୍ତୁତ ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକ ମାନବିକ ଅଧିକାର, ବିଶେଷକରି ମୁଖ୍ୟ ମାନବିକ ଅଧିକାର ଦସ୍ତାବିଜ ଅନ୍ତର୍ଭୁକ୍ତ ଶିକ୍ଷା ଅଧିକାରରୁ ସୃଷ୍ଟି ହୋଇଛି ।

୧୯୯୦ ଜୋମ୍‌ଟିଏନ୍ ଘୋଷଣାନାମା, ୨୦୦୦ 'ୱାର୍ଲଡ଼୍ ଏଡୁକେସନ ଫୋରମ୍ ଫ୍ରେମୱାର୍କ ଫର ଆକ୍‌ସନ', 'ପ୍ରମୋଟିଙ୍ଗ୍ ଏଡୁକେସନ୍ ଫର୍ ଅଲ୍' ଓ ୨୦୦୦ 'ମିଲେନିୟମ୍ ଡ଼େଭ୍‌ଲପ୍‌ମେଣ୍ଟ ଗୋଲସ୍' ଯଦିଓ ଆଇନ ଦୃଷ୍ଟିରୁ ପାଳନ କରିବା ବାଧ୍ୟତାମୂଳକ ନୁହଁ ତଥାପି ଶିକ୍ଷା ଅଧିକାରକୁ ପୁନଃସ୍ୱୀକାର କରାଯାଇ କେତେକ କ୍ଷେତ୍ରରେ ଉନ୍ନତି ଅଣାଯାଇଥିଲା । ଯେଉଁ ସଂକଟମୟ ପରିସ୍ଥିତି ଲୋକମାନଙ୍କୁ ବାସଚ୍ୟୁତ କରାଇ ଶରଣାର୍ଥୀ କରାଇଥାଏ ସେହି ପରିସ୍ଥିତି ଓ ଅନ୍ୟାନ୍ୟ ସଙ୍କଟମୟ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାପ୍ରତି ଏହି ଘୋଷଣା ମାନ ଗୁଡ଼ିକରେ ବିଶେଷ ଦୃଷ୍ଟି ଦିଆଯାଇଛି । ପ୍ରାକ୍ ଶୈଶବ ଶିକ୍ଷା, ସମସ୍ତ ଯୁବଗୋଷ୍ଠୀ ଓ ପୌଢ଼ମାନଙ୍କର ଶିକ୍ଷାକ୍ଷେତ୍ରରେ ପ୍ରବେଶାଧିକାର ଓ ପ୍ରଚଳିତ ଶିକ୍ଷା କାର୍ଯ୍ୟକ୍ରମର ଗୁଣାତ୍ମକ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଛି ।

ଆଇ.ଏନ.ଇ.ଇ. ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକର ଅନ୍ୟତମ ଉତ୍ସ ରହିଛି 'ସ୍ଫୀୟର ପ୍ରୋଜେକ୍ଟସ୍ ହ୍ୟୁମାନିଟାରିଆନ୍ ଚାର୍ଟର' । ଏହା ଆର୍ନ୍ତଜାତୀୟ ମାନବିକ ଆଇନ, ଆର୍ନ୍ତଜାତୀୟ ମାନବିକ ଅଧିକାର ଆଇନ, ଶରଣାର୍ଥୀ ନିୟମ ଓ ବ୍ୟବସ୍ଥା ଏବଂ ବିପର୍ଯ୍ୟୟରେ ସହାୟତା କରୁଥିବା ରେଡ଼କ୍ରସ ଓ ରେଡ଼୍‌କ୍ରେସେଣ୍ଟ ଆନ୍ଦୋଳନ ଓ ବେସରକାରୀ ସଂସ୍ଥାଗୁଡ଼ିକ ପାଇଁ ପ୍ରଯୁଜ୍ୟ ଆଚରଣ ବିଧି ଉପରେ ପର୍ଯ୍ୟବେସିତ । ବିପର୍ଯ୍ୟୟ ଓ ସଶସ୍ତ୍ର ସଘର୍ଷର ଶିକାର ହେଉଥିବା ସମସ୍ତ ବ୍ୟକ୍ତିଙ୍କର ସମ୍ମାନ ଓ ସୁରକ୍ଷାସହ ବଂଚିବାର ମୌଳିକ ଆବଶ୍ୟକତାକୁ ସହାୟତା ମାଧମରେ ହାସଲ କରିବାର ଅଧିକାର ଦେବାରେ ହ୍ୟୁମାନିଟାରିୟାନ ଚାର୍ଟର ବିଶ୍ୱାସ କରେ । ସୁରକ୍ଷା ଓ ସହାୟତା ପାଇବାର ଅଧିକାର ପ୍ରଦାନ କରିବା ରାଜ୍ୟ ଓ ସଂଘର୍ଷରତ ଦଳଗୁଡ଼ିକର ଆଇନଗତ ଦାୟିତ୍ୱ ବୋଲି ଚାର୍ଟରରେ କୁହାଯାଇଛି । ଯେତେବେଳେ ସମ୍ପୃକ୍ତ କର୍ତ୍ତୃପକ୍ଷ ସେମାନଙ୍କର ଦାୟିତ୍ୱବହନରେ ଅକୃତକାର୍ଯ୍ୟ ହୁଅନ୍ତି କିମ୍ବା ଅନିଚ୍ଛା ପ୍ରକାଶ କରନ୍ତି ସେତେବେଳେ ମାନବୀୟ ସଂଗଠନ ଗୁଡ଼ିକୁ ସୁରକ୍ଷା ଓ ସହାୟତା ପ୍ରଦାନ କରିବା ପାଇଁ ଅନୁମତି ଦେବାକୁ ବାଧ୍ୟହୁଅନ୍ତି ।
(www.sphereproject.org ଦେଖନ୍ତୁ)

### ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆଇନଗତ ବ୍ୟବସ୍ଥା

- ୟୁନିଭରସାଲ୍ ଡ଼ିକ୍ଲାରେସନ୍ ଅଫ ହ୍ୟୁମାନ୍ ରାଇଟ୍ସ (୧୯୪୮) (ଅନୁଚ୍ଛେଦ ୨,୨୬)
- ଚତୁର୍ଥ ଜେନିଭା କନ୍‌ଭେନସନ୍ (୧୯୪୯) (ଅନୁଚ୍ଛେଦ ୩, ୨୪, ୫୦) ଓ ଆଡ଼ିସିନାଲ ପ୍ରୋଟୋକଲ ୨ (୧୯୭୭) ଅନୁଚ୍ଛେଦ ୪.୩ (କ)
- କନ୍‌ରେନସନ୍ ରିଲେଟିଂ ଟୁ ଷ୍ଟାଟସ୍ ଅଫ ରିଫ୍ୟୁଜିସ୍ (୧୯୫୧) ଅନୁଚ୍ଛେଦ ୩-୨୨
- ଇଣ୍ଟରନ୍ୟାସ୍‌ନାଲ୍ କଭେନାଣ୍ଟ ଅନ୍ ସିଭିଲ୍ ଓ ପଲିଟିକାଲ୍ ଲାଇଟ୍ସ ୧୯୬୬ ଅନୁଚ୍ଛେଦ ୨, ୧୩, ୧୪
- ଇଣ୍ଟରନ୍ୟାସନାଲ୍ କଭେନାଣ୍ଟ ଅନ୍ ଇକୋନୋମିକ୍, କଲ୍‌ଚରାଲ୍ ଏଣ୍ଡ ସୋସିଆଲ ରାଇଟ୍ସ (୧୯୬୬) ଅନୁଚ୍ଛେଦ ୨, ୧୩, ୧୪)
- କନ୍‌ଭେନ୍‌ସନ୍ ଅନ୍ ଦି ଏଲିମିନେସନ ଅଫ ଅଲ୍ ଫର୍ମ୍ସ ଅଫ୍ ଡ଼ିସ୍‌କ୍ରିମେସନ୍ ଏଗେନ୍‌ଷ୍ଟ ଉଇମେନ ୧୯୭୯ ଅନୁଚ୍ଛେଦ ୧୦
- କନ୍‌ଭେନସନ୍ ଅନ ରାଇଟ୍ସ ଅଫ ଦି ଚାଇଲ୍ଡ (୧୯୮୯) ଅନୁଚ୍ଛେଦ ୨, ୨୨, ୨୮, ୨୯, ୩୦, ୩୮, ୩୯
- ରୋମ ଷ୍ଟାଟସ୍ ଅଫ୍ ଦି ଇଣ୍ଟରନ୍ୟାସନାଲ୍ କ୍ରିମିନାଲ କୋର୍ଟ (୧୯୯୮) ଅନୁଚ୍ଛେଦ ୮ (୨) (ଖ) (୯) ଓ ୮ (୨) (ଚ) (୪)
- ଗାଇଡ଼ିଂ ପ୍ରିନ୍ସିପୁଲ୍ସ ଅନ ଇଣ୍ଟରନ୍ୟାସନାଲ ଡ଼ିସ୍‌ପ୍ଲେସ୍‌ମେଣ୍ଟ (ନନ୍ ବାଇଣ୍ଡି ୧୯୯୮ ପାରାଗ୍ରାଫ୍ ୨୩)
- କନ୍‌ଭେନସନ୍ ଅନ୍ ରାଇଟ୍ସ ଅଫ ପରସନ୍ସ ଉଇଥ୍ ଡ଼ିସାବିଲିଟିଜ୍ (୧୯୬୬ ଅନୁଚ୍ଛେଦ ୨୪)
- ୟୁନାଇଟେଡ଼୍ ନେସନ୍ସ ଜେନେରାଲ ଆସେମ୍ବ୍ଲି ଇ ରିଜୋଲ୍ୟୁସନ ଇନ୍ ଅନ୍ ଦି ରାଇଟ୍ ଟୁ ଏଜୁକେସନ୍ ଏମରଜେନ୍‌ସୀ ସିଟୁଏସନ୍ସ (୨୦୧୦)

**ଆପଦକାଳୀନ ପରିସ୍ଥିତିରେ ଶିକ୍ଷାଅଧିକାର ସାବ୍ୟସ୍ତ କରାଯାଇ ପାରେ କି ?**

ହଁ । ମାନବିକ ଅଧିକାର ସାର୍ବଜନୀନ ଏବଂ ଆପଦକାଳୀନ ସ୍ଥିତିରେ ମଧ୍ୟ ତାହା ହାସଲ କରାଯାଇ ପାରିବ । ଶିକ୍ଷାଧିକାର ଏକ ମାନବିକ ତଥା ସାମର୍ଥ୍ୟ ପ୍ରଦାନକାରୀ ଅଧିକାର । ନିଜର ଅନ୍ତର୍ନିହିତ ଶକ୍ତିର ପୂର୍ଣ୍ଣ ବିନିଯୋଗ କରିବା ପାଇଁ ନିଜର ଅନ୍ୟାନ୍ୟ ଅଧିକାର ଯଥା ବଂଚିବାର ଅଧିକାର ଓ ସ୍ୱାସ୍ଥ୍ୟ ଅଧିକାର ସାବ୍ୟସ୍ତ କରିବା ପାଇଁ ଶିକ୍ଷା କୌଶଳ ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ନିରାପତ୍ତା ସଂପର୍କରେ ପ୍ରଦତ୍ତ ସତର୍କବାଣୀ

ପଢ଼ିବାକୁ ସମର୍ଥଥିଲେ ନିଜକୁ ଲାଣ୍ଡମାଇନ ବିସ୍ଫୋରଣ ଭଳି ବିପତ୍ତିରୁ ରକ୍ଷା କରି ପାରିବ । ମୌଳିକ ସାକ୍ଷରତା ହାସଲକଲେ ସ୍ୱାସ୍ଥ୍ୟ ଅଧିକାର ସଂପର୍କରେ ଜାଣିହୁଏ । ଏହା ଲୋକମାନଙ୍କୁ ଡାକ୍ତରଙ୍କର ନିର୍ଦ୍ଦେଶ ପଢ଼ିବା ପାଇଁ ଏବଂ ଔଷଧ ବୋତଲରେ ନିର୍ଦ୍ଦେଶିତ ମାତ୍ରା ଅନୁଯାୟୀ ଔଷଧ ସେବନ କରିବା ପାଇଁ ସକ୍ଷମ କରିଥାଏ ।

ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ହେଉଛି ଜାତୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ । ଯାହାକି ଶିକ୍ଷା ମନ୍ତ୍ରଣାଳୟ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ କାର୍ଯ୍ୟକାରୀ କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଥାଏ ।

ଆପଦକାଳୀନ ପରିସ୍ଥିତିରେ ଅନ୍ୟାନ୍ୟ ଅଂଶୀଦାର ଯଥା ଜାତିସଂଘ, ଜାତୀୟ ଓ ଆର୍ନ୍ତଜାତୀୟ ସ୍ୱେଚ୍ଛାସେବୀ ସଂସ୍ଥା ଓ ଗୋଷ୍ଠୀ କଲ୍ୟାଣ ସଂଗଠନଗୁଡ଼ିକ ଶୈକ୍ଷିକ କାର୍ଯ୍ୟକ୍ରମ ଗୁଡ଼ିକୁ ନିର୍ବାହ କରିଥାନ୍ତି । ଯେଉଁଠାରେ ସଂପୃକ୍ତ ସ୍ଥାନୀୟ କିମ୍ବା ଜାତୀୟ କର୍ତ୍ତୃପକ୍ଷ ସେମାନଙ୍କର ଦାୟିତ୍ୱ ନିର୍ବାହ କରିପାରନ୍ତି ନାହିଁ କିମ୍ବା କରିବାକୁ ଅନିଚ୍ଛା ପ୍ରକାଶ କରନ୍ତି ସେହି ପରିସ୍ଥିତିରେ ଏହି ସଂସ୍ଥାଗୁଡ଼ିକ ଶିକ୍ଷା ବ୍ୟବସ୍ଥାକୁ ସକ୍ରିୟ ରଖିବାର ଦାୟିତ୍ୱ ବହନ କରିଥା'ନ୍ତି । ଆଇ.ଏନ୍.ଇ.ଇ. ହସ୍ତପୁସ୍ତିକା ହେଉଛି ଉତ୍ତମ ଅଭ୍ୟାସର ଏକ ଆଧାର ଯାହା ସଂପୃକ୍ତ ସମସ୍ତ ଅଂଶୀଦାରମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରିବାରେ ସହାୟତା କରେ ।

ଗୁଣାତ୍ମକ ଶିକ୍ଷା କହିଲେ ଆମେ ସେହି ଶିକ୍ଷାକୁ ବୁଝୁ ଯାହା ସମସ୍ତଙ୍କ ପାଇଁ ଉପଲବ୍ଧ, ପାଇବା ପାଇଁ ସହଜସାଧ୍ୟ, ଗ୍ରହଣଯୋଗ୍ୟ ଓ ପରିବର୍ତ୍ତନସାଧ୍ୟ । ମାନବିକ ଅଧିକାର ଆଇନର ଭାଷା ଓ ଅନ୍ତର୍ନିହିତ ଭାବକୁ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକୁ ଶିକ୍ଷା ଯୋଜନର ଭିତ୍ତିରୂପେ ଗ୍ରହଣ କରିଛି । ଯୋଗଦାନ, ଉତ୍ତରଦାୟିତ୍ୱ, ନୀରପେକ୍ଷତା ଓ ଆଇନଗତ ସୁରକ୍ଷା ଭଳି ନୀତିଗୁଡ଼ିକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ କରି ଆଇ.ଏନ୍.ଇ.ଇ. ଗୁଣାତ୍ମକ ଶିକ୍ଷାପ୍ରାପ୍ତିରେ ସହାୟତା କରିଥାଏ ।

## ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଦଣ୍ଡ ହସ୍ତପୁସ୍ତିକାର ବ୍ୟବହାର

## ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନର ବିଷୟବସ୍ତୁ

ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡଗୁଡ଼ିକୁ ପାଞ୍ଚଟି କ୍ଷେତ୍ରରେ ବିଭକ୍ତ କରାଯାଇଥାଏ ।

**ଭିତ୍ତିଗତ ମାନଦଣ୍ଡ:** ସମନ୍ୱୟ ତଥା ଗୋଷ୍ଠୀ ଅଂଶଗ୍ରହଣ ଓ ବିଶ୍ଳେଷଣକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହିମାନଦଣ୍ଡ ଗୁଡ଼ିକୁ ସଂଶୋଧନ ଓ ସଂପ୍ରସାରଣ କରାଯାଇଛି । ଏକ ସାମଗ୍ରୀକ ଗୁଣାତ୍ମକ ପ୍ରତିକ୍ରିୟା ହାସଲ କରିବା ପାଇଁ ଏହି ମାନଦଣ୍ଡଗୁଡ଼ିକ ସମସ୍ତ କ୍ଷେତ୍ରରେ ବ୍ୟବହାର କରାଯିବା ବାଞ୍ଛନୀୟ । ବିଭିନ୍ନ କ୍ଷେତ୍ରର ପୃଷ୍ଠଭୂମିକୁ ଭଲଭାବେ ବୁଝି ସଠିକରୂପେ ମାନଗୁଡ଼ିକୁ ପ୍ରୟୋଗ କରିବା ପାଇଁ ସବୁ ସ୍ତରରେ ଆବଶ୍ୟକ ଉତ୍ତମ ନିଦାନ ପ୍ରତି ଏହି ମାନଦଣ୍ଡଗୁଡ଼ିକରେ ଦୃଷ୍ଟି ଦିଆଯାଇଛି ।

**ପ୍ରବେଶ ଓ ଶିକ୍ଷଣ ପରିବେଶ:** ଏହି କ୍ଷେତ୍ରପାଇଁ ଉଦ୍ଦିଷ୍ଟ ମାନଦଣ୍ଡ ଗୁଡ଼ିକରେ ନିରାପଦ ଓ ପ୍ରାସଙ୍ଗିକ ଶିକ୍ଷା କ୍ଷେତ୍ରରେ ପ୍ରବେଶାଧିକାର ଉପରେ ଗୁରୁତ୍ୱ ଦିଆ ଯାଇଛି । ଶିକ୍ଷାର୍ଥୀମାନଙ୍କର ସୁରକ୍ଷା, ନିରାପତ୍ତା, ଶାରୀରିକ, ବୌଦ୍ଧିକ ଓ ମାନସିକ ବିକାଶରେ ସହାୟକ ହେଉଥିବା କ୍ଷେତ୍ର ଯଥା ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ପୁଷ୍ଟି ଓ ଆଶ୍ରୟ ପ୍ରଭୃତି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଉପରେ ଏହି ମାନଦଣ୍ଡ ଗୁଡ଼ିକ ଆଲୋକପାତ କରିଥାଏ ।




**ଶିକ୍ଷାଦାନ ଓ ଶିକ୍ଷଣ:** ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ବିଭିନ୍ନ ଉପାଦାନ ଯଥା ପାଠ୍ୟକ୍ରମ, ପ୍ରଶିକ୍ଷଣ, ବୃତ୍ତିଗତ ବିକାଶ ଓ ସହାୟତା, ନିର୍ଦ୍ଦେଶନା ଓ ଶିକ୍ଷଣ ପ୍ରଣାଳୀ ଓ ଶିକ୍ଷଣ ଫଳାଫଳ ମୂଲ୍ୟାୟନ ଉପରେ ଏହିମାନଦଣ୍ଡ ଗୁଡ଼ିକରେ ଦୃଷ୍ଟିନିକ୍ଷେପ କରାଯାଇଛି ।

**ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀ:** ଏହି କ୍ଷେତ୍ର ପାଇଁ ପ୍ରସ୍ତୁତ ମାନଦଣ୍ଡ ଗୁଡ଼ିକ ଶିକ୍ଷା ସହ ଜଡ଼ିତ ମାନବ ସମ୍ବଳର ପ୍ରଶାସନ ଓ ପରିଚାଳନା ପାଇଁ ଉଦ୍ଦିଷ୍ଟ । ଚୟନ ଓ ନିଯୁକ୍ତି, ଚାକିରୀ ସର୍ତ୍ତାବଳୀ, ତତ୍ତ୍ୱାବଧାନ ଓ ସହାୟତା ପ୍ରଭୃତି ଏହାର ଅର୍ନ୍ତଭୁକ୍ତ ।

**ଶିକ୍ଷାନୀତି:** ଏହି କ୍ଷେତ୍ରରେ ମାନଦଣ୍ଡ ଗୁଡ଼ିକ ନୀତି ଗଠନ ଓ ପ୍ରଣୟନ, ଯୋଜନା ପ୍ରସ୍ତୁତି ଓ ରୂପାୟନ ଉପରେ ପର୍ଯ୍ୟବେସିତ ।

ହସ୍ତ ପୁସ୍ତିକାର ପ୍ରତ୍ୟେକ ଭାଗରେ ଶୈକ୍ଷିକ ପ୍ରୟାସର ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକ ବର୍ଣ୍ଣନା କରାଯାଇଛି । ଏଥିରେ ସନ୍ନିବେଷ୍ଟିତ ମାନଦଣ୍ଡଗୁଡ଼ିକ ପରସ୍ପରଠାରୁ ଅଲଗା ନୁହଁନ୍ତି । ଗୋଟିଏ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ମାନଦଣ୍ଡ ଅନ୍ୟ କ୍ଷେତ୍ରରେ ମଧ୍ୟ ପ୍ରଯୋଗକ୍ଷମ ଅଟେ । ବିଭିନ୍ନ କ୍ଷେତ୍ର ମଧ୍ୟରେ ଥିବା ସଂଯୋଗକୁ ହୃଦୟଙ୍ଗମକରି ଗୁଣାତ୍ମକ ଶିକ୍ଷାକୁ ବ୍ୟାପକ ଅର୍ଥରେ ବୁଝିବା ପାଇଁ ହସ୍ତପୁସ୍ତିକାଟିରେ ମାର୍ଗଦର୍ଶୀକା ଦିଆଯାଇଛି ।

## ସର୍ବନିମ୍ନ ମାନଦଣ୍ଡ ହସ୍ତ ପୁସ୍ତିକାର ୨୦୧୦ ସଂସ୍କରଣରେ ଥିବା ନୂତନ ତଥ୍ୟ

୨୦୦୪ ସଂସ୍କରଣର ଅଧିକାଂଶ ବିଷୟବସ୍ତୁ ୨୦୧୦ ସଂସ୍କରଣରେ ସ୍ଥାନ ପାଇଛି । କିନ୍ତୁ, ବିଷୟବସ୍ତୁର ଉତ୍କର୍ଷତା ବୃଦ୍ଧିକରିବା ପାଇଁ ନୂତନ ସଂସ୍କରଣରେ ନିମ୍ନଲିଖିତ ପ୍ରୟାସ କରାଯାଇଛି ।

- ପୃଷ୍ଠଭୂମି ବିଶ୍ଲେଷଣ ଦୃଢ଼ୀକରଣ ଓ ମୁଖ୍ୟ ପ୍ରସଙ୍ଗ : ସୁରକ୍ଷା, ମାନସିକ ତଥା ସାମାଜିକ ସହାୟତା, ସଂଘର୍ଷ ପ୍ରଶମନ, ବିପର୍ଯ୍ୟୟ ଜନିତ ବିପଦହ୍ରାସ, ପ୍ରାକ ଶୈଶବ ବିକାଶ, ଲିଙ୍ଗ, ଏଚ୍.ଆଇ.ଭି ଓ ଏଡ଼ସ୍, ମାନବିକ ଅଧିକାର, ଅନ୍ତର୍ନିର୍ବେଶୀ ଶିକ୍ଷା, ଆନ୍ତଃକ୍ଷେତ୍ରୀୟ ସଂଯୋଗ (ସ୍ୱାସ୍ଥ୍ୟ; ଜଳ, ପରିମଳ ଓ ସ୍ୱାସ୍ଥ୍ୟରକ୍ଷାର ଉନ୍ନତି, ଆଶ୍ରୟ; ଖାଦ୍ୟ ଓ ପୃଷ୍ଟି) ଓ ଯୁବଗୋଷ୍ଠୀ । ଏହି ସବୁ ମୁଖ୍ୟ ପ୍ରସଙ୍ଗ ସଂପର୍କିତ କାର୍ଯ୍ୟଗୁଡ଼ିକର ସଫଳ ରୂପାୟନ ପାଇଁ ଆବଶ୍ୟକ ହେଉଥିବା ସରଞ୍ଜାମ ବିଷୟରେ (www.www.ineesite.org/toolkit) ୱେବସାଇଟ୍‌ରେ ସୂଚନା ଦିଆଯାଉଛି ।
- ମୁଖ୍ୟ ସୂଚକ ପରିବର୍ତ୍ତେ ମାନଗୁଡ଼ିକୁ ହାସଲ କରିବା ପାଇଁ ଆବଶ୍ୟକ ମୁଖ୍ୟ କାର୍ଯ୍ୟକ୍ରମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । (ପରବର୍ତ୍ତୀ ପୃଷ୍ଠାରେ ଆୟତକ୍ଷେତ୍ର ମଧ୍ୟରେ ସୂଚିତ)
- ପ୍ରତ୍ୟେକ ଶିକ୍ଷା କାର୍ଯ୍ୟକ୍ରମରେ ପ୍ରଥମ କ୍ଷେତ୍ର ପାଇଁ ପ୍ରଜୁଯ୍ୟ ମାନଦଣ୍ଡଗୁଡ଼ିକର ବ୍ୟବହାର କରିବାର ଆବଶ୍ୟକତାକୁ ଦର୍ଶାଇବା ପାଇଁ ପ୍ରଥମ କ୍ଷେତ୍ରର ନାମକୁ ସମସ୍ତ ବର୍ଗ ପାଇଁ ପ୍ରଜୁଯ୍ୟ ମାନଦଣ୍ଡକୁ ପରିବର୍ତ୍ତନ କରି 'ଭିତ୍ତିଗତ ମାନଦଣ୍ଡ' କରାଯାଇଛି । ଏଥି ସହିତ, ସମସ୍ତ ଶିକ୍ଷା କାର୍ଯ୍ୟକ୍ରମରେ ସମନ୍ୱୟର ଆବଶ୍ୟକତାକୁ ଉପଲବ୍ଧକରି ସମନ୍ୱୟ କ୍ଷେତ୍ରର ମାନଦଣ୍ଡଗୁଡ଼ିକୁ ଶିକ୍ଷାନୀତି କ୍ଷେତ୍ରରୁ ଏହି କ୍ଷେତ୍ରକୁ ସ୍ଥାନାନ୍ତରୀତ ହୋଇଅଛି ।

## ପୃଷ୍ଠଭୂମି ବିଶ୍ଲେଷଣ

ପ୍ରଭାବିତ ଜନସଂଖ୍ୟା ମାନବୀୟ ପ୍ରତିକ୍ରିୟାର କେନ୍ଦ୍ରସ୍ଥଳ ହେବା ସଙ୍ଗେ ସଙ୍ଗେ ଏହା ଅଧୁନାତନ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକର କେନ୍ଦ୍ରବିନ୍ଦୁ ହେବା ବାଞ୍ଛନୀୟ । ସମ୍ବଳ ଓ କ୍ଷମତାର ନିୟନ୍ତ୍ରଣ ଶକ୍ତିରେ ଅସମତା ଯୋଗୁଁ ଲୋକମାନଙ୍କ ଉପରେ ବିପର୍ଯ୍ୟୟ ଓ ସଂଘର୍ଷର ପ୍ରଭାବ ସମାନ ହୋଇନଥାଏ । ଲୋକମାନଙ୍କର ଦୁର୍ବଳ ପ୍ରତିରୋଧଶକ୍ତି ଏକ ଲକ୍ଷଣ ବା ପରିସ୍ଥିତି ଯାହା ସେମାନଙ୍କୁ ବିପର୍ଯ୍ୟୟ କିମ୍ବା ସଂଘର୍ଷର କୁ ପ୍ରଭାବ ଦ୍ୱାରା ଅଧିକ ଆକ୍ରାନ୍ତ ହେବାରେ ସହାୟକ ହୁଏ । ସେମାନେ ଯେଉଁ ସାମାଜିକ, ଲିଙ୍ଗଗତ, ଶାରୀରିକ, ପାରିପାର୍ଶ୍ୱିକ, ସାଂସ୍କୃତିକ, ଭୌଗୋଳିକ, ଆର୍ଥିକ ଓ ରାଜନୈତିକ ପୃଷ୍ଠଭୂମିରେ ଜୀବନଯାପନ କରନ୍ତି ତାହା ତାଙ୍କର ଦୁର୍ବଳ ପ୍ରତିରୋଧଶକ୍ତି ପାଇଁ ଦାୟୀ ଅଟେ । ପୃଷ୍ଠଭୂମି ଦୃଷ୍ଟିରୁ ମହିଳା, ଅକ୍ଷମବ୍ୟକ୍ତି, ଶିଶୁ, କନ୍ୟା, ସୈନ୍ୟବାହିନୀ ସଂଗେ ପୂର୍ବରୁ ଜଡ଼ିତଥିବା ଶିଶୁଗଣ ଓ ଏଚ୍.ଆଇ.ଭି ଆକ୍ରାନ୍ତ ବ୍ୟକ୍ତିମାନେ ଏହି ଦୁର୍ବଳ ଶ୍ରେଣୀର ଅନ୍ତର୍ଭୁକ୍ତ । ସାମର୍ଥ୍ୟ ହେଉଛି ଶକ୍ତି, ସ୍ୱାଭାବିକ ଗୁଣାବଳୀ ଓ ବ୍ୟକ୍ତିବିଶେଷ, ଗୋଷ୍ଠୀ, ସମାଜ କିମ୍ବା ଅନୁଷ୍ଠାନ ଦ୍ୱାରା ଉପଲବ୍ଧ ସମ୍ବଳର ଏକ ସମ୍ମିଶ୍ରଣ ଯାହାକି ସର୍ବସମ୍ମତ ଲକ୍ଷ୍ୟ ହାସଲ କରିବା ପାଇଁ ବ୍ୟବହୃତ ହୋଇପାରିବ ।

ପୃଷ୍ଠଭୂମି କିପରି ସାମର୍ଥ୍ୟ ଓ ଦୁର୍ବଳତାକୁ ପ୍ରଭାବିତ କରେ, ତାହା ବୁଝିବା ପାଇଁ ସ୍ଥାନୀୟ ପୃଷ୍ଠଭୂମି ବିଶ୍ଳେଷଣ ସମୟରେ ଶିକ୍ଷାର ଅଂଶୀଦାରମାନେ ଅଧିକ୍ରମଣ ଓ ପରିବର୍ତ୍ତନଶୀଳ ଦୁର୍ବଳତା ଓ ସାମର୍ଥ୍ୟକୁ ବିଚାରକୁନେବା ଆବଶ୍ୟକ । କେତେକ ପରିସ୍ଥିତିରେ ଲୋକମାନେ ସେମାନଙ୍କର ଗୋଷ୍ଠୀ, ଶ୍ରେଣୀ କିମ୍ବା ଜାତିଗତ ପରିଚୟ, ବିସ୍ଥାପନ କିମ୍ବା ଧାର୍ମିକ କିମ୍ବା ରାଜନୈତିକ ଆନୁଗତ୍ୟତା ଯୋଗୁଁ ଅଧିକ ଦୁର୍ବଳ ହୋଇଥାନ୍ତି । ଏହିସବୁ ଉପାଦାନ ଗୁଡ଼ିକ ଗୁଣାତ୍ମକ ଶିକ୍ଷା ସେବା ପ୍ରାପ୍ତିରେ ବାଧକ ହୋଇଥାଏ । ଏହି କାରଣରୁ, ଫଳପ୍ରଦ ମାନବୀୟ ପ୍ରତିକ୍ରିୟା ସୃଷ୍ଟିକରିବା ପାଇଁ ପ୍ରତ୍ୟେକ ପୃଷ୍ଠଭୂମିରେ ଲୋକମାନଙ୍କର ଆବଶ୍ୟକତା, ସ୍ୱାଭାବିକ ଦୁର୍ବଳତା ଓ ସାମର୍ଥ୍ୟର ଏକ ବ୍ୟାପକ ବିଶ୍ଳେଷଣ ଜରୁରୀ ଅଟେ । ପୃଷ୍ଠଭୂମି ବିଶ୍ଳେଷଣ ପାଇଁ ମାର୍ଗଦର୍ଶିକା ଭିତ୍ତିଗତ ମାନଦଣ୍ଡର ଅନ୍ତର୍ଭୁକ୍ତ ଯାହାକି ସମଗ୍ର ହସ୍ତପୁସ୍ତିକାରେ ମୁଖ୍ୟ ଆଲୋଚ୍ୟ ବିଷୟରୂପେ ସ୍ଥାନଲାଭ କରିଛି ।

ସଂକଟକୁ ମୁକାବିଲା କରିବାର ଦୁର୍ବଳତାକୁ ହ୍ରାସ କରିବା ପାଇଁ ଲୋକାମାନଙ୍କର ପୁନଃକାର୍ଯ୍ୟଦକ୍ଷତା ଓ ସାମର୍ଥ୍ୟକୁ ଚିହ୍ନଟ କରିବା ସହିତ ସେଗୁଡ଼ିକୁ ବୃଦ୍ଧି କରାଇବା ଆବଶ୍ୟକ । ସ୍ଥାନୀୟ ପ୍ରତିକ୍ରିୟାକୁ ବୁଝିବା ଓ ସହାୟତା ପ୍ରଦାନ କରିବା ଏବଂ ସ୍ଥାନୀୟ କର୍ମୀମାନଙ୍କର ସାମର୍ଥ୍ୟ ବୃଦ୍ଧି କରାଇବାକୁ ଅଗ୍ରାଧିକାର ଦେବା ଆବଶ୍ୟକ । ଭିତ୍ତିଭୂମି ମାନ ଗୁଡ଼ିକରେ ପୃଷ୍ଠଭୂମି ବିଶ୍ଳେଷଣକୁ ଦୃଢ଼ୀଭୂତକରି ଏବଂ ମୁଖ୍ୟ ପ୍ରସଙ୍ଗଗୁଡ଼ିକୁ ମୁଖ୍ୟ ଆଲୋଚ୍ୟ ବିଷୟବସ୍ତୁରୂପେ ଗ୍ରହଣକରି ୨୦୧୦ ହସ୍ତପୁସ୍ତିକା ପୃଷ୍ଠଭୂମି, ଶିକ୍ଷା ପ୍ରସ୍ତୁତିରେ ଦୁର୍ବଳତା ଓ ସାମର୍ଥ୍ୟ, ପ୍ରତିକ୍ରିୟା ଓ ପୁର୍ନଉଦ୍ଧାର ପ୍ରଭୃତିର ବ୍ୟାପକ ଭାବେ ଆଲୋଚନା ପାଇଁ ଏକ ଆଧାର ପ୍ରଦାନ କରିଛି ।

**ମାନଦଣ୍ଡ ମୁଖ୍ୟ କାର୍ଯ୍ୟପନ୍ଥା ଓ ମାର୍ଗଦର୍ଶିକା ଟିପ୍ପଣୀ ମଧ୍ୟରେ ପ୍ରଭେଦ**

ପ୍ରତ୍ୟେକ ମାନଦଣ୍ଡ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରିଥାନ୍ତି । ପ୍ରଥମତଃ **ସର୍ବନିମ୍ନ ମାନଦଣ୍ଡ** ନିର୍ଦ୍ଧାରିତ ହୁଏ । ବିପର୍ଯ୍ୟୟ ଓ ସଂଘର୍ଷ ପ୍ରପୀଡ଼ିତ ଲୋକମାନଙ୍କର ସମ୍ମାନର ସହିତ ଏକ ନିରାପଦ ଜୀବନ ଯାପନ ଓ ଗୁଣାତ୍ମକ ଓ ପ୍ରାସଙ୍ଗିକ ଶିକ୍ଷା ଲାଭ କରିବାର ଅଧିକାର ନୀତି ଉପରେ ସମସ୍ତ ମାନଦଣ୍ଡ ଗୁଡ଼ିକ ପର୍ଯ୍ୟବେସିତ । ତେଣୁ ସେହି ମାନଦଣ୍ଡଗୁଡ଼ିକ ଗୁଣ ସମ୍ବନ୍ଧୀୟ ଓ ସାର୍ବଜନୀନ ତଥା ଯେ କୌଣସି ପୃଷ୍ଠଭୂମିରେ ପ୍ରୟୋଗକ୍ଷମ ।

ମାନଦଣ୍ଡ ଗୁଡ଼ିକର ପ୍ରାପ୍ତି ପାଇଁ **କାର୍ଯ୍ୟପନ୍ଥା** ନିର୍ଦ୍ଧାରିତ ହୁଏ । କେତେକ କାର୍ଯ୍ୟପନ୍ଥା ସବୁ ପ୍ରକାରର ପୃଷ୍ଠଭୂମି ପାଇଁ ଉପଯୁକ୍ତ ହୋଇ ନ ପାରେ । ସେଗୁଡ଼ିକ ନିର୍ଦ୍ଦିଷ୍ଟ ପୃଷ୍ଠଭୂମିରେ ଗ୍ରହଣୀୟ ହୋଇପାରେ । ମାନଗୁଡ଼ିକର ପ୍ରାପ୍ତି ପାଇଁ ପେଷାଦାର ବ୍ୟକ୍ତିମାନଙ୍କୁ ବିକଳ୍ପ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାକୁ ହୁଏ ।

ଶେଷରେ ସର୍ବନିମ୍ନ ମାନଦଣ୍ଡଗୁଡ଼ିକୁ କେତେବେଳେ ପ୍ରୟୋଗ କରିବା ଓ ବିଭିନ୍ନ ପରିସ୍ଥିତିକୁ ଖାପଖୁଆଇ ମୁଖ୍ୟ କାର୍ଯ୍ୟପନ୍ଥା ଗୁଡ଼ିକ ଗ୍ରହଣ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଉତ୍ତମ ଅଭ୍ୟାସଗୁଡ଼ିକ **ମାର୍ଗଦର୍ଶିକା** ଟିପ୍ପଣୀର ବିଷୟବସ୍ତୁ ଅଟେ । ଅଗ୍ରାଧିକାର ପ୍ରସଙ୍ଗ ଓ ବାସ୍ତବ ସମସ୍ୟାର ସମାଧାନ ଉପରେ ଉପଦେଶ ଦେବା ସଙ୍ଗେ ସଙ୍ଗେ ଏହି ଟିପ୍ପଣୀ ପୃଷ୍ଠପଟ ସୂଚନା ଓ ସଞ୍ଜ୍ଞା ପ୍ରଦାନ କରିଥାଏ ।

## କେଉଁମାନେ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକ ବ୍ୟବହାର କରିବେ ?

ଆପଦକାଳୀନ ଶିକ୍ଷା ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁର୍ନଉଦ୍ଧାର, ବିପର୍ଯ୍ୟୟ ବିପଦହ୍ରାସ ଓ ସଂଘର୍ଷ ପ୍ରଶମନରେ ସଂପୃକ୍ତ ସମସ୍ତ ଅଂଶୀଦାରମାନେ ସର୍ବନିମ୍ନ ମାନଦଣ୍ଡ, ମୁଖ୍ୟ କାର୍ଯ୍ୟପନ୍ଥା ଓ ମାର୍ଗଦର୍ଶିକା ଟିପ୍ପଣୀ ଗୁଡ଼ିକ ବ୍ୟବହାର କରିବେ ଓ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ । ଏଗୁଡ଼ିକ ନିରାପଦ ଓ ଗୁଣାତ୍ମକ ଶିକ୍ଷା ପାଇଁ ପ୍ରବେଶାଧିକାର ପ୍ରଦାନ କରିବା ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସମସ୍ତ ଅଂଶୀଦାରମାନଙ୍କୁ ଏକାଠି କରିବା ପାଇଁ ବୈଷୟିକ ଜ୍ଞାନର ଏକ ଅଧାର ଓ ଉତ୍ତମ ଅଭ୍ୟାସ ଗୁଡ଼ିକ ପ୍ରଦାନ କରିଥାଏ । ଅଂଶୀଦାରମାନଙ୍କ ତାଲିକା

- ଜାତୀୟ ଓ ଆନ୍ତଃର୍ଜାତୀୟ ସ୍ତରର ଶିକ୍ଷା କର୍ତ୍ତୃପକ୍ଷ
- ଜାତିସଂଘର କ୍ଷମତାପ୍ରାପ୍ତ ସଂସ୍ଥା
- ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ଦାନକାରୀ ସଂସ୍ଥା
- ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ, ଗୋଷ୍ଠୀ କୈନ୍ଦ୍ରିକ ସଂଗଠନ ଯେଉଁଥିରେ ଅଭିଭାବକ-ଶିକ୍ଷକ ସଂଘଗୁଡ଼ିକ ଅର୍ନ୍ତଭୁକ୍ତ
- ଶିକ୍ଷକ, ଅନ୍ୟାନ୍ୟ ଶିକ୍ଷା କର୍ମଚରୀ ଓ ଶିକ୍ଷକ ସଂଘ ଶିକ୍ଷା ସମନ୍ୱୟ ସମିତି ଓ ଶିକ୍ଷା ପୁଂଜ
- ଶିକ୍ଷା ପରାମର୍ଶ ଦାତା
- ଗବେଷକ ଓ ଶିକ୍ଷାବିତ
- ମାନବିକ ଅଧିକାର ଓ ମାନବୀୟତାର ପ୍ରବକ୍ତାମାନେ

## ମୁଁ କିପରି ମୋର ସ୍ଥାନୀୟ ପୃଷ୍ଠଭୂମି ସହିତ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡଗୁଡ଼ିକୁ ଖାପ ଖୁଆଇ ପାରିବି ?

ମାନବିକ ଅଧିକାର ଉପରେ ପର୍ଯ୍ୟବେସିତ ସାର୍ବଜନୀନ ମାନଦଣ୍ଡ ଏବଂ ସେଗୁଡ଼ିକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାର ସାମର୍ଥ୍ୟ ମଧ୍ୟରେ ସମସ୍ୟା ଦେଖାଦିଏ । ଏହି ମାନଦଣ୍ଡଗୁଡ଼ିକ ସମଗ୍ର ବିଶ୍ୱ ପରିପେକ୍ଷୀରେ ଗୁଣାତ୍ମକ ଶିକ୍ଷା ଲାଭ ପାଇଁ ପ୍ରବେଶାଧିକାରର ସଂଜ୍ଞା ନିରପଣ କରୁଥିବା ସ୍ଥଳେ ମୁଖ୍ୟ କାର୍ଯ୍ୟପନ୍ଥା ଏହି ମାନଗୁଡ଼ିକର ପ୍ରାପ୍ତି ପାଇଁ ଆବଶ୍ୟକୀୟ ନିର୍ଦ୍ଦିଷ୍ଟ ପଦକ୍ଷେପଗୁଡ଼ିକୁ ବୁଝାଇଥାଏ । ବିଭିନ୍ନ ପୃଷ୍ଠଭୂମିରେ ହସ୍ତପୁସ୍ତିକାରେ ଥିବା ମୁଖ୍ୟ କାର୍ଯ୍ୟପନ୍ଥାଗୁଡ଼ିକୁ ପ୍ରତ୍ୟେକ ନିର୍ଦ୍ଦିଷ୍ଟ ସ୍ଥାନୀୟ ପରିସ୍ଥିତି ସଂଗେ ଖାପଖୁଆଇ ଗ୍ରହଣ କରିବାକୁ ହୋଇଥାଏ । ଉଦାହରଣ ସ୍ୱରପ, ଶିକ୍ଷକ-ଛାତ୍ର ଅନୁପାତ ହାସଲ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟପନ୍ଥା, ଯଥେଷ୍ଟ ସଂଖ୍ୟାରେ ଶିକ୍ଷକ ନିଯୁକ୍ତି ଦେଇ ଉପଯୁକ୍ତ ଅନୁପାତ ପ୍ରାପ୍ତି ପାଇଁ ଅଭିପ୍ରେତ । କିନ୍ତୁ ଏହି ନୀତିକୁ ସ୍ଥାନୀୟ ପରିସ୍ଥିତି ସହିତ ଖାପଖୁଆଇବାକୁ ପଡ଼ିଥାଏ । ସମସ୍ତ ଅଂଶୀଦାରମାନଙ୍କ ପରାମର୍ଶ ନେଇ ସ୍ଥାନୀୟ ପରିସ୍ଥିତିରେ ସମ୍ଭବ ହେବାଭଳି ଏକ ଅନୁପାତ ଗ୍ରହଣ କରିବାକୁ ହେବ । ଘୋର ଆପଦକାଳୀନ ପରିସ୍ଥିତିରେ ଜଣେ ଶିକ୍ଷକ ପିଛା ଷାଠିଏ ଜଣ ବିଦ୍ୟାର୍ଥୀଙ୍କୁ ନିଆଯାଇପାରେ, କିନ୍ତୁ ଆପଦକାଳୀନ ପରିସ୍ଥିତି ଲାଗି ରହିଲେ କିମ୍ବା ପୁର୍ନଉଦ୍ଧାର ପ୍ରକ୍ରିୟା ପରିପ୍ରେକ୍ଷୀରେ ଜଣେ

ଶିକ୍ଷକ ପାଇଁ ତିରିଶି କିମ୍ବା ଚାଳିଶ ଜଣ ଛାତ୍ର ନିଆଯାଇପାରେ । ପୃଷ୍ଠଭୂମି, ସମ୍ବଳ ଏବଂ ଜରୁରୀ ଅବସ୍ଥାରେ ସ୍ତରକୁ ବିଚାରକରି ସ୍ଥାନୀୟ ପରିସ୍ଥିତିସହ ଖାପଖାଉଥିବା କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯାଏ ।
ପୃଷ୍ଠଭୂମି ଓ ସ୍ଥାନୀୟ ପରିସ୍ଥିତିରେ ରପାୟନ ହୋଇପାରୁଥିବା କାର୍ଯ୍ୟପନ୍ଥା ଗୁଡ଼ିକୁ ଆପଦ କାଳୀନ ଅବସ୍ଥା ସୃଷ୍ଟି ହେବା ପୂର୍ବରୁ ନିର୍ଣ୍ଣୟ କରିବାକୁ ପଡ଼ିବ ଏବଂ ତାହା ଶିକ୍ଷାଦାନ କ୍ଷେତ୍ରରେ ଯେ କୌଣସି ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ପାଇଁ ଯୋଜନା ଓ ପ୍ରସ୍ତୁତିର ଅଂଶବିଶେଷ ହେବା ଉଚିତ୍ । ଆଇ.ଏନ୍.ଇ.ଇ. ମାନଦଣ୍ଡ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କର ଅଭିଜ୍ଞତାରୁ ଜଣାଯାଏ ଯେ, ସ୍ଥାନୀୟ ପରିସ୍ଥିତି ଓ ଆକସ୍ମିକ ବିପଦକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କାର୍ଯ୍ୟପନ୍ଥା ଯେତେବେଳେ ଭାଗିଦାରୀ ଓ ସହଯୋଗିତା ମୂଳକ ହୁଏ ତାହା ଆପଦକାଳୀନ ପରିସ୍ଥିତିରେ ଅଧିକ ଫଳପ୍ରଦ ହୋଇଥାଏ । ଶିକ୍ଷା କ୍ଷେତ୍ର ସମନ୍ୱୟ କମିଟି କିମ୍ବା ଶିକ୍ଷା ପୁଂଜ ହେଉଛି ଏକ ଆଦର୍ଶ ମଞ୍ଚ ଯାହା ମାଧ୍ୟମରେ ସ୍ଥାନୀୟ ପରିସ୍ଥିତି ପାଇଁ ପ୍ରାସଙ୍ଗିକ ଓ ଦୃତ ରପାୟନକ୍ଷମ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡଗୁଡ଼ିକୁ ହାସଲ କରାଯାଇ ପାରିବ । (www.ineesite.org/toolkit ମାର୍ଗଦର୍ଶିକା ଉପଲବ୍ଧ)

କେତେକ କ୍ଷେତ୍ରରେ ସ୍ଥାନୀୟ ସମସ୍ୟା ସର୍ବନିମ୍ନ ମାନଦଣ୍ଡ ପ୍ରାପ୍ତି ଓ ମୁଖ୍ୟକାର୍ଯ୍ୟପନ୍ଥା ରପାୟନରେ ଅନ୍ତରାୟ ସୃଷ୍ଟି କରିଥାଏ । ଯେତେବେଳେ ଏହି ସମସ୍ୟା ଦେଖାଦିଏ, ସେହି ସମୟରେ ବାସ୍ତବିକ ପରିସ୍ଥିତି ଓ ଅଭିପ୍ସୀତ ମାନ ଓ ତାହାର ପ୍ରାପ୍ତି ପାଇଁ ହସ୍ତପୁସ୍ତିକାରେ ସ୍ଥାନପାଇଥିବା କାର୍ଯ୍ୟପନ୍ଥା ମଧ୍ୟରେ ସୃଷ୍ଟି ହେଉଥିବା ଅନ୍ତର ଦୂରକରିବା ଆବଶ୍ୟକ । ମାନଦଣ୍ଡଗୁଡ଼ିକୁ ହାସଲ କରିବା ପାଇଁ ବିଭିନ୍ନ ଆହ୍ୱାନକୁ ପରୀକ୍ଷାକରି ରଣନୀତି ପ୍ରସ୍ତୁତ କରିବାକୁ ହେବ । ଏଥିପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ଓ ରଣନୀତି କୌଶଳ ନିରୂପଣ କରିବାକୁ ହେବ ଏବଂ ସେହି ନୀତି ସପକ୍ଷରେ ମତସୃଷ୍ଟିକରି ମାନଦଣ୍ଡ ଗୁଡ଼ିକ ହାସଲ କରିବାରେ ସୃଷ୍ଟି ହେଉଥିବା ଅନ୍ତରାୟକୁ ଦୂରକରାଯାଇ ପାରିବ ।

ବିପର୍ଯ୍ୟୟ ପ୍ରଭାବିତ ଲୋକମାନଙ୍କର ଶିକ୍ଷାଧିକାର ଓ ଆବଶ୍ୟକତା ପୂରଣ କରିବା ଦିଗରେ ଉତ୍ତରଦାୟୀ ମାନବୀୟ କାର୍ଯ୍ୟପନ୍ଥାରେ ଉନ୍ନତି ଆଣିବା ପାଇଁ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା । ସଙ୍କଟମୟ ପରିସ୍ଥିତିର ଶିକାର ହେଉଥିବା ଲୋକମାନଙ୍କ ଜୀବନରେ ଏକ ବଡ଼ଧରଣର ପରିବର୍ତ୍ତନ ଆଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କେବଳ ଗୋଟିଏ ହସ୍ତପୁସ୍ତିକା ଏହି ଲକ୍ଷ୍ୟ ପୁରଣ କରିବାକୁ ଅସମର୍ଥ (ଆପଣ ହିଁ ପାରିବେ, ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡର ୨୦୧୦ ସଂସ୍କରଣ ଉପରେ ଆପଣମାନଙ୍କର ମତାମତକୁ ଆଇ.ଏନ୍.ଇ.ଇ ସ୍ୱାଗତ କରୁଛି, ଯାହାକି ପରବର୍ତ୍ତୀ ସଂସ୍କରଣ ପାଇଁ ସହାୟକ ହେବ । ହସ୍ତପୁସ୍ତିକାରେ ଥିବା ମତାମତ ସଂଗ୍ରହ ଫର୍ମକୁ ଦୟାକରି ବ୍ୟବହାର କରନ୍ତୁ । ଏହା ମଧ୍ୟ (www.ineesite.org/toolkit ୱେବସାଇଟ୍‌ରେ ଉପଲବ୍ଧ) ।

**ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଓ ଆନୁଷ୍ଠାନିକ କରିବାରେ ସାହାଯ୍ୟ କରିବା ପାଇଁ ଆବଶ୍ୟକୀୟ ଉପକରଣ www.ineesite.org/standards ରେ ଉପଲବ୍ଧ ।**

**ଆଇ.ଏନ୍.ଇ.ଇ. ସର୍ବନିମ୍ନ ପିଦ୍ଧତିକୁ  କାର୍ଯ୍ୟକାରୀ ଓ ଆନୁଷ୍ଠାନିକ କରିବା ପାଇଁ ସାହାଯ୍ୟକାରୀ ଉପକରଣ:**

**ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡଗୁଡ଼ିକର ଅନୁବାଦ:** www.ineesite.org/translation

୨୦୦୪ ଆଇ.ଏନ୍.ଇ.ଇ ହସ୍ତପୁସ୍ତିକାଟି ୨୩ ଭାଷାରେ ଅନୁଦିତ ହୋଇଥିବା ସ୍ଥଳେ, ଏହାର ନୂତନ ସଂସ୍କରଣଟି ଆରବୀୟ, ଫରାସୀ, ସ୍ପେନୀୟ ଓ ପର୍ତ୍ତୁଗୀଜୀୟ ଭାଷା ସମେତ ୧୩ ଗୋଟି ଭାଷାରେ ଅନୁବାଦିତ ହୋଇଛି ।

**ଆଇ.ଏନ୍.ଇ.ଇ. ସରଜଂାମ:** www.ineesite.org/toolkit

ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡ ହସ୍ତପୁସ୍ତିକା, ପ୍ରଶିକ୍ଷଣ ଓ ସହାୟକ ପୁସ୍ତିକା (ସମସ୍ତ ଅନୁବାଦ ସହିତ) ତଥା ମାନଗୁଡ଼ିକର ଉପଲବ୍ଧି ପାଇଁ ସ୍ଥାନୀୟ ପରିସ୍ଥିତି ସହିତ ସୂଚକ ଗୁଡ଼ିକୁ ଖାପ ଖୁଆଇବା ନିମନ୍ତେ ଆବଶ୍ୟକୀୟ ଉପକରଣଗୁଡ଼ିକ ଆଇ.ଏନ୍.ଇ.ଇ. ସରଞ୍ଜାମର ଅନ୍ତର୍ଭୁକ୍ତ । ଏହି ସରଜାଂମ ହସ୍ତପୁସ୍ତିକା ଅନ୍ତର୍ଗତ ସମସ୍ତ କ୍ଷେତ୍ର ଓ ହସ୍ତପୁସ୍ତିକାର ମୁଖ୍ୟବିଷୟ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ମଧ୍ୟରେ ସଂଯୋଗ ସ୍ଥାପନ କରିଥାଏ । ଆଇ.ଏନ୍.ଇ.ଇ ସଂରଜାମରେ ଅନେକ ଉପକରଣ ଅଛି ଯାହାକି ସର୍ବନିମ୍ନ ମାନଗୁଡ଼ିକର ପରିପୂରକ ଓ ସହାୟକଭାବେ କାର୍ଯ୍ୟକରେ ଯଥା, ନିରାପଦ ବିଦ୍ୟାଳୟ ଗଠନ, ଶିକ୍ଷକ କ୍ଷତିପୂରଣ, ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ମାର୍ଗଦର୍ଶିକା ଟିପ୍ପଣୀ । ଅନ୍ତର୍ଭୁକ୍ତ ଶିକ୍ଷା ଓ ଲିଙ୍ଗଗତ ଶିକ୍ଷା ପାଇଁ କ୍ଷୁଦ୍ର ମାର୍ଗଦର୍ଶିକା ।

**ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡ ନିର୍ଦ୍ଦେଶକାରୀ ଉପକରଣ :**
www.ineesite.org/msreferencetool

ଏହି ଉପକରଣଟି ଏକ ଉପଦେଶାତ୍ମକ କ୍ଷୁଦ୍ର ପୁସ୍ତିକା ଉପରେ ଏକ ତ୍ୱରିତ ନିର୍ଦ୍ଦେଶକାରୀ ମାର୍ଗଦର୍ଶିକା ଯେଉଁଥିରେ କି ସମସ୍ତ ମାନଦଣ୍ଡ, ମୁଖ୍ୟ କାର୍ଯ୍ୟପନ୍ଥା ଓ ମାର୍ଗଦର୍ଶିକା ଟିପ୍ପଣୀ ବୋଧଗମ୍ୟ ସରଳ ଭାଷାରେ ତାଲିକାଭୁକ୍ତ କରାଯାଇଛି ।

**ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକର ଅନୁଷ୍ଠାନିକୀକରଣ ଯାଞ୍ଚତାଲିକା www.ineesite.org/institutionalisation**

**ବିଭିନ୍ନ ପ୍ରକାର ଅନୁଷ୍ଠାନ ଯଥା :** ଜାତି-ସଂଘ ସଂସ୍ଥା, ସ୍ୱେଚ୍ଛାସେବୀ ସଂସ୍ଥା, ଦାନକାରୀ ଅନୁଷ୍ଠାନ, ଶିକ୍ଷା ସମନ୍ୱୟ କର୍ତ୍ତୃପକ୍ଷ ଓ ଶିକ୍ଷାପୁଂଜ ଇତ୍ୟାଦିର ଆବଶ୍ୟକତାକୁ ଲକ୍ଷ୍ୟରେ ରଖି ଏହି ଯାଞ୍ଚ ତାଲିକା ପ୍ରସ୍ତୁତ କରାଯାଇଛି । ଏହି ଅନୁଷ୍ଠାନ ଗୁଡ଼ିକ ସର୍ବନିମ୍ନ ମାନଦଣ୍ଡ ଗୁଡ଼ିକୁ ଏକାଠିକରି ନିଜ ନିଜ ଅନୁଷ୍ଠାନ ଭିତରେ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ କାର୍ଯ୍ୟରେ ବିନିଯୋଗ କରିବା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗୁଡ଼ିକ ଯାଞ୍ଚତାଲିକାରେ ଅନ୍ତର୍ଭୁକ୍ତ କରିଥାନ୍ତି ।

## ମୁଁ କିପରି ସର୍ବନିମ୍ନ ମାନଦଣ୍ଡଗୁଡ଼ିକୁ ଉପଯୋଗ କରିବି ?

ପ୍ରବେଶ ଓ ଶିକ୍ଷଣ ପରିବେଶ, ଶିକ୍ଷାଦାନ ଓ ଶିକ୍ଷଣ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ ଓ ଶିକ୍ଷାନୀତି ପ୍ରଭୃତି କ୍ଷେତ୍ରଗୁଡ଼ିକରେ ପ୍ରୟୋଗ କଲା ସମୟରେ ଭିତ୍ତିଗତ ମାନଦଣ୍ଡ ଗୁଡ଼ିକୁ ବ୍ୟବହାର କରିବା ବିଧେୟ ।

ପ୍ରତ୍ୟେକ କ୍ଷେତ୍ରର ମାନଦଣ୍ଡଗୁଡ଼ିକର ପ୍ରାରମ୍ଭିକ ସୂଚନାରେ ଦିଆଯାଇଥିବା ସେହି କ୍ଷେତ୍ରର ମୁଖ୍ୟ ପ୍ରସଙ୍ଗ ଗୁଡ଼ିକ ପଢ଼ିବାକୁ ହେବ । www.ineesite.org/toolkit ୱେବସାଇଟ୍‌ରେ ମାନଗୁଡ଼ିକର ରୂପାୟନରେ ସାହାଯ୍ୟ କରୁଥିବା ଉତ୍ତମ ଅଭ୍ୟାସ ବୈଷୟିକ ସଂରଜାମ ଉପଲବ୍ଧ । ମାନବୀୟ ପ୍ରତିକ୍ରିୟା ପାଇଁ ଯୋଜନା, ରୂପାୟନ, ତଦାରଖ ଓ ମୂଲ୍ୟାୟନ ଇତ୍ୟାଦିରେ ସାହାଯ୍ୟ କରିବା ପାଇଁ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଦଣ୍ଡ ହସ୍ତପୁସ୍ତିକା ପ୍ରସ୍ତୁତି କରାଯାଇଛି । (ନିମ୍ନପ୍ରଦତ୍ତ ଉଦାହରଣ-୧ ଦ୍ରଷ୍ଟବ୍ୟ) । ଏହି ହସ୍ତ ପୁସ୍ତିକାର କାର୍ଯ୍ୟକାରିତା ଅଧିକ ଫଳପ୍ରଦ ହେବ ଯଦି ଶିକ୍ଷାର ଅଂଶୀଦାରମାନେ ଏହି ପୁସ୍ତିକା ସହିତ ପୂର୍ବରୁ ପରିଚିତ ଥିବେ ଓ ଗୁରୁତର ଆପଦକାଳୀନ ପରିସ୍ଥିତିରେ ଏହାର ପ୍ରୟୋଗ ସମ୍ବନ୍ଧରେ ପ୍ରଶିକ୍ଷଣ ପାଇଥିବେ । (ନିମ୍ନରେ ପ୍ରଦତ୍ତ ଉଦାହରଣ-୨ ଦ୍ରଷ୍ଟବ୍ୟ)

ସାମର୍ଥ୍ୟ ଗଠନକରିବାରେ ଏହି ପୁସ୍ତିକା ମୂଲ୍ୟବାନ ପ୍ରଶିକ୍ଷଣ ସହାୟତା ପ୍ରଦାନ କରିଥାଏ । ସ୍ଥାନ ଓ ସମ୍ବଳର ବ୍ୟବସ୍ଥା କରିବାରେ ଏହାକୁ ପକ୍ଷପୋଷକ ଉପକରଣ ରୂପେ ବ୍ୟବହାର କରାଯାଇପାରେ । (ନିମ୍ନଲିଖିତ ଉଦାହରଣ-୩ ଦ୍ରଷ୍ଟବ୍ୟ) । ହସ୍ତପୁସ୍ତିକାଟି ବିପର୍ଯ୍ୟୟ ପ୍ରସ୍ତୁତି, ଅନିଶ୍ଚିତତା ଯୋଜନା ଓ ବିଭିନ୍ନକ୍ଷେତ୍ର ମଧ୍ୟରେ ସମନ୍ୱୟ ଆଣିବା ପାଇଁ ଉପାଦେୟ ଅଟେ ।

## ଆମେ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକୁ ପୂରଣ କରିପାରିବା ।

୨୦୦୪ ମସିହାରେ ଗ୍ରହଣ ହେବା ଦିନରୁ ଅଦ୍ୟାବଧି ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନ ପୁସ୍ତିକା ଅଶୀରୁ ଉର୍ଦ୍ଧ୍ୱଦେଶରେ ଆପଦକାଳୀନ ପରିସ୍ଥିତିରେ ପୁର୍ନଉଦ୍ଧାର ପର୍ଯ୍ୟନ୍ତ ସମୟ ମଧ୍ୟରେ ଗୁଣାତ୍ମକଶିକ୍ଷାର ବିକାଶ କ୍ଷେତ୍ରରେ ଫଳପ୍ରଦହେବା ପ୍ରମାଣିତ ହୋଇଛି । ମାନଗୁଡ଼ିକ ସରକାରୀ ସଦସ୍ୟ, ଗୋଷ୍ଠୀସମୂହ ଓ ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ମଧ୍ୟରେ ଆବଣ୍ଟିତ ଲକ୍ଷ୍ୟ ଧାର୍ଯ୍ୟ କରିବା ପାଇଁ ଏକ ସାଧାରଣ ଆଧାର ପ୍ରଦାନ କରିବା ସଙ୍ଗେ ସଙ୍ଗେ ସାହାଯ୍ୟ ମଧ୍ୟ କରିଥାଏ ।

ହସ୍ତ ପୁସ୍ତିକାରୁ ନିମ୍ନଲିଖିତ ଉପକାର ମିଳିବା ବିଷୟ ଏହାର ବ୍ୟବହାରକାରୀମାନେ କୁହନ୍ତି ।

- ଆପଦକାଳୀନ ପରିସ୍ଥିତିରେ ପୁର୍ନଉଦ୍ଧାର ପର୍ଯ୍ୟନ୍ତ ସମୟ ମଧ୍ୟରେ ଶିକ୍ଷା କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ରୂପାୟନରେ ତାତ୍ପର୍ଯ୍ୟପୂର୍ଣ୍ଣ ଗୋଷ୍ଠୀ ସଂପୃକ୍ତି
- ଶିକ୍ଷା ମୂଲ୍ୟାୟନ ଓ ପ୍ରତିକ୍ରିୟା ମଧ୍ୟରେ ଅଧିକ ଉତ୍ତମ ସମନ୍ୱୟ
- ଜାତୀୟ ଶିକ୍ଷା ବ୍ୟବସ୍ଥାର ଦୃଢ଼ୀକରଣ
- ସେବା ପ୍ରଦାନରେ ଉନ୍ନତି

- ଆପଦକାଳୀନ ପରିସ୍ଥିତିରେ ପୁର୍ନଉଦ୍ଧାର ପର୍ଯ୍ୟନ୍ତ ଓ ବିକାଶ ପ୍ରକ୍ରିୟାର ଉତ୍ତମ ତଦାରଖ ଓ ମୂଲ୍ୟାୟନ
- ଉକ୍ତମାନର ଶିକ୍ଷା କାର୍ଯ୍ୟକ୍ରମର ରୂପାୟନ ପାଇଁ ଆବଶ୍ୟକ ଜ୍ଞାନ ଓ କୌଶଳ ବୃଦ୍ଧି ପାଇଁ ସାମର୍ଥ୍ୟ ଗଠନ
- ଶିକ୍ଷା କ୍ଷେତ୍ରରେ ଦାନ ନିବେଶ ପାଇଁ ଦିଗ୍ ଦର୍ଶନ

ସର୍ବନିମ୍ନ ମାନଗୁଡ଼ିକ ମଧ୍ୟ ଶିକ୍ଷା ପ୍ରଦାନକାରୀଙ୍କୁ ଉତ୍ତରଦାୟୀ କରିବା ଦିଗରେ ଏକ ଅସ୍ତ୍ରରୂପେ କାର୍ଯ୍ୟକରେ । ଦାନକାରୀ ସଂସ୍ଥାମାନେ ସେମାନେ ସହାୟତାକରୁଥିବା ଶିକ୍ଷା ପ୍ରକଳ୍ପ ଗୁଡ଼ିକର ଗୁଣବତ୍ତା ଓ ଉତ୍ତରଦାୟିତ୍ୱ ହାସଲ ପାଇଁ ଏହି ମାନଗୁଡ଼ିକୁ ଏକ ଆଧାରରୂପେ ବହୁଳଭାବେ ବ୍ୟବହାରକରନ୍ତି । ନିର୍ଦ୍ଦିଷ୍ଟ ପୃଷ୍ଠଭୂମିରେ ଏହି ମାନଗୁଡ଼ିକ କିପରି ବ୍ୟବହୃତ ହୋଇଛି ତାହାର ଉଦାହରଣଗୁଡ଼ିକ ନିମ୍ନରେ ପ୍ରଦତ୍ତ ହୋଇଛି ।

## ୧ .ଇରାକରେ ବିଦ୍ୟାଳୟର ପୁନଃ ପ୍ରତିଷ୍ଠା

ଯୁଦ୍ଧଯୋଗୁଁ ଘରଛାଡ଼ି ପଳାୟନ କରିଥିବା ଲୋକମାନଙ୍କୁ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକୁ ବ୍ୟବହାରକରି ଫାଲ୍ଲୁଯାହ ସହରରେ ଜନସାଧାରଣଙ୍କ ପାଇଁ ପାଞ୍ଚଟି ବିଦ୍ୟାଳୟର ପୁନଃପ୍ରତିଷ୍ଠା ସଂପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ୨୦୦୭ ମସିହାରେ ଛାତ୍ର, ଅଭିଭାବକ, ଦେଶକୁ ଫେରିଆସିଥିବା ଓ ଯୁଦ୍ଧ ସମୟରେ ଦେଶରେ ରହିଥିବା ଲୋକେ ବିଦ୍ୟାଳୟ ପୁନଃପ୍ରତିଷ୍ଠା କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗଠିତ ଫୋକସ୍ ଗ୍ରୁପ୍‌ରେ ସାମିଲ ହୋଇଥିଲେ । ଗୋଷ୍ଠୀ ଯୋଗଦାନ ମାନ ତଥା ପ୍ରବେଶ ଓ ଶିକ୍ଷଣ ପରିବେଶ କ୍ଷେତ୍ରରେ ଦିଆଯାଇଥିବା ଦିଗ୍‌ଦର୍ଶନକୁ ଉପଯୋଗକରି ଜଳ ଓ ପରିମଳ ଓ ଶ୍ରେଣୀକକ୍ଷ ପ୍ରସ୍ତୁତିକୁ ଅଗ୍ରାଧିକାର ଦିଆଯାଇଥିଲା ଏବଂ ଏକ ଗୋଷ୍ଠୀ ନିର୍ବାଚନ କମିଟି ଗଠନ କରାଯାଇଥିଲା । କମିଟିରେ ମହିଳା ପ୍ରତିନିଧିତ୍ୱ ହାସଲକରିବା ପାଇଁ ପ୍ରକଳ୍ପର ମହିଳା କର୍ମଚାରୀମାନେ ମାତା ଓ ଛାତ୍ରୀମାନଙ୍କୁ ସାକ୍ଷାତକରି ଝିଅମାନେ କମ ସଂଖ୍ୟାରେ ପଢ଼ିବାକୁ ଆସୁଥିବାର କାରଣ ସଂପର୍କରେ ବୁଝିଥିଲେ । ବିଦ୍ୟାଳୟକୁ ଯାଉଥିବା ଝିଅମାନଙ୍କର ସୁରକ୍ଷା ପାଇଁ ଏକାଠି ସାଙ୍ଗହୋଇ କିମ୍ୱା ଜଗୁଆଳୀ ସହ ଯିବା ପାଇଁ ଆୟୋଜନ କରାଯାଇଥିଲା । କେବଳ ଜଣେ ଜଣେ ପୁରୁଷ ଶିକ୍ଷକଙ୍କୁ ନେଇ ଚାଲୁଥିବା ବିଦ୍ୟାଳୟଗୁଡ଼ିକରେ ଛାତ୍ରମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଗୋଷ୍ଠୀ ଶିକ୍ଷା କମିଟି ଶିକ୍ଷକ ଚୟନ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ବିଦ୍ୟାଳୟ ପ୍ରଶାସନ ସହିତ କାର୍ଯ୍ୟକରିଥାନ୍ତି । ଏହା ଫଳରେ ଶିକ୍ଷକମାନେ ଯେ ସେମାନଙ୍କର ପିଲାମାନଙ୍କର ଦାୟିତ୍ୱ ଠିକ୍‌ଭାବେ ତୁଲାଇବେ, ଏହି ବିଶ୍ୱାସ ପରିବାରବର୍ଗଙ୍କ ମନରେ ସୃଷ୍ଟିକରାଯାଇ ପାରିଥିଲା ଏବଂ ଅଧିକ ସଂଖ୍ୟକ ପିଲା ବିଦ୍ୟାଳୟରେ ନାମ ଲେଖାଇଥିଲେ ।

## ୨ .ଭାରତ ମହାସାଗର ସୁନାମୀ ଜନିତ ଦୁର୍ବିପାକ ସମୟରେ ଆନ୍ତଃସଂସ୍ଥାନିକ ସମନ୍ୱୟ

୨୦୦୪ ମସିହାରେ ଘଟିଥିବା ଭୂକମ୍ପ ଓ ସୁନାମୀ ଯୋଗୁଁ ଇଣ୍ଡୋନେସିଆରେ ବ୍ୟାପକ ଧନ ଜୀବନ ହାନି ହୋଇଥିଲା । ଏସ୍‌ହ ପ୍ରଦେଶରେ ୪୪୦୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଏବଂ ୨୫୦୦ ଶିକ୍ଷକ ଓ ଶିକ୍ଷାକର୍ମଚାରୀ

ମୃତ୍ୟୁବରଣ କରିଥିଲେ । ଯେଉଁ ଦେଢ଼ଲକ୍ଷ ବିଦ୍ୟାର୍ଥୀ ବଂଚିଯାଇଥିଲେ ସେମାନେ ଶିକ୍ଷାଲାଭରୁ ବଞ୍ଚିତ ହୋଇଥିଲେ । ଏହି ପରିସ୍ଥିତିର ମୁକାବିଲା କରିବାକୁ ଯାଇ ଆଇ.ଏନ୍.ଇ.ଇ. ର ସର୍ବନିମ୍ନ ମାନଗୁଡ଼ିକୁ ଶିକ୍ଷାବ୍ୟବସ୍ଥା ପୁର୍ନପ୍ରତିଷ୍ଠାର ଉପରେଖ ଓ ଉପାୟନ ପାଇଁ ଉପକରଣରୂପେ ବ୍ୟବହାର କରାଯାଇଥିଲା ଯାହାକି ଆପଦକାଳରେ ଉଚ୍ଚକୋଟିର ସମନ୍ୱୟ ଓ ଉନ୍ନତ ଅଭ୍ୟାସ ହାସଲକରିବାରେ ସହାୟକ ହୋଇଥିଲା । ସମନ୍ୱୟ ପାଇଁ ଉଦ୍ଦିଷ୍ଟ ସର୍ବନିମ୍ନ ମାନଗୁଡ଼ିକ ବ୍ୟବହାରକରି ସ୍ଥାନୀୟ କର୍ତ୍ତୃପକ୍ଷ ଓ ଆନ୍ତର୍ଜାତୀୟ ସଂସ୍ଥାମାନେ ଏକ ଶିକ୍ଷା ସମନ୍ୱୟ କମିଟି ସଂଗଠନ କରିଥିଲେ, ଯାହାର ସଭା ନିୟମିତଭାବେ ବାନ୍ଦା ଆସହରେ ହେଉଥିଲା । ଏକ ଆନ୍ତଃ-ସଂସ୍ଥାନିକ ସର୍ବନିମ୍ନ ମାନ କାର୍ଯ୍ୟକାରିଣୀ ସଂପୃକ୍ତ କର୍ମଚାରୀମାନଙ୍କୁ ସର୍ବନିମ୍ନ ମାନଗୁଡ଼ିକର ବ୍ୟବହାର ଓ ନିଜ ନିଜର ଅଭିଜ୍ଞତା ଓ ଉତ୍ତମ ଅଭ୍ୟାସଗୁଡ଼ିକ ସଂପର୍କରେ ଆଲୋଚନା କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲା । ହସ୍ତପୁସ୍ତିକାଟି ତୁରନ୍ତ ଇଣ୍ଡୋନେସୀୟ ଭାଷାରେ ଅନୁଦିତ ହୋଇ ଆସହ ପ୍ରାଦେଶିକ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ବ୍ୟବହୃତ ହୋଇଥିଲା । ଏଥିରୁ ଏକ ବଡ଼ଶିକ୍ଷା ମିଳିଥିଲା ଯେ ଗୁରୁତର ଆପଦକାଳୀନ ପରିସ୍ଥିତିରେ ସମନ୍ୱୟର ଗତିକୁ ବଜାୟରଖିବା ଓ ଉପାୟନ କରିବା ପାଇଁ କର୍ମଚାରୀମାନଙ୍କର ଅବିରତ ନିଯୁକ୍ତି ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଅଟେ । ନୂତନ କର୍ମଚାରୀଙ୍କୁ ନୂତନ ପରିସ୍ଥିତି ସହିତ ଅଭ୍ୟସ୍ତ କରାଇବା ପାଇଁ ଦିଆଯାଉଥିବା ପ୍ରଶିକ୍ଷଣରେ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକର ସୁଚିନ୍ତିତ ବ୍ୟବହାର ଆପଦକାଳୀନ ସ୍ଥିତିର ପୃଷ୍ଠଭୂମିରେ ସମନ୍ୱୟ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ସହାୟତା ଯୋଗାଇଥିଲା ।

### ୩.ଦାନନୀତି ଦୃଢ଼ୀକରଣ :

ଶିକ୍ଷାକୁ ପ୍ରତ୍ୟକ୍ଷଭାବେ ନିଜ ମାନବୀୟ ନୀତିର ଅଂଶବିଶେଷରୂପେ ଗ୍ରହଣ କରିଥିବା ପାଞ୍ଚଟ ଦାତାଙ୍କ ମଧ୍ୟରେ ନରୱେ ଅନ୍ୟତମ ଅଟେ ଓ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକର ଦୃଢ଼ ସମର୍ଥକ ଅଟେ । ୨୦୦୭ ମସିହାରେ 'ଦି ନରୱେନ୍ ଏଜେନ୍ସି ଫର ଡେଭ୍ଲପ୍‌ମେଣ୍ଟ କୋପରେସନ୍ (ନରାଡ଼)' । ନରାଡ଼ କୋପରେସନ ଏକ ଜରୁରୀକାଳୀନ ଶିକ୍ଷା ଦଳ ଗଠନ କରିଥିଲା ଯାହାକି ନରୱେର ବୈଦେଶିକ ମନ୍ତ୍ରଣାଳୟ ଓ ସେମାନଙ୍କର ଅଂଶୀଦାରମାନଙ୍କ ସଚେତନତା ବୃଦ୍ଧି ଏବଂ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକର ବାସ୍ତବ ପ୍ରୟୋଗ ଓ ସୁଚିନ୍ତିତ ଉପଯୋଗ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲା । ଜରୁରୀକାଳୀନ ଶିକ୍ଷା ଦଳ ଶିକ୍ଷା ପାଇଁ ଅନୁଦାନ ବଣ୍ଟନ ଉପରେ ଏମ୍‌ଏଫଏ ଓ ନରାଡ଼ କୁ ପରାମର୍ଶ ଦିଏ ଏବଂ ଆଇ.ଏନ୍.ଇ.ଇର ବୁଲେଟିନ୍‌ରେ ପ୍ରକାଶିତ ପ୍ରାସଙ୍ଗିକ ସୂଚନାଗୁଡ଼ିକୁ ପ୍ରଦାନ କରିଥାଏ । ନରାଡ଼ରୁ ଆର୍ଥିକ ସହାୟତା ମାଗୁଥିବା ସଂସ୍ଥାଗୁଡିକ ସେମାନଙ୍କ ଦ୍ୱାରା ବ୍ୟବହୃତ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନର ଏକ ବିବରଣୀ ପ୍ରଦାନ କରିବା ପାଇଁ ଏହା ସୁପାରିଶ କରିଥାଏ । ୨୦୦୮ ମସିହାରେ ଦକ୍ଷିଣ ସୁଦାନ ପାଇଁ ଗଠିତ ବାର୍ଷିକ ଯୁଗ୍ମ ଦାନକାରୀ ମିଶନରେ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଥିଲା । ୟୁନିସେଫ, ବିଶ୍ୱବ୍ୟାଙ୍କ ଓ ୟୁରୋପୀୟ ସଂଘକୁ ନେଇ ଏହି ମିଶନ ଗଠିତ ହୋଇଥିଲା । ଭାଗିଦାରୀ ଦାନକାରୀ ଅନୁଷ୍ଠାନ ଓ ଶିକ୍ଷାକ୍ଷେତ୍ରରେ ପୁର୍ନଉଦ୍ଧାର ଦାୟିତ୍ୱ ବହନ କରୁଥିବା ଦକ୍ଷିଣ ସୁଦାନର ଶିକ୍ଷା

ମନ୍ତ୍ରଣାଳୟ ଦ୍ୱାରା ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକର ଉପଯୋଗ ଓ ଆନୁଷ୍ଠାନିକରଣକୁ ନୋରାଡ଼ ପ୍ରୋତ୍ସାହିତ କରିଥିଲା । ଆଇ.ଏନ୍.ଇ.ଇ ର ସଦସ୍ୟଥିବା ନରୱେର କିଛି ମୁଖ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୋରାଡ଼କୁ ସର୍ବନିମ୍ନ ମାନଗୁଡ଼ିକର ଅନୁଷ୍ଠାନିକରଣ କରିବାରେ ସାହାଯ୍ୟ କରିଥିଲେ । ଜରୁରୀକାଳୀନ ଶିକ୍ଷା ଦଳ ନରୱେର ଅନ୍ୟକିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଗବେଷଣା ସଂସ୍ଥାକୁ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକୁ ଗ୍ରହଣକରି ନିଜ କାର୍ଯ୍ୟକ୍ରମ ବିକାଶରେ ଉପଯୋଗ କରିବା ପାଇଁ ଉତ୍ସାହିତ କରିଥିଲା । ନରୱେ ସରକାରଙ୍କର ଆଇ.ଏନ୍.ଇ.ଇ ପ୍ରତି ସମର୍ଥନ ଓ ତାହାର ସର୍ବନିମ୍ନ ମାନଗୁଡ଼ିକର ପ୍ରୟୋଗଦ୍ୱାରା ବିଶ୍ୱସ୍ତରୀୟ ଆଲୋଚନା ଓ ବିତର୍କ, ବିଶେଷକରି ଶିକ୍ଷକ, ଲିଙ୍ଗଗତ ଓ ଆପଦକାଳ ଇତ୍ୟାଦିରେ ନରୱେର ଅଗ୍ରଣୀଭୂମିକା ସୂଚିତ କରିଥିଲା ।

ବିଶ୍ୱରେ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକର ପ୍ରୟୋଗ ଓ ପ୍ରଭାବର ଅଧିକ ଉଦାହରଣ www.ineesite.org/mscasestudies ରେ ଉପଲବ୍ଧ

## କୌଶଳାତ୍ମକ ସଂଯୋଗ

**ମାନବୀୟ ପ୍ରତିକ୍ରିୟା ସଂପର୍କିତ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନ ଓ ସ୍ଫୀୟର ସର୍ବନିମ୍ନ ମାନ ମଧ୍ୟରେ କି ଯୋଗସୂତ୍ର ଅଛି ?** କେତେଗୁଡ଼ିଏ ମାନବୀୟ ସ୍ୱେଚ୍ଛାସେବୀ ସଂସ୍ଥା, ରେଡକ୍ରସ ଓ ରେଡ଼କ୍ରେସେଣ୍ଟ ଆନ୍ଦୋଳନଦ୍ୱାରା ୧୯୭୭ ମସିହାରେ ପ୍ରଚଳନ ହୋଇଥିବା 'ସ୍ଫୀୟର ପ୍ରୋଜେକ୍ଟ ହ୍ୟୁମାନିଟାରିୟାନ ଚାର୍ଟର' ଓ 'ମିନିମମ୍ ଷ୍ଟାଣ୍ଡାର୍ଡ଼ ଇନ୍ ଡ଼ିଜାଷ୍ଟର ରେସପନ୍ସ'ରେ ବିପର୍ଯ୍ୟୟ ପ୍ରଭାବିତ ଲୋକମାନଙ୍କର ମାନବୀୟ ସହାୟତା ପାଇବା ଅଧିକାରକୁ ପ୍ରାଞ୍ଜଳଭାବେ ଉଲ୍ଲେଖ କରାଯାଇଥିଲା । ଜଳଯୋଗାଣ, ପରିମଳ ଓ ସ୍ୱାସ୍ଥ୍ୟରକ୍ଷାର ଉନ୍ନତି, ଖାଦ୍ୟ ନିରାପତ୍ତା ଓ ପୁଷ୍ଟିକରଣ, ଆଶ୍ରୟ, ପୁନର୍ବାସ ଓ ଅଣଖାଦ୍ୟ ସାମଗ୍ରୀ ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଭୃତି କ୍ଷେତ୍ରପାଇଁ ମାନବୀୟ ସନନ୍ଦ ଓ ସର୍ବନିମ୍ନ ମାନ ସ୍ଫୀୟର ହସ୍ତପୁସ୍ତିକାର ବିଷୟବସ୍ତୁ ଥିଲା ।

ସ୍ଫୀୟର ପ୍ରକଳ୍ପଟି ଯେଉଁ ମୂଳବିଶ୍ୱାସ ଉପରେ ଆଧାରିତ ତାହା ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକର ପ୍ରତିଧ୍ୱନିତ ହୋଇଛି : ସେହି ମୂଳ ବିଶ୍ୱାସଟି ହେଲା, ପ୍ରଭାବିତ ଲୋକମାନଙ୍କର ବିପର୍ଯ୍ୟୟ ଓ ସଂଘର୍ଷଜନିତ ଦୁଃଖ ଲାଘବ କରିବା ପାଇଁ ସମସ୍ତ ସମ୍ଭବପର ପଦକ୍ଷେପ ନେବା ଏବଂ ସେମାନଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ଦେବା ।

୨୦୦୮ ମସିହା ଅକ୍ଟୋବର ମାସରେ ସ୍ଫୀୟର ପ୍ରକଳ୍ପ ଓ ଆଇ.ଏନ୍.ଇ.ଇ ମଧ୍ୟରେ ଗୋଟିଏ ବନ୍ଧୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର ହୋଇଥିଲା ଯେଉଁଥିରେ କି ସ୍ଫୀୟର ପ୍ରକଳ୍ପ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକର ଗୁଣବତ୍ତା ଓ ସେଗୁଡ଼ିକ ଯେଉଁ ବ୍ୟାପକ ପରାମର୍ଶମୂଳକ ପ୍ରକ୍ରିୟା ମାଧ୍ୟମରେ ସୃଷ୍ଟିକରାଯାଇଥିଲା ତାହାକୁ ସ୍ୱୀକୃତିପ୍ରଦାନ କରିଛି । ଫଳରେ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକୁ 'ସ୍ଫୀୟର ପ୍ରଜେକ୍ଟ ହ୍ୟୁମାନିଟାରିଆନ୍ ଚାର୍ଟର' ଓ 'ମିନିମମ୍ ଷ୍ଟାଣ୍ଡାର୍ଡ୍ସ ଇନ୍ ହ୍ୟୁମାନିଟାରିଆନ୍ ରେସ୍ପନ୍ସ' ର ସହଯୋଗ ଓ ପରିପୂରକଭାବେ ବ୍ୟବହାର କରିବାକୁ

ସ୍ଫୀୟର ପ୍ରକଳ୍ପରେ ଉପଦେଶ ଦିଆଯାଇଛି । ବନ୍ଧୁତ୍ୱପୂର୍ଣ୍ଣ ରାଜିନାମା ଆପଦକାଳୀନ ପରିସ୍ଥିତିର ଆରମ୍ଭରୁ ଶିକ୍ଷା ଓ ସ୍ଫୀୟର ର ଅନ୍ୟାନ୍ୟ କ୍ଷେତ୍ର ମଧ୍ୟରେ ଆଭ୍ୟନ୍ତରୀଣ ସଂଯୋଗ ହାସଲକରିବାର ଗୁରୁତ୍ୱକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ବିପର୍ଯ୍ୟୟ ପ୍ରଭାବିତ ଲୋକମାନଙ୍କୁ ଦିଆଯାଇଥିବା ସହାୟତାର ଗୁଣବତ୍ତା ବୃଦ୍ଧିକରିବା ଏବଂ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରତିକ୍ରିୟା କ୍ଷେତ୍ରରେ ମାନବୀୟ ବ୍ୟବସ୍ଥାକୁ ଅଧିକ ଉତ୍ତରଦାୟି କରାଇବା ଏହାର ଉଦ୍ଦେଶ୍ୟ ଅଟେ । ସ୍ଫୀୟର ହସ୍ତପୁସ୍ତିକାରେ ସନ୍ନିବେଶିତ ପ୍ରାସଙ୍ଗିକ ମାର୍ଗଦର୍ଶନ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନ ଦସ୍ତପୁସ୍ତିକାର ନୂତନ ସଂସ୍କରଣ ରେ ବ୍ୟବହୃତ  ହୋଇଛି । ସେହିପରି ଶିକ୍ଷା କ୍ଷେତ୍ରରେ ଦିଆଯାଇଥିବା ମାର୍ଗଦର୍ଶକ ସ୍ଫୀୟର ହସ୍ତପୁସ୍ତିକା ର ୨୦୧୧ ସଂସ୍କରଣ ସହିତ ସମନ୍ୱିତ କରାଯାଇଛି । ଆଇ.ଏନ୍.ଇ.ଇ ହସ୍ତପୁସ୍ତିକାକୁ ସ୍ଫୀୟର ହସ୍ତପୁସ୍ତିକାର ସହଯୋଗୀ ପୁସ୍ତିକାରୂପେ ବ୍ୟବହାର କରି ବହୁ କ୍ଷେତ୍ରୀୟ ଆବଶ୍ୟକତା ଭିତ୍ତିରେ ଆନ୍ତଃ କ୍ଷେତ୍ରୀୟ ସଂଯୋଗ ହାସଲ କରିବା ଏବଂ ଯୁଗ୍ମ ଯୋଜନା ଓ ପୂର୍ଣ୍ଣାଙ୍ଗ ପ୍ରତିକ୍ରିୟାକୁ ତାହାର ଅନୁଗାମୀ କରାଇବାରେ ସାହାଯ୍ୟ କରେ ।

ସ୍ଫୀୟର ହ୍ୟୁମାନିଟାରିଆନ୍ ଚାର୍ଟର ଓ ମିନିମନ୍ ଷ୍ଟାଣ୍ଡାର୍ଡ଼ ଅନ ହ୍ୟୁମାନିଟାରିୟାନ ରେସ୍‌ପନ୍ସ ବିଷୟରେ ଅଧିକ ତଥ୍ୟ www.spherproject.org  ରେ ଉପଲବ୍ଧ ।

## ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନ ଓ ଆଇ.ଏ.ଏସ୍.ସି ଶିକ୍ଷା ପୁଂଜ ମଧ୍ୟରେ ସଂଯୋଗ

ୟୁନିସେଫ୍ ଓ ସେଭ୍ ଦି ଚିଲ୍ଡ୍ରେନ୍‌ର ମିଳିତ ପ୍ରଚେଷ୍ଟାରେ ପରିଚାଳିତ ଶିକ୍ଷାପୁଂଜ କାର୍ଯ୍ୟକ୍ରମ ଆପଦକାଳୀନ ପରିସ୍ଥିତିର ଶିକ୍ଷା କ୍ଷେତ୍ରରେ ପ୍ରତ୍ୟାଶିତତା, ପ୍ରସ୍ତୁତି ଓ ପ୍ରତିକ୍ରିୟା ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରତୀକ ଅଟେ । ଯେଉଁଠି ଶିକ୍ଷାପୁଂଜ କାର୍ଯ୍ୟକରିଥାଏ, ସେଠାରେ ଆପଦକାଳୀନ ପରିସ୍ଥିତିରେ ଶୈକ୍ଷିକ ଆବଶ୍ୟକତାକୁ ନିର୍ଣ୍ଣୟ କରିବା ଏବଂ ମିଳିତ ଉଦ୍ୟମରେ ସେଗୁଡ଼ିକୁ ସମନ୍ୱିତଭାବେ ପୂରଣ କରିବା ଦିଗରେ ଶିକ୍ଷା ପୁଂଜ ଏକ ମୁଖ୍ୟ ସମନ୍ୱୟକାରୀ ଭାବେ କାର୍ଯ୍ୟକରିଥାଏ । ଗୁଣାତ୍ମକ ଶିକ୍ଷାର ଏକ ଆଧାର ପ୍ରଦାନ ପାଇଁ ଶିକ୍ଷା ପୁଂଜ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକୁ ଭିତ୍ତିଗତ ଉପକରଣରୂପେ ବ୍ୟବହାର କରିଥାଏ ।

ବିଶ୍ୱ ଶିକ୍ଷା ପୁଂଜ ଓ ଦେଶୀୟ ଶିକ୍ଷା ପୁଂଜ ଏହି ମାନଗୁଡ଼ିକୁ ନିମ୍ନଲିଖିତ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି ।

- ଶିକ୍ଷା ପୁଂଜ ମଧ୍ୟରେ ଗୁଣାତ୍ମକ ସମନ୍ୱୟ ବୃଦ୍ଧି କରିବା ଓ ଆନ୍ତଃ-ସାଂସ୍ଥାନିକ ଆଲୋଚନା ଓ ଲକ୍ଷ୍ୟ ନିର୍ଦ୍ଧାରଣରେ ଅଂଶୀଦାରିତାକୁ ସୁଗମ କରିବା ।
- ଯୁଗ୍ମ ଆବଶ୍ୟକତା ଆକଳନ ଓ ସଂପୃକ୍ତ ତଦାରଖ ଓ ମୂଲ୍ୟାୟନ ସହିତ ପ୍ରସ୍ତୁତ, ବିପଦ ହ୍ରାସ ଓ ପ୍ରତିକ୍ରିୟା ପାଇଁ ଯୋଜନା ଓ ରୂପାୟନର ଉନ୍ନତି ।
  - କର୍ମଚାରୀ ଓ ଭାଗିଦାରୀମାନଙ୍କର ତାଲିମ ଏବଂ ସମର୍ଥ ଗଠନ ଉଦ୍ୟମକୁ ସମର୍ଥନ
  - ଆର୍ଥିକ ସହାଯ୍ୟ ପାଇଁ ନିବେଦନର ଆଧାର ନିର୍ଣ୍ଣୟ

- ଶିକ୍ଷା ପୁଂଜର ସଦସ୍ୟ, ଦାତା ଓ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ଆଲୋଚନା ଓ ସମର୍ଥନକୁ ବୃଦ୍ଧି କରିବା ।

ଅଧିକ ସୂଚନା http://oneresponse.info/globalclusters/education. ଉପଲବ୍ଧ ।

**ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନ ସମ୍ବନ୍ଧୀୟ ବାରମ୍ବାର ପଚରାଯାଉଥିବା ପ୍ରଶ୍ନାବଳୀ**

**ଆମେ କିପରି ଜାଣିବା ଯେ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକ ସରକାରୀ ଶିକ୍ଷାମାନ ଗୁଡ଼ିକୁ ଦୃଢ଼ୀକରଣ କରିଥାଏ କି ନାହିଁ ?**

ଅନେକ ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଶିକ୍ଷା ମାନ ପ୍ରସ୍ତୁତକରିଛନ୍ତି । ଶରଣାର୍ଥୀ, ଆଇ.ଡ଼ି.ପି ଏସ ଓ ସଂଖ୍ୟାଲଘୁ ଗୋଷ୍ଠୀ ଅନ୍ତର୍ଗତ ଦେଶରେ ବାସକରୁଥିବା ସବୁ ଶିଶୁଙ୍କ ପାଇଁ ମୌଳିକ ଶିକ୍ଷା ସେବା ବ୍ୟବସ୍ଥା କରିବା ପାଇଁ ଅଗ୍ରଣୀଭୂମିକା ଗ୍ରହଣ କରୁଥିବା ଜାତୀୟ କର୍ତ୍ତୃପକ୍ଷଙ୍କ ପ୍ରଣୀତ ଶିକ୍ଷା ଆଇନ ଓ ନୀତିକୁ ଆଇ.ଏନ୍.ଇ.ଇ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ସହଯୋଗ କରିଥାଏ । କର୍ମପରିସର, ଅଭିପ୍ରାୟ ଓ ବିଷୟବସ୍ତୁ କ୍ଷେତ୍ରରେ ଜାତୀୟ ମାନ ଓ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନ ମଧ୍ୟରେ ଯଦି କୌଣସି ପ୍ରଭେଦ ଦେଖାଦିଏ, ତାହା ବିଶ୍ଳେଷଣ ହେବା ଆବଶ୍ୟକ । ଅଭିଜ୍ଞତାରୁ ଜଣାଯାଏ ଯେ ଆଇ.ଏନ୍.ଇ.ଇ ର ସର୍ବନିମ୍ନ ମାନଗୁଡ଼ିକ ସାଧାରଣଭାବେ ଜାତୀୟ ଶିକ୍ଷା ମାନ ସହିତ ଖାପଖାଏ । ସେଗୁଡ଼ିକ ଜାତୀୟମାନର ପରିପୂରକରୂପେ କାର୍ଯ୍ୟକରି ତାହା ହାସଲ କରିବାରେ ସାହାଯ୍ୟ କରେ । ଜାତୀୟ ନୀତି ଓ କୌଶଳର ଅନ୍ତର୍ଭୁକ୍ତ ନଥିବା କୌଶଳ ଯାହାକି ନିର୍ଦ୍ଦିଷ୍ଟ ଆପଦକାଳୀନ ପରିସ୍ଥିତିରେ ଜାତୀୟମାନ ଗୁଡ଼ିକୁ ଉପାୟନ କରିବା ପାଇଁ ଆବଶ୍ୟକହୁଏ ତାହା ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନ ପ୍ରଦାନ କରିଥାଏ ।

**ଆଇ.ଏନ୍.ଇ.ଇ ର ମାନ ଗୁଡ଼ିକ ଉଚ୍ଚକୋଟିର ହୋଇଥିଲେ ହେଁ ସେଗୁଡ଼ିକୁ କାହିଁକି ସର୍ବନିମ୍ନରୂପେ ଅଭିହିତ କରାଯାଇଛି ?**

ଯେହେତୁ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକ ବିଭିନ୍ନ ଆଇନଗତ ଦଲିଲ ଓ ଆନ୍ତର୍ଜାତୀୟ ରାଜିନାମାରେ ଉଲ୍ଲେଖିତ ଶିକ୍ଷାଧିକାର ଉପରେ ପର୍ଯ୍ୟବେସିତ, ହସ୍ତପୁସ୍ତିକା ଅନ୍ତର୍ଗତ କୌଣସି ଦିଗ ଦର୍ଶନ ଏହି ଅଧିକାରକୁ କ୍ଷୁର୍ଣ୍ଣକଲାଭଳି ହୋଇପାରିବ ନାହିଁ । ସେହି ମାନଗୁଡ଼ିକ ଉଚ୍ଚକୋଟିର ହୋଇପାରେ କାରଣ ସେଥିରେ ଆନ୍ତର୍ଜାତିକ ସ୍ତରରେ ଗୃହୀତ ମାନବାଧିକାର ତଥା ଉତ୍ତମ ଅଭ୍ୟାସ ପ୍ରତିଫଳିତ ହୋଇଥାଏ, କିନ୍ତୁ ସେଗୁଡ଼ିକ ଗୁଣାତ୍ମକ ଶିକ୍ଷା ଓ ମାନବିକ ମର୍ଯ୍ୟାଦାର ନ୍ୟୁନତମ ଆବଶ୍ୟକତାର ସଂଜ୍ଞା ପ୍ରଦାନ କରିଥାଏ ।

**ଆର୍ଥିକ ଓ ଶୈକ୍ଷିକ ସମ୍ବଳର ଅଭାବଥିଲେ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନକ ଗୁଡ଼ିକୁ ବ୍ୟବହାର କରିବାର ଉପାୟ କଣ ?**

ସୀମିତ ସମ୍ବଳ ପରିପ୍ରେକ୍ଷୀରେ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକର ତିନୋଟି ଉପଯୋଗିତା ରହିଛି । ପ୍ରଥମତଃ, ଏଥିରେ ସନ୍ନିବେଷ୍ଟିତ ଅଧିକାଂଶ ମାର୍ଗଦର୍ଶକ କେବଳ ଉତ୍ତମ ଅଭ୍ୟାସ ପାଇଁ ଉଦ୍ଦିଷ୍ଟ ଯାହାକି ଅଧିକ ବ୍ୟୟସାପେକ୍ଷ ନୁହେଁ । ଉଦାହରଣ ସ୍ୱରୂପ ଗୋଷ୍ଠୀ ଅଂଶଗ୍ରହଣ ମାନ ଆଦୌ ବ୍ୟୟସାପେକ୍ଷ ନୁହେଁ କିନ୍ତୁ ତାହାର ପ୍ରୟୋଗ ମାନବୀୟ ଓ ଶିକ୍ଷା ଉଦ୍ୟମରେ ଗୁଣାତ୍ମକ ଅଭିବୃଦ୍ଧି ଆଣିବାକୁ ସକ୍ଷମ । ଏହା ଭବିଷ୍ୟତରେ ସମୟ ଓ ସମ୍ବଳର ଅପଚୟ ରୋକିପାରେ ଏବଂ ଅଧିକ ସ୍ଥାୟୀ ସକାରାତ୍ମକ ଫଳହାସଲ କରିବାରେ ସାହାଯ୍ୟ କରେ । ଦ୍ୱିତୀୟତଃ, ଆପଦକାଳୀନ ଶିକ୍ଷା ଓ ପୁର୍ନଃଉଦ୍ଧାର ପାଇଁ ଅଧିକ କ୍ରିୟାଶୀଳ ଆର୍ଥିକ ବ୍ୟବସ୍ଥା କରିବା ସପକ୍ଷରେ ଆଇ.ଏନ୍.ଇ.ଇ. ସର୍ବନିମ୍ନ ମାନଗୁଡ଼ିକୁ ବ୍ୟବହାର କରାଯାଇ ପରେ । ତୃତୀୟତଃ ଆଇ.ଏନ୍.ଇ.ଇ ସର୍ବନିମ୍ନ ମାନଗୁଡ଼ିକୁ ବ୍ୟବହାର କରିବା ଦ୍ୱାରା ଶିକ୍ଷା କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ସଂସ୍ଥାମାନେ ମାନବୀୟ ପ୍ରତିକ୍ରିୟା ଗ୍ରହଣ କରିବା ଆରମ୍ଭରୁ ଉତ୍ତମ ନିଷ୍ପତ୍ତି ନିଅନ୍ତି ଫଳରେ ଏକ ଦୁର୍ବଳ ବ୍ୟବସ୍ଥା ଓ କାର୍ଯ୍ୟକ୍ରମଗ୍ରହଣ ଜନିତ ଅନାବଶ୍ୟକ ବ୍ୟୟକରିବାକୁ ପଡ଼େ ନାହିଁ ।

# ୧. ମୂଳଦୁଆ ଭିତ୍ତିକ ମାନଦଣ୍ଡ

| ମୂଳଦୂଆ ଭିତ୍ତିକ ମାନଦଣ୍ଡ | | | | | | |
|---|---|---|---|---|---|---|
| ଗୋଷ୍ଠୀର ଅଂଶଗ୍ରହଣ | | ସମନ୍ୱୟ | ସମୀକ୍ଷା | | | |
| ମାନଦଣ୍ଡ-୧ ଅଂଶଗ୍ରହଣ | ମାନଦଣ୍ଡ-୨ ସମ୍ବଳ | ମାନଦଣ୍ଡ-୧ ସମନ୍ୱୟ | ମାନଦଣ୍ଡ-୧ ଆକଳନ | ମାନଦଣ୍ଡ-୨ ପ୍ରବର୍ତ୍ତନ କୌଶଳ | ମାନଦଣ୍ଡ-୩ ନିରୀକ୍ଷଣ | ମାନଦଣ୍ଡ-୪ ମୂଲ୍ୟାୟନ |
| ଶିକ୍ଷା ପୁନଃସ୍ଥାପନ କାର୍ଯ୍ୟକ୍ରମର ବିଶ୍ଳେଷଣ, ଯୋଜନା ରୂପରେଖ ପ୍ରସ୍ତୁତ. ରୂପାୟନ,ନିରୀକ୍ଷଣ ଓ ମୂଲ୍ୟାୟନ ରେ ଗୋଷ୍ଠୀ ର ସଦସ୍ୟ ମାନେ ସକ୍ରିୟ, ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ଅଂଶଗ୍ରହଣ କରିବା ଉଚିତ୍ | ଗୋଷ୍ଠୀ ସମ୍ବଳ ଚିହ୍ନଟ, ପ୍ରସ୍ତୁତି ଓ ବୟସ ଉପଯୋଗୀ ଶିକ୍ଷା ସୁଯୋଗ ମାନ କାର୍ଯ୍ୟକାରୀ କରିବା ବ୍ୟବସ୍ଥା | ଶିକ୍ଷା ପାଇଁ ସମନ୍ୱୟ ବ୍ୟବସ୍ଥା ରହିଛି ଓ ଏହା ଗୁଣାତ୍ମକ ଶିକ୍ଷା ରେ ପ୍ରବେଶ ଓ ପ୍ରଚଳନ ଦିଗରେ କାମ କରିଥିବା ଅଂଶୀଦାର ମାନଙ୍କୁ ସହାୟକ ହୁଏ | ଜରୁରୀ ପରିସ୍ଥିତି କୁ ସମୟ ଉପଯୋଗୀ ଶିକ୍ଷା ଆକଳନ ସମ୍ପୂର୍ଣ୍ଣତା, ସ୍ୱଚ୍ଛତା ଓ ଅଂଶଗ୍ରହଣ ମାଧ୍ୟମରେ କରାଯାଏ | ଅନ୍ତର୍ଭୁକ୍ତି ଶିକ୍ଷା କାର୍ଯ୍ୟକ୍ରମ କୌଶଳ ଗୁଡ଼ିକ ମାଧ୍ୟରେ ଶିକ୍ଷା ଅଧିକାର ପଥର ବାଧକ ଓ ଉକ୍ତ ବାଧକ ଗୁଡ଼ିକୁ ପ୍ରତିହତ କରିବାର ପନ୍ଥା ସଂପର୍କରେ ସ୍ପଷ୍ଟ ବର୍ଣ୍ଣନା ରହିଥାଏ | ଶିକ୍ଷା ପରିବର୍ତ୍ତନ କାର୍ଯ୍ୟକ୍ରମ ନିୟମିତ ନିରୀକ୍ଷଣ ଓ ତଦନୁଯାୟୀ ପ୍ରଭାବିତ ଲୋକଙ୍କ ଶୈକ୍ଷିକ ଆବଶ୍ୟକତା ସମ୍ପର୍କରେ ମଧ୍ୟ ନିରୀକ୍ଷଣ କରାଯାଏ | ବ୍ୟବସ୍ଥିତ ଓ ନିରପେକ୍ଷ ମୂଲ୍ୟାୟନ ଶିକ୍ଷା ପରିବର୍ତ୍ତନ କାର୍ଯ୍ୟକ୍ରମକୁ ଉନ୍ନତ କରିଥାଏ, ଏବଂ ଉତ୍ତରଦାୟିତ୍ୱକୁ ବୃଦ୍ଧି କରାଇଥାଏ |

## ୧. ମୂଳଦୁଆ ଭିତ୍ତିକ ମାନଦଣ୍ଡ

ଏହି ଅଧ୍ୟାୟରେ ନିମ୍ନ ଲିଖିତ ମାନଦଣ୍ଡ ସଂପର୍କରେ କୁହାଯାଇଛି:

- ଗୋଷ୍ଠୀ ଅଂଶଗ୍ରହଣ: ଅଂଶଗ୍ରହଣ ଓ ସମ୍ବଳ
- ସମନ୍ୱୟ
- ବିଶ୍ଳେଷଣ: ଆକଳନ, ମୁକାବିଲା କୌଶଳ, ନିରୀକ୍ଷଣ, ମୂଲ୍ୟାଙ୍କନ

ଫଳପ୍ରଦ ଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଏଠାରେ ବର୍ଣ୍ଣନା କରାଯାଇଥିବା ସାଧାରଣ ମାନଦଣ୍ଡ ଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାଲାଭ ସୁଯୋଗ ଓ ଶୈକ୍ଷିକ ପରିବେଶ, ଶିକ୍ଷାଦାନ ଓ ଶିକ୍ଷଣ, ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀ ଏବଂ ଶିକ୍ଷାନୀତି କ୍ଷେତ୍ରରେ ମାନଦଣ୍ଡର ପ୍ରୟୋଗ ପାଇଁ ଏଗୁଡ଼ିକ ହେଉଛି ଆଧାର।
ଫଳପ୍ରଦ ଆପଦକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଗୋଷ୍ଠୀର ସକ୍ରିୟ ଅଂଶଗ୍ରହଣ ଉପରେ ପର୍ଯ୍ୟବେଶିତ । ସେହି ପ୍ରକ୍ରିୟା ଏବଂ କାର୍ଯ୍ୟକ୍ରମ ଲୋକଙ୍କୁ ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ସାମିଲ୍‌ହେବା ଓ ଶିକ୍ଷା ପ୍ରସଙ୍ଗ ଗୁଡ଼ିକରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଶକ୍ତ କରିଥାଏ। ଗୋଷ୍ଠୀର ଅଂଶଗ୍ରହଣ ଓ ମାଲିକାନା ଉତ୍ତର ଦାୟିତ୍ୱକୁ ବଢ଼ାଇଥାଏ, ଆଞ୍ଚଳିକ ସଂମ୍ବଳ ସଂଗ୍ରହକୁ ସୁଦୃଢ଼ କରିଥାଏ ଏବଂ ଦୀର୍ଘକାଳ ଶିକ୍ଷା ସେବା କୁ ବଜାୟ ରଖିବାରେ ସହଯୋଗ କରିଥାଏ। ଆଞ୍ଚଳିକ ସ୍ତରରେ ଶିକ୍ଷା ପ୍ରସଙ୍ଗରେ କଣ ସମସ୍ୟା ରହିଛି ଓ ସେଗୁଡ଼ିକର ସମାଧାନର ମାର୍ଗ ବାହାର କରିବାରେ ଗୋଷ୍ଠୀ ଅଂଶଗ୍ରହଣ ସହାୟକ ହୁଏ। ଏହି ଭଳି ଭାବେ ଆକଳନ, ଯୋଜନା ପ୍ରଣୟନ, ରୂପାୟନତା, ପରିଚାଳନା ଓ ନିରୀକ୍ଷଣ ଆଦିରେ ଗୋଷ୍ଠୀର ଅଂଶଗ୍ରହଣ ଦ୍ୱାରା ସଠିକ୍ ଓ ଫଳପ୍ରଦ ଶିକ୍ଷାଲାଭ ହୋଇଥାଏ।

ଗୋଷ୍ଠୀ ଅଂଶଗ୍ରହଣ କାର୍ଯ୍ୟକ୍ରମରେ ଗୋଷ୍ଠୀର ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧିକୁ ଅନ୍ତର୍ଭୁକ୍ତ କରିବା ସହ ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ଶିକ୍ଷା କାର୍ଯ୍ୟକ୍ରମ ଉପରେ ଆଧାରିତ ହେବା ଉଚିତ୍। ଶିଶୁ ଓ ଯୁବକ, ଯୁବତୀ ମାନଙ୍କର ଅଂଶଗ୍ରହଣ ଏଥିରେ ଅତୀବ ଜରୁରୀ ଯେଉଁମାନେ ଗୋଷ୍ଠୀର ସ୍ଥିତାବସ୍ଥା ବଜାୟରଖିବା ସଂଗେସଂଗେ ଦ୍ରୁତ ପୁନର୍ଲାଭ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବେ ।

ଅଂଶଗ୍ରହଣର ବିଭିନ୍ନ ମାତ୍ରା ଓ ପ୍ରକାର ରହିଛି । ଅଂଶଗ୍ରହଣର ସଂକେତ ହେଉଛି ସେବାର ଉପଯୋଗ କରିବା ଠାରୁ ଆରମ୍ଭକରି ଅନ୍ୟମାନଙ୍କ ଦ୍ୱାରା ହେଉଥିବା ନିଷ୍ପତ୍ତିକୁ ଗ୍ରହଣ କରିନେବା। ସଂପୂର୍ଣ୍ଣ ଅଂଶଗ୍ରହଣର ଅର୍ଥ ହେଉଛି ନିଷ୍ପତ୍ତି ନେବାରେ, ଯୋଜନା ପ୍ରସ୍ତୁତ କରିବାରେ ଓ ଶିକ୍ଷା କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସକ୍ରିୟ ସମୟ ବିନିଯୋଗ କରିବା ସହ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିବା। ଅନୁଭୂତିରୁ ଜଣାପଡ଼େ ଯେ ଗୁଣାତ୍ମକ ଦୀର୍ଘସ୍ଥାୟୀ ଶିକ୍ଷା କାର୍ଯ୍ୟକ୍ରମରେ କେବଳ ମାତ୍ର ସାଙ୍କେତିକ ଅଂଶଗ୍ରହଣ ଫଳପ୍ରଦ ନୁହେଁ। ବେଳେବେଳେ ଜରୁରୀକାଳୀନ

ସ୍ଥିତିରେ ସମସ୍ତଙ୍କର ପୂର୍ଣ୍ଣାଙ୍ଗ ଅଂଶଗ୍ରହଣ ମଧ୍ୟ ହାସଲ କରିବା ବହୁତ କଷ୍ଟଦାୟକ ହୋଇପଡ଼େ । କିନ୍ତୁ ଏ ଦିଗରେ କାର୍ଯ୍ୟକରିବା ଗୁରୁତ୍ୱପୂର୍ଣ୍ଣ ।

ସମସ୍ତଙ୍କୁ ଯେପରି ଶିକ୍ଷା ଅଧିକାର ମିଳିପାରିବ ସେ ଦିଗରେ କାର୍ଯ୍ୟକରୁଥିବା କର୍ତ୍ତୃପକ୍ଷମାନେ ପୁନର୍ଲାଭ ପ୍ରକ୍ରିୟା ଅନ୍ତର୍ଗତ ବିଭିନ୍ନ ଶୈକ୍ଷିକ କାର୍ଯ୍ୟାବଳୀଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ନେତୃତ୍ୱ ନେବା ଦରକାର । ଅନ୍ତର୍ଜାତୀୟ ଜନହିତୈଷୀ ଅଂଶୀଦାରମାନେ ଶିକ୍ଷା ଅଧିକାରୀ, ନାଗରିକ ସଂଗଠନ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ତାଙ୍କର ଯଥାର୍ଥ ଭୂମିକା ନିର୍ବାହନ କରିବା ପାଇଁ ଓ ଦକ୍ଷତା ବୃଦ୍ଧି କରିବା ପାଇଁ ସମର୍ଥନ ଦେବା ଆବଶ୍ୟକ, କିନ୍ତୁ ସେମାନଙ୍କର ନାର୍ଯ୍ୟ ଭୂମିକା ନିର୍ବାହ କରିବାରେ ବାଧା ସୃଷ୍ଟି ନ କରି ଏହି ସମର୍ଥନ ଦେବା ଆବଶ୍ୟକ । ଯେଉଁଠାରେ ଶିକ୍ଷା ଅଧିକାରୀମାନଙ୍କର ଦକ୍ଷତା ନ ଥାଏ ଅବା ସେମାନେ ଆଇନ୍ ଅନୁଯାୟୀ ସ୍ୱୀକୃତି ପାଇ ନ ଥାଆନ୍ତି ସେଠାରେ ଚୁକ୍ତି ମାଧ୍ୟମରେ କୌଣସି ଏକ ଆନ୍ତଃସଂସ୍ଥା ସମନ୍ୱୟ କମିଟିକୁ ନେତୃତ୍ୱ ଦେବା ଉଚିତ୍; ଯେପରିକି ଶିକ୍ଷା ପୁଂଜ ବା ଅନ୍ୟ କ୍ଷେତ୍ରୀୟ ସମନ୍ୱୟ ଗୋଷ୍ଠୀ । ଶିକ୍ଷା କାର୍ଯ୍ୟକ୍ରମରେ ସମନ୍ୱୟ, ସମୟାନୁବର୍ତ୍ତୀ ଓ ଫଳାଭିମୁଖୀ ହେବା ଦରକାର ଏବଂ ପ୍ରଭାବିତ ହୋଇଥିବା ଲୋକଙ୍କ ପ୍ରତି ଏହାର ଉତ୍ତରଦାୟୀତ୍ୱ ରହିବା ଆବଶ୍ୟକ ।

ଶିକ୍ଷାର ଆବଶ୍ୟକତାକୁ ଫଳପ୍ରଦ କରିବା ତଥା କାହାପାଇଁ ଯେପରି ହାନିକାରକ ନ ହୁଏ ସେଥିପାଇଁ ଆଞ୍ଚଳିକ ପୃଷ୍ଠଭୂମି ଓ ଦେଖାଦେଇଥିବା ଆପଦକାଳର ଚରିତ୍ରକୁ ଭଲଭାବେ ସମୀକ୍ଷା କରିବା ଓ ବୁଝିବାର ଆବଶ୍ୟକତା ରହିଛି । ଶିକ୍ଷାକ୍ଷେତ୍ର ସହିତ ଅନ୍ୟ ମାନବିକ କ୍ଷେତ୍ରଗୁଡ଼ିକର ସମୀକ୍ଷା କରାଯିବା ଉଚିତ୍ । ଏହାର ଲକ୍ଷ୍ୟ ହେଉଛି ଆପଦକାଳୀନ ସ୍ଥିତିର ରୂପ, ଏହାର କାରଣ ଓ ଲୋକଙ୍କ ଉପରେ ଏହାର ପ୍ରଭାବ ଓ ଜାତୀୟ କର୍ତ୍ତୃପକ୍ଷଙ୍କ ଆଇନଗତ ଓ ମାନବିକ ଦାୟିତ୍ୱ ନିର୍ବାହନ କ୍ଷମତା ନିର୍ଦ୍ଧାରଣ କରିବା । ଏହି ବିଶ୍ଲେଷଣରେ ଆର୍ଥିକ ସ୍ଥିତି, ଧାର୍ମୀକ ଓ ସ୍ଥାନୀୟ ବିଶ୍ୱାସ, ସାମାଜିକ ଚଳଣି ଓ ଲିଙ୍ଗଗତ ସଂପର୍କ, ରାଜନୈତୀକ ଓ ସୁରକ୍ଷା ପ୍ରସଙ୍ଗ ପରିସ୍ଥିତି ସହିତ ଖାପଖୁଆଇବା ପ୍ରଣାଳୀ ଓ ପ୍ରତ୍ୟାଶିତ ଭବିଷ୍ୟତର ବିକାଶ ଅର୍ନ୍ତଭୁକ୍ତ । ପ୍ରଭାବିତ ଲୋକ ଓ ଅନୁଷ୍ଠାନ ଗୁଡିକର ଆବଶ୍ୟକତା, ଅଧିକାର ଓ ସାମର୍ଥ୍ୟକୁ ଏବଂ ଉପଲବ୍ଧ ସ୍ଥାନୀୟ ସମ୍ବଳ ଓ ସମସ୍ତ ଶିକ୍ଷାର୍ଥୀମାନଙ୍କ ପାଇଁ ଶିକ୍ଷା ସେବାରେ ରହିଥିବା ଶୂନ୍ୟସ୍ଥାନକୁ ଚିହ୍ନଟ କରିବାକୁ ହେବ । ସ୍ଥାନୀୟ ବିପଦ ସଂପର୍କରେ ସଂପୃକ୍ତ ଗୋଷ୍ଠୀର ଜ୍ଞାନ ଓ ତାହାର ନିରାକରଣ ଓ ମୁକାବିଲା କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ କୌଶଳ ବିଷୟରେ ଜାଣିବା ନିହାତି ଦରକାର ।

ସୂଚନା ସଂଗ୍ରହ ଓ ଏହାର ବିଶ୍ଲେଷଣରୁ ସ୍ୱଚ୍ଛ, ସର୍ବସାଧାରଣରେ ଉପଲବ୍ଧ ଭିନ୍ନ ଭିନ୍ନ ଶୈକ୍ଷିକ ତଥ୍ୟ ମିଳିବା ଦରକାର, ଯାହାକି ଆପଦକାଳୀନ ପରିସ୍ଥିତି ମଧ୍ୟରେ ପୁର୍ନଉଦ୍ଧାର ପ୍ରକ୍ରିୟାର ପ୍ରତ୍ୟେକ ସ୍ତରରେ ଦରକାର ହୋଇଥାଏ । ତଥ୍ୟ ସଂଗ୍ରହ ଓ ଏହାର ବିଶ୍ଲେଷଣ ଅନିଚ୍ଛାକୃତ ଭାବେ ଦ୍ୱନ୍ଦ ଓ ଅସ୍ଥିରତା ସୃଷ୍ଟି କରିପାରେ । ତେଣୁ ଏହାକୁ ଏଡ଼ାଇବା ପାଇଁ ଯତ୍ନବାନ ହେବା ଦରକାର । ପୁର୍ନଉଦ୍ଧାର ପ୍ରକ୍ରିୟା ଅନ୍ତର୍ଗତ ଶୈକ୍ଷିକ କାର୍ଯ୍ୟକ୍ରମ ଏବଂ ଦେଖାଦେଇଥିବା ଶୈକ୍ଷିକ ଆବଶ୍ୟକତାର ନିୟମିତ ନିରୀକ୍ଷଣ ଓ ମୂଲ୍ୟାୟନ ଅନ୍ତର୍ଭୁକ୍ତି ଓ ସ୍ୱଚ୍ଛ ହେବା ଦରକାର ।

## ଗୋଷ୍ଠୀ ଅଂଶଗ୍ରହଣ ମାନଦଣ୍ଡ-୧ : ଅଂଶଗ୍ରହଣ

ଶିକ୍ଷା ପୁନଃସ୍ଥାପନ କାର୍ଯ୍ୟକ୍ରମର ବିଶ୍ଳେଷଣ, ଯୋଜନା, ରୂପରେଖ ପ୍ରସ୍ତୁତି, ରୂପାୟନ, ନିରିକ୍ଷଣ ଓ ମୂଲ୍ୟାୟନରେ ଗୋଷ୍ଠୀର ସଦସ୍ୟମାନେ ସକ୍ରିୟ, ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ଅଂଶଗ୍ରହଣ କରିବା ଉଚିତ୍ ।

**ମୁଖ୍ୟ କାର୍ଯ୍ୟାବଳୀ :** (ଏହାକୁ ମାର୍ଗଦର୍ଶୀକା ଟିପ୍ପଣୀ ସହିତ ମିଶାଇ ପଢ଼ିବାକୁ ହେବ ।)

- ସୁରକ୍ଷିତ, ପ୍ରଭାବଶାଳୀ ଓ ସମତୁଲ ଶିକ୍ଷାପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଗୋଷ୍ଠୀର କିଛି ସଦସ୍ୟଙ୍କର ଅଗ୍ରାଧିକାର ଭିତ୍ତିରେ ଶିକ୍ଷା କାର୍ଯ୍ୟକ୍ରମ ଗୁଡିକର ଚୟନ ଓ ଯୋଜନା ପ୍ରସ୍ତୁତ କରିବାରେ ସକ୍ରିୟ ଅଂଶଗ୍ରହଣ । (ମାର୍ଗଦର୍ଶିକା ଟିପ୍ପଣୀ ୧-୪ ଦେଖନ୍ତୁ)
- ଗୋଷ୍ଠୀ ଶିକ୍ଷା କମିଟିରେ ସବୁ ଦୁର୍ବଳ ଶ୍ରେଣୀମାନଙ୍କର ଯୋଗଦାନ । (ମାର୍ଗଦର୍ଶିକା ଟିପ୍ପଣୀ ୧-୪ ଦେଖନ୍ତୁ)
- ଶିକ୍ଷା କାର୍ଯ୍ୟକ୍ରମର ବିକାଶ, ରୂପାୟନ, ନିରୀକ୍ଷଣ ଓ ମୂଲ୍ୟାୟନରେ ଶିଶୁ ଓ ଯୁବବର୍ଗଙ୍କର ସକ୍ରିୟ ଅଂଶଗ୍ରହଣ । (ମାର୍ଗଦର୍ଶିକା ଟିପ୍ପଣୀ ୫ ଦେଖନ୍ତୁ)
- ଏକ ବ୍ୟାପକ ଅଂଚଳର ଗୋଷ୍ଠୀର ସଦସ୍ୟମାନେ ମୂଲ୍ୟ ନିର୍ଦ୍ଧାରଣ/ଆକଳନ, ପୃଷ୍ଠଭୂମୀ ବିଶ୍ଳେଷଣ, ଶିକ୍ଷା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା, ଯୁଗ୍ମ ବଜେଟ୍ ସମୀକ୍ଷା, ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ସଂଘର୍ଷ/ ଦ୍ୱନ୍ଦ୍ୱ ଦୂରୀକରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତି । (ମାର୍ଗଦର୍ଶିକା ଟିପ୍ପଣୀ ୬ ଦେଖନ୍ତୁ)
- ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ ତାଲିମ ଓ ଦକ୍ଷତା ବୃଦ୍ଧି ସୁବିଧା ସୁଯୋଗ ରହିଛି । (ମାର୍ଗଦର୍ଶିକା ଟିପ୍ପଣୀ ୭ ଦେଖନ୍ତୁ)

### ମାର୍ଗଦର୍ଶିକା ଟିପ୍ପଣୀ :

**୧. ସମଷ୍ଟିଗତ ଗୋଷ୍ଠୀ ଅଂଶଗ୍ରହଣ :** ଶିକ୍ଷା ପରିବର୍ତ୍ତନ ପାଇଁ ହେଉଥିବା ସମୀକ୍ଷା, ଯୋଜନା ପ୍ରସ୍ତୁତି, ଢ଼ାଞ୍ଚା ନିର୍ମାଣ, କାର୍ଯ୍ୟକାରିତା, ନିରୀକ୍ଷଣ ଓ ମୂଲ୍ୟାଙ୍କନ ଆଦି ପ୍ରକ୍ରିୟାରେ ଯେପରି ଗୋଷ୍ଠୀର ସଦସ୍ୟମାନେ ଅଂଶଗ୍ରହଣ କରିବେ ତାହାକୁ ଶିକ୍ଷା ଅଧିକାରୀ ଓ ଅନ୍ୟ ଶିକ୍ଷା ଅଂଶୀଦାରମାନେ ସୁନିଶ୍ଚିତ କରିବା ଉଚିତ । ବୟସ, ଲିଙ୍ଗ, ଜାତି, ଧର୍ମ, ଭିନ୍ନକ୍ଷମ, ଏଚ୍.ଆଇ.ଭି ତଥା ଅନ୍ୟାନ୍ୟ ପ୍ରସଙ୍ଗ ନିର୍ବିଶେଷରେ ପ୍ରଭାବିତ ଗୋଷ୍ଠୀର ଯେକୌଣସି ସଦସ୍ୟ ଅଂଶଗ୍ରହଣ କରିପାରିବେ । ଶିକ୍ଷା କର୍ତ୍ତୃପକ୍ଷ ଓ ଅନ୍ୟ ଶିକ୍ଷା ଅଂଶୀଦାରମାନେ ନିମ୍ନଲିଖିତ କାମ ଚିହ୍ନଟ କରିବା ପାଇଁ ଗୋଷ୍ଠୀ ନିୟୋଜନ କରିପାରିବେ:

- ସମସ୍ତ ଶିକ୍ଷାର୍ଥୀଙ୍କ ଶିକ୍ଷାଗତ ଆବଶ୍ୟକତା

- ଆଞ୍ଚଳିକ ସ୍ତରରେ ଉପଲବ୍ଧ ଆର୍ଥିକ, ଉପକରଣ ଓ ମାନବସମ୍ବଳ
- ଉଭୟ ପୁଅ ଓ ଝିଅ, ଯୁବବର୍ଗ ଓ ବୟସ୍କଙ୍କ ମଧ୍ୟରେ ସାଂପ୍ରତିକ ଓ ବଦଳିଥିବା ସଂପର୍କ
- ଗୋଷ୍ଠୀରେ ଶକ୍ତିଶାଳୀ ବ୍ୟକ୍ତି, ବିଭିନ୍ନ ଭାଷାଭାଷୀ ମାଧ୍ୟରେ ସଂପର୍କ, ଗୋଷ୍ଠୀରୁ ବାହାରି ଯାଇଥିବା ବର୍ଗ
- ସୁରକ୍ଷା ପ୍ରସଙ୍ଗ, ସମସ୍ୟା ଓ ଭୟ
- ଲିଙ୍ଗ ଆଧାରିତ ହିଂସା ସମେତ ଶିକ୍ଷାନୁଷ୍ଠାନ, କର୍ମଚାରୀ ଓ ଶିକ୍ଷାର୍ଥୀଙ୍କୁ ସମ୍ଭାବ୍ୟ ଆକ୍ରମଣରୁ ସୁରକ୍ଷା ଦେବା।
- ସ୍ଥାନୀୟ ବିପଦ, ବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷଣ ସ୍ଥାନ ପାଇଁ ସୁରକ୍ଷିତ ଓ ସହଜରେ ଯାଇଆସି ହେଉଥିବା ସ୍ଥାନ ନିରୂପଣ ଏବଂ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପାଇଁ ସ୍ଥାନୀୟ ପନ୍ଥା
- ଶିକ୍ଷା କାର୍ଯ୍ୟକ୍ରମର ସବୁ ଦିଗସହ ଜୀବନ-ସୁରକ୍ଷା ଓ ସଂଘର୍ଷ/ଦ୍ୱନ୍ଦ୍ୱ ସ୍ପର୍ଶକାତର ଶିକ୍ଷା ସୂଚନାଗୁଡ଼ିକୁ ଏକାଠି କରିବାର ଉପାୟ ସହ ସେହି ସୂଚନାଗୁଡ଼ିକ ମଧ୍ୟ ସାମିଲ ହେବ ଯେଉଁଗୁଡ଼ିକ ଗୋଷ୍ଠୀର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ କରେ।

ପରିବାର, ଗୋଷ୍ଠୀ ଏବଂ ବିଦ୍ୟାଳୟ ଅବା ଅନ୍ୟାନ୍ୟ ଶିକ୍ଷଣ ସ୍ଥାନଗୁଡ଼ିକ ମଧ୍ୟରେ ଥିବା ସଂପର୍କକୁ ଅଧିକ ଦୃଢ଼ କରିବାର ଢ଼ାଞ୍ଚାଗୁଡ଼ିକ ଅଂଶଗ୍ରହଣ ମୂଳକ, ଅନ୍ତର୍ଭୁକ୍ତି ଶୈଳୀରେ ଓ ପରାମର୍ଶ ମୂଳକ ଭାବରେ ବିକଶିତ ହେବା ଉଚିତ୍ । (ନିମ୍ନରେ ମାର୍ଗଦର୍ଶୀକା ୨-୩ ଦେଖନ୍ତୁ;) ବିଶ୍ଳେଷଣ ସାଧାରଣମାନ ୧, ମାର୍ଗଦର୍ଶୀକା ଟିପ୍ପଣୀ ୩, ବିଶ୍ଳେଷଣ ସାଧାରଣମାନ ୨, ମାର୍ଗଦର୍ଶୀକା ଟିପ୍ପଣୀ ୫, ବିଶ୍ଳେଷଣ ସାଧାରଣମାନ ୩, ମାର୍ଗଦର୍ଶୀକା ୧-୩ ଏବଂ ବିଶ୍ଳେଷଣ ସାଧାରଣମାନ ୪, ମାର୍ଗଦର୍ଶୀକା ୩-୪)

**୨. ଗୋଷ୍ଠୀ ଶିକ୍ଷା କମିଟି :** ଏହା ହେଉଛି ଏପରି ଏକ କମିଟି ଯାହା ଗୋଟିଏ ଗୋଷ୍ଠୀରେ ସବୁ ଶିକ୍ଷାର୍ଥୀମାନଙ୍କର ଶିକ୍ଷାଗତ ଆବଶ୍ୟକତା ଓ ଅଧିକାରକୁ ଚିହ୍ନଟ କରେ ଓ ଏ ନେଇ ରହିଥିବା ସମସ୍ୟାକୁ ଦୂର କରେ। ବିକଳ୍ପ ନାମ ମଧ୍ୟରେ ଅଭିଭାବକ - ଶିକ୍ଷକସଂଘ ବା ବିଦ୍ୟାଳୟ ପରିଚାଳନା କମିଟି ଅନ୍ତର୍ଭୁକ୍ତ । ତାଲିମ୍ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଏହା ଗୋଟିଏ ଗୋଷ୍ଠୀକୁ ସାହାଯ୍ୟ କରିପାରିବ ବା ଶିକ୍ଷା କାର୍ଯ୍ୟକ୍ରମ ଗୁଡ଼ିକୁ ଆଗେଇ ନେବା ପାଇଁ ଶିକ୍ଷା ଅଧିକାରୀ ଓ ଅନ୍ୟ ଶିକ୍ଷା ଅଂଶିଦାରମାନଙ୍କୁ ନିୟୋଜିତ କରିପାରିବ। ଯଦି କୌଣସି ଗୋଷ୍ଠୀରେ ଏଭଳି ଶିକ୍ଷା କମିଟି ନାହିଁ, ତା ହେଲେ ତୁରନ୍ତ ଏଭଳି କମିଟି ଗଠନ କରାଯିବା ନିମନ୍ତେ ପ୍ରୋତ୍ସାହନ ଦିଆଯିବା ଉଚିତ୍। ଗୋଷ୍ଠୀ ଶିକ୍ଷା କମିଟିରେ ଗୋଷ୍ଠୀର ସବୁ ବର୍ଗର ପ୍ରତିନିଧିତ୍ୱ ରହିବା ଉଚିତ୍ ଓ ସେଥିରେ ନିମ୍ନଲିଖିତ ବ୍ୟକ୍ତିବିଶେଷ ଅନ୍ତର୍ଭୁକ୍ତ ହୋଇପାରନ୍ତି:

- ସ୍କୁଲ୍ ପ୍ରଶାସକ, ଶିକ୍ଷକ ଓ କର୍ମଚାରୀ
- ଅଭିଭାବକ ଅବା ଶିଶୁଙ୍କ ଯତ୍ନ ନେଉଥିବା ବ୍ୟକ୍ତି

- ଶିଶୁ ଓ ଯୁବକ / ଯୁବତୀ
- ନାଗରିକ ସାମାଜିକ ସଙ୍ଗଠନର କର୍ମକର୍ତ୍ତା
- ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଧାର୍ମିକ ସଙ୍ଗଠନ ପ୍ରତିନିଧି
- ପାରମ୍ପରିକ ନେତା
- ସ୍ୱାସ୍ଥ୍ୟକର୍ମୀ

ଦୁର୍ବଳ ବର୍ଗର ପ୍ରତିନିଧିମାନେ ଅନ୍ତର୍ଭୁକ୍ତ ହେବା ନିହାତି ଜରୁରୀ । ପୃଷ୍ଠଭୂମି ସହିତ ଖାପଖାଇବା ଭଳି ଏକ ଆଞ୍ଚଳିକ ଧର୍ମୀ ଅଂଶଗ୍ରହଣ ପ୍ରକ୍ରିୟା ଦ୍ୱାରା ଗୋଷ୍ଠୀ ଶିକ୍ଷା କମିଟିର ସଦସ୍ୟମାନେ ମନୋନୀତ ହେବା ଉଚିତ୍, ଯାହାକି ମହିଳା ଓ ପୁରୁଷ ଏବଂ ଝିଅ ଓ ପୁଅମାନଙ୍କୁ ସମାନ ଭାବେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିପାରିବ । ଜରୁରୀକାଳିନ ପରିସ୍ଥିତିରେ ଯେତେବେଳେ ଲୋକଙ୍କୁ ଜାତି, ଧର୍ମ, ବର୍ଗ ଓ ଜନଜାତି ନାମରେ ଭାଗଭାଗ କରାଯାଇପାରିବ, ସେହି ସମୟରେ ଶିକ୍ଷାକମିଟି ସବୁ ଦଳଙ୍କ ସହିତ ମିଶି କାମକରିବା ଉଚିତ୍ । ଯଦିଓ ଅନ୍ତର୍ଭୁକ୍ତି ହେଉଛି ପ୍ରକୃତ ଲକ୍ଷ୍ୟ ତଥାପି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସୁରକ୍ଷାକୁ ପ୍ରାଥମିକତା ଦିଆଯାଏ । ସୁରକ୍ଷିତ ଭାବେ, ପକ୍ଷପାତରହିତ ଓ ଉପଯୁକ୍ତ ଭାବେ ଗୋଷ୍ଠୀରେ ଥିବା ପ୍ରତ୍ୟେକଙ୍କୁ ଶିକ୍ଷା ଯୋଗାଇଦେବା କମିଟି ଗୁଡ଼ିକର ଲକ୍ଷ୍ୟ ହେବା ଉଚିତ୍ ।

ପରିବର୍ତ୍ତିତ ସାମାଜିକ-ଅର୍ଥନୈତିକ ଏବଂ ରାଜନୈତିକ ପୃଷ୍ଠଭୂମୀ ଉପରେ ସେମାନଙ୍କର ପ୍ରତ୍ୟେକ୍ଷ ଜ୍ଞାନ ଥିବା ଜରୁରୀ ଓ ସବୁସ୍ଥିତିରେ ସେମାନେ ନିଷ୍ପତ୍ତି ନେଇପାରୁଥିବା ଲୋକଙ୍କ ସହିତ ଯୋଗାଯୋଗ ରଖିବା ଉଚିତ୍ । (ବିଶ୍ଳେଷଣ ସାଧାରଣମାନ-୧ , ମାର୍ଗଦର୍ଶିକା ଟିପ୍ପଣୀ-୩ ଦେଖନ୍ତୁ)

**୩. ଭୂମିକା ଓ ଦାୟିତ୍ୱ :** ଗୋଷ୍ଠୀ ଶିକ୍ଷା କମିଟିର ସଦସ୍ୟମାନଙ୍କର ଭୂମିକା ଓ ଦାୟିତ୍ୱର ସ୍ପଷ୍ଟ ସଂଜ୍ଞା ରହିବା ଦରକାର ଓ ସେଥିରେ ନିମ୍ନଲିଖିତ ଜିନିଷଗୁଡ଼ିକୁ ସାମିଲ୍ କରାଯାଇପାରେ :

- ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକର ସମାଧାନ ନେଇ ଦୈନନ୍ଦିନ ବୈଠକ
- ବୈଠକରେ ହେଉଥିବା ଆଲୋଚନା ଓ ନିଷ୍ପତ୍ତିର ରେକର୍ଡ଼ ରଖିବା
- ଗୋଷ୍ଠୀର ଅର୍ଥନୈତିକ ଓ ଅନ୍ୟାନ୍ୟ ଅବଦାନକୁ ପ୍ରସ୍ତୁତ କରିବା
- ଶୈକ୍ଷିକ କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ଓ ଅଧିକାରକୁ ଯେ ସମ୍ମାନ ଦେଉଛନ୍ତି ତାହା ନିଶ୍ଚିତ କରିବା ପାଇଁ ବୟସ ଓ ସଂସ୍କୃତିକୁ ନେଇ ସଠିକ୍ ପନ୍ଥା ନିର୍ଣ୍ଣୟ କରିବା । ଉଦାହରଣ ସ୍ୱରୁପ : ବିଦ୍ୟାଳୟ କ୍ୟାଲେଣ୍ଡର ଓ ଗୋଷ୍ଠୀ ପୃଷ୍ଠଭୂମୀ ପ୍ରତିଫଳିତ ହେଉଥିବା ବୟସ ଉପଯୋଗୀ ପାଠ୍ୟକ୍ରମ ।
- ଗୋଷ୍ଠୀର ସଦସ୍ୟ ଓ ଗୋଷ୍ଠୀ ବାହାରେ ରହି ନିଷ୍ପତ୍ତି ନେଉଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ଗୋଷ୍ଠୀ, ସ୍ଥାନୀୟ ଓ ଜାତୀୟ ଶିକ୍ଷା କର୍ତ୍ତୃପକ୍ଷମାନଙ୍କ ସହିତ ଯୋଗାଯୋଗ ରକ୍ଷାକରିବା ।

- ଶିକ୍ଷା ଉପଲବ୍ଧ କରାଇବା ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଯେଉଁମାନଙ୍କ ହାତରେ ଦାୟିତ୍ୱ ଦିଆଯାଇଛି, ସେମାନେ ଯେପରି ଉତ୍ତରଦାୟୀ ରହିବେ ତାହା ସୁନିଶ୍ଚିତ କରିବା ।
- ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ଶିକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ଶିକ୍ଷା ବ୍ୟବସ୍ଥାକୁ ନିରୀକ୍ଷଣ କରିବା ।
- କିଏ ଶିକ୍ଷଣ ସୁଯୋଗରେ ସାମିଲ ହେଉଛି ଓ କିଏ ହେଉ ନାହିଁ ସେ ସମ୍ବନ୍ଧୀୟ ସୂଚନା ସଂଗ୍ରହ ଓ ନିରୀକ୍ଷଣ କରିବା ।
- ବିଦ୍ୟାଳୟ ଯିବାଆସିବା ବେଳେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଦୃଢ଼ୀଭୁତ କରିବା ଓ ଆକ୍ରମଣର ପ୍ରତିରୋଧଶକ୍ତି ବଢ଼ାଇବା ।
- ଶିକ୍ଷା ବ୍ୟବସ୍ଥାରେ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଅନ୍ତର୍ଭୁକ୍ତି ନେଇ ନିଶ୍ଚିତ କରିବା ।
- ଉପଯୁକ୍ତ ମାନସିକ - ସାମାଜିକ ସହଯୋଗ ସୁନିଶ୍ଚିତ କରିବେ । (ବିଶ୍ଳେଷଣ ସାଧାରଣମାନ ୧, ମାର୍ଗଦର୍ଶିକା ଟିପ୍ପଣୀ-୩ ଦେଖନ୍ତୁ)

**୪. ସ୍ଥାନୀୟ ଶିକ୍ଷା କାର୍ଯ୍ୟ ଯୋଜନା:** ସ୍ଥାନୀୟ ଶିକ୍ଷା କର୍ତ୍ତୃପକ୍ଷ, ଗୋଷ୍ଠୀ ଓ ଗୋଷ୍ଠୀ ଶିକ୍ଷା କମିଟି ଅଗ୍ରାଧିକାର ଭିତ୍ତିରେ ଶିକ୍ଷା କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବା ଉଚିତ୍, ଯେଉଁଥିରୁ ଗୋଷ୍ଠୀ ଆଧାରିତ କାର୍ଯ୍ୟ ଯୋଜନା ଉପଲବ୍ଧ ହେବ । ଯଦି ଗୋଟିଏ ଜାତୀୟ ଶିକ୍ଷା ଯୋଜନା ରହିଛି ଯାହା ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଶିକ୍ଷାକାର୍ଯ୍ୟକ୍ରମର ଗୁଣାତ୍ମକ ବିକାଶ ପାଇଁ ଏକ ଢ଼ାଞ୍ଚା ଯୋଗାଇ ଦେଉଛି, ତା ହେଲେ ଗୋଷ୍ଠୀ ଶିକ୍ଷା ଯୋଜନା ସେହି ଆଧାରରେ ପ୍ରସ୍ତୁତ ହେବା ଉଚିତ୍ । ଜରୁରୀ ପରିସ୍ଥିତିରେ ପ୍ରଭାବିତ ଗୋଷ୍ଠୀ ବିଶେଷକରି ଦୂର୍ବଳ ବର୍ଗ ଗୋଷ୍ଠୀର ଆବଶ୍ୟକତା, ଅଧିକାର, ଉଦ୍‌ବିଗ୍ନତା, ମୂଲ୍ୟବୋଧ ଏଥିରେ ପ୍ରତିଫଳିତ ହେବା ଉଚିତ୍ ।

ଗୋଟିଏ ଶିକ୍ଷା କାର୍ଯ୍ୟ ଯୋଜନା ଶୈକ୍ଷିକ ନିରନ୍ତରତାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରେ । ଏହାର ଅନେକ ଉଦ୍ଦେଶ୍ୟ ରହିଛି, ଯେପରି କି:-

- ଶିକ୍ଷାଦାନ ଓ ଶିକ୍ଷଣ ପରିବେଶ କେମିତି ହେବା ଉଚିତ୍, ସେ ନେଇ ଏକ ମିଳିତ ଦୃଷ୍ଟିଭଙ୍ଗି ବିକଶିତ କରିବା ଓ ଏହାକୁ କାର୍ଯ୍ୟକ୍ରମ, ସୂଚନାଙ୍କ, ଲକ୍ଷ୍ୟ ଓ ସମୟସୀମା ମାଧ୍ୟମରେ ବର୍ଣ୍ଣନା କରିବା ।
- ନିର୍ଦ୍ଦିଷ୍ଟ ପୃଷ୍ଠଭୂମି ପାଇଁ ପାଠ୍ୟକ୍ରମ ଉପଯୋଗୀକରଣ ସହ ଏଥିରେ ଉପଯୁକ୍ତ ଦ୍ୱନ୍ଦ୍ୱ/ସଂଘର୍ଷ/ସମ୍ବେଦନଶୀଳତା ଓ ବିପର୍ଯ୍ୟୟ ଆଶଙ୍କା ହ୍ରାସକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ ।
- ନିଯୁକ୍ତି ପ୍ରକ୍ରିୟା, ପର୍ଯ୍ୟବେକ୍ଷଣ କର୍ମଚାରୀମାନଙ୍କ ତାଲିମ୍, ଶିକ୍ଷକଙ୍କ ସନ୍ତୁଳନତା ଓ ସହାୟତା ଉପରେ ସହମତି ।
- ପକ୍ଷପାତିତା ହ୍ରାସକରିବା ପାଇଁ ମାନବାଧିକାର ଆଧାରିତ ପନ୍ଥାଉପରେ ପ୍ରାଧାନ୍ୟ ଦେବା ଓ ଶିକ୍ଷା ନିଶ୍ଚିତ ଉପଲବ୍ଧ ହୋଇପାରିବ, ସମସ୍ତଙ୍କ ନିକଟରେ ପହଞ୍ଚିପାରିବ, ଉପଯୋଗୀ ଓ ଗ୍ରହଣୀୟ ହୋଇପାରିବ,

ସମସ୍ତଙ୍କ ମନରେ ଏଭଳି ଧାରଣା ସୃଷ୍ଟି ହେବା ଦରକାର

- ଶିକ୍ଷାକୁ ଆକ୍ରମଣରୁ ସୁରକ୍ଷା ଦେବା ସମେତ ଏକ ସୁରକ୍ଷିତ ଓ ସହାୟକ ଶିକ୍ଷଣ ପରିବେଶ ବିକାଶକୁ ପ୍ରାଧାନ୍ୟ ଦେଇ ମିଳିତ ଚୁକ୍ତି ଓ ପ୍ରତିଶ୍ରୁତିବଦ୍ଧତା ଉପଲବ୍ଧ କରିବା ।
- ଶିକ୍ଷା କର୍ତ୍ତୃପକ୍ଷ ଯେଉଁମାନେ ଆଇନତଃ ଶିକ୍ଷା ଅଧିକାରକୁ ସୁରକ୍ଷା ଦେବାକୁ ଉତ୍ତରଦାୟୀ ଓ ଅନ୍ୟାନ୍ୟ ଶିକ୍ଷା ଅଂଶୀଦାରମାନଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟାବଳୀ ଓ ଦାୟିତ୍ୱ ବାଖ୍ୟା କରିବା ବିଧେୟ । ଏଥିରେ ସମ୍ବଳ ତ୍ୱରାନ୍ୱିତ, ରକ୍ଷଣାବେକ୍ଷଣ, ଭିତ୍ତିଭୂମି ବିକାଶ, ବାହ୍ୟ ସଂସ୍ଥା ସହିତ ସମନ୍ୱୟ ଓ ଅନ୍ୟ କ୍ଷେତ୍ର-ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ସଫାସୁତୁରା, ପୃଷ୍ଟିସାଧନ, ଜଳଯୋଗାଣ ଓ ପରିମଳ ଦାୟିତ୍ୱ ମଧ୍ୟ ରହିପାରେ ।

କାର୍ଯ୍ୟାନୁଷ୍ଠାନ ଯୋଜନାରେ ନିୟମିତ ଗୋଷ୍ଠୀ ନିରୀକ୍ଷଣ ଓ ଆକଳନ ଅନ୍ତର୍ଭୂକ୍ତ ହେବା ଉଚିତ୍ । ଏହା ଦ୍ୱାରା ଗୋଷ୍ଠୀର ଅଂଶଗ୍ରହଣ ବ୍ୟାପକ ହୋଇପାରିବ (ସମନ୍ୱୟ ସାଧାରଣମାନ-୧, ବିଶ୍ଳେଷଣ ସାଧାରଣମାନ-୧, ମାର୍ଗଦର୍ଶୀକା ଟିପ୍ପଣୀ ୩, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀ ସାଧାରଣମାନ-୨, ଶିକ୍ଷାନୀତି ସାଧାରଣମାନ-୧, ମାର୍ଗଦର୍ଶିକା ଟିପ୍ପଣୀ-୬, ଶିକ୍ଷାନୀତି ସାଧାରଣମାନ-୨, ସାଧାରଣମାନ-୩ ଏବଂ ଜଳଯୋଗାଣ, ପରିମଳ, ସଫାସୁତରା ପ୍ରୋତ୍ସାହନ, ଖାଦ୍ୟ ସୁରକ୍ଷା, ପୁଷ୍ଟିସାଧନ ଓ ସ୍ୱାସ୍ଥ୍ୟକାର୍ଯ୍ୟ ଅଧ୍ୟାୟଗୁଡ଼ିକରେ ସ୍ଫିୟର୍ ସାଧାରଣ ମାନଦଣ୍ଡ ମଧ୍ୟ ଦେଖନ୍ତୁ ।)

**୫. ଶିଶୁ କାର୍ଯ୍ୟକ୍ରମରେ ଶିଶୁ ଓ ଯୁବବର୍ଗର ଅଂଶଗ୍ରହଣ :** ଶିକ୍ଷା ବ୍ୟବସ୍ଥାର ବିକାଶ ଓ ପରିଚାଳନା ସହ ଯେଉଁ ବିଷୟ ଗୁଡ଼ିକ ଶିଶୁ ଓ ଯୁବବର୍ଗର ଜୀବନକୁ ପ୍ରଭାବିତ କରେ, ତାହା ଶୁଣାଯିବାର ଅଧିକାର ସେମାନଙ୍କର ରହିଛି । ସେମାନଙ୍କୁ ଏକ ସୁରକ୍ଷିତ, ନିରାପଦ ଓ ସ୍ୱାଗତଯୋଗ୍ୟ ପରିବେଶର ଆଲୋଚନାରେ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯିବା ଉଚିତ୍ । ଯାହା ଏକ ଗଠନମୂଳକ ଆଲୋଚନାକୁ ତ୍ୱରାନ୍ୱିତ କରିବ । ଶିଶୁ ଓ ଯୁବବର୍ଗଙ୍କୁ ସେମାନଙ୍କ ଭାବର ପ୍ରକାଶ ପାଇଁ ସାଂସ୍କୃତିକ ଭାବେ- କଳା, ସଂଗୀତ ଓ ନାଟକକୁ ବ୍ୟବହାର କରାଯାଇ ପାରିବ । (ଶିକ୍ଷାନୀତି ସାଧାରଣମାନ ୧, ମାର୍ଗଦର୍ଶୀକା ଟିପ୍ପଣୀ ୧ ଓ ୬ ଦେଖନ୍ତୁ)

ଶିଶୁ ଓ ଯୁବବର୍ଗ କିପରି ନିଜର ଏବଂ ସେମାନଙ୍କ ପରିବାର ଓ ସମବୟସ୍କଙ୍କୁ ଆବେଗିକ ଓ ସାମଜିକ ସୁସ୍ଥତା, ସୁରକ୍ଷା ଓ ସହାୟତା ଦେଇପାରିବେ ସେ ନେଇ ସେମାନଙ୍କୁ ତାଲିମ୍ ଦିଆଯିବା ଉଚିତ୍ । ଜରୁରୀକାଳୀନ ସ୍ଥିତି ପରେ ଯିଏ ବିଦ୍ୟାଳୟରେ ନାହାନ୍ତି ସେମାନଙ୍କୁ ଚିହ୍ନଟ କରିବାରେ ଓ ସେମାନଙ୍କ ଉପସ୍ଥାନ ବୃଦ୍ଧି କରାଇବାରେ ଶିଶୁ ଓ ଯୁବବର୍ଗଙ୍କ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ସେମାନେ ମଧ୍ୟ ନିଜ ସମବୟସ୍କ ପିଲା ଯେଉଁ ମାନେ ଆହତ ହୋଇଥା'ନ୍ତି ଅବା ଯେଉଁମାନେ ଭିନ୍ନକ୍ଷମ ସେମାନଙ୍କ ନିକଟରେ ଶିକ୍ଷାଗତ ସୁବିଧାମାନ ପହଞ୍ଚାଇବାରେ ସହଯୋଗ କରିପାରିବେ । ଶାନ୍ତିପ୍ରତିଷ୍ଠା ତଥା ବିପର୍ଯ୍ୟୟ ଏବଂ ସଂଘର୍ଷର ମୂଳକାରଣଗୁଡ଼ିକ ସମାଧାନ କରିବା

ସହିତ ସକରାତ୍ମକ ପରିବର୍ତ୍ତନ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ସେମାନଙ୍କ ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେବା ଉଚିତ । ଉଦାହରଣ ସ୍ୱରୂପ- ତାଲିମ ଦ୍ୱାରା ଶିଶୁ ଓ ଯୁବବର୍ଗ ଶୈକ୍ଷିକ ପରିବେଶ ମଧ୍ୟରେ ହେଉଥିବା ବ୍ୟବହାରର ସୂଚନା ଦେଇପାରିବେ ଓ ତାହାର ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ସମବୟସ୍କଙ୍କ ମଧ୍ୟରେ ମଧ୍ୟସ୍ଥତା କିମ୍ବା ସଂଘର୍ଷ / ଦ୍ୱନ୍ଦ୍ୱ ସମାଧାନ କରିପାରିବେ । (ନିମ୍ନରେ ମାର୍ଗଦର୍ଶିକା ଟିପ୍ପଣୀ-୭ ଦେଖନ୍ତୁ; ଉପଲବ୍ଧ ଓ ଶୈକ୍ଷିକ ପରିବେଶ ସାଧାରଣମାନ ୨; ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ ସାଧାରଣମାନ-୩, ମାର୍ଗଦର୍ଶିକା ଟିପ୍ପଣୀ-୫, ୬ ଦେଖନ୍ତୁ)

ବିଭିନ୍ନ କାମ ଯଥା- ସମଗ୍ରୀ ବଣ୍ଟନ କିମ୍ବା ବାସସ୍ଥଳୀ ନିର୍ମାଣ ଯୁବବର୍ଗଙ୍କ ଗୋଷ୍ଠୀ ପାଇଁ ଉପାଦେୟ ହେଉଥିବା କାର୍ଯ୍ୟାବଳୀର ଯୋଜନା ପ୍ରସ୍ତୁତି ଓ ପ୍ରଣୟନରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପ୍ରଦାନ କରିପାରିବ । ଏଭଳି ଅଂଶଗ୍ରହଣ କରିବା ଦ୍ୱାରା ଅପରାଧିଗୋଷ୍ଠୀ ବା ସଂଗଠନରେ ସାମିଲ୍ ନ ହୋଇ ଏକ ସକାରାତ୍ମକ ବିକଳ୍ପ ପାଇଥାନ୍ତି । ଏଭଳି ଅଂଶଗ୍ରହଣ ମାଧ୍ୟମରେ ଦୃଢ଼ମନସ୍ତାତ୍ତ୍ୱିକ ସୁଫଳମିଳେ ଓ ଯୁବବର୍ଗର ଏଭଳି ଅବଦାନକୁ ଗୋଷ୍ଠୀ ପ୍ରଶଂସା କରିବାରେ ସହାୟକ ହୁଏ । ଶିକ୍ଷା କାର୍ଯକ୍ରମ ଗୁଡ଼ିକର ଯୋଜନା, ନିରୀକ୍ଷଣ ଏବଂ ମୂଲ୍ୟାୟନରେ ବିଶେଷ କରି କୌଶଳ ଓ ଜୀବନ ଜୀବିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୁବବର୍ଗର ଅଂଶଗ୍ରହଣ ଏହି କାର୍ଯ୍ୟକ୍ରମ ଗୁଡ଼ିକର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତା ପୁରଣକୁ ସୁନିଶ୍ଚିତ କରାଏ । ଝିଅ ଓ ଯୁବତୀମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବା ଦିଗରେ ସ୍ୱତନ୍ତ୍ର ଉଦ୍ୟମ ହେବା ଉଚିତ୍ । ଫଳରେ ସେମାନଙ୍କର ସ୍ୱର ନିଶ୍ଚିତ ଶୁଣାଯାଇପାରିବ । କାରଣ ସେମାନଙ୍କ ଶିକ୍ଷାରେ ପ୍ରବେଶ ଏବଂ ସେମାନଙ୍କର ଶୈକ୍ଷିକ ଆବଶ୍ୟକତା ସେମାନଙ୍କର ସମବୟସ୍କ ପିଲାମାନଙ୍କ ଠାରୁ ଭିନ୍ନ ହୋଇପାରେ । 'ଏନ୍.ଇ.ଇ.ପି. ନେଟ୍‌ୱାର୍କ ମିନିମମ୍ ଷ୍ଟାଣ୍ଡାର୍ଡ଼ ଫର ଇକୋନୋମିକ୍ ରିକୋଭରି ଆଫ୍‌ଟର୍ କ୍ରାଇସିସ୍', 'ଏମ୍ପ୍ଲୋଏମେଣ୍ଟ କ୍ରିଏସନ୍ ଷ୍ଟାଣ୍ଡାର୍ଡ଼ ଏବଂ ଏଣ୍ଟରପ୍ରାଇଜ୍ ଡେଭ୍‌ଲପ୍‌ମେଣ୍ଟ ଷ୍ଟାଣ୍ଡାର୍ଡ଼ସ୍' ମଧ୍ୟ ଦେଖନ୍ତୁ ।

**୬. ସାମାଜିକ ସମୀକ୍ଷା :** ସାମଜିକ ସମୀକ୍ଷା ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଗୋଷ୍ଠୀ ଭିତ୍ତିକ ମୂଲ୍ୟାୟନ ପାଇଁ ନିମ୍ନଲିଖିତ କାର୍ଯ୍ୟ ଆବଶ୍ୟକ ।

- କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଲୋକ, ପାଣ୍ଠି ଓ ଉପକରଣ ନିର୍ଦ୍ଧାରଣ କରିବା
- ବ୍ୟବଧାନ ଚିହ୍ନଟ କରିବା
- କାର୍ଯ୍ୟକ୍ରମର ସଫଳତା ନିରୀକ୍ଷଣ କରିବା ।

ଜରୁରୀକାଳୀନ ପରିସ୍ଥିତି ପ୍ରାରମ୍ଭରେ ଅବା ମଧ୍ୟ ଭାଗରେ ସାମାଜିକ ସମୀକ୍ଷା କରିବା ସବୁବେଳେ ସମ୍ଭବ ହୁଏ ନାହିଁ । ମାତ୍ର ଦୀର୍ଘକାଳୀନ ବିପର୍ଯ୍ୟୟ ଅବା ତତ୍କାଳ ପୁନଃର୍ଲାଭ ପୃଷ୍ଠଭୂମିରେ ସାମାଜିକ ସମୀକ୍ଷା ଗୋଷ୍ଠୀ ଦକ୍ଷତା ବୃଦ୍ଧି ସହ କାର୍ଯ୍ୟକ୍ରମ ଗୁଡ଼ିକ ଅଧିକ ଫଳପ୍ରଦ ଭାବରେ ନିରୀକ୍ଷଣ କରିବା ଓ ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ ସଂପର୍କରେ ଦଲିଲ୍ ପ୍ରସ୍ତୁତ କରିବା ପାଇଁ ସୁଯୋଗ ପ୍ରଦାନ କରେ । ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ ବିଶେଷକରି ଯୁବବର୍ଗ, ଯେଉଁମାନେ ଆନୁଷ୍ଠାନିକ ବା ଅଣଆନୁଷ୍ଠାନିକ ଭାବେ ଶିକ୍ଷାଗ୍ରହଣ କରିନଥିବେ ସେମାନଙ୍କ ପାଇଁ ଲାଭଦାୟକ ଅଟେ । ସାମାଜିକ ସମୀକ୍ଷାର ଫଳାଫଳ ଗୋଷ୍ଠୀର ସମସ୍ତ ସଦସ୍ୟ ଓ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ଅବଗତ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

**୭. ଦକ୍ଷତା ବୃଦ୍ଧି:** ଦକ୍ଷତା ବୃଦ୍ଧି, ଜ୍ଞାନ, କ୍ଷମତା, କୌଶଳ ଓ ବ୍ୟବହାରକୁ ଦୃଢ଼କରିବା ଯୋଗୁଁ ବ୍ୟକ୍ତି ଏବଂ ସଂଗଠନ ର ଲକ୍ଷ୍ୟ ହାସଲରେ ଏହା ସହାୟକ ହୋଇଥାଏ । ପ୍ରଭାବିତ ଲୋକମାନଙ୍କ ମଧ୍ୟରୁ ଶିକ୍ଷା ବିଶେଷଜ୍ଞ ଏପରିକି ଶିକ୍ଷକ, ଅନ୍ୟ ଶିକ୍ଷା କର୍ମଚାରୀ ଓ ପାଠ୍ୟକ୍ରମ ପ୍ରସ୍ତୁତ କରିପାରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବାରେ ସମସ୍ତ ପ୍ରକାର ଉଦ୍ୟମ କରାଯିବା ଉଚିତ୍, ଯେଉଁମାନେ କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତି ଓ ତାର ପ୍ରଣୟନରେ ସାମିଲ ହୋଇପାରିବେ । ଯଦି ଆବଶ୍ୟକ ସଂଖ୍ୟକ ଆଞ୍ଚଳିକ ଶିକ୍ଷା ବିଶେଷଜ୍ଞ ମିଳିବେ ନାହିଁ ଅବା ଶିକ୍ଷା ବ୍ୟବସ୍ଥାକୁ (ପୁନଃ) ବ୍ୟବସ୍ଥିତ କରିବା ପାଇଁ ଲୋକମାନେ ସହାୟତା କରିବାକୁ ଅସମର୍ଥ ବା ଇଚ୍ଛା ପ୍ରକାଶ କରନ୍ତି ନାହିଁ, ତାହେଲେ ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଉପଯୁକ୍ତ ହେବ । ଦୁର୍ବଳ ବର୍ଗ ସମେତ ଗୋଷ୍ଠୀର ପୁଅ ଓ ଝିଅ, ଯୁବଗୋଷ୍ଠୀ ଓ ବୟସ୍କମାନଙ୍କର ଭିନ୍ନ ଭିନ୍ନ ଦକ୍ଷତା, ଆବଶ୍ୟକତା ଓ ପ୍ରତିକ୍ରିୟାକୁ ଆକଳନ ସମୟରେ ପରିକ୍ଷଣ କରାଯିବା ଉଚିତ୍ । ତାଲିମ୍ ଓ ଦକ୍ଷତା ବୃଦ୍ଧି ପାଇଁ ହେଉଥିବା ଆବଶ୍ୟକତା ଓ ସେଗୁଡ଼ିକୁ ପୁରଣ କରିବାର ଉପାୟମାନ ଚିହ୍ନଟ କରିବାରେ ଗୋଷ୍ଠୀର କ୍ଷମତା କେତେଦୂର ଅଛି ତାଲିମ୍ କାର୍ଯ୍ୟକ୍ରମରେ ଆକଳନ ହେବା ଉଚିତ୍ । ଏଭଳି କାର୍ଯାବଳୀ ମାଲିକାନାସତ୍ୱ ସୃଷ୍ଟିକରିବା ତଥା ଗୋଷ୍ଠୀ ଓ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ସମନ୍ୱୟରେ ଶିକ୍ଷାକାର୍ଯ୍ୟକ୍ରମକୁ ପ୍ରତିପାଳନ କରିବାରେ ସହାୟକ ହେବା ବିଧେୟ ।

## ଗୋଷ୍ଠୀ ଅଂଶଗ୍ରହଣ ସାଧାରଣମାନ : ସମ୍ବଳ

ଗୋଷ୍ଠୀ ସମ୍ବଳ ଚିହ୍ନଟ, ପ୍ରସ୍ତୁତି ଓ ବୟସ ଉପଯୋଗୀ ଶିକ୍ଷା ସୁଯୋଗମାନ କାର୍ଯ୍ୟକାରୀ କରିବା ବ୍ୟବସ୍ଥା ।

**ମୁଖ୍ୟ କାର୍ଯ୍ୟାବଳୀ:** (ମାର୍ଗଦର୍ଶୀକା ଟିପ୍ପଣୀ ସହିତ ପଢ଼ିବାକୁ ହେବ)

- ଗୁଣାତ୍ମକ ଶିକ୍ଷାର ଉପଲବ୍ଧିକୁ ଦୃଢ଼ କରିବା ପାଇଁ ଗୋଷ୍ଠୀ, ଶିକ୍ଷା କର୍ମଚାରୀ ଓ ଶିକ୍ଷାର୍ଥୀମାନେ ଆଞ୍ଚଳିକ ସମ୍ବଳ ଚିହ୍ନଟ ଓ ପ୍ରସ୍ତୁତ କରନ୍ତି । (ମାର୍ଗଦର୍ଶୀକା ଟିପ୍ପଣୀ ୧ –୩ ଦେଖନ୍ତୁ)
- ଶିକ୍ଷା କର୍ତ୍ତୃପକ୍ଷ, ସ୍ଥାନୀୟ ଗୋଷ୍ଠୀ ଓ ମାନବୀୟ ହିତ ଅଂଶୀଦାରମାନେ ଚଳନ୍ତି ଦକ୍ଷତା ଓ ଜ୍ଞାନକୁ ସ୍ୱୀକୃତି ଦିଅନ୍ତି ଓ ଏହି ଦକ୍ଷତା ଗୁଡ଼ିକର ଅଧିକ ବ୍ୟବହାର ପାଇଁ ଶିକ୍ଷା କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତି । (ମାର୍ଗଦର୍ଶୀକା ଟିପ୍ପଣୀ ୪–୫ ଦେଖନ୍ତୁ)
- ଗୋଷ୍ଠୀର ସମ୍ବଳକୁ ବ୍ୟବହାର କରି ଜାତୀୟ କର୍ତ୍ତୃପକ୍ଷ, ସ୍ଥାନୀୟ ଗୋଷ୍ଠୀ ଓ ମାନୀବୟ ହିତ ଅଂଶିଦାରମାନେ ଶିକ୍ଷାକୁ ବିକଶିତ କରନ୍ତି, କାର୍ଯ୍ୟରେ ଉପଯୋଗ କରନ୍ତି, ଯେଉଁଥିରେ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ସଂଘର୍ଷ/ଦ୍ୱନ୍ଦ୍ୱ ଦୂରୀକରଣ ଅନ୍ତର୍ଭୂକ୍ତ । (ମାର୍ଗଦର୍ଶୀକା ଟିପ୍ପଣୀ ୫ ଦେଖନ୍ତୁ)

### ମାର୍ଗଦର୍ଶୀକା ଟିପ୍ପଣୀ :

**୧.ଗୋଷ୍ଠୀରେ ଉପଲବ୍ଧ ସମ୍ବଳ :** ମାନବୀୟ, ଭୌତିକ, ଭାଷାଗତ, ଆର୍ଥିକ ଓ ଅନ୍ୟାନ୍ୟ ସମ୍ବଳ ଗୋଷ୍ଠୀ ସମ୍ବଳରେ ଅନ୍ତର୍ଭୂକ୍ତ । ଯେତେବେଳେ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ଯୋଜନା ଓ ନକ୍ସା ପ୍ରସ୍ତୁତ କରାଯାଏ, ସେତେବେଳେ ଗୋଷ୍ଠୀରେ ଉପଲବ୍ଧ ସମ୍ବଳକୁ ବିଚାରକୁ ନିଆଯିବା ସହିତ ସେଗୁଡ଼ିକ ଶିକ୍ଷା କ୍ଷେତ୍ରରେ କେତେଦୂର ଉପାଦେୟ ହୋଇପାରିବ ତାହା ବିଶ୍ଳେଷଣ କରାଯିବା ଉଚିତ୍ ।

ଗୋଷ୍ଠୀ ସମ୍ବଳ ଗୁଡ଼ିକ ଜାତୀୟ କର୍ତ୍ତୃପକ୍ଷଙ୍କ ଆଇନ୍ ଅନୁମୋଦନର ସ୍ଥାନ ନେଇ ପାରିବେ ନାହିଁ । ଗୋଷ୍ଠୀ ସମ୍ବଳ ଗୁଡ଼ିକ ସୁରକ୍ଷା, ପ୍ରବେଶ ଓ ଉଚ୍ଚ ମାନର ଶିକ୍ଷାଦାନ ଓ ଶିକ୍ଷାଗ୍ରହଣରେ ଉନ୍ନତି ଆଣିପାରିବ । ନିର୍ମାଣ ଉପାଦାନ ଓ ଶ୍ରମିକ ଯୋଗାଣ, ପ୍ରାକ୍ ବାଲ୍ୟ ବିକାଶ କେନ୍ଦ୍ର ଓ ଅନ୍ୟାନ୍ୟ ପଢ଼ା କେନ୍ଦ୍ରର ନିର୍ମାଣ, ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଉପାଦାନ ଓ ଶ୍ରମିକ ସହାୟତା ଯୋଗାଣ ଭୌତିକ ପରିବେଶକୁ ଏହାର ଅବଦାନ ଅଟେ । ଶିକ୍ଷାର୍ଥୀ ଓ ଶିକ୍ଷକ, ଶିକ୍ଷା ସହାୟକ, ଶିକ୍ଷାର୍ଥୀଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ମନସ୍ତାତ୍ତ୍ୱିକ ଓ ସାମାଜିକ ସହାୟତା ପ୍ରଦାନ କରିବା ହେଉଛି ସୁରକ୍ଷା ଦେବା ତଥା ଆବେଗିକ, ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ବୃଦ୍ଧି ଦିଗରେ ଅବଦାନ ଅଟେ । ଦରମା ଓ ଅନ୍ୟାନ୍ୟ ଭତ୍ତା ମାଧ୍ୟମରେ ଶିକ୍ଷକମାନଙ୍କୁ ଉତ୍ସାହିତ କରାଯାଇ ପାରିବ । ସ୍ୱଚ୍ଛତା ରକ୍ଷାକରିବା ଓ ଉତ୍ତରଦାୟିତ୍ୱ କୁ ବଜାୟ ରଖିବା ପାଇଁ ସଂଗୃହୀତ ସମ୍ବଳର ସମସ୍ତ ଦଲିଲ୍ ରହିବା ଦରକାର । ଶିଶୁମାନଙ୍କୁ ସେମାନଙ୍କ ଶାରୀରିକ ଦକ୍ଷତା

ଠାରୁ ଅଧିକ ଶାରୀରିକ ପରିଶ୍ରମ କରାଇ ସେମାନଙ୍କୁ ଯେପରି ଶୋଷଣ କରା ନ ଯାଏ ତାହା ଯାଞ୍ଚ ଦ୍ୱାରା ନିଶ୍ଚିତ ହେବା ଦରକାର । (ପ୍ରବେଶ ଓ ଶିକ୍ଷଣ ପରିବେଶ ସାଧାରଣମାନ ୨ , ପ୍ରବେଶ ଓ ଶିକ୍ଷଣ ପରିବେଶ ସାଧାରଣମାନ ୩, ମାର୍ଗଦର୍ଶୀକା ଟିପ୍ପଣୀ ୧-୪ ଏବଂ ଶିକ୍ଷାନୀତି ସାଧାରଣମାନ ୨ , ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ)

**୨. ବିଦ୍ୟାଳୟ ପ୍ରବେଶ ଓ ସୁରକ୍ଷାକୁ ପ୍ରୋତ୍ସାହନ:** ଦୁର୍ବଳବର୍ଗର ଶିଶୁ ଓ ଯୁବଗୋଷ୍ଠୀଙ୍କୁ ଚିହ୍ନଟ କରିବା ଓ ଯେପରି ସେମାନେ ନିୟମିତ ବିଦ୍ୟାଳୟକୁ ଆସିବେ ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ସେଥିନେଇ ଶିକ୍ଷା କର୍ତ୍ତୃପକ୍ଷ, ସ୍ଥାନୀୟ ଗୋଷ୍ଠୀ ଓ ମାନବହିତ ଅଂଶୀଦାରମାନେ ଗୋଷ୍ଠୀର ସଦସ୍ୟମାନଙ୍କୁ ଉତ୍ସାହିତ କରିବା ଉଚିତ୍ । ଉଦାହରଣ ସ୍ୱରୂପ ଗରୀବ ପରିବାରରୁ ଆସିଥିବା ଶିଶୁମାନଙ୍କୁ ମହିଳା ଓ ଯୁବଗୋଷ୍ଠୀମାନେ ପୋଷାକ ପ୍ରଦାନ କରିବା ଅବା ଶିଶୁ ମୁଖିଆ ପରିବାର ଗୁଡ଼ିକୁ ଖାଦ୍ୟ ଯୋଗାଇଦେବା । ଶିଶୁ ଓ ଯୁବବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ ପ୍ରାକ୍ ବାଲ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ଶିକ୍ଷା ସ୍ଥାନଗୁଡ଼ିକ ଯେପରି ସୁରକ୍ଷିତ ଓ ନିରାପଦ ହୋଇପାରିବ, ଗୋଷ୍ଠୀର ସଦସ୍ୟମାନେ ଶିକ୍ଷା କର୍ତ୍ତୃପକ୍ଷଙ୍କ ସହିତ ମିଶି କାର୍ଯ୍ୟକରିବା ଉଚିତ୍ । ବିଚ୍ଛିନ୍ନାଞ୍ଚଳ ଏବଂ ଉପାନ୍ତ ଅଞ୍ଚଳ ଗୁଡ଼ିକୁ ସୁରକ୍ଷିତ ପ୍ରବେଶ ତଥା ପରିବହନ ବ୍ୟବସ୍ଥାକୁ ସେମାନେ ସୁସଂଗଠିତ କରିପାରିବେ । ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କର ପ୍ରବେଶକୁ ସୁଗମ କରିବା ପାଇଁ ପ୍ରାକୃତିକ ପ୍ରତିବନ୍ଧକ ଗୁଡ଼ିକୁ ଦୂରକରିବା ଉଚିତ୍ । ଝିଅପିଲା ଓ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଉପସ୍ଥାନକୁ ପ୍ରୋତ୍ସାହିତ କରିବା ପାଇଁ ମହିଳାମାନେ ଶ୍ରେଣୀଗୃହ ସହାୟିକା ହିସାବରେ କାର୍ଯ୍ୟକରିପାରିବେ ବା ଉତ୍ପୀଡ଼ନରୁ ସୁରକ୍ଷା ଦେଇପାରିବେ । ସାଂସ୍କୃତିକ ବା ସୁରକ୍ଷା କାରଣରୁ ଯେତେବେଳେ ଯୁବଗୋଷ୍ଠୀ ଅଳ୍ପବୟସ ପିଲାମାନଙ୍କ ସହ ପଢ଼ିବାକୁ ନ ଆସନ୍ତି; ସେତେବେଳେ ଗୋଷ୍ଠୀ ସହପାଠୀ ଶିକ୍ଷା, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଓ ତାଲିମ୍ ଏବଂ କ୍ଷୁଦ୍ର ବ୍ୟବସାୟ ବିକାଶ ତାଲିମ୍ ଭଳି ଅଣ ଅନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମକୁ ସମର୍ଥନ କରି ସଂଗଠିତ କରିପାରିବେ । ବିପର୍ଯ୍ୟୟ ଆଶଙ୍କା ହ୍ରାସ ଶିକ୍ଷା ଓ ଗୋଷ୍ଠୀ ପ୍ରତିକ୍ରିୟା ପ୍ରସ୍ତୁତି ର ବିକାଶ, ଉପଯୋଗ ଓ ସୂଚନା ଆଦାନ ପ୍ରଦାନ ନେଇ ଗୋଷ୍ଠୀର ସମ୍ବଳକୁ ବ୍ୟବହାର କରାଯିବା ଉଚିତ୍ । (ନିମ୍ନରେ ମାର୍ଗଦର୍ଶୀକା ଟିପ୍ପଣୀ ୫, ପ୍ରବେଶ ଓ ଶିକ୍ଷଣ ପରିବେଶ ସାଧାରଣମାନ ୨,୩ ଏବଂ ଏସ୍.ଇ.ଇ.ପି. ନେଟ୍ୱାର୍କ ମିନିମମ୍ ଷ୍ଟାଣ୍ଡାର୍ଡ଼ ଫର୍ ଇକୋନୋମିକ୍ ରିକୋଭରୀ ଆଫ୍‌ଟର୍‌କ୍ରାଇସିସ୍, ଉଦ୍ୟୋଗିକ ବିକାଶ ସାଧାରଣମାନ ଦେଖନ୍ତୁ)

**୩. ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତି :** ଦିର୍ଘସୂତ୍ରୀ କାର୍ଯ୍ୟକ୍ରମରେ ନିଜର ଭୂମିକା ଏବଂ ଦାୟିତ୍ୱ କଣ ହେବ ସେ ନେଇ ଶିକ୍ଷାକର୍ମଚାରୀ ଓ ଗୋଷ୍ଠୀଗୁଡ଼ିକ ତାଲିମ୍ ନେବା ଉଚିତ୍ ଏଥିରେ ସମ୍ବଳ ସଂଗ୍ରହ ଓ ପରିଚାଳନା, ବ୍ୟବସ୍ଥା ଗୁଡ଼ିକର ରକ୍ଷଣାବେକ୍ଷଣ, ଭିନ୍ନକ୍ଷମ ସଚେତନତା, ଶିଶୁ ଓ ଯୁବବର୍ଗର ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ସଂପର୍କରେ ତାଲିମ୍ ଅନ୍ତର୍ଭୁକ୍ତ ।

**୪. ଗୋଷ୍ଠୀର ଅବଦାନକୁ ସ୍ୱୀକୃତି:** ସମସ୍ତ ଯୋଜନା, କାର୍ଯ୍ୟକ୍ରମ ଓ ବିବରଣୀ ପ୍ରଦାନରେ ଗୋଷ୍ଠୀର ଅବଦାନ ସମ୍ବନ୍ଧୀୟ ସୂଚନା ଅନ୍ତର୍ଭୁକ୍ତ ହେବା ଉଚିତ୍ । ଶିକ୍ଷା ପ୍ରତିଷ୍ଠାରେ ଗୋଷ୍ଠୀର ଅବଦାନ ଯେପରିକି ନିର୍ମାଣ ଆଦି ଭୌତିକ କାର୍ଯ୍ୟ ସାମିଲ ଅଟେ । ସେଗୁଡ଼ିକ ଉଚ୍ଚମାନର ହୋଇପାରନ୍ତି । ମାତ୍ର ସ୍ଥାନୀୟ କୌଶଳ ଭଳି ସଂଖ୍ୟାରେ ସେମାନଙ୍କୁ ଗଣାଯାଇ ପାରିବ ନାହିଁ । ଗୋଟିଏ ଦୃଢ଼ ଗୋଷ୍ଠୀ ଅବଦାନ ମାଲିକାନାକୁ ସଂକେତ କରେ ଏବଂ ତାହା ଦୀର୍ଘସୂତ୍ରୀ ସହଯୋଗୀ ସାବ୍ୟସ୍ତ କରିଥାଏ । ତେବେ ଚାଲିଆସୁଥିବା ବାହ୍ୟ ସମର୍ଥନ ଗୋଷ୍ଠୀର ଏଭଳି ଅବଦାନ ଉପରେ ନିର୍ଭରଶୀଳ ହେବା ଉଚିତ୍ ନୁହେଁ । ଶିକ୍ଷା ର ଆଇନତଃ ଦାୟିତ୍ୱ ଜାତୀୟ କର୍ତ୍ତୃପକ୍ଷଙ୍କ ହାତରେ ନ୍ୟସ୍ତ । ଯୁବବର୍ଗଙ୍କର ସମବୟସ୍କ ଶିକ୍ଷା, ଗୋଷ୍ଠୀକୁ ପ୍ରସ୍ତୁତ କରିବା ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଓ ଅବଦାନକୁ ଉତ୍ସାହିତ କରାଯିବା ଏବଂ ସ୍ୱୀକୃତି ଦିଆଯିବା ଉଚିତ୍ । ବିଶେଷକରି ଯୋଜନାର ରୂପରେଖ ଓ ଆବଶ୍ୟକତା ନିର୍ଦ୍ଧାରଣ ସମୟରେ ଯୁବବର୍ଗଙ୍କର ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ।

**୫. ସ୍ଥାନୀୟ ଦକ୍ଷତା:** ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ସଂଘର୍ଷ / ଦ୍ୱନ୍ଦ୍ୱ ଦୂରୀକରଣ ପାଇଁ ଶିକ୍ଷାର ବିକାଶ ଓ ବଣ୍ଟନ ସ୍ଥାନୀୟ କୌଶଳ ଓ ଦକ୍ଷତା ଉପରେ ପର୍ଯ୍ୟବେଶିତ ହେବା ସହ ଏହାକୁ ସକାରାତ୍ମକ ଭାବେ ଦୃଢ଼ୀଭୁତ କରିବା ଉଚିତ୍ ।

ଗୋଟିଏ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ବର୍ଗଙ୍କୁ ଉପଯୋଗ ତଥା ଅଂଶଗ୍ରହଣ କରିବାର ସୁଯୋଗ ନ ମିଳିଲେ ତାହା ଶିକ୍ଷା କାର୍ଯ୍ୟ ଉପରେ ପ୍ରଭାବ ପକାଇବ ଏବଂ ଗୋଷ୍ଠୀକୁ ଅଲଗା ବା ଭାଗ ଭାଗ କରିଦେଇ ପାରେ । କୌଣସି ବ୍ୟକ୍ତି ବା ବର୍ଗର ଯଦି ଶିକ୍ଷା କାର୍ଯ୍ୟକ୍ରମ ପ୍ରତି ଅବଦାନ ଥାଏ, ତେବେ ସେମାନଙ୍କ ପ୍ରତି ଅନୁଗ୍ରହ ଦେଖାଇବା ଉଚିତ୍ ନୁହେଁ । ଯାହାକି ଅବଦାନ ନଥିବା ବ୍ୟକ୍ତି ବା ଦଳକୁ କ୍ଷତି ପହଞ୍ଚାଇଥାଏ । ଯେଉଁମାନେ ଅବଦାନ ଦେବା ପାଇଁ ଅନିଚ୍ଛୁକ, ସେମାନଙ୍କ ପ୍ରତି ପକ୍ଷପାତିତା କରାଯିବା ଉଚିତ୍ ନୁହେଁ । (ବିଶ୍ଳେଷଣ ସାଧାରଣମାନ ୧, ମାର୍ଗଦର୍ଶୀକା ଟିପ୍ପଣୀ ୩ ଏବଂ ଶିକ୍ଷାନୀତି ସାଧାରଣମାନ ୧, ମାର୍ଗଦର୍ଶୀକା ଟିପ୍ପଣୀ ୬ ମଧ୍ୟ ଦେଖନ୍ତୁ ।)

## ସମନ୍ୱୟ ସାଧାରଣମାନ-୧ : ସମନ୍ୱୟ

ଶିକ୍ଷା ପାଇଁ ସମନ୍ୱୟ ବ୍ୟବସ୍ଥା ରହିଛି ଓ ଏହା ଗୁଣାତ୍ମକ ଶିକ୍ଷାରେ ପ୍ରବେଶ ଓ ପ୍ରଚଳନ ଦିଗରେ କାମ କରୁଥିବା ଅଂଶୀଦାରମାନଙ୍କୁ ସହାୟକ ହୁଏ ।

**ମୁଖ୍ୟ କାର୍ଯ୍ୟାବଳୀ :** (ମାର୍ଗଦର୍ଶୀକା ଟିପ୍ପଣୀ ସହିତ ପଢ଼ନ୍ତୁ)

- ଯେଉଁ ଶିକ୍ଷା କର୍ତ୍ତୃପକ୍ଷମାନେ ଶିକ୍ଷା ଅଧିକାରକୁ ସଫଳ କରିବା ପାଇଁ ଦାୟୀ, ସେମାନେ ଅନ୍ୟ ଶିକ୍ଷା ଅଂଶିଦାରମାନଙ୍କ ସହ ମିଶି ସମନ୍ୱୟ ପ୍ରକ୍ରିୟାରେ ଆବାହନ ଓ ଅଂଶଗ୍ରହଣ କରିବା ସହ ଶିକ୍ଷା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥାନ୍ତି । (ମାର୍ଗଦର୍ଶୀକା ଟିପ୍ପଣୀ ୧ ଦେଖନ୍ତୁ) ।
- ଏକ ଆନ୍ତଃ-ସଂସ୍ଥା ସମନ୍ୱୟ କମିଟି ମୂଲ୍ୟନିର୍ଦ୍ଧାରଣ, ଯୋଜନା ପ୍ରସ୍ତୁତି, ସୂଚନା ପରିଚାଳନା, ସମ୍ବଳ ପ୍ରସ୍ତୁତି, ଦକ୍ଷତା ବିକାଶ ଓ ପକ୍ଷ ପୋଷକ ମଧ୍ୟରେ ସମନ୍ୱୟ ରକ୍ଷା କରେ । (ମାର୍ଗଦର୍ଶୀକା ଟିପ୍ପଣୀ ୧ ଦେଖନ୍ତୁ)
- ସମନ୍ୱୟ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ତରର ଓ ବିଭିନ୍ନ ପ୍ରକାରର ଶିକ୍ଷା ବିଚାରକୁ ନିଆଯାଏ । (ମାର୍ଗଦର୍ଶୀକା ଟିପ୍ପଣୀ ୧ ଦେଖନ୍ତୁ)
- ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ସମର୍ଥନ କରିବା ପାଇଁ ଶିକ୍ଷା କର୍ତ୍ତୃପକ୍ଷ, ଦାତା, ଜାତିସଂଘ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, ଗୋଷ୍ଠୀ ଓ ଅନ୍ୟ ଅଂଶୀଦାରମାନେ ସମୟୋଚିତ, ସ୍ୱଚ୍ଛ, ଯଥାର୍ଥ ଓ ସମନ୍ୱିତ ଆର୍ଥିକ ଢ଼ାଞ୍ଚା ବ୍ୟବହାର କରନ୍ତି । (ମାର୍ଗଦର୍ଶୀକା ଟିପ୍ପଣୀ ୨ ଦେଖନ୍ତୁ)
- ସମନ୍ୱୟ କମିଟି ଏବଂ ସମସ୍ତ ଦଳ ମଧ୍ୟ ଯୋଜନା ଓ ସମନ୍ୱୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟକୁ ଆଦାନ ପ୍ରଦାନ କରିବା ପାଇଁ ସ୍ୱଚ୍ଛ ପ୍ରଣାଳୀ ଉପଲବ୍ଧ । (ମାର୍ଗଦର୍ଶୀକା ଟିପ୍ପଣୀ ୩-୪ ଦେଖନ୍ତୁ).
- ଦକ୍ଷତା ଓ ଶିକ୍ଷା କାର୍ଯ୍ୟକ୍ରମରେ ଥିବା ତୃଟି ଚିହ୍ନଟ ପାଇଁ ଯୁଗ୍ମ ଆକଳନ କରାଯାଏ । (ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ)
- ସଫଳତା ପାଇବା ପାଇଁ ସମସ୍ତ ଅଂଶୀଦାରମାନେ ସମାନତା, ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱ ନୀତିକୁ ଅବଲମ୍ବନ କରନ୍ତି । (ମାର୍ଗଦର୍ଶୀକା ଟିପ୍ପଣୀ ୫-୬ ଦେଖନ୍ତୁ)

### ମାର୍ଗଦର୍ଶୀକା ଟିପ୍ପଣୀ:

**୧. ଏକ ଆନ୍ତଃ-ସଂସ୍ଥା ସମନ୍ୱୟ କମିଟି :** ଶିକ୍ଷା କାର୍ଯ୍ୟକ୍ରମରେ ସମନ୍ୱୟ ରକ୍ଷା କରୁଥିବା ଏକ ଆନ୍ତଃ-ସଂସ୍ଥା ସମନ୍ୱୟ କମିଟିର ପ୍ରତିନିଧିତ୍ୱ ବ୍ୟାପକ ହେବା ଉଚିତ୍ । ଜାତୀୟ ଶିକ୍ଷା ସଂସ୍ଥା ନେତୃତ୍ୱ ଯୋଗାଇଦେବା ଉଚିତ୍ କିନ୍ତୁ ସ୍ଥାନୀୟ କର୍ତ୍ତୃପକ୍ଷ ଓ ଗୋଷ୍ଠୀ ଗୁଡ଼ିକର ସଠିକ୍ ଭାବରେ ପ୍ରତିନିଧିତ୍ୱ ରହିବା ଉଚିତ୍ । ଯେଉଁଠାରେ ଶିକ୍ଷା

କର୍ତ୍ତୃପକ୍ଷଙ୍କର ଦକ୍ଷତା ବା ନାର୍ଯ୍ୟତା ନଥାଏ ସେଠାରେ ନେତୃତ୍ୱର ଭାର ଚୁକ୍ତି ମାଧ୍ୟମରେ ବିଭିନ୍ନ ସଂସ୍ଥାକୁ ଦିଆଯାଇପାରେ । କାର୍ଯ୍ୟରତ କୌଶଳ ଏକ ଶିକ୍ଷା ସମନ୍ୱୟ ଗୋଷ୍ଠୀ ଏହି ଦାୟିତ୍ୱ ନେବା ଉଚିତ୍ କିମ୍ବା ଯଦି ଆଇ.ଏ.ଏସ୍.ସି.ର କ୍ଲଷ୍ଟର ବା ପୁଞ୍ଜ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୁଏ ତେବେ ଗୋଟିଏ ଶିକ୍ଷା ପୁଞ୍ଜ ବା କ୍ଲଷ୍ଟର ଗଠିତ ହେବା ଉଚିତ୍ । ତେବେ ପ୍ରଯୁଜ୍ୟ ଶିକ୍ଷା କର୍ତ୍ତୃପକ୍ଷଙ୍କର ଜଣେ ପ୍ରତିନିଧି ସର୍ବଦା ନିଷ୍ପତ୍ତି ନେବା କାର୍ଯ୍ୟରେ ସଂପୃକ୍ତ ରହିବା ଉଚିତ୍ । ବିପର୍ଯ୍ୟୟର ସ୍ୱରୂପ ଅନୁସାରେ ଜାତୀୟ ଓ ଆଂଚଳିକ ସ୍ତରରେ ସମନ୍ୱୟ ଦଳର ଆବଶ୍ୟକତା ହୋଇପାରେ । ସର୍ତ୍ତ ନିର୍ଦ୍ଦେଶାବଳୀରେ ଗୋଷ୍ଠୀ ପାଇଁ ସଦସ୍ୟମାନଙ୍କର ଭୂମିକା ଓ ଦାୟିତ୍ୱ ସଂପର୍କରେ ଉଲ୍ଲେଖ କରାଯିବା ଉଚିତ୍ । (ଶିକ୍ଷାନୀତି ପଦ୍ଧତି ୨, ମାର୍ଗଦର୍ଶୀକା ଟିପ୍ପଣୀ ୩ ଦେଖନ୍ତୁ)

ପ୍ରାକ୍ ବାଲ୍ୟବିକାଶ, ପ୍ରାଥମିକ, ମାଧ୍ୟମିକ, ଅଣଆନୁଷ୍ଠାନିକ, ବୈଷୟିକ, ଧନ୍ଦାମୂଳକ, ଉଚ୍ଚଶିକ୍ଷା ଓ ପ୍ରୌଢ଼ଶିକ୍ଷା ସମେତ ସବୁସ୍ତର ଓ ସବୁପ୍ରକାରର ଶିକ୍ଷାକୁ ସମନ୍ୱୟ କାର୍ଯ୍ୟକ୍ରମରେ ବିଚାରକୁ ନିଆଯିବା ଉଚିତ୍ ।

**୨. ସମ୍ବଳ ପ୍ରସ୍ତୁତିକରଣ :** ଜରୁରୀ ଅବସ୍ଥାରୁ ପୁନଃର୍ଲାଭ ପର୍ଯ୍ୟନ୍ତ ଗୁଣାତ୍ମକ ଶିକ୍ଷା କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ଓ ସମୟ ଉପଯୋଗୀ କାର୍ଯ୍ୟକାରିତା ପାଇଁ ଯଥେଷ୍ଟ ପରିମାଣର ପାଣ୍ଠିର ଆବଶ୍ୟକତା ରହିଥାଏ । ଅର୍ଥପରିଚାଳନାରେ ୟୁ.ଏନ୍ ପ୍ଲାସ୍ ଅପିଲ୍ସ୍ ଓ କନ୍ସୋଲିଡେଟେଡ୍ ଆପିଲ୍ସ୍ ପ୍ରସେସେସ୍ ପ୍ରକ୍ରିୟା ସହ ସମଷ୍ଟିଗତ, ସ୍ୱଚ୍ଛ ଓ ସମନ୍ୱିତ ପନ୍ଥା ଅବଲମ୍ବନ କରିବାକୁ ସବୁ ପ୍ରକାର ଉଦ୍ୟମ ହେବା ଉଚିତ୍ । ଉତ୍କଟ ଜରୁରୀକାଳୀନ ସ୍ଥିତିରେ ଜାତିସଂଘ କେନ୍ଦ୍ରୀୟ ଜରୁରୀକାଳିନ କାର୍ଯ୍ୟକ୍ରମ ପାଣ୍ଠି ଓ ଅନ୍ୟାନ୍ୟ ଜରୁରୀକାଳିନ କାର୍ଯ୍ୟକ୍ରମ ଶିକ୍ଷାପାଇଁ ଅର୍ଥ ଯୋଗାଇ ଦେଇପାରନ୍ତି । ସ୍ଥାନୀୟ ଅଂଶିଦାରମାନେ ସଂମ୍ବଳ ପାଇବା ରାସ୍ତା ସୁଗମ କରିବା ଉଚିତ୍ ।

ଜରୁରୀକାଳୀନ ଅର୍ଥସଂଗ୍ରହ ବେଳେ ଜାତୀୟ ଓ ଆଞ୍ଚଳିକ ଶ୍ରମ ବଜାରର ସ୍ଥିତି ଓ ପରମ୍ପରାକୁ ବିଚାରକୁ ନିଆଯିବା ଉଚିତ୍ ଓ ଦୃଷ୍ଟାନ୍ତ ସୃଷ୍ଟି କରିବାକୁ ଏଡାଇ ଦିଆଯିବା ଦରକାର, ଯାହାକୁ ଚାଲୁ ରଖାଯାଇପାରିବ ନାହିଁ । ରାଜନୈତିକ ସମୀକ୍ଷା ଅନୁଯାୟୀ ବିଶେଷକରି ଦ୍ୱନ୍ଦ୍ୱ ସ୍ଥିତିରେ ବିଭାଜନ ଏଡାଇବା ପାଇଁ ସମ୍ବଳ ଯୋଗାଣ ଆବଶ୍ୟକ । ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମଚାରୀମାନଙ୍କୁ କ୍ଷତିପୂରଣ ସହିତ ଅନ୍ୟାନ୍ୟ ଶିକ୍ଷା ପାଉଣା ଓ ଫି ଦେବା ନେଇ ଗୋଟିଏ ସମନ୍ୱୟ ନୀତି ଜରୁରୀ । ସହାୟତା କାର୍ଯ୍ୟକ୍ରମକୁ ବଜାୟ ରଖିବା ପାଇଁ ଜରୁରୀକାଳୀନ ଅର୍ଥ ପରିଚାଳନା ଦୀର୍ଘସୂତ୍ରୀ ଆର୍ଥିକ ପରିଚାଳନା ସହ ସୁସଂଗତ ହେବା ଉଚିତ୍ (ଉଦାହରଣ ସ୍ୱରୂପ – ବହୁଦାତା ନ୍ୟାସ ପାଣ୍ଠି କିମ୍ବା ସଂଗୃହିତ ପାଣ୍ଠି ବା ଜାତୀୟ ପାଣ୍ଠିରୁ ପ୍ରଦାନ ଭଳି ଆର୍ଥିକ ବିକାଶ ପ୍ରଣାଳୀ ଗୁଡ଼ିକ) ବିଶେଷ କରି ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଓ ତାଲିମ୍ ପାଇଁ ଘରୋଇ କ୍ଷେତ୍ରରୁ ପାଣ୍ଠି ଉଠାଯିବା ଉଚିତ୍ । (ପ୍ରବେଶ ଓ ଶିକ୍ଷଣ ପରିବେଶ ସାଧାରଣମାନ-୨, ମାର୍ଗଦର୍ଶକ ଟିପ୍ପଣୀ-୮ ; ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀ ସାଧାରଣମାନ-୨, ମାର୍ଗଦର୍ଶୀକା ଟିପ୍ପଣୀ; ଶିକ୍ଷାନୀତି

ସାଧାରଣମାନ-୨, ମାର୍ଗଦର୍ଶୀକା ଟିପ୍ପଣୀ-୪, ଆଇ.ଏନ୍.ଇ.ଇ ଟୁଲ୍‌କିଟ୍‌ରେ ଥିବା ଶିକ୍ଷକଙ୍କ କ୍ଷତିପୂରଣ ମାର୍ଗଦର୍ଶୀକା ଟିପ୍ପଣୀ ଓ ଆଇ.ଏସ୍.ଇ.ଇ ରେଫରେନ୍ସ ଗାଇଡ୍ ଟୁ ଏକ୍ସଟରନାଲ୍ ଇଜୁକେସନ୍ ଫାଇନାନ୍‌ସିଂ : www.ineesite.org/toolkit ଏବଂ ସିପ୍ ନେଟ୍ ଓ୍ୱାର୍କ ମିନିମମ୍ ଷ୍ଟାଣ୍ଡାର୍ସ ଫର୍ ଇକ୍‌ନୋମିକ୍ ରିକୋଭରୀ ଆଫ୍ଟର କ୍ରାଇସିସ୍, ଆର୍ଥିକସେବା ସାଧାରଣମାନ ୫ : ସମନ୍ୱୟ ଏବଂ ସ୍ୱଚ୍ଛତାକୁ ଦେଖନ୍ତୁ ।)

**୩. ସୂଚନା ପରିଚାଳନା ଜ୍ଞାନ ପରିଚାଳନା ଅନ୍ତର୍ଭୁକ୍ତ ଅଟେ :**

- ଆବଶ୍ୟକତା, ଦକ୍ଷତା ଓ ପରିସରର ଆକଳନ
- ସୂଚନା ସଂଗ୍ରହ, ସଂରକ୍ଷଣ, ବିଶ୍ଳେଷଣ ଓ ସୂଚନା ଆଦାନ ପ୍ରଦାନ
- ନିରୀକ୍ଷଣ ଓ ମୂଲ୍ୟାୟନ
- ଭବିଷ୍ୟତରେ ଏହାର ବ୍ୟବହାର ପାଇଁ ଶିକ୍ଷାଦାନ

ପ୍ରଭାବଶାଳୀ ସୂଚନା ଓ ଜ୍ଞାନର ପରିଚାଳନା ବ୍ୟବସ୍ଥା ଜାତୀୟ ବ୍ୟବସ୍ଥା ଉପରେ ଗଢ଼ା ହୁଏ ଓ ବ୍ୟବସ୍ଥାକୁ ବିକଶିତ କରେ । ମାତ୍ର ଏହାକୁ ନକଲ କରାଯାଏ ନାହିଁ । ଜାତୀୟ ଓ ସ୍ଥାନୀୟ ଅଂଶିଦାରମାନଙ୍କ ସଂପୃକ୍ତି ଅତି ଜରୁରୀ ଯେଉଁମାନେ ଶିଶୁ ସୁରକ୍ଷା, ମାନସିକ ଓ ସାମାଜିକ ସମର୍ଥନ, ବାସସ୍ଥଳୀ, ଜଳ ଓ ପରିମଳ ସ୍ୱାସ୍ଥ୍ୟ ଓ ପ୍ରାକ୍ ପୂନର୍ଲାଭ କ୍ଷେତ୍ରରେ କାମ କରୁଛନ୍ତି । ସୂଚନା ଓ ଜ୍ଞାନ ପରିଚାଳନା ବ୍ୟବସ୍ଥାର ନକ୍ସା, ଜାତୀୟ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ ହେବା ସହ ସେମାନଙ୍କ ମାଲିକାନାରେ ରହିବା ଉଚିତ୍ । ଏବଂ ଏହା ଦୀର୍ଘସୂତ୍ରୀ ହେବା ଦରକାର । (ବିଶ୍ଳେଷଣ ସାଧାରଣମାନ - ୧, ମାର୍ଗଦର୍ଶୀକା ଟିପ୍ପଣୀ-୬, ବିଶ୍ଳେଷଣ ସାଧାରଣମାନ-୨, ମାର୍ଗଦର୍ଶୀକା ଟିପ୍ପଣୀ - ୬, ବିଶ୍ଳେଷଣ ସାଧାରଣମାନ-୩, ମାର୍ଗଦର୍ଶୀକା ଟିପ୍ପଣୀ-୩, ଶିକ୍ଷାନୀତି ସାଧାରଣମାନ -୧, ମାର୍ଗଦର୍ଶୀକା ଟିପ୍ପଣୀ ୫ ଏବଂ ସିପ୍ ନେଟ୍‌ଓ୍ୱାର୍କ ମିନିମମ୍ ଷ୍ଟାଣ୍ଡାର୍ଡସ୍ ଫର୍ ଇକୋନୋମିକ୍ ରିକୋଭରି ଆଫ୍ଟର୍ କ୍ରାଇସିସ୍, ସାଧାରଣମାନ-୬, ବ୍ୟାପକ ପ୍ରଭାବ ପାଇଁ ସମନ୍ୱିତ ଉଦ୍ୟମକୁ ଦେଖନ୍ତୁ ।)

**୪. ଯୁଗ୍ମ ଆକଳନ:** ଶିକ୍ଷା କାର୍ଯ୍ୟକ୍ରମରେ ଦକ୍ଷତା ଓ ରହିଯାଉଥିବା ତ୍ରୁଟିକୁ ଚିହ୍ନଟ କରିବା ପାଇଁ 'ଗ୍ଲୋବାଲ୍ ଏଜୁକେସନ୍ କ୍ଲଷ୍ଟରସ୍ ଜଏଣ୍ଟ ଏଜୁକେସନ୍', 'ନିଡ୍‌ସ୍ ଆସେସ୍‌ମେଣ୍ଟ ଟୁଲ୍‌କିଟ୍' ଅବା ପୂର୍ବରୁ ସ୍ଥିରିକୃତ ଆବଶ୍ୟକତା ଆକଳନ ଉପକରଣକୁ ବ୍ୟବହାର ଓ ଉପଯୋଗ କରାଯିବା ଉଚିତ୍ । ଏହି ଉପକରଣ ସବୁକୁ ବ୍ୟବହାର କରିବା ପାଇଁ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମକୁ ପ୍ରସ୍ତୁତି ଓ ଅପ୍ରତ୍ୟାଶିତ ଯୋଜନା କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯିବା ଉଚିତ୍ । ଯଦି ପ୍ରତ୍ୟେକ ଅଂଶୀଦାର ଶିକ୍ଷା ମୂଲ୍ୟାଙ୍କନ ବା ଆକଳନ କରନ୍ତି ତେବେ ସମନ୍ୱୟ କାର୍ଯ୍ୟକ୍ରମକୁ ସହାୟତା ପାଇଁ ସେମାନେ ସେମାନଙ୍କର ଉପଲବ୍ଧି ଓ ତଥ୍ୟକୁ ଶିକ୍ଷା କର୍ତ୍ତୃପକ୍ଷ ଓ ବିସ୍ତାରିତ ସମନ୍ୱୟ ଗୋଷ୍ଠୀକୁ ଅବଗତ କରାଇବା ଉଚିତ୍ । କେତେକ ଦେଶରେ ଏକ ବହୁ କ୍ଷେତ୍ରୀୟ ତତ୍କାଳ ଆକଳନ ବ୍ୟବସ୍ଥା

ରହିଛି, ଯେଉଁଥିରେ ଜରୁରୀ ପରିସ୍ଥିତିର ୪୮ ଘଣ୍ଟା ମଧ୍ୟରେ ଘଟିଥିବା ପ୍ରଶ୍ନଗୁଡ଼ିକ ଅନ୍ତର୍ଭୁକ୍ତ । ଯଦି ଏପରି ଘଟେ ତା ହେଲେ ଅନ୍ୟ କ୍ଷେତ୍ର ଯଥା : ସ୍ୱାସ୍ଥ୍ୟ, ଜଳ ଓ ପରିମଳ ଏବଂ ବାସସ୍ଥଳୀ ସହିତ ମଧ୍ୟ ସମନ୍ୱୟ ରଖିବାକୁ ହୁଏ । (ବିଶ୍ଳେଷଣ ସାଧାରଣମାନ-୧ , ମାର୍ଗଦର୍ଶୀକା ଟିପ୍ପଣୀ ୧-୮ ଦେଖନ୍ତୁ ।

**୫. ଉତ୍ତରଦାୟିତ୍ୱ :** ଯଦିଓ ପ୍ରତ୍ୟେକ ଅଂଶିଦାରଙ୍କର ନିଜସ୍ୱ ମତାଧିକାର ଅଛି, ମାତ୍ର ସମନ୍ୱୟ ଓ ସୂଚନା ଆଦାନ ପ୍ରଦାନରେ ଉତ୍ତର ଦାୟିତ୍ୱ କୁ ନେଇ ସମସ୍ତେ ଏକମତ ହେବା ଉଚିତ୍ । ଏହାର ଅର୍ଥ ସୂଚନା ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ କରିବା ଏବଂ କାର୍ଯ୍ୟପାଇଁ ଯୋଜନା ପ୍ରସ୍ତୁତ କରିବାରେ ଏହାକୁ ବ୍ୟବହାର କରିବା । ଯେଉଁଠି ଶିକ୍ଷା କାର୍ଯ୍ୟକ୍ରମରେ ଶୋଚନୀୟ ତ୍ରୁଟି ରହିଯାଏ ସେହିଠାରେ ଆଇ.ଏ.ଏସ୍.ସି ଶିକ୍ଷା ପୁଞ୍ଜ ଅବା ଅନ୍ୟ ସମନ୍ୱୟ ବ୍ୟବସ୍ଥା ଏହା ସୁନିଶ୍ଚିତ କରିବା ଉଚିତ୍ ଯେ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପୁରଣ ପାଇଁ ସଂପୃକ୍ତ ଅଂଶୀଦାରମାନେ ଉକ୍ତ ତୃଟିକୁ ସଂଶୋଧନ କରିପାରିଛନ୍ତି । ଶିକ୍ଷା କାର୍ଯ୍ୟର ଫଳାଫଳ ସମ୍ବନ୍ଧୀୟ ସୂଚନା ମୁକ୍ତ ଭାବରେ ଆଦାନ ପ୍ରଦାନ କରିବା ଦ୍ୱାରା ସମନ୍ୱିତ ନିରୀକ୍ଷଣ ଓ ମୂଲ୍ୟାୟନ ପ୍ରଭାବିତ ଲୋକଙ୍କ ପାଇଁ ଉତ୍ତରଦାୟିତ୍ୱକୁ ସୁଗମ କରିପାରିବ । କେଉଁଠାରେ ଅଧିକ କାମ କରିବାକୁ ପଡ଼ିବ ଦୃଷ୍ଟିଗୋଚରକୁ ଆଣି ଏହା ଆଇ.ଏନ୍.ଇ.ଇ ସର୍ବନିମ୍ନ ସାଧାରଣମାନଗୁଡ଼ିକ ଏବଂ ତତ୍ଜନିତ ମାନବୀୟ ନୀତିଗୁଡ଼ିକୁ ବ୍ୟବହାର କରିବାରେ ସହାୟକ ହେବ । ଜାତୀୟ ମାନବାଧିକାର ସଂସ୍ଥାଗୁଡ଼ିକ ସେମାନଙ୍କ ଜାତୀୟ କର୍ତ୍ତୃପକ୍ଷଙ୍କର ପ୍ରଭାବିତ ଲୋକମାନଙ୍କ ଶିକ୍ଷା ଅଧିକାର ପୁରଣ କରିବା ଦାୟିତ୍ୱକୁ ସୁଗମ ଓ ଅନୁଧ୍ୟାନ କରିଥାନ୍ତି । (ଶିକ୍ଷାନୀତି ସାଧାରଣମାନ-୨, ମାର୍ଗଦର୍ଶୀକା ଟିପ୍ପଣୀ-୫ ମଧ୍ୟ ଦେଖନ୍ତୁ ।)

**୬. ଫଳାଫଳ ଅଭିମୂଖୀ ପନ୍ଥା :** ଏହାର ଅର୍ଥ, ସମସ୍ତ ଅଂଶୀଦାର ଏହା ସୁନିଶ୍ଚିତ କରିବା ଦିଗରେ କାମ କରିବେ ଯେ, ଶିକ୍ଷା କାର୍ଯ୍ୟକ୍ରମ ସୁସମନ୍ୱିତ ହେବ ଓ ଏଥିରୁ ଆଶାତିତ ଫଳ ଉପଲବ୍ଧ ହେବ । ଶିକ୍ଷା କାର୍ଯ୍ୟକ୍ରମ ସମନ୍ୱୟର ନିରନ୍ତର, ନିରିକ୍ଷଣ ଓ ମୂଲ୍ୟାୟନ କରାଗଲେ ସମନ୍ୱୟରେ ରହିଯାଉଥିବା ତ୍ରୁଟିକୁ ତତ୍କ୍ଷଣାତ୍ ଚିହ୍ନଟ କରାଯାଇପାରିବ ଓ ତାର ସମାଧାନ କରାଯାଇପାରିବ । (ସମୀକ୍ଷା ସାଧାରଣମାନ ୩-୪ ମଧ୍ୟ ଦେଖନ୍ତୁ ।

## ବିଶ୍ଳେଷଣ ସାଧାରଣମାନ - ୧ : ଆକଳନ

ଜରୁରୀ ପରିସ୍ଥିତିରେ ସମୟ ଉପଯୋଗୀ ଶିକ୍ଷା ଆକଳନ ସମ୍ପୂର୍ଣ୍ଣତା, ସ୍ୱଚ୍ଛତା ଓ ଅଂଶଗ୍ରହଣ ମାଧ୍ୟମରେ କରାଯାଏ । ପ୍ରମୁଖ କାର୍ଯ୍ୟାବଳୀ (ମାର୍ଗଦର୍ଶୀକା ଟିପ୍ପଣୀ ସହିତ ପଢ଼ନ୍ତୁ)

**ମୁଖ୍ୟ କାର୍ଯ୍ୟାବଳୀ :** (ମାର୍ଗଦର୍ଶୀକା ଟିପ୍ପଣୀ ସହିତ ପଢ଼ନ୍ତୁ)

- ନିରାପତ୍ତା ଓ ସୁରକ୍ଷାକୁ ବିଚାରକୁ ନେଇ ଯେତେ ଶୀଘ୍ର ସମ୍ଭବ ଏକ ପ୍ରାରମ୍ଭିକ ତ୍ୱରିତ ଶିକ୍ଷା ଆକଳନ କରାଯିବା ଉଚିତ୍ । (ମାର୍ଗଦର୍ଶୀକା ଟିପ୍ପଣୀ ୧ ଦେଖନ୍ତୁ ।)
- ସମୀକ୍ଷାରେ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ କରାଯାଏ । ଏଥିରେ ଶିକ୍ଷାର ଉଦ୍ଦେଶ୍ୟ ଓ ପ୍ରାସଙ୍ଗିକତା ସଂପର୍କରେ ସ୍ଥାନୀୟ ଲୋକମାନଙ୍କ ମତ, ଶିକ୍ଷା ଉପଲବ୍ଧ କରାଇବାରେ ଥିବା ବାଧକ ଓ ଶୈକ୍ଷିକ ଆବଶ୍ୟକତା ଓ କାର୍ଯ୍ୟକ୍ରମର ପ୍ରାଥମିକତାକୁ ଚିହ୍ନଟ କରାଯାଏ । (ମାର୍ଗଦର୍ଶୀକା ଟିପ୍ପଣୀ ୨ ଦେଖନ୍ତୁ)
- ଜରୁରୀ ଅବସ୍ଥା ପୂର୍ବରୁ ବା ଜରୁରୀ ଅବସ୍ଥା ସମୟରେ ଶିକ୍ଷକ ଓ ଶିକ୍ଷା ପାଇଁ ସ୍ଥାନୀୟ ଦକ୍ଷତା, ସମ୍ବଳ ଓ କୌଶଳକୁ ଚିହ୍ନଟ କରାଯାଏ । (ମାର୍ଗଦର୍ଶୀକା ଟିପ୍ପଣୀ ୨-୫ ଦେଖନ୍ତୁ)
- ଶିକ୍ଷା କାର୍ଯ୍ୟକ୍ରମର ଯଥାର୍ଥତା, ପ୍ରାସଙ୍ଗିକତା ଓ ବିପଦ ତଥା ସଘର୍ଷ ବା ଦ୍ୱନ୍ଦ ପାଇଁ ଥିବା ସାମର୍ଥ୍ୟର ପ୍ରବଣତାକୁ ସୁନିଶ୍ଚିତ କରିବା ପାଇଁ ପୃଷ୍ଠଭୂମୀ ବିଶ୍ଳେଷଣ କରାଯାଏ । (ମାର୍ଗଦର୍ଶୀକା ଟିପ୍ପଣୀ ୩ ଦେଖନ୍ତୁ)
- ପ୍ରସ୍ତୁତି ଓ ତଥ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ପ୍ରଭାବିତ ଲୋକାମାନଙ୍କର ପ୍ରତିନିଧିମାନେ ଅଂଶଗ୍ରହଣ କରନ୍ତି । (ମାର୍ଗଦର୍ଶୀକା ଟିପ୍ପଣୀ ୨,୩,୫, ୭ ଓ ୮ ଦେଖନ୍ତୁ)
- ଶିକ୍ଷା ଆବଶ୍ୟକତା ଓ ଶିକ୍ଷାର ବିଭିନ୍ନ ସ୍ତର ଏବଂ ବିଭିନ୍ନ ପ୍ରକାରର ଶିକ୍ଷା ବ୍ୟବସ୍ଥା ପାଇଁ ସମ୍ବଳର ଏକ ସବିଶେଷ ଆକଳନରେ ପ୍ରମୁଖ ଅଂଶୀଦାରଗୁଡ଼ିକ ଅଂଶଗ୍ରହଣ କରିଥାନ୍ତି । (ମାର୍ଗଦର୍ଶୀକା ଟିପ୍ପଣୀ ୨ ରୁ ୭ ଦେଖନ୍ତୁ)
- ନକଲର ଉଦ୍ୟମକୁ ଏଡ଼ାଇବା ପାଇଁ ଏକ ଆନ୍ତଃ ସଂସ୍ଥା ସମନ୍ୱୟ କମିଟି ଅନ୍ୟାନ୍ୟ କ୍ଷେତ୍ର ଏବଂ ଉପଯୁକ୍ତ ଅଂଶୀଦାରମାନଙ୍କ ସହ ଆକଳନ କାମର ସମନ୍ୱୟ ରକ୍ଷା କରେ । (ମାର୍ଗଦର୍ଶୀକା ଟିପ୍ପଣୀ ୬ ଓ ୮ ଦେଖନ୍ତୁ)

### ମାର୍ଗଦର୍ଶୀକା ଟିପ୍ପଣୀ :

**୧. ପ୍ରାରମ୍ଭିକ ଆକଳନର ସମୟ :** ଏହା ଆକଳନ କରୁଥିବା ଦଳ ଓ ପ୍ରଭାବିତ ଲୋକଙ୍କ ନିରାପତ୍ତା ଓ ସୁରକ୍ଷାକୁ ବିଚାରକୁ ନେବା ଉଚିତ୍ । ଜରୁରୀ କାଳୀନ ସ୍ଥିତି ଉପୁଜିବା ପରେ ପରେ ଯେତେ ଶୀଘ୍ର ସମ୍ଭବ ଆକଳନ କରାଯିବା

ଉଚିତ୍ ଓ ଯେତେଦୂର ସମ୍ଭବ ସବୁ ପ୍ରକାର ଶିକ୍ଷାକୁ ସମସ୍ତ ପ୍ରଭାବିତ ସ୍ଥାନରେ ଆକଳନ କରାଯିବା ଉଚିତ୍ । ପ୍ରାରମ୍ଭିକ ଆକଳନ ପରେ ନିରୀକ୍ଷଣ ଓ ମୂଲ୍ୟାୟନ ଦ୍ୱାରା ନିୟମିତ ଭାବରେ ତଥ୍ୟଗୁଡ଼ିକୁ ଅନୁଧ୍ୟାନ କରାଯିବା ଉଚିତ୍ । ଏଥିରେ କାର୍ଯ୍ୟକ୍ରମର ସିଦ୍ଧି, ପ୍ରତିବନ୍ଧକ ଓ ଅପୂର୍ଣ୍ଣତା, ଦୂରୀକରଣର ଆବଶ୍ୟକତା ସଂପର୍କରେ ହେଉଥିବା ସମୀକ୍ଷା ଅନ୍ତର୍ଭୁକ୍ତ । ଯେତେବେଳେ ତତ୍‌କ୍ଷଣାତ୍ ମୋଟାମୋଟି ଆକଳନ କରାଯାଇପାରିବ ନାହିଁ, ସେତେବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆଂଶିକ ପ୍ରାରମ୍ଭିକ ଆକଳନ କରାଯାଇ ସୂଚନା ସଂଗ୍ରହ କରାଯାଇ ପାରିବ ।

**୨. ଆକଳନ:** ଶିକ୍ଷା କାର୍ଯ୍ୟକ୍ରମକୁ ସୂଚନା ଦେବା ପାଇଁ ଓ ଦ୍ୱନ୍ଦ ବା ବିପତ୍ତିର ବିପଦ ଆକଳନ କରିବା ପାଇଁ ବିଭିନ୍ନ ପ୍ରକାରର ତଥ୍ୟ ସଂଗୃହିତ ହେବା ଉଚିତ୍ । ବିଭିନ୍ନ ପ୍ରକାର ତଥ୍ୟ କହିଲେ ବୁଝାଯାଏ ଯେ, ସୂଚନାକୁ ବିଭିନ୍ନ ଅଂଶରେ ବିଭକ୍ତ କରାଯାଏ ଓ ଏ କ୍ଷେତ୍ରରେ ଲିଙ୍ଗ ଓ ବୟସ ଅନୁଯାୟୀ ବିଶ୍ଳେଷଣ କରାଯାଏ ।

ଶିକ୍ଷାଗତ ଦକ୍ଷତା, ସମ୍ବଳ, ଦୁର୍ବଳତା, ତ୍ରୁଟି ଓ ପ୍ରଭାବିତ ଲୋକଙ୍କୁ ସେମାନଙ୍କର ଶିକ୍ଷା ଅଧିକାର ଯୋଗାଇ ଦେବାରେ ବାଧକ ସାଜୁଥିବା ଉପାଦାନଗୁଡ଼ିକର ତଥ୍ୟ ସଂଗ୍ରହ କରାଯାଏ । ସମ୍ବଳର ଅଯଥା ଖର୍ଚ୍ଚ ଓ କିଛି ପ୍ରଭାବିତ ଲୋକ ବା ପ୍ରସଙ୍ଗ ସଂପର୍କରେ ଅଧିକ ଆକଳନକୁ ଏଡାଇବା ପାଇଁ ଶିକ୍ଷା ତଥା ଅନ୍ୟ ଜରୁରୀକାଳୀନ ଶିକ୍ଷା ପ୍ରଦାନକାରୀଙ୍କ ଦ୍ୱାରା ହେଉଥିବା ଆକଳନ ଓ କ୍ଷେତ୍ର ପରିଦର୍ଶନ ମଧ୍ୟରେ ସମନ୍ୱୟ ରଖାଯିବା ଉଚିତ୍ । (ଗୋଷ୍ଠୀ ଅଂଶଗ୍ରହଣ ସାଧାରଣମାନ ୨ ଏବଂ ସମନ୍ୱୟ ସାଧାରଣମାନ – ୧ ମଧ୍ୟ ଦେଖନ୍ତୁ ।)

ମଜବୁତ ଥିବା ସୂଚନା ଉତ୍ସକୁ ବ୍ୟବହାର କରି ଅଧିକାଂଶ ଆକଳନ କରାଯିବା ଉଚିତ୍ । ପ୍ରାଥମିକ ତଥ୍ୟ ସଂଗ୍ରହ ଜ୍ଞାନ ମଧ୍ୟରେ ରହିଯାଇଥିବା ଶୂନ୍ୟସ୍ଥାନକୁ ପୂରଣ କରିବାରେ ଏବଂ ଅଂଶୀଦାରମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଜଣାଇବା ସମ୍ପର୍କରେ ସୀମାବଦ୍ଧ ହେବା ଉଚିତ୍ । ଦୁର୍ଗମ ସ୍ଥାନମାନଙ୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ବିକଳ୍ପ ଉପାୟ ଖୋଜି ବାହାର କରାଯିବା ଉଚିତ୍ । ଏହି କ୍ଷେତ୍ରରେ ସ୍ଥାନୀୟ ନେତାଶ୍ରେଣୀୟ ଲୋକଙ୍କ ସହ ଯୋଗାଯୋଗ, ଗୋଷ୍ଠୀ ସଂଯୋଜନ (ନେଟ୍‌ୱର୍କ)କୁ ବ୍ୟବହାର ପରବର୍ତ୍ତୀ ତଥା ଅନ୍ୟ କ୍ଷେତ୍ର ବା ପ୍ରାକ୍-ବିପର୍ଯ୍ୟୟ ତଥ୍ୟାବଳିରୁ ତଥ୍ୟସଂଗ୍ରହ ଅନ୍ତର୍ଭୁକ୍ତ । ପ୍ରାକ୍ ବିପର୍ଯ୍ୟୟ ତଥ୍ୟ ମଧ୍ୟ ଏକ ମାପକାଠି ହୋଇପାରେ ଯାହା ସହ ଜରୁରୀକାଳୀନ ସ୍ଥିତିର ତୁଳନା କରାଯାଇ ପାରିବ ।

ତଥ୍ୟ ସଂଗ୍ରହ ପାଇଁ ବ୍ୟବହୃତ ଉପକରଣ ଗୁଡ଼ିକ ଦେଶ ମଧ୍ୟରେ ସମାନ ହେବା ଦରକାର ଯାହାକି ପ୍ରକଳ୍ପ ଗୁଡ଼ିକର ସମନ୍ୱୟକୁ ତ୍ୱରାନ୍ୱିତ କରିବ ଓ ସୂଚନା ପ୍ରଦାନ କରୁଥିବା ଲୋକମାନଙ୍କ ଉପରେ ଥିବା ଚାପକୁ କମାଇ ପାରିବ । ଯେଉଁଠାରେ ସମ୍ଭବ ହେବ, ପ୍ରସ୍ତୁତି ଯୋଜନାର ଅଂଶ ସ୍ୱରୂପ, ମୂଲ୍ୟାଙ୍କନ ଉପକରଣଗୁଡ଼ିକ ଜରୁରୀ ପରିସ୍ଥିତିର ପୂର୍ବରୁ ପ୍ରସ୍ତୁତ ହେବା ଦରକାର ଓ ସମସ୍ତ ଅଂଶୀଦାରମାନେ ଏ ଦିଗରେ ଏକମତ ହେବା ଆବଶ୍ୟକ । ଏହି ଉପକରଣ

ଗୁଡ଼ିକ ସ୍ଥାନୀୟ ଉତ୍ତର ଦାତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅନୁଭୂତି ହେଉଥିବା ଅତିରିକ୍ତ ସୂଚନାକୁ ସ୍ଥାନ ଦେବା ଉଚିତ୍ । ଆକଳନ ଦଳରେ ପ୍ରଭାବିତ ଗୋଷ୍ଠୀର ସଦସ୍ୟମାନଙ୍କୁ ମଧ୍ୟ ସ୍ଥାନ ଦିଆଯିବା ଉଚିତ୍ । ଏଥିରେ ପୁରୁଷ ଓ ମହିଳା ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀ, ପିତାମାତା ତଥା ଅଭିଭାବକମାନଙ୍କର ଅନୁଭୂତି, ଆବଶ୍ୟକତା, ସମସ୍ୟା ଓ ଦକ୍ଷତା ଅଧିକ ଫଳପ୍ରଦ ଭାବେ ଅଧିକୃତ କରିବା ପାଇଁ ଲିଙ୍ଗଗତ ସମତୁଲତା ନୈତିକ ବିଚାରବୋଧଗୁଡ଼ିକ ଏପରିକି ସମ୍ମାନବୋଧ ଓ ପ୍ରଭେଦ ଭଳି ମୌଳିକ ନୀତି ଗୁଡ଼ିକ ମୂଲ୍ୟାଙ୍କନ / ଆକଳନର ଆଧାର ହେବା ଦରକାର । ସୂଚନା ସଂଗ୍ରହ ପ୍ରକିୟା ଲୋକଙ୍କୁ ଅସୁବିଧାରେ ପକାଇ ପାରେ, କାରଣ- ସୂଚନାର ସମ୍ବେଦନଶୀଳତା ପ୍ରକିୟାରେ ସେମାନେ ଅଂଶଗ୍ରହଣ କରିଥିବା ଯୋଗୁଁ (ନିମ୍ନରେ ମାର୍ଗଦର୍ଶୀକା ଟିପ୍ପଣୀ-୫ ଦେଖନ୍ତୁ) । ଯେଉଁମାନେ ସୂଚନା ସଂଗ୍ରହ କରୁଛନ୍ତି ସେମାନଙ୍କର ଦାୟିତ୍ୱ ହେଉଛି ଅଂଶ ଗ୍ରହଣକାରୀଙ୍କୁ ସୁରକ୍ଷା ଯୋଗାଇ ଦେବା ଓ ଅଂଶଗ୍ରହଣକାରୀମାନଙ୍କୁ ନିମ୍ନଲିଖିତ ତଥ୍ୟ ଜଣାଇବା ।

- ତଥ୍ୟ ସଂଗ୍ରହର ଉଦ୍ଦେଶ୍ୟ
- ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ ନ କରିବାର ଅଧିକାର ଅବା ନକରାତ୍ମକ ପ୍ରଭାବ ବିନା ଯେକୌଣସି ମୁହୂର୍ତ୍ତରେ ଓହରିଯିବା
- ବିଶ୍ୱାସନୀୟତା ଓ ନାମ ବିହୀନତା ଅଧିକାର

(ବିଶ୍ଳେଷର ସାଧାରଣ ମାନ-୪ , ମାର୍ଗଦର୍ଶୀକା ଟିପ୍ପଣୀ- ୨ ଦେଖନ୍ତୁ)

**୩. ବିପର୍ଯ୍ୟୟ ଆଶଙ୍କା ଓ ଦ୍ୱନ୍ଦ୍ୱ ବିଶ୍ଳେଷଣ ସମେତ ପୃଷ୍ଠଭୂମିର ବିଶ୍ଳେଷଣର ଶିକ୍ଷା** କାର୍ଯ୍ୟକ୍ରମକୁ ଉପଯୁକ୍ତ ପ୍ରାସଙ୍ଗିକ ଏବଂ ଦ୍ୱନ୍ଦ୍ୱ ଓ ବିପର୍ଯ୍ୟୟ ପାଇଁ ଥିବା ଅନ୍ତର୍ନିହିତ ଶକ୍ତି ପ୍ରତି ସମ୍ବେଦନଶୀଳତାକୁ ସୁନିଶ୍ଚିତ କରିବାରେ ଏହା ସହାୟକ ହୁଏ । ଶିକ୍ଷାର୍ଥୀମାନଙ୍କର ସ୍ୱାସ୍ଥ୍ୟ, ନିରାପତ୍ତା ଓ ସୁରକ୍ଷା ଆଦିକୁ ପ୍ରଭାବିତ କରୁଥିବା ପୃଷ୍ଠଭୂମିର ସମସ୍ତ ଦିଗକୁ ବିପଦ ଆଶଙ୍କା ବିଶ୍ଳେଷଣରେ ବିଚାରକୁ ନିଆଯାଏ । ଶିକ୍ଷା ଗୋଟିଏ ବିପଦ ପ୍ରସଙ୍ଗ ନୁହେଁ ବରଂ ସୁରକ୍ଷା ଗତ ମାନଦଣ୍ଡ ସୁନିଶ୍ଚିତ କରିବାରେ ଏହା ସାହାଯ୍ୟ କରେ । ବିପଦ ଆଶଙ୍କା ବିଶ୍ଳେଷଣରେ ଶିକ୍ଷା ପ୍ରତି ରହିଥିବା ବିପଦ ସମ୍ପର୍କରେ ଆକଳନ ହୁଏ । ଏଥିରେ ନିମ୍ନ ଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇ ପାରେ:

- ବିପଦ ସଙ୍କୁଳତା, ଖରାପ ପ୍ରଶାସନ ଓ ଦୁର୍ନୀତି
- ଜନସ୍ୱାସ୍ଥ୍ୟ ପ୍ରସଙ୍ଗ ଯେପରିକି ସଂକ୍ରମଣଶୀଳ ରୋଗର ବ୍ୟାପକତା
- ଅନ୍ୟାନ୍ୟ ସାମାଜିକ, ଅର୍ଥନୈତିକ, ଶାରୀରିକ ଓ ପରିବେଶ ସମ୍ବନ୍ଧୀୟ ଉପାଦେୟ ଶିଳ୍ପଯୁକ୍ତ ବିପଦ ଯଥା ବିଷାକ୍ତ ଗ୍ୟାସ ଓ ରସାୟନିକ ଗୁଣ୍ଡ ନିର୍ଗମନ
- ନିର୍ଦ୍ଦିଷ୍ଟ ଭାବେ ଲିଙ୍ଗ, ବୟସ, ଭିନ୍ନକ୍ଷମ, ଜାତିଗତ ପୃଷ୍ଠଭୂମିରେ ଥିବା ବିପଦ ଆଶଙ୍କା ଓ ଏହି ପୃଷ୍ଠଭୂମିରେ ପ୍ରାସଙ୍ଗିକ ଅନ୍ୟାନ୍ୟ ପ୍ରସଙ୍ଗ

ଦ୍ୱନ୍ଦ୍ୱ ବିଶ୍ଳେଷଣ ହିଂସାତ୍ମକ ସଂଘର୍ଷର ଆଶଙ୍କା ଓ ଅବସ୍ଥିତି ସଂପର୍କରେ ଆକଳନ କରେ । ଆଉ ଏହା ସୁନିଶ୍ଚିତ

କରାଏ ଯେ ଶିକ୍ଷାର ହସ୍ତକ୍ଷେପ ଦ୍ୱାରା ଅନ୍ତର୍ନିହିତ ଅସମାନତା ବା ଦ୍ୱନ୍ଦ୍ୱକୁ ଅଧିକ ବୃଦ୍ଧି କରେ ନାହିଁ । ଉଭୟ ସଂଘର୍ଷ ଓ ବିପର୍ଯ୍ୟୟ ପରିସ୍ଥିତିରେ ଏହା ଆବଶ୍ୟକ ।

ଦ୍ୱନ୍ଦ୍ୱ/ବିଶ୍ଳେଷଣ ବିଷୟ ସମ୍ବନ୍ଧୀୟ ପ୍ରଶ୍ନ ପଚରାଯାଇପାରେ :

- ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ ବ୍ୟକ୍ତିମାନେ ଦ୍ୱନ୍ଦ୍ୱ ଦ୍ୱରା ପ୍ରଭାବିତ ହୁଅନ୍ତି ବା ପ୍ରଭାବିତ ହେବାର ଆଶଙ୍କା ଥାଏ ।
- ବାସ୍ତବ ଅବା ଶକ୍ତିଶାଳୀ ଦ୍ୱନ୍ଦ୍ୱର କାରଣ ଏବଂ ଅଭିଯୋଗମାନ ପ୍ରସ୍ତୁତ କରିବାର ଉପାଦାନ ଗୁଡ଼ିକ ।
- ଶିକ୍ଷା ଅଂଶୀଦାରଙ୍କ ସମେତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଦ୍ୱନ୍ଦ୍ୱର କାରଣ ।

ନିର୍ଦ୍ଦିଷ୍ଟ କିଛି ଅଞ୍ଚଳ ବା ଦେଶର ଦ୍ୱନ୍ଦ୍ୱ ବିଶ୍ଳେଷଣ ବହୁ ସମୟରେ ଗବେଷଣା ପ୍ରତିଷ୍ଠାନଗୁଡ଼ିକରୁ ମିଳିଥାଏ । ଶିକ୍ଷା ଦୃଷ୍ଟିକୋଣରୁ ସେଗୁଡ଼ିକୁ ବିଚାରକୁ ନିଆଯାଇପାରେ । ଯଦି ମହଜୁଦ୍ ବିଶ୍ଳେଷଣଗୁଡ଼ିକ ଉପଲବ୍ଧ ନାହିଁ ବା ଉପଯୋଗୀ ନୁହେଁ, ତା' ହେଲେ ଏକ ଦ୍ୱନ୍ଦ୍ୱ ବିଶ୍ଳେଷଣ ପ୍ରଭାବିତ ଅଞ୍ଚଳରେ ଏକ କର୍ମଶାଳା କରାଯାଇପାରେ ଅବା ଡେସ୍କ ଷ୍ଟଡ଼ି ଦ୍ୱରା ବି କରାଯାଇ ପାରେ । ଶିକ୍ଷା ସଂପର୍କିତ ସୂଚନା ସମେତ ବ୍ୟାପକ ଦ୍ୱନ୍ଦ୍ୱ ବିଶ୍ଳେଷଣ କାର୍ଯ୍ୟ ଏକ ଉପଯୁକ୍ତ ସଂସ୍ଥା ଦ୍ୱାରା କରାଇବା ପାଇଁ ଶିକ୍ଷା ଅଂଶୀଦାରମାନେ ଯୁକ୍ତି ଉତ୍ଥାପନ କରିବା ଆବଶ୍ୟକ ଏବଂ ମିଳିଥିବା ତଥ୍ୟଗୁଡ଼ିକୁ ସମସ୍ତ ଆଗ୍ରହୀ ଅଂଶୀଦାରମାନଙ୍କୁ ଅବଗତ କରାଇବା ଉଚିତ୍ । ଦ୍ୱନ୍ଦ୍ୱ ସମେତ ପ୍ରାକୃତିକ ବା ମଣିଷକୃତ ବିପଦ ଆଶଙ୍କାର ପରିଚାଳନା ପାଇଁ ବିଭିନ୍ନ କୌଶଳମାନ ବିପଦ ଆଶଙ୍କା ସମୀକ୍ଷା ରିପୋର୍ଟରେ ପ୍ରସ୍ତାବ ଦିଆଯାଇଥାଏ । ପ୍ରତିରୋଧ, ଦୂରୀକରଣ, ପ୍ରସ୍ତୁତି, ପରିବର୍ତ୍ତନ ପୁନଃନିର୍ମାଣ ଓ ଥଇଥାନ ଇତ୍ୟାଦି କୌଶଳଗୁଡ଼ିକ ଏହାର ଅନ୍ତର୍ଭୁକ୍ତ । ଉଦାହରଣ ସ୍ୱରୂପ ଜରୁରୀକାଳୀନ ସ୍ଥିତିରେ ପ୍ରତିରୋଧ, ଦୂରୀକରଣ, ଆକସ୍ମିକ ଅବସ୍ଥା ଓ ସୁରକ୍ଷା ଯୋଜନା ପାଇଁ ବିଦ୍ୟାଳୟ ବା ଅନ୍ୟାନ୍ୟ ଶିକ୍ଷାକେନ୍ଦ୍ରର ଆବଶ୍ୟକତା ହୋଇପାରେ । ସେମାନେ ଏକ ବିପଦ ଆଶଙ୍କା ନକ୍ସା ବି ପ୍ରସ୍ତୁତ କରିପାରିବେ ଯେଉଁଥିରେ ସମ୍ଭାବ୍ୟ ବିପଦକୁ ଦର୍ଶାଯାଇ ପାରିବ ଓ ଶିକ୍ଷାର୍ଥୀଙ୍କ ସୁରକ୍ଷା ଓ ମାନସିକ ଅବସ୍ଥାକୁ ପ୍ରଭାବିତ କରୁଥିବା ଉପାଦାନଗୁଡ଼ିକୁ ପ୍ରମୁଖ ଭାବରେ ଦର୍ଶାଯାଇ ପାରିବ । ସମ୍ବଳ ଓ ଦକ୍ଷତା ସମେତ ଗୋଷ୍ଠୀ ନମନୀୟତା ଆକଳନ ଓ ସ୍ଥାନୀୟ ଦକ୍ଷ ପରିଚାଳନା ଉଦ୍ୟମ ଦ୍ୱାରା ବିପଦ ଆଶଙ୍କା ବିଶ୍ଳେଷଣ ପରିପୂରଣ ହୋଇଥାଏ । ଜରୁରୀକାଳୀନ ସ୍ଥିତି ପୂର୍ବରୁ ଓ ପରେ ବିପର୍ଯ୍ୟୟ ଦୂରୀକରଣ, ପ୍ରସ୍ତୁତି ଓ ପୁର୍ନଃଲାଭ ପାଇଁ ଜ୍ଞାନ, କୌଶଳ ଓ ଦକ୍ଷତାକୁ ପ୍ରସ୍ତୁତି ଓ ପୁର୍ନଃଲାଭ ଆକଳନ ଓ ଶକ୍ତିଶାଳୀ କରିବା ଦରକାର । ଯଦି ସମ୍ଭବ ହୁଏ ପ୍ରସ୍ତୁତି ବା ଦୂରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏଗୁଡ଼ିକ କରାଯିବା ଦରକାର । (ଗୋଷ୍ଠୀ ଅଂଶଗ୍ରହଣ ସାଧାରଣମାନ ୧, ମାର୍ଗଦର୍ଶୀକା ଟିପ୍ପଣୀ ୧-୪,ଗୋଷ୍ଠୀ ଅଂଶଗ୍ରହଣ ସାଧାରଣମାନ ୨, ମାର୍ଗଦର୍ଶୀକା ଟିପ୍ପଣୀ ୫, ପହଞ୍ଚ ଓ ଶିକ୍ଷଣ ପରିବେଶ ସାଧାରଣମାନ ୨, ମାର୍ଗଦର୍ଶୀକା ଟିପ୍ପଣୀ ୧୧, ଶିକ୍ଷାଦାନ ଓ ଶିକ୍ଷଣ ସାଧାରଣମାନ ୨, ମାର୍ଗଦର୍ଶୀକା ଟିପ୍ପଣୀ ୬, ଶିକ୍ଷାନୀତି ସାଧାରଣମାନ ୧, ମାର୍ଗଦର୍ଶୀକା ଟିପ୍ପଣୀ ୨ ଓ ୪

ଏବଂ ଶିକ୍ଷା ନୀତି ସାଧାରଣମାନ ୨ , ମାର୍ଗଦର୍ଶୀକା ଟିପ୍ପଣୀ ୩ ଓ ୫ )

**୪. ତଥ୍ୟ ବୈଧତା ଓ ବିଶ୍ଳେଷଣ ପଦ୍ଧତି :** ତଥ୍ୟ ବିଶ୍ଳେଷଣରୁ ସ୍ୱଷ୍ଟ ଭାବେ ନିମ୍ନଲିଖିତ ବିଷୟ ସଂପର୍କରେ ଜଣାପଡେ ।

- ସଙ୍କେତ
- ତଥ୍ୟ ଉତ୍ସ
- ସଂଗ୍ରହ ପ୍ରଣାଳୀ
- ତଥ୍ୟ ସଂଗ୍ରାହକ
- ତଥ୍ୟ ବିଶ୍ଳେଷଣ ପ୍ରକ୍ରିୟା

ଯେଉଁଠାରେ ତଥ୍ୟ ସଂଗ୍ରହକାରୀଙ୍କ ପ୍ରତି ସୁରକ୍ଷା ବିପଦ ଆଶଙ୍କା ଥିବ ସେହି କ୍ଷେତ୍ରରେ ସଂଗ୍ରହକାରୀ ନାମ ଉଲ୍ଲେଖ ନ କରି ତଥ୍ୟ ସଂଗ୍ରହରେ ନିୟୋଜିତ ସଂଗଠନଗୁଡ଼ିକର ନାମ ଉଲ୍ଲେଖ କରାଯିବା ଉଚିତ । ତଥ୍ୟ ସଂଗ୍ରହର ସୀମିତତା ବା ବିଶ୍ଳେଷଣ ଯାହା ସଂଗୃହିତ ତଥ୍ୟର ସିଦ୍ଧାନ୍ତ ଓ ଅନ୍ୟ କ୍ଷେତ୍ରରେ ସେଗୁଡ଼ିକର ବିଶ୍ୱାସନୀୟତାକୁ ପ୍ରଭାବିତ କରିପାରେ, ତାହା ଉପରେ ଦୃଷ୍ଟି ଦେବାକୁ ହେବ । ଉଦାହରଣ ସ୍ୱରୂପ- ଅଧିକ ସମ୍ବଳ ବଣ୍ଟନ ପାଇଁ କିମ୍ବା ଦୋଷ ଏଡାଇବା ପାଇଁ ଉତ୍ତରଦାତାମାନେ ନାମ ଲେଖା ବା ଉପସ୍ଥାନ ଅଙ୍କକୁ ବଢ଼ାଇ ତଥ୍ୟକୁ ଅବିଶ୍ୱସନୀୟ କରିପାରନ୍ତି ।

ପକ୍ଷପାତିତାକୁ କମାଇବା ପାଇଁ ତଥ୍ୟ ଗୁଡ଼ିକୁ ବିଭିନ୍ନ ସୂତ୍ରରୁ ସଂଗ୍ରହ କରି ସେଗୁଡ଼ିକୁ ତୁଳନା କରାଯିବା ଉଚିତ । ଏହି କୌଶଳ ତଥ୍ୟର ବୈଧତାକୁ ଦୃଢ଼ୀଭୂତ କରେ । କୌଣସି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ପୁରୁଷ, ମହିଳା, ଯୁବବର୍ଗ ସମେତ ଅଧିକାଂଶ ପ୍ରଭାବିତ ବର୍ଗଙ୍କ ସହିତ ପରାମର୍ଶ କରିବା ଉଚିତ୍ । ବାହ୍ୟ ଲୋକମାନଙ୍କ ଅନୁଭୂତି ଓ ପ୍ରାଧାନ୍ୟ ଭିତ୍ତିକ ଜନହିତୈଶି ଶିକ୍ଷା କାର୍ଯ୍ୟକ୍ରମକୁ ଏଡାଇବା ପାଇଁ ସ୍ଥାନୀୟ ଅନୁଭୂତି ଓ ଜ୍ଞାନକୁ ବିଶ୍ଳେଷଣର କେନ୍ଦ୍ର ବିନ୍ଦୁ କରାଯିବା ଉଚିତ । ଶିକ୍ଷାନୀତି ସାଧାରଣ ମାନ- ୧ , ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ)

**୫. ଆକଳନରେ ଶିକ୍ଷା କର୍ତ୍ତୃପକ୍ଷ ଯୋଗଦାନ:** କରି ଓ ପ୍ରଭାବିତ ଅଞ୍ଚଳର ପ୍ରତିନିଧିମାନଙ୍କ ସହ ପ୍ରାରମ୍ଭିକ ଆକଳନ ସମୟରେ କଠିନ ପରିସ୍ଥିତି ଯୋଗୁଁ ତଥ୍ୟ ଓ ସୂଚନା ସଂଗ୍ରହ, ବିଶ୍ଳେଷଣ, ପରିଚାଳନା ଓ ବିସ୍ତାରଣ ରେ ଏହି ଦଳ ଗୁଡ଼ିକର ଅଂଶଗ୍ରହଣ ସୀମିତ ହୋଇଥାଏ । ପରିସ୍ଥିତି ଅଧିକ ସ୍ଥିର ହେଲେ ଏହା ବୃଦ୍ଧି ପାଇବା ଉଚିତ୍ । ଯେଉଁଠାରେ ଆବଶ୍ୟକ ହେବ, ସାଙ୍କେତିକ ଭାଷା ଓ ବ୍ରେଲି ସହ ଗୋଷ୍ଠୀର ସମସ୍ତ ଭାଷାରେ ଯୋଗାଯୋଗକୁ ଆକଳନ ସୁଗମ କରିଥାଏ । (ଶିକ୍ଷାନୀତି ସାଧାରଣମାନ ୧ , ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ)

**୬. ଶିକ୍ଷାକ୍ଷେତ୍ର ମଧ୍ୟରେ ଓ ଅନ୍ୟ କ୍ଷେତ୍ରଙ୍କ ସହିତ ସହଯୋଗିତା :** ଆକଳନ ଗୁଡ଼ିକର ମାନ, ବ୍ୟାପକତା ଓ

ଉପଯୋଗିତାକୁ ବୃଦ୍ଧି କରାଇବା ଦିଗରେ ଶିକ୍ଷାକ୍ଷେତ୍ର ମଧ୍ୟରେ ଓ ଅନ୍ୟ କ୍ଷେତ୍ରଙ୍କ ସହିତ ସହଯୋଗୀତା ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଶିକ୍ଷା ଅଂଶୀଦାରମାନେ ଯୁଗ୍ମ ଆକଳନ ବା ସମନ୍ୱିତ ଆକଳନ ଦ୍ୱାରା ଆବଶ୍ୟକତାର ଆକଳନକୁ ସୁସଂଗତ କରିବା  ଉଚିତ । ଯଦ୍ୱାରା ବିଭିନ୍ନ ସଂସ୍ଥାଦ୍ୱାରା କରାଯାଇଥିବା ଆକଳନକୁ ଏଡାଇ ଦେଇହେବ । ସମନ୍ୱିତ ଆକଳନ ଜରୁରୀ ପରିସ୍ଥିତିର ପ୍ରଭାବର ବଳିଷ୍ଠ ପ୍ରମାଣ ପ୍ରଦାନ କରେ ଏବଂ ସୁସଂଗତ କାର୍ଯ୍ୟକ୍ରମକୁ ସୁଗମ କରେ । (ସମନ୍ୱିତ ସାଧାରଣମାନ ୧ , ମାର୍ଗଦର୍ଶୀକା ଟୀପ୍ପଣୀ ୪ ଦେଖନ୍ତୁ)

ଭୟ, ବିପଦ କାର୍ଯ୍ୟକ୍ରମକୁ ଅବଗତ କରାଇବା ପାଇଁ ଶିକ୍ଷା କ୍ଷେତ୍ର ଅନ୍ୟ କ୍ଷେତ୍ର ସହିତ ମିଶି କାମ କରିବା ଉଚିତ । ଏଥିରେ ନିମ୍ନ କ୍ଷେତ୍ରରେ କାର୍ଯ୍ୟ ହୋଇପାରେ:

- ସ୍ୱାସ୍ଥ୍ୟକ୍ଷେତ୍ରରେ ବହୁଜନବ୍ୟାପୀ ବ୍ୟାଧି ଓ ତାର ନିୟନ୍ତ୍ରଣ ବିଦ୍ୟା ସମ୍ବନ୍ଧୀୟ ତଥ୍ୟ, ମହାମାରୀ ବ୍ୟାପିବାର ଆଶଙ୍କା ସମ୍ବନ୍ଧୀୟ ସୂଚନା ଏବଂ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଓ ଏଚ.ଆଇ.ଭି ପ୍ରତିଶୋଧକ ଚିକିତ୍ସା, ଯତ୍ନ ଓ ସହାୟକ ସେବା ଭଳି ମିଳୁଥିବା ମୌଳିକ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧରେ ଶିକ୍ଷା ଲାଭ କରିବା ।

- ସୁରକ୍ଷା କ୍ଷେତ୍ରରେ ଲିଙ୍ଗଗତ ଓ ଯୌନ ହିଂସା, ଗୋଷ୍ଠୀ ମଧ୍ୟରେ ଥିବା ଅନାଥ ଓ ଅନ୍ୟାନ୍ୟ ଦୁର୍ବଳ ବର୍ଗର ଜନସାଧାରଣ ସମ୍ବନ୍ଧୀୟ ବିପଦ ଆଶଙ୍କା, ଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଏବଂ ମିଳୁଥିବା ସାମାଜିକ ଓ ମନସ୍ତାତ୍ତ୍ୱିକ ସହାୟକ ସେବା ସମ୍ବନ୍ଧରେ ଶିକ୍ଷା ଲାଭ କରିବା ।
  - ପୁଷ୍ଟିକର କ୍ଷେତ୍ର ବିଦ୍ୟାଳୟ ଓ ଗୋଷ୍ଠୀ ଆଧାରିତ ଓ ଅନ୍ୟାନ୍ୟ ପୁଷ୍ଟକର ଖାଦ୍ୟ ସେବା ସମ୍ପର୍କରେ ଶିକ୍ଷା ଲାଭ କରିବା ।
  - ବାସସ୍ଥଳୀ ଓ ଶିବିର ପରିଚାଳନା କ୍ଷେତ୍ରରେ ସୁରକ୍ଷିତ ଓ ଉପଯୁକ୍ତ ସ୍ଥାନ, ଶିକ୍ଷଣ ଓ ଚିତ୍ତବିନୋଦକ ସୁବିଧା ସୁଯୋଗର ନିର୍ମାଣ, ପୁନଃ ନିର୍ମାଣ ଓ ପହଞ୍ଚ ତଥା ଖାଦ୍ୟକୁ ବାଦ ଦେଇ ଅନ୍ୟ ଆବଶ୍ୟକୀୟ ବିଦ୍ୟାଳୟ ସୁବିଧା ସୁଯୋଗର ସମନ୍ୱୟ ସ୍ଥାପନ କରିବା ।
  - ଶିକ୍ଷଣ ସ୍ଥାନମାନଙ୍କରେ ଜଳ ଯେଗାଣ ଓ ପରିମଳ କ୍ଷେତ୍ରରେ ନିର୍ଭର ଯୋଗ୍ୟ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ।
  - ପରିଚାଳନା କ୍ଷେତ୍ରରେ ସାମଗ୍ରୀ ସଂଗ୍ରହ କରିବା ଓ ବହି ଏବଂ ଅନ୍ୟାନ୍ୟ ଜିନିଷ ଯୋଗାଇ ଦେବା ।

(ସମନ୍ୱୟ, ସାଧାରଣମାନ ୧ , ମାର୍ଗଦର୍ଶୀକା ଟିପ୍ପଣୀ ୧ ଏବଂ ୩-୪ ଏବଂ ଶିକ୍ଷା ନୀତି ସାଧାରଣମାନ ୨ ,ମାର୍ଗଦର୍ଶୀକା ଟିପ୍ପଣୀ ୨ ମଧ୍ୟ ଦେଖନ୍ତୁ)

**୭. ଶିକ୍ଷା ଓ ମାନସିକ - ସାମାଜିକ ଆବଶ୍ୟକତା :** ସାଧାରଣ ଆବଶ୍ୟକତା ଆକଳନରେ ଶିକ୍ଷା ଓ ମାନସିକ-

ସାମାଜିକ ଆବଶ୍ୟକତା ଓ ସମ୍ବଳ ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯିବା ଉଚିତ୍ । ସ୍ଥାନୀୟ ଜ୍ଞାନ ଥିବା ଦଳର ସଦସ୍ୟମାନେ ଆକଳନର ଏହି ଦିଗଗୁଡ଼ିକରେ ସହାୟତା କରିପାରିବେ । ସଂସ୍ଥା ଗୁଡ଼ିକ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ବଳ, କର୍ମଚାରୀ ଓ ସାଙ୍ଗଠନିକ ଦକ୍ଷତା ଉପଲବ୍ଧ କରାଇବା ଆବଶ୍ୟକ ।

**୮. ଯେତେ ଶୀଘ୍ର ସମ୍ଭବ ଆକଳନର ସିଦ୍ଧାନ୍ତ ଗୁଡ଼ିକ ଉପଲବ୍ଧ କରାଇବା ଆବଶ୍ୟକ :** ଶିକ୍ଷାକାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ ପାଇଁ ପ୍ରାକ୍-ବିପର୍ଯ୍ୟୟର ତଥ୍ୟ ଓ ବିପର୍ଯ୍ୟୟ ପରବର୍ତ୍ତୀ ଆକଳନ, ଯାହା ସମ୍ବଳ, ଶିକ୍ଷା ଆବଶ୍ୟକତା ବା ଶିକ୍ଷାକର୍ତ୍ତୃପକ୍ଷ, ସ୍ୱେଚ୍ଛାସେବୀ ସଙ୍ଗଠନ, ମାନବୀୟ ହିତ ସଂସ୍ଥା ଓ ସ୍ଥାନୀୟ ଗୋଷ୍ଠୀ ଦ୍ୱାରା ହୋଇଥିବା ଉଲଂଘନ ଅବା ଶିକ୍ଷା ଅଧିକାର ପୂର୍ଣ୍ଣତାରୁ ଭାଗୀଦାରମାନଙ୍କୁ ଚିହ୍ନଟ କରାଯାଏ ।

ଆକଳନରୁ ମିଳିଥିବା ତଥ୍ୟର ଭାଗୀଦାରୀତାରେ ସ୍ଥାନୀୟ ଓ ଜାତୀୟ କର୍ତ୍ତୃପକ୍ଷମାନେ ସମନ୍ୱୟ ରକ୍ଷା କରିବା ଉଚିତ । ଯଦି ଏହି କର୍ତ୍ତୃପକ୍ଷମାନଙ୍କର ଦକ୍ଷତା ନଥାଏ ତା' ହେଲେ ଗୋଟିଏ ଆନ୍ତର୍ଜାତୀୟ ସଂସ୍ଥା ଯେପରିକି ଶିକ୍ଷା କ୍ଷେତ୍ରରେ ସମନ୍ୱୟ କମିଟି ବା ଶିକ୍ଷା କ୍ଲଷ୍ଟର ଏହି ପ୍ରକ୍ରିୟାକୁ ପରିଚାଳନା କରିପାରିବ । ଆକଳନ ସିଦ୍ଧାନ୍ତରେ ତଥ୍ୟ ଉପସ୍ଥାପନାକୁ ସମାନ କରାଯିବା ଉଚିତ୍ ଯାହାଫଳରେ ସୂଚନାଗୁଡ଼ିକୁ ସହଜରେ ବ୍ୟବହାର କରାଯାଇ ପାରିବ ।

## ବିଶ୍ଳେଷଣ ସାଧାରଣମାନ-୨ କାର୍ଯ୍ୟକ୍ରମ କୌଶଳ

ଅର୍ନ୍ତଭୁକ୍ତି ଶିକ୍ଷା କାର୍ଯ୍ୟକ୍ରମ କୌଶଳଗୁଡ଼ିକ ମଧ୍ୟରେ ଶିକ୍ଷା ଅଧିକାର ପଥରେ ବାଧକ ଓ ଉକ୍ତ ବାଧକଗୁଡ଼ିକୁ ପ୍ରତିହତ କରିବାର ପନ୍ଥା ସଂପର୍କରେ ସ୍ପଷ୍ଟ ବର୍ଣ୍ଣନା ରହିଥାଏ ।

**ମୁଖ୍ୟକାର୍ଯ୍ୟାବଳୀ** (ମାର୍ଗଦର୍ଶୀକା ଟିପ୍ପଣୀ ସହିତ ମିଶାଇ ପଢ଼ିବାକୁ ହେବ)

- ଶିକ୍ଷା କାର୍ଯ୍ୟକ୍ରମର କୌଶଳଗୁଡ଼ିକ ସଠିକ୍ ଭାବେ ଆକଳନର ସିଦ୍ଧାନ୍ତକୁ ପ୍ରତିଫଳିତ କରେ । (ମାର୍ଗଦର୍ଶକ ୧-୨ ଦେଖନ୍ତୁ)
- ପ୍ରଭାବିତ ଅଞ୍ଚଳର ଲୋକମାନଙ୍କର ଅନ୍ତର୍ଭୁକ୍ତ ଓ ଗୁଣାତ୍ମକ ଶିକ୍ଷା ଆବଶ୍ୟକତାକୁ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ କ୍ରମାନ୍ୱୟ ଭାବେ ପୂରଣ କରେ । (ମାର୍ଗଦର୍ଶୀକା ୧ ,୫ ଓ ୮ ଦେଖନ୍ତୁ)
- ଶିକ୍ଷା କାର୍ଯ୍ୟକ୍ରମ କୌଶଳଗୁଡ଼ିକ ଏମିତି ଭାବେ ପ୍ରସ୍ତୁତ ଓ କାର୍ଯ୍ୟକାରୀ ହୋଇଥାଏ ଯେ ସେଗୁଡ଼ିକ ଦ୍ୱାରା ଗୋଷ୍ଠୀର ବା ଉପାର୍ଜନକାରୀ ବ୍ୟକ୍ତିର ଜରୁରୀକାଳୀନ ପରିସ୍ଥିତିର ପ୍ରଭାବକୁ ଆହୁରି ଖରାପ କରେ ନାହିଁ । (ମାର୍ଗଦର୍ଶୀକା ଟିପ୍ପଣୀ ୩ ଓ ୭ ଦେଖନ୍ତୁ)
- ଚଳିଥିବା ଶିକ୍ଷା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ପାଇଁ ପ୍ରାରମ୍ଭିକ ଆକଳନ ଓ ପୃଷ୍ଠଭୂମି ବିଶ୍ଳେଷଣ ସମୟରେ ସଂଗ୍ରହ କରାଯାଇଥିବା ତଥ୍ୟକୁ ବରାବର ନୂଆ ତଥ୍ୟ ସହିତ ଅନୁଧ୍ୟାନ

କରାଯାଏ । (ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ)

- ଶିକ୍ଷା କାର୍ଯ୍ୟକ୍ରମକୁ ଜାତୀୟ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ ସହିତ ପରିପୂରକ ଓ ସୁସଂଗତ କରାଯାଏ । (ମାର୍ଗଦର୍ଶୀକା ଟିପ୍ପଣୀ ୬ ଓ ୮ ଦେଖନ୍ତୁ)
- କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୌଳିକ ତଥ୍ୟଗୁଡ଼ିକୁ ବ୍ୟବସ୍ଥିତ ଢଙ୍ଗରେ ସଂଗ୍ରହ କରାଯାଏ । (ମାର୍ଗଦର୍ଶୀକା ଟିପ୍ପଣୀ ୯ ଦେଖନ୍ତୁ)
- ଆକଳନରୁ ଉପଲବ୍ଧ ପ୍ରମୁଖ ସିଦ୍ଧାନ୍ତ ଓ ପ୍ରାଥମିକତା ଉପରେ ଶିକ୍ଷା କାର୍ଯ୍ୟକ୍ରମର କୌଶଳଗୁଡ଼ିକୁ ପର୍ଯ୍ୟବେଶିତ କରିବା ପାଇଁ ଶିକ୍ଷା ଅଂଶୀଦାରମାନେ ଆକଳନର ତଥ୍ୟକୁ ବିଶଦ ଭାବରେ ବିଶ୍ଳେଷଣ ଓ ତର୍ଜମା କରି ବିନିଯୋଗ କରିବା ଉଚିତ । ଏହା ଦ୍ୱାରା ଆକଳନର ସିଦ୍ଧାନ୍ତ ଗୁଡ଼ିକ ଶିକ୍ଷା କାର୍ଯ୍ୟକ୍ରମର ପୂର୍ବ ଧାରଣାଗୁଡ଼ିକୁ ଦୃଢ଼ୀକରଣ କରିବାର ଆଶଙ୍କାକୁ ଏଡାଯାଇ ପାରିବ ।

  ଶିକ୍ଷା କାର୍ଯ୍ୟକ୍ରମର କୌଶଳଗୁଡ଼ିକ ଶିକ୍ଷା କର୍ତ୍ତୁପକ୍ଷଙ୍କର ମୁଖ୍ୟ ଭୂମିକା ଓ ଅନ୍ୟ ଅଂଶୀଦାରମାନଙ୍କ ସହିତ ସହଯୋଗୀତାକୁ ପ୍ରଦର୍ଶନ କରିବା ଉଚିତ୍ । ଉଦାହରଣ ସ୍ୱରୂପ, ଦୀର୍ଘ ସୂତ୍ରୀ ବ୍ୟୟସ୍ତରକୁ ବଜାୟ ରଖିବାକୁ ବିଚାରକୁ ନେଇ ଶିକ୍ଷକଙ୍କ ଭତ୍ତା ଓ ଉପକରଣ ଭଳି ତାଲିକାର୍ଭୁକ୍ତି ବିଷୟ ପାଇଁ ଶିକ୍ଷାବ୍ୟୟର ସ୍ତରକୁ ସମସ୍ତ ସଂଗଠନ ପାଇଁ ସୁସଂଗଠିତ କରାଯିବା ଉଚିତ୍ ଓ ସେଗୁଡ଼ିକ ଗୋଷ୍ଠୀର ସକ୍ରିୟ ଅଂଶଗ୍ରହଣ ଦ୍ୱାରା ପ୍ରସ୍ତୁତ ହେବା ଆବଶ୍ୟକ ।

ବିଭିନ୍ନ ପ୍ରକାରର ଶିକ୍ଷା, ବିପଦ ଆଶଙ୍କା ନେଇ ସଚେତନତା ଏବଂ ଅନ୍ୟ ସଂସ୍ଥାଗୁଡ଼ିକ ଶିକ୍ଷାକାର୍ଯ୍ୟକ୍ରମକୁ ସହାୟତା କରୁଛନ୍ତି ନା ନାହିଁ ସେ ସଂପର୍କରେ ଗୋଷ୍ଠୀ ଓ ବିଭିନ୍ନସଂସ୍ଥା ଗୁଡ଼ିକୁ ସୂଚିତ କରିବା ଉଚିତ୍ । ମୌଳିକ ତଥ୍ୟ ସଂଗ୍ରହ ଓ ମୂଲ୍ୟାଙ୍କନ ସମେତ ଆବଶ୍ୟକୀୟ ଶିକ୍ଷା କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇ ଦିଆଯିବା ଉଚିତ । (ଗୋଷ୍ଠୀ ଅଂଶଗ୍ରହଣ ସାଧାରଣମାନ-୧ , ମାର୍ଗଦର୍ଶୀକା ଟିପ୍ପଣୀ-୧ ଦେଖନ୍ତୁ)

ଲିଙ୍ଗଗତ ପ୍ରତିବନ୍ଧକ ସମେତ ଅନ୍ୟ ପ୍ରତିବନ୍ଧକ ସବୁ ବିଶ୍ଳେଷଣ ହେବା ଦରକାର ଏବଂ ସେଗୁଡ଼ିକ ସମାଧାନ ପାଇଁ କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ । ଶିକ୍ଷାର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ପୂରଣ କରିବା ପାଇଁ ଓ ଅନ୍ତର୍ଭୁକ୍ତ ଶିକ୍ଷା ଯୋଗାଇ ଦେବା ନେଇ ନମନୀୟତା ଅବଲମ୍ବନ କରାଯିବା ଉଚିତ୍ ।

**୨ . ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ ପାଇଁ ଦକ୍ଷତା ବୃଦ୍ଧି :** କାର୍ଯ୍ୟକ୍ରମ କୌଶଳ ଗୁଡ଼ିକରେ ଶିକ୍ଷା କର୍ତ୍ତୃପକ୍ଷ, କର୍ମଚାରୀ ଓ ଗୋଷ୍ଠୀ ସଦସ୍ୟମାନଙ୍କ ସମେତ ଦକ୍ଷତା ବୃଦ୍ଧିକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ । ନିର୍ଦ୍ଦିଷ୍ଟ ଭାବରେ, ଯୁବ ଗୋଷ୍ଠୀ ସଦସ୍ୟମାନଙ୍କୁ ତଥ୍ୟ ସଂଗ୍ରହ, ବିଶ୍ଳେଷଣ, ନିରୀକ୍ଷଣ ଏବଂ ମୂଲ୍ୟାୟନରେ ସମ୍ପୃକ୍ତ କରିବା ଉଚିତ୍ । ସଂଗୃହିତ ତଥ୍ୟର ବିଶ୍ଳେଷଣକୁ ସୁନିଶ୍ଚିତ କରିବା ପାଇଁ କର୍ମଚାରୀ ନିଯୁକ୍ତିରେ ଲିଙ୍ଗଗତ ସମାନତା ରହିବା ଗୁରୁତ୍ୱପୂର୍ଣ୍ଣ (ବିଶ୍ଳେଷଣ ସାଧାରଣମାନ ୩, ମାର୍ଗଦର୍ଶୀକା ଟିପ୍ପଣୀ ୨ ଏବଂ ବିଶ୍ଳେଷଣ ସାଧାରଣମାନ, ମାର୍ଗଦର୍ଶୀକା ଟିପ୍ପଣୀ-୩ ଦେଖନ୍ତୁ)

**୩. କୌଣସି କ୍ଷତି କର ନାହିଁ :** ଜରୁରୀକାଳୀନ ଶିକ୍ଷା କାର୍ଯ୍ୟକ୍ରମରେ ସମ୍ବଳର ସ୍ଥାନାନ୍ତର ଅନ୍ତର୍ଭୁକ୍ତ ଅଟେ । ଯେପରିକି ତାଲିମ, ଚାକିରୀ, ଯୋଗାଣ ଓ ଖାଦ୍ୟ ବରାବର ଅଭାବ ପରିଲକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଏ । ଅନେକ ସମୟରେ ଏହି ସମ୍ବଳଗୁଡ଼ିକ ଶକ୍ତି ଓ ସଂପର୍କର ପ୍ରତିନିଧିତ୍ୱ କରେ । ଏଗୁଡ଼ିକ ଗୋଷ୍ଠୀ ମଧ୍ୟରେ ଦ୍ୱନ୍ଦ୍ୱର କାରଣ ବା ହିଂସା ଅବା ଗୋଷ୍ଠୀ ମଧ୍ୟରେ ବିଭେଦର କାରଣ ହୋଇପାରନ୍ତି । ଦ୍ୱନ୍ଦ୍ୱ ସମୟରେ, କେତେକ ଲୋକ ନିଜ ପକ୍ଷକୁ ସମର୍ଥନ କରିବା ଓ ଅପର ପକ୍ଷକୁ ଦୁର୍ବଳ କରିବା ପାଇଁ ଅଥବା ବ୍ୟକ୍ତିଗତ ଭାବରେ ଫାଇଦା ହାସଲ କରିବା ପାଇଁ ଉକ୍ତ ସମ୍ବଳଗୁଡ଼ିକୁ ନିୟନ୍ତ୍ରଣକୁ ନେବା ବା ସେଗୁଡ଼ିକର ବ୍ୟବହାର କରିବାକୁ ଉଦ୍ୟମ କରିପାରନ୍ତି । ଯଦି ଏଭଳି ଘଟେ, ତା' ହେଲେ ଶିକ୍ଷା କାର୍ଯ୍ୟକ୍ରମ କ୍ଷତି ଘଟାଇ ପାରେ । ବିପଦ ଓ ବିଶ୍ଳେଷଣକୁ ହୃଦୟଙ୍ଗମ କରିବା ଆଧାରରେ ଏହାକୁ ଏଡ଼ାଇବା ପାଇଁ ଉଦ୍ୟମ ହେବା ଆବଶ୍ୟକ । (ବିଶ୍ଳେଷଣ ସାଧାରଣମାନ-୧, ମାର୍ଗଦର୍ଶୀକା ଟିପ୍ପଣୀ ୩ ମଧ୍ୟ ଦେଖନ୍ତୁ)

ଶାନ୍ତି ପ୍ରତିଷ୍ଠା ପାଇଁ ସମ୍ବଳର ସ୍ଥାନାନ୍ତର ସହିତ ଜରୁରୀକାଳୀନ ଶିକ୍ଷା କାର୍ଯ୍ୟକ୍ରମ ସ୍ଥାନୀୟ ଲୋକଙ୍କ ଦକ୍ଷତା ବଢ଼ାଇ ପାରିବ । ଗୋଷ୍ଠୀଗୁଡ଼ିକୁ ଏକତ୍ର ବନ୍ଧନରେ ବା ସଂଘର୍ଷ ସୃଷ୍ଟି କରୁଥିବା ମତାନ୍ତର ଓ ଉଦ୍‌ବେଗ ସୃଷ୍ଟିକାରୀ ଉତ୍ସଗୁଡ଼ିକ କାର୍ଯ୍ୟକ୍ରମ ମାନ ହ୍ରାସ କରିପାରିବ । ଉଦାହରଣ ସ୍ୱରୂପ – ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ ସେମାନଙ୍କ ବୃତ୍ତିଗତ ସ୍ୱାର୍ଥରେ ଜାତିଗତ ବିଭେଦ ନିର୍ବିଶେଷରେ ଏକତ୍ର କରିପାରିବ । ପୂର୍ବରୁ ରହିଥିବା ଅବହେଳିତ ବର୍ଗଗୁଡ଼ିକୁ ସାମିଲ କରିବା ଦ୍ୱାରା ଗୋଷ୍ଠୀ ସଂପର୍କ ଅଧିକ ମଜଭୁତ ହେବ ।

**୪. ପରିବର୍ତ୍ତନ କାର୍ଯ୍ୟକ୍ରମ କୌଶଳ ଗୁଡ଼ିକର ଅଧୁନାତନକରଣ –** ଜରୁରୀ କାଳୀନ ସ୍ଥିତିରେ ପୁନର୍ଲାଭ ଓ ବିକାଶ ପାଇଁ ଶିକ୍ଷା ଅଂଶୀଦାରମାନେ ନିୟମିତ ଭାବେ କାର୍ଯ୍ୟକ୍ରମ କୌଶଳଗୁଡ଼ିକର ସମୀକ୍ଷା ଓ ଅଧୁନାତନକରଣ କରିବା ଉଚିତ୍ । ଅଦ୍ୟାବଧି ମିଳିଥିବା ସଫଳତା ଜରୁରୀକାଳୀନ ସ୍ଥିତି ଓ ନିରାପତ୍ତା ଅବସ୍ଥାରେ ହୋଇଥିବା ପରିବର୍ତ୍ତନ ଏବଂ ସେଥିସହ ହୋଇଥିବା ପରିବର୍ତ୍ତନଗୁଡ଼ିକ ସେମାନେ ପ୍ରଦର୍ଶନ କରିବା ଉଚିତ । ପୂରଣ ହୋଇନଥିବା ଆବଶ୍ୟକତା ଓ ଅଧିକାର ଏବଂ ସେହି ଆବଶ୍ୟକତାକୁ ପୂରଣ କରିବା ପାଇଁ କୌଶଳର ଉପଯୁକ୍ତ ପରିବର୍ତ୍ତନ ନେଇ ସାମ୍ପ୍ରତିକ ଅଟକଳ କରାଯିବା ଉଚିତ୍ । ବ୍ୟାଘାତଜନିତ ହସ୍ତକ୍ଷେପ ଗୁଣାତ୍ମକମାନ, ଅନ୍ତର୍ଭୁକ୍ତି, ପରିସର, ପ୍ରତିପାଳନ ଓ ଭାଗିଦାରୀ ମାଲିକାନାସତ୍ତ୍ୱ ଆଦିରେ ଉନ୍ନତି ଆଣିବା ପାଇଁ ପ୍ରୋତ୍ସାହିତ କରିବା ଉଚିତ୍ ।

**୫.ଦାତାଙ୍କ କାର୍ଯ୍ୟ :** ଦାତାମାନେ ନିୟମିତ ଜରୁରୀକାଳୀନ ଶିକ୍ଷା କାର୍ଯ୍ୟକ୍ରମ ପରିବର୍ତ୍ତନର ଗୁଣାତ୍ମକ ମାନ ଓ ପରିସର ଉପରେ ସମୀକ୍ଷା କରିବା ଉଚିତ୍ । ସର୍ବନିମ୍ନ ଶିକ୍ଷା ମାନଦଣ୍ଡ ଓ ପ୍ରବେଶକୁ ସୁନିଶ୍ଚିତ କରିବା ପାଇଁ ଜରୁରୀକାଳୀନ ସ୍ଥିତିରେ ପ୍ରଭାବିତ ସ୍ଥାନମାନଙ୍କରେ ପ୍ରବେଶ ସମାନତାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷା ସୁଯୋଗମାନ

ପହଞ୍ଚାଇବା ଲକ୍ଷରେ, ଦୁର୍ବଳ ବର୍ଗର ଶିକ୍ଷାର୍ଥୀମାନଙ୍କ ନାମଲେଖା ଓ ଧାରଣ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଉଚିତ୍ । ପ୍ରବେଶରେ ସମାନତା କହିଲେ ପୁରୁଷ ଓ ମହିଳା, ଶିଶୁ, ଯୁବ ଓ ପୌଢ଼ ଶିକ୍ଷାର୍ଥୀ, ବିଶେଷ କରି ଯେଉଁମାନେ ଜାତି, ଭାଷା ଓ ଭିନ୍ନକ୍ଷମ କାରଣରୁ ଅବହେଳିତ ହୋଇଯାଇଛନ୍ତି ସେମାନଙ୍କୁ ସମାନ ପ୍ରକାର ସୁବିଧା ସୁଯୋଗ ପ୍ରଦାନକୁ ବୁଝାଇଥାଏ । ପ୍ରଭାବିତ ଲୋକଙ୍କ ପାଇଁ ଶିକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଜଳ, ଖାଦ୍ୟ, ବାସସ୍ଥଳ ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଭଳି ଶିକ୍ଷା କାର୍ଯ୍ୟକ୍ରମ ପାଇଁ ପାଣ୍ଠି ବିନିଯୋଗ ଉପରେ ସମାନ ଗୁରୁତ୍ୱ ଦିଆଯିବା ଉଚିତ । ଶରଣାର୍ଥୀ ଅବା ଆଭ୍ୟନ୍ତରୀଣ ଭାବେ ସ୍ଥାନାନ୍ତରିତ ହୋଇଥିବା ଲୋକଙ୍କ ଭଲମନ୍ଦ ବୁଝୁଥିବା ଗୋଷ୍ଠୀଗୁଡ଼ିକ ଏହାର ଅନ୍ତର୍ଭୁକ୍ତ । ସମସ୍ତଙ୍କ ପାଇଁ ଶିକ୍ଷା ଅଧିକାରକୁ ନିଶ୍ଚିତ କରିବା ପାଇଁ ଯଥେଷ୍ଟ ପାଣ୍ଠିର ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଅଟେ । କାର୍ଯ୍ୟକ୍ରମଗୁଡ଼ିକୁ ମିଆଦୀ ପୁନରାବର୍ତ୍ତକ ପାଣ୍ଠିରେ ସୀମିତ କରିବା ଉଚିତ ନୁହେଁ । ଏଗୁଡ଼ିକ ପୁନଃର୍ଲାଭ ପର୍ଯ୍ୟନ୍ତ ଚାଲିବା ଉଚିତ୍ । (ନିମ୍ନରେ ମାର୍ଗଦର୍ଶକ ଟିପ୍ପଣୀ ୭, ପ୍ରବେଶ ଶିକ୍ଷଣ ପରିବେଶ ସାଧାରଣମାନ-୧, ମାର୍ଗଦର୍ଶୀକା ଟିପ୍ପଣୀ-୧, ୨ ଏବଂ ଆଇ ଏନ୍ଇଇ ରେଫରେନ୍ସ ଗାଇଡ଼୍ ଟୁ ଏକ୍ସଟର୍ନାଲ ଏଜୁକେସନ ଫାଇନାନ୍ସିଂ, ଆଇଏନ୍ଇଇ ଟୁଲ୍କିଟ୍ www.ineesite.org/toolkit ରେ ଉପଲବ୍ଧ)

**୬. ଜାତୀୟ କାର୍ଯ୍ୟକ୍ରମଗୁଡ଼ିକର ଦୃଢ଼ୀକରଣ :** ଜରୁରୀକାଳୀନ ଶିକ୍ଷା ପରିବର୍ତ୍ତନ କାର୍ଯ୍ୟକ୍ରମଗୁଡ଼ିକ ଜାତୀୟ ଶିକ୍ଷା କାର୍ଯ୍ୟକ୍ରମ ସହିତ ମେଳ ଖାଉଥିବା ଦରକାର । ଏଥିରେ ଜାତୀୟ ଓ ସ୍ଥାନୀୟ ଶିକ୍ଷା ଯୋଜନା, ପ୍ରଶାସନ ଓ ପରିଚାଳନା ତଥା ଭୌତିକ ଭିତ୍ତିଭୂମି ଏବଂ ସେବାକାଳୀନ ଶିକ୍ଷକଙ୍କ ତାଲିମ ଓ ସହାୟତା ଅନ୍ତର୍ଭୁକ୍ତ । ଭିନ୍ନକ୍ଷମ ଓ ସଂଖ୍ୟାଲଘୁ ବର୍ଗର ଶିଶୁକୁ ସାମିଲ କରି ସମସ୍ତ ଶିଶୁଙ୍କ ପାଇଁ ଅନ୍ତର୍ଭୁକ୍ତି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଭବିଷ୍ୟତ ପାଇଁ ଉନ୍ନତ ବ୍ୟବସ୍ଥା ଗଠନ କରିବା ପାଇଁ ଜରୁରୀକାଳୀନ ଶିକ୍ଷା ପରିବର୍ତ୍ତନ କାର୍ଯ୍ୟକ୍ରମ ଶିକ୍ଷା ଅଧିକାରୀମାନଙ୍କ ସହିତ ମିଶି କାର୍ଯ୍ୟ କରିବା ଉଚିତ୍ । (ଶିକ୍ଷା ନୀତି ସାଧାରଣମାନ-୧, ଏବଂ ଶିକ୍ଷାନୀତି ସାଧାରଣମାନ ୨, ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ)

**୭. ଜରୁରୀକାଳୀନ ପରିବର୍ତ୍ତନ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ବିପର୍ଯ୍ୟୟ ଆଶଙ୍କା ହ୍ରାସ :** ବିକାଶ କାର୍ଯ୍ୟ ସହିତ ଜଡ଼ିତ ସଂସ୍ଥା ଓ ଦାତାମାନେ ପ୍ରତିଷେଧକ ବ୍ୟବସ୍ଥା ଓ ସଂକଟ କାଳ ପରେ ପୁନଃର୍ଲାଭ ସମୟର ବ୍ୟବସ୍ଥା ହିସାବରେ ବିପର୍ଯ୍ୟୟ ଆଶଙ୍କା ପ୍ରଶମନ ଓ ଜରୁରୀକାଳୀନ ପ୍ରସ୍ତୁତି କାର୍ଯ୍ୟକ୍ରମ ପାଇଁ ପ୍ରୋତ୍ସାହନ ଓ ସହାୟତା ପ୍ରଦାନ କରିବା ଉଚିତ୍ । ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ପ୍ରସ୍ତୁତିରେ ନିବେଶ କରିବା ଲାଭପ୍ରଦ ଓ ଫଳପ୍ରଦ । କାରଣ ଏହା ଶିକ୍ଷା କର୍ତ୍ତୃପକ୍ଷ ଓ ଅଂଶୀଦାରମାନଙ୍କ ଦ୍ୱାରା କରାଯାଉଥିବା ଉନ୍ନତି, ସମନ୍ୱୟ ଓ ପରିବର୍ତ୍ତନରେ ଯୋଗଦାନ ଦେଇପାରିବ । ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ପ୍ରସ୍ତୁତିରେ ନିବେଶର ଅର୍ଥ ହୋଇପାରେ ଯେ ଜରୁରୀକାଳୀନ ସ୍ଥିତିରେ କମ୍ ନିବେଶ ଆବଶ୍ୟକତା ।

**୮. ସାଂଗଠନିକ ଅଧିକାରର ପ୍ରତିବନ୍ଧକଗୁଡ଼ିକ ଦୂରୀକରଣ :** ଶିଶୁ, ପ୍ରାଥମିକ ଶିକ୍ଷା ଅବା ଶରଣାର୍ଥୀ ଭଳି ପ୍ରସଙ୍ଗରେ ସୀମିତ ଅଧିକାର ଥିବା ମାନବାଧିକାର ସଂଗଠନଗୁଡ଼ିକ ଏହା ନିଶ୍ଚିତ କରିବା ଉଚିତ୍ ଯେ ସେମାନଙ୍କର ଶିକ୍ଷା ପରିବର୍ତ୍ତନ କାର୍ଯ୍ୟକ୍ରମ ବ୍ୟବସ୍ଥା ଶିକ୍ଷା କର୍ତ୍ତୃପକ୍ଷ ଓ ଅନ୍ୟ ଶିକ୍ଷା ଅଂଶୀଦାରମାନଙ୍କ ଶିକ୍ଷା କାର୍ଯ୍ୟକ୍ରମର ଅନୁପୂରକ । ମୋଟାମୋଟି ଭାବରେ ନିମ୍ନଲିଖିତ ବିଷୟଗୁଡ଼ିକ ଶିକ୍ଷା କୌଶଳର ଅନ୍ତର୍ଭୁକ୍ତ ।

- ପ୍ରାକ୍ ବାଲ୍ୟ ବିକାଶ
- ଅନ୍ତର୍ଭୁକ୍ତ ପ୍ରାଥମିକ ଶିକ୍ଷା
- ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଓ ଧନ୍ଦାମୂଳକ ଶିକ୍ଷା ସମେତ ଯୁବବର୍ଗର ଆବଶ୍ୟକତା
- ପୌଢ଼ ଶିକ୍ଷା
- ପ୍ରାକ୍ ସେବା ଓ ସେବାକାଳୀନ ଶିକ୍ଷକ ପ୍ରଶିକ୍ଷଣ ।

ପୌଢ଼ ଶିକ୍ଷାର୍ଥୀଙ୍କ କୌଶଳ ମଧ୍ୟରେ ଅଣ ଅନୁଷ୍ଠାନିକ ଶିକ୍ଷା ପରିସରଭୁକ୍ତ, ଯେଉଁଥିରେ ସାକ୍ଷରତା, ଗାଣିତିକ ଦକ୍ଷତା, ଜୀବନ ଦକ୍ଷତା ବିକାଶ ତଥା ଲ୍ୟାଣ୍ଡମାଇନ୍ ସଚେତନ ଭଳି ନିରାପତ୍ତା ଓ ସୁରକ୍ଷା ପାଇଁ ସଚେତନତା ବଢ଼ାଇଥିବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ମେଧାବୀ ପିଲାଙ୍କ ଶ୍ରେଣୀ ଓ ଧନ୍ଦାମୂଳକ ପ୍ରଶିକ୍ଷଣ ଭଳି ଦୀର୍ଘ ମିଆଦୀ ସହାୟତା ବ୍ୟବସ୍ଥା ବିଦେଶ ଫେରନ୍ତା ବ୍ୟକ୍ତି ରହୁଥିବା ସ୍ଥାନମାନଙ୍କର ଶିକ୍ଷକ ବିକାଶ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ । (ସମନ୍ୱୟ ସାଧାରଣମାନ- ୧ ଓ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ସାଧାରଣମାନ ୧ – ୨ ମଧ୍ୟ ଦେଖନ୍ତୁ)

**୯. ପ୍ରାଥମିକ ତଥ୍ୟ ସଂଗ୍ରହ :** ପ୍ରାଥମିକ ତଥ୍ୟ ହେଉଛି ଉପସ୍ଥିତ ଜନବସତିରେ ନୂଆ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ସେମାନଙ୍କ ସଂପର୍କରେ ସଂଗ୍ରହ କରାଯାଇଥିବା ସୂଚନାକୁ ବୁଝାଇଥାଏ । ଏହା ସେଠାକାର ଶିକ୍ଷାର ସ୍ଥିତି ସଂପର୍କରେ କାର୍ଯ୍ୟକ୍ରମର କର୍ମଚାରୀମାନଙ୍କୁ ଅବଗତ କରିବାରେ ସହାୟକ ହୁଏ ଓ ପରବର୍ତ୍ତୀ କାଳରେ ନିରୀକ୍ଷଣ ଓ ମୂଲ୍ୟାୟନ ସମୟରେ ସଂଗୃହିତ ତଥ୍ୟ ସହ ତୁଳନା କରିବାର ଏକ ଆଧାର ରୂପେ ବ୍ୟବହୃତ ହୁଏ । ପ୍ରାଥମିକ ତଥ୍ୟକୁ ବ୍ୟବସ୍ଥିତ ଢ଼ଙ୍ଗରେ ସଂଗ୍ରହ କରାଯିବା ଉଚିତ । ଉଦାହରଣ ସ୍ୱରୂପ ଲୋକସଂଖ୍ୟା ତଥା ବିଦ୍ୟାଳୟ ଉପସ୍ଥାପନା ହାର ଓ ଶିକ୍ଷକ-ଛାତ୍ରଛାତ୍ରୀ ଅନୁପାତ । ଗୋଟିଏ ସ୍ତର ପର୍ଯ୍ୟନ୍ତ ତଥ୍ୟ ନିର୍ଦ୍ଦିଷ୍ଟ ହେବା ଉଚିତ୍ । ଉଦାହରଣ ସ୍ୱରୂପ – ଯଦି ବିଦ୍ୟାଳୟରେ ଝିଅମାନଙ୍କ ଉପସ୍ଥାପନା ହାର ବଢ଼ାଇବା ପାଇଁ ଏକ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ତା'ହେଲେ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପୂର୍ବରୁ ବିଦ୍ୟାଳୟ ଝିଅମାନଙ୍କ ଉପସ୍ଥାପନା ହାରକୁ ପ୍ରାଥମିକ ତଥ୍ୟ ଭାବେ ବ୍ୟବହୃତ ହେବ ।

## ସମୀକ୍ଷା ପଦ୍ଧତି -୩ : ନିରୀକ୍ଷଣ

ଶିକ୍ଷା ପରିବର୍ତ୍ତନ କାର୍ଯ୍ୟକ୍ରମର ନିୟମିତ ନିରୀକ୍ଷଣ ଓ ତଦ୍‌ନୁଯାୟୀ ପ୍ରଭାବିତ ଲୋକଙ୍କ ଶୈକ୍ଷିକ ଆବଶ୍ୟକତା ସଂପର୍କରେ ମଧ୍ୟ ନିରୀକ୍ଷଣ କରାଯାଏ ।

### ମାର୍ଗଦର୍ଶୀକା ଟିପ୍ପଣୀ :

**୧.ନିରୀକ୍ଷଣ:** ପରିବର୍ତ୍ତିତ ଶିକ୍ଷା ଆବଶ୍ୟକତାକୁ କାର୍ଯ୍ୟକ୍ରମଗୁଡିକ ପୂରଣ କରିପାରୁଛନ୍ତି ନା ନାହିଁ ତାହା ଜାଣିବା ପାଇଁ ଏକ ନିରୀକ୍ଷଣ ବ୍ୟବସ୍ଥାକୁ ଆପଣାଯାଏ । ସେହିଭଳି ଉକ୍ତ କାର୍ଯ୍ୟକ୍ରମଗୁଡିକ ନିର୍ଦ୍ଦିଷ୍ଟ ପୃଷ୍ଠଭୂମିରେ କିପରି ସହଯୋଗୀ ସାବ୍ୟସ୍ତ ହୋଇଛନ୍ତି ତାହା ବି ଦେଖାଯାଏ । ଏହା –

- ସୁନିଶ୍ଚିତ କରେ ଯେ ହସ୍ତକ୍ଷେପଗୁଡିକ ପ୍ରଯୁଜ୍ୟ ଓ ଗ୍ରହଣୀୟ
- ଉନ୍ନତି ପାଇଁ ସମ୍ଭାବନାଗୁଡିକୁ ଚିହ୍ନଟ କର
- ସଂଘର୍ଷ ଦୂରୀକରଣ ଓ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଦିଗରେ ଯୋଗଦାନ କରେ
- ଉତ୍ତରଦାୟିତ୍ୱକୁ ଉତ୍ସାହିତ କରେ

ଶିକ୍ଷା କାର୍ଯ୍ୟକ୍ରମର ଯୋଜନାବଦ୍ଧ ଓ ଅଣ-ଯୋଜନାବଦ୍ଧ ପ୍ରଭାବଗୁଡିକ ସଂପର୍କରେ ନିରୀକ୍ଷଣ ହେବା ଉଚିତ୍ । ଏହାଦ୍ୱାରା ସୁନିଶ୍ଚିତ କରାଯାଇପାରିବ ଯେ ସେଗୁଡିକ ଅନଭିପ୍ରେତ ଭାବେ ଦୁର୍ବଳତା, ପକ୍ଷପାତିତା, ସଂଘର୍ଷ ଅବା ପ୍ରାକୃତିକ ବିପତ୍ତିକୁ ବୃଦ୍ଧି କରାଇ ନାହାନ୍ତି । ଅଘୋଷିତ ନିରୀକ୍ଷଣ ଗ୍ରସ୍ତ ବା ପୂର୍ବ ସୂଚନା ମୁତାବକ ନିରୀକ୍ଷଣ କରାଯିବା ଦ୍ୱାରା ନିରୀକ୍ଷଣ ତଥ୍ୟର ବୈଧତାରେ ଉନ୍ନତି ପରିଲକ୍ଷିତ ହେବ । ନିରୀକ୍ଷଣର ଢ଼ାଞ୍ଚା ହିଁ ନିର୍ଦ୍ଧାରିଣ କରିବ ଯେ ଆବଶ୍ୟକତା ଅନୁସାରେ ଅନେକ ସମୟରେ କିଭଳି ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ କରାଯାଏ । ତଥ୍ୟ ସଂଗ୍ରହ ପାଇଁ ଆବଶ୍ୟକ ହେଉଥିବା ସମ୍ବଳ ଓ ପ୍ରକ୍ରିୟାଗୁଡିକୁ ମଧ୍ୟ ନିରୀକ୍ଷଣ ଢ଼ାଞ୍ଚା ହିଁ ନିର୍ଦ୍ଧାରଣ କରିବ । ଗୋଟିଏ ଗୋଟିଏ ନମୂନା ଆଧାରରେ ସ୍କୁଲ ଓ ଅନ୍ୟ ଶିକ୍ଷା କାର୍ଯ୍ୟକ୍ରମରୁ ଅନେକ ପ୍ରକାର ସୂଚନା ସଂଗ୍ରହ କରାଯାଇପାରିବ । ଆବଶ୍ୟକତା ଓ ସମସ୍ୟା ସଂପର୍କରେ ତତ୍‌କ୍ଷଣାତ୍ ସଂକେତ ଦେଇ ଏହି ନମୂନାଗୁଡିକୁ ସଂଗ୍ରହ କରାଯାଇପାରିବ । ନିମ୍ନଲିଖିତ ସୂଚନାଗୁଡିକୁ ଅନ୍ତର୍ଭୁକ୍ତ କରାଯାଇପାରେ ।

- ଉପସ୍ଥାପନା ଓ ଡ୍ରପ୍-ଆଉଟ୍ ସଂପର୍କରେ ଭିନ୍ନଭିନ୍ନ ତଥ୍ୟ
- ସ୍କୁଲକୁ ଆସିବା ପୂର୍ବରୁ ଛାତ୍ରଛାତ୍ରୀମାନେ ଖାଆନ୍ତି ନା ନାହିଁ
- ପଢ଼ାବହି ଏବଂ ଶିକ୍ଷାଦାନ ସଂପର୍କିତ ଅନ୍ୟାନ୍ୟ ଉପକରଣ ଉପଲବ୍ଧ ଅଛି ନା ନାହିଁ

କେତେ ଶିଶୁ ସ୍କୁଲକୁ ଯାଉ ନାହାନ୍ତି, କେତେ ଅଧାରୁ ପାଠପଢ଼ା ଛାଡୁଛନ୍ତି, ସେମାନେ କାହିଁକି ପାଠପଢ଼ା ଛାଡୁଛନ୍ତି- ଏସବୁ ସଂପର୍କରେ ଜାଣିବା ପାଇଁ କେତୋଟି ଘରକୁ ଯାଇ ପଚରାଉଚରା ପରିବାକୁ ପଡିବ । ନିରୀକ୍ଷଣ କେବଳ ମହିଳା ଓ ଦୁର୍ବଳ ବର୍ଗଙ୍କୁ ସିଧାସଳଖ ଶୁଣିବା ଜରୁରୀ । ଯଦି ଜାତିଭିତ୍ତିକ ବା ଅନ୍ୟ ସାମାଜିକ ବର୍ଗଙ୍କ ସଂପର୍କରେ ତଥ୍ୟ ଖୁବ୍ ସମ୍ବେଦନଶୀଳ ଅବା ସେଠାରୁ ବ୍ୟାପକ ଭାବେ ତଥ୍ୟ ସଂଗ୍ରହ କରିବାରେ କଷ୍ଟକର ବ୍ୟାପାର ତା' ହେଲେ ନମୂନା ସର୍ବେକ୍ଷଣ ଏବଂ ଗୁଣାତ୍ମକ ଫିଡ୍‌ବ୍ୟାକ ଦ୍ୱାରା ମଧ୍ୟ ଏକ ନିର୍ଦ୍ଦିଷ୍ଟ ବର୍ଗରେ ଥିବା ସମସ୍ୟାକୁ ଚିହ୍ନଟ କରିଥାଏ । ଏ କ୍ଷେତ୍ରରେ ଅଣ-ଆନୁଷ୍ଠାନିକ ଆଲୋଚନା ଦ୍ୱାରା ନମୂନା ସଂଗ୍ରହ କରାଯାଇପାରେ ।

ସୁରକ୍ଷା ବ୍ୟବସ୍ଥାରେ ବିଶୃଙ୍ଖଳା, ଶିକ୍ଷାର୍ଥୀ, ଶିକ୍ଷକ, ଅନ୍ୟାନ୍ୟ ଶିକ୍ଷା ଅଧିକାରୀ ଓ ଶିକ୍ଷା ଭିତିଭୂମିଗୁଡିକର ନିରାପତ୍ତା ନିମିତ୍ତ ନିରୀକ୍ଷଣ ଓ ରିପୋର୍ଟିଂ ବ୍ୟବସ୍ଥା ଆବଶ୍ୟକ । ଯେଉଁଠାରେ ଅସ୍ତ୍ରଶସ୍ତ୍ରରେ ଆକ୍ରମଣ ଆଶଙ୍କା ଥାଏ, ଅପହରଣ, ଶିଶୁମାନଙ୍କୁ ସେନା ବାହିନୀ ଅବା ଅପରାଧିକ ଗୋଷ୍ଠୀରେ ସାମିଲ କରାଯିବା ଏବଂ ଲିଙ୍ଗଗତ ହିଂସା ଅବା ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ଥାଏ ବିଶେଷ କରି ସେଠାରେ ଏହା ଅତ୍ୟାବଶ୍ୟକ । ନିରୀକ୍ଷଣର ଏହି ବ୍ୟବସ୍ଥା ପାଇଁ (ସୁରକ୍ଷା, ନ୍ୟାୟ, ନିରାପତ୍ତା ଓ ମାନବାଧିକାର) ଶିକ୍ଷା ଅଂଶୀଦାରମାନେ ସ୍ଥାନୀୟ ଓ ଜାତୀୟ ଅଧିକାରୀ ଅବା ଜାତି ସଂଘ ଏବଂ ବେସରକାରୀ ସଂସ୍ଥାଗୁଡିକୁ ସହିତ ସଂପର୍କ ସ୍ଥାପନ କରିବାକୁ ହେବ । ଦିଆଯାଇଥିବା ସୂଚନାର ସମ୍ବେଦନଶୀଳତାକୁ ଗୁରୁତ୍ୱର ସହିତ ବିଚାରକୁ ନିଆଯିବା ଉଚିତ୍ । ଆବଶ୍ୟକ ସ୍ଥଳେ ଚଳନ୍ତି ଶିକ୍ଷା ପରିବର୍ତ୍ତନ କାର୍ଯ୍ୟକ୍ରମରେ କିଛି କିଛି ଜିନିଷ ବଦଳା ଯାଇପାରିବ । ଏହା ନିରୀକ୍ଷଣର ଫଳାଫଳ ଅନୁଯାୟୀ କରାଯିବା ଉଚିତ୍ ।

**୨. ନିରିକ୍ଷଣରେ ସଂଶ୍ଳିଷ୍ଟ ଥିବା ଲୋକ:** ପ୍ରଭାବିତ ଅଞ୍ଚଳରେ ସବୁ ବର୍ଗର ଲୋକମାନଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବା ଆବଶ୍ୟକ । ଏହି କାର୍ଯ୍ୟରେ ନିୟୋଜିତ ଲୋକେ ଖୁବ୍ ସମ୍ବେଦନଶୀଳତାର ସହିତ ଏହି କାର୍ଯ୍ୟ କରିବା ଉଚିତ୍ । ତଥ୍ୟ ସଂଗ୍ରହ ପାଇଁ ଗଠିତ ଟିମ୍‌ଗୁଡିକ ଲିଙ୍ଗଗତ ଦୃଷ୍ଟିରୁ ସମତୂଲ୍ୟ ହେବା ବାହୁଲ୍ୟ । ସେମାନେ ସ୍ଥାନୀୟ ଭାଷାରେ ନିର୍ଦ୍ୱନ୍ଦ୍ୱରେ କଥାବାର୍ତ୍ତା ହୋଇପାରୁଥିବେ ଓ ତଥ୍ୟ ସଂଗ୍ରହରେ ତାଲିମ୍‌ପ୍ରାପ୍ତ ହୋଇଥିବେ । ଯେଉଁମାନଙ୍କ ପ୍ରତି ଅଧିକ ବିଶ୍ୱାସନୀୟତା ଥିବା ସେହିମାନଙ୍କ ଦ୍ୱାରା ମହିଳା ଓ ସଂଖ୍ୟାଲଘୁ ବର୍ଗଙ୍କ ସହିତ ବିଚାରବିମର୍ଶ କରାଯିବା ଦରକାର । ଯୁବବର୍ଗ ସମେତ ପ୍ରଭାବିତ ଗୋଷ୍ଠୀର ପ୍ରତିନିଧିମାନଙ୍କୁ ଯେତେଶୀଘ୍ର ସମ୍ଭବ ନିରୀକ୍ଷଣ କାର୍ଯ୍ୟରେ ସାମିଲ କରାଯିବା ଉଚିତ୍ । ଏହାଦ୍ୱାରା ଶିକ୍ଷା କାର୍ଯ୍ୟକ୍ରମ ଅଧିକ ପ୍ରଭାବଶାଳୀ ହୋଇପାରିବ । ଏହା ବିଶେଷ କରି ଏକ ନିର୍ଦ୍ଦିଷ୍ଟ ବର୍ଗକୁ ଦିଆଯାଉଥିବା ନନ୍-ଫର୍ମାଲ୍ ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ; ଯେପିରିକି କିଶୋରୀ ଝିଅଅବା ଭିନ୍ନକ୍ଷମ ଶିକ୍ଷାର୍ଥୀ (ସମୀକ୍ଷା ପଦ୍ଧତି ୨, ପଥପ୍ରଦର୍ଶକ ଟିପ୍ପଣୀ ୨, ଏବଂ ସମୀକ୍ଷା ପଦ୍ଧତି ୪, ପଥପ୍ରଦର୍ଶକ ଟିପ୍ପଣୀ ୩, ) ।

**୩. ଗୋଟିଏ ଜାତୀୟ ଶିକ୍ଷା ପରିଚାଳନା ସୂଚନା** ବ୍ୟବସ୍ଥା ଅବା ତତ୍‌ସମାନ ବ୍ୟବସ୍ଥାର ବିକାଶ ଅବା ପୁନଃଥଇଥାନ ପାଇଁ ଜାତୀୟ, ଆଞ୍ଚଳିକ ଓ ସ୍ଥାନୀୟ ସ୍ତରରେ ଦକ୍ଷତା ବୃଦ୍ଧି ଆବଶ୍ୟକ । ଦକ୍ଷତା ବୃଦ୍ଧି ସଂପୃକ୍ତ ଲୋକମାନଙ୍କର ସୂଚନା ସଂଗ୍ରହ, ପରିଚାଳନା,ହସ୍ତକ୍ଷେପ, ବ୍ୟବହାର ଓ ଆଦାନ ପ୍ରଦାନ ପ୍ରକ୍ରିୟାକୁ ସହାୟତା ଯୋଗାଇ ପାରିବ । ଏହା ଯେତେଶୀଘ୍ର ସମ୍ଭବ ଆରମ୍ଭ କରାଯିବା ଉଚିତ୍ । ବ୍ୟବସ୍ଥାକୁ ପରିଚାଳିତ କରିବା ଲକ୍ଷ୍ୟ ନେଇ ଏଭଳି କରାଯିବା ଉଚିତ୍ । ଏକ ସରକାରୀ ସଂସ୍ଥା ଦ୍ୱାରା ଏହି ଦକ୍ଷତା ବୃଦ୍ଧି କରାଯିବା ଦରକାର(ସମନ୍ୱୟ ପଦ୍ଧତି ୧ , ପଥପ୍ରଦର୍ଶକ ଟିପ୍ପଣୀ୩,  ଶିକ୍ଷାନୀତି ପଦ୍ଧତି ୧ , ପଥପ୍ରଦର୍ଶକ ଟିପ୍ପଣୀ ୫,  ଏବଂ ଶିକ୍ଷା ନୀତି ପଦ୍ଧତି ୨ , ପଥପ୍ରଦର୍ଶକ ଟିପ୍ପଣୀ ୪ ଦେଖନ୍ତୁ)

ଶିକ୍ଷା ପରିଚାଳନା ସୂଚନା ବ୍ୟବସ୍ଥା ପାଇଁ ଉପଯୁକ୍ତ ସଫ୍ଟୱାର ଓ ହାର୍ଡୱାର ଖୁବ୍ ଦରକାରୀ । ଜାତୀୟ ଓ ସ୍ଥାନୀୟ ଶିକ୍ଷା ଅଧିକାରୀ ଏବଂ ଅନ୍ୟ ଶିକ୍ଷା  ସବ-ସେକ୍ଟରଗୁଡିକ, ଯେପରିକି ଜାତୀୟ ତାଲିମ୍ ଅନୁଷ୍ଠାନ, ପାଖରେ ସୂଚନାର ଆଦାନପ୍ରଦାନ ପାଇଁ ଉପଯୁକ୍ତ ଉପକରଣ ରହିଥିବା ଉଚିତ୍ । ମୋବାଇଲ ଫୋନଗୁଡିକରେ ସ୍ୱତନ୍ତ୍ର ଧରଣର ସଫ୍ଟୱାର ଲଗାଯିବା ଦ୍ୱାରା ତଥ୍ୟ ସଂଗ୍ରହ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇପାରିବ । କିନ୍ତୁ ବୈଷୟିକ ଜ୍ଞାନକୌଶଳର ଅଭାବ ଯେପରି ସୂଚନା ସଂଗ୍ରହ କାର୍ଯ୍ୟରେ ବାଧା ସୃଷ୍ଟି ନକରେ ସେଥିପ୍ରତି ଦୃଷ୍ଟି ଦିଆଯିବା ଜରୁରୀ ।

୪ .ଯେତେବେଳେ ସମ୍ଭବ **ଶିକ୍ଷାର୍ଥୀମାନଙ୍କର ନିରୀକ୍ଷଣ** କରାଯିବା ଉଚିତ୍ । ବିଶେଷ କରି ଶିକ୍ଷାଗ୍ରହଣ ସମୟରେ ଏବଂ ଶିକ୍ଷାଲାଭକରି ସାରିବା ଅବା ସେମାନଙ୍କର ପାଠ୍ୟକ୍ରମ ଶେଷ କରିସାରିବା ପରେ ସେମାନଙ୍କ ଉପରେ ନିରୀକ୍ଷଣ କରାଯିବା ଉଚିତ୍ । ନିରୀକ୍ଷଣ ମାଧ୍ୟମରେ ପରିଣାମ ଓ ମାନର ସମୀକ୍ଷା କରାଯାଇପାରିବ । ଉଦାହରଣ ସ୍ୱରୂପ:

- ଶିଶୁମାନଙ୍କ ମଧ୍ୟରେ ସାମାଜିକ- ସମ୍ବେଦନତାର ବିକାଶ
- ଲେଖାପଢ଼ା ଓ ସଂଖ୍ୟା ଗଣନା କୌଶଳ ଫେରାଇ ଆଣିବା
- ମୁଖ୍ୟ ଜୀବନଶୈଳୀ କୌଶଳ ସଂପର୍କରେ ସଚେତନତା ଓ ବ୍ୟବହାର
- ପଢ଼ା ପରବର୍ତ୍ତୀ ଶିକ୍ଷା ଉପକରଣ ଉପଲବ୍ଧ କରାଇବା

ଧନ୍ଦାମୂଳକ ଶିକ୍ଷାରେ ଶିକ୍ଷାର୍ଥୀମାନଙ୍କ ପାଇଁ କେତେ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି ତା'ର ଉପରେ ନିରୀକ୍ଷଣ କରାଯିବା ଉଚିତ୍ । ଏହି କାର୍ଯ୍ୟକ୍ରମ ଶେଷ ହୋଇଯିବା ପରେ ଶିକ୍ଷାର୍ଥୀଙ୍କୁ ନିରୀକ୍ଷଣ କରାଯିବା ଦ୍ୱାରା ଏହି କାର୍ଯ୍ୟକ୍ରମର ଡିଜାଇନ୍ ପ୍ରସ୍ତୁତରେ ଗୁରୁତ୍ୱପୂର୍ଣ୍ଣ ଫିଡ୍‌ବ୍ୟାକ୍ ମିଳିପାରିବ(ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପଦ୍ଧତି ୪ ଏବଂ ନେଟ୍‌ୱାର୍କ ମିନିମମ୍ ଷ୍ଟାଣ୍ଡାର୍ଡ ଫର ଇକୋନୋମିକ୍ ରିକୋଭରି ଆଫ୍ଟର କ୍ରାଇସିସ୍, ନିଯୁକ୍ତ ସୁଯୋଗ ପଦ୍ଧତି ଓ ଉଦ୍ୟୋଗ ବିକାଶ ପଦ୍ଧତି ଦେଖନ୍ତୁ) ।

## ବିଶ୍ଲେଷଣ ସାଧାରଣମାନ - ୪ : ମୂଲ୍ୟାୟନ

ବ୍ୟବସ୍ଥିତ ଓ ନିରପେକ୍ଷ ମୂଲ୍ୟାୟନ ଶିକ୍ଷା ପରିବର୍ତ୍ତନ କାର୍ଯ୍ୟକ୍ରମକୁ ଉନ୍ନତ କରିଥାଏ ଏବଂ ଉତ୍ତରଦାୟିତ୍ୱକୁ ବୃଦ୍ଧି କରାଇଥାଏ ।

**ମୁଖ୍ୟ କାର୍ଯ୍ୟ (ମାର୍ଗଦର୍ଶକ ଟିପ୍ପଣୀ ସହିତ ପଢ଼ା ଯିବା ଜରୁରୀ)**

- ଶିକ୍ଷା ପରବର୍ତ୍ତନ କାର୍ଯ୍ୟକ୍ରମଗୁଡ଼ିକର ନିୟମିତ ମୂଲ୍ୟାଙ୍କନ ଦ୍ୱାରା ବିଶ୍ୱାସଯୋଗ୍ୟ ଏବଂ ସ୍ୱଚ୍ଛ ତଥ୍ୟ ମିଳିପାରିବ ଏବଂ ଭବିଷ୍ୟତର ଶିକ୍ଷା କାର୍ଯ୍ୟକ୍ରମ ପାଇଁ ଏହା ମାର୍ଗସୂଚକ ହେବ । (ମାର୍ଗଦର୍ଶୀକା ଟିପ୍ପଣୀ ୧-୨ ଦେଖନ୍ତୁ)
- ପ୍ରଭାବିତ ଗୋଷ୍ଠୀ ଓ ଶିକ୍ଷା କର୍ତ୍ତୃପକ୍ଷଙ୍କ ସମେତ ସମସ୍ତ ଅଂଶୀଦାର ମୂଲ୍ୟାଙ୍କନରେ ସଂପୃକ୍ତ ହୁଅନ୍ତି (ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ)
- ପାଠ ଉତ୍ତମ ପଦ୍ଧତି ସଂପର୍କରେ ବ୍ୟାପକ ଚର୍ଚ୍ଚା କରାଯାଏ ଓ ଭବିଷ୍ୟତର ସମର୍ଥନ କାର୍ଯ୍ୟକ୍ରମ ଓ ନୀତି ପାଇଁ ମାର୍ଗ ସୂଚକ ହୁଏ (ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ)

### ମାର୍ଗଦର୍ଶୀକା ଟିପ୍ପଣୀ

**୧. ନିରୀକ୍ଷଣ ଓ ମୂଲ୍ୟାୟନ ମଧ୍ୟରେ ପାର୍ଥକ୍ୟ :** ଶିକ୍ଷା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହାସଲ କରିବା ନିମନ୍ତେ ଉଭୟ ନିରୀକ୍ଷଣ ଓ ମୂଲ୍ୟାୟନ ପ୍ରମୁଖ ଭୂମିକା ନିର୍ବାହ କରିଥାଆନ୍ତି । ନିରୀକ୍ଷଣ ଏକ ପ୍ରଚଳିତ ପଦ୍ଧତି ଯାହା ନିୟମିତ ଭାବରେ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକର ଅଗ୍ରଗତି ପରିମାପ କରିଥାଏ । କାର୍ଯ୍ୟକ୍ରମ ପ୍ରଚଳନ ସମୟରେ ଏହା ଶିକ୍ଷା କାର୍ଯ୍ୟକ୍ରମରେ ସାମିଲ ଅଧିକାରୀମାନଙ୍କୁ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣିବା ପାଇଁ ସୁଯୋଗ ଦେଇଥାଏ କିମ୍ବା କାର୍ଯ୍ୟକ୍ରମରେ ଥିବା ଯୋଜନା ଯେପରି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ ପଥରୁ ବିଚ୍ୟୁତ ନ ହୁଏ ତାହାକୁ ସୁନିଶ୍ଚିତ କରାଏ ।

ମୂଲ୍ୟାୟନ ବାରମ୍ବାର କରାଯାଏ ନାହିଁ । ସାଧାରଣତଃ କାର୍ଯ୍ୟକ୍ରମ ବା ଯୋଜନା ମଧ୍ୟଭାଗରେ ବା ସମାପ୍ତି ପରେ କରାଯାଇଥାଏ ଏବଂ ଏହା ବାହ୍ୟ ଅଥବା ସ୍ୱାଧିନ ସଂସ୍ଥା ଦ୍ୱାରା କରାଯାଇଥାଏ । ଏହା ଫଳାଫଳ ପରିମାପକରେ ଓ ଉପସ୍ଥିତ ପରିଣାମ କେତେଦୂର ହାସଲ ହୋଇ ପାରିଛି ତାହା ମୂଲ୍ୟାଙ୍କନ କରେ । ଅଗ୍ରାଧିକାର ଦିଆଯାଇଥିବା କାର୍ଯ୍ୟକ୍ରମ, ନୀତି ଓ ଆଇନଗତ ସାଧନ ପାଇଁ କାର୍ଯ୍ୟକ୍ରମଗୁଡ଼ିକ କେତେଦୂର ଉପାଦେୟ ଓ କାର୍ଯ୍ୟକ୍ରମଗୁଡ଼ିକ ଦକ୍ଷ ଭାବରେ କାର୍ଯ୍ୟକାରୀ ହୋଇଛି କି ନାହିଁ ମୂଲ୍ୟାୟନରୁ ସୂଚନା ମିଳେ ।

**୨. ଶିକ୍ଷା ପରିବର୍ତ୍ତନ କାର୍ଯ୍ୟାବଳୀର ମୂଲ୍ୟାୟନ:** ଏହା ବିଭିନ୍ନ ପନ୍ଥା ଏବଂ ପ୍ରଣାଳୀ ବ୍ୟବହାର କରେ ଯାହା ଦ୍ୱାରା କାର୍ଯ୍ୟକ୍ରମ ଫଳାଫଳ ସମ୍ବନ୍ଧରେ ସମୟୋଚିତ ଓ ବିଶ୍ୱସନୀୟ ତଥ୍ୟ ମିଳିଥାଏ ଓ ଏହା ମଧ୍ୟ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ପ୍ରଭାବିତ କରିପାରେ । କାର୍ଯ୍ୟକ୍ରମର ପ୍ରଭାବ ଜନସାଧାରଣଙ୍କ ଜୀବନରେ ଘଟୁଥିବା ପରିବର୍ତ୍ତନରୁ ଅନୁମେୟ ହୁଏ । ଲିଙ୍ଗ ଓ ବୟସ ଭିତ୍ତିକ ଗୁଣାତ୍ମକ ଓ ପରିମାଣାତ୍ମକ ତଥ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ବିଭିନ୍ନ ବସ୍ତୁ ସମ୍ବନ୍ଧରେ ଗଣନା କରାଯାଇପାରୁଥିବା ତଥ୍ୟ ପରିମାଣାତ୍ମକ ଅଟେ । ଏହା ଦ୍ୱାରା ବିଭିନ୍ନ ଫଳାଫଳରୁ ପରିମାଣ କରାଯାଇଥାଏ ଯଥା – ନାମ ଲେଖା ଉପସ୍ଥାପନା, ପାଠତ୍ୟାଗୀ ଓ ସଫଳତା ହାସଲ କରିବା ଇତ୍ୟାଦି । ବିଭିନ୍ନ ତଥ୍ୟ ଯାହାକି ସଂଖ୍ୟା ମାଧ୍ୟମରେ ପରିପ୍ରକାଶ କରିହେବ ନାହିଁ ତାହା ଗୁଣାତ୍ମକ ତଥ୍ୟର ଅନ୍ତର୍ଭୁକ୍ତ । ଗୁଣାତ୍ମକ ତଥ୍ୟର ଉଦାହରଣଗୁଡ଼ିକ ହେଲା ବିଦ୍ୟାଳୟ ବା ଅନ୍ୟାନ୍ୟ ଶିକ୍ଷଣ ସ୍ଥାନରେ ଯାହା ସବୁ ଘଟଣା ଘଟେ ଓ ନାମଲେଖା ଉପସ୍ଥାନ ଓ ପାଠତ୍ୟାଗ ହାର ପଛରେ ଥିବା ବିଭିନ୍ନ କାରଣ ମାନ (ବିଶ୍ଳେଷଣ ସାଧାରଣ ମାନ ୧ ମାର୍ଗଦର୍ଶକ ଟିପ୍ପଣୀ– ୨ ଓ ସମନ୍ୱୟ ପଦ୍ଧତି ୧ , ମାର୍ଗଦର୍ଶୀକା ଟିପ୍ପଣୀ ୩ ଦେଖନ୍ତୁ)

**୩ ମୂଲ୍ୟାୟନ ଦ୍ୱାରା ଦକ୍ଷତା ବୃଦ୍ଧି:** ଶିକ୍ଷାକର୍ତ୍ତୃପକ୍ଷ, ଗୋଷ୍ଠୀ ପ୍ରତିନିଧି ଓ ଶିକ୍ଷାର୍ଥୀମାନଙ୍କ ସମେତ ସଂପୃକ୍ତ ଅଂଶୀଦାରମାନଙ୍କର ଦକ୍ଷତା ବୃଦ୍ଧି ପାଇଁ କର୍ମଶାଳା ଆୟୋଜନ କରିବା ପାଇଁ ମୂଲ୍ୟାୟନ ଆର୍ଥିକ ଅଟକଳରେ ବ୍ୟବସ୍ଥା ରହିବା ଉଚିତ୍ । ଏଥିରେ ମୂଲ୍ୟାୟନର ସନ୍ନିବେଷ୍ଟ ହେବା ସଙ୍ଗେ ସଙ୍ଗେ ବାଖ୍ୟା ହୋଇ ପାରିବ ଓ ଯୋଗଦାନ ପୂର୍ବକ ତଥା ସ୍ୱଚ୍ଛ ଭାବରେ ମୂଲ୍ୟାୟନ ଯୋଜନାମାନ ପ୍ରସ୍ତୁତ ହୋଇ ପାରିବ । ସମସ୍ତ ଅଂଶୀଦାରମାନେ ଏକତ୍ର ହୋଇ ସିଦ୍ଧାନ୍ତ ଗୁଡ଼ିକର ସମୀକ୍ଷା ଓ ତର୍ଜମା କରିବାର ସୁଯୋଗ ମିଳି ପାରିବ । ତଥ୍ୟ ସଂଗ୍ରହକୁ ଅଧିକ ନିର୍ଭୁଲ କରିବା ପାଇଁ ଓ ବାସ୍ତବିକ କାର୍ଯ୍ୟକାରୀ ହୋଇ ପାରୁଥିବା ସୁପାରିଶ ମାନଙ୍କୁ ସମର୍ଥନ ଦେବା ପାଇଁ ମୂଲ୍ୟାୟନ ପ୍ରକ୍ରିୟାରେ ଶିକ୍ଷାର୍ଥୀ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମକର୍ତ୍ତାମାନଙ୍କୁ ସାମିଲ କରିବା ଉଚିତ୍ । ଉଦାହରଣ ସ୍ୱରୂପ, ପ୍ରସ୍ତାବିତ ସୁପାରିଶମାନ କାର୍ଯ୍ୟକାରୀ ହେଲେ କିକି ପ୍ରତିବନ୍ଧକ ସୃଷ୍ଟି ହେବ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମକର୍ତ୍ତାମାନେ ସେ ଦିଗରେ ଅନ୍ତଃଦୃଷ୍ଟି ନିକ୍ଷେପ କରିପାରିବେ । (ବିଶ୍ଳେଷଣ ସାଧାରଣ ମାନ ୩ ମାର୍ଗଦର୍ଶୀକା ଟିପ୍ପଣୀ ୨ ଏବଂ ଶିକ୍ଷାନିତୀ ସାଧାରଣମାନ ୨ , ମାର୍ଗଦର୍ଶୀକା ଟିପ୍ପଣୀ ୪ ମଧ୍ୟ ଦେଖନ୍ତୁ ।)

**୪.ମୂଲ୍ୟାୟନ ସିଦ୍ଧାନ୍ତ ଓ ପାଠ୍ୟ ଲବ୍ଧଜ୍ଞାନ ଭାଗହାରୀ:** ମୂଲ୍ୟାୟନ ରିପୋର୍ଟରେ ଥିବା ମୁଖ୍ୟ ତଥ୍ୟାବଳୀ ବିଶେଷକରି ସୁପାରିଶମାନ ଓ ଲବ୍ଧଜ୍ଞାନ ଗୋଷ୍ଠୀ ସଦସ୍ୟମାନଙ୍କ ସମେତ ସମସ୍ତଙ୍କୁ ବୋଧ ହେଲା ଭଳି ଅବଗତ କରାଯିବା ଉଚିତ୍ । ସେଗୁଡ଼ିକ ଭବିଷ୍ୟତ କାର୍ଯ୍ୟ ପନ୍ଥାର ସୂଚକ ହେବା ଉଚିତ୍ ସମ୍ବେଦନଶୀଳ ତଥ୍ୟଗୁଡ଼ିକୁ ସତର୍କତାର ସହ ପରିଚାଳନା କରାଯିବା ଦରକାର, ଯଦ୍ୱାରା ଏହା ଜରୁରୀକାଳୀନ ସ୍ଥିତି କିମ୍ବା ଦ୍ୱନ୍ଦ୍ୱକୁ ଅଧିକ ବଢ଼ାଇବ ନାହିଁ ଏବଂ / ଅଥବା ସୂଚନା ପ୍ରଦାନକାରୀ, ଯେଉଁମାନେ ବେନାମୀ ବା ସମ୍ବେଦନଶୀଳ ସୂଚନା ପ୍ରଦାନ

କରିଥିଲେ ସେମାନଙ୍କୁ ବିପଦରେ ପକାଇବ ନାହିଁ । (ସମନ୍ୱୟ ସାଧାରଣ ମାନ ୧, ମାର୍ଗଦର୍ଶୀକା ଟିପ୍ପଣୀ ୩ ଓ ୫ ଏବଂ ଶିକ୍ଷା ନୀତି ସାଧାରଣମାନ ୨, ମାର୍ଗଦର୍ଶୀକା ଟିପ୍ପଣୀ ୪ ମଧ୍ୟ ଦେଖନ୍ତୁ) ।

ଏହି ପଦ୍ଧତିଗୁଡ଼ିକର ଉପଯୋଗ କରିବା ପାଇଁ ସାହାଯ୍ୟ କରିବାକୁ ଥିବା ଉପକରଣଗୁଡ଼ିକ ସଂପର୍କରେ ଆଇ.ଏନ୍.ଇ.ଇ ଟୁଲ୍‌କିଟ୍ www.ineesite.org/toolkit ଯାଇ ଦେଖନ୍ତୁ ।

ଆଇଏନ୍‌ଇଇ ଟୁଲ୍‌କିଟ୍
- ଆଇଏନ୍‌ଇଇ ସର୍ବନିମ୍ନ ପଦ୍ଧତି
  - କାର୍ଯ୍ୟକାରୀ ଉପକରଣ
    - ମୂଳଦୂଆ ପଦ୍ଧତି

# ୨. ପ୍ରବେଶ ସୁଯୋଗ ଓ ଶିକ୍ଷଣ ପରିବେଶ

## ୨ .ଭିତ୍ତିଗତ ମାନଦଣ୍ଡ କ୍ଷେତ୍ର: ଗୋଷ୍ଠୀ ଅଂଶଗ୍ରହଣ, ସମନ୍ୱୟ, ବିଶ୍ଳେଷଣ

### ପ୍ରବେଶ ସୁଯୋଗ ଓ ଶିକ୍ଷଣ ପରିବେଶ କ୍ଷେତ୍ର

| ମାନଦଣ୍ଡ- ୧<br>ସମାନ ପ୍ରବେଶ ସୁଯୋଗ | ମାନଦଣ୍ଡ- ୨<br>ସୁରକ୍ଷା ଓ ମଙ୍ଗଳ ବିଧାନ | ମାନଦଣ୍ଡ-୩<br>ସୁବିଧା ସୁଯୋଗ ଓ ସେବା |
|---|---|---|
| ସମସ୍ତଙ୍କ ପାଇଁ ଗୁଣାତ୍ମକ ଓ ପ୍ରାସଂଗିକ ଶିକ୍ଷା ସୁଯୋଗ ଉପଲବ୍ଧ କରାଇବା | ସୁରକ୍ଷା ଓ ମଙ୍ଗଳ ବିଧାନ<br>ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀଙ୍କ ମନସ୍ତାତ୍ତ୍ୱିକ - ସାମାଜିକ ମଙ୍ଗଳ ବିଧାନ ଓ ସୁରକ୍ଷା ପାଇଁ ଶିକ୍ଷଣ ପରିବେଶକୁ ସୁରକ୍ଷିତ ଓ ନିରାପଦ ରଖିବା | ଶିକ୍ଷାଲାଭ ପାଇଁ ସୁଯୋଗଗୁଡିକ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀଙ୍କର ମଙ୍ଗଳ ବିଧାନ କରିବା ସଂଗେସଂଗେ ସେମାନଙ୍କର ସ୍ୱାସ୍ଥ୍ୟ, ପୁଷ୍ଟି ମନସ୍ତାତ୍ତ୍ୱିକ-ସାମାଜିକ ଓ ସୁରକ୍ଷା ସେବାଗୁଡିକ ସହିତ ସଂଯୁକ୍ତ ହୋଇଥାଏ । |

ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର ଓ ସମ୍ବଳ । ତେବେ ଜରୁରୀକାଳୀନ ସ୍ଥିତି ସମୟରେ ଏହା ସୀମିତ ହୋଇଯାଏ । ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କୁ ପରିସ୍ଥିତି ସହିତ ମୁକାବିଲା କରିବାରେ ଏବଂ ସେମାନଙ୍କ ଜୀବନର ସାଧାରଣ ଅବସ୍ଥା ଫେରାଇ ଆଣିବାରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ବଞ୍ଚିବା ପାଇଁ ଏହା ଜୀବନରକ୍ଷାକାରୀ ଜ୍ଞାନ ଓ ବଂଚିବାର କୌଶଳ ଶିଖାଇଥାଏ । ପରିବର୍ତ୍ତନ ପାଇଁ ଏହା ଏକ ସୁଯୋଗ ଦେଇଥାଏ, ଯାହା ଶିକ୍ଷାର ଗୁଣ ଓ ମାନ୍ୟତାକୁ ବୃଦ୍ଧି କରିଥାଏ ।

ଆପଦକାଳୀନ ସ୍ଥିତିରେ ପୁର୍ନଉଦ୍ଧାର ପ୍ରକ୍ରିୟା ମଧ୍ୟରେ ଶିକ୍ଷା କାର୍ଯ୍ୟକ୍ରମର ପରିଚାଳନା ଅଧିକାଂଶ ସମୟରେ କଷ୍ଟକର ବ୍ୟାପାର ହୋଇଥାଏ । ନୂତନ ପ୍ରଭାବ ପ୍ରବଣ ବର୍ଗଗୁଡ଼ିକ ଏପରିସ୍ଥଳେ ଶିକ୍ଷାର କୌଣସି ଲାଭ ନ ପାଇବାର ଭୟ ଥାଏ କିମ୍ବା ଆପଦକାଳୀନ ଅବସ୍ଥାରେ ପୂର୍ବରୁ ଭୋଗିଥିବା ବିପଦ ଓ ଉପେକ୍ଷା ପୁଣିଥରେ ଉଭା ହେବାର ସମ୍ଭାବନା ଥାଏ । ଯେମିତି ସମସ୍ତ ବ୍ୟକ୍ତି ଏକ ସୁରକ୍ଷିତ ଶିକ୍ଷଣ ପରିବେଶ ମଧ୍ୟରେ ଉପାଦେୟ ଗୁଣାତ୍ମକ ଶିକ୍ଷା ପାଇପାରିବେ ତାହା ନିଶ୍ଚିତ କରିବା ଜାତୀୟ କର୍ତ୍ତୃପକ୍ଷ, ଗୋଷ୍ଠୀ ଓ ମାନବବାଦୀ ସଂଗଠନମାନଙ୍କର କର୍ତ୍ତବ୍ୟ । ଏହା ଶିକ୍ଷାର୍ଥୀ, ଶିକ୍ଷକ ଏବଂ ଶିକ୍ଷାକର୍ମୀ ମାନଙ୍କର ଶାରୀରିକ ସୁରକ୍ଷା ମନସ୍ତାତ୍ତ୍ୱିକ-ସାମାଜିକ ମଙ୍ଗଳ ବିଧାନ କରିବାରେ ସହାୟକ ହୋଇଥାଏ ।

ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀମାନେ ବହୁ ସମୟରେ ସ୍କୁଲକୁ ଯିବା ଆସିବା ବାଟରେ କିମ୍ବା ଶିକ୍ଷଣ ପରିବେଶ ମଧ୍ୟରେ ଶାରୀରିକ କିମ୍ବା ମନସ୍ତାତ୍ତ୍ୱିକ-ସାମାଜିକ ବିପଦର ସମ୍ମୁଖୀନ ହୋଇପାରନ୍ତି । ଆପଦକାଳୀନ ପରିସ୍ଥିତିରେ ପୁନଃଉଦ୍ଧାର କାର୍ଯ୍ୟକ୍ରମ ସେମାନଙ୍କୁ ଶାରୀରିକ ଓ ମନସ୍ତାତ୍ତ୍ୱିକ-ସାମାଜିକ ସୁରକ୍ଷା ଯୋଗାଇଦେଇ ପାରିବ । ସ୍କୁଲ, ଶିକ୍ଷଣ କେନ୍ଦ୍ର ଓ ଶିଶୁଙ୍କୁ ସୁହାଇଲା ଭଳି ସ୍ଥାନ ସମେତ ଅସ୍ଥାୟୀ ଓ ସ୍ଥାୟୀ ଶିକ୍ଷାକେନ୍ଦ୍ର ଏମିତି ଜାଗାରେ ନିର୍ମାଣ କରାଯିବା ଆବଶ୍ୟକ ଯେପରିକି ସେଗୁଡିକ ଯେକୌଣସି ସମ୍ଭାବ୍ୟ ବିପର୍ଯ୍ୟୟର ପ୍ରଭାବରୁ ମୁକ୍ତ ଥିବେ । ଯେଉଁମାନଙ୍କ ପାଇଁ ଏଭଳି କେନ୍ଦ୍ର ନିର୍ମାଣ ହୋଇଥାଏ ସେମାନେ ଯେମିତି ସେଠାକୁ ସହଜରେ ଯାଇଆସି ପାରିବେ ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ।

ସୁରକ୍ଷିତ ଶିକ୍ଷାବ୍ୟବସ୍ଥା ନିରବଚ୍ଛିନ୍ନ ଶିକ୍ଷଣ ପ୍ରକ୍ରିୟାକୁ ନିଶ୍ଚିତ କରିଥାଏ । ଏହା ମଧ୍ୟ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ସମୟରେ ଆସୁଥିବା ବାଧାବିଘ୍ନକୁ ହ୍ରାସ କରିଥାଏ । ଏହି କେନ୍ଦ୍ରଗୁଡ଼ିକ ଗୋଷ୍ଠୀକାର୍ଯ୍ୟକ୍ରମ ପାଇଁ ମଧ୍ୟ ଉପଯୋଗୀ ହୋଇଥାଏ ଏବଂ ଦାରିଦ୍ର୍ୟ ଓ ନିରକ୍ଷରତା ଦୂରୀକରଣ ଏବଂ ବିଭିନ୍ନ ରୋଗର ପ୍ରକୋପ ହ୍ରାସକରିବାରେ ସହାୟକ ହୋଇଥାଏ । ଯେଉଁସବୁ ସ୍ଥାନରେ ପୂର୍ବରୁ ଶିକ୍ଷାଗତ ବୈଷମ୍ୟ ରହିଛି, ସେଠାରେ ନିରାପଦ ଓ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା କରାଯାଇ ପାରିଲେ, ତାହା ଶାନ୍ତି ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଭେଦଭାବ ଯୋଗୁ କୌଣସି ବ୍ୟକ୍ତି ଶିକ୍ଷା ସୁଯୋଗ ପାଇବାରୁ ବଞ୍ଚିତ ହେବା ଉଚିତ ନୁହେଁ । ସମସ୍ତଙ୍କ ନିମନ୍ତେ ଶିକ୍ଷା ଅଧିକାର ନିଶ୍ଚିତ କରିବା ପାଇଁ ଏବଂ ଶିକ୍ଷା ଲାଭ ସୁଯୋଗ ହାସଲ କରିବା ପଥରେ ଥିବା ବାଧା ବିଘ୍ନକୁ ହ୍ରାସକରିବା ପାଇଁ ଉଭୟ ଔପଚାରିକ ଏବଂ ଅନୌପଚାରିକ ଶିକ୍ଷା ବ୍ୟବସ୍ଥା ହେବା ଉଚିତ । ଝିଅ ପୁଅମାନଙ୍କ ପ୍ରତି ରହିଥିବା ବିପଦ ଆପଦ ଏବଂ ବିଶେଷ କରି ଲିଙ୍ଗଗତ ବୈଷମ୍ୟ ପ୍ରତି  ଶିକ୍ଷା ପ୍ରଦାନକାରୀମାନେ ସତର୍କ ରହିବା ଉଚିତ୍ । ଏଭଳି ଆଶଙ୍କାକୁ ହ୍ରାସ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ । ଉଦାହରଣ ସ୍ୱରୂପ ସ୍କୁଲ ଦେୟ, ଭାଷା, ଏବଂ ଭିତ୍ତିଭୂମି ଜନିତ ବାଧା ମାଧ୍ୟମରେ ହେଉଥିବା ଭେଦଭାବ କେତେକ ବର୍ଗଙ୍କୁ ଶିକ୍ଷାଲାଭ ସୁଯୋଗରୁ ବଞ୍ଚିତ କରିପାରେ ।

| ଶିକ୍ଷାଲାଭ ସୁଯୋଗ ଓ ଶିକ୍ଷଣ ପରିବେଶ ମାନଦଣ୍ଡ ୧ :ସମାନ ଶିକ୍ଷାଲାଭ ସୁଯୋଗ |
| --- |
| ସମସ୍ତ ବ୍ୟକ୍ତି ଗୁଣାତ୍ମକ ଓ ପ୍ରାସଙ୍ଗିକ ଶିକ୍ଷାଲାଭ ସୁବିଧା ପାଇବା ଆବଶ୍ୟକ |

**ମୁଖ୍ୟ କାର୍ଯ୍ୟାବଳୀ** (ମାର୍ଗ ଦର୍ଶକ ଟିପ୍ପଣୀ ସହିତ ମିଶାଇ ପଢ଼ନ୍ତୁ)

- ବୈଷମ୍ୟ ଯୋଗୁ କୌଣସି ବ୍ୟକ୍ତି କିମ୍ୱା ସାମାଜିକ ବର୍ଗକୁ ଶିକ୍ଷାଲାଭ ସୁଯୋଗ ଏବଂ ଶିକ୍ଷଣ ସୁବିଧାରୁ ବଞ୍ଚିତ କରାଯିବ ନାହିଁ  (ମାର୍ଗଦର୍ଶକ ଟିପ୍ପଣୀ- ୧ ଦେଖନ୍ତୁ)
- ଶିକ୍ଷଣ ଢ଼ାଞ୍ଚା ଓ ସ୍ଥାନ ସମସ୍ତଙ୍କୁ ଉପଲବ୍ଧ ହେବା ଆବଶ୍ୟକ (ମାର୍ଗଦର୍ଶକ ଟିପ୍ପଣୀ- ୧ ଦେଖନ୍ତୁ)
- ନାମଲେଖା ସମୟରେ ପ୍ରମାଣପତ୍ର ଇତ୍ୟାଦିର ଅଭାବ ବା ଅନ୍ୟକିଛି ଆବଶ୍ୟକତାକୁ ନେଇ କୌଣସି ପ୍ରକାର ପ୍ରତିବନ୍ଧକ ରହିବା ଉଚିତ ନୁହେଁ (ମାର୍ଗଦର୍ଶକ ଟିପ୍ପଣୀ- ୨ ଓ ୪ ଦେଖନ୍ତୁ)
- ପ୍ରଭାବିତ ଲୋକମାନଙ୍କର ଶିକ୍ଷାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଅନେକ ପରିବର୍ତ୍ତନଶୀଳ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଶିକ୍ଷାଲାଭ ସୁବିଧା ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବା ଉଚିତ । (ମାର୍ଗଦର୍ଶକ ଟିପ୍ପଣୀ-୩ ଓ ୫ ଦେଖନ୍ତୁ)
- ସମସ୍ତ ଶିଶୁ, ଯୁବକ ଓ ବୟସ୍କଙ୍କ ନିମନ୍ତେ ଗୁଣାତ୍ମକ ଓ ପ୍ରାସଙ୍ଗିକ ଶିକ୍ଷା ନିଶ୍ଚିତ କରିବା ପାଇଁ ସ୍ଥାନୀୟ ଗୋଷ୍ଠୀକୁ ସୂକ୍ଷ୍ମାନୁଭବୀ କରଣ (sensitization) ଓ ତାଲିମ ମାଧ୍ୟମରେ ଅଧିକମାତ୍ରାରେ ସଂପୃକ୍ତ କରାଯିବା ଉଚିତ (ମାର୍ଗଦର୍ଶକ ଟିପ୍ପଣୀ-୬-୭...)
- ଶିକ୍ଷା କାର୍ଯ୍ୟକ୍ରମରେ ଯେପରି ନିରବଛିନ୍ନତା, ସାମ୍ୟତା ଓ ଗୁଣାତ୍ମକତା ବଜାୟ ରହେ ତାହା ନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ସମ୍ୱଳ ଯେପରି ଅବିଛିନ୍ନ ଭାବରେ ଉପଲବ୍ଧ ହୁଏ ସେଥି ପ୍ରତି ଦୃଷ୍ଟି ଦେବାକୁ ହେବ  । (ମାର୍ଗଦର୍ଶକ ଟିପ୍ପଣୀ-୮ ...)
- ଆପଦକାଳୀନ ସ୍ଥିତି ଯୋଗୁଁ ସୃଷ୍ଟ ପରିସ୍ଥିତିର ସମାପ୍ତି ପରେ ଶିକ୍ଷାର୍ଥୀମାନେ ଯେପରି ଆନୁଷ୍ଠାନିକ ଶିକ୍ଷାରେ ନୂଆକରି କିମ୍ୱା ପୁଣିଥରେ ଯୋଗ ଦେବା ପାଇଁ ସୁଯୋଗ ପାଆନ୍ତି ସେଥିପ୍ରତି ଧ୍ୟାନ ଦେବାକୁ

ହେବ (ମାର୍ଗଦର୍ଶକ ଟିପ୍ପଣୀ-୯...)

- ଶରଣାର୍ଥୀ ପ୍ରସଙ୍ଗିତ ଶିକ୍ଷାକାର୍ଯ୍ୟକ୍ରମକୁ ସ୍ଥାନୀୟ ଶିକ୍ଷା କର୍ତ୍ତୃପକ୍ଷ ଓ ସଂପୃକ୍ତ ମୂଳଦେଶର ସ୍ୱୀକୃତି ନିଶ୍ଚିତ କରିବା ଆବଶ୍ୟକ।
- ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କ ଶିକ୍ଷାସେବା ଯେପରି ଆୟୋଜକ ଦେଶର ଲୋକଙ୍କ ଉପରେ କୌଣସି ନକରାତ୍ମକ ପ୍ରଭାବ ନ ପକାଏ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ।

## ମାର୍ଗଦର୍ଶକ ଟିପ୍ପଣୀ

**୧. ବୈଷମ୍ୟତା:** ଲିଙ୍ଗ, ବୟସ, ଅକ୍ଷମତା, ଏଚ୍.ଆଇ.ଭି. ସ୍ଥିତି, ଜାତୀୟତା, ବଂଶ, ଜାତି, ଉପଜାତି, ସଂପ୍ରଦାୟ, ଗୋତ୍ର/ଧର୍ମ, ଭାଷା, ସଂସ୍କୃତି, ରାଜନୈତିକ ସଂପୃକ୍ତି, ଲିଙ୍ଗଗତ ପ୍ରବଣତା (Sexual orientation), ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି, ଭୌଗଳିକ ସ୍ଥିତି କିମ୍ବା ନିର୍ଦ୍ଦିଷ୍ଟ ଶୈକ୍ଷିକ ଆବଶ୍ୟକତା ପ୍ରଭୃତି ସୃଷ୍ଟିକରୁଥିବା ବାଧାଗୁଡିକ ଭେଦଭାବର ଅର୍ନ୍ତଭୁକ୍ତ । ଭେଦଭାବ ଉଦ୍ଦେଶ୍ୟମୂଳକ କରାଯାଇପାରେ । ବେଳେବେଳେ ଏହା ଅଜାଣତରେ ମଧ୍ୟ ହୁଏ, ଯେମିତିକି, ଶିକ୍ଷାକେନ୍ଦ୍ରଗୁଡ଼ିକ ଏମିତିଭାବେ ନିର୍ମାଣ କରାଯାଇଥାଏ ଯେ ଭିନ୍ନକ୍ଷମମାନେ ସେଠାକୁ ଯିବାକୁ ସମର୍ଥ ହୁଅନ୍ତି ନାହିଁ କିମ୍ବା ଶିକ୍ଷାନୀତି ଓ ପ୍ରଚଳିତ ପ୍ରଥାଗୁଡିକ ବିଦ୍ୟାର୍ଥୀଙ୍କ ଯୋଗଦାନ ପାଇଁ ସହାୟକ ହୋଇ ନ ଥାଏ । ଗର୍ଭବତୀ ବାଳିକା ଅଥବା ଏଚ୍.ଆଇ.ଭି ଆକ୍ରାନ୍ତ ଶିକ୍ଷାର୍ଥୀଙ୍କୁ ସ୍କୁଲ ଆସିବାକୁ ବାରଣ କରିବା ଭେଦଭାବର ଉଦାହରଣ। ଠିକ୍ ସେହିପରି ସ୍କୁଲ୍ ଦେୟ, ୟୁନିଫର୍ମ, ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ବାବଦରେ ଖର୍ଚ୍ଚ ଭେଦଭାବର ଉତ୍ସ ହୋଇଥାଏ ।

ନିର୍ଦ୍ଦିଷ୍ଟ ବର୍ଗ କିମ୍ବା ବ୍ୟକ୍ତି ଜରୁରୀକାଳୀନ ସ୍ଥିତି ସମୟରେ ଶିକ୍ଷାଲାଭ ସୁଯୋଗ ପାଇବାରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଜରୁରୀକାଳୀନ ସ୍ଥିତି ଓ ବିସ୍ଥାପନ ଯୋଗୁ ଆଉ କିଛି ଲୋକ ଅଧିକ ପ୍ରଭାବ ପ୍ରବଣ ହୋଇଯାଆନ୍ତି। ସେମାନେ ହେଲେ:

- ଶାରୀରିକ ଓ ମାନସିକ ଭିନକ୍ଷମ ବ୍ୟକ୍ତି
- ଗୁରତର ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଜଡ଼ିତ ଓ ମନସ୍ତତ୍ତ୍ୱିକ-ସାମାଜିକ ସମସ୍ୟାରେ ଆକ୍ରାନ୍ତ ବ୍ୟକ୍ତି
- ବାଳିକା
- ଯୁବାବର୍ଗ
- ସେନା ବାହିନୀ ଏବଂ ସଶସ୍ତ୍ର ଗୋଷ୍ଠୀ ସହିତ ସଂପୃକ୍ତ ପିଲାମାନେ
- କିଶୋର ବୟସର ଗୃହକର୍ତ୍ତା
- କିଶୋରୀ ବୟସର ମାଆ
- ନିର୍ଦ୍ଦିଷ୍ଟ ଉପଜାତି ଅବା ସାମାଜିକ ବର୍ଗର ବ୍ୟକ୍ତି

ଜାତୀୟ କର୍ତ୍ତୃପକ୍ଷ, ଗୋଷ୍ଠୀ ଓ ମାନବବାଦୀ ସଂଗଠନଗୁଡ଼ିକର ଦାୟିତ୍ୱ ହେଉଛି ସମସ୍ତଙ୍କୁ ଶିକ୍ଷାଲାଭ ସୁଯୋଗ ପ୍ରାପ୍ତ କରାଇବା । ଏହାର ଅର୍ଥ ହେଉଛି ଶିକ୍ଷାରୁ ବଞ୍ଚିତ ବ୍ୟକ୍ତି ଓ ଭିନ୍ନଭିନ୍ନ ପୃଷ୍ଠଭୂମିରେ ଶିକ୍ଷଣର ଆବଶ୍ୟକତାକୁ ଅନୁଭବ କରୁଥିବା ବ୍ୟକ୍ତିମାନଙ୍କର ଅଭାବ ଓ ପ୍ରାଥମିକତାର ଆକଳନ ଓ ତାହା ପୂରଣ କରବା ପାଇଁ ପ୍ରଚେଷ୍ଟା କରିବା । ଯେଉଁସବୁ ଭେଦଭାବ ସୃଷ୍ଟିକାରୀ ନୀତି ଓ ପ୍ରୟୋଗ ଶିକ୍ଷାଲାଭ ସୁଯୋଗ ପ୍ରଦାନ କରିବାରେ ବାଧକ ହେଉଛନ୍ତି ସେସବୁକୁ ଚିହ୍ନଟ କରିବା ଓ ତା'ର ଆଶୁ ନିରାକରଣ କରିବା ବାଞ୍ଛନୀୟ । ନିର୍ଦ୍ଦିଷ୍ଟ ଜାତି, ଭାଷାଭାଷୀ, ଭୌଗଳିକ ଅଞ୍ଚଳ ଅବା ବୟସର ଲୋକଙ୍କୁ ଶିକ୍ଷାର ସୁଯୋଗ ଦିଆ ନ ଗଲେ ତାହା ଅଧିକ ଜନ ଅସନ୍ତୋଷର କାରଣ ହେବ ଓ ସଂଘର୍ଷକୁ ଉସୁକାଇବ ।

ଆର୍ନ୍ତଜାତୀୟ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ଚୁକ୍ତି (୧୯୬୬) ଶିକ୍ଷାଅଧିକାର ବିଷୟରେ ସ୍ପଷ୍ଟ କରି ଦେଇଛି:

- କୌଣସି ପ୍ରକାର ଗୋଷ୍ଠୀ, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ଅବା ମତପାର୍ଥକ୍ୟ, ମୂଳ ଜାତୀୟତା ଅବା ସାମାଜିକ ଉତ୍ପତ୍ତି, ସଂପତ୍ତି, ଜନ୍ମଗତ ଅବା ଅନ୍ୟାନ୍ୟ ମାନ୍ୟତା ଭିତ୍ତିରେ ଭେଦଭାବ ନ କରି ଶିକ୍ଷା ଅଧିକାର ଦେବାକୁ ଏହି ଚୁକ୍ତିର ଧାରା-୨ ସ୍ୱୀକୃତି ଦେଇଛି ।
- ଧାରା-୧୩ ସମସ୍ତଙ୍କୁ ଶିକ୍ଷା ଅଧିକାରର ସ୍ୱୀକୃତି ଦେଇଛି । ଏହା ମଣିଷର ବ୍ୟକ୍ତିତ୍ୱର ସଂପୂର୍ଣ୍ଣ ବିକାଶ ଓ ତାହାର ମର୍ଯ୍ୟଦା ସଂପର୍କରେ ଜ୍ଞାନ ପ୍ରଦାନ ନିମନ୍ତେ ଅଭିପ୍ରେତ । ଏହା ମାନବାଧିକାର ପ୍ରତି ସମ୍ମାନ ଓ ମୌଳିକ ସ୍ୱାଧୀନତାକୁ ଦୃଢୀଭୂତ କରିଥାଏ । ଏକ ସ୍ୱାଧୀନ ସମାଜରେ ଫଳପ୍ରଦଭାବେ ଅଂଶଗ୍ରହଣ କରିବା ପାଇଁ ଶିକ୍ଷା, ଲୋକମାନଙ୍କୁ ସକ୍ଷମ କରାଏ । ଏହା ସହିତ ସମସ୍ତ ଦେଶ, ଜାତି, ଧର୍ମ ସଂପ୍ରଦାୟ ମଧ୍ୟରେ ଉତ୍ତମ ବୁଝାମଣା, ସହନଶୀଳତା ଓ ବଂଧୁତ୍ୱକୁ ପ୍ରୋତ୍ସାହିତ କରିବାରେ ଶିକ୍ଷା ସହାୟକ ହେବା ସଂଗେସଂଗେ ଏହା ମଧ୍ୟ ମିଳିତ ଜାତିସଂଘର ଶାନ୍ତି ବଜାୟରଖିବା କାର୍ଯ୍ୟାବଳୀକୁ ଆଗେଇ ନେଇଥାଏ । ଧାରା-୧୩ ଶିକ୍ଷା ଅଧିକାରକୁ ନିମ୍ନଲିଖିତ କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ଣ୍ଣଭାବେ ହାସଲ କରିବା ନିମନ୍ତେ ଦେଶମାନଙ୍କ ପାଖରେ ପ୍ରତିଶ୍ରୁତିବଦ୍ଧ:

୧) ସମସ୍ତଙ୍କ ପାଇଁ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ଏବଂ ନିଃଶୁଳ୍କ ଉପଲବ୍ଧ ହେବ,

୨) ବୈଷୟିକ ଏବଂ ଧନ୍ଦାମୂଳକ ଶିକ୍ଷା ସମେତ ମାଧ୍ୟମିକ ଶିକ୍ଷାର ବିଭିନ୍ନ ବିଭାଗ ଉପଯୁକ୍ତ ଉପାୟରେ ସମସ୍ତଙ୍କ ନିମନ୍ତେ ଉପଲବ୍ଧ କରାହେବ ଏବଂ ବିଶେଷକରି ମାଧ୍ୟମିକ ଶିକ୍ଷାକୁ ତୁରନ୍ତ ନିଃଶୁଳ୍କ କରି ତହିଁରେ ସମସ୍ତଙ୍କ ନିମନ୍ତେ ପ୍ରବେଶ ସୁଯୋଗ ସୃଷ୍ଟି କରାଯିବ;

୩) ବିଶେଷ କରି ଯେଉଁମାନେ ଆଦୌ ପ୍ରାଥମିକ ଶିକ୍ଷାର ଦ୍ୱାର ମାଡ଼ି ନାହାଁନ୍ତି ଅଥବା ଅଧାରୁ ପାଠପଢ଼ା ଛାଡ଼ି ଦେଇଛନ୍ତି ସେମାନଙ୍କ ପାଇଁ ଯଥାସମ୍ଭବ ମୌଳିକ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ ବା ତୀବ୍ରତର କରାହେବ (ଦ୍ରଷ୍ଟବ୍ୟ

ଶିକ୍ଷା ନୀତି ମାନଦଣ୍ଡ-୧ , ମାର୍ଗଦର୍ଶକ ଟିପ୍ପଣୀ-୧ ଓ ୭ ,  ଶିକ୍ଷାନୀତି ମାନଦଣ୍ଡ-୨ ମାର୍ଗଦର୍ଶକ ଟିପ୍ପଣୀ )

**୨. ନାମଲେଖା ପଂଜୀକରଣ ଓ ସଂପୂର୍ଣ୍ଣ ଶିକ୍ଷା:** ନାମ ଲେଖା ପାଇଁ ଆବଶ୍ୟକୀୟ ଦସ୍ତାବିଜ (documents) କୁ ନେଇ କୋହଳ ମନୋଭାବ ପୋଷଣ କରାଯିବା ଉଚିତ । ସ୍କୁଲରେ ନାମଲେଖା ପାଇଁ ନାଗରିକ ପ୍ରମାଣ ପତ୍ର, ଜନ୍ମ ବା ବୟସ ପ୍ରମାଣ ପତ୍ର, ପରିଚୟ ପତ୍ର ବା ସ୍କୁଲ ରିପୋର୍ଟ ମାଗିବା ଅନାବଶ୍ୟକ, କାରଣ ଜରୁରୀକାଳୀନ ସ୍ଥିତିର ସମ୍ମୁଖୀନ ହୋଇଥିବା ବ୍ୟକ୍ତି ପାଖରେ ଏ ସବୁ ଦସ୍ତାବିଜ୍ ନ ଥାଇପାରେ  । ବୟସ ନିୟମକୁ କଡ଼ାକଡ଼ି ନ ଧରି ଶିଶୁର ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ ଓ ତାର ସାଂସ୍କୃତିକ ବୈଶିଷ୍ଟ୍ୟ କୁ ସମ୍ମାନ ପ୍ରଦାନ କରାଯିବା ଉଚିତ । ଅଧାରୁ ସ୍କୁଲ ଛାଡ଼ିଥିବା ଶିଶୁମାନଙ୍କୁ ଦ୍ୱିତୀୟ ଥର ପାଇଁ ନାମ ଲେଖାଇବାକୁ ଅନୁମତି ଦିଆଯିବା ଉଚିତ । ଏହା ସହିତ ସବୁଠାରୁ ପ୍ରଭାବ ପ୍ରବଣ ବର୍ଗକୁ ଚିହ୍ନଟ କରାଯିବା ଦରକାର ଓ ସେମାନଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରିବା ନିମନ୍ତେ ସ୍ୱତନ୍ତ୍ର ଉଦ୍ୟମ ହେବା ଉଚିତ । ଯେଉଁଠାରେ ଶିଶୁର ସୁରକ୍ଷା ସମ୍ପର୍କିତ ସମସ୍ୟା ଥିବ, ସେଠାରେ ଦସ୍ତାବିଜ ଓ ନାମଲେଖା ସଂପର୍କୀୟ ତଥ୍ୟକୁ ଗୋପନୀୟ ରଖାଯିବା ଉଚିତ । (ଦ୍ରଷ୍ଟବ୍ୟ : ମାର୍ଗ ଦର୍ଶକ ଟିପ୍ପଣୀ - ୪, ଶିକ୍ଷା ନୀତି ମାନଙ୍କ - ୧ ମାର୍ଗଦର୍ଶକ ଟିପ୍ପଣୀ- ୧, ୨ ଓ ୭ ଏବଂ ଶିକ୍ଷାନୀତି ମାନଙ୍କ-୨ ମାର୍ଗ ଦର୍ଶକ ଟିପ୍ପଣୀ-୧ )

**୩. ବିସ୍ତୃତ ଗୁଣାତ୍ମକ ଶିକ୍ଷା ସୁଯୋଗ :** ସମସ୍ତ ଶିକ୍ଷାର୍ଥୀଙ୍କ ଶୈକ୍ଷିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏବଂ ଦେଶର ଆର୍ଥିକ, ସାମାଜିକ ଓ ରାଜନୈତିକ ବିକାଶରେ ଯୋଗଦାନ ଲକ୍ଷ୍ୟ ନିଶ୍ଚିତ କରିବା ନିମନ୍ତେ ବିସ୍ତୃତ ଗୁଣାତ୍ମକ ଶିକ୍ଷା ସୁଯୋଗମାନ ଉପଲବ୍ଧ ହେବା ଆବଶ୍ୟକ । ଏହି ସୁଯୋଗମାନ ଶିକ୍ଷାର୍ଥୀ ଓ ତାଙ୍କ ପୃଷ୍ଠଭୂମି ପରିପ୍ରେକ୍ଷୀରେ ପ୍ରାସଙ୍ଗିକ ହେବା ଉଚିତ । ଏଥିରେ ନିମ୍ନୋକ୍ତ ବିଷୟ ଅନ୍ତର୍ଭୁକ୍ତ କରାଯାଇପାରେ:

- ପ୍ରାକ୍-ଶୈଶବ ବିକାଶ
- ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚଶିକ୍ଷା
- ସାକ୍ଷରତା ଓ ଗଣନା ଶିକ୍ଷା
- ଜୀବନ କୌଶଳ ଶିକ୍ଷା
- ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଭଳି ଯୁବ ଓ ପୌଢ଼ଶିକ୍ଷା କାର୍ଯ୍ୟକ୍ରମ

ଉକ୍ତ ସଂକଟ ସମୟରେ ଆନୁଷ୍ଠାନିକ ଶିକ୍ଷାର ସ୍ଥାପନ ଅବା ପୁନଃ କ୍ରିୟାଶୀଳ କରାଯିବାବେଳେ ପ୍ରଥମ କାର୍ଯ୍ୟ ହେଉଛି ଶିଶୁକୁ ସୁହାଇଲା ଭଳି ସ୍ଥାନ ବା ସୁରକ୍ଷିତ ସ୍ଥାନ ନିରୂପଣ କରିବା । ଏହାର ଲକ୍ଷ୍ୟ ହେଉଛି ଶିଶୁ ଓ ଯୁବଗୋଷ୍ଠୀକୁ ସୁରକ୍ଷା ଯୋଗାଇ ଦେବା ଓ ତାଙ୍କ ହିତ ସାଧନ କରିବା । କେତେକ କ୍ଷେତ୍ରରେ ଶିଶୁ ଓ ଯୁବଗୋଷ୍ଠୀକୁ ଆନୁଷ୍ଠାନିକ ଶ୍ରେଣୀରେ ପୁନଃ ପ୍ରବେଶ ନିମନ୍ତେ ପ୍ରସ୍ତୁତ କରାଯାଏ ତ ଆଉ କେତେକ ଯାଗାରେ ତାଙ୍କୁ ଅଣ

ଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟାବଳୀରେ ଅଂଶଗ୍ରହଣ ପାଇଁ ସୁଯୋଗ ଦିଆଯାଏ । ଏଭଳି ପଦକ୍ଷେପ ଶିଶୁରୁ ଯୁବକ ପର୍ଯ୍ୟନ୍ତ ବିଭିନ୍ନ ବୟସର ଶିକ୍ଷାର୍ଥୀମାନଙ୍କୁ ଢ଼ାଞ୍ଚାଗତ ଶିକ୍ଷଣ (structured learning), ଖେଳକୁଦ, ନାଟକ, କଳା, ସଂଗୀତ, ସୁରକ୍ଷାର ସୁଯୋଗ ପ୍ରଦାନ କରିବା ସହିତ ମନସ୍ତାତ୍ତ୍ୱିକ-ସାମାଜିକ ସମର୍ଥନ ଯୋଗାଇ ଦେଇଥାଏ। ଶିଶୁକୁ ସୁହାଇଲା ଭଳି ସ୍ଥାନ, ଗୋଷ୍ଠୀର ସଦସ୍ୟ, ମାନବିକ ସଂଗଠନ ଓ ସରକାରୀ କାର୍ଯ୍ୟକର୍ତ୍ତାଙ୍କୁ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଶିକ୍ଷାର ଆବଶ୍ୟକତା ଓ ଦକ୍ଷତା ନିରୂପଣ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ। ଏହା ମଧ୍ୟ କିପରି ଭାବେ ସ୍ଥାନୀୟ ଉଦ୍ୟମକୁ ସମନ୍ୱିତ ଓ ସହାୟକ ହେବ ତାହାର ସୁଯୋଗ ଦେଇଥାଏ।

**୪. ନମନୀୟତା (Flexibility):** ଶିକ୍ଷଣ ସୁଯୋଗ ନମନୀୟ ଓ ପ୍ରାସଙ୍ଗିକ ହେବା ଆବଶ୍ୟକ। ଏହାକୁ ନିର୍ଦ୍ଦିଷ୍ଟ ପୃଷ୍ଠଭୂମୀ ସହିତ ଖାପଖୁଆଇବା ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମଗୁଡିକ ଗ୍ରହଣ କରାଯିବା ଆବଶ୍ୟକ:

- ନିର୍ଦ୍ଦିଷ୍ଟ ବର୍ଗର ଶିକ୍ଷାର୍ଥୀଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଶ୍ରେଣୀସୂଚୀ, ସମୟ, ଅବଧି ଓ ବାର୍ଷିକ ସମୟ ନିର୍ଘଣ୍ଟର ପରିବର୍ତ୍ତନ
- ଶିକ୍ଷାଦାନର ବିକଳ୍ପ ଉପାୟ ଯେପରିକି ସ୍ୱଶିକ୍ଷଣ, ଦୂରଶିକ୍ଷଣ ଏବଂ ତ୍ୱରିତ ଶିକ୍ଷଣ କାର୍ଯ୍ୟକ୍ରମ ସ୍ଥିର କରିବା
- ପିତାମାତା ହୋଇଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ଶିଶୁଯତ୍ନ ସେବାର ବ୍ୟବସ୍ଥା
- ଆବଶ୍ୟକସ୍ଥଳେ ଜନ୍ମ ଅବା ବୟସ ପ୍ରମାଣ ପତ୍ର ଭଳି ଦସ୍ତାବିତ୍ ଆବଶ୍ୟକତାକୁ କୋହଳ କରିବା

ଶିକ୍ଷଣ ସୁଯୋଗଗୁଡ଼ିକ ଗ୍ରହଣ କରିବା ପାଇଁ ଗୋଷ୍ଠୀର ସଦସ୍ୟ, ଯୁବବର୍ଗ, ମହିଳା ଓ ଅନ୍ୟାନ୍ୟ ବର୍ଗର ସଦସ୍ୟ ଯେଉଁମାନେ କି ବାଦ ପଡିଯିବାର ସଂଭାବନା ଥାଏ ସେ ସମସ୍ତଙ୍କୁ ସଂପୃକ୍ତ କରାଯିବା ଉଚିତ । ଗ୍ରହଣ କରିବାକୁ ଥିବା ଶିକ୍ଷଣ ସୁଯୋଗଗୁଡିକର ସ୍ୱୀକୃତି ପାଇଁ ଆଲୋଚନାରେ ସଂପୃକ୍ତ ଶିକ୍ଷା କର୍ତ୍ତୃପକ୍ଷଙ୍କୁ ସାମିଲ କରାଯିବା ଆବଶ୍ୟକ । ଯେପରିକି ସମସ୍ତେ ସେଠାକୁ ସ୍ୱଳ୍ପ ଖର୍ଚ୍ଚରେ ଯିବା ଆସିବା କରିପାରିବେ ଓ ସମସ୍ତ ଶିକ୍ଷଣ ସୁବିଧା ପାଇପାରିବେ । (ଦ୍ରଷ୍ଟବ୍ୟ : ଶିକ୍ଷାନୀତି ମାନକ-୧, ମାର୍ଗ ଦର୍ଶକ ଟିପ୍ପଣୀ-୭ ଏବଂ ଶିକ୍ଷାନୀତି ମାନକ-୨, ମାର୍ଗ ଦର୍ଶକ ଟିପ୍ପଣୀ-୧)

**୫. ଶିକ୍ଷାପାଇଁ ଜରୁରୀ ଅଗ୍ରାଧିକାରଭିତ୍ତିକ କାର୍ଯ୍ୟକ୍ରମ:** ଶିକ୍ଷା ପାଇଁ ଆବଶ୍ୟକ ଜରୁରୀ କାର୍ଯ୍ୟକ୍ରମ ଗୁଡିକ ପ୍ରାଥମିକ ସମୀକ୍ଷା ଉପରେ ପର୍ଯ୍ୟବେଶିତ ହେବା ଉଚିତ । ଏଥିରେ ନିମ୍ନୋକ୍ତ ବିଷୟ ବିବରକୁ ନେବା ଗୁରୁତ୍ୱପୂର୍ଣ୍ଣ:

- ଲିଙ୍ଗ ଓ ବୟସଭିତ୍ତିରେ ଶକ୍ଷାର୍ଥୀମନଙ୍କର ସଂଖ୍ୟାର ଆକଳନ
- ପ୍ରଭାବ ପ୍ରବଣତା ଓ ସୁରକ୍ଷା ଚିନ୍ତା
- ନିର୍ଦ୍ଦିଷ୍ଟ ବିଷୟବସ୍ତୁଗତ ଆବଶ୍ୟକତା, ଯେପରିକି ଜୀବନ ରକ୍ଷାକାରୀ ସୂଚନା

- ଶିକ୍ଷା ବ୍ୟବସ୍ଥାର ପୁନଃସ୍ଥାପନ ପ୍ରକ୍ରିୟା ସହିତ ସଂଯୋଗ ସ୍ଥାପନ

ଏହି ଅଧିକାରଭିତ୍ତିକ କାର୍ଯ୍ୟକ୍ରମ ପାଇଁ ପାଣ୍ଠି, ବ୍ୟବସ୍ଥାଗତ ଓ ସୁରକ୍ଷାଗତ ବାଧାଗୁଡ଼ିକୁ ଦୂର କରିବା ପାଇଁ ଧ୍ୟାନ ଦିଆଯିବା ଉଚିତ, କିନ୍ତୁ ଦେଖିବାକୁ ହେବ ଯେପରି ଏହି ପ୍ରକ୍ରିୟାରେ ପ୍ରଭାବପ୍ରବଣ ବର୍ଗ ବାଦ୍ ନ ପଡ଼ନ୍ତି ।

**୬. ଗୁଣାତ୍ମକ ଓ ପ୍ରାସଙ୍ଗିକ ଶିକ୍ଷା:** ଏହି ଶବ୍ଦଗୁଡିକର ସଜ୍ଞା ଜାଣିବା ପାଇଁ ସଜ୍ଞା ପୃଷ୍ଠା ଦେଖନ୍ତୁ ।

**୭. ଗୋଷ୍ଠୀ ସଂପୃକ୍ତି :** ଶିକ୍ଷା ସୁଯୋଗକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଗୋଷ୍ଠୀଗୁଡିକ ଶିକ୍ଷା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବା ଉଚିତ । ଗୋଷ୍ଠୀର ସଂପୃକ୍ତି ଦ୍ୱାରା ନିମ୍ନଲିଖିତ ଲାଭ ହେବ:

- ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ଥିବା ବୁଝାମଣାର ଅଭାବ ଦୂର ହେବ
- ଅତିରିକ୍ତ ସମ୍ବଳ ସଂଗ୍ରହ ତ୍ୱରାନ୍ୱିତ ହେବ
- ନିରାପତ୍ତା, ସୁରକ୍ଷା ଓ ମନସ୍ତାତ୍ତ୍ୱିକ-ସାମାଜିକ ସମସ୍ୟାର ସମାଧାନ ହେବ
- ବିକଳ୍ପ ଅଧ୍ୟୟନ ସୁଯୋଗର ଆବଶ୍ୟକତାକୁ ନିର୍ଣ୍ଣୟ କରିହେବ
- ସମସ୍ତ ସଂପୃକ୍ତ ବର୍ଗ, ବିଶେଷକରି ପ୍ରଭାବପ୍ରବଣ ବର୍ଗର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ

(ଏହି ଶବ୍ଦର ଅର୍ଥ ଜାଣିବା ପାଇଁ : 'ସହଭାଗିତା' ଗୋଷ୍ଠୀ ସହଭାଗିତା ମାନଦଣ୍ଡ ୧-୨, ଶିକ୍ଷା ଏବଂ ଶିକ୍ଷଣ ମାନଦଣ୍ଡ ୩, ମାର୍ଗଦର୍ଶିକା ୨)

**୮. ସମ୍ବଳ :** ଶିକ୍ଷା ପ୍ରଦାନକୁ ନିଶ୍ଚିତ କରିବା ଜାତୀୟ କର୍ତ୍ତୃପକ୍ଷଙ୍କର ଚରମ ଦାୟିତ୍ୱ । ଏଥିପାଇଁ ସମନ୍ୱୟ ଏବଂ ଯଥେଷ୍ଟ ଆର୍ଥିକ ଓ ମାନବ ସମ୍ବଳର ଯୋଗାଣର ବ୍ୟବସ୍ଥା ହେବା ଆବଶ୍ୟକ । ଆପଦକାଳୀନ ସ୍ଥିତିରେ ପୁର୍ନଉଦ୍ଧାର ପ୍ରକ୍ରିୟା ମଧ୍ୟରେ ସଂପୂର୍ଣ୍ଣ ସମ୍ବଳ ଯୋଗାଇ ନ ପାରନ୍ତି, ତାହା ହେଲେ ଅଲଗା ସୂତ୍ରରୁ ଅତିରିକ୍ତ ସହାୟତା ଉପଲବ୍ଧ କରାଯାଇପାରେ, ଉଦାହରଣ ସ୍ୱରୂପ – ଆନ୍ତର୍ଜାତିକ ଗୋଷ୍ଠୀ, ମିଳିତ ଜାତିସଂଘର ସଂସ୍ଥା, ଆନ୍ତର୍ଜାତୀୟ ଓ ସ୍ଥାନୀୟ ଅଣ ସରକାରୀ ସଂଗଠନ (NGOs) ସ୍ଥାନୀୟ କର୍ତ୍ତୃପକ୍ଷ, ଗୋଷ୍ଠୀ, ନିର୍ଦ୍ଦିଷ୍ଟ ବିଶ୍ୱାସ ଉପରେ ଆଧାରିତ ସଂଗଠନ, ସଭ୍ୟ ସମାଜର ବିଭିନ୍ନ ବର୍ଗ ଏବଂ ବିକାଶ ପାଇଁ କାମ କରୁଥିବା ଅନ୍ୟାନ୍ୟ ଅଂଶୀଦାର । ପାଣ୍ଠିଦାତାମାନେ କୋହଳ ମନୋଭାବାପନ୍ନ ହେବା ଉଚିତ ଏବଂ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ସମର୍ଥନ ନ କରି ବିଭିନ୍ନ ଆଭିମୁଖ୍ୟ ମଧ୍ୟରେ ଏକ ସମନ୍ୱିତ କାର୍ଯ୍ୟଧାରା ମାଧ୍ୟମରେ ଶିକ୍ଷା ଓ ଶିକ୍ଷଣ ଉଦ୍ୟମକୁ ଅବ୍ୟାହତ ରଖିବା ପାଇଁ ସମର୍ଥନ ପ୍ରଦାନ କରାଯିବା ଆବଶ୍ୟକ । (ଗୋଷ୍ଠୀ ସହଭାଗିତା ମାନଦଣ୍ଡ ୨, ମାର୍ଗଦର୍ଶିକା ୧, ପୃଷ୍ଠା ୨୮ ଏବଂ ବିଶ୍ଳେଷଣ ମାନଦଣ୍ଡ ମାର୍ଗଦର୍ଶିକା ୧ ଏବଂ ୫, ପୃଷ୍ଠା ୪୧-୪୩ ଦେଖନ୍ତୁ)

**୯. ଅସ୍ଥାୟୀ ବାସସ୍ଥଳୀଭାବେ ଶିକ୍ଷାକେନ୍ଦ୍ରଗୁଡିକର ସର୍ବନିମ୍ନ ବ୍ୟବହାର:** ଯେତେବେଳେ ଅନ୍ୟ କୌଣସି ବିକଳ୍ପ ନ ଥିବ, ସେତେବେଳେ କେବଳ ବିସ୍ଥାପିତମାନଙ୍କୁ ଶିକ୍ଷାକେନ୍ଦ୍ରଗୁଡ଼ିକରେ ରହିବାକୁ ଦିଆଯିବା ଉଚିତ । ପ୍ରାକ୍-ପ୍ରସ୍ତୁତି ଯୋଜନା କଲାବେଳେ ଜରୁରୀକାଳୀନ ସ୍ଥିତିରେ କେଉଁସବୁ ସ୍ଥାନ ବିକଳ୍ପ ବାସସ୍ଥାନଭାବେ ବ୍ୟବହାର

କରାଯାଇପାରିବ, ତାହା ଚିହ୍ନଟ କରାଯିବା ଉଚିତ ।

ଯେତେବେଳେ ଶିକ୍ଷାକେନ୍ଦ୍ରଗୁଡ଼ିକୁ ଅସ୍ଥାୟୀ ବାସସ୍ଥଳୀଭାବେ ବ୍ୟବହାର କରାଯିବ, ସେତେବେଳେ ଆଶ୍ରୟସ୍ଥଳୀ ଓ ସୁରକ୍ଷା କ୍ଷେତ୍ରର ମିଳିତ ସହଯୋଗରେ ନାକାରାତ୍ମକ ପ୍ରଭାବ ଏବଂ ସମ୍ଭାବ୍ୟ ସୁରକ୍ଷା ଆପଦକୁ ହ୍ରାସ କରାଯିବା ଉଚିତ । ଶିକ୍ଷାକେନ୍ଦ୍ରଗୁଡ଼ିକ ପ୍ରକୃତରେ ଯେଉଁ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ସେହି କାର୍ଯ୍ୟ କରିବା ପାଇଁ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖାଲି କରିଦିଆଯିବା ଉଚିତ । ଏହାଦ୍ୱାରା ଶିକ୍ଷଣରେ ବାଧା ଉପୁଜିବ ନାହିଁ । ଅନ୍ୟ ପକ୍ଷରେ, ପ୍ରଭାବିତ ପରିବାରଗୁଡ଼ିକ ଜରୁରୀକାଳୀନ ସ୍ଥିତି ଉପୁଜିବା ପରେ ଅଧିକ ଦିନଧରି ଶିକ୍ଷାକେନ୍ଦ୍ରରେ ରଖିବାକୁ ଏଡାଇ ଦିଆଯାଇ ପାରିବ ।

ଯଦି ଶିକ୍ଷାକେନ୍ଦ୍ରକୁ ଅସ୍ଥାୟୀ ବାସସ୍ଥଳୀ କରାଯାଏ, ତା ହେଲେ ପୁସ୍ତକ, ପାଠାଗାର, ଆସବାବପତ୍ର, ସ୍କୁଲ ଦସ୍ତାବିଜ ଓ ମନୋରଞ୍ଜନ ଉପକରଣ ସମେତ ସ୍କୁଲ ସମ୍ପତ୍ତିକୁ ସୁରକ୍ଷିତ ରଖିବା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାନୁଷ୍ଠାନଗୁଡ଼ିକୁ ବ୍ୟବହାରଯୋଗ୍ୟ ଅବସ୍ଥାରେ ଫେରସ୍ତ କରାଯିବା ଉଚିତ । ଯେଉଁଠି ସମ୍ଭବ, ଏହି ଅବସରରେ ସଂପୃକ୍ତ ପକ୍ଷ ଶିକ୍ଷାକେନ୍ଦ୍ରର ଶୈକ୍ଷିକ ସୁବିଧାର ବିକାଶ ସାଧନ କରିବା ପାଇଁ ସୁଯୋଗର ସଦ୍‌ଉପଯୋଗ କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ - ପରିମଳ ବ୍ୟବସ୍ଥାର ନବୀକରଣ ଓ କୋଠାବାଡ଼ିର ଉନ୍ନତି ସାଧନ କରାଯାଇପାରେ । (ପ୍ରବେଶ ଅଧିକାର ଓ ଶିକ୍ଷଣ ପରିବେଶ ମାନଦଣ୍ଡ ୩, ମାର୍ଗଦର୍ଶିକା ୪-୬,ଶିକ୍ଷାନୀତି ମାନଦଣ୍ଡ ୧ , ମାର୍ଗଦର୍ଶିକା ୩, )

## ପ୍ରବେଶ ସୁଯୋଗ, ଶିକ୍ଷଣ ପରିବେଶ ମାନଦଣ୍ଡ ୨ :ସୁରକ୍ଷା ଓ ମଙ୍ଗଳ ବିଧାନ

ନିରାପଦ ଓ ସୁରକ୍ଷିତ ଶିକ୍ଷଣ ପରିବେଶ ଏବଂ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀଙ୍କ ସୁରକ୍ଷା ଓ ମନସ୍ତାତ୍ତ୍ୱିକ-ସାମାଜିକ ମଙ୍ଗଳ ବିଧାନ ପାଇଁ ପ୍ରୋତ୍ସାହନ ।

**ପ୍ରମୁଖ କାର୍ଯ୍ୟାବଳୀ** (ମାର୍ଗ ଦର୍ଶକ ଟିପ୍ପଣୀ ସହିତ ମିଶାଇ ପଢ଼ନ୍ତୁ)

- ଶିକ୍ଷଣ ପରିବେଶକୁ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀମାନଙ୍କୁ କ୍ଷତି ପହଞ୍ଚାଇବା ଉତ୍ସଗୁଡିକରୁ ମୁକ୍ତ ରଖିବା (ମାର୍ଗଦର୍ଶକ ଟିପ୍ପଣୀ- ୧ ଓ ୩-୪ ଦେଖନ୍ତୁ)
- ଏକ ସମର୍ଥନକ୍ଷମ ଶିକ୍ଷଣ ପରିବେଶ ତିଆରି କରିବା ପାଇଁ ଏବଂ ଶିକ୍ଷାର୍ଥୀମାନଙ୍କ ମନସ୍ତାତ୍ତ୍ୱିକ - ସାମାଜିକ ମଙ୍ଗଳ ବିଧାନକୁ ପ୍ରୋତ୍ସାହିତ କରିବା ପାଇଁ ଯେଉଁ ଜ୍ଞାନ ଓ କୌଶଳ ଆବଶ୍ୟକ, ତାହା ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀମାନେ ହାସଲ କରିବା (ମାର୍ଗ ଦର୍ଶକ ଟିପ୍ପଣୀ ୨-୩ ଓ ୮-୯ ଦେଖନ୍ତୁ)
- ସ୍କୁଲ, ଅସ୍ଥାୟୀ ଶିକ୍ଷା କେନ୍ଦ୍ର ଓ ଶିଶୁକୁ ସୁହାଇଲା ଭଳି ସ୍ଥାନଗୁଡିକ ସେହିସବୁ ସୁବିଧା ଉପଭୋଗ କରୁଥିବା ଲୋକମାନଙ୍କ ବାସସ୍ଥାନ ନିକଟରେ ଥିବା ଆବଶ୍ୟକ (ମାର୍ଗ ଦର୍ଶକ ଟିପ୍ପଣୀ ୫ ଓ ୬ ଦେଖନ୍ତୁ)
- ଶିକ୍ଷଣ ପରିବେଶକୁ ଯିବା ଆସିବା ପାଇଁ ଥିବା ରାସ୍ତା ସୁରକ୍ଷିତ, ନିରାପଦ ଓ ସୁଗମ୍ୟ ହୋଇଥିବ (ମାର୍ଗ ଦର୍ଶକ ଟିପ୍ପଣୀ ୫-୭ ଦେଖନ୍ତୁ)
- ଶିକ୍ଷଣ ପରିବେଶ ସେନାଅଧିକୃତ ଏବଂ ଆକ୍ରମଣରୁ ମୁକ୍ତ ରହିବ (ମାର୍ଗ ଦର୍ଶକ ଟିପ୍ପଣୀ ୧-୩ ଏବଂ ୬, ୭ ଦେଖନ୍ତୁ)
- ସୁରକ୍ଷିତ ଶିକ୍ଷଣ ପରିବେଶ ନିମନ୍ତେ ସ୍ଥାନ ଚୟନ ନିଷ୍ପତ୍ତିରେ ଗୋଷ୍ଠୀରେ ଯୋଗଦାନ ରହିବ । ସେହିପରି ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀଙ୍କ ସୁରକ୍ଷା ଓ ନିରାପତ୍ତା ନିଶ୍ଚିତ କରିବା ନିମନ୍ତେ ନୀତି ପ୍ରସ୍ତୁତିରେ ଗୋଷ୍ଠୀର ଯୋଗଦାନ ରହିବ (ମାର୍ଗ ଦର୍ଶକ ଟିପ୍ପଣୀ ୧ ଓ ୧୦ ଦେଖନ୍ତୁ)
- ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ତାର ପରିଚାଳନା କାର୍ଯ୍ୟକ୍ରମ ବେଳେ ସୁରକ୍ଷିତ ଶିକ୍ଷଣ ପରିବେଶ ବଜାୟ ରହିବ (ମାର୍ଗ ଦର୍ଶକ ଟିପ୍ପଣୀ ୧୧ ଦେଖନ୍ତୁ)

## ମାର୍ଗଦର୍ଶିକା

**୧. ନିରାପତ୍ତା ଓ ସୁରକ୍ଷା :** ଏକ ନିରାପଦ ଶିକ୍ଷଣ ପରିବେଶ ଭୟ, ବିପଦ, ଆଘାତ ଅବା କ୍ଷତି ଆଦିରୁ ସୁରକ୍ଷା ପ୍ରଦାନ କରିଥାଏ । ଏକ ସୁରକ୍ଷିତ ପରିବେଶ ଶାରୀରିକ ଅବା ମନସ୍ତାତ୍ତ୍ୱିକ-ସାମାଜିକ ଆପଦରୁ ମୁକ୍ତ ରହିଥାଏ । ନିରାପତ୍ତା ଓ ସୁରକ୍ଷା ନିଶ୍ଚିତ କରିବା ଜାତୀୟ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ । ଉତ୍କୃଷ୍ଟମାନର ସଜାଗତା ଓ ଆବଶ୍ୟକସ୍ଥଳେ ଯଥେଷ୍ଟ ସଂଖ୍ୟକ ସୁରକ୍ଷା କର୍ମୀଙ୍କୁ ମୁତୟନ କରିବା ଏହାର ଅନ୍ତର୍ଭୁକ୍ତ । ଯଦି ସାଧାରଣ ଶିକ୍ଷାସ୍ଥଳଗୁଡ଼ିକ ଅସୁରକ୍ଷିତ

ହୋଇଥାଏ କିମ୍ବା ମୋଟେ ଉପଲବ୍ଧ ନଥାଏ ତା'ହେଲେ ସୁରକ୍ଷିତ ଓ ନିରାପଦ ସ୍ଥାନରେ ବିକଳ୍ପ ଶିକ୍ଷା କେନ୍ଦ୍ର ଅଥବା ଶିକ୍ଷାଦାନର ଅନ୍ୟ ମାଧ୍ୟମ ଯୋଗାଇବାକୁ ହେବ । ଏଭଳି ପରିସ୍ଥିତିରେ ଗୃହ-ବିଦ୍ୟାଳୟ ଅଥବା ଦୂରଶିକ୍ଷାର ବିକଳ୍ପ ବିଚାର କରାଯାଇପାରେ । ଅସୁରକ୍ଷିତ ପରିସ୍ଥିତିରେ ଆଗ୍ରହୀ ଶିକ୍ଷାର୍ଥୀମାନେ ବିଦ୍ୟାଳୟକୁ ଯିବେ ନା ନାହିଁ ସେ ନେଇ ଗୋଷ୍ଠୀ ପରାମର୍ଶ ଦେବା ଉଚିତ । ସୁରକ୍ଷା କର୍ମୀମାନେ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ଅସ୍ଥାୟୀ ବାସସ୍ଥଳୀଭାବେ ଆଦୌ ବ୍ୟବହାର କରିବେ ନାହିଁ ।

**୨. ଆବେଗିକ, ଶାରୀରିକ ଓ ସାମାଜିକ ମଙ୍ଗଳ ବିଧାନ ନିମ୍ନୋକ୍ତ ବିଷୟ ଉପରେ ନିର୍ଭର କରେ:**

- ନିରାପତ୍ତା, ସୁରକ୍ଷା ଓ ଆଶ୍ରୟ
- ସ୍ୱାସ୍ଥ୍ୟ
- ଶିକ୍ଷା ପ୍ରଦାନକାରୀ ଓ ଶିକ୍ଷାର୍ଥୀ ମଧ୍ୟରେ ଏବଂ ଶିକ୍ଷାର୍ଥୀ-ଶିକ୍ଷାର୍ଥୀ ମଧ୍ୟରେ ସୁଖଦ ଓ ଘନିଷ୍ଠ ସମ୍ପର୍କ

ପୁରାତନ କାଳରୁ ଶିଶୁର ବିକାଶ ଓ ଶିକ୍ଷଣ ସୁରକ୍ଷିତ, ନିରାପଦ ଓ ପାଳନଶୀଳ ପରିବେଶରେ ଥିବା ତା'ର ଯତ୍ନଶୀଳ ଆତ୍ମୀୟସ୍ୱଜନଙ୍କ ସହିତ ଆଦାନ ପ୍ରଦାନ ଦ୍ୱାରା ସମ୍ଭବ ହୋଇଆସିଛି । ଶିକ୍ଷାର୍ଥୀର ମଙ୍ଗଳ-ବିଧାନ ନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାବଳୀ, ଶିଶୁର ଉତ୍ତମ ବିକାଶ, ସକାରାତ୍ମକ ସାମାଜିକ ଭାବ ବିନିମୟ ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରଭୃତିର ବୃଦ୍ଧି ପାଇଁ ବିଶେଷ ଦୃଷ୍ଟି ଦେଇଥାଏ । ଯେକୌଣସି ପରିସ୍ଥିତିରେ ପ୍ରଭାବିତ ନ ହୋଇ ଉଦ୍ଦିଷ୍ଟ ନିଷ୍ପତ୍ତିରେ ଶିକ୍ଷାର୍ଥୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥାଏ । ସମସ୍ୟା ସମାଧାନ, ନିଷ୍ପତ୍ତି ଗ୍ରହଣ, ଓ ଆପଦ ହ୍ରାସ ପ୍ରକ୍ରିୟାରେ ସାମିଲ ହେଲେଶିଶୁ ଓ ଯୁବ ବର୍ଗ ନିଜକୁ କମ ଅସହାୟ ମନେ କରନ୍ତି ଏବଂ ନିଜର ମଙ୍ଗଳ ବିଧାନ କରିଥାଆନ୍ତି ।

ଯଦି ବାପା ମା' ଘରେ ସେମାନଙ୍କ ଶିଶୁର ମଙ୍ଗଳ ବିଧାନରେ ଅସମର୍ଥ ହୁଅନ୍ତି, ତେବେ ଅନ୍ୟମାନେ ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବା ଉଚିତ । ଏଥିପାଇଁ ମିଳୁଥିବା ଉପଯୁକ୍ତ ସେବାଗୁଡିକ ବ୍ୟବହାର କରିବା ପାଇଁ ପିତାମାତାମାନଙ୍କୁ ପରାମର୍ଶ ଦେବା ଆବଶ୍ୟକ ।

**୩. ସୁରକ୍ଷା:** ଯେକୌଣସି ପ୍ରକାରର ଶାରୀରିକ, ଆବେଗିକ ଓ ସାମାଜିକ ଭୟ, ଅସଦାଚରଣ, ଶୋଷଣ ଓ ହିଂସାରୁ ମୁକ୍ତ ରଖିବାକୁ ସୁରକ୍ଷା କୁହାଯାଏ । ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ଉଚିତ, ଏବଂ ଶିକ୍ଷଣ ପରିବେଶ ଭିତରେ ବା ଏହାର ଚାରିପାଖରେ ରହିଥିବା ବିପଦରୁ ସେମାନଙ୍କୁ ରକ୍ଷା କରାଯିବା ଉଚିତ । ନିମ୍ନ ଲିଖିତ ବିଷୟ ବିପଦର ଅନ୍ତର୍ଭୁକ୍ତ :

- ଭୟଭୀତ କରାଇବା
- ଯୌନ ଶୋଷଣ

- ପ୍ରାକୃତିକ ଓ ପରିବେଶ ଜନିତ ବାଧା
- ଅସ୍ତ୍ରଶସ୍ତ୍ର, ଗୁଳି ଗୋଳା, ଲ୍ୟାଣ୍ଡମାଇନ୍ ଓ ବିସ୍ଫୋଟକ ଯୁଦ୍ଧ ସରଂଜାମ
- ସେନା କର୍ମଚାରୀ, ଦୁଇପଟରୁ ଗୁଳିଗୋଳା ବିନିମୟ ହେଉଥିବା ସ୍ଥାନ ଏବଂ ଅପହରଣ ଓ ସେନାରେ ନିଯୁକ୍ତି ଭଳି ସାମରିକ ଭୟ
- ରାଜନୈତିକ ଅସୁରକ୍ଷା

ସୁରକ୍ଷା ଆବଶ୍ୟକତା ଓ ପ୍ରାଧାନ୍ୟ ସଂପର୍କରେ ଜାଣିବା ପାଇଁ ଗୋଷ୍ଠୀର ସଦସ୍ୟମାନଙ୍କର, ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀଙ୍କ ସହିତ ବିଚାର ବିମର୍ଷ ସମେତ ସମ୍ଭାବିତ ବିପଦ ଆଶଙ୍କାର ଆକଳନ ଗୁରୁତ୍ୱପୂର୍ଣ୍ଣ । ଏଭଳି ଆକଳନ ନିୟମିତ ଭାବରେ ହେବା ଉଚିତ ଏବଂ ଏଥିରେ ସାଂସ୍କୃତିକ ଓ ରାଜନୈତିକ ପ୍ରସଙ୍ଗଗୁଡ଼ିକର ସମୀକ୍ଷା ମଧ୍ୟ ଅନ୍ତର୍ଭୁକ୍ତ ହେବା ଉଚିତ ।

ଯେତେବେଳେ ସୁରକ୍ଷାରେ ଖିଲାପି ହୁଏ, ସେଗୁଡ଼ିକର ତଥ୍ୟ ଗୋପନୀୟ ଭାବେ ପ୍ରସ୍ତୁତ କରାଯିବା ଉଚିତ ଓ ତାହା ରିପୋର୍ଟ କରାଯିବା ଉଚିତ । ଏହି କାର୍ଯ୍ୟ ପାଇଁ ବିଶେଷକରି ମାନବାଧିକାର ଓ ତଦାରଖ କାର୍ଯ୍ୟରେ ତାଲିମପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ସହଯୋଗ ନିଆଯିବା ଉଚିତ । ଲିଙ୍ଗ, ବୟସ ଓ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଟାର୍ଗେଟ୍ କରାଯାଇଥିଲା କି ନାହିଁ ତତ୍ ସମ୍ପର୍କୀୟ ସୂଚନା ଗୁରୁତ୍ୱପୂର୍ଣ୍ଣ ଅଟେ । ସମସ୍ୟାକୁ ଠିକ୍‌ଭାବେ ବୁଝିବା ଏବଂ ତାହାର ସମାଧାନ ପାଇଁ ଫଳପ୍ରଦ ପଦକ୍ଷେପ ନେବା ପାଇଁ ଏଭଳି ସୂଚନା ଆବଶ୍ୟକ । ସ୍ୱାସ୍ଥ୍ୟ, ସୁରକ୍ଷା ଓ ମନସ୍ତାତ୍ତ୍ୱିକ-ସାମାଜିକ ସେବା ପ୍ରଦାନକାରୀଙ୍କ ସାହାଯ୍ୟ ସମେତ ସୁରକ୍ଷା ଖିଲାପ ପରିସ୍ଥିତିର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପସବୁର ବିବରଣୀ ପ୍ରସ୍ତୁତ କରାଯିବା ଆବଶ୍ୟକ ।

- ଯେଉଁ ସ୍ଥାନରେ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀମାନଙ୍କ ପ୍ରତି ଶାରୀରିକ ଓ ମନସ୍ତାତ୍ତ୍ୱିକ ବିପଦର ଆଶଙ୍କା ଏକ ସାଧାରଣ ଘଟଣା, ସେଠାରେ ଘରେ ଓ ଗୋଷ୍ଠୀ ମଧ୍ୟରେ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପରିବାର ଓ ଗୋଷ୍ଠୀକୁ ସାମିଲ କରାଯିବା ଉଚିତ । ଏଥି ନିମନ୍ତେ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମରେ ନିମ୍ନ ଲିଖିତ ବିଷୟ ଅନ୍ତର୍ଭୁକ୍ତ କରାଯାଇପାରେ ।
- ଶୃଙ୍ଖଳଗତ କାର୍ଯ୍ୟାବଳୀ ସମେତ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ପିଲାଙ୍କ ଲାଳନପାଳନ ପାଇଁ ପିତାମାତା ଓ ବଡ଼ମାନଙ୍କ ଉଦ୍ଦେଶ୍ୟରେ ସୂଚନା ଅଭିଯାନ ।
- ଗୋଷ୍ଠୀ ଭିତରେ ସୁରକ୍ଷା ସେଚତନତା ସୃଷ୍ଟି କରିବା ପାଇଁ ପୁଲିସ ଓ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥାକୁ ସହାୟତା ।

- ସ୍କୁଲ ଯିବା ଆସିବା ସମୟରେ ଶିକ୍ଷାର୍ଥୀମାନଙ୍କୁ ସୁରକ୍ଷା ଯୋଗାଇ ଦେବା ବ୍ୟବସ୍ଥାଭଳି ନିର୍ଦ୍ଦିଷ୍ଟ ସୁରକ୍ଷା ସମସ୍ୟାର ସମାଧାନ ନିମନ୍ତେ ଗୋଷ୍ଠୀ ଓ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହିତ ସହଯୋଗ ମୂଳକ କାର୍ଯ୍ୟକ୍ରମ ଗ୍ରହଣ ।

**୪. ଲିଙ୍ଗଗତ ହିଂସା:** ଲିଙ୍ଗଗତ ହିଂସା ବିଶେଷ କରି, ଯୌନ ହିଂସା ଜୀବନ ପ୍ରତି ଭୟଥିବା ଏକ ଗମ୍ଭୀର ସୁରକ୍ଷା ପ୍ରସଙ୍ଗ । ଯଦିଓ ବାଳକ ଓ ପୁରୁଷମାନେ ଏହି ହିଂସାର ଶିକାର ହୋଇପାରନ୍ତି, ମୁଖ୍ୟତଃ ଏହାଦ୍ୱାରା ମହିଳା ଓ ବାଳିକାମାନେ ଆକ୍ରାନ୍ତ ହୋଇଥାଆନ୍ତି । ଯୌନ ଶୋଷଣ ଓ ନିର୍ଯ୍ୟାତନାକୁ ନିୟନ୍ତ୍ରଣ କରିବା ପାଇଁ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକର ବ୍ୟବସ୍ଥା ହେବା ଆବଶ୍ୟକ । ଶିକ୍ଷାକେନ୍ଦ୍ରକୁ ଯିବା ଆସିବା ବାଟରେ ଓ ଶିକ୍ଷାକେନ୍ଦ୍ର ମଧ୍ୟରେ ଶିଶୁ ଓ ଯୁବ ବର୍ଗଙ୍କ ପ୍ରତି ଥିବା ବିପଦ ଆଶଙ୍କାକୁ ହ୍ରାସ କରିବା ନିମନ୍ତେ ପିତାମାତା, ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀମାନେ ସହମତି ଭିତ୍ତିରେ ଉପାୟ ନିର୍ଣ୍ଣୟ କରିବା ଆବଶ୍ୟକ ।

- ଯୌନ ନିର୍ଯ୍ୟାତନା, ଶୋଷଣ, ଅସଦାଚରଣ ଓ ଲିଙ୍ଗ ଆଧାରିତ ଅନ୍ୟ ସମସ୍ତ ପ୍ରକାର ହିଂସା ବିରୁଦ୍ଧରେ ସ୍ୱଷ୍ଟ ନିୟମ ପ୍ରସ୍ତୁତି ଓ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ବିଜ୍ଞାପନ ।
- ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀଙ୍କ ଆଚରଣ ସଂହିତାରେ ଅଶୋଭନୀୟ ଆଚରଣ ଯାହା ଗ୍ରହଣୀୟ ନୁହେଁ ତାହା ଉଲ୍ଲେଖ ଥିବା ଆବଶ୍ୟକ ।
- ବାଳିକା (ମହିଳା ଶିକ୍ଷାର୍ଥୀ)ମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ତଥା ସେମାନଙ୍କୁ ସାହସ ଦେବାକୁ ଶିକ୍ଷାକେନ୍ଦ୍ରରେ ଅଧିକ ସଂଖ୍ୟକ ବୟସ୍କ ମହିଳାଙ୍କୁ ନିଯୁକ୍ତି ଦେବା ଉଚିତ । ଯେଉଁଠାରେ ପୁରୁଷ ଶିକ୍ଷକଙ୍କ ସଂଖ୍ୟା ମହିଳା ଶିକ୍ଷକଙ୍କ ତୁଳନାରେ ଅଧିକ ଥାଏ ସେଠାରେ ସ୍ଥାନୀୟ ଗୋଷ୍ଠୀର ମହିଳାମାନେ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଶିକ୍ଷଣ ପରିବେଶ ଯୋଗାଇ ଦେବାପାଇଁ ଶିକ୍ଷାସହାୟିକା ରୂପେ କାର୍ଯ୍ୟ କରିବା ପାଇଁ ସ୍ୱଚ୍ଛାକୃତ ଭାବେ ସମ୍ମତି ହେବା ଆବଶ୍ୟକ ।

ଯେତେବେଳେ ଲିଙ୍ଗଗତ ହିଂସା ଘଟେ ସେତେବେଳେ ଗୁପ୍ତ ଓ ସୁରକ୍ଷିତ ରିପୋର୍ଟ ପଠାଇବା, ଅଭିଯୋଗ କରିବା ଓ ପରିସ୍ଥିତିକୁ ମୁକାବିଲା କରବା ପାଇଁ ବ୍ୟବସ୍ଥା ଥିବା ଆବଶ୍ୟକ । ଜାତୀୟ କତ୍ତୃପକ୍ଷ ଅଥବା ଲିଙ୍ଗଗତ ହିଂସା ସଂପର୍କରେ ଜ୍ଞାନଥିବା କିଛି ସ୍ୱାଧୀନ ସଂଗଠନ ଏ କ୍ଷେତ୍ରରେ ସାହାଯ୍ୟ କରିପାରିବେ । ଲିଙ୍ଗଗତ ହିଂସାପୀଡ଼ିତାମାନଙ୍କୁ ସଠିକ୍ ସ୍ୱାସ୍ଥ୍ୟ, ମନସ୍ତାତ୍ତ୍ୱିକ-ସାମାଜିକ ସୁରକ୍ଷା, ଏବଂ ନ୍ୟାୟ ଏକ ଉତ୍ତମ ସମନ୍ୱିତ ବିଶେଷଜ୍ଞ ପରାମର୍ଶ ବ୍ୟବସ୍ଥା ମାଧ୍ୟମରେ ଉପଲବ୍ଧି କରାଯିବା ଆବଶ୍ୟକ ।

**୫. ଶିକ୍ଷାର୍ଥୀ ଓ ଶିକ୍ଷାକେନ୍ଦ୍ର ମଧ୍ୟରେ ସର୍ବାଧିକ ଦୂରତ୍ୱ:** ସ୍ଥାନୀୟ ଓ ଜାତୀୟ ମାନଦଣ୍ଡ ଅନୁଯାୟୀ ଶିକ୍ଷାର୍ଥୀ ଓ

ଶିକ୍ଷାକେନ୍ଦ୍ର ମଧ୍ୟରେ ସର୍ବାଧିକ ଦୂରତ୍ୱର ସଂଜ୍ଞା ନିରୂପଣ କରାଯିବା ଉଚିତ । ଶିକ୍ଷାର୍ଥୀଙ୍କ ନିରାପତ୍ତା, ସୁରକ୍ଷା ଓ ଗମନାଗମନର ସୁବିଧାକୁ ଦୃଷ୍ଟିରେ ରଖି ସେମାନଙ୍କର ବ୍ୟବହୃତ ରାସ୍ତାରେ ସେନା କର୍ମଚାରୀଙ୍କ ବାସଗୃହ, ଲ୍ୟାଣ୍ଡମାଇନ ଓ ଘନ ଜଙ୍ଗଲ ପ୍ରଭୃତି ଯେପରି ନ ରହେ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । ଶିକ୍ଷାକେନ୍ଦ୍ର ଗୁଡ଼ିକର ଅବସ୍ଥିତି ନେଇ ଶିକ୍ଷାର୍ଥୀ, ଅଭିଭାବକ ଓ ଗୋଷ୍ଠୀର ଅନ୍ୟ ସଦସ୍ୟଙ୍କ ସହିତ ବିଚାର ବିମର୍ଷ କରାଯିବା ଉଚିତ ଏବଂ ସେମାନଙ୍କୁ ସମ୍ଭାବ୍ୟ ବିପଦ ସଂପର୍କରେ ଅବଗତ କରାଯିବା ଉଚିତ । ଯେଉଁଠାରେ ଶିକ୍ଷାର୍ଥୀଙ୍କ ଘରୁ ବିଦ୍ୟାଳୟର ଦୂରତା ଏତେ ବେଶୀ ଯେ ସେଠାରେ ଉପସ୍ଥାନ କମ୍‌ରୁହେ, ସେପରି ସ୍ଥଳେ ଶିକ୍ଷାର୍ଥୀମାନଙ୍କ ଘର ପାଖରେ ସହାୟକ ଶ୍ରେଣୀ ଖୋଲାଯିବାକୁ ଉତ୍ସାହିତ କରାଯିବା ଉଚିତ ।

**୬. ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା:** ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାକର୍ମୀ, ବିଭିନ୍ନ ବୟସର ପୁଅଝିଅଙ୍କ ସମେତ ଗୋଷ୍ଠୀର ସଦସ୍ୟମାନଙ୍କର ଯାତାୟତକୁ ନିରାପଦ ଓ ସୁରକ୍ଷିତ କରିବା ପାଇଁ ସାମ୍ଭାବ୍ୟ ବିପଦଗୁଡ଼ିକୁ ଚିହ୍ନଟ କରି ସହମତି ଭିତ୍ତିରେ ସେଗୁଡ଼ିକ ଦୂର କରିବା ପାଇଁ ପଦକ୍ଷେପ ନିଆଯିବା ଉଚିତ୍ । ଉଦାହରଣ ସ୍ୱରୂପ, ଯେଉଁ ଅଞ୍ଚଳରେ ଶିକ୍ଷାର୍ଥୀମାନଙ୍କୁ ଅଳ୍ପ ଆଲୁଅ ଥିବା ରାସ୍ତାଦେଇ ସ୍କୁଲ ଯିବା ଆସିବାକୁ ହୁଏ, ସେଠାରେ ବୟସ୍କମାନେ ସେମାନଙ୍କୁ ସାଙ୍ଗଦେବା ଉଚିତ କିମ୍ବା ଆଲୋକ ପ୍ରତିଫଳକ କିମ୍ବା ପ୍ରତିଫଳକ ଫିତା ଶିକ୍ଷାର୍ଥୀର ପୋଷାକ ଓ ବ୍ୟାଗ୍‌ରେ ଅନ୍ଧାରିଆ ରାସ୍ତାରେ ସେମାନଙ୍କର ଉପସ୍ଥିତି ଜାଣିହେବ ଏବଂ ସେମାନଙ୍କର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇ ପାରିବ ।

**୭. ଶିକ୍ଷାର ସୁରକ୍ଷା:** ସ୍ଥଳ ବିଶେଷରେ ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାର୍କମୀମାନେ ଶିକ୍ଷାକେନ୍ଦ୍ରକୁ ଯିବା ଆସିବା ବାଟରେ ଶାରୀରିକ ଅବା ମନସ୍ତାତ୍ତ୍ୱିକ ସାମାଜିକ ବିପଦର ସମ୍ମୁଖୀନ ହୋଇଥାନ୍ତି । ଏହି ବିପଦ ଆଶଙ୍କାକୁ ହ୍ରାସ କରିବା ପାଇଁ ନିମ୍ନୋକ୍ତ ପଦକ୍ଷେପ ନିଆଯାଇପାରିବ:

- ପାଠ୍ୟକ୍ରମର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ସେଥିରେ ସୁରକ୍ଷା ସମ୍ପର୍କିତ ସୂଚନା, ମନସ୍ତାତ୍ତ୍ୱିକ-ସାମାଜିକ ସମର୍ଥନ, ମାନବାଧିକାର ସଂପର୍କିତ ଶିକ୍ଷା, ସଂଘର୍ଷ ସମାଧାନ, ଶାନ୍ତି ପ୍ରତିଷ୍ଠା ଓ ମାନବୀୟ ଆଇନ ପ୍ରଭୃତିକୁ ସାମିଲ କରାଯିବା ଆବଶ୍ୟକ ।
- ଯୁଦ୍ଧ ସମୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ସମେତ ଦେଶର ସାଧାରଣ ନାଗରିକ ଓ ଶିକ୍ଷାକେନ୍ଦ୍ର ଉପରେ ଆକ୍ରମଣକୁ ନେଇ ନିଷେଧାଦେଶ ଜାରି କରାଯାଇଥିବା ଜେନିଭା ଚୁକ୍ତି ଓ ଆର୍ନ୍ତଜାତିକ ଫୌଜଦାରୀ ନ୍ୟାୟାଳୟ ନିୟମାବଳୀ ସଂପର୍କରେ ଜନସାଧାରଣଙ୍କ ସଚେତନତା ବୃଦ୍ଧି ପାଇଁ ପ୍ରୟାସ ।
- ଶିକ୍ଷାର ସୁରକ୍ଷା ପାଇଁ ମାନବୀୟ ଆଇନ୍‌ର ମୂଳନୀତି ଓ ତାହାର ପ୍ରୟୋଗ ସଂବନ୍ଧରେ ସରକାର, ସେନା ବିଚାର ବ୍ୟବସ୍ଥା, ସଶସ୍ତ୍ର ବାହିନୀ ଓ ଦଳଗୁଡ଼ିକର ସାମର୍ଥ୍ୟ ବୃଦ୍ଧି କରିବା ।
- କୋଠା ଓ ପାଚେରୀ ଇତ୍ୟାଦିକୁ ସୁଦୃଢ଼ କରିବା ଏବଂ ସୁରକ୍ଷାକର୍ମୀ ନିଯୁକ୍ତ କରିବା (ଗୋଷ୍ଠୀ

ସ୍ୱେଚ୍ଛାସେବୀ କିମ୍ବା ଦରମାପ୍ରାପ୍ତ ସୁରକ୍ଷାକର୍ମୀ ନିଯୁକ୍ତ କରାଯାଇପାରେ)

- ଶିକ୍ଷାକେନ୍ଦ୍ରରେ ଶିକ୍ଷକମାନଙ୍କ ରହିବା ପାଇଁ ବାସଗୃହ ବ୍ୟବସ୍ଥା ।
- ଭୟଭୀତ ଛାତ୍ର, ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀଙ୍କ ପାଇଁ ଅନ୍ୟ ଶିକ୍ଷା କେନ୍ଦ୍ରର ବ୍ୟବସ୍ଥା କରିବା ।
- ଗୃହ ଓ ଗୋଷ୍ଠୀ ଆଧାରିତ ବିଦ୍ୟାଳୟ ସ୍ଥାପନ ।

ପୃଷ୍ଠଭୂମି ଓ ସୁରକ୍ଷା ସମସ୍ୟାକୁ ବିଚାରକୁ ନେଇ ଗୋଷ୍ଠୀ ଅବା ଗୋଷ୍ଠୀ ଶିକ୍ଷା କମିଟି ସ୍କୁଲ ଗୁଡ଼ିକର ସୁରକ୍ଷା ଦାୟିତ୍ୱ ନେଇପାରନ୍ତି । ଉଦାହରଣ ସ୍ୱରୂପ, ସେମାନେ ସହଚର ଯୋଗାଇ ଦେଇ ପାରିବେ ଅଥବା ଭରସାଯୋଗ୍ୟ ଗୋଷ୍ଠୀ ଅବା ଧାର୍ମିକ ନେତାଙ୍କୁ ଚିହ୍ନଟ କରିପାରିବେ, ଯେଉଁମାନେକି ଶିକ୍ଷାଦାନ କରିବା ସହିତ ବିଦ୍ୟାଳୟକୁ ସହାୟତା ପ୍ରଦାନ କରିବେ । ଦୁଇ ଗୋଷ୍ଠୀ ମଧ୍ୟରେ ବେସାମରିକ ସଘର୍ଷମୟ ସ୍ଥିତିରେ ଏକ ଆଚରଣ ବିଧି ପ୍ରସ୍ତୁତ କରିବା ପାଇଁ ଗୋଷ୍ଠୀରେ ସଦସ୍ୟମାନେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା କରାଇବା ଉଚିତ, ଯାହା ସ୍କୁଲ ଓ ଅନ୍ୟ ଶିକ୍ଷାସ୍ଥଳୀ ଗୁଡ଼ିକୁ ସୁରକ୍ଷିତ ଆଶ୍ରୟସ୍ଥଳୀ ବା ଶାନ୍ତିପୂର୍ଣ୍ଣ ଅଞ୍ଚଳଭାବେ ସ୍ୱୀକୃତ ଦେବ ।
ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବ ୧୬୧୨ (୨୦୦୫)ରେ ଅନୁମୋଦିତ ଛଅଟି ନିଷେଧାଦେଶର ବିରୁଦ୍ଧାଚରଣ ମଧ୍ୟରେ ସ୍କୁଲ ଓ ଡାକ୍ତରଖାନା ଉପରେ ଆକ୍ରମଣ ଅନ୍ୟତମ । ଯଦି କେବେ ଆକ୍ରମଣ ହୁଏ ଜାତିସଂଘ ନେତୃତ୍ୱାଧୀନ ମନିଟରିଂ ଆଣ୍ଡ ରିପୋର୍ଟିଂ ମେକାନିଜିମ୍ ମାଧ୍ୟମରେ ସେଗୁଡ଼ିକୁ ରିପୋର୍ଟ କରାଯିବା ଉଚିତ ।

**୮. ମାନସିକ-ସାମାଜିକ ସମର୍ଥନ ଓ ମଙ୍ଗଳ ବିଧାନ ଉପରେ ପ୍ରଶିକ୍ଷଣ:** ଶିକ୍ଷାର୍ଥୀମାନଙ୍କୁ ମାନସିକ-ସାମାଜିକ ସାମର୍ଥ୍ୟ ଯୋଗାଇଦେବା ପାଇଁ ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀଙ୍କୁ ନିମ୍ନ ଲିଖିତ ଉପାୟରେ ତାଲିମ ଦିଆଯାଇପାରିବ ।

- ଢ଼ାଞ୍ଚାଗତ ଶିକ୍ଷଣ
- ଶିଶୁଙ୍କୁ ସୁହାଇବା ଭଳି ପଦ୍ଧତିର ଉପଯୋଗ
- ଖେଳକୁଦ ଓ ଚିତ୍ତବିନୋଦନ ବ୍ୟବସ୍ଥା
- ଜୀବନ କୌଶଳ ଶିକ୍ଷା
- ବିଶେଷଜ୍ଞ ପରାମର୍ଶ

ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀଙ୍କ ମଙ୍ଗଳ ପ୍ରତି ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ । ଏହା ଶିକ୍ଷାର୍ଥୀମାନଙ୍କର ମଙ୍ଗଳ ବିଧାନ କରିବା ସଂଗେସଂଗେ ଉଭୟ ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହାୟକ ହୋଇଥାଏ ।

**୯. ହିଂସା ରହିତ ଶ୍ରେଣୀଗୃହ ପରିଚାଳନା :** ଡାକର୍ ଆଧାର (DAKAR-Framework)ଅନୁଯାୟୀ ଶିକ୍ଷାକୁ ଏଭଳିଭାବେ ପରିଚାଳିତ କରାଯିବା ଉଚିତ ଯେମିତିକି ଏହା ପରସ୍ପର ମଧ୍ୟରେ ବୁଝାମଣା, ଶାନ୍ତି ଓ ସହନଶୀଳତାକୁ ପ୍ରୋତ୍ସାହିତ କରିବ, ଏବଂ ହିଂସା ଓ ସଂଘର୍ଷକୁ ରୋକିବାରେ ସହାୟକ ହେବ । ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ସକାରାତ୍ମକ ଶ୍ରେଣୀଗୃହ ପରିଚାଳନାରେ ଶିକ୍ଷକମାନଙ୍କୁ ସହଯୋଗ କରିବା ଆବଶ୍ୟକ । ଏହାର ଅର୍ଥହେଲା ଏକଥା ଦେଖିବାକୁ ହେବ ଯେପରିକି ଶୈକ୍ଷିକ ପରିବେଶ ପାରସ୍ପରିକ ବୁଝାବଣା ଓ ସହନଶୀଳତା ସୃଷ୍ଟିକରୁଥିବ ଏବଂ ହିଂସା ଓ ସଂଘର୍ଷକୁ ଏଡାଇ ପାରିବା ପାଇଁ କୌଶଳ ପ୍ରଦାନ କରୁଥିବ । ସାକାରାତ୍ମକ ଦୃଢୀକରଣ ଓ ଶୃଙ୍ଖଳାର ଏକ ଶକ୍ତ ବ୍ୟବସ୍ଥା ଏହିଭଳି ପରିବେଶର ମୂଳଦୁଆ ଅଟେ । ଶାରିରୀକ ଦଣ୍ଡ, ଭର୍ତ୍ସନା, ଲାଞ୍ଛନା ଓ ଭୟପ୍ରଦର୍ଶନ ପ୍ରଭୃତି ସଂପୂର୍ଣ୍ଣଭାବେ ବାତିଲ ହେବା ଆବଶ୍ୟକ । ମାନସିକ ଚାପ, ହିଂସା, ଖରାପ ବ୍ୟବହାର ଓ ପାତରଅନ୍ତର ଇତ୍ୟାଦି ଭୟ ପ୍ରଦର୍ଶନର ଅନ୍ତର୍ଭୁକ୍ତ । ଏହି କଥାଗୁଡିକ ଶିକ୍ଷକଙ୍କର ଆଚରଣ ସଂହିତାରେ ସ୍ଥାନ ପାଇବା ସଂଗେସଂଗେ ଶିକ୍ଷକ ତାଲିମ ଓ ପରିଦର୍ଶନ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

**୧୦. ଗୋଷ୍ଠୀ ଯୋଗଦାନ:** ଶିକ୍ଷଣ ପରିବେଶ ସୃଷ୍ଟି କରିବା, ବଜାୟ ରଖିବା ଏବଂ ସୁରକ୍ଷା ଦେବାରେ ଗୋଷ୍ଠୀର ଏକ ପ୍ରମୁଖ ଭୂମିକା ରହିଛି । କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସମସ୍ତ ଦୁର୍ବଳ ଦଳଗୁଡିକର ପ୍ରତିନିଧି ଯୋଗଦେବା ଆବଶ୍ୟକ । ଏହା ଶିକ୍ଷା ପାଇଁ ଗୋଷ୍ଠୀର ସହଯୋଗ ଦାୟିତ୍ୱ ବୃଦ୍ଧି କରିଥାଏ ।

**୧୧. ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା:** ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା ଅଧିକାରୀମାନଙ୍କୁ ବିପର୍ଯ୍ୟୟ ପ୍ରତିରୋଧ ଓ ପରିଚାଳନାରେ ସହଯୋଗ କରିବା ପାଇଁ ତାଲିମ ଦେବା ଆବଶ୍ୟକ । ଜରୁରୀକାଳୀନ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବା, ସାମ୍ଭାବ୍ୟ ଓ ବାରମ୍ବାର ଦେଖାଦେଇଥିବା ବିପର୍ଯ୍ୟୟର ମୁକାବିଲା ପାଇଁ ଅଭ୍ୟାସ, ଭୂକମ୍ପ ପ୍ରବଣ ଅଞ୍ଚଳ ଅନ୍ତର୍ଗତ ବିଦ୍ୟାଳୟଗୁଡିକରୁ ବିଦ୍ୟାର୍ଥୀମାନଙ୍କୁ ସ୍ଥାନାନ୍ତର କରିବା ଭଳି ବିଦ୍ୟାଳୟ ଢାଞ୍ଚା ଓ ଅଣଢାଞ୍ଚାଗତ ସୁରକ୍ଷା ବ୍ୟବସ୍ଥା ପ୍ରଭୃତି ଏହାର ଅର୍ନ୍ତଭୁକ୍ତ ।

ବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ଓ ସୁରକ୍ଷା ଯୋଜନାର କାର୍ଯ୍ୟକାରୀ ପାଇଁ ଗୋଷ୍ଠୀ ଓ ବିଦ୍ୟାଳୟ ସୁରକ୍ଷା ସମିତିଗୁଡିକ ସହଯୋଗ ଆବଶ୍ୟକ କରିଥାଆନ୍ତି । ବିପଦର କାରଣ ଓ ପ୍ରାଥମିକତା ନିର୍ଦ୍ଧାରଣ କରିବା, ଭୌତିକ ଓ ପରିବେଶ ସୁରକ୍ଷା କୌଶଳ ଓ ପ୍ରସ୍ତୁତି ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଉପାୟ ବାହାର କରିବା ଏହି ସହଯୋଗର ଅନ୍ତର୍ଭୁକ୍ତ ।

ଆପଦକାଳୀନ ଅବସ୍ଥା ପାଇଁ ପ୍ରସ୍ତୁତ ରହିବା, ବିଦ୍ୟାଳୟରୁ ଶିକ୍ଷାର୍ଥୀଙ୍କ ସ୍ଥାନାନ୍ତର ଯୋଜନା ପ୍ରଭୃତି ଏଭଳିଭାବେ ପ୍ରସ୍ତୁତ କରିବା ଆବଶ୍ୟକ ଯାହାକି ଅଶିକ୍ଷିତ, ଶାରିରୀକ ଓ ମାନସିକ ଅନଗ୍ରସର ଓ ଅକ୍ଷମତାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ପାଖରେ ପହଂଚିପାରୁଥିବ ଏବଂ ସେମାନଙ୍କୁ ସେ ବିଷୟରେ ଅବଗତ କରାଯାଇ ପାରୁଥିବ ।

## ପ୍ରବେଶ ସୁଯୋଗ ଓ ଶିକ୍ଷଣ ପରିବେଶ ମାନଦଣ୍ଡ ୩:ସୁବିଧା ଓ ସେବା

ଶିକ୍ଷା ସୁବିଧା ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀମାନଙ୍କ ସୁରକ୍ଷା ଓ ମଙ୍ଗଳ ବିଧାନକୁ ପ୍ରୋତ୍ସାହିତ କରିଥାଏ । ଏହା ତାଙ୍କର ସ୍ୱାସ୍ଥ୍ୟ, ପୁଷ୍ଟି, ମନସ୍ତତ୍ତ୍ୱିକ-ସାମାଜିକ ଓ ସୁରକ୍ଷା ସେବା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

**ପ୍ରମୁଖ କାର୍ଯ୍ୟାବଳୀ** (ମାର୍ଗ ଦର୍ଶକ ଟିପ୍ପଣୀ ସହିତ ମିଶାଇ ପଢ଼ିବାକୁ ହେବ) :

- ଶିକ୍ଷାକେନ୍ଦ୍ର ଓ କୋଠାଗୁଡ଼ିକ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀମାନଙ୍କ ପାଇଁ ନିରାପଦ ଓ ପ୍ରବେଶ ସୁଗମ ହେବ (ମାର୍ଗ ଦର୍ଶକ ଟିପ୍ପଣୀ ୧-୪ ଦେଖନ୍ତୁ)
- ଅସ୍ଥାୟୀ ଓ ସ୍ଥାୟୀ ଶିକ୍ଷଣ ପରିବେଶଗୁଡ଼ିକୁ ମରାମତି , ପୁନଃନିର୍ମାଣ କିମ୍ବା ନୂତନ ନିର୍ମାଣ ମାଧ୍ୟମରେ ବିପର୍ଯ୍ୟୟର ପ୍ରଭାବରୁ ମୁକ୍ତକରି ରଖିବା (ମାର୍ଗ ଦର୍ଶକ ଟିପ୍ପଣୀ ୨ ଓ ୪ ଦେଖନ୍ତୁ)
- ଶିକ୍ଷା କେନ୍ଦ୍ରଗୁଡ଼ିକର ସୁରକ୍ଷା ପାଇଁ ଦୃଶ୍ୟମାନ ପାଚେରୀ ଓ ସ୍ପଷ୍ଟ ସଙ୍କେତ ବ୍ୟବସ୍ଥା
- ଶିକ୍ଷାକେନ୍ଦ୍ର ପାଇଁ ବ୍ୟବହୃତ କୋଠାବାଡିଗୁଡିକ ପରିସ୍ଥିତିକୁ ଚାହିଁ ଉପଯୁକ୍ତ ହେବା ଏବଂ ସେଥିରେ ଆବଶ୍ୟକ ଶ୍ରେଣୀଗୃହ ସହିତ ପ୍ରଶାସନ, ଆମୋଦପ୍ରମୋଦ ଓ ପରିମଳ ବ୍ୟବସ୍ଥା ପାଇଁ ଯଥେଷ୍ଟ ସୁବିଧା ସୁଯୋଗ ଥିବ (ମାର୍ଗ ଦର୍ଶକ ଟିପ୍ପଣୀ ୨ ଓ ୪ ଦେଖନ୍ତୁ)
- ଶ୍ରେଣୀଗୃହର ଆକାର ଓ ବସିବା ପାଇଁ ବ୍ୟବସ୍ଥାରେ ଜଣେ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ପାଇଁ ଅନୁମୋଦନ ପରିମାଣର ସ୍ଥାନ ଥିବ ଏବଂ ତାହା ଶିକ୍ଷାର୍ଥୀ କୈନ୍ଦ୍ରିକ ଓ ବିଦ୍ୟାଦାନରେ ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣ ପାଇଁ ଉପଯୋଗୀ ହୋଇଥିବ (ମାର୍ଗ ଦର୍ଶକ ଟିପ୍ପଣୀ ୪ ଦେଖନ୍ତୁ)
- ଯୁବ ବର୍ଗଙ୍କ ସମେତ ଗୋଷ୍ଠୀର ସଦସ୍ୟମାନେ ଶିକ୍ଷଣ ପରିବେଶର ନିର୍ମାଣ ଓ ରକ୍ଷଣାବେକ୍ଷଣରେ ଅଂଶଗ୍ରହଣ କରୁଥିବେ (ମାର୍ଗ ଦର୍ଶକ ଟିପ୍ପଣୀ ୧-୩ ଦେଖନ୍ତୁ)
- ଲିଙ୍ଗ, ବୟସ ଓ ଭିନ୍ନକ୍ଷମମାନଙ୍କୁ ଦୃଷ୍ଟିରେ ରଖି ବ୍ୟକ୍ତିଗତ ସ୍ୱାସ୍ଥ୍ୟ ରକ୍ଷା ଓ ସୁରକ୍ଷା ପାଇଁ ଯଥେଷ୍ଟ ପରିମାଣରେ ପାନୀୟ ଜଳ ଓ ଉପଯୁକ୍ତ ପରିମଳ ସୁବିଧା ମିଳୁଥିବ (ମାର୍ଗଦର୍ଶକ ଟିପ୍ପଣୀ-୩ ଏବଂ ୫-୬ ଦେଖନ୍ତୁ)
- ଶିକ୍ଷଣ ପରିବେଶରେ କୌଶଳ ଆଧାରିତ ସ୍ୱାସ୍ଥ୍ୟ ଓ ପରିମଳ ଶିକ୍ଷା ପ୍ରୋତ୍ସାହିତ ଦେଉଥିବ (ମାର୍ଗ ଦର୍ଶକ ଟିପ୍ପଣୀ ୬ ଦେଖନ୍ତୁ)
- ଉପଯୁକ୍ତ ଶିକ୍ଷଣ ଓ ବିକାଶ ପଥରେ ବାଧା ସୃଷ୍ଟି କରୁଥିବା ଅନାହାର ଓ ଅନ୍ୟାନ୍ୟ ପ୍ରତିବନ୍ଧକଗୁଡ଼ିକର ସମାଧାନ ନିମନ୍ତେ ସ୍କୁଲ ଆଧାରିତ ସ୍ୱାସ୍ଥ୍ୟ ଓ ପୁଷ୍ଟିସେବା ଉପଲବ୍ଧ କରାଇବା (ମାର୍ଗ ଦର୍ଶକ ଟିପ୍ପଣୀ ୭ ଦେଖନ୍ତୁ)
- ବିଦ୍ୟାଳୟ ଓ ଶିକ୍ଷାସ୍ଥଳୀ ଗୁଡ଼ିକ ଶିଶୁ ସୁରକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟି, ସାମାଜିକ ଏବଂ ମାନସିକ-ସାମାଜିକ ସେବା ସହିତ ସଂଯୁକ୍ତ ହୋଇଥିବ (ମାର୍ଗ ଦର୍ଶକ ଟିପ୍ପଣୀ ୮ ଦେଖନ୍ତୁ)

## ମାର୍ଗ ଦର୍ଶକ ଟିପ୍ପଣୀ :

**୧.ସ୍ଥାନ ନିରୂପଣ:** ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମିଗୁଡିକ ଏପରି ସ୍ଥାନରେ ନିର୍ମାଣ, ପୁନଃନିର୍ମାଣ କିମ୍ବା ପୁନଃସ୍ଥାପନ କରାଯିବା ଆବଶ୍ୟକ ଯାହାକି ସମାନତା ଆଣିବା ସହ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀଙ୍କୁ ଶାରୀରିକ ନିରାପତ୍ତା ପ୍ରଦାନ କରିପାରୁଥିବ । ଏପରି ସ୍ଥାନରେ ଶିକ୍ଷାସ୍ଥଳୀଗୁଡ଼ିକର ନିର୍ମାଣ, ପୁନଃ ନିର୍ମାଣ ଅଥବା ପୁନଃସ୍ଥାପନ ହେବା କଥା, ଯେଉଁଭଳି ତାହା ଶିକ୍ଷାର୍ଥୀ, ଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷାକର୍ମୀଙ୍କ ମଧ୍ୟରେ ସମାନତା ଓ ତାଙ୍କ ଶାରୀରିକ ନିରାପତ୍ତାକୁ ଅଗ୍ରାଧିକାର ଦେଇପାରିବ । ଜରୁରୀକାଳୀନ ପରିସ୍ଥିତି ପୂର୍ବରୁ ଥିବା ଶିକ୍ଷାକେନ୍ଦ୍ରଗୁଡିକର ପୁନଃବ୍ୟବହାର କରାଯାଇପାରିବ କି ନାହିଁ, ସେ ବିଷୟରେ ବିଚାର କରିବା ଉଚିତ । ପୂର୍ବବର୍ତ୍ତୀ ସ୍ଥାନରେ ପୁଣି ଶିକ୍ଷାକେନ୍ଦ୍ର ସ୍ଥାପନ କରିବା ଦ୍ୱାରା ତାହା ଗୋଷ୍ଠୀର କୌଣସି ଏକ ନିର୍ଦ୍ଦିଷ୍ଟ ପକ୍ଷର ସ୍ୱାର୍ଥ ବିରୋଧରେ ଯାଇପାରେ ଅଥବା ଶିକ୍ଷାର୍ଥୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଆପଦକୁ ଟାଣିନେଇପାରେ । ସଂଘର୍ଷ ଓ ବିପର୍ଯ୍ୟୟର ଆକଳନ ଯତ୍ନର ସହିତ କରାଯିବା ଆବଶ୍ୟକ । ଜାତୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀର ସମସ୍ତ ବର୍ଗର ସଦସ୍ୟମାନଙ୍କ ସହିତ ପରାମର୍ଶ କରି ଏହା କରାଯିବା ଉଚିତ । ବିଶେଷକରି ପ୍ରଭାବ ପ୍ରବଣ ବର୍ଗକୁ ଏହି ପରାମର୍ଶ ପ୍ରକ୍ରିୟାରେ ସାମିଲ କରାଯିବା ଉଚିତ । ଶିକ୍ଷାକେନ୍ଦ୍ର କେଉଁଠାରେ ନିର୍ମାଣକଲେ ଭଲହେବ, ସେନେଇ ସେମାନେ ମୂଲ୍ୟବାନ ସୂଚନା ପ୍ରଦାନ କରିପାରିବେ । ବିଦ୍ୟାଳୟ ଓ ଶିକ୍ଷାସୁବିଧା ଯେପରି ଶିକ୍ଷାର୍ଥୀମାନଙ୍କ ପାଖ ପଡୋଶୀରେ ରହେ ଏବଂ ଅନ୍ୟାନ୍ୟ ସେବା ଉପଲବ୍ଧ ହେଉଥିବା ସ୍ଥାନରେ ରହେ ତାହା ନିଶ୍ଚିତ କରିବା ଉଚିତ । ଏଥି ନିମନ୍ତେ ଅନ୍ୟାନ୍ୟ କ୍ଷେତ୍ର (ଯେପରିକି ଶିବିର ସମନ୍ୱୟ ଓ ପରିଚାଳନା, ଆଶ୍ରୟସ୍ଥଳ ଓ ସ୍ୱାସ୍ଥ୍ୟ) ମାନଙ୍କ ସହିତ ମିଶି କାମ କରିବା ଜରୁରୀ । (ଦ୍ରଷ୍ଟବ୍ୟ: ସମୀକ୍ଷା ମାନଦଣ୍ଡ-୧, ପ୍ରବେଶ ସୁଯୋଗ ଓ ଶିକ୍ଷଣ ପରିବେଶ ମାନଦଣ୍ଡ-୨, ଶିକ୍ଷା ନୀତି ମାନଦଣ୍ଡ-୧ ଏବଂ ସମନ୍ୱୟ ମାନଦଣ୍ଡ-୧ )

**୨. ଗଠନ, ରୂପରେଖ ଓ ନିର୍ମାଣ:** ଅସ୍ଥାୟୀ ଏବଂ ସ୍ଥାୟୀ ଶିକ୍ଷା କେନ୍ଦ୍ରର ରୂପରେଖ ପ୍ରସ୍ତୁତି ଓ ନର୍ମାଣକାର୍ଯ୍ୟ ବେଳେ ନିମ୍ନଲିଖିତ ଉପାଦାନକୁ ବିଚାରକୁ ନିଆଯିବା ଗୁରୁତ୍ୱପୂର୍ଣ୍ଣ ।

- ନିରାପଦ ସ୍ଥାନ ଚୟନ : କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟାଳୟ କୋଠା କେତେଦୂର ନିରାପଦ ତାହାର ସମୀକ୍ଷା ଯୋଗ୍ୟ ବୃତ୍ତିଧାରୀ ସମୀକ୍ଷକଙ୍କ ଦ୍ୱାରା କରାଯିବା ଉଚିତ, ଏବଂ ଆବଶ୍ୟକତା ଓ ବ୍ୟୟ ଅଟକଳକୁ ବିଚାରକୁ ନେଇ ପୁନଃ ଦଖଲ, ମରାମତି, ନୂତନ ନିର୍ମାଣ ଅବା ମରାମତି କରିବା ପାଇଁ ସୌଧଗୁଡିକୁ ଚିହ୍ନଟ କରିବାକୁ ହେବ ।
- ଅନ୍ତର୍ଭୁକ୍ତିକାରୀ (Inclusive) ଓ ବିପର୍ଯ୍ୟୟ ପ୍ରତିରୋଧକ ରୂପରେଖ ଏବଂ ନିର୍ମାଣ : ଅସ୍ଥାୟୀ ଓ ସ୍ଥାୟୀ ବଦ୍ୟାଳୟ ନିର୍ମାଣରେ ଅନ୍ତର୍ଜାତୀୟ ଯୋଜନା ଓ ନିର୍ମାଣ ନିୟମ (ଅଥବା ସ୍ଥାନୀୟ ନିୟମ ଯଦି ତାହା ଉଚ୍ଚକୋଟିର ହୋଇଥିବ) ପ୍ରୟୋଗ କରାଯିବା ଉଚିତ । ଜଣାଶୁଣା ବିପଦ ଓ ଭୟ ଯେପରିକି

ଘରପୋଡ଼ି, ବାତ୍ୟା, ଭୂକଂପ ଓ ଭୂସ୍ଖଳନ ଆଦିରେ ପ୍ରଭାବିତ ହେଉ ନ ଥିବା ଭଳି ବିଦ୍ୟାଳୟ ଘରଗୁଡ଼ିକର ରୂପରେଖ, ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ହେବା ଉଚିତ । ପୁନଃ ନିର୍ମାଣ ଉଦ୍ୟମ ବେଳେ ଏହା ନିଶ୍ଚିତ କରିବା ଉଚିତ ଯେପରି ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀମାନେ ଏଡ଼ାଇ ହେବାଭଳି ବିପଦରେ ପଡ଼ିବେ ନାହିଁ । ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷଣ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ବିଦ୍ୟାଳୟ ଘର ରୂପରେଖ ଓ ନିର୍ମାଣ ବେଳେ ଯଥେଷ୍ଟ ଆଲୋକ, ବାୟୁଚଳାଚଳ ଓ ଯଥା ଆବଶ୍ୟକ ଉତ୍ତାପର ସୁବିଧା ନିଶ୍ଚିତ କରିବା ଉଚିତ ।

- ସୁଲଭ ଖର୍ଚ୍ଚରେ ଢ଼ାଞ୍ଚାଟିର ରକ୍ଷଣାବେକ୍ଷଣ ସ୍ଥାନୀୟ ଅଧିକାରୀ ଏବଂ ସ୍ଥାନୀୟ ଗୋଷ୍ଠୀ ଉପରେ ନ୍ୟସ୍ତ ହେବା ଉଚିତ୍ । ଯେଉଁଠି ସମ୍ଭବ ସ୍ଥାନୀୟ ଅଂଚଳରୁ ସାମଗ୍ରୀ ସଂଗ୍ରହ ସହିତ ଶ୍ରମିକଙ୍କୁ ଉପଯୋଗ କରାଯିବା ଆବଶ୍ୟକ । ନିର୍ମାଣଗୁଡ଼ିକ (ଯଥା: ଛାତ, ଚଟାଣ) ଦୀର୍ଘସ୍ଥାୟୀ ଓ ଖର୍ଚ୍ଚ ତୁଳନାରେ ଫଳପ୍ରଦ ହେବା ଆବଶ୍ୟକ ।
- ବ୍ୟୟ ନିମନ୍ତେ ଉପଲବ୍ଧ ଅର୍ଥ, ସମ୍ଭାବ୍ୟ ସାମୟିକ ଓ ଦୀର୍ଘତମ ବ୍ୟବହାର ଏବଂ ଗୋଷ୍ଠୀ ସହିତ ଶିକ୍ଷା ଯୋଜନା ପ୍ରସ୍ତୁତକାରୀ ଏବଂ ପରିଚାଳକମାନଙ୍କ ସଂପୃକ୍ତି ।
- ଭିତିଭୂମିଗୁଡ଼ିକ ଅସ୍ଥାୟୀ, ଆଂଶିକ ସ୍ଥାୟୀ, ସ୍ଥାୟୀ, ସଂପ୍ରସାରିତ ଅବା ଭ୍ରାମ୍ୟମାଣ ହୋଇପାରନ୍ତି । ସାମୁହିକ କାର୍ଯ୍ୟ ଯଥା: ବିଦ୍ୟାଳୟ ଗୃହ ନିର୍ମାଣ, ଓ ତା'ର ରକ୍ଷଣାବେକ୍ଷଣରେ ଜରୁରୀକାଳୀନ ପରିସ୍ଥିତି ଦ୍ୱାରା ଭିନ୍ନଭିନ୍ନଭାବେ ପ୍ରଭାବିତ ବର୍ଗର ସଦସ୍ୟମାନଙ୍କ ସମ୍ମିଳୀତ କାର୍ଯ୍ୟ ସଂଘର୍ଷକୁ ଦୂର କରିବାରେ ସାହାଯ୍ୟ କରେ । (ଦ୍ରଷ୍ଟବ୍ୟ: ପ୍ରବେଶ ଓ ଶିକ୍ଷଣ ପରିବେଶ ମାନଦଣ୍ଡ-୨, ମାର୍ଗ ଦର୍ଶକ ଟିପ୍ପଣୀ-୧୧, ଶିକ୍ଷାନୀତି ମାନଦଣ୍ଡ-୧, ମାର୍ଗ ଦର୍ଶକ ଟିପ୍ପଣୀ-୩)

**୩. ଭିନ୍ନକ୍ଷମ ବ୍ୟକ୍ତି:** ଶିକ୍ଷାକେନ୍ଦ୍ରର ରୂପରେଖ ପ୍ରସ୍ତୁତ କଲା ବେଳେ ଶାରୀରିକ ଭିନ୍ନକ୍ଷମ ଓ ଦୃଷ୍ଟିହୀନମାନଙ୍କ ଆବଶ୍ୟକତାକୁ ଅତି ଯତ୍ନର ସହିତ ବିଚାରକୁ ନିଆଯିବା ଉଚିତ । ଶିକ୍ଷା ସ୍ଥଳଗୁଡ଼ିକର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରା ଏଭଳିଭାବେ ପ୍ରସ୍ତୁତ ହେବାକଥା ଯେପରିକି ଚକ୍ରଚାଳିତ ଚୌକି ବା ସେଭଳି ଅନ୍ୟ କୌଣସି ସହାୟକ ଯାନ ବ୍ୟବସ୍ଥା ସୁବିଧାରେ ଯାଇଆସି ପାରିବେ । ସେହିଭଳି ଶ୍ରେଣୀଗୃହ ଓ ଆସବାବପତ୍ର ଏବଂ ଜଳ ଓ ପରିମଳ ଭଳି ପରିମଳ ବ୍ୟବସ୍ଥାମାନ ଭିନ୍ନକ୍ଷମମାନଙ୍କ ଆବଶ୍ୟକତା ପୂରଣ କରିପାରୁଥିବା ଉଚିତ । ଶିକ୍ଷାସ୍ଥଳ ଚିହ୍ନଟ ଓ ନିର୍ମାଣ ସମୟରେ ଭିନ୍ନକ୍ଷମମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ, ଭିନ୍ନକ୍ଷମ ଶିଶୁଙ୍କ ଅଭିଭାବକ, ଓ ଭିନ୍ନକ୍ଷମ ଯୁବବର୍ଗମାନଙ୍କ ସହିତ ଉଭୟ ଜାତୀୟ ଓ ସ୍ଥାନୀୟ ସ୍ତରରେ ସହଯୋଗ ଆବଶ୍ୟକ ।

**୪. ଶିକ୍ଷା ସ୍ଥାନର ରୂପରେଖ ଓ ରକ୍ଷଣାବେକ୍ଷଣ:** ଶିକ୍ଷାସୁବିଧାଗୁଡିକୁ କେଉଁମାନେ ବ୍ୟବହାର କରିବେ ଓ କିଭଳି ବ୍ୟବହାର କରିବେ ତାକୁ ଦୃଷ୍ଟିରେ ରଖି ସେଗୁଡିକର ରୂପରେଖ ନିର୍ଣ୍ଣୟ କରାଯିବା ଉଚିତ । ଶିକ୍ଷାସ୍ଥଳଗୁଡ଼ିକ ବ୍ୟବହାରକାରୀଙ୍କ ଲିଙ୍ଗ, ବୟସ, ଶାରୀରିକ ସାମର୍ଥ୍ୟ ଓ ସାଂସ୍କୃତିକ ଚିନ୍ତାଧାରା ଅନୁଯାୟୀ ହେବା ଆବଶ୍ୟକ । ଶ୍ରେଣୀଗୃହର ଆକାର ନିର୍ଣ୍ଣୟ କରିବା ପାଇଁ ହେବ, ସେଥି ନିମନ୍ତେ ସ୍ଥାନୀୟ ପରିସ୍ଥିତିକୁ ନେଇ ଏକ ବାସ୍ତବ ମାପଦଣ୍ଡ ସ୍ଥିର କରାଯିବା ଉଚିତ । ଭବିଷ୍ୟତରେ ବିଦ୍ୟାର୍ଥୀଙ୍କ ସଂଖ୍ୟାବୃଦ୍ଧି ଯୋଗୁଁ ଆବଶ୍ୟକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରିବାପାଇଁ ଯଥେଷ୍ଟ ସ୍ଥାନ ରହିବା ଆବଶ୍ୟକ । ଫଳରେ ଏକାଧିକ ସ୍ଥାନରେ ଶିକ୍ଷାଦାନ ନ କରି ଗୋଟିଏ ସ୍ଥାନରେ ଗୋଟିଏ ଅଞ୍ଚଳର ସମସ୍ତ ବିଦ୍ୟାର୍ଥୀ ଶିକ୍ଷାଲାଭ କରିପାରିବେ । ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରଗୁଡ଼ିକ ଏପରି ହେବା ଦରକାର ଯେପରିକି ଜରୁରୀକାଳୀନ ପରିସ୍ଥିତିରେ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀମାନେ ନିରାପଦରେ ବାହାରିଯାଇ ପାରିବେ ।

ପରିମଳ ସୁବିଧା ସମେତ କୋଠା, ଡ଼େସ୍କ, ଚୌକି, କଳାପଟା ଓ ସମସ୍ତ ଆସବାବପତ୍ରର ରକ୍ଷଣାବେକ୍ଷଣ ନିୟମିତଭାବେ ହେବା ଉଚିତ । ଗୋଷ୍ଠୀ ଓ ଗୋଷ୍ଠୀ ଶିକ୍ଷା କମିଟିର ସଦସ୍ୟମାନେ ନିଜର ଶ୍ରମ, ସମୟ ଓ ସାମଗ୍ରୀ ଦାନ କରି ଶିକ୍ଷାସ୍ଥଳ ଗୁଡ଼ିକର ରକ୍ଷଣାବେକ୍ଷଣରେ ସହାୟତା କରିପାରିବେ । (ଦ୍ରଷ୍ଟବ୍ୟ: ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀ ମାନଦଣ୍ଡ ୩, ମାର୍ଗ ଦର୍ଶକ ଟିପ୍ପଣୀ ୧ )

**୫. ପରିମଳ ବ୍ୟବସ୍ଥା:** ଶିକ୍ଷାୟତନ ପରିସରରେ ବା ଏହାର ନିକଟରେ ପରିମଳ ସୁବିଧା ଉପଲବ୍ଧ ହେବା ଉଚିତ । ଏହି ଲକ୍ଷ୍ୟ ପୂରଣ ପାଇଁ ଜଳ ଓ ପରିମଳ ବିଭାଗର ମିଳିତ ସହଯୋଗରେ କାମ କରିବାକୁ ହେବ । ନିମ୍ନୋକ୍ତ ବିଷୟ ପରିମଳ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

- କଠିନ ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା, ଯେପରିକି ଆବର୍ଜନା ସଂଗ୍ରହ ପାଇଁ ପାତ୍ର ଏବଂ ଆବର୍ଜନା ଗାତ
- ଜଳ ନିଷ୍କାସନ ସୁବିଧା ଯେପରିକି ନାଳ ଏବଂ ଅବଶୋଷଣ ଖାତ
- ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ଓ ଶୌଚାଳୟ ନିମନ୍ତେ ଆବଶ୍ୟକୀୟ ଜଳ ଯୋଗାଣ

ପରିମଳ ବ୍ୟବସ୍ଥା ଗୁଡ଼ିକ ଭିନ୍ନକ୍ଷମମାନଙ୍କ ବ୍ୟବହାର ଉପଯୋଗୀ ହୋଇଥିବା ଉଚିତ ଏବଂ ସେଗୁଡିକ ବ୍ୟବହାରକାରୀ ମାନଙ୍କର ଗୋପନୀୟତା, ଆତ୍ମସମ୍ମାନ ଓ ସୁରକ୍ଷା ପ୍ରଦାନ ପାଇଁ ସକ୍ଷମ ହୋଇଥିବା ଆବଶ୍ୟକ । ପାଇଖାନାର କବାଟ ଭିତରପଟୁ ବନ୍ଦ ହେଉଥିବ । ଯୌନ ନିର୍ଯାତନା ଏବଂ ଅସଦାଚରଣର ନିରାକରଣ ପାଇଁ ପୁଅ ଓ ଝିଅମାନଙ୍କ ପାଇଁ ପୃଥକ୍ ପୃଥକ୍ ଶୌଚାଳୟ ସୁରକ୍ଷିତ, ବ୍ୟବହାର ଉପଯୋଗୀ ଏବଂ ସହଜରେ ଯାଇ ହେବା ଭଳି ସ୍ଥାନରେ ରହିବା ଉଚିତ । ବିଦ୍ୟାଳୟ ଶୌଚାଳୟ ସ୍ଫିୟର ମାର୍ଗଦର୍ଶିକାରେ କୁହାଯାଇଛି ଯେ ପ୍ରତି ୩୦ ଜଣ

ବାଳିକାଙ୍କ ନିମନ୍ତେ ଗୋଟିଏ ଓ ପ୍ରତ୍ୟେକ ୬୦ ଜଣ ବାଳକଙ୍କ ପାଇଁ ଗୋଟିଏ ଶୌଚାଳୟ ଯୋଗାଇ ଦିଆ ଯିବା ଉଚିତ । ଯଦି ପ୍ରାରମ୍ଭିକ ସ୍ତରରେ ପୁଅ ଓ ଝିଅଙ୍କ ପାଇଁ ପୃଥକ୍ ପୃଥକ୍ ଶୈଚାଳୟର ବ୍ୟବସ୍ଥା କରାଯାଇନପାରିବ, ତା' ହେଲେ ଯେପରି ପୁଅ ଓ ଝିଅମାନେ ଏକା ସାଙ୍ଗରେ ଶୌଚାଳୟ ବ୍ୟବହାର ନ କରନ୍ତି, ସେଥି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ । ଯଦି ବିଦ୍ୟାଳୟ ପରିସରରେ ଶୌଚାଳୟ ନଥାଏ ତା' ହେଲେ ନିକଟରେ ଉପଲବ୍ଧ ଶୌଚାଳୟ ସୁବିଧା ଚିହ୍ନଟ କରିବାକୁ ହେବ ଏବଂ ପିଲାମାନେ ସେଗୁଡ଼ିକୁ ବ୍ୟବହାର କଲାବେଳେ, ସେମାନଙ୍କ ଉପରେ ନଜର ରଖିବାକୁ ହେବ । (ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟରକ୍ଷା ପ୍ରୋତ୍ସାହନ ଉପରେ ଥିବା ଅଧ୍ୟାୟରେ ମଳ ନିଷ୍କାସନ ବିଷୟକ ସ୍ଫିୟରଙ୍କ ମାନଦଣ୍ଡ ଦେଖନ୍ତୁ)

ବାଳିକା/ମହିଳା ଶିକ୍ଷାର୍ଥୀମାନଙ୍କ ନିମନ୍ତେ ପରିମଳ ଉପକରଣ ଓ ସଂସ୍କୃତି ସହିତ ଖାପ ଖାଉଥିବା ବସ୍ତ୍ର ଯୋଗାଇ ଦିଆଯିବା ଉଚିତ । ତାହାହେଲେ ସେମାନେ ଶିକ୍ଷଣ ପ୍ରକ୍ରିୟାରେ ସଂପୂର୍ଣ୍ଣଭାବେ ଅଂଶ ଗ୍ରହଣ କରିପାରିବେ ।

**୬. ସୁରକ୍ଷିତ ଜଳ ଓ ସ୍ୱାସ୍ଥ୍ୟରକ୍ଷା ପ୍ରୋତ୍ସାହନ:** ଶିକ୍ଷଣ ପରିବେଶ ମଧ୍ୟରେ ସୁରକ୍ଷିତ ଜଳ ଉତ୍ସର ବ୍ୟବସ୍ଥା ହେବା ଉଚିତ ଓ ବ୍ୟବହାର ପାଇଁ ଛାତ୍ରଛାତ୍ରୀଙ୍କୁ ସାବୁନ ଯୋଗାଇ ଦିଆଯିବା ଉଚିତ । ହାତ ଓ ମୁହଁ ଧୋଇବା ପରି ସ୍ୱାସ୍ଥ୍ୟରକ୍ଷା ଅଭ୍ୟାସକୁ ନିତିଦିନିଆ କାର୍ଯ୍ୟକ୍ରମରେ ସାମିଲ କରାଯିବା ଉଚିତ । ସ୍ଫିୟର ମାର୍ଗଦର୍ଶିକା ଅନୁସାରେ ବିଦ୍ୟାଳୟରେ ପିଇବା ଓ ହାତ ମୁହଁ ଧୋଇବା ପାଇଁ ଛାତ୍ରପିଛା ତିନି ଲିଟର ପାଣି ଆବଶ୍ୟକ (ଜଳ ଯୋଗାଣ, ପରିମଳ ଓ ସ୍ୱାସ୍ଥ୍ୟରକ୍ଷା ପ୍ରୋତ୍ସାହନ ଅଧ୍ୟାୟରେ ଜଳ ଯୋଗାଣ ଉପରେ ସ୍ଫିୟର ମାନଦଣ୍ଡ ଦେଖନ୍ତୁ)

**୭. ସ୍କୁଲ ଅଧାରିତ ସ୍ୱାସ୍ଥ୍ୟ ଓ ପୁଷ୍ଟି ସେବା:** ବିଦ୍ୟାଳୟ ଆଧାରିତ ସ୍ୱାସ୍ଥ୍ୟ ଓ ପୁଷ୍ଟି ସେବା କାର୍ଯ୍ୟକ୍ରମ ଶିକ୍ଷାକୁ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ କ୍ଷେତ୍ରର ସମ୍ବଳ ସହିତ ଯୋଡ଼ିଥାଏ । ଏହା ଶିକ୍ଷଣର ପ୍ରତିବନ୍ଧକଗୁଡ଼ିକୁ ଦୂର କରେ ଏବଂ ସ୍ୱାସ୍ଥ୍ୟକର ବିକାଶରେ ସାହାଯ୍ୟ କରେ । ଏହି କାର୍ଯ୍ୟକ୍ରମରେ ନିମ୍ନୋକ୍ତ ବିଷୟକୁ ଅନ୍ତର୍ଭୁକ୍ତ କରାଯାଇପାରେ :

- କ୍ଷୁଧା ସମସ୍ୟାର ସମାଧାନ ପାଇଁ ସ୍କୁଲରେ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ
- ପରଜୀବୀୟ ସଂକ୍ରମଣର ଚିକିତ୍ସା ପାଇଁ କୃମି ନିରୋଧକ ବଟିକା ଯୋଗାଣ ବ୍ୟବସ୍ଥା
- ସଂକ୍ରମଣଶୀଳ ରୋଗ (ଯେମିତିକି ମିଳମିଳା, ଡାଇରିଆ, ଏଚ୍.ଆଇ.ଭି. ଓ ଏଡ୍‌ସ) ପାଇଁ ପ୍ରତିଶେଧକ କାର୍ଯ୍ୟକ୍ରମ
- ଅଣୁ ପୃଷ୍ଟିକାରକ (ଯେପରିକି ଖାଦ୍ୟସାର 'କ', ଲୌହ ଓ ଆୟୋଡ଼ିନ) ଯୋଗାଣ ।

ବିଦ୍ୟାଳୟରେ ଖାଦ୍ୟ ଯୋଗାଣ ନିମନ୍ତେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମାର୍ଗଦର୍ଶୀକା ଭଳି ସ୍ୱୀକୃତି ପ୍ରାପ୍ତ ମାର୍ଗଦର୍ଶୀକାକୁ ଅନୁସରଣ କରିବା ଉଚିତ । ଏହିକାର୍ଯ୍ୟରେ ସ୍ୱାସ୍ଥ୍ୟ ଓ ପୁଷ୍ଟି ବିଭାଗ ସହିତ ସମନ୍ୱୟ ଗୁରୁତ୍ୱପୂର୍ଣ୍ଣ ।

(ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ଉପରେ ସ୍ଫିୟର ମାନଦଣ୍ଡ ଦେଖନ୍ତୁ)

୮. **ସ୍ଥାନୀୟ ସେବା ଓ ବିଶେଷଜ୍ଞ ପରାମର୍ଶ:** ଶିକ୍ଷାର୍ଥୀମାନଙ୍କ ଶାରୀରିକ, ମାନସିକ-ସାମାଜିକ ଓ ଆବେଗିକ ମଙ୍ଗଳବିଧାନକୁ ଅଗ୍ରାଧିକାର ଦେବା ପାଇଁ ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମୀମାନେ ସ୍ଥାନୀୟ ଅଂଚଳରେ ମିଳୁଥିବା ବିଶେଷଜ୍ଞ ସେବା ଓ ପରାମର୍ଶ ବ୍ୟବହାର କରିପାରିବେ । ଶିକ୍ଷାର୍ଥୀଙ୍କ ଶାରୀରିକ ଓ ମାନସିକ-ସାମାଜିକ ଅସହାୟତାକୁ ଚିହ୍ନଟ କରିବା ପାଇଁ ତଥା ଅନ୍ୟାନ୍ୟ ସମସ୍ୟା ଯଥା: ନିଜ ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ପିଲାଙ୍କ ମାନସିକତା ଜାଣିବା ପାଇଁ ଶିକ୍ଷକ ଓ ଶିକ୍ଷାକର୍ମୀମାନଙ୍କର ତାଲିମ ଜରୁରୀ ଅଟେ । ଶିକ୍ଷାର୍ଥୀଙ୍କ ଅମଙ୍ଗଳର ଆଶଙ୍କା ଥିଲେ, ସେଥି ନିମନ୍ତେ ଅନ୍ୟ ସେବାକ୍ଷେତ୍ର ଗୁଡ଼ିକରେ ସଂପୃକ୍ତ ଅଂଶୀଦାରମାନଙ୍କ ସହିତ ସୂଚନା ବିନିମୟ କରିବା ଉଚିତ।

ବିଶେଷଜ୍ଞ ପରାମର୍ଶ ସେବା ବ୍ୟବସ୍ଥାକୁ ପ୍ରଭାବଶାଳୀଭାବେ କାର୍ଯ୍ୟକ୍ଷମ କରିବା ପାଇଁ ବାହ୍ୟ ସେବାକାରୀ ସଂସ୍ଥାମାନଙ୍କ ସହିତ ଔପଚାରିକ ଯୋଗାଯୋଗ ସ୍ଥାପନ କରାଯିବା ଉଚିତ । ଯୌନ ଓ ଲିଙ୍ଗଗତ ହିଂସାରୁ ବର୍ତ୍ତିଯାଇଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ପରାମର୍ଶ ସେବା, ମାନସିକ-ସାମାଜିକ ଓ ଆଇନ୍ ସେବା, ଏବଂ ଅସଦାଚରଣ ଓ ଅବହେଳାର ଶିକାର ହୋଇଥିବା ସନ୍ଦିଗ୍ଧ ପିଲାଙ୍କ ପାଇଁ ସାମାଜିକ ସେବା ପ୍ରଭୃତି ଯୋଗାଇ ଦଦେବା ଆବଶ୍ୟକ । ପୂର୍ବରୁ ସେନା ବାହିନୀ ଏବଂ ସଶସ୍ତ୍ର ଗୋଷ୍ଠୀରେ ସାମିଲଥିବା ଶିଶୁମାନଙ୍କ ପରିବାର ଲୋକଙ୍କୁ ଖୋଜି ବାହାର କରିବା ଏବଂ ସେମାନଙ୍କୁ ତାଙ୍କ ପରିବାର ସହିତ ମିଳନ ପାଇଁ ସେମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ । (ଦ୍ରଷ୍ଟବ୍ୟ: ପ୍ରବେଶ ସୁଯୋଗ ଓ ଶିକ୍ଷଣ ମାନଦଣ୍ଡ- ୨ , ମାର୍ଗ ଦର୍ଶକ ଟିପ୍ପଣୀ- ୨ , ଶିକ୍ଷାଦାନ ଓ ଶିକ୍ଷଣ ମାନଦଣ୍ଡ- ୧ , ମାର୍ଗ ଦର୍ଶକ ଟିପ୍ପଣୀ-୬, ଏବଂ ଶିକ୍ଷାଦାନ ଓ ଶିକ୍ଷଣ ମାନଦଣ୍ଡ- ୨ , ମାର୍ଗ ଦର୍ଶକ ଟିପ୍ପଣୀ- ୨ )

ଏହି ମାନଦଣ୍ଡଗୁଡ଼ିକର କାର୍ଯ୍ୟକାରିତାରେ ସାହାଯ୍ୟ କରୁଥିବା ଉପକରଣ ଗୁଡ଼ିକ ସଂପର୍କରେ ଅଧିକ ଜାଣିବା ପାଇଁ ଦେଖନ୍ତୁ – INEE Toolkit : www.ineesite.org/toolkit
ଆଇଏନ୍‌ଇଇ ଉପକରଣ:

ଆଇଏନ୍‌ଇଇ ନ୍ୟୁନତମ ମାନଦଣ୍ଡ
└ ରୂପାନ୍ତରୀକରଣ ଉପକରଣ
└ ପ୍ରବେଶ ଓ ଶିକ୍ଷଣର ଚିତ୍ରଣ

# ୩. ଶିକ୍ଷାଦାନ ଓ ଶିକ୍ଷଣ

## ୩.ମୂଳଦୁଆ ପଦ୍ଧତି କ୍ଷେତ୍ର: ଗୋଷ୍ଠୀ ଅଂଶଗ୍ରହଣ, ସମନ୍ୱୟ, ସମୀକ୍ଷା

### ଶିକ୍ଷାଦାନ ଓ ଶିକ୍ଷଣ କ୍ଷେତ୍ର

| ପଦ୍ଧତି- ୧<br>ପାଠ୍ୟକ୍ରମ | ପଦ୍ଧତି- ୨<br>ତାଲିମ, ବୃତ୍ତିଗତ ବିଶେଷ ଓ ସମର୍ଥନ | ପଦ୍ଧତି-୩<br>ନିର୍ଦ୍ଦେଶାବଳୀ ଓ ଶିକ୍ଷାଲାଭ ପ୍ରକ୍ରିୟା | ପଦ୍ଧତି-୪<br>ଶିକ୍ଷାଲାଭର ଫଳାଫଳ ସମୀକ୍ଷା |
|---|---|---|---|
| ନିର୍ଦ୍ଦିଷ୍ଟ ପୃଷ୍ଠଭୂମିର ପ୍ରଯୁଜ୍ୟ ହେଲାଭଳି ଓ ପିଲାଙ୍କ ଆବଶ୍ୟକତା ଅନୁଯାୟୀ ଫର୍ମାଲ ଓ ନନ୍‌ଫର୍ମାଲ ଶିକ୍ଷାରେ ସାଂସ୍କୃତିକ, ସାମାଜିକ ଓ ଭାଷାଗତ ପ୍ରାସଙ୍ଗିକତା ଥିବା ପାଠ୍ୟକ୍ରମ ବ୍ୟବହାର କରାଯିବା ଉଚିତ୍ | ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ଓ ଅନ୍ୟ ଶିକ୍ଷାଧିକାରୀ ମାନେ ପର୍ଯ୍ୟାୟ ବୃତ୍ତି ପ୍ରଯୁଜ୍ୟ ଓ ଘଣ୍ଟାଗଡ଼ ତାଲିମ ପାଆନ୍ତି | ନିର୍ଦ୍ଦେଶାବଳୀ ଓ ଶିକ୍ଷାଲାଭ ପ୍ରକ୍ରିୟା ଗୁ ଡ଼ିକ ଶିକ୍ଷାର୍ଥୀ କେନ୍ଦ୍ରୀକ, ଯୋଗଦାନ ସମ୍ବନ୍ଧୀୟ ଓ ଅନ୍ତର୍ଭୁକ୍ତି | ଶିକ୍ଷାଲାଭର ଫଳାଫଳଙ୍କୁ ମୂଲ୍ୟାୟନ ଓ ବିଧିସିଦ୍ଧ କରିବା ପାଇଁ ସଠିକ ଉପାୟ ବ୍ୟବହାର କରାଯାଏ |

ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ ଉଚ୍ଚମାନର ଶିକ୍ଷାଦାନ ଓ ଶିକ୍ଷଣ ବ୍ୟବସ୍ଥା କରିପାରିଲେ ହିଁ ଶିକ୍ଷାଲାଭ ସୁଯୋଗ ଅର୍ଥପୂର୍ଣ୍ଣ ହୋଇପାରିବ । ଜରୁରୀକାଳୀନ ପରିସ୍ଥିତି ପାଠ୍ୟକ୍ରମ, ଶିକ୍ଷକ ତାଲିମ, ବୃତ୍ତିଗତ ବିକାଶ ଓ ସମର୍ଥନ, ନିର୍ଦ୍ଦେଶାବଳୀ ଓ ଶିକ୍ଷାଲାଭ ପ୍ରକ୍ରିୟା ଏବଂ ଶିକ୍ଷାଲାଭ ଫଳାଫଳ ସମୀକ୍ଷା କରିବାରେ ଉନ୍ନତି ଆଣିବାର ଏକ ସୁଯୋଗ ଦେଇଥାଏ ଯାହା ଦ୍ୱାରା ଶିକ୍ଷା ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରାସଙ୍ଗିକ, ସାହାଯ୍ୟକାରୀ ଓ ସୁରକ୍ଷିତ ହୋଇଥାଏ । କେଉଁ ପ୍ରକାର ପାଠ୍ୟକ୍ରମ ପ୍ରସ୍ତୁତ ହେବ ତାହା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବା ଦରକାର । ଶିକ୍ଷାଲାଭ ଉପରେ ମଧ୍ୟ ଦୃଷ୍ଟି ରଖିବାକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ । ତତ୍‌କ୍ଷଣାତ୍ ଓ ଭବିଷ୍ୟତର ବିପଦ ଆଶଙ୍କା, ଭୟ ଓ କ୍ଷତିର ଭୟକୁ ରୋକିବା ଅବା ହ୍ରାସ କରିବା ନେଇ ଜ୍ଞାନ ଏବଂ କୌଶଳ ବିକାଶିତ ହେବା ଆବଶ୍ୟକ । ମାନବାଧିକାର ସଂପର୍କିତ ଶିକ୍ଷା, ଶାନ୍ତି ଓ ଗଣତାନ୍ତ୍ରିକ ନାଗରିକତ୍ୱ ପାଇଁ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍ ।

ଜୀବନଜୀବିକା ଓ ନିଯୁକ୍ତି ସହିତ ଜଡ଼ିତ ଶିକ୍ଷା, ଯେପରିକି କ୍ଷୁଦ୍ର ବ୍ୟବସାୟ ବିକାଶ, ଆର୍ଥିକ ଶିକ୍ଷା, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ ଆଦିକୁ ଯୁବକ ଓ ଯୁବତୀମାନଙ୍କୁ ଯୋଗାଇ ଦିଆଯିବା ଉଚିତ୍ । ବିଶେଷ କରି ଦୁର୍ବଳ ଶ୍ରେଣୀରୁ ଆସିଥିବା ଯୁବକ ଓ ଯୁବତୀମାନଙ୍କୁ ଏହି ଶିକ୍ଷା ଯୋଗାଇ ଦେବା ଉଚିତ୍ ଯେଉଁମାନେ କି ଆନୁଷ୍ଠାନିକ ଭାବେ ସ୍କୁଲ ପଢ଼ା ଶେଷ କରିପାରିନଥିବେ । ଶ୍ରମ ବଜାରର ସମୀକ୍ଷା ଓ ଅର୍ଥନୈତିକ ଏବଂ ପ୍ରାରମ୍ଭିକ ପୁନଃଲାଭ ବିଭାଗ ସହିତ ମିଶି କାର୍ଯ୍ୟକଲେ ସୁନିଶ୍ଚିତ ହେବ ଯେ କାର୍ଯ୍ୟକ୍ରମଗୁଡ଼ିକର ପ୍ରାସଙ୍ଗିକତା ରହିଛି ଏବଂ ଉକ୍ତ ଯୁବକଯୁବତୀ ଶିକ୍ଷାଲାଭ କରିଥିବା ଆର୍ଥିକ ଜ୍ଞାନ ବ୍ୟବହାର କରିବାକୁ ସକ୍ଷମ ହେବେ ।

ଜରୁରୀକାଳୀନ ସ୍ଥିତିରେ ତାଲିମ୍ ପାଇନଥିବା ଅବା ଅଣ-ତାଲିମ୍‌ପ୍ରାପ୍ତ ଶିକ୍ଷକ ଏବଂ ଅନ୍ୟ ଶିକ୍ଷା କର୍ମଚାରୀମାନେ ଅଧିକାଂଶ ସମୟରେ ବିପର୍ଯ୍ୟୟ ଅବା ସଂଘର୍ଷ ହେତୁ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ସୃଷ୍ଟି ହୋଇଥିବା ବାଧା ଦୂର କରିବାରେ ସହାୟକ ହୋଇଥାଆନ୍ତି । ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ବିଷୟବସ୍ତୁଗୁଡ଼ିକୁ ପ୍ରଭାବଶାଳୀ ଭାବେ ବୁଝାଇବା ପାଇଁ ଏହି ଶିକ୍ଷକମାନଙ୍କୁ ତାଲିମ୍ ଦିଆଯିବା ଆବଶ୍ୟକ । ମାନସିକ ଚାପରେ ରହିଥିବା ଶିକ୍ଷାର୍ଥୀମାନଙ୍କୁ କିଭଳି ଭାବେ ସହଯୋଗ କରି ହେବ ସେ ନେଇ ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀମାନେ ନିର୍ଦ୍ଦିଷ୍ଟ ପ୍ରକାର ତାଲିମ୍‌ରେ ଅଂଶଗ୍ରହଣ କରିବା ଉଚିତ୍ ।

ଜରୁରୀକାଳୀନ ପୃଷ୍ଠଭୂମିରେ ପୁନର୍ଲାଭ ପାଇଁ ଜାତୀୟ ସଂସ୍ଥା, ଶିକ୍ଷାନୁଷ୍ଠାନ ଏବଂ ନିଯୁକ୍ତିଦାତାମାନେ ପାଠ୍ୟକ୍ରମ ଓ ପ୍ରଦାନ କରାଯାଉଥିବା ପ୍ରମାଣପତ୍ରକୁ ସ୍ୱୀକୃତି ଦେବା ଆବଶ୍ୟକ । ଗୋଷ୍ଠୀଗୁଡ଼ିକ ଜାଣିବାକୁ ଚାହାଁନ୍ତି ଯେ ସେମାନଙ୍କ ପିଲାଏ ପଢୁଥିବା ପାଠର କି ମୂଲ୍ୟ ଅଛି ? ଓ ଜାତୀୟ ସଂସ୍ଥାଗୁଡ଼ିକ ସେହି ମୂଲ୍ୟକୁ ସ୍ୱୀକୃତି ଦେଉଛନ୍ତି । ଶିକ୍ଷାଦାନ ଓ ଶିକ୍ଷାଲାଭ ପ୍ରକ୍ରିୟାର ସମୟୋପଯୋଗୀ ଏବଂ ସଠିକ୍ ସୀମା ଏବଂ ମୂଲ୍ୟାଙ୍କନ ପାଇଁ ନିମ୍ନଲିଖିତ

ବିଷୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସମ୍ମାନ ବିଶ୍ୱସନୀୟତା ସୃଷ୍ଟି କରେ ।

- ଶିକ୍ଷାଦାନ ଅଭ୍ୟାସ ସଂପର୍କରେ ସୂଚନା ପ୍ରଦାନ
- ପାଠ୍ୟକ୍ରମରେ ଓ ଶିକ୍ଷାର୍ଥୀମାନଙ୍କର ସକ୍ଷମତା ଓ ଦୁର୍ବଳତାକୁ ଚିହ୍ନିବ ।
- ହୋଇଥିବା ବିକାଶ ସଂପର୍କରେ ଶିକ୍ଷା କର୍ମଚାରୀ, ଗୋଷ୍ଠୀର ସଦସ୍ୟ ଓ ଶିକ୍ଷାର୍ଥୀମାନଙ୍କୁ ଜଣାଇବା ଏବଂ ନିରନ୍ତର ଆବଶ୍ୟକତା ବିଷୟରେ ଅବଗତ କରାଇବା ।

## ଶିକ୍ଷାଦାନ ଓ ଶିକ୍ଷଣ ମାନଦଣ୍ଡ ୧ : ପାଠ୍ୟକ୍ରମ

ସାଂସ୍କୃତିକ, ସାମାଜିକ ଓ ଭାଷାଗତ ପ୍ରାସଙ୍ଗିକ ପାଠ୍ୟକ୍ରମ ବିଶେଷ ପୃଷ୍ଠଭୂମିରେ ଓ ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ପାଇଁ ଉପଯୁକ୍ତ ଔପଚାରିକ ଓ ଅନୌପଚାରିକ ଶିକ୍ଷା ପ୍ରଦାନ କରିବା ପାଇଁ ଉପଯୋଗ କରାଯାଏ ।

**ମୁଖ୍ୟ କାର୍ଯ୍ୟ** (ମାର୍ଗଦର୍ଶୀକା ଟିପ୍ପଣୀଗୁଡ଼ିକ ସହିତ ସଂଯୋଜନା କରି ପଢ଼ନ୍ତୁ)

- ଶିକ୍ଷା ଅଧିକାରୀମାନେ ସମୀକ୍ଷା, ବିକାଶ ଓ ଔପେଚାରିକ ପାଠ୍ୟକ୍ରମର ଅନ୍ତର୍ଭୁକ୍ତି ଓ ସଂପୃକ୍ତ ଥିବା ସମସ୍ତ ପ୍ରାସଙ୍ଗିକ ହିତାଧିକାରୀମାନଙ୍କ ନେତୃତ୍ୱ ନେଇଥାଆନ୍ତି (ମାର୍ଗଦର୍ଶୀକା ଟିପ୍ପଣୀ ୧ ରୁ ୩ ଦେଖନ୍ତୁ)
- ପାଠ୍ୟକ୍ରମ, ପାଠ୍ୟପୁସ୍ତକ ସହିତ ଅତିରିକ୍ତ ଉପକରଣଗୁଡ଼ିକ, ଶିକ୍ଷାର୍ଥୀମାନଙ୍କ ବୟସ, ବିକାଶମୂଳକ ସ୍ତର, ଭାଷା, ସଂସ୍କୃତି, ଦକ୍ଷତା ଓ ଆବଶ୍ୟକତା ପାଇଁ ଉପଯୁକ୍ତ (ମାର୍ଗଦର୍ଶୀକା ଟିପ୍ପଣୀ ୧ ରୁ ୪ ଦେଖନ୍ତୁ)
- ଶରଣାର୍ଥୀ ଓ ଆଭ୍ୟନ୍ତରୀଣ ଭାବେ ବିସ୍ଥାପିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷାରେ ଔପଚାରିକ ପାଠ୍ୟକ୍ରମ ଓ ପରୀକ୍ଷାକୁ ଦେଶର ସରକାର ଓ ଆୟୋଜକ ସରକାର ସ୍ୱୀକୃତି ଦେଇଥାଆନ୍ତି (ମାର୍ଗଦର୍ଶୀକା ଟିପ୍ପଣୀ ୩ ଦେଖନ୍ତୁ)
- ଔପଚାରିକ ଓ ଅନୌପଚାରିକ ପାଠ୍ୟକ୍ରମ ବିପର୍ଯ୍ୟୟ ଆଶଙ୍କା ହ୍ରାସ, ପରିବେଶ ସମ୍ବନ୍ଧୀୟ ଶିକ୍ଷା ଓ ସଂଘର୍ଷ ପ୍ରତିହତ କରିବା ସଂପର୍କରେ ଶିକ୍ଷାଦାନ କରିଥାଏ (ମାର୍ଗଦର୍ଶୀକା ଟିପ୍ପଣୀ ୩ରୁ ୪ ଦେଖନ୍ତୁ)
- ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଓ ପରିପୂରକ ଉପକରଣଗୁଡ଼ିକ ସାକ୍ଷରତା, ସଂଖ୍ୟାତ୍ମକ କାର୍ଯ୍ୟ, ପ୍ରାରମ୍ଭିକ ଶିକ୍ଷାଲାଭ, ଜୀବନକୌଶଳ, ସ୍ୱାସ୍ଥ୍ୟ ଓ ସଫାସୁତରା ଅଭ୍ୟାସକୁ ସାମିଲ କରିଥାଏ (ମାର୍ଗଦର୍ଶୀକା ଟିପ୍ପଣୀ ୪ ରୁ ୫ ଦେଖନ୍ତୁ)
- ପାଠ୍ୟକ୍ରମ ଶିକ୍ଷାର୍ଥୀମାନଙ୍କ ମାନସିକ ଓ ସାମାଜିକ ସୁସ୍ଥତା ଓ ସୁରକ୍ଷା ଆବଶ୍ୟକତାକୁ ପୂରଣ କରିଥାଏ (ମାର୍ଗଦର୍ଶୀକା ଟିପ୍ପଣୀ ୬ ଦେଖନ୍ତୁ) ।
- ଶିକ୍ଷଣ ସାମଗ୍ରୀ, ସାମଗ୍ରୀ ଓ ନିର୍ଦ୍ଦେଶାବଳୀଗୁଡ଼ିକୁ ଶିକ୍ଷାର୍ଥୀଙ୍କ ଭାଷା (ଗୁଡ଼ିକ)ରେ ଯୋଗାଇ

ଦିଆଯାଇଥାଏ (ମାର୍ଗଦର୍ଶୀକା ଟିପ୍ପଣୀ ୭)

- ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଓ ପରିପୂରକ ଉପକରଣଗୁଡ଼ିକ ଲିଙ୍ଗପ୍ରତି ସମ୍ବେଦନଶୀଳ, ବିବିଧତାକୁ ସ୍ୱୀକୃତି ଦିଅନ୍ତି, ପକ୍ଷପାତିତା ରୋକନ୍ତି ଓ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ସମ୍ମାନକୁ ପ୍ରୋତ୍ସାହନ ଦିଅନ୍ତି (ମାର୍ଗଦର୍ଶୀକା ଟିପ୍ପଣୀ ୮)
- ସ୍ଥାନୀୟ ଅଂଚଳରୁ ପର୍ଯ୍ୟାପ୍ତ ପରିମାଣରେ ସଂଗୃହୀତ ଶିକ୍ଷାଦାନ ଓ ଶିକ୍ଷାଲାଭ ଉପକରଣଗୁଡ଼ିକୁ ସମୟାନୁସାରେ ଯୋଗାଇ ଦିଆଯାଇଥାଏ (ମାର୍ଗଦର୍ଶୀକା ଟିପ୍ପଣୀ – ୯)

## ମାର୍ଗଦର୍ଶୀକା ଟିପ୍ପଣୀ

**୧. ପାଠ୍ୟକ୍ରମ** ହେଉଛି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଜ୍ଞାନ ଓ କୌଶଳରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟାନୁଷ୍ଠାନର ଏକ ଯୋଜନା । ଏହାକୁ ଉଭୟ ଔପଚାରିକ ଓ ଅନୌପଚାରିକ ଶିକ୍ଷା କାର୍ଯ୍ୟକ୍ରମରେ ପ୍ରୟୋଗ କରାଯାଏ, ଏବଂ ଏହା ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ପ୍ରାସଙ୍ଗିକ ଓ ଅନୁକୂଳ ହେବା ଆବଶ୍ୟକ । ଏଥିରେ ଶିକ୍ଷଣ ଉଦ୍ଦେଶ୍ୟ, ଶିକ୍ଷଣ ବିଷୟବସ୍ତୁ, ମୂଲ୍ୟାଙ୍କନ, ଶିକ୍ଷାଦାନ ପଦ୍ଧତି ଓ ଉପକରଣ ଆଦି ଅନ୍ତର୍ଭୁକ୍ତ ଥାଏ:

- 'ଶିକ୍ଷଣ ଉଦ୍ଦେଶ୍ୟ' ଗୁଡ଼ିକ ଜ୍ଞାନ, ଦୃଷ୍ଟିକୋଣ ଓ କୌଶଳଗୁଡ଼ିକୁ ଚିହ୍ନଟ କରେ ଯାହାକୁ ଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ବିକାଶିତ କରି ହେବ । ଏହା ଶିକ୍ଷାର୍ଥୀମାନଙ୍କ ସଜ୍ଞାନାତ୍ମକ, ସାମାଜିକ, ଭାବାତ୍ମକ ଓ ଶାରୀରିକ ବିକାଶକୁ ପ୍ରୋତ୍ସାହିତ କରେ;
- 'ଶିକ୍ଷଣ ବିଷୟବସ୍ତୁ' ସାକ୍ଷରତା, ସଂଖ୍ୟାତ୍ମକ କାର୍ଯ୍ୟ ଓ ଜୀବନ କୌଶଳକୁ ସୂଚୀତ କରେ;
- ଶିକ୍ଷଣ ବିଷୟବସ୍ତୁର ପରିପ୍ରାପ୍ତ ପାଇଁ ଜ୍ଞାନ, ଦୃଷ୍ଟିକୋଣ ଓ କୌଶଳ ଭାବରେ ଯାହା ସବୁ ଶିକ୍ଷାଲାଭ ହୋଇଆସିଛି ତାହାକୁ ମାପିବାକୁ କୁହାଯାଉଛି 'ମୂଲ୍ୟାଙ୍କନ' ।
- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଜ୍ଞାନ ଓ କୌଶଳ ଗ୍ରହଣ କରିବାର ଆଗ୍ରହତାକୁ ଉତ୍ସାହିତ କରିବାକୁ ଶିକ୍ଷଣ ବିଷୟବସ୍ତୁର ଉପସ୍ଥାପନା ପାଇଁ ଚୟନ କରାଯାଉଥିବା ପନ୍ଥା ଏବଂ ଏହାର ବ୍ୟବହାରକୁ କୁହାଯାଏ 'ଶିକ୍ଷାଦାନ ପଦ୍ଧତି' ।
- ବହି, ମାନଚିତ୍ର ଓ ସାରଣୀ ପରିପୂରକ ପାଠ୍ୟ ଉପକରଣ, ଶିକ୍ଷକମାନଙ୍କ ମାର୍ଗଦର୍ଶକ ଉପକରଣ, କଣ୍ଢେଇ ଓ ଅନ୍ୟାନ୍ୟ ଶିକ୍ଷାଦାନ ଓ ଶିକ୍ଷଣ ଉପକରଣଗୁଡ଼ିକ 'ନିର୍ଦ୍ଦେଶନାବଳୀ ଉପକରଣ'କୁ ସୂଚୀତ କରୁଛି ।

**୨. ପୃଷ୍ଠଭୂମି, ବୟସ ଓ ବିକାଶ ସ୍ତର ପାଇଁ ପାଠ୍ୟକ୍ରମ :** ପାଠ୍ୟକ୍ରମଗୁଡ଼ିକ ବୟସ – ପ୍ରାସଙ୍ଗିକ ଏବଂ ଶିକ୍ଷାର୍ଥୀମାନଙ୍କ ବିକାଶସ୍ତର ବଢ଼ାଇବା ଲାଗି ସକ୍ଷମ ହେବା ଉଚିତ୍ । ଏହା ମଧ୍ୟ ଶିକ୍ଷାର୍ଥୀମାନଙ୍କ ସମ୍ବେଦନଶୀଳତା, ମାନସିକ, ସଜ୍ଞାନତ୍ମକ, ମନୋସାମାଜିକ ଓ ଶାରୀରିକ ବିକାଶ କରିପାରୁଥିବା ଉଚିତ୍ । ପୁନର୍ଲାଭ ପୃଷ୍ଠଭୂମିରେ ଜରୁରୀକାଳୀନ ସ୍ଥିତିରେ ଔପଚାରିକ ଓ ଅନୌପଚାରିକ ଶିକ୍ଷା କାର୍ଯ୍ୟକ୍ରମରେ ବୟସ ଓ

ବିକାଶମୂଳକ ସ୍ତରଗୁଡ଼ିକ ବ୍ୟାପକ ଭାବେ ପୃଥକ ହୋଇପାରନ୍ତି । ଏହା ଆବଶ୍ୟକ କରେ ପାଠ୍ୟକ୍ରମ ଓ ପଦ୍ଧତିଗୁଡ଼ିକର ଉପଯୋଗୀକରଣ । ଶିକ୍ଷାର୍ଥୀମାନଙ୍କର ସ୍ତର ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାଦାନ ପଦ୍ଧତି ଆପଣାଇବା ପାଇଁ ଶିକ୍ଷକମାନଙ୍କୁ ସମର୍ଥନ ଯୋଗାଇ ଦିଆଯିବା ଉଚିତ୍ ।

**୩. ପାଠ୍ୟକ୍ରମ ସମୀକ୍ଷା ଓ ବିକାଶ** ଏକ ଦୀର୍ଘ ଓ ଜଟିଳ ପ୍ରକ୍ରିୟା । ଏହା ଗ୍ରହଣୀୟ ଓ ଉପଯୁକ୍ତ ଶିକ୍ଷା ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍ । ଜରୁରୀକାଳୀନ ପରିସ୍ଥିତିରେ ବା ଏହା ପରେ ଯଦି ଫର୍ମାଲ ବା ଔପଚାରିକ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ପୁନଃସ୍ଥାପିତ କରାଯାଏ ତା'ହେଲେ ସ୍ୱୀକୃତିପ୍ରାପ୍ତ ଜାତୀୟ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ୍ ପାଠ୍ୟକ୍ରମ ବ୍ୟବହାର କରାଯିବା ଉଚିତ୍ । ଯେଉଁଠାରେ ଏହା ଉପଲବ୍ଧ ନୁହେଁ, ସେଠାରେ ପାଠ୍ୟକ୍ରମ ତୁରନ୍ତ ବିକାଶିତ କରାଯିବା ଅବା ଅନୁକରଣ କରାଯିବା ଆବଶ୍ୟକ । ଶରଣାର୍ଥୀଙ୍କ କ୍ଷେତ୍ରରେ ଏହା ଆୟୋଜକ ଦେଶର ପାଠ୍ୟକ୍ରମ ଆଧାରରେ ଅବା ସେମାନଙ୍କର ଘରୋଇ ଦେଶର ପାଠ୍ୟକ୍ରମ ଆଧାରରେ ପ୍ରସ୍ତୁତ କରାଯାଇପାରେ । ଅନ୍ୟାନ୍ୟ ପ୍ରସଙ୍ଗରେ ତୁଳାନତ୍ମକ ଜରୁରୀକାଳୀନ ପରିସ୍ଥିତିର ପାଠ୍ୟକ୍ରମକୁ ଅନୁକରଣ କରିବା ମଧ୍ୟ ଉପଯୁକ୍ତ ହୋଇପାରେ ।

ଶରଣାର୍ଥୀ ଅବସ୍ଥାରେ, ସ୍ୱେଚ୍ଛାକୃତ ଭାବେ ଦେଶକୁ ଲେଉଟିଯିବା ପାଇଁ ଉଭୟ ଘରୋଇ ଦେଶ ଓ ଆୟୋଜକ ଦେଶ ପାଠ୍ୟକ୍ରମକୁ ଗ୍ରହଣ କରିବା ଉଚିତ୍ । ଏହା ପର୍ଯ୍ୟାପ୍ତ କ୍ଷେତ୍ରିୟ ଓ ଅନ୍ତଃ-ସଂଗଠନ ସମନ୍ୱୟ ଆବଶ୍ୟକ କରେ । ଉଦାହରଣ ସ୍ୱରୂପ - ଭାଷା ପାରଙ୍ଗମତା ଓ ପ୍ରମାଣପତ୍ର ପାଇଁ ପରୀକ୍ଷାର ଫଳାଫଳଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିଥାଏ । ଶରଣାର୍ଥୀ ଓ ଆୟୋଜକ ଦେଶର ଧାରଣା ଏବଂ ଅନ୍ତର୍ଜାତୀୟ ଆଇନ ଏହି ନିଷ୍ପତ୍ତିଗୁଡ଼ିକୁ ସୂଚୀତ କରିବା ଉଚିତ୍ (ଶିକ୍ଷାନୀତି ପଦ୍ଧତି ୧ , ମାର୍ଗଦର୍ଶୀକା ଟିପ୍ପଣୀ ୭ ଦେଖନ୍ତୁ) ।

ପୁନର୍ଲାଭ ପର୍ଯ୍ୟନ୍ତ ଜରୁରୀକାଳୀନ ସ୍ଥିତିରେ ଔପଚାରିକ ଓ ଅନୌପଚାରିକ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ ଜରୁରୀକାଳୀନ ପୃଷ୍ଠଭୂମିରେ ଜ୍ଞାନ ଓ କୌଶଳଗତ ନିର୍ଦ୍ଦିଷ୍ଟତା ସହିତ ସମୃଦ୍ଧ ହେବା ଉଚିତ୍ (ନିମ୍ନରେ ମାର୍ଗଦର୍ଶୀକା ଟିପ୍ପଣୀ ୫ ଦେଖନ୍ତୁ) ।

କିଛି ନିର୍ଦ୍ଦିଷ୍ଟ ଦଳ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆବଶ୍ୟକ ହୋଇପାରେ, ଯେପରି କି:

- ଜୀବିକା ଉପାର୍ଜନ କରୁଥିବା ଶିଶୁ ଓ ଯୁବକମାନେ;
- ଯେଉଁମାନେ ପୂର୍ବରୁ ସେନା ଏବଂ ଅପରାଧିକ ଗୋଷ୍ଠୀ ସହିତ ସାମିଲ ଥିଲେ;
- ଶିକ୍ଷଣର ସ୍ତର ତୁଳନାରେ ଅଧିକ ବୟସ୍କ ଅବା ଏକ ଲମ୍ବା ଅବଧିପରେ ସ୍କୁଲକୁ ପ୍ରତ୍ୟାବର୍ତ୍ତନ କରୁଥିବା ଶିକ୍ଷାର୍ଥୀ;
- ପ୍ରୌଢ଼ ଶିକ୍ଷାର୍ଥୀ ।

ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକଗୁଡ଼ିକର ବିକାଶ ଏବଂ ମୂଲ୍ୟାୟନ ଓ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା ସଂପୃକ୍ତ ଶିକ୍ଷା ଅଧିକାରୀମାନଙ୍କ ଦ୍ୱାରା ହେବା ଉଚିତ୍ । ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷକ ସଂଘ, ଏବଂ ପ୍ରଭାବିତ ଗୋଷ୍ଠୀ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଉଚିତ୍ । ବିଭିନ୍ନ ଜାତିର ପ୍ରତିନିଧି ଓ ଅନ୍ୟ ଦୁର୍ବଳ ଗ୍ରୁପ୍‌ର ସଦସ୍ୟମାନଙ୍କୁ ନେଇ ଗଠିତ ପାଠ୍ୟପୁସ୍ତକ ସମୀକ୍ଷା । ପ୍ୟାନେଲଗୁଡ଼ିକ ପକ୍ଷପାତିତାକୁ ଏଡ଼ାଇଯିବାରେ ଓ ଦୁଇଟି ଭିନ୍ନ ଭିନ୍ନ ଗୋଷ୍ଠୀ ମଧ୍ୟରେ ଶାନ୍ତି ସ୍ଥାପନ କରିବାରେ ସହାୟକ ହୋଇପାରେ । ପାଠ୍ୟପୁସ୍ତକଗୁଡ଼ିକରୁ ବିବାଦଜନକ ବାର୍ତ୍ତାଗୁଡ଼ିକୁ ହଟାଇବା ପ୍ରକ୍ରିୟାରେ ଯେପରି ଉତ୍ତେଜନା ସୃଷ୍ଟି ନହୁଏ ସେଥିପ୍ରତି ସେମାନେ ଯତ୍ନବାନ ହେବା ଉଚିତ୍ ।

**୪. ଶିକ୍ଷଣ ବିଷୟବସ୍ତୁ** ଏବଂ ଶିକ୍ଷକ ତାଲିମ ଉପକରଣ ବିକଶିତ ଅବା ଉପଯୋଗୀକରଣ କରିବା ପୂର୍ବରୁ ମୁଖ୍ୟ ଦକ୍ଷତାଗୁଡ଼ିକୁ ଚିହ୍ନଟ କରାଯିବା ଉଚିତ୍ । ମୌଳିକ ଶିକ୍ଷାର "ମୁଖ୍ୟ ଦକ୍ଷତା" ଗୁଡ଼ିକ ହେଉଛି:

- କାର୍ଯ୍ୟାତ୍ମକ ସାକ୍ଷରତା ଓ ସଂଖ୍ୟାତ୍ମକ କାର୍ଯ୍ୟ ;
- ଏକ ସମ୍ମାନଜନକ ଜୀବନ ବଂଚିବା ପାଇଁ ଓ ସେମାନଙ୍କ ଗୋଷ୍ଠୀରେ ସକ୍ରିୟତାର ସହିତ ଏବଂ ଅର୍ଥପୂର୍ଣ୍ଣ ଅଂଶ ଗ୍ରହଣ ପାଇଁ ଶିକ୍ଷାର୍ଥୀମାନଙ୍କ ପାଇଁ ଆବଶ୍ୟକ ଜ୍ଞାନ, ଜୀବନ କୌଶଳ, ଦୃଷ୍ଟିକୋଣ ଏବଂ ଅଭ୍ୟାସ ।

ମୁଖ୍ୟ ଦକ୍ଷତାଗୁଡ଼ିକ ବ୍ୟବହାରିକ ପ୍ରୟୋଗ ଦ୍ୱାରା ମଜବୁତ୍ କରାଯିବା ଉଚିତ୍ । ପ୍ରାରମ୍ଭିକ ଶୈଶବର ବିକାଶ ଉପାୟଗୁଡ଼ିକ ଖୁବ୍ ଛୋଟ ଛୁଆମାନଙ୍କ ପାଇଁ ଉପଲବ୍ଧ ହେବା ଉଚିତ୍ । ଶୈଶବ ଅବସ୍ଥାରେ ବିକଶିତ କରାଯାଇଥିବା ଦୃଢ଼ ଭିତ୍ତିଭୂମି ମୁଖ୍ୟ ଦକ୍ଷତା ପ୍ରାପ୍ତି କରିବା ଓ ସେଥିରେ ମାହିର ହେବା ପାଇଁ ସହାୟକ ହୋଇଥାଏ ।

**୫. ଜୀବନ କୌଶଳ ଶିକ୍ଷଣ ବିଷୟବସ୍ତୁ ଓ ପ୍ରମୁଖ ଅବଧାରଣା** ବୟସ, ବିଭିନ୍ନ ପଢ଼ା ଶୈଳୀ, ଅନୁଭୂତି ଶିକ୍ଷାର୍ଥୀମାନଙ୍କ ପରିବେଶ ସହିତ ପ୍ରଯୁଜ୍ୟ ହେବା ଉଚିତ୍ । ସ୍ୱତନ୍ତ୍ର, ଜୀବନ ବଂଚିବା ପାଇଁ ସେଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ଦକ୍ଷତା ବୃଦ୍ଧି କରିଥାଆନ୍ତି । ବିଷୟବସ୍ତୁ ଓ ଅବଧାରଣାଗୁଡ଼ିକ ପୃଷ୍ଠଭୂମି ଅନୁଯାୟୀ ହେବା ଉଚିତ୍ ଓ ସେଥିରେ ନିମ୍ନଲିଖିତଗୁଡ଼ିକ ଅନ୍ତର୍ଭୁକ୍ତ ହୋଇପାରେ;

- ସ୍ୱାସ୍ଥ୍ୟ ଓ ସଫାସୁତରାକୁ ପ୍ରୋତ୍ସାହନ, ଏଥିରେ ଯୌନ ଓ ପ୍ରଜନନକ୍ଷମ ଏବଂ ଏଚ୍‌ଆଇଭି ଓ ଏଡ୍‌ସ୍ ଅନ୍ତର୍ଭୁକ୍ତ ଥାଏ;
- ଶିଶୁ ସୁରକ୍ଷା ଓ ମାନୋସାମାଜିକ ସ୍ତରରେ ସମର୍ଥନ;
- ମାନବାଧିକାର ଶିକ୍ଷା, ନାଗରିକତା, ଶାନ୍ତି ପ୍ରତିଷ୍ଠା ଓ ମାନବୀୟହିତ ଆଇନ୍;
- ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ଜୀବନ ରକ୍ଷା କୌଶଳ, ଏଥିରେ ଲ୍ୟାଣ୍ଡମାଇନ୍ ଓ ବିସ୍ଫୋରଣ ହୋଇନଥିବା ବିସ୍ଫୋରକ ସଂପର୍କରେ ଶିକ୍ଷା ଅନ୍ତର୍ଭୁକ୍ତ;

- ସଂଗୀତ, ନାଚ, ନାଟକ ଏବଂ ଭିଜୁଆଲ୍ ଆର୍ଟସ୍ ସମେତ ସଂସ୍କୃତି, ଆମୋଦପ୍ରମୋଦ ଖେଳ ଏବଂ କଳା
- ଜୀବନଜୀବିକା କୌଶଳ ଓ ଧନ୍ଦାମୂଳକ ଏବଂ ବୈଷୟିକ ତାଲିମ୍;
- ସ୍ଥାନୀୟ ଓ ଦେଶୀୟ ପରିବେଶ ଜ୍ଞାନ;
- ବାଳକ ବାଳିକା ମାନଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ପ୍ରକାର ଭୟ ।

ଶିକ୍ଷଣ ବିଷୟବସ୍ତୁ ଶିକ୍ଷାର୍ଥୀଙ୍କ ଜୀବନଜୀବିକାର ଭିତ୍ତିଭୂମି ସ୍ଥାପନ କରେ । ଧନ୍ଦାମୂଳକ ତାଲିମ୍ କାର୍ଯ୍ୟକ୍ରମର ପାଠ୍ୟକ୍ରମ ନିଯୁକ୍ତି ସୁଯୋଗଗୁଡ଼ିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯିବା ଉଚିତ୍ ଏବଂ ଏଥିରେ କାର୍ଯ୍ୟସ୍ଥଳରେ ଶିକ୍ଷାସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ।

ସଂଘର୍ଷ ପ୍ରଭାବିତ ଗୋଷ୍ଠୀରେ ସଂଘର୍ଷ ସଂକଳ୍ପ ଏବଂ ଶାନ୍ତି ସଂପର୍କିତ ବିଷୟବସ୍ତୁ ଏବଂ ପଦ୍ଧତିଗୁଡ଼ିକ ଦଳ ମଧ୍ୟରେ ବୁଝାମଣାକୁ ଉତ୍ତମ କରେ । ସେଗୁଡ଼ିକ କଥୋପକଥନ କୌଶଳକୁ ବଢ଼ାଏ ଏବଂ ଏହା ଚିତ୍ତବିନୋଦନ ଓ ଶାନ୍ତି ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରିଥାଏ । ଶାନ୍ତି ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ବେଶ୍ ଯତ୍ନବାନ ହେବାକୁ ହେବ ଯେପରି ଏହା ନିଶ୍ଚିତ କରିବ ଯେ ଗୋଷ୍ଠୀଗୁଡ଼ିକ ସଂଘର୍ଷ ବା ଦୁଃଖଦ ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବାକୁ ପ୍ରସ୍ତୁତ ଅଛନ୍ତି (ଶିକ୍ଷାନୀତି ପଦ୍ଧତି-୧, ମାର୍ଗଦର୍ଶୀକା ଟିପ୍ପଣୀ-୧)

**୬. ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷା ଅଧିକାରୀମାନଙ୍କ ମାନସିକ ଓ ସାମାଜିକ ଆବଶ୍ୟକତା, ଅଧିକାର ଓ ବିକାଶକୁ** ଜରୁରୀକାଳୀନ ସ୍ଥିତିର ପ୍ରତି ପର୍ଯ୍ୟାୟରେ ପୂରଣ କରିଥାଏ । ଶିକ୍ଷାର୍ଥୀମାନେ ଚାପରେ ଥିବା ନେଇ ଗୁଣଗୁଡ଼ିକୁ ଚିହ୍ନଟ କରିବା ପାଇଁ ଶିକ୍ଷା କର୍ମଚାରୀମାନେ ତାଲିମ୍ ଆବଶ୍ୟକ କରନ୍ତି । ଚାପ ହ୍ରାସ କରିବା ପାଇଁ ସେମାନେ ପଦକ୍ଷେପ ନେବାକୁ ସକ୍ଷମ ହେବା ଉଚିତ୍ । ଏଥିରେ ସେମାନେ ବାହ୍ୟ ସହାୟତା ମାଧ୍ୟମରେ ଅତିରିକ୍ତ ସହଯୋଗ ମଧ୍ୟ କରିପାରିବେ । ଶ୍ରେଣୀଗୃହ ଭିତରେ ଓ ବାହାରେ ଶିକ୍ଷାର୍ଥୀମାନଙ୍କୁ ମାନସିକ ଓ ସାମାଜିକ ସମର୍ଥନ ଯୋଗାଇ ଦେବା ନିମିତ୍ତ ଶିକ୍ଷକ, ଶିକ୍ଷା ସମର୍ଥକ କର୍ମଚାରୀ ଓ ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ସ୍ପଷ୍ଟ ମାର୍ଗଦର୍ଶିକା ରହିବା ଉଚିତ୍ । ଯେଉଁ ଶିକ୍ଷାର୍ଥୀମାନେ ଚାପରେ ରହୁଥିବେ ସେମାନେ ଏକ ନିର୍ଦ୍ଦିଷ୍ଟ ଢ଼ାଞ୍ଚା ମଧ୍ୟରେ ଶିକ୍ଷାଦାନ ଆବଶ୍ୟକ କରନ୍ତି । ଏଥିରେ ସେମାନଙ୍କର ସକରାତ୍ମକ ଶୃଙ୍ଖଳିତ ପଦ୍ଧତି ଓ ଦୃଷ୍ଟିନିବଦ୍ଧତା ବୃଦ୍ଧି ଉପରେ ସ୍ୱଳ୍ପକାଳୀନ ଶିକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥାଏ । ସମସ୍ତ ଶିକ୍ଷାର୍ଥୀ ସହାୟକ ମନୋରଞ୍ଜନ ଓ ଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ପ୍ରଯୁଜ୍ୟ ଶିକ୍ଷାଦାନ ପଦ୍ଧତି ଓ ବିଷୟବସ୍ତୁ ଶିକ୍ଷାର୍ଥୀମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହିତ ସେମାନଙ୍କର ଭବିଷ୍ୟତ ନେଇ ଆଶା ବଢ଼ାଇଥାଏ (ସୁଯୋଗ ଓ ଶିକ୍ଷା ପରିବେଶ ପଦ୍ଧତି ୨, ମାର୍ଗଦର୍ଶୀକା ଟିପ୍ପଣୀ ୮-୯, ସୁଯୋଗ ଓ ଶିକ୍ଷା ପରିବେଶ ପଦ୍ଧତି ୩, ଟିପ୍ପଣୀ ୮, ଏବଂ ଶିକ୍ଷାନୀତି ପଦ୍ଧତି ୧, ମାର୍ଗଦର୍ଶୀକା ଟିପ୍ପଣୀ ୧, ।

ଅଧିକାଂଶ ସମୟରେ ପ୍ରଭାବିତ ଅଞ୍ଚଳରୁ ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଥାଏ । ଆଉ ଏମାନେ ମଧ୍ୟ ଶିକ୍ଷାର୍ଥୀମାନଙ୍କ ଭଳି ଚାପର ସମ୍ମୁଖୀନ ହୋଇଥାଆନ୍ତି । ତାଲିମ, ନିରୀକ୍ଷଣ ଓ ସମର୍ଥନ ଦ୍ୱାରା ଏଗୁଡ଼ିକର ସମାଧାନ କରାଯିବା ଉଚିତ୍ । ଶିକ୍ଷକମାନେ ଦାୟିତ୍ୱ ନେବେ ବୋଲି ଆଶା କରାଯିବା ଉଚିତ୍ ନୁହେଁ ଯାହାକି ସେମାନଙ୍କର ଅବା ଶିକ୍ଷାର୍ଥୀମାନଙ୍କର ମାନସିକ ଓ ସାମାଜିକ ସୁସ୍ଥତା ପ୍ରତି ହାନିକାରକ ହେବା ସମ୍ଭାବନା ଥାଏ (ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀ ପଦ୍ଧତି ୩, ମାର୍ଗଦର୍ଶୀକା ଟିପ୍ପଣୀ ୬, ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟ ଉପରେ ସ୍ପିୟର ଷ୍ଟାଣ୍ଡାର୍ଡ଼ର ମାନସିକ ସ୍ୱାସ୍ଥ୍ୟ ଓ ସାମାଜିକ ସୁସ୍ଥତା ଅଧ୍ୟାୟକୁ ଦେଖନ୍ତୁ) ।

**୭. ବହୁ ଭାଷାଭାଷୀ ଦେଶ:** ଏବଂ ଗୋଷ୍ଠୀଗୁଡ଼ିକରେ ଶିକ୍ଷାଦାନର ଭାଷାକୁ ନେଇ ବିବାଦ ଉପୁଜିପାରେ । ଏହାକୁ ଏଡ଼ାଇବା ପାଇଁ ଗୋଷ୍ଠୀ, ଶିକ୍ଷା ଅଧିକାରୀ ଓ ଅନ୍ୟ ସଂପୃକ୍ତ ଅଂଶୀଦାରମାନଙ୍କ ସହମତି କ୍ରମେ ଶିକ୍ଷାଦାନର ଭାଷା (ଭାଷାଗୁଡ଼ିକ) ସଂପର୍କରେ ନିଷ୍ପତ୍ତି ନିଆଯିବା ଉଚିତ୍ । ଶିକ୍ଷାର୍ଥୀମାନେ ବୁଝିପାରୁଥିବା ଓ ଅଭିଭାବକ ଏବଂ ଗୋଷ୍ଠୀର ଏକ ବ୍ୟାପକ ପରିସର ସହିତ ଯୋଗାଯୋଗ କରାଯାଇପାରୁଥିବା ଭାଷା (ଭାଷାଗୁଡ଼ିକ)ରେ ଶିକ୍ଷକମାନେ ଶିକ୍ଷାଦାନ ପାଇଁ ସକ୍ଷମ ହେବା ଉଚିତ୍ । ଶୁଣିପାରୁନଥିବା ଏବଂ ଦେଖି ପାରୁ ନଥିବା ଶିକ୍ଷାର୍ଥୀମାନଙ୍କୁ ସବୁଠାରୁ ଉପଯୁକ୍ତ ଭାଷାରେ ଶିକ୍ଷାଦାନ ଦିଆଯାବା ଉଚିତ୍ ଏବଂ ସେହି ପଦ୍ଧତିଗୁଡ଼ିକ ସେମାନଙ୍କର ସଂପୂର୍ଣ୍ଣ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବ । ବିଶେଷ କରି ପ୍ରାରମ୍ଭିକ ଶୈଶବରେ ପରିପୂରକ ଶ୍ରେଣୀ ଓ କାର୍ଯ୍ୟକ୍ରମଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କ ଭାଷା (ବା ଭାଷାଗୁଡ଼ିକରେ) ଉପଲବ୍ଧ କରାଯିବା ଉଚିତ୍ ।

ଶରଣାର୍ଥୀ ଅବସ୍ଥାରେ ଆୟୋଜକ ଦେଶଗୁଡ଼ିକ ସେମାନଙ୍କ ଦ୍ୱାରା ବ୍ୟବହାର ହେଉଥିବା ଭାଷା ଓ ପାଠ୍ୟକ୍ରମ ଆଦି ଖାପ ଖୁଆଇଲା ଭଳି ଶରଣାର୍ଥୀ ସ୍କୁଲ୍ ଆବଶ୍ୟକ କରିପାରନ୍ତି । ଶରଣାର୍ଥୀ ଶିକ୍ଷାର୍ଥୀମାନଙ୍କ ଅଧିକାର ସଂପର୍କରେ ଜାଣିବା ବହୁତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ଭବିଷ୍ୟତର ସୁଯୋଗଗୁଡ଼ିକ ଏବଂ ଜରୁରୀକାଳୀନ ପରିସ୍ଥିତି ପରେ ଆୟୋଜକ ଅବା ଘରୋଇ ଦେଶରେ ସେମାନଙ୍କୁ ପାଠପଢ଼ା ଅବିଚ୍ଛିନ୍ନ ରଖିବାକୁ ଅନୁମତି ଦେବାର ଆବଶ୍ୟକତା ସଂପର୍କରେ ବିଚାର କରାଯିବା ଜରୁରୀ । ପରିବର୍ତ୍ତନ ବିସ୍ଥାପନ ସ୍ଥିତିରେ ଶିକ୍ଷାର୍ଥୀମାନଙ୍କୁ ଆୟୋଜକ ଗୋଷ୍ଠୀ କିମ୍ବା ଦେଶର ଭାଷା ଶିଖିବାକୁ ସୁଯୋଗ ଦିଆଯିବା ଉଚିତ୍ । ଏହା ସେମାନଙ୍କୁ ଆୟୋଜକ ଦେଶରେ କାର୍ଯ୍ୟ କରିବାକୁ ସକ୍ଷମ କରିବ ଓ ପାଠପଢ଼ା ବଜାୟ ରଖିବା ଏବଂ ସୁଯୋଗ ଉପଲବ୍ଧ କରାଇବାରେ ସମର୍ଥ କରିବ (ଶିକ୍ଷା ନୀତି ପଦ୍ଧତି-୧ , ମାର୍ଗଦର୍ଶୀକା ଟିପ୍ପଣୀ-୭ , ଦେଖନ୍ତୁ) ।

**୮. ବିବିଧତା:** ପୁର୍ନଲାଭ ପର୍ଯ୍ୟନ୍ତ ଜରୁରୀକାଳୀନ ସ୍ଥିତିରେ ସବୁ ସ୍ତରରେ ଶିକ୍ଷାର ବିକାଶ ଓ କାର୍ଯ୍ୟକାରିତା ପାଇଁ ବିବିଧତାକୁ ବିଚାରକୁ ନିଆଯିବା ଉଚିତ୍ । ଏହାର ଅର୍ଥ ବିଭିନ୍ନ ପୃଷ୍ଠଭୂମି ଓ ଦୁର୍ବଳ ଶ୍ରେଣୀରୁ ଆସିଥିବା ଶିକ୍ଷାର୍ଥୀ,

ଶିକ୍ଷକ, ଓ ଅନ୍ୟ ଶିକ୍ଷା କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ ସହନଶୀଳତା ଓ ସମ୍ମାନକୁ ପ୍ରୋତ୍ସାହିତ କରିବା ।

ବିବିଧତାର ନିର୍ଦ୍ଦିଷ୍ଟ କାରଣ ରୂପରେଖ ଏମିତି ହୋଇପାରେ;

- ଲିଙ୍ଗ
- ମାନସିକ ଓ ଶାରୀରିକ ଭିନ୍ନକ୍ଷମ;
- ଶିକ୍ଷାଲାଭ ଦକ୍ଷତା;
- ବିଭିନ୍ନ ରୋଜଗାର ଗ୍ରୁପର ଶିକ୍ଷାର୍ଥୀ;
- ବିଭିନ୍ନ ବୟସର ଶିଶୁ ସାମିଲ ହୋଇଥିବା ଶ୍ରେଣୀଗୃହ;
- ସଂସ୍କୃତି ଓ ଜାତୀୟତା;
- ଜାତି ଓ ଧର୍ମ

ପାଠ୍ୟକ୍ରମ, ଶିକ୍ଷାଦାନ ସମ୍ବନ୍ଧୀୟ ଉପକରଣ ଓ ଶିକ୍ଷାଦାନ ପଦ୍ଧତିଗୁଡ଼ିକ ପକ୍ଷାପତିତା ଦୂର କରି ସମାନତା ବଳବତ୍ତର କରିବା ଉଚିତ୍ । କାର୍ଯ୍ୟକ୍ରମଗୁଡ଼ିକ ସୀମା ବାହାରକୁ ଯାଇ ସହନଶୀଳତା ସଂପର୍କରେ କହିପାରିବେ ଏବଂ ମନୋଭାବ ଓ ବ୍ୟବହାର ବଦଳାଇ ପାରିବେ । ଏହା ଉତ୍ତମ ଅଭ୍ୟାସକୁ ସ୍ୱୀକୃତି ଦେଇ ଅନ୍ୟମାନଙ୍କ ଅଧିକାରକୁ ଅକ୍ଷୁର୍ଣ୍ଣ ରହିବ । ବୟସ ଅନୁସାରେ ସଠିକ୍ ଏବଂ ସାଂସ୍କୃତିକ ଭାବେ ସମ୍ବେଦନଶୀଳ ହେଲା ଭଳି ଔପଚାରିକ ଏବଂ ଅନୌପଚାରିକ ଶିକ୍ଷା ମାଧ୍ୟମରେ ବିବିଧତାକୁ ଉତ୍ସାହିତ କରିବା ପାଇଁ ମାନବାଧିକାର ଶିକ୍ଷାକୁ ସମର୍ଥନ କରାଯିବା ଉଚିତ୍ । ବିଷୟବସ୍ତୁକୁ ଅନ୍ତର୍ଜାତୀୟ ମାନବାଧିକାର ଓ ମାନବୀୟହିତ ଆଇନ୍ ଏବଂ ଜୀବନ କୌଶଳ ସହିତ ସଂଯୁକ୍ତ କରାଯାଇପାରିବ । ଯଦି ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଉପକରଣଗୁଡ଼ିକ ପରିମାର୍ଜନ ଆବଶ୍ୟକ କରୁଥାଆନ୍ତି ତାହେଲେ ମହଜୁଦ୍ ଉପକରଣ ଓ ଶିକ୍ଷାଦାନ ପଦ୍ଧତିରେ ଆଂଶିକ ପରିବର୍ତ୍ତନ କରିବା ପାଇଁ ଶିକ୍ଷକମାନେ ସହାୟତା ଆବଶ୍ୟକ କରିପାରନ୍ତି (ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପଦ୍ଧତି-୨, ମାର୍ଗଦର୍ଶୀକା ଟିପ୍ପଣୀ-୨, ଏବଂ ଶିକ୍ଷାନୀତି ପଦ୍ଧତି-୧, ମାର୍ଗଦର୍ଶୀକା ଟିପ୍ପଣୀ-୭, ଦେଖନ୍ତୁ)

୯. **ଜରୁରୀକାଳୀନ ସ୍ଥିତିର ପ୍ରାରମ୍ଭରେ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଶିକ୍ଷାଗ୍ରହଣ ଉପକରଣଗୁଡ଼ିକୁ** ଶିକ୍ଷାର୍ଥୀମାନଙ୍କ ପାଇଁ ଉପଲବ୍ଧ କରାଯିବା ଉଚିତ୍ । ଶରଣାର୍ଥୀ କିମ୍ୱା ବିସ୍ଥାପିତମାନଙ୍କ ପାଇଁ ଏଥିରେ ସେମାନଙ୍କ ଦେଶର ଅବା ସେମାନଙ୍କ ପ୍ରକୃତ ପରିଚୟର ପ୍ରମାଣପତ୍ର / ଉପକରଣ ଆଦି ସାମିଲ ହୋଇଥାଏ । ଯଦି ଆବଶ୍ୟକ, ଉପକରଣଗୁଡ଼ିକୁ ପରିବର୍ତ୍ତନ ଅବା ବିକଶିତ କରାଯିବା ଉଚିତ୍ ଏବଂ ସମସ୍ତଙ୍କୁ ଯଥେଷ୍ଟ ପରିମାଣରେ ଯୋଗାଇ ଦିଆଯିବା ଉଚିତ୍ । ଏଥିରେ ଭିନ୍ନକ୍ଷମ ଶିକ୍ଷାର୍ଥୀମାନେ ବ୍ୟବହାର କରିପାରିବା ଭଳି ଉପକରଣକୁ ବି ସାମିଲ୍ କରାଯିବା ଉଚିତ୍ । ଉପକରଣଗୁଡ଼ିକର ସଂରକ୍ଷଣ, ବଣ୍ଟନ ଓ ବ୍ୟବହାର ଉପରେ ସଂପୃକ୍ତ ଶିକ୍ଷା ଅଧିକାରୀମାନଙ୍କୁ ସହଯୋଗ କରାଯିବା ଉଚିତ୍ (ଶିକ୍ଷକ ଓ ଅନ୍ୟ ଶିକ୍ଷା ଅଧିକାରୀ ପଦ୍ଧତି ୩, ମାର୍ଗଦର୍ଶୀକା ଟିପ୍ପଣୀ ୧, ଦେଖନ୍ତୁ) ।

## ଶିକ୍ଷାଦାନ ଏବଂ ଶିକ୍ଷଣ ମାନଦଣ୍ଡ ୨ :ତାଲିମ, ବୃତ୍ତିଗତ ବିକାଶ ଓ ସମର୍ଥନ

ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ଓ ଅନ୍ୟ ଶିକ୍ଷା ଅଧିକାରୀମାନେ ପର୍ଯ୍ୟାୟବୃତ୍ତ, ପ୍ରାସଙ୍ଗିକ ଓ ଢ଼ାଞ୍ଚାଗତ ତାଲିମ ଗ୍ରହଣ କରିଥାଆନ୍ତି ।

**ପ୍ରମୁଖ କାର୍ଯ୍ୟ** (ମାର୍ଗଦର୍ଶୀକା ଟିପ୍ପଣୀ ସହିତ ପଢ଼ିବାକୁ ହୁଏ)

- ଆବଶ୍ୟକତା ଅନୁସାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଅନ୍ୟ ଶିକ୍ଷା ଅଧିକାରୀମାନଙ୍କୁ ତାଲିମ ସୁଯୋଗ ଉପଲବ୍ଧ କରାଯାଏ (ମାର୍ଗଦର୍ଶୀକା ଟିପ୍ପଣୀ ୧ – ୨ ଦେଖନ୍ତୁ) ।
- ପୃଷ୍ଠଭୂମି ସହିତ ତାଲିମ ପ୍ରାସଙ୍ଗିକ ହୁଏ ଏବଂ ଶିକ୍ଷାଲାଭ ଉଦ୍ଦେଶ୍ୟ ଓ ବିଷୟବସ୍ତୁ ପ୍ରତିଫଳିତ ହୋଇଥାଏ (ମାର୍ଗଦର୍ଶୀକା ଟିପ୍ପଣୀ ୧ – ୨ ଦେଖନ୍ତୁ)
- ତାଲିମକୁ ସଂପୃକ୍ତ ଶିକ୍ଷା ଅଧିକାରୀମାନେ ସ୍ୱୀକୃତି ଓ ଅନୁମତି ଦେଇଥାଆନ୍ତି (ମାର୍ଗଦର୍ଶୀକା ଟିପ୍ପଣୀ ୩–୪ ଦେଖନ୍ତୁ)
- ଯୋଗ୍ୟ ତାଲିମଦାତା ମାନେ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରନ୍ତି ଯାହା ଚାକିରିକାଳ ମଧ୍ୟରେ ତାଲିମ୍, ସମର୍ଥନ, ମାର୍ଗଦର୍ଶନ, ନିରୀକ୍ଷଣ ଏବଂ ଶ୍ରେଣୀଗୃହ ତଦାରଖକୁ ପୂର୍ଣ୍ଣତା ଦିଏ (ମାର୍ଗଦର୍ଶୀକା ଟିପ୍ପଣୀ ୩–୪ ଦେଖନ୍ତୁ)
- ତାଲିମ୍ ଓ ଅବିଚ୍ଛିନ୍ନ ସମର୍ଥନ ଦ୍ୱାରା ଅଂଶଗ୍ରହଣକାରୀ ଶିକ୍ଷା ପଦ୍ଧତି ଓ ଶିକ୍ଷାଦାନ ସହାୟତା ବ୍ୟବହାର କରି ଶିକ୍ଷକମାନେ ପ୍ରଭାବଶାଳୀ ବ୍ୟବସ୍ଥାପକ ହୋଇଯାଆନ୍ତି (ମାର୍ଗଦର୍ଶୀକା ଟିପ୍ପଣୀ ୩–୬ ଦେଖନ୍ତୁ)
- ତାଲିମ୍‌ରେ ଉଭୟ ଔପଚାରିକ ଓ ଅନୌପଚାରିକ ପାଠ୍ୟକ୍ରମ ପାଇଁ ଜ୍ଞାନ ଓ କୌଶଳ, ବିପଦ ସଚେତନତା, ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ସଂଘର୍ଷ ପ୍ରତିରୋଧକ ସାମିଲ ଥାଏ (ମାର୍ଗଦର୍ଶୀକା ଟିପ୍ପଣୀ ୬ ଦେଖନ୍ତୁ)

### ମାର୍ଗଦର୍ଶୀକା ଟିପ୍ପଣୀ

**୧. ଶିକ୍ଷକ:** ଔପଚାରିକ ଓ ଅନୌପଚାରିକ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକରେ ଶିକ୍ଷାଦାତା, ବ୍ୟବସ୍ଥାପକ ଅବା କଳାକାର କହିଲେ ଶିକ୍ଷକଙ୍କୁ ହିଁ କୁହାଯାଏ । ଶିକ୍ଷକମାନଙ୍କର ଭିନ୍ନ ଭିନ୍ନ ଅନୁଭୂତି ଏବଂ ତାଲିମ ଥାଇପାରେ । ସେମାନେ ପୁରୁଣା ଶିକ୍ଷାର୍ଥୀ କିମ୍ବା ଗୋଷ୍ଠୀର ସଦସ୍ୟ ବି ହୋଇପାରନ୍ତି (ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀ ପଦ୍ଧତି ୧–୩, ଦେଖନ୍ତୁ)

**୨. ଔପଚାରିକ ତାଲିମ ପାଠ୍ୟକ୍ରମ ଓ ବିଷୟବସ୍ତୁ ବିକଶିତ କରିବା** ଦାୟିତ୍ୱ ହେଉଛି ଶିକ୍ଷା ଅଧିକାରୀମାନଙ୍କର । ପାଠ୍ୟକ୍ରମ ଓ ବିଷୟବସ୍ତୁଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ଓ ଅଧିକାରକୁ ପ୍ରତିଫଳିତ କରୁଥିବା ଉଚିତ୍ ।

ବଜେଟ୍ ଓ ସ୍ୱଳ୍ପ ସମୟସୀମା ମଧ୍ୟ ପୃଷ୍ଠଭୂମି ଅନୁଯାୟୀ ଶିକ୍ଷା ଅଧିକାରୀମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଏହା ପ୍ରତିଫଳିତ କରୁଥିବା ଉଚିତ୍ ।

ତାଲିମ ବିଷୟବସ୍ତୁ ନିମ୍ନଲିଖିତଗୁଡ଼ିକରେ ନିମ୍ନଲିଖିତ ଉପାଦାନଗୁଡ଼ିକ ହୋଇପାରେ :

- ମୁଖ୍ୟ ବିଷୟବସ୍ତୁ ଜ୍ଞାନ, ଯେପରିକି ସାକ୍ଷରତା, ସଂଖ୍ୟା ଗଣନା ଏବଂ ସ୍ୱାସ୍ଥ୍ୟ ଶିକ୍ଷା ସମେତ ପୃଷ୍ଠଭୂମିକୁ ପ୍ରାସଙ୍ଗିକ ହେଲା ଭଳି ଜୀବନ କୌଶଳ;
- ସକରାତ୍ମକ ଶୃଙ୍ଖଳା ଓ ଶ୍ରେଣୀଗୃହ ପରିଚାଳନା, ଅଂଶଗ୍ରହଣକାରୀ ପନ୍ଥା ଓ ଅନ୍ତର୍ଭୁକ୍ତି ଶିକ୍ଷା ସମେତ ଶିକ୍ଷା ବିଜ୍ଞାନ ଓ ଶିକ୍ଷାଦାନ ପଦ୍ଧତି,
- ଶିକ୍ଷାର୍ଥୀମାନଙ୍କ ବିରୁଦ୍ଧରେ ଲିଙ୍ଗଗତ ହିଂସାର ଦୃଢ଼ ଅସମ୍ମତିମୂଳକ ଅଭିବ୍ୟକ୍ତି ଓ ଉପଯୁକ୍ତ ବିବରଣୀ ରିପୋର୍ଟ ଏବଂ ବିଶେଷଜ୍ଞ ପରାମର୍ଶ ବ୍ୟବସ୍ଥା ସମେତ ଶିକ୍ଷକ ଓ ଅନ୍ୟ ଶିକ୍ଷା ଅଧିକାରୀମାନଙ୍କ ନିମନ୍ତେ ଆଚରଣ ସହିଂତା;
- ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ସଂଘର୍ଷ ପ୍ରତିରୋଧକ ନିୟମ:
- ମାନସିକ ଓ ସାମାଜିକ ବିକାଶ ଓ ସମର୍ଥନ, ଏଥିରେ ଉଭୟ ଶିକ୍ଷାର୍ଥୀ ଏବଂ ଶିକ୍ଷକମାନଙ୍କର ଆବଶ୍ୟକତା ଓ ସ୍ଥାନୀୟ ସେବାର ଉପଲବ୍ଧତା ଏବଂ ବିଶେଷଜ୍ଞ ପରାମର୍ଶ ବ୍ୟବସ୍ଥା ଅନ୍ତର୍ଭୁକ୍ତ;
- ମାନବିକ ଅଧିକାର ନୀତିନିୟମ, ଉଦ୍ଦେଶ୍ୟ, ମାନବୀୟହିତ ଆଇନ୍, ଏଗୁଡ଼ିକର ଅର୍ଥ ଓ ଆଭିମୁଖ୍ୟ ବୁଝିବା, ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ସହିତ ଏଗୁଡ଼ିକର ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପର୍କ, ଏବଂ ଶିକ୍ଷାର୍ଥୀ, ଶିକ୍ଷକ, ଗୋଷ୍ଠୀ ଓ ଶିକ୍ଷା ଅଧିକାରୀମାନଙ୍କର ଦାୟିତ୍ୱ;
- ପୃଷ୍ଠଭୂମିର ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ବିଷୟ ବସ୍ତୁ

ବିବିଧତା ଓ ପକ୍ଷପାତିତାକୁ କିପରି ପରିଚାଳନା କରିହେବ ତାଲିମରେ ତାହା ଅନ୍ତର୍ଭୁକ୍ତ ରହିବା ଉଚିତ୍ । ଉଦାହରଣ ସ୍ୱରୂପ – ଲିଙ୍ଗ ସମ୍ବେଦନଶୀଳ ଶିକ୍ଷାଦାନ ପଦ୍ଧତି ଉଭୟ ଲିଙ୍ଗର ଶିକ୍ଷକଙ୍କୁ ଶ୍ରେଣୀଗୃହରେ ଲିଙ୍ଗ ସମାନତାକୁ ବୁଝିବାକୁ ଓ ପ୍ରତିଶ୍ରୁତିବଦ୍ଧ ହେବାକୁ ଉତ୍ସାହିତ କରିବ । ମହିଳା ଶିକ୍ଷା କର୍ମଚାରୀ ଓ ଗୋଷ୍ଠୀର ସଦସ୍ୟାମାନଙ୍କୁ ତାଲିମ ଦିଆଗଲେ ଶ୍ରେଣୀଗୃହ ଓ ଗୋଷ୍ଠୀ ପରିସରରେ ସକରାତ୍ମକ ପରିବର୍ତ୍ତନ ବଳବତ୍ତର ରହିପାରିବ (ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପଦ୍ଧତି ୧,; ସୁଯୋଗ ଓ ଶିକ୍ଷାଲାଭ ପରିବେଶ ପଦ୍ଧତି ୨, ମାର୍ଗଦର୍ଶୀକା ଟିପ୍ପଣୀ ୨–୩ ଏବଂ ୮; ସୁଯୋଗ ଓ ଶିକ୍ଷାଲାଭ ପରିବେଶ ପଦ୍ଧତି ୩, ମାର୍ଗଦର୍ଶୀକା ଟିପ୍ପଣୀ ୮, ଏବଂ ଶିକ୍ଷକ ଓ ଅନ୍ୟ କର୍ମଚାରୀ ପଦ୍ଧତି ୩) ।

**୩. ତାଲିମ୍ ସମର୍ଥନ ସଂଯୋଜନା :** ଯେତେବେଳେ ସମ୍ଭବ ଔପଚାରିକ ଓ ଅନୌପଚାରିକ ଶିକ୍ଷକଙ୍କ ତାଲିମ୍ କାର୍ଯ୍ୟକ୍ରମଗୁଡ଼ିକର ରୂପରେଖ ପ୍ରସ୍ତୁତି ଓ କାର୍ଯ୍ୟକାରୀତାରେ ଶିକ୍ଷା ଅଧିକାରୀମାନେ ନେତୃତ୍ୱ ନେବା ଉଚିତ୍ । ଯେତେବେଳେ ଶିକ୍ଷା ଅଧିକାରୀମାନେ ଏହି ପ୍ରକ୍ରିୟାରେ ଭାଗନେବାରେ ସକ୍ଷମ ହୁଅନ୍ତି ନାହିଁ, ସେତେବେଳେ ଏକ ଅନ୍ତଃ-ସାଂସ୍ଥନିକ ସମନ୍ୱୟ କମିଟି ମାର୍ଗଦର୍ଶନ ଓ ସମନ୍ୱୟ ଯୋଗାଇ ଦେଇପାରିବ । ତାଲିମ ଯୋଜନାଗୁଡ଼ିକରେ ଚାକିରି ସମୟରୁ ତାଲିମ୍‌କୁ ଅନ୍ତର୍ଭୁକ୍ତ କରିବା ଉଚିତ । ଯେଉଁଠି ଆବଶ୍ୟକ, ଶିକ୍ଷକ ତାଲିମ୍ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ପୁନଃ ସତେଜ କରାଯିବା ଉଚିତ୍ । ଏକ ସ୍ଥାୟୀ ଶିକ୍ଷା କ୍ଷେତ୍ର ପ୍ରସ୍ତୁତ କରିବାରେ ଏହି ଅନୁଷ୍ଠାନଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ (ସମନ୍ୱୟ ପଦ୍ଧତି ୧, ମାର୍ଗଦର୍ଶୀକା ଟିପ୍ପଣୀ ୧, ଏବଂ ଶିକ୍ଷକ ଓ ଅନ୍ୟ ଶିକ୍ଷା ଅଧିକାରୀ ପଦ୍ଧତି ୩, ମାର୍ଗଦର୍ଶୀକା ଟିପ୍ପଣୀ ୩-୪, ମଧ୍ୟ ଦେଖନ୍ତୁ) ।

ଜାତୀୟ ଶିକ୍ଷା ଅଧିକାରୀ ଓ ଅନ୍ୟ ସଂପୃକ୍ତ ଅଂଶୀଦାରମାନେ ଚାକିରିରେ ଥିବା ଶିକ୍ଷକମାନଙ୍କ ତାଲିମ ପାଠ୍ୟକ୍ରମ ନେଇ ଆଲୋଚନା ଆରମ୍ଭ କରିବା ଉଚିତ୍ ଓ ଏକ ଜରୁରୀକାଳୀନ ପରିସ୍ଥିତିର ପ୍ରାରମ୍ଭରେ ଜବାବ ସ୍ୱରୂପ ଏହାକୁ ସ୍ୱୀକୃତି ଦେବା ପାଇଁ ବ୍ୟବସ୍ଥା କରିବା ଉଚିତ୍ । ଯେଉଁଠି ସମ୍ଭବ, ଯୋଗ୍ୟ ଶିକ୍ଷକଙ୍କ ସ୍ଥିତିକୁ ନେଇ ଜାତୀୟ ଆବଶ୍ୟକତାକୁ ପୂରଣ କରିପାରୁଥିବା ଭଳି ଚାକିରୀ ଭିତରେ ତାଲିମ୍‌କୁ ପ୍ରସ୍ତୁତ କରାଯିବା ଆବଶ୍ୟକ । ମାନସିକ ଓ ସାମାଜିକ ଆବଶ୍ୟକତା ମେଣ୍ଟାଇବା ଭଳି ଜରୁରୀକାଳୀନ ସ୍ଥିତି ସହିତ ପ୍ରଯୁଜ୍ୟ ଅତିରିକ୍ତ ବିଷୟଗୁଡ଼ିକୁ ଏକାଠି କରିବା ଉଚିତ୍ । ଯେଉଁଠାରେ ଶରଣାର୍ଥୀ ସ୍କୁଲ୍ ବ୍ୟବସ୍ଥାଗୁଡ଼ିକ ସ୍ଥାନୀୟ ଶିକ୍ଷା ବ୍ୟବସ୍ଥାଠାରୁ ପୃଥକ ସେଠାରେ ଶରଣାର୍ଥୀ ଶିକ୍ଷକଙ୍କୁ ଚାକିରି ଭିତରେ ତାଲିମ୍ ଦିଆଯିବା ଉଚିତ୍ ଯାହା ଦ୍ୱାରା ଆୟୋଜକ ଅବା ଘରୋଇ ଦେଶ ଯୋଗ୍ୟ ଶିକ୍ଷକଙ୍କର ଦକ୍ଷତା ବୃଦ୍ଧି ଦିଗରେ ଗତି କରିବ ।

ଶିକ୍ଷକମାନଙ୍କ ପାଇଁ ସଠିକ୍ ତାଲିମ୍ ବ୍ୟବସ୍ଥା ବିକଶିତ କରିବା ଓ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ତାଲିମ୍‌ଦାତାମାନଙ୍କୁ ଚିହ୍ନଟ କରାଯିବା ଉଚିତ୍ । ସେମାନଙ୍କ ବ୍ୟବସ୍ଥାର ଦକ୍ଷତାବୃଦ୍ଧି ଗଠନ ଓ ତାଲିମ୍ କୌଶଳ ଦରକାର ହୋଇପାରେ । ପୁରୁଷ ଓ ମହିଳା ତାଲିମ୍‌ଦାତା ଓ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ସମତୁଲତାକୁ ଉତ୍ସାହିତ କରାଯିବା ଉଚିତ୍ । ଯେଉଁଠି ସୀମିତ ସଂଖ୍ୟକ ତାଲିମଦାତା ଉପଲବ୍ଧ, କିମ୍ବା ସେମାନେ ଯଥେଷ୍ଟ ଭାବରେ ତାଲିମ୍ ପାଇନାହାନ୍ତି, ସେଠାରେ ଚାକିରି ଭିତରେ ଓ ପ୍ରାକ୍ ଚାକିରି କାଳର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଉଥିବା ଅନୁଷ୍ଠାନଗୁଡ଼ିକୁ ସୁଯୋଗ ଦିଆଯିବା ଉଚିତ୍ । ଏହା ଜାତୀୟ ଓ ଆଞ୍ଚଳିକ ଅନୁଷ୍ଠାନ ଏବଂ ବାହ୍ୟ ସଂସ୍ଥା ଯେପରିକି ଜାତିସଂଘର ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ହେବା ଉଚିତ୍ । ଏଥିରେ ଅର୍ନ୍ତଭୁକ୍ତ ହେବ:

- ଶିକ୍ଷକ ତାଲିମ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକର ସମୀକ୍ଷା
- ଅଦ୍ୟତନ ଏବଂ ଜରୁରୀକାଳୀନ ପ୍ରାସଙ୍ଗିକ ବିଷୟବସ୍ତୁର ଅନ୍ତର୍ଭୁକ୍ତି;
- ବ୍ୟବହାରିକ ଶିକ୍ଷାଦାନ ଅନୁଭୂତିର ବ୍ୟବସ୍ଥା,

**୪. ତାଲମ୍‌କୁ ସ୍ୱୀକୃତି:** ଜରୁରୀକାଳୀନ ପରିସ୍ଥିତିରେ ଶିକ୍ଷକ ତାଲିମ୍ କାର୍ଯ୍ୟକ୍ରମର ମାନଦଣ୍ଡକୁ ସୁନିଶ୍ଚିତ କରିବା ଓ ସ୍ୱୀକୃତି ଦେବା ପାଇଁ ଶିକ୍ଷା ଅଧିକାରୀମାନଙ୍କ ଦ୍ୱାରା ଏହାକୁ ଅନୁମତି ଓ ସ୍ୱୀକୃତି ପ୍ରଦାନ ଗୁରୁତ୍ୱପୂର୍ଣ୍ଣ । ଆୟୋଜକ କିମ୍ବା ଘରୋଇ ଦେଶରେ ଶରଣାର୍ଥୀ ଶିକ୍ଷକ, ଶିକ୍ଷା ଅଧିକାରୀମାନେ ନିର୍ଣ୍ଣୟ କରିବା ଉଚିତ୍ ଯେ ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତାଲିମ୍ ଗ୍ରହଣୀୟ କି ନୁହେଁ (ଶିକ୍ଷା ନୀତି ପଦ୍ଧତି ୧, ମାର୍ଗଦର୍ଶୀକା ଟିପ୍ପଣୀ ୭, ଦେଖନ୍ତୁ) ।

**୫. ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଉପକରଣ:** ଶିକ୍ଷାଦାନ ବେଳେ ପାଠ୍ୟକ୍ରମ ଅନୁସାରେ କିପରି ନିର୍ଦ୍ଦିଷ୍ଟ ଉପକରଣ ଚୟନ କରିବାକୁ ହେବ ସେ ନେଇ ଶିକ୍ଷକମାନଙ୍କୁ ତାଲିମ୍ ଦିଆଯିବା ଉଚିତ୍ । ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଜିନିଷଗୁଡ଼ିକୁ ନେଇ କିପରି ପ୍ରଭାବଶାଳୀ ଓ ପ୍ରାସଙ୍ଗିକ ଶିକ୍ଷାଦାନ ଉପକରଣ ପ୍ରସ୍ତୁତ କରାଯାଇପାରିବ ତାହା ସେମାନେ ଶିଖିବା ଉଚିତ୍ (ଶିକ୍ଷାଦାନ ଓ ଶିକ୍ଷାଲାଭ ପଦ୍ଧତି ୧, ମାର୍ଗଦର୍ଶୀକା ଟିପ୍ପଣୀ ୯ ଏବଂ ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀ ପଦ୍ଧତି ୩, ମାର୍ଗଦର୍ଶୀକା ଟିପ୍ପଣୀ ୧ ।

**୬. ବିପଦ ସଚେତନତା, ଆଶଙ୍କା ହ୍ରାସ ଓ ପ୍ରବର୍ତ୍ତନ ପ୍ରସ୍ତୁତି :** ଭବିଷ୍ୟତରେ ବିପର୍ଯ୍ୟାୟକୁ ଦୂର କରିବା ଓ ପ୍ରତିରୋଧ କରିବା ପାଇଁ ଶିକ୍ଷାର୍ଥୀ ଓ ଗୋଷ୍ଠୀକୁ ସାହାଯ୍ୟ କରିବାକୁ ଶିକ୍ଷକମାନେ କୌଶଳ ଓ ଜ୍ଞାନ ଆବଶ୍ୟକ କରନ୍ତି । ଶିକ୍ଷାଦାନ ଓ ଶିକ୍ଷାଗ୍ରହଣରେ ବିପଦ ଆଶଙ୍କା ହ୍ରାସ ଓ ସଂଘର୍ଷ ପ୍ରତିରୋଧକୁ ସାମିଲ କରିବା ନେଇ ସେମାନେ ସମର୍ଥନ ଆବଶ୍ୟକ କରିପାରନ୍ତି । ଏଥିରେ ରହିପାରେ ଗୋଷ୍ଠୀ ପ୍ରତି ରହିଥିବା ଆଶଙ୍କିତ ବିପଦ ଓ ବିପର୍ଯ୍ୟାୟ ଚିହ୍ନଟ କରିବା, ପ୍ରତିରୋଧ କରିବା ଓ ଜବାବ ଦେବା ପାଇଁ ଆବଶ୍ୟକ ସୂଚନା ଓ କୌଶଳ (ସମୀକ୍ଷା ପଦ୍ଧତି-୧, ମାର୍ଗଦର୍ଶୀକା ଟିପ୍ପଣୀ-୨, ସୁଯୋଗ ଓ ଶିକ୍ଷଣୀୟ ପରିବେଶ ପଦ୍ଧତି-୨, ମାର୍ଗଦର୍ଶୀକା ଟିପ୍ପଣୀ-୧୧, ସୁଯୋଗ ଓ ଶିକ୍ଷଣୀୟ ପରିବେଶ ପଦ୍ଧତି-୩, ମାର୍ଗଦର୍ଶୀକା ଟିପ୍ପଣୀ-୧, ୨, ଏବଂ ଶିକ୍ଷା ନୀତି ପଦ୍ଧତି-୧, ମାର୍ଗଦର୍ଶୀକା ଟିପ୍ପଣୀ-୨ ଏବଂ ୬, ।

## ଶିକ୍ଷାଦାନ ଓ ଶିକ୍ଷଣ ମାନଦଣ୍ଡ ୩ :ନିର୍ଦ୍ଦେଶାବଳୀ ଏବଂ ଶିକ୍ଷଣ ପ୍ରକ୍ରିୟା

ନିର୍ଦ୍ଦେଶାବଳୀ ଓ ଶିକ୍ଷଣ ପ୍ରକ୍ରିୟାଗୁଡ଼ିକ ଶିକ୍ଷାର୍ଥୀ-କୈନ୍ଦ୍ରିକ, ଅଂଶଗ୍ରହଣକାରୀ ଓ ଅନ୍ତର୍ଭୁକ୍ତ ହେବା ବାଞ୍ଛନୀୟ ।

**ପ୍ରମୁଖ କାର୍ଯ୍ୟ** ( ମାର୍ଗଦର୍ଶୀକା ଟିପ୍ପଣୀ ସହିତ ପଢ଼ିବାକୁ ହେବ)

- ଶିକ୍ଷଣ ପଦ୍ଧତିଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ବୟସ, ବିକଶିତ ସ୍ତର, ଭାଷା, ସଂସ୍କୃତି, ଦକ୍ଷତା ଓ ଆବଶ୍ୟକତା ଅନୁସାରେ ପ୍ରାସଙ୍ଗିକ ହୋଇଥାଏ (ମାର୍ଗଦର୍ଶୀକା ଟିପ୍ପଣୀ-୧, ୩ ଦେଖନ୍ତୁ)

- ଶିକ୍ଷାର୍ଥୀମାନଙ୍କ ସହିତ ଯୋଗାଯୋଗ କଲା ବେଳେ ଶିକ୍ଷକମାନେ ଗୋଟିଏ ଅଧ୍ୟାୟର ବିଷୟବସ୍ତୁକୁ କିପରି ବୁଝିବାକୁ ହୁଏ ତାହା ପ୍ରଦର୍ଶିତ କରିବା ସହିତ ଶିକ୍ଷାଦାନର ଶୈଳୀ ବି ଦେଖାଇ ଥାଆନ୍ତି (ମାର୍ଗଦର୍ଶୀକା ଟିପ୍ପଣୀ- ୧ , ୩ ଦେଖନ୍ତୁ)
- ଅନ୍ତର୍ଭୁକ୍ତିକରଣକୁ ଉତ୍ସାହିତ କରି ଏବଂ ଶିକ୍ଷାଗ୍ରହଣ ପାଇଁ ରହିଥିବା ପ୍ରତିବନ୍ଧକ ଗୁଡ଼ିକୁ ହ୍ରାସ କରାଇ ଭିନ୍ନକ୍ଷମଙ୍କ ସମେତ ସମସ୍ତ ଶିକ୍ଷାର୍ଥୀଙ୍କ ଆବଶ୍ୟକତାକୁ ନିର୍ଦ୍ଦେଶାବଳୀ ଓ ଶିକ୍ଷଣ ପ୍ରକ୍ରିୟା ପୂରଣ କରିଥାଏ (ମାର୍ଗଦର୍ଶୀକା ଟିପ୍ପଣୀ- ୨ ଦେଖନ୍ତୁ)
- ଅଭିଭାବକ ଓ ଗୋଷ୍ଠୀର ସଦସ୍ୟମାନେ ଶିକ୍ଷା ବିଷୟବସ୍ତୁ ଓ ବ୍ୟବହାର କରାଯାଉଥିବା ଶିକ୍ଷାଦାନ ପଦ୍ଧତିକୁ ବୁଝନ୍ତି ଓ ଗ୍ରହଣ କରନ୍ତି (ମାର୍ଗଦର୍ଶୀକା ଟିପ୍ପଣୀ-୩ ଦେଖନ୍ତୁ)

## ମାର୍ଗଦର୍ଶୀକା ଟିପ୍ପଣୀ

**୧. ସକ୍ରିୟ ସଂପୃକ୍ତି :** ପ୍ରତ୍ୟେକ ବିକଶିତ ଓ ବୟସ ସ୍ତରରେ ଶିକ୍ଷାର୍ଥୀମାନଙ୍କ ସକ୍ରିୟ ସଂପୃକ୍ତି ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାଦାନ ଦୁଇ ପକ୍ଷ ମଧ୍ୟରେ ଆଦାନପ୍ରଦାନ ଓ ଅଂଶଗ୍ରହଣପୂର୍ଣ୍ଣ ହେବା ଉଚିତ୍ । ଶିକ୍ଷାଦାନ ପ୍ରକ୍ରିୟା ଏହା ସୁନିଶ୍ଚିତ କରୁଥିବା ଦରକାର ଯେ ସମସ୍ତ ଶିକ୍ଷାର୍ଥୀ ପାଠପଢ଼ାରେ ଅଂଶ ଗ୍ରହଣ କରୁଛନ୍ତି । ବିକାଶଶୀଳ ଭାବେ ପ୍ରାସଙ୍ଗିକ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପଦ୍ଧତିକୁ ଏହା ବ୍ୟବହାର କରେ । ଏଥିରେ ଦଳଗତ କାମ, ପ୍ରୋଜେକ୍ଟ କାମ, ସମ ବୟସ୍କ ଶିକ୍ଷା, ଏକକ ନାଟକ, ଗଳ୍ପ କଥନ କିମ୍ବା ଘଟଣାଗୁଡ଼ିକର ବର୍ଣ୍ଣନା, ଖେଳକୁଦ, ଭିଡ଼ିଓ କିମ୍ବା ଗପ ଆଦି ଅନ୍ତର୍ଭୁକ୍ତ ହୋଇପାରେ । ପୂର୍ବରୁ ରହିଆସିଥିବା ପାଠ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ କରି ସକ୍ରିୟ ଶିକ୍ଷାଗ୍ରହଣକୁ ସାମିଲ କରାଯିବାର ଆବଶ୍ୟକତା ରହିଛି ।

ଟିକେ ବଡ଼ ହୋଇଯାଇଥିବା ଶିଶୁମାନେ ଖେଳ ମାଧ୍ୟମରେ ଶିକ୍ଷା ଗ୍ରହଣ କରନ୍ତି । ସେମାନଙ୍କ ଶିକ୍ଷାଗ୍ରହଣ ଖେଳରେ ସକ୍ରିୟ ଅଂଶଗ୍ରହଣ ଓ ଆଦାନପ୍ରଦାନ ଆଧାରିତ ହେବା ଉଚିତ୍ । ଏହି ଖେଳକୁଦରେ ସେମାନଙ୍କୁ ମାର୍ଗ ଦେଖାଇଲେ ସେମାନଙ୍କ କୌଶଳ ବଢ଼ିବ ଏବଂ ଉଭୟ ସମବୟସ୍କ ଓ ଶିକ୍ଷକମାନଙ୍କ ସହିତ ସେମାନଙ୍କ ସଂପର୍କ ସ୍ଥାପନ ହେବ । ଛୋଟ ଶିଶୁ ମାନଙ୍କର ଅଭିଭାବକ ଓ ପ୍ରାଥମିକ ଯତ୍ନ ପ୍ରଦାନକାରୀମାନେ ନିମ୍ନଲିଖିତ ଜିନିଷଗୁଡ଼ିକୁ ବୁଝିବା ଦରକାର ଓ ପ୍ରୟୋଗ କରିବା ଦରକାର:

- ଶିଶୁମାନଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ ଓ ନିଜର ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେବା ଉଚିତ୍ ।
- ଛୋଟ ଶିଶୁମାନଙ୍କର ଯତ୍ନ ନେବାର ଉପାୟଗୁଡ଼ିକ ସଂପର୍କରେ ଜ୍ଞାନ
- ଖେଳ ପଦ୍ଧତି, ଯାହା ଶିଶୁଙ୍କୁ ସକ୍ରିୟ ଭାବେ ଶିକ୍ଷା ଗ୍ରହଣ ପ୍ରକ୍ରିୟାରେ ସଂପୃକ୍ତ କରାଏ ଓ ସେମାନଙ୍କର ବିକାଶକୁ ପ୍ରୋତ୍ସାହିତ କରାଏ ।

**୨. ଶିକ୍ଷାଗ୍ରହଣରେ ପ୍ରତିବନ୍ଧକ:** ଜରୁରୀକାଳୀନ ବ୍ୟବସ୍ଥାରେ ଅଭିଭାବକ, ଗୋଷ୍ଠୀ ସଦସ୍ୟ, ଶିକ୍ଷା ଅଧିକାରୀ ଏବଂ ଅନ୍ୟ ସଂପୃକ୍ତ ଅଂଶୀଦାରମାନଙ୍କ ସହିତ ଔପଚାରିକ ଓ ଅନୌପଚାରିକ ଶିକ୍ଷା କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିବାକୁ ଶିକ୍ଷକମାନଙ୍କୁ ସମର୍ଥନ ଯୋଗାଇ ଦିଆଯିବା ଉଚିତ୍ । ସେମାନେ ବିଭିନ୍ନ ପ୍ରସଙ୍ଗ - ଅଧିକାର, ବିବିଧତା ଓ ଅନ୍ତର୍ଭୁକ୍ତି ଏବଂ ଶିକ୍ଷା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁନଥିବା ଶିଶୁ ଓ ଯୁବବର୍ଗଙ୍କ ନିକଟରେ ପହଞ୍ଚିବା ଆଦି ପ୍ରସଙ୍ଗରେ ଆଲୋଚନା କରିପାରନ୍ତି । ପ୍ରସଙ୍ଗ ସହିତ ସମସ୍ତ ଶିଶୁଙ୍କୁ ଶିକ୍ଷା ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ଆଲୋଚନାଗୁଡ଼ିକ ଆବଶ୍ୟକ । ଏହା ସୁନିଶ୍ଚିତ କରେ ଯେ ଲୋକେ ଏ ସଂପର୍କରେ ବୁଝନ୍ତି ଓ ସମର୍ଥନ କରନ୍ତି । ଏହା ସହିତ ପ୍ରାସଙ୍ଗିକ ଉପକରଣ ଓ ବ୍ୟବସ୍ଥା ସୁନିଶ୍ଚିତ କରିବା ଦିଗରେ ଏହା ସହାୟକ ହୋଇଥାଏ । ଶିକ୍ଷାଗ୍ରହଣରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅଭିଭାବକ-ଶିକ୍ଷକ ସଂଘ, ସ୍କୁଲ୍ ପରିଚାଳନା ଓ ଗୋଷ୍ଠୀ ଶିକ୍ଷା କମିଟିଗୁଡ଼ିକୁ ସଂଚାଳନ କରାଯାଇପାରେ ଏବଂ ସେହି ପ୍ରତିବନ୍ଧକଗୁଡ଼ିକୁ ହଟାଇବା ପାଇଁ ଗୋଷ୍ଠୀ ସ୍ତରରେ ଯୋଜନା ପ୍ରସ୍ତୁତ କରାଯାଇପାରେ (ସୁଯୋଗ ଓ ଶିକ୍ଷା ଗ୍ରହଣ ପରିବେଶ ପଦ୍ଧତି-୧, ମାର୍ଗଦର୍ଶୀକା ଟିପ୍ପଣୀ-୭) ।

**୩. ସଠିକ୍ ଶିକ୍ଷାଦାନ ପଦ୍ଧତି :** ଜରୁରୀକାଳୀନ ସ୍ଥିତିରେ ପୁନଃଲାଭ ପର୍ଯ୍ୟନ୍ତ ଶିକ୍ଷା ଶିକ୍ଷକମାନଙ୍କୁ ଔପଚାରିକ ଶିକ୍ଷାରେ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଏକ ସୁଯୋଗ ଆଣି ଦେଇଥାଏ । ଶିକ୍ଷାଦାନ ପଦ୍ଧତି ପୃଷ୍ଠଭୂମି ସହିତ ପରିବର୍ତ୍ତନସାଧ୍ୟ ଓ ଗ୍ରହଣୀୟ ହେବା ଉଚିତ୍ । ଏହା ଶିକ୍ଷାର୍ଥୀମାନଙ୍କ ଅଧିକାର, ଆବଶ୍ୟକତା, ବୟସ, ଭିନ୍ନମତା ଓ ଦକ୍ଷତାକୁ ସଂପୂର୍ଣ୍ଣ କରିପାରୁଥିବା ଦରକାର । ତେବେ ଅଧିକ ଅଂଶଗ୍ରହଣ ଓ ଶିକ୍ଷାର୍ଥୀ ସହଜ ଶିକ୍ଷାଦାନ ପଦ୍ଧତିକୁ ଅତି ଯତ୍ନର ସହିତ ଓ ସମ୍ବେଦନଶୀଳତାର ସହିତ ସାମିଲ କରାଯିବା ଉଚିତ୍ । ଜରୁରୀକାଳୀନସ୍ଥିତିର ପ୍ରାରମ୍ଭିକ ପର୍ଯ୍ୟାୟରେ ନୂଆ ପଦ୍ଧତିଗୁଡ଼ିକ ବିଶେଷ ଅନୁଭୂତି ଥିବା ଶିକ୍ଷକମାନଙ୍କ ପାଇଁ ମଧ୍ୟ ଚାପର କାରଣ ହୋଇଯାଆନ୍ତି । (ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଉପରେ ଆଇଏନ୍ଇଇ ଗାଇଡ଼ାନ୍ସ ନୋଟ୍‌କୁ ମଧ୍ୟ ଦେଖନ୍ତୁ, ଏହା ଆଇଏନ୍ଇଇ ଟୁଲ୍‌କିଟ୍ www.ineesite.org/toolkit ରେ ଉପଲବ୍ଧ । ଶିକ୍ଷା ଅଧିକାରୀମାନଙ୍କ ଅନୁମୋଦନ, ସମନ୍ୱୟ ଓ ସମର୍ଥନରେ ରହି ପରିବର୍ତ୍ତନକୁ କାର୍ଯ୍ୟକାରୀ କରାଇବା ଉଚିତ୍ । ଏହି ପରିବର୍ତ୍ତନଗୁଡ଼ିକୁ ବୁଝିବା ଓ ଗ୍ରହଣ କରିବାରେ ସ୍କୁଲ ଓ ଗୋଷ୍ଠୀକୁ କିଛି ସମୟ ଲାଗିପାରେ । ଅଭିଭାବକ ଓ ଗୋଷ୍ଠୀର ସଦସ୍ୟମାନେ ଉଠାଇଥିବା ପ୍ରସଙ୍ଗ ବା ଚିନ୍ତାକୁ ସମାଧାନ କରାଯାଇଥିବା ନେଇ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ । ନୂଆ ବିଷୟବସ୍ତୁ ସହିତ ଶିକ୍ଷକମାନଙ୍କୁ ଖାପଖୁଆଇବାକୁ ଦରକାର ହେବ ଏବଂ ସେମାନଙ୍କ ସଚେତନତା ଓ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେବ ।

ଅନୌପଚାରିକ ଶିକ୍ଷା ପାଇଁ ତାଲିମ ଏବଂ ସ୍ୱେଚ୍ଛାସେବୀ, ଶିକ୍ଷାଦାତା, ବ୍ୟବସ୍ଥାପକ ଓ ଯତ୍ନ ପ୍ରଦାନକାରୀମାନଙ୍କର ଅନବରତ ସମର୍ଥନ ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାକୁ ପ୍ରବର୍ତ୍ତନ କରାଯାଇପାରେ । ପାଠ୍ୟକ୍ରମ ସହିତ ପଦ୍ଧତିଗୁଡ଼ିକ ପ୍ରଯୁଜ୍ୟ ହେଉଥିବା ଉଚିତ୍ । ଏଥିରେ ଜରୁରୀକାଳୀନ ସ୍ଥିତି ପୃଷ୍ଠଭୂମିରେ ଅକ୍ଷର ପଢ଼ାଲେଖା, ସଂଖ୍ୟା ହିସାବ ଓ ଜୀବନ କୌଶଳ ସମେତ ମୌଳିକ ଶିକ୍ଷାକୁ ସାମିଲ କରିବା ଉଚିତ୍ (ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପଦ୍ଧତି-୧, ମାର୍ଗଦର୍ଶୀକା ଟିପ୍ପଣୀ-୪ ଦେଖନ୍ତୁ) ।

| ଶିକ୍ଷାଦାନ ଓ ଶିକ୍ଷଣ ମାନଦଣ୍ଡ ୪:ଶିକ୍ଷା ଲାଭର ଫଳାଫଳ ସମୀକ୍ଷା |
|---|
| ଶିକ୍ଷାଲାଭ ଫଳାଫଳକୁ ମୂଲ୍ୟାଙ୍କନ ଓ ଅନୁମୋଦନ କରିବା ପାଇଁ ସଠିକ୍ ପଦ୍ଧତି ବ୍ୟବହାର କରାଯାଏ । |

**ପ୍ରମୁଖ କାର୍ଯ୍ୟ** ( ମାର୍ଗଦର୍ଶୀକା ଟିପ୍ପଣୀ ସହିତ ପଢ଼ିବାକୁ ହେବ)

- ଶିକ୍ଷାଦାନ ପଦ୍ଧତିର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଶିକ୍ଷାର୍ଥୀମାନଙ୍କ ବିକାଶର ଅନବରତ ସମୀକ୍ଷା ଓ ମୂଲ୍ୟାଙ୍କନ କରାଯାଇଥାଏ (ମାର୍ଗଦର୍ଶୀକା ଟିପ୍ପଣୀ ୧ ଦେଖନ୍ତୁ)
- ଶିକ୍ଷାର୍ଥୀଙ୍କ ସଫଳତାକୁ ସ୍ୱୀକୃତି ଓ ପ୍ରଶଂସା ପ୍ରଦାନ କରାଯାଏ କିମ୍ବା ପାଠ୍ୟକ୍ରମ ଶେଷ କରିବାର ପ୍ରମାଣପତ୍ର ଦିଆଯାଏ (ମାର୍ଗଦର୍ଶୀକା ଟିପ୍ପଣୀ ୨ ଦେଖନ୍ତୁ)
- ବୈଷୟିକ ଓ ଧନ୍ଦାମୂଳକ ଆକଳନ ଓ ମାନ ମାପିବା ଓ ପରିବର୍ତ୍ତିତ ପରିବେଶରେ ଏହାର ପ୍ରାସଙ୍ଗିକତାକୁ ସ୍ନାତକ ମାନଙ୍କ ଦ୍ୱାରା ସମୀକ୍ଷା କରାଯାଇଥାଏ (ମାର୍ଗଦର୍ଶୀକା ଟିପ୍ପଣୀ ୨ ଦେଖନ୍ତୁ)
- ସମୀକ୍ଷା ଓ ମୂଲ୍ୟାଙ୍କନ ପଦ୍ଧତିଗୁଡ଼ିକ ସ୍ୱଚ୍ଛ, ଭରସାଯୋଗ୍ୟ ଓ ଶିକ୍ଷାର୍ଥୀମାନଙ୍କ ପ୍ରତି ବିପଦମୁକ୍ତ ହେବା ଆବଶ୍ୟକ । (ମାର୍ଗଦର୍ଶୀକା ଟିପ୍ପଣୀ ୩ ଦେଖନ୍ତୁ)
- ସମୀକ୍ଷାଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ଭବିଷ୍ୟତର ଶିକ୍ଷା ଓ ଆର୍ଥିକ ଆବଶ୍ୟକତା ସହିତ ପ୍ରାସଙ୍ଗିକ ହେବ । (ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ) ।

## ମାର୍ଗଦର୍ଶୀକା ଟିପ୍ପଣୀ

୧. ଫଳପ୍ରଦ ସମୀକ୍ଷା ଓ ମୂଲ୍ୟାଙ୍କନ ପଦ୍ଧତି ଏବଂ ପଦକ୍ଷେପ ପ୍ରବର୍ତ୍ତନ ମାଧ୍ୟମରେ ନିମ୍ନଲିଖିତ ଉପାଦାନ ଉପରେ ଦୃଷ୍ଟି ଦିଆଯିବା ଉଚିତ୍:

- ପ୍ରାସଙ୍ଗିକତା : ଶିକ୍ଷାର୍ଥୀମାନଙ୍କ ବୟସ ଓ ଶିକ୍ଷାଗ୍ରହଣ ପୃଷ୍ଠଭୂମି ଅନୁଯାୟୀ ପରୀକ୍ଷାଗୁଡ଼ିକ ପ୍ରଯୁଜ୍ୟ ହୋଇଥାଏ (ତଳେ ମାର୍ଗଦର୍ଶୀକା ଟିପ୍ପଣୀ ୪ ଦେଖନ୍ତୁ) ।
- ଅପରିବର୍ତ୍ତନୀୟ : ମୂଲ୍ୟାଙ୍କନ ପଦ୍ଧତିଗୁଡ଼ିକ ଜଣାଶୁଣା ଓ ସମସ୍ତ ଶିକ୍ଷକଙ୍କ ଦ୍ୱାରା ସବୁ ସ୍ଥାନରେ ଏକ ପ୍ରକାର ଶୈଳୀରେ ପ୍ରୟୋଗ କରାଯାଏ;

- ସୁଯୋଗ : ଅନୁପସ୍ଥିତ ରହିଥିବା ଶିକ୍ଷାର୍ଥୀମାନଙ୍କୁ ସମୀକ୍ଷା ପାଇଁ ଆଉ ଏକ ସୁଯୋଗ ଦିଆଯାଏ;
- ସମୟ : ନିର୍ଦ୍ଦେଶାବଳୀ ସମୟ ମଧ୍ୟରେ ଓ ଏହାର ଶେଷରେ ସମୀକ୍ଷା କରାଯାଏ;
- ବାରମ୍ବାରତା – ଏହା ଜରୁରୀକାଳୀନ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇପାରେ;
- ନିରାପଦ ଓ ପ୍ରଯୁଜ୍ୟ ବ୍ୟବସ୍ଥା : ଶିକ୍ଷା ଅଧିକାରୀମାନଙ୍କ ଦ୍ୱାରା ସୁରକ୍ଷିତ ସ୍ଥାନରେ ଔପଚାରିକ ସମୀକ୍ଷାଗୁଡ଼ିକ କରାଯାଏ;
- ସ୍ୱଚ୍ଛତା: ସମୀକ୍ଷାର ଫଳାଫଳଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କୁ ଦିଆଯାଏ ଓ ଆଲୋଚନା କରାଯାଏ ।
- ଏବଂ ଛୋଟ ଶିଶୁଙ୍କ କ୍ଷେତ୍ରରେ ସେମାନଙ୍କ ବାପାମାଆଙ୍କ ସହିତ ଫଳାଫଳ ସଂପର୍କରେ ଆଲୋଚନା କରାଯାଏ ।ଯେଉଁଠି ସମ୍ଭବ ଓ ପ୍ରଯୁଜ୍ୟ ସେଠାରେ ସମୀକ୍ଷାର ପ୍ରମୁଖ ସ୍ତରଗୁଡ଼ିକରେ ବାହ୍ୟ ପରୀକ୍ଷକ ମଧ୍ୟ ଉପଲବ୍ଧ ହୁଅନ୍ତି;
- ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍ଥାନ ଅଧିକ ସମୟ ଏବଂ ଉପଯୁକ୍ତ ବିକଳ୍ପ ଉପାୟରେ ସେମାନଙ୍କୁ କୌଶଳ ଓ ବୋଧଗମ୍ୟତା ଶିକ୍ଷା ଦିଆଯାଇଥାଏ ।(ଆଇଏନ୍‌ଇଇ ସଂକ୍ଷିପ୍ତ ମାର୍ଗଦର୍ଶିକା ଦେଖନ୍ତୁ)

**୨. ଫଳାଫଳ ସମୀକ୍ଷା:** ଔପଚାରିକ ଶିକ୍ଷାରେ ସମୀକ୍ଷା ଏଥିପାଇଁ କରାଯାଏ ଯେ ଶିକ୍ଷାର୍ଥୀମାନଙ୍କ ସଫଳତା ଓ ପରୀକ୍ଷାର ଫଳାଫଳଗୁଡ଼ିକ ଶିକ୍ଷା ଅଧିକାରୀମାନଙ୍କ ଦ୍ୱାରା ସ୍ୱୀକୃତି ପାଇପାରିବ । ଶରଣାର୍ଥୀମାନଙ୍କ ପାଇଁ ଆୟୋଜକ ଦେଶ କିମ୍ବା ସେମାନଙ୍କ ଘରୋଇ ଦେଶର ଶିକ୍ଷା ଅଧିକାରୀମାନଙ୍କ ସ୍ୱୀକୃତି ଲାଭ କରାଯିବା ପାଇଁ ଉଦ୍ୟମ ହେବା ଉଚିତ୍ । ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଓ ତାଲମ ପାଇଁ ତାଲିମ ସେବା ପ୍ରଦାନକାରୀମାନେ ଜାତୀୟ ପ୍ରମାଣପତ୍ର ମାନଦଣ୍ଡର ସ୍ୱୀକାରୋକ୍ତି ପ୍ରଦାନ କରିବା ଉଚିତ୍ ।ପାଠ୍ୟକ୍ରମ ଶେଷ ଦଲିଲ୍‌ଗୁଡ଼ିକ ମଧ୍ୟରେ ଡ଼ିପ୍ଲୋମା ଏବଂ ଡ଼ିଗ୍ରୀ ସାର୍ଟିଫିକେଟ୍ ରହିପାରେ ।

**୩. ନୈତିକ ସମୀକ୍ଷା ସଂହିତା:** ନୈତିକ ସିଂହିତା ଅନୁଯାୟୀ ସମୀକ୍ଷା ଓ ମୂଲ୍ୟାଙ୍କନକୁ ବିକଶିତ କରାଯାଇ ତାକୁ କାର୍ଯ୍ୟକାରୀ କରାଯିବା ଉଚିତ୍ । ଏହାର ଅର୍ଥ ସେଗୁଡ଼ିକ ସ୍ୱଚ୍ଛ, ଭରସାଯୋଗ୍ୟ, ଓ ଏଭଳି ଭାବେ ପରିଚାଳନା କରାଯିବା ଉଚିତ୍ ଯେ ଯେପରି ଭୟ ସୃଷ୍ଟି କରିବ ନାହିଁ କିମ୍ବା ଚାପର କାରଣ ହେବ ନାହିଁ । ଏକ ସ୍କୁଲ୍ କିମ୍ବା କାର୍ଯ୍ୟକ୍ରମ ମଧ୍ୟରେ ଭଲ ନମ୍ବର ପାଇଁ କିମ୍ବା ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିବା ନେଇ ଶିକ୍ଷାର୍ଥୀମାନଙ୍କୁ ହଇରାଣ କରାଯିବା ଉଚିତ୍ ନୁହେଁ ।ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସୁନିଶ୍ଚିତ କରନ୍ତୁ ଯେ ଏହି ସବୁ ସର୍ତ୍ତଗୁଡ଼ିକ ପୂରଣ ହୋଇଛି । ସୁପରଭାଇଜର୍ ଏବଂ ଗୋଷ୍ଠୀର ସଦସ୍ୟମାନଙ୍କ ଦ୍ୱାରା ନିରୀକ୍ଷଣ, ସ୍ଥଳବିଶେଷରେ ଯାଞ୍ଚ୍ ସହାୟକ ହୋଇପାରେ (ସୁଯୋଗ ଓ ଶିକ୍ଷାଗ୍ରହଣ ପରିବେଶ ପଦ୍ଧତି ୨, ମାର୍ଗଦର୍ଶୀକା ଟିପ୍ପଣୀ ୪ ଓ ୯ ଦେଖନ୍ତୁ) ।

**୪. ପ୍ରାସଙ୍ଗିକତା:** ଯାହା ପଢ଼ା ହୋଇଛି ସମୀକ୍ଷାରେ ସିଧାସଳଖ ସେହି ବିଷୟବସ୍ତୁ ଓ ପ୍ରକ୍ରିୟା ବ୍ୟବହାର କରାଯିବା ଉଚିତ୍ । ପାଠ୍ୟକ୍ରମରୁ ଶିକ୍ଷାଗ୍ରହଣ ଉଦ୍ଦେଶ୍ୟ ଓ ମାନଦଣ୍ଡ ଚିହ୍ନଟ କରାଯିବା ଉଚିତ୍ । ଯେତେବେଳେ ସମ୍ଭବ ସମୀକ୍ଷାକୁ ଏକ ମାନର ପାଠ୍ୟକ୍ରମ ବଦଳରେ ପଢ଼ାଯାଇଥିବା ଜିନିଷକୁ ସାମାନ୍ୟ ପରିବର୍ତ୍ତନ କରାଯିବା ଉଚିତ୍ । ତାହେଲେ ଶିକ୍ଷାଦାନରେ ଥିବା ଅଭାବ ଅପେକ୍ଷା ପ୍ରକୃତ ଶିକ୍ଷାଗ୍ରହଣ ପ୍ରତିଫଳିତ ହୋଇପାରିବ ।
ଶିକ୍ଷକ ଓ ଅନ୍ୟ ଶିକ୍ଷା ଅଧିକାରୀମାନେ ସଠିକ୍ ଓ ସହଜରେ ବ୍ୟବହାର କରାଯାଇପାରୁଥିବା ଉପକରଣ ଓ ପଦ୍ଧତି ବ୍ୟବହାର କରିବା ଉଚିତ୍ । ସମୀକ୍ଷା ଉପକରଣଗୁଡ଼ିକୁ ବ୍ୟବହାର କରିବା ନେଇ ମାର୍ଗଦର୍ଶନ ଓ ତାଲିମ୍ ପ୍ରଭାବକୁ ଅଧିକ ବୃଦ୍ଧି କରିବ । ଶିକ୍ଷାଗ୍ରହଣରେ ଅଗ୍ରଗତି ଓ ଶିକ୍ଷାଦାନର ପ୍ରଭାବ ସମୀକ୍ଷାରେ ଗୋଷ୍ଠୀର ସଦସ୍ୟମାନେ ସହାୟତା କରିପାରନ୍ତି । ଏହି ପଦ୍ଧତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆପଣଙ୍କୁ ସହାୟତା କରିପାରୁଥିବା ଉପକରଣଗୁଡ଼ିକୁ ଆଇଏନ୍ଇଇ ଟୁଲ୍କିଟ୍କୁ ଯାଇ ଦେଖନ୍ତୁ : www.ineesite.org/toolkit

**ଏହି ପଦ୍ଧତିଗୁଡ଼ିକ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବାକୁ ଥିବା ଉପକରଣଗୁଡ଼ିକ ସଂପର୍କରେ ଜାଣିବା ପାଇଁ ଆଇଏନ୍ଇଇ ଟୁଲ୍କିଟ୍କୁ www.ineesite.org/toolkit ଯାଆନ୍ତୁ ।**

ଆଇଏନ୍ଇଇ ଟୁଲ୍କିଟ୍
- ଆଇଏନ୍ଇଇ ସର୍ବନିମ୍ନ ପଦ୍ଧତି
  - କାର୍ଯ୍ୟକାରୀ ଉପକରଣ
    - ଶିକ୍ଷାଦାନ ଓ ଶିକ୍ଷଣ

ଆଇଏନ୍ଇଇ ଟୁଲ୍କିଟ୍
- ଶିକ୍ଷାଦାନ ଓ ଶିକ୍ଷଣ ଉପରେ ମାର୍ଗଦର୍ଶୀକା ଟିପ୍ପଣୀ
  - ଶିକ୍ଷାଦାନ ଓ ଶିକ୍ଷଣ ପାଇଁ ସମ୍ବଳ ସମୂହ

# ୪ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ

## **୪ .ଭିତ୍ତିଗତ ମାନଦଣ୍ଡ କ୍ଷେତ୍ର:** ଗୋଷ୍ଠୀ ଅଂଶଗ୍ରହଣ, ସମନ୍ୱୟ, ବିଶ୍ଳେଷଣ

### ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀ କ୍ଷେତ୍ର

| ମାନଦଣ୍ଡ- ୧<br>ଚୟନ ଓ ନିଯୁକ୍ତି | ମାନଦଣ୍ଡ- ୨<br>କାର୍ଯ୍ୟସର୍ତ୍ତାବଳୀ | ମାନଦଣ୍ଡ-୩<br>ସହାୟତା ଓ ତତ୍ତ୍ୱାବଧାନ |
|---|---|---|
| ବିବିଧତା ଓ ସମାନତାକୁ ପ୍ରତିଫଳିତ କରିଥିବା ଚୟନ ନୀତି ଉପରେ ଆଧାରିତ ଏକ ସହଭାଗିତା - ମୂଳକ ଓ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଯଥେଷ୍ଟ ସଂଖ୍ୟକ ଶିକ୍ଷକ ଓ ଅନ୍ୟାନ୍ୟ ସହାୟକ ଶିକ୍ଷାକର୍ମୀ ନିଯୁକ୍ତି | ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାର୍କମୀଙ୍କର କାର୍ଯ୍ୟସର୍ତ୍ତାବଳୀ ସ୍ପଷ୍ଟଭାବେ ନିରୂପଣ କରିବା ଓ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ | ଶିକ୍ଷକ ଓ ଅନ୍ୟନ୍ୟ ଶିକ୍ଷାକର୍ମୀଙ୍କ ଫଳପ୍ରଦ କାର୍ଯ୍ୟ ପାଇଁ  ସହାୟତା ଓ ତତ୍ତ୍ୱାବଧାନ |

ଆପଦକାଳୀନ ପରିସ୍ଥିତି ଏବଂ ପୁର୍ନଉଦ୍ଧାର ସମୟ ମଧ୍ୟରେ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମୀମାନେ ଶିଶୁ ଓ ଯୁବଗୋଷ୍ଠୀଙ୍କର ଶିକ୍ଷା ଆବଶ୍ୟକତାକୁ ପୂରଣ କରିଥା'ନ୍ତି । ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ସେମାନଙ୍କର ବୃତ୍ତିଗତ ପଦବୀ ବିଶ୍ୱବିଦ୍ୟାଳୟ ଡିଗ୍ରୀଧାରୀ ରାଜ୍ୟ କର୍ମଚାରୀଙ୍କ ଠାରୁ ଆରମ୍ଭକରି ସ୍ୱଳ୍ପ ଔପଚାରିକ ଶିକ୍ଷା ପ୍ରାପ୍ତ ସ୍ୱେଚ୍ଛାସେବୀ କିମ୍ବା ଗୋଷ୍ଠୀଭିତ୍ତିକ ପ୍ରଶିକ୍ଷକ ପର୍ଯ୍ୟନ୍ତ ବ୍ୟାପ୍ତ । 'ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ, ପଦଟି ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ବୁଝାଇଥାଏ ।

- ଶ୍ରେଣୀ ଶିକ୍ଷକ ଓ ସହାୟକ
- ପ୍ରାକ୍ ଶୈଶବ ଓ ପ୍ରାକ୍-ବିଦ୍ୟାଳୟ ଶିକ୍ଷକ
- ଭିନ୍ନକ୍ଷମଙ୍କ ପାଇଁ ପ୍ରଶିକ୍ଷକ
- ବିଷୟ ବିଶେଷଜ୍ଞ ଓ ଧନ୍ଦାମୂଳକ ତାଲିମଦାତା
- ଶିଶୁ-ପ୍ରିୟ ସ୍ଥାନରେ କାର୍ଯ୍ୟରତ ସହାଯ୍ୟକାରୀ
- ଗୋଷ୍ଠୀ ସ୍ୱେଚ୍ଛାସେବୀ, ଧାର୍ମିକ ପ୍ରଶିକ୍ଷକ ଓ ଜୀବନ କୌଶଳ ଶିକ୍ଷାଦାତା
- ପ୍ରଧାନ ଶିକ୍ଷକ, ଅଧ୍ୟକ୍ଷ, ବିଦ୍ୟାଳୟ, ତତ୍ତ୍ୱାବଧାରକ ଓ ଅନ୍ୟାନ୍ୟ ଶିକ୍ଷା ଅଧିକାରୀମାନେ

ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀମାନଙ୍କର ଭୂମିକା ଓ ଦାୟିତ୍ୱ ସେମାନଙ୍କର ଶିକ୍ଷା (ଔପଚାରିକ କିମ୍ବା ଅନଔପଚାରିକ) ଏବଂ ଶିକ୍ଷଣ ପରିବେଶ ଉପରେ ନିର୍ଭର କରେ । ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀଙ୍କର ନିଷ୍ପତ୍ତିଗ୍ରହଣ କରିବାରେ ଭାଗୀଦାରିତା ଓ ବୃତ୍ତିଗତ ବିକାଶ ଆପଦକାଳୀନ ଶିକ୍ଷା ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ ।

ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀଙ୍କ ଚିହ୍ନଟ, ଚୟନ ଓ ନିଯୁକ୍ତି ନିରପେକ୍ଷ, ଭାଗୀଦାରୀ ଓ ସ୍ୱଚ୍ଛହେବା ବିଧେୟ । ଲିଙ୍ଗଗତ ଭାରସାମ୍ୟ ଓ ଗୋଷ୍ଠୀ ପ୍ରତିନିଧିତ୍ୱ ଆବଶ୍ୟକ । ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ ପ୍ରାସଙ୍ଗିକ ଅଭିଜ୍ଞତା ଓ କୌଶଳର ଅଧିକାରୀ ହୋଇଥିବା ଆବଶ୍ୟକ ଏବଂ ସେମାନଙ୍କୁ ଯଥେଷ୍ଟ ପାରିଶ୍ରମିକ ଦେବା ମଧ୍ୟ ଦରକାର । ସେମାନଙ୍କର ଚାକିରୀରେ ଯୋଗଦେବା ଓ ଶ୍ରମିକ ସଂଗଠନ ଗଠନ କରିବାରେ ସ୍ୱାଧିନତା ଥିବା ଆବଶ୍ୟକ । ପ୍ରଭାବିତ ଗୋଷ୍ଠୀଙ୍କ ସଙ୍ଗେ ପରାମର୍ଶକରି ସେମାନଙ୍କ ପାଇଁ ଆଚରଣବିଧି, ଭୂମିକା ଓ ଦାୟିତ୍ୱ, ତତ୍ତ୍ୱାବଧାନ ପ୍ରକ୍ରିୟା, କାର୍ଯ୍ୟସର୍ତ୍ତାବଳୀ, ଚୁକ୍ତିବଦ୍ଧ ବ୍ୟବସ୍ଥା, କ୍ଷତିପୂରଣ ଓ ପାରିଶ୍ରମିକ ନିରୂପଣ କରିବା ସର୍ବୋତ୍ତମ ଅଟେ ।

ସଙ୍କଟ ସମୟରେ ପରିସ୍ଥିତି ସହିତ ଖାପଖୁଆଇ ପୁନର୍ଗଠନ ଉପଶମ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମୀମାନେ ସହାୟତା ଆବଶ୍ୟକ କରନ୍ତି । ଶିଶୁ, ଯୁବଗୋଷ୍ଠୀ ଓ ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କୁ ଜୀବନରକ୍ଷା ସୂଚନା, ଶିକ୍ଷଣ ସୁଯୋଗ ଓ ଅଧିକ ସାକାର ଭବିଷ୍ୟତ ଗଢ଼ିବା ପାଇଁ ସାମାଜିକ ସହାୟତା ପ୍ରଦାନ

ଦ୍ୱାରା ଆପଦକାଳୀନ ପରିସ୍ଥିତି ମଧ୍ୟରେ ପୁର୍ନଃଉଦ୍ଧାର ପର୍ଯ୍ୟନ୍ତ ଶିକ୍ଷାର ପରିସ୍ଥିତି ସହିତ ତାଳ ଦେଇ ପରିବର୍ତ୍ତନଶୀଳ କ୍ଷମତା ଦୃଢ଼ୀଭୂତ ହୁଏ । ଆପଦକାଳୀନ ପରିସ୍ଥିତିରେ ପୁର୍ନରୁଦ୍ଧାର ପର୍ଯ୍ୟନ୍ତ ଶିକ୍ଷାରେ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାର୍କମୀମାନେ ଅତ୍ୟାବଶ୍ୟକୀୟ ଅବଦାନକାରୀ ଅଟନ୍ତି । ନିଜକୁ ସହାୟତା କରିବା ଓ ଦିଗ୍‌ଦର୍ଶନ ଦେବାର ଅଧିକାର ସେମାନଙ୍କର ଅଛି ।

**ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ ମାନଦଣ୍ଡ-୧ : ଚୟନ ଓ ନିଯୁକ୍ତି**

ବିବିଧତା ଓ ସମାନତା ପ୍ରତିଫଳିତ ହେଉଥିବା ଚୟନ ନୀତି ଉପରେ ଆଧାରିତ ଏକ ସହଭାଗିତାମୂଳକ ଓ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଯଥେଷ୍ଟ ସଂଖ୍ୟକ ଉପଯୁକ୍ତ ଶିକ୍ଷିତ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀ ନିଯୁକ୍ତି ।

**ମୁଖ୍ୟ କାର୍ଯ୍ୟପନ୍ଥା** (ମାର୍ଗଦର୍ଶିକା ଟିପ୍ପଣୀ ସହିତ ପଢ଼ିବାକୁ ହେବ)

- ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ବୋଧଗମ୍ୟ, ଉପଯୁକ୍ତ, ନିରପେକ୍ଷ ଚାକିରି ବିବରଣୀ ଓ ଦିଗଦର୍ଶନ ପ୍ରଦାନ (ମାର୍ଗଦର୍ଶିକା ଟିପ୍ପଣୀ- ୧ ଦ୍ରଷ୍ଟବ୍ୟ) ।
- ଗୋଷ୍ଠୀ ଗ୍ରହଣ ଯୋଗ୍ୟତା, ଲିଙ୍ଗ ଓ ବିବିଧତାକୁ ବିଚାରକୁ ନେଇ ସ୍ୱଚ୍ଛ ନିୟମାବଳୀ, ଓ ଦକ୍ଷତାର ଏକ ମୂଲ୍ୟାଙ୍କନ ଉପରେ ଆଧାରିତ ଚୟନ ପ୍ରକ୍ରିୟା ମାଧ୍ୟମରେ ଏକ ପ୍ରତିନିଧି ଚୟନ କମିଟି ଦ୍ୱାରା ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀଙ୍କର ଚୟନ ଓ ନିଯୁକ୍ତି (ମାର୍ଗଦର୍ଶିକା ଟିପ୍ପଣୀ ୨-୪ ଦ୍ରଷ୍ଟବ୍ୟ) ।
- ବଡ଼ ଅକାରର ଶ୍ରେଣୀକୁ ବାରଣ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀଙ୍କ ନିଯୁକ୍ତି ଓ ମୂତୟନ (ମାର୍ଗଦର୍ଶିକା ଟିପ୍ପଣୀ-୫ ଦ୍ରଷ୍ଟବ୍ୟ) ।

## ମାର୍ଗଦର୍ଶିକା ଟିପ୍ପଣୀ

**୧. ଚାକିରୀ ବିବରଣରେ** ଲିଙ୍ଗ, ଜାତି, ଧର୍ମ, ଅକ୍ଷମତା କିମ୍ୱା ଅନ୍ୟକୌଣସି ବିବିଧ କ୍ଷେତ୍ର ଭିତ୍ତିରେ ପକ୍ଷପାତତା ନକରିବା । ସେଥିରେ ଅନ୍ୟୁନ ପକ୍ଷେ ନିମ୍ନଲିଖିତ ଉପାଦାନ ରହିବା ଆବଶ୍ୟକ ।

- ଭୂମିକା ଓ ଦାୟିତ୍ୱ
- ବୋଧଗମ୍ୟ ବିବରଣୀ
- ଆଚରଣ ସଂହିତା

(ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ ମାନକ- ୨ ଓ ମାର୍ଗଦର୍ଶିକା ଟିପ୍ପଣୀ- ୧ ଦ୍ରଷ୍ଟବ୍ୟ)

**୨. ଅଭିଜ୍ଞତା ଓ ଯୋଗ୍ୟତା :** ସ୍ୱୀକୃତିପ୍ରାପ୍ତ ପରିଚୟ ପତ୍ରଧାରୀ ଯୋଗ୍ୟ ବ୍ୟକ୍ତିଙ୍କୁ ଶିକ୍ଷକରୂପେ ନିଯୁକ୍ତି ଦେବା ଗୁରୁତ୍ୱପୂର୍ଣ୍ଣ ଅଟେ । ସେମାନେ ବିଦ୍ୟାର୍ଥୀମାନଙ୍କୁ ମାନସିକ ଓ ସାମାଜିକ ସହାୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ଶିକ୍ଷାଦାନ ପାଇଁ କୌଶଳ ଶିଖିବା ଆବଶ୍ୟକ, ଯଦି ଯୋଗ୍ୟ ଶିକ୍ଷକମାନଙ୍କର ପ୍ରମାଣପତ୍ର କିମ୍ବା ଅନ୍ୟ କୌଣସି ଦଲିଲ୍ ଜରୁରୀ ପରିସ୍ଥିତିରେ ନମିଳେ ତାହାହେଲେ ସେମାନଙ୍କର ଶିକ୍ଷାଦାନ କୌଶଳର ମୂଲ୍ୟାୟନ ଆବଶ୍ୟକ । ଯଦି ଯଥେଷ୍ଟ ଯୋଗ୍ୟ ଶିକ୍ଷକ ନ ମିଳନ୍ତି, ସ୍ୱଳ୍ପ ଶିକ୍ଷାଦାନ ଅଭିଜ୍ଞତା ସଂପନ୍ନ କିମ୍ବା ଆଦୌ ଅଭିଜ୍ଞତା ନଥିବା ବ୍ୟକ୍ତିମାନଙ୍କୁ ବିଚାରକୁ ନେବା ଆବଶ୍ୟକ ହୋଇଥାଏ । ଏହି ଶିକ୍ଷକମାନଙ୍କର ଯୋଗ୍ୟତାର ସ୍ତର ଓ ଶିକ୍ଷାଦାନ ଅଭିଜ୍ଞତା ଭିତ୍ତିରେ ସେମାନଙ୍କ ପାଇଁ ପ୍ରଶିକ୍ଷଣ ଆବଶ୍ୟକ ହୁଏ ।

ଯେତେଦୂର ସମ୍ଭବ ମାତୃଭାଷା କହୁଥିବା ଶିକ୍ଷକ ନିଯୁକ୍ତି ପାଇବା ଆବଶ୍ୟକ, ଦରକାର ହେଲେ ଓ ଉପଯୁକ୍ତ ମନେହେଲେ ନିଜ ଜାତୀୟ ଭାଷା ଓ ଆତିଥ୍ୟ ଦେଇଥିବା ଦେଶମାନଙ୍କର ଭାଷାଗୁଡ଼ିକ ଉପରେ ପ୍ରଶିକ୍ଷଣ ପାଇଁ ସୁପାରିଶ କରାଯାଇଥାଏ ।

(ଶିକ୍ଷାଦାନ ଓ ଶିକ୍ଷଣ ମାନ- ୧ , ମାର୍ଗଦର୍ଶିକା ଟିପ୍ପଣୀ ୭ ଦ୍ରଷ୍ଟବ୍ୟ)

କେତେକ ପରିସ୍ଥିତିରେ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀ ନିଯୁକ୍ତିରେ ଲିଙ୍ଗଗତ ସମାନତା ପ୍ରତି ସକ୍ରିୟ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ । ଏଥିପାଇଁ ଚୟନ କମିଟି ସହିତ ପରାମର୍ଶକରି ନିଯୁକ୍ତି ନୀତିରେ ବ୍ୟବସ୍ଥାକରିବାକୁ ହେବ । ଆନ୍ତର୍ଜାତିକ ଶ୍ରମ ଓ ମାନବାଧିକାର ଦଲିଲ୍, ଆଇନ ଓ ଧାର୍ଯ୍ୟ ନିୟମ ଅନୁଯାୟୀ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀଙ୍କ ସର୍ବନିମ୍ନ ବୟସ ଅଠର ବର୍ଷ ହେବା ଉଚିତ । ସମୟ ସମୟରେ ଆପେକ୍ଷାକୃତ କମ ବୟସର ବ୍ୟକ୍ତିଙ୍କୁ ସାହାର୍ଯ୍ୟକାରୀ, ସହାୟକ କିମ୍ବା ଅନୁଶିକ୍ଷକରୂପେ ନିଯୁକ୍ତିଦେବା ଆବଶ୍ୟକ ହୋଇଥାଏ ।

**୩. ଶିକ୍ଷକ ଚୟନ ପାଇଁ ନିୟମରେ** ନିମ୍ନଲିଖିତ ପେଷାଗତ ଯୋଗ୍ୟତା ଓ ବିଶେଷଗୁଣ ଅନ୍ତର୍ଭୁକ୍ତ :

- ଶିକ୍ଷାଗତ ପୃଷ୍ଠପଟ
- ଭିନ୍ନକ୍ଷମ ଶିଶୁ ଓ ଅନ୍ୟ ଶିଶୁଙ୍କୁ ଶିକ୍ଷାଦାନ ଅଭିଜ୍ଞତା
- ଶିଶୁ ଓ ଯୁବଗୋଷ୍ଠୀଙ୍କର ମାନସିକ ଓ ସାମାଜିକ ଆବଶ୍ୟକତା ପ୍ରତି ସମ୍ବେଦନଶୀଳତା
- ବାଣିଜ୍ୟ କିମ୍ବା ଅନ୍ୟାନ୍ୟ ବୈଷୟିକ ଜ୍ଞାନ ଓ ଅଭିଜ୍ଞତା
- ସ୍ଥାନୀୟ ଭାଷା ଓ ବ୍ରେଲୀରେ ଜ୍ଞାନ ସହିତ ପ୍ରାସଙ୍ଗିକ ଭାଷା ଦକ୍ଷତା

ବ୍ୟକ୍ତିଗତ ଯୋଗ୍ୟତା

- ଲିଙ୍ଗଗତ ସମାନତା ପ୍ରତି ସଚେତନତାସହ ବୟସ ଓ ଲିଙ୍ଗ ଜ୍ଞାନ
- ସହିଷ୍ଣୁତା

- ଜାତି ଓ ଧର୍ମଗତ ପୃଷ୍ଠପଟ
- ଗୋଷ୍ଠୀ ମଧ୍ୟରେ ଥିବା ବିବିଧତା ବିଷୟରେ ଜ୍ଞାନ । ଅର୍ନ୍ତନିହିତ ସାମାଜିକ ଉଦ୍‌ବେଗ ଓ ବହୁ ଦିନ ଧରି ଥିବା ବୈଷ୍ୟମତା ଯାହା ନିଯୁକ୍ତି ପ୍ରକିୟାକୁ ପ୍ରଭାବିତ କରିଥାଏ, ତାହା ବିଚାରକୁ ନେବା ଗୁରୁତ୍ୱପୂର୍ଣ୍ଣ ଅଟେ । (ଶିକ୍ଷାଦାନ ଓ ଶିକ୍ଷଣ ମାନ – ୧ ମାର୍ଗଦର୍ଶିକା ଟିପ୍ପଣୀ ଦ୍ରଷ୍ଟବ୍ୟ)

ଅନ୍ୟାନ୍ୟ ଯୋଗ୍ୟତା:

ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀମାନେ ଓ ଗୋଷ୍ଠୀ ମଧ୍ୟରେ ଭାବର ଆଦାନ ପ୍ରଦାନ ହେଉଥିବା ଆବଶ୍ୟକ ଓ ସେମାନେ ଗୋଷ୍ଠୀଦ୍ୱାରା ଗ୍ରହଣୀୟ ହେବା ମଧ ଦରକାର । ଯଦି ସମ୍ଭବ, ସେମାନେ ପ୍ରଭାବିତ ଲୋକମାନଙ୍କ ସମାଜ ମଧ୍ୟରୁ ନିଯୁକ୍ତି ପାଇବା ଆବଶ୍ୟକ କାରଣ ସ୍ଥାନୀୟ ଲୋକଙ୍କର ସାମାଜିକ, ଆର୍ଥିକ ଓ ରାଜନୈତିକ ସମସ୍ୟାଗୁଡ଼ିକ ବିଷୟରେ ସେମାନେ ଅବଗତ – ଥାଆନ୍ତି । ଯଦି ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀମାନଙ୍କୁ ପ୍ରଭାବିତ ଗୋଷ୍ଠୀ ବାହାରୁ ନିଯୁକ୍ତି ଦିଆଯାଏ ତେବେ ସେମାନଙ୍କର ଯାତାୟାତ ଓ ବାସଗୃହ ବ୍ୟବସ୍ଥାରେ ଅଧିକ ବ୍ୟୟକରିବା ଆବଶ୍ୟକ ହେଇଥାଏ । ଯେଉଁଠି ଶରଣାର୍ଥୀ କିମ୍ବା ବାସଚ୍ୟୁତ ଲୋକମାନଙ୍କ ପାଇଁ ଶିକ୍ଷଣ ସ୍ଥଳ ବ୍ୟବସ୍ଥା ହୋଇଥାଏ ସେଠାରେ ଆଶ୍ରୟଦାତା ଗୋଷ୍ଠୀ ମଧ୍ୟରୁ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ନିଯୁକ୍ତି ଦେଲେ ପାରସ୍ପରିକ ସମ୍ପର୍କ ବୃଦ୍ଧି ପାଇଥାଏ । (ଶିକ୍ଷକ କ୍ଷତିପୂରଣ ଉପରେ ଆଇ.ଏନ୍.ଇ.ଇ ମାର୍ଗଦର୍ଶିକା ଟିପ୍ପଣୀ ଦ୍ରଷ୍ଟବ୍ୟ www.ineesite.org/toolkit)

**୪. ତଥ୍ୟ ସଂଗ୍ରହ** – ଯେଉଁଠାରେ ସମ୍ଭବ, ସମସ୍ତ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀଙ୍କୁ ନିଯୁକ୍ତିଦେବା ପୂର୍ବରୁ ସେମାନଙ୍କ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରିପାରିଲେ ଶିକ୍ଷାର୍ଥୀମାନଙ୍କ ପାଇଁ କୌଣସି ବିପଦ ରହିବ ନାହିଁ ।

**୫. ଶ୍ରେଣୀର ଆକାର** – ଭିନ୍ନକ୍ଷମ ଶିଶୁଙ୍କ ସମେତ ସମସ୍ତ ଶିଶୁ ଓ ଯୁବ ଗୋଷ୍ଠୀଙ୍କୁ ପାଠପଢ଼ାରେ ସାମିଲ କରିବା ପାଇଁ ବାସ୍ତବତାକୁ ଦୃଷ୍ଟିରେ ରଖି ଶ୍ରେଣୀର ଆକାର, ସ୍ଥାନୀୟ ଭାବେ ନିରୂପିତ ହେବା ଆବଶ୍ୟକ । ଉପଯୁକ୍ତ ଶିକ୍ଷକ ବିଦ୍ୟାର୍ଥୀ ଅନୁପାତ ହାସଲ କରିବା ପାଇଁ ଯଥେଷ୍ଟ ସଂଖ୍ୟକ ଶିକ୍ଷକଙ୍କୁ ନିଯୁକ୍ତି ଦେବା ଆବଶ୍ୟକ । ଜାତୀୟ ଓ ସ୍ଥାନୀୟ ମାନଦଣ୍ଡକୁ ବିଚାରକୁ ନେଇ ଭାଗୀଦାରମାନେ ଏହି ଅନୁପାତ ନିରୂପଣ କରିବେ ଓ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିବେ । କେତେକ କ୍ଷେତ୍ରରେ ମାନବୀୟ ଓ ବିକାଶମୂଳକ ଅନୁଷ୍ଠାନ ଗୁଡ଼ିକ ମଧ୍ୟ ଏହି ଅନୁପାତ ନିରୂପଣ କରିଥାନ୍ତି । କେତେକ ସ୍ଥଳେ ଜଣେ ଶିକ୍ଷକ ପାଇଁ ଚାଳିଶଜଣ ଛାତ୍ର ସୁପାରିଶ କରିଥାନ୍ତି । ସେ ଯାହାହେଉ, ଭାଗୀଦାର ମାନେ ସ୍ଥାନୀୟ ପରିସ୍ଥିତିରେ ଏକ ଉପଯୁକ୍ତ ଓ ବାସ୍ତବ ଅନୁପାତ ନିରୂପଣ କରିବା ପାଇଁ ଉତ୍ସାହିତ ହୁଅନ୍ତି । (ଉପକ୍ରମଣିକାରେ ଥିବା ଉଦାହରଣ ଗୁଡ଼ିକ ଦ୍ରଷ୍ଟବ୍ୟ)

## ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ ମାନଦଣ୍ଡ-୨ : ଚାକିରୀ ସର୍ତ୍ତାବଳୀ

ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀଙ୍କର ଚାକିରୀ ସର୍ତ୍ତାବଳୀ ସ୍ୱଷ୍ଟଭାବେ ନିରୂପଣ ଏବଂ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ

**ମୁଖ୍ୟ କାର୍ଯ୍ୟପନ୍ଥା** (ମାର୍ଗଦର୍ଶିକା ଟିପ୍ପଣୀ ସହିତ ପଠନୀୟ)

- ସମସ୍ତ ସଂପୃକ୍ତ ଭାଗୀଦାରଙ୍କ ମଧ୍ୟରେ ପାରିଶ୍ରମିକ ପ୍ରଥା ଓ ଚାକିରୀ ସର୍ତ୍ତାବଳୀର ସମନ୍ୱୟ (ମାର୍ଗଦର୍ଶିକା ଟିପ୍ପଣୀ- ୧-୨ ଦ୍ରଷ୍ଟବ୍ୟ)
- ଚୁକ୍ତିନାମାରେ ପାରିଶ୍ରମିକ ଓ ଚାକିରୀ ସର୍ତ୍ତାବଳୀର ବର୍ଣ୍ଣନା ଓ ନିୟମିତ ଭାବେ ପାରିଶ୍ରମିକ ପ୍ରଦାନ (ମାର୍ଗଦର୍ଶିକା ଟିପ୍ପଣୀ- ୨ ଦ୍ରଷ୍ଟବ୍ୟ)
- ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀଙ୍କୁ ନିୟମ ଓ ସର୍ତ୍ତାବଳୀ ନିର୍ଣ୍ଣୟ କରିବା ଉଦ୍ଦେଶ୍ୟରେ ସଂଘବଦ୍ଧ ହେବା ପାଇଁ ଅନୁମତି ପ୍ରଦାନ
- ମାର୍ଗଦର୍ଶିକା ଗୁଡ଼ିକର ସଠିକ୍ ଉପାୟନ ସହ ଏକ ଆଚରଣ ସଂହିତାର ଉପସ୍ଥିତି ଓ ଏହାକୁ ଉତ୍ତମ ସମ୍ମାନ ପ୍ରଦର୍ଶନ (ମାର୍ଗଦର୍ଶିକା - ୩ ଦ୍ରଷ୍ଟବ୍ୟ)

### ମାର୍ଗଦର୍ଶିକା ଟିପ୍ପଣୀ

**୧. କାର୍ଯ୍ୟ ସର୍ତ୍ତାବଳୀ :** ଗୋଟିଏ ଚୁକ୍ତିନାମାରେ କାର୍ଯ୍ୟର ବିବରଣୀ, କାର୍ଯ୍ୟସର୍ତ୍ତାବଳୀ ଓ ଆଚରଣ ସଂହିତା ଅର୍ନ୍ତଭୁକ୍ତ ହେବା ଆବଶ୍ୟକ । ଏହା ଶିକ୍ଷଣ ପରିବେଶ ଓ ଗୋଷ୍ଠୀ ମଧ୍ୟରେ ଶିକ୍ଷକମାନଙ୍କର ଭୂମିକା କୁ ପେସାଦାର କରିବାରେ ସାହାଯ୍ୟକରେ । ଗୋଷ୍ଠୀ, ଶିକ୍ଷା କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ଭାଗୀଦାରମାନେ ଦେଉଥିବା ପାରିଶ୍ରମିକ ବିନିମୟରେ ଏହା ଶିକ୍ଷକମାନଙ୍କ ଠାରୁ ଆଶା କରାଯାଉଥିବା ସେବା ଗୁଡ଼ିକର ସଂଜ୍ଞା ପ୍ରଦାନ କରିଥାଏ, ଏବଂ ଶିକ୍ଷକମାନଙ୍କର ଉପଯୁକ୍ତ ଓ ପ୍ରତ୍ୟାଶିତ ବ୍ୟବହାର ପାଇଁ ଏକ ଆଧାର ଯୋଗାଇଥାଏ ।

ଚୁକ୍ତିନାମାରେ ନିର୍ଦ୍ଦିଷ୍ଟଭାବେ ନିମ୍ନଲିଖିତ ବିଷୟ ଗୁଡ଼ିକ ଉଲ୍ଲେଖ ହୋଇଥାଏ:

- ଚାକିରୀର କାର୍ଯ୍ୟାବଳୀ ଓ ଦାୟିତ୍ୱଭାର
- ପାରିଶ୍ରମିକ
- ଆବଶ୍ୟକୀୟ ଉପସ୍ଥାନ
- କାର୍ଯ୍ୟ ନିର୍ଘଣ୍ଟ ଓ ଦିବସ
- ଚୁକ୍ତିନାମାର ଅବଧି
- ଆଚରଣ ସଂହିତା
- ସହାୟତା, ପର୍ଯ୍ୟବେକ୍ଷଣ ଓ

- ବିପଦ ସମାଧାନ ପ୍ରକ୍ରିୟା
  (ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ ମାନ – ୧ ଦ୍ରଷ୍ଟବ୍ୟ, ମାର୍ଗଦର୍ଶିକା ଟିପ୍ପଣୀ – ୧ )

**୨. ପାରିଶ୍ରମିକ:** ପାରିଶ୍ରମିକ ଯଥେଷ୍ଟ ହେଲେ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀମାନେ ନିଜର ଅନ୍ୟୁନ ଆବଶ୍ୟକତାଗୁଡ଼ିକ ମେଣ୍ଟାଇବା ପାଇଁ ଅନ୍ୟସୂତ୍ରରୁ ରୋଜଗାର କରିବାକୁ ଚେଷ୍ଟା ନକରି ନିଜ ବୃତ୍ତିରେ ଅଧିକ ଧ୍ୟାନ ଦେବେ । ଯେଉଁଠି ଦରକାର, ସେମାନଙ୍କ ପାଇଁ ଏକ ଉପଯୁକ୍ତ ରୋଜଗାର ସୂତ୍ରର ପ୍ରଚଳନ ଅତି ଶୀଘ୍ର କରିବା ଆବଶ୍ୟକ । ପାରିଶ୍ରମିକ ପ୍ରଦାନ ଯେ ଶିକ୍ଷା କର୍ତ୍ତୃପକ୍ଷଙ୍କର ମୁଖ୍ୟ ଦାୟିତ୍ୱ ଏହି ପ୍ରଣାଳୀରେ ପ୍ରତିଫଳିତ ହେବା ଆବଶ୍ୟକ । ସଂପୃକ୍ତ ଭାଗୀଦାରୀ ଯଥା ଶିକ୍ଷାକର୍ତ୍ତୃପକ୍ଷ, କର୍ମଚାରୀ ସଂଘ, ଗୋଷ୍ଠୀର ସଦସ୍ୟମାନେ, ସମିତି ଓ ସଂସଦ, ଜାତିସଂଘର ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ପାରିଶ୍ରମିକ ପ୍ରଦାନ ନୀତି ଓ ପ୍ରଥାର ମୂଳଦୁଆ ପକାଇଥାନ୍ତି ଏବଂ ପୁର୍ନଃଉଦ୍ଧାରରୁ ବିକାଶକୁ ପରିବର୍ତ୍ତନ ପ୍ରକ୍ରିୟାରେ ସାହାଯ୍ୟ କରନ୍ତି ।

ପାରିଶ୍ରମିକ ମୁଦ୍ରା ଆକାରରେ କିମ୍ବା ଅନ୍ୟ କୌଣସି ଆକାରରେ ଦିଆ ଯାଇପାରିବ, କିନ୍ତୁ ପାରିଶ୍ରମିକ ପ୍ରଦାନ ପ୍ରଥା ଯଥାର୍ଥ ଓ ସମାନ ହେବା ଆବଶ୍ୟକ । ଥରେ ଋପାୟିତ ହେଲେ ପାରିଶ୍ରମିକ ନୀତି ଏକ ପରମ୍ପରା ସୃଷ୍ଟିକରେ, ଯାହା ସବୁଦିନ ଅକ୍ଷୁର୍ଣ୍ଣ ରହିବ ବୋଲି ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀମାନେ ଆଶା କରିବେ । ସ୍ଥାନଚ୍ୟୁତ ହେବା ପରିସ୍ଥିତିରେ, ଯୋଗ୍ୟ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀମାନେ ଯେଉଁଠି ଅଧିକ ପାରିଶ୍ରମିକ ମିଳିବ ସେଠାକୁ ଚାଲିଯାଇପାରନ୍ତି, ଏପରିକି ଦରକାର ପଡ଼ିଲେ ଦେଶର ସୀମାଟପି ବାହାର ଦେଶକୁ ମଧ ଯାଇପାରନ୍ତି ନିମ୍ନଲିଖିତ ବଜାର ପରିସ୍ଥିତି ଗୁଡ଼ିକୁ ବିଚାରକୁ ନେବା ଆବଶ୍ୟକ:

- ଜୀବନଧାରଣ ପାଇଁ ଆବଶ୍ୟକ ଖର୍ଚ୍ଚ
- ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀଙ୍କର ଚାହିଦା
- ସ୍ୱାସ୍ଥ୍ୟରକ୍ଷା ଭଳି ସମାନ ଯୋଗ୍ୟତା ବିଶିଷ୍ଟ ବୃତ୍ତିରେ ପାରିଶ୍ରମିକର ପରିମାଣ

(ମିନିମମ୍ ଷ୍ଟାଣ୍ଡାର୍ଡ଼ସ୍ ଫର୍ ଇକୋନୋମିକ ରିକୋଭରି ଆପ୍ଟର କ୍ରାଇସିସ୍, ଏମ୍ପ୍ଲଏମେଣ୍ଟ କ୍ରିଏସନ ଷ୍ଟାଣ୍ଡାର୍ଡ଼ – ଏସ୍ଇଇପି ନେଟୱାର୍କ ଦେଖନ୍ତୁ)

ଚାକିରୀ ସର୍ତ୍ତାବଳୀର ପାଳନ ଓ ଆଚରଣ ବିଧିପାଳନ ଉପରେ ପାରିଶ୍ରମିକ ନିର୍ଭରକରେ । ଘରୋଇଭାବେ ପଢ଼ାଇବା ପାଇଁ ପାଉଣା ନେବା ପରିସ୍ଥିତି ଭଳି କୌଣସି ପ୍ରକାର ସ୍ୱାର୍ଥ ପାଇଁ ଲଢ଼େଇରୁ ନିବୃତ୍ତ ରହିବା ଆବଶ୍ୟକ । (www.ineesite.org/toolkit) କୋର୍ଡ଼ିନେସନ ଷ୍ଟାଣ୍ଡାର୍ଡ଼– ୨ ଦ୍ରଷ୍ଟବ୍ୟ)

**୩. ଆଚରଣ ବିଧିରେ** ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଆଚରଣ ପାଇଁ ସ୍ପଷ୍ଟ ମାନଦଣ୍ଡ ନିର୍ଣ୍ଣୟ ହୋଇଥାଏ । ଏହି

ମାନଦଣ୍ଡଗୁଡ଼ିକ ଶିକ୍ଷଣ ପରିବେଶରେ ଓ ଶୈକ୍ଷିକ ଘଟଣାବଳୀ ଓ କାର୍ଯ୍ୟକ୍ରମରେ ପ୍ରୟୋଗ କରାଯାଏ । ଆଚରଣ ବିଧିର ଉଲଂଘନକଲେ ସେଥିପାଇଁ ଅନିବାର୍ଯ୍ୟ ଦଣ୍ଡବ୍ୟବସ୍ଥା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀମାନଙ୍କର ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ସଂକଳ୍ପବଦ୍ଧତା ବିଷୟ ମଧ ଏଥିରେ ଅନ୍ତର୍ଭୂକ୍ତ ।

- ନିଜ ସାଧ୍ୟମତେ ବିଦ୍ୟାର୍ଥୀମାନଙ୍କର ଶିକ୍ଷା ଅଧିକାରକୁ ପୂରଣ କରିବା ଏବଂ ତାହା ପ୍ରତି ସମ୍ମାନ, ସୁରକ୍ଷା ପ୍ରଦାନ କରିବା ।
- ଉଚ୍ଚମାନର ଆଚରଣ ଓ ନୈତିକତା
- ଏକ ନିରପେକ୍ଷ ପରିବେଶହାସଲ କରିବା କ୍ଷେତ୍ରରେ ଦେଖାଦେଉଥିବା ପ୍ରତିବନ୍ଧକ ଗୁଡ଼ିକର ଦୂରୀକରଣ
- ହିଂସା ଓ ପକ୍ଷପାତ, ଦୁର୍ବ୍ୟବହାର, ଭୟପ୍ରଦର୍ଶନ, ବିଦ୍ୟାର୍ଥୀମାନଙ୍କର ଶ୍ରମଶୋଷଣ କିମ୍ବା ଯୌନ ଅନୁଗ୍ରହ ପ୍ରଦର୍ଶନ ତଥା ଯୌନ ଓ ଅନ୍ୟାନ୍ୟ ଉତ୍ପୀଡ଼ନ ପ୍ରଭୃତିରୁ ମୁକ୍ତ ଏକ ସୁରକ୍ଷା ପ୍ରଦାନକାରୀ, ସୁସ୍ଥ ଓ ଅନ୍ତର୍ଭୁକ୍ତ ପରିବେଶକୁ ବଜାୟ ରଖିବା ।
- ମାନବାଧିକାର ଓ ନିରପେକ୍ଷତାକୁ ବିରୋଧାଚରଣ କରିଥିବା କୌଣସି ବିଷୟରେ ଶିକ୍ଷାଦାନ ନ କରିବା ଓ ସେଭଳି ଜ୍ଞାନ ଓ କାର୍ଯ୍ୟପନ୍ଥାକୁ ପ୍ରୋତ୍ସାହନ ପ୍ରଦାନ ନ କରିବା ।
- ଦୈନିକ ଉପସ୍ଥାନ ଓ ସମୟାନୁବର୍ତ୍ତିତାକୁ ବଜାୟ ରଖିବା (INEE Toolkit : www.ineesite.org/toolkit ଦ୍ରଷ୍ଟବ୍ୟ)

**ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀ ମାନଦଣ୍ଡ ୩ : ସହାୟତା ଓ ତତ୍ତ୍ୱାବଧାନ**

**ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀଙ୍କ ଫଳପ୍ରଦ କାର୍ଯ୍ୟ ପାଇଁ ସହାୟତା ଓ ତତ୍ତ୍ୱାବଧାନ ।**

**ମୁଖ୍ୟ କାର୍ଯ୍ୟପନ୍ଥା :** (ମାର୍ଗଦର୍ଶିକା ଟିପ୍ପଣୀ ସହିତ ପଠନୀୟ)

- ଯଥେଷ୍ଟ ଶିକ୍ଷାଦାନ ଓ ଶିକ୍ଷଣ ଉପକରଣ ଓ ସ୍ଥାନ ଉପଲବ୍ଧ ହେବା ଆବଶ୍ୟକ । (ମାର୍ଗଦର୍ଶିକା ଟିପ୍ପଣୀ- ୧ )
- ପ୍ରେରଣା ଓ ସହାୟତା ଯୋଗାଉଥିବା ବୃତ୍ତିଗତ ବିକାଶ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀମାନେ ସଂଶ୍ଳିଷ୍ଟ ଥିବେ (ମାର୍ଗଦର୍ଶିକା ଟିପ୍ପଣୀ - ୨-୩)
- ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀଙ୍କ ପାଇଁ ନିୟମିତ ମୂଲ୍ୟାୟନ, ନିରୀକ୍ଷଣ ଓ ସହାୟତା ପ୍ରଦାନକାରୀ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଓ ତତ୍ତ୍ୱାବଧାନକାରୀ ବ୍ୟବସ୍ଥା । (ମାର୍ଗଦର୍ଶିକା ଟିପ୍ପଣୀ ୨-୩)
- ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀଙ୍କର କାର୍ଯ୍ୟକଳାପର ନିୟମିତ ଭାବେ ମୂଲ୍ୟାୟନ ଦଲିଲଭୁକ୍ତ ଓ ଆଲୋଚନା (ମାର୍ଗଦର୍ଶିକା ଟିପ୍ପଣୀ-୪ )
- ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀଙ୍କର କାର୍ଯ୍ୟକଳାପ ଉପରେ ନିୟମିତିଭାବେ ବିଦ୍ୟାର୍ଥୀମାନଙ୍କୁ

মতামত দেবা পাইঁ সুযোগ প্রদান (মার্গদর্শিকা টিপ্পণী-৫)

- ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀଙ୍କ ପାଇଁ ଉପଯୁକ୍ତ, ସହଜସଭ୍ୟ ଓ ପ୍ରକୃତ ମାନସିକ ଓ ସାମାଜିକ ସହାୟତା ପ୍ରଦାନ (ମାର୍ଗଦର୍ଶିକା ଟିପ୍ପଣୀ-୬)

## ମାର୍ଗଦର୍ଶିକା ଟିପ୍ପଣୀ :

**୧. ଶିକ୍ଷାଦାନ ଓ ଶିକ୍ଷଣ ଉପକରଣ ଓ ସ୍ଥାନ** ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀ ନିଜର କର୍ତ୍ତବ୍ୟ ଫଳପ୍ରଦ ଭାବେ ସମ୍ପାଦନ କରିବା ପାଇଁ ଯଥେଷ୍ଟ ଶିକ୍ଷାଦାନ ଓ ଶିକ୍ଷଣ ଉପକରଣ ଓ ସ୍ଥାନ ଆବଶ୍ୟକ । (ମାନଦଣ୍ଡ ୧,୨,୩ ଓ ମାର୍ଗଦର୍ଶିକା ଟିପ୍ପଣୀ ୫ ଓ ୯ ଦ୍ରଷ୍ଟବ୍ୟ)

**୨. ସହାୟତା ଓ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା :** ବୃତ୍ତିଗତ ସହାୟତା ପ୍ରଦାନ ଓ ଶିକ୍ଷାଦାତାଙ୍କୁ ପ୍ରେରଣା ତଥା ଶିକ୍ଷାର ଗୁଣାତ୍ମକମାନ ବଜାୟ ରଖିବା ପାଇଁ ଫଳପ୍ରଦ ପରିଚାଳନା, ପର୍ଯ୍ୟବେକ୍ଷଣ ଓ ଉତ୍ତରଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ଅଟେ । ଯେତେଦୂର ସମ୍ଭବ ସଂପୃକ୍ତ ଶିକ୍ଷା କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ଶିକ୍ଷା ସଂସଦ, ଗୋଷ୍ଠୀ ସଦସ୍ୟ, କମିଟି ଓ ସଂଘ, ଜାତି ସଂଘ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ନେଇ ଏକ ବ୍ୟବସ୍ଥା ଗଢିବା ଆବଶ୍ୟକ । ଉପଦେଶ ଓ ସହକର୍ମୀଙ୍କ ସହଯୋଗରେ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନେ ନିଜପାଇଁ ଲକ୍ଷ୍ୟଧାର୍ଯ୍ୟ ଓ ନିଜର ଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପଗୁଡ଼ିକ ନିର୍ଣ୍ଣୟ କରିପାରିବେ । (ମାନଦଣ୍ଡ-୧, ୨, ମାର୍ଗଦର୍ଶିକା ଟିପ୍ପଣୀ ୧-୫ ଓ ୟୁନେସ୍କୋ / ଆଇ.ଏଲ.ଓ ର ଶିକ୍ଷକଙ୍କ ସ୍ଥିତି ଉପରେ ସୁପାରିଶ (୧୯୬୬) ଦ୍ରଷ୍ଟବ୍ୟ ।

**୩. ସାମର୍ଥ୍ୟ ବୃଦ୍ଧି, ତାଲିମ ଓ ବୃତ୍ତିଗତ ବିକାଶ** ଶିକ୍ଷକମାନଙ୍କ ସହିତ ସେମାନଙ୍କର ପ୍ରେରଣା, ପ୍ରୋତ୍ସାହନ ବ୍ୟବସ୍ଥା, ଦକ୍ଷତାବୃଦ୍ଧି ପାଇଁ ଆବଶ୍ୟକତା ଓ ଅଗ୍ରାଧିକାର ବିଷୟରେ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ବୃତ୍ତିଗତ ବିକାଶ ପାଇଁ ଚାକିରୀ ପୂର୍ବ ଓ ଚାକିରୀ କାଳର ଆବଶ୍ୟକତା ଓ ସୁଯୋଗ ଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରେ । ଦକ୍ଷତାବୃଦ୍ଧି, ତାଲିମ ଓ ବୃତ୍ତିଗତ ବିକାଶ ପାଇଁ ଏକ ପାତରଅନ୍ତର ହୀନ ଉପାୟ ମାଧ୍ୟମରେ ସାହାଯ୍ୟ କରିବା ଆବଶ୍ୟକ । (ମାନଦଣ୍ଡ - ୨ ଓ ମାର୍ଗଦର୍ଶିକା ଟିପ୍ପଣୀ ୩)

**୪. କାର୍ଯ୍ୟ ସମ୍ପାଦନ ମୂଲ୍ୟାୟନ** କାର୍ଯ୍ୟ ସମ୍ପାଦନର ସଠିକ୍ ମୂଲ୍ୟାୟନ ଉତ୍ତମ କାର୍ଯ୍ୟସମ୍ପାଦନ କରିବାରେ ସାହାଯ୍ୟକରେ । ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀଙ୍କର ଦକ୍ଷତା ଓ କାର୍ଯ୍ୟକାରିତାର ମୂଲ୍ୟାୟନ ସମୟରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସଂଗେ ପ୍ରସଙ୍ଗଗୁଡ଼ିକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକ ପାଇଁ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରିବା ବିଷୟରେ ଆଲୋଚନା କରିବା ବିଧେୟ ।

ଗୋଟିଏ କାର୍ଯ୍ୟ ସମ୍ପାଦନ ମୂଲ୍ୟାୟନ ପ୍ରକ୍ରିୟାରେ ନିମ୍ନଲିଖିତ କାର୍ଯ୍ୟାବଳୀ ଅନ୍ତର୍ଭୁକ୍ତ :

- ଶ୍ରେଣୀ ପର୍ଯ୍ୟବେକ୍ଷଣ ଓ ମାନ ନିର୍ଦ୍ଧାରଣ କୁ ସହାୟତା କରୁଥିବା ନିର୍ଣ୍ଣାୟକ ନୀତି ପ୍ରଣୟନ
- ମତାମତ ପ୍ରଦାନ
- ଅଭିବୃଦ୍ଧି ଓ ଉନ୍ନତିକୁ ମାପିବା ପାଇଁ ଲକ୍ଷ୍ୟ ଓ ଇପ୍ସିତ ଉଦ୍ଦେଶ୍ୟ ନିର୍ଦ୍ଧାରଣ । (ମାର୍ଗଦର୍ଶିକା ଟିପ୍ପଣୀ ୩ ଓ ୫, ମାନଦଣ୍ଡ- ୨ ଦ୍ରଷ୍ଟବ୍ୟ)

**୫. ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ** ମୂଲ୍ୟାୟନ ଓ ମାନନିର୍ଦ୍ଧାରଣ ପ୍ରକ୍ରିୟାରେ ବିଦ୍ୟାର୍ଥୀମାନଙ୍କୁ ସାମିଲକରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଶିକ୍ଷଣ ପରିବେଶର ସମସ୍ତ ଦିଗଗୁଡ଼ିକୁ ବୁଝିବାରେ ଏବଂ ଗୁଣବତ୍ତା ହାସଲ କରିବାରେ ସାହାଯ୍ୟକରେ । ମୂଲ୍ୟାୟନ ପ୍ରକ୍ରିୟାର ଅଂଶସ୍ୱରୂପ ବିଦ୍ୟାର୍ଥୀମାନେ ନିରପେକ୍ଷ ଦଳଗୁଡ଼ିକୁ ସାମୟିକ ଭାବେ ନିଜର ମତାମତ ପ୍ରଦାନ କରିପାରିବେ । ବିଦ୍ୟାଦାନ, କର୍ତ୍ତବ୍ୟ ସମ୍ପାଦନ, ବ୍ୟବହାର, ଶିକ୍ଷଣ ପରିବେଶ ସମ୍ବନ୍ଧୀୟ ଚିନ୍ତା ଓ ସୁରକ୍ଷା ପ୍ରସଙ୍ଗ ଗୁଡ଼ିକ ବିଷୟବସ୍ତୁର ଅନ୍ତର୍ଭୁକ୍ତ ହୋଇପାରିବେ ।

**୬. ମାନସିକ-ସାମାଜିକ ସହାୟତା ଓ ସୁସ୍ଥତା** ତାଲିମପ୍ରାପ୍ତ ଓ ଅଭିଜ୍ଞ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀମାନେ ମଧ୍ୟ ସଂଙ୍କଟଜନକ ପରିସ୍ଥିତିର ଘଟଣାବଳୀଦ୍ୱାରା ଭାରାକ୍ରାନ୍ତ ହୋଇଥାନ୍ତି । ସେମାନେ ନୂତନ ଆହ୍ୱାନ ଓ ଦାୟିତ୍ୱର ସମ୍ମୁଖୀନ ହୋଇ ନିଜକୁ ଅସହାୟ ମନେକରନ୍ତି । ପରିସ୍ଥିତି ସହିତ ନିଜକୁ ତଥା ବିଦ୍ୟାର୍ଥୀମାନଙ୍କୁ ଖାପ ଖୁଆଇ ପାରିବା ପାଇଁ ଆବଶ୍ୟକ ସାମର୍ଥ୍ୟ ସେମାନଙ୍କର ନିଜ ସ୍ୱାସ୍ଥ୍ୟବସ୍ଥା ଓ ଉପଲବ୍ଧ ସହାୟତା ଉପରେ ନିର୍ଭରକରେ । (ମାନଦଣ୍ଡ ୧, ୨, ୩ ଓ ମାର୍ଗଦର୍ଶିକା ଟିପ୍ପଣୀ ୭, ୮, ୯ ଦ୍ରଷ୍ଟବ୍ୟ)

ଏହି ମାନଦଣ୍ଡଗୁଡ଼ିକର ପ୍ରୟୋଗ ପାଇଁ ଆବଶ୍ୟକ ଉପକରଣ ବିଷୟରେ ଜାଣିବା ପାଇଁ www.ineesite.org/toolkit ଦେଖନ୍ତୁ ।

ଆଇଏନ୍‌ଇଇର ସରଜାଂମ
└ ଆଇଏନ୍‌ଇଇକୁ ସର୍ବନିମ୍ନ ମାନଦଣ୍ଡ
└ ଋପାୟନ ଉପକରଣ
└ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷା କର୍ମଚାରୀମାନେ

# ୫. ଶିକ୍ଷାନୀତି

## ୫.ଭିତ୍ତିଗତ ମାନଦଣ୍ଡ କ୍ଷେତ୍ର: ଗୋଷ୍ଠୀ ଅଂଶଗ୍ରହଣ, ସମନ୍ୱୟ ଓ ସମୀକ୍ଷା

**ଶିକ୍ଷାନୀତି ପରିସର**

| ମାନଦଣ୍ଡ- ୧<br>ଆଇନ ଓ ନୀତି ପ୍ରଣୟନ | ମାନଦଣ୍ଡ- ୨<br>ଯୋଜନା ଓ ରୂପାୟନ |
|---|---|
| ସମସ୍ତଙ୍କ ପାଇଁ ମୁକ୍ତ ପାଠପଢ଼ିବାର ସୁଯୋଗ ଦେବାପରି ଗୁଣାତ୍ମକ ଶିକ୍ଷାର ନିରନ୍ତରତା ଓ ପୁନଃର୍ଲାଭ ଉପରେ ଶିକ୍ଷା କର୍ତ୍ତୃପକ୍ଷଙ୍କ ଅଗ୍ରାଧିକାର | ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ ଆନ୍ତର୍ଜାତୀୟ ଓ ଜାତୀୟ ଶିକ୍ଷାନୀତି, ଆଇନ, ମାନଦଣ୍ଡ ଓ ଯୋଜନା ଏବଂ ପ୍ରଭାବିତ ହେଉଥିବା ଲୋକଙ୍କ ଶିକ୍ଷଣ ଆବଶ୍ୟକତାକୁ ବିଚାରକୁ ନେବା । |

ଆନ୍ତର୍ଜାତିକ ଆଇନ ଦଲିଲ ଓ ଘୋଷଣାନାମା ସମସ୍ତଙ୍କର ଶିକ୍ଷାଲାଭ ଅଧିକାରକୁ ସ୍ୱୀକୃତି ଦେଇଛି । ଏହି ଅଧିକାର ପ୍ରତି ସମ୍ମାନ ଜଣାଇବା, ତାକୁ ସୁରକ୍ଷା ଦେବା ଏବଂ ଅଧିକାରଟିକୁ ସାବ୍ୟସ୍ତ କରିବା ଜାତୀୟ କର୍ତ୍ତୃପକ୍ଷ ଓ ଆନ୍ତର୍ଜାତୀୟ ସମୁଦାୟର କର୍ତ୍ତବ୍ୟ । ସ୍ୱାଧୀନ ଭାବରେ ଭାବପ୍ରକାଶ କରିବା, ବାଛବିଚାରର ଶିକାର ନ ହେବା ଏବଂ ସାମାଜିକ ଓ ଶିକ୍ଷାନୀତି ସମ୍ବନ୍ଧୀୟ ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ମତ ପ୍ରକାଶ କରିବା ଭଳି ଅଧିକାର ଶିକ୍ଷା ଲାଭ କରିବା ଅଧିକାରର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ ।

ଆପଦକାଳୀନ ପରିସ୍ଥିତିରେ ପୁର୍ନଉଦ୍ଧାର ପ୍ରକ୍ରିୟା ମଧ୍ୟରେ ଏହି ଅଧିକାର ଗୁଡ଼ିକ ସୁରକ୍ଷିତ ରହିବା ଅତ୍ୟନ୍ତ ଆବଶ୍ୟକ । ଏ ଦିଗରେ ସହାୟତା ଯୋଗାଇଦେବା ନିମନ୍ତେ ଶିକ୍ଷା କର୍ତ୍ତୃପକ୍ଷ ଏବଂ ଶିକ୍ଷା ସହିତ ଜଡ଼ିତ ସମସ୍ତ ଅଂଶୀଦାରମାନେ ଜରୁରୀକାଳୀନ ଶିକ୍ଷା ସମ୍ବନ୍ଧରେ ଯୋଜନା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କରାଇବା ଆବଶ୍ୟକ । ଏହି ଯୋଜନା–

- ଜାତୀୟ ଓ ଅନ୍ତର୍ଜାତୀୟ ଶିକ୍ଷା ସମ୍ବନ୍ଧୀୟ ମାନଦଣ୍ଡ ଓ ଶିକ୍ଷାନୀତିକୁ ବିଚାରକୁ ନେବା ଉଚିତ,
- ଶିକ୍ଷା ଅଧିକାର ପ୍ରତି ନିଜର ପ୍ରତିବଦ୍ଧତାର ପ୍ରମାଣ ଦେବା ଆବଶ୍ୟକ,
- ସଂକଟମୟ ପରିସ୍ଥିତି ଦ୍ୱାରା ପ୍ରଭାବିତ ହେଉଥିବା ଲୋକମାନଙ୍କର ଶିକ୍ଷଣ ଆବଶ୍ୟକତା ଏବଂ ଅଧିକାର ପ୍ରତି ନିଜର ଦାୟିତ୍ୱବୋଧ ପ୍ରଦର୍ଶନ କରିବା ଉଚିତ୍,
- ପ୍ରତ୍ୟେକଙ୍କ ନିମନ୍ତେ ଗୁଣାତ୍ମକ ଶିକ୍ଷାଲାଭର ସୁଯୋଗକୁ ନିଶ୍ଚିତ କରାଇବା ଦିଗରେ ବିଭିନ୍ନ ପଦକ୍ଷେପକୁ ନିଜ ଭିତରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ,
- ଜରୁରୀକାଳୀନ ଅବସ୍ଥା ପାଇଁ ପ୍ରସ୍ତୁତି, ମୁକାବିଲା ଏବଂ ଦୀର୍ଘକାଳୀନ ବିକାଶ ମଧ୍ୟରେ ରହୁଥିବା ସଂପର୍କର ସୂତ୍ର ସମ୍ବନ୍ଧରେ ଏକ ସ୍ପଷ୍ଟ ଚିତ୍ର ଦେଉଥିବା ଆବଶ୍ୟକ ।

ଜରୁରୀକାଳୀନ ଅବସ୍ଥାର ପ୍ରସ୍ତୁତି ଏବଂ ସଫଳ ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତି କରିବା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଓ ନୀତିନିୟମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ନିମନ୍ତେ ଗୋଷ୍ଠୀର ସଂପୃକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଲିଙ୍ଗଗତ ସମାନତା ରକ୍ଷା ଏବଂ ବିଭିନ୍ନତା ପ୍ରତି ସମ୍ମାନ ଦେବା କଥାକୁ ନିଶ୍ଚିତ କରାଇବା ଉଦ୍ଦେଶ୍ୟରେ, ଜରୁରୀକାଳୀନ ଶିକ୍ଷାନୀତି ଓ କାର୍ଯ୍ୟାବଳୀ 'ଶିଶୁ ଅଧିକାର'ର ବ୍ୟବସ୍ଥା ଗୁଡ଼ିକୁ ଅଙ୍ଗୀଭୂତ କରିବା ଉଚିତ ଏବଂ ସମସ୍ତଙ୍କ ପାଇଁ 'ଶିକ୍ଷା' ଓ 'ମିଲେନିଅମ ଡେଭଲପମେଣ୍ଟ ଗୋଲ୍'ର ମୂଳ ଢ଼ାଞ୍ଚାକୁ ପ୍ରତିଫଳନ କରିବା ଉଚିତ । ଏହି ଉପକରଣ ଗୁଡ଼ିକ ଶିକ୍ଷାନୀତି ଓ ଆଇନଗୁଡ଼ିକୁ ସମର୍ଥନ କରିବା ସହିତ ସେଗୁଡ଼ିକୁ ପ୍ରୋତ୍ସାହନ ଯୋଗାନ୍ତି ଏବଂ ଶିକ୍ଷା କ୍ଷେତ୍ରରେ ସବୁପ୍ରକାରର, ବାଛବିଚାର ଘଟଣାକୁ ଏଡାଇଯିବାରେ ସାହାଯ୍ୟ କରନ୍ତି । ଲିଙ୍ଗ, ଧର୍ମ, ଜାତି, ଭାଷା ଏବଂ ଭିନ୍ନକ୍ଷମ ଅଧାରରେ ଏହି ବାଛବିଚାର ପ୍ରାୟତଃ ଗଢ଼ି ଉଠିଥାଏ ।

## ଶିକ୍ଷାନୀତି ମାନଦଣ୍ଡ-୧ : ଆଇନ ଓ ନୀତି ପ୍ରସ୍ତୁତି

ଦେୟମୁକ୍ତ ଓ ଅନ୍ତର୍ଭୁକ୍ତି ଶିକ୍ଷା ସମେତ ଗୁଣାତ୍ମକ ଶିକ୍ଷାର ନିରନ୍ତରତା ଓ ପୁନଃପ୍ରାପ୍ତି ଉପରେ ଶିକ୍ଷା ଅଧିକାରୀମାନେ ଗୁରୁତ୍ୱ ଦେଇଥାନ୍ତି ।

**ମୁଖ୍ୟ କାର୍ଯ୍ୟାବଳୀ** (ମାର୍ଗଦର୍ଶୀ ଟିପ୍ପଣୀ ସହିତ ପଢ଼ିବାକୁ ହେବ ।)

- ଶିକ୍ଷା ସୁବିଧା ସୁଯୋଗ, ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷାକର୍ମଚାରୀଙ୍କ ଆନ୍ତର୍ଜାତିକ ମାନବିକତାପୂର୍ଣ୍ଣ ଓ ମାନବିକ ଅଧିକାର ଆଇନଦ୍ୱାରା ସୁରକ୍ଷିତ ସ୍ଥିତିକୁ ଜାତୀୟ ଶିକ୍ଷା ଆଇନ, ନିୟମାବଳୀ ଓ ନୀତିସମୂହ ବଜାୟ ରଖନ୍ତି (ମାର୍ଗଦର୍ଶୀ ଟିପ୍ପଣୀ- ୧ ଦେଖନ୍ତୁ ।
- ଜାତୀୟ ଶିକ୍ଷା ଆଇନ, ନିୟମାବଳୀ ଏବଂ ନୀତି ସମୂହ ଶିକ୍ଷା ଅଧିକାରକୁ ସମ୍ମାନ ଦିଅନ୍ତି, ତାକୁ ସୁରକ୍ଷା ଦିଅନ୍ତି; ସେହି ଅଧିକାରର ପରିପୂରଣ ପାଇଁ କାର୍ଯ୍ୟ କରନ୍ତି ଏବଂ ଶିକ୍ଷା କିପରି ନିରନ୍ତର ଭାବରେ ଜାରିରହିବ, ତାହା ସୁନିଶ୍ଚିତ କରନ୍ତି । (ମାର୍ଗଦର୍ଶୀ ଟିପ୍ପଣୀ- ୧ ଓ ୨ ଦେଖନ୍ତୁ ) ।
- ପୁନଃ ଗଠିତ ହୋଇଥିବା ବା ବଦଳା ଯାଇଥିବା ଶିକ୍ଷା ସମ୍ବନ୍ଧୀୟ ପ୍ରତ୍ୟେକ ସୁବିଧାସୁଯୋଗ ନିରାପଦ ବୋଲି ଏହି ଆଇନ, ନିୟମାବଳୀ ଓ ନୀତିସମୂହ ସୁନିଶ୍ଚିତ କରନ୍ତି । (ମାର୍ଗଦର୍ଶୀ ଟିପ୍ପଣୀ-୨ ଓ ୩ ଦେଖନ୍ତୁ) ।
- ଆଇନ ଓ ନିୟମାବଳୀ ନୀତିସମୂହ ସହଭାଗିତାମୂଳକ ଓ ଅନ୍ତର୍ଭୂକ୍ତି ପ୍ରକ୍ରିୟା ମାଧ୍ୟମରେ ବିକଶିତ ପ୍ରସଙ୍ଗ ଉପରେ ଆଧାରିତ ହୋଇଥାଏ । (ମାର୍ଗଦର୍ଶୀ ଟିପ୍ପଣୀ-୪ ଦେଖନ୍ତୁ) ।
- ଜରୁରୀକାଳୀନ ପରିସ୍ଥିତିକୁ ତତ୍‌କାଳ ମୁକାବିଲା ଭଳି କାର୍ଯ୍ୟଯୋଜନା, ଆଇନ ଓ ବଜେଟକୁ ଜାତୀୟ ଶିକ୍ଷାନୀତି ସହାୟତା ଦେଇଥାଏ । (ମାର୍ଗଦର୍ଶୀ ଟିପ୍ପଣୀ-୫ ଓ ୬ ଦେଖନ୍ତୁ) ।
- ଶରଣାର୍ଥୀମାନଙ୍କ ପାଇଁ ସ୍ଥାପିତ ସ୍କୁଲଗୁଡ଼ିକ ଆୟୋଜକ ଦେଶର ବା ଶରଣାର୍ଥୀମାନଙ୍କ ନିଜଦେଶର ପାଠ୍ୟକ୍ରମ ଓ ଭାଷାକୁ ବ୍ୟବହାର କରିବା ପାଇଁ ଆଇନ, ନିୟମାବଳୀ ଓ ନୀତିସମୂହ ସ୍ୱିକୃତୀ ଦେଇଥା'ନ୍ତି । (ମାର୍ଗଦର୍ଶୀ ଟିପ୍ପଣୀ ୭ ଦେଖନ୍ତୁ) ।
- ଜରୁରୀକାଳୀନ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥା ବଜାୟ ରଖିବାକୁ ଆଇନ, ନିୟମାବଳୀ ଓ ନୀତି ସମୂହ ବେସରକାରୀ କର୍ମକର୍ତ୍ତା, ଯଥା: ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜାତିସଂଘର ସଂସ୍ଥାଗୁଡ଼ିକୁ ଅନୁମତି ଦେଇଥାଆନ୍ତି । (ମାର୍ଗଦର୍ଶୀ ଟିପ୍ପଣୀ-୮ ଦେଖନ୍ତୁ) ।

## ମାର୍ଗଦର୍ଶୀ ଟପ୍ପଣୀ:

**୧. ଆନ୍ତର୍ଜାତିକ ମାନବିକାଧିକାରର ବ୍ୟବସ୍ଥା ଅନୁସାରେ ଶିକ୍ଷା ଅଧିକାରକୁ ସମ୍ମାନ କରିବା, ସୁରକ୍ଷା ଦେବା ଏବଂ ତାହାକୁ ପରିପୂର୍ଣ୍ଣ କରିବାର ଦାୟିତ୍ୱ ହେଉଛି ଜାତୀୟ ଅଧିକାରୀମାନଙ୍କର ।**

ଏହି ମାନବିକ ଅଧିକାର ଦଲିଲ୍‌ଗୁଡ଼ିକରେ ଅନ୍ତର୍ଭୁକ୍ତ ହୋଇଛି ଶିଶୁ ଓ ଯୁବବର୍ଗ ଉପରେ ପ୍ରାଧାନ୍ୟ ସମେତ ସବୁଲୋକଙ୍କ ଯତ୍ନ ନେବା ପାଇଁ ସମସ୍ତ ଆନ୍ତର୍ଜାତୀୟ ନିୟମ । ଏଥିରେ ରହିଛି ପୁଷ୍ଟିକର ଖାଦ୍ୟ, ଆମୋଦପ୍ରମୋଦ, ସଂସ୍କୃତି, ନିର୍ଯ୍ୟାତନା ପ୍ରତିରୋଧ ଏବଂ ଛ' ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପାଇଁ ଆଦ୍ୟ-ଶୈଶବ ଶିକ୍ଷା । ଶିଶୁମାନଙ୍କ ଅଧିକାର ସଂପର୍କରେ ସମ୍ମେଳନ ବିଶେଷ ଗୁରୁତ୍ୱ ବହନ କରେ; କାରଣ ଏହା ଶିଶୁମାନଙ୍କର ଉଭୟ ଶିକ୍ଷା ଅଧିକାର ଓ ଶିକ୍ଷା ପ୍ରକ୍ରିୟାରେ ସେମାନଙ୍କ ଅଧିକାର, ଯଥା ଯେଉଁ ନିଷ୍ପତ୍ତିଦ୍ୱାରା ସେମାନେ ପ୍ରଭାବିତ ହେବେ ସେ ସଂପର୍କରେ ସେମାନଙ୍କ ସହିତ ବିଚାରବିମର୍ଶ କରିବା, ସେମାନଙ୍କ ସାଙ୍ଗରେ ସମ୍ମାନର ସହିତ ବ୍ୟବହାର କରିବା ଏବଂ ନିଜ ଅଧିକାର ସଂପର୍କରେ ସେମାନେ ଅବଗତ ହେବାର ଅଧିକାର ଇତ୍ୟାଦିକୁ ନିଜର ପରିସରଭୁକ୍ତ କରିଛି । (ଗୋଷ୍ଠୀ ଅଂଶଗ୍ରହଣ-୧, ମାର୍ଗଦର୍ଶୀ ଟିପ୍ପଣୀ-୫; ପ୍ରବେଶ ଓ ଶିକ୍ଷଣ ପରିବେଶ ସ୍ତର-୧, ମାର୍ଗଦର୍ଶୀ ଟିପ୍ପଣୀ-୧, ୨; ଶିକ୍ଷାଦାନ ଓ ଶିକ୍ଷଣ ସ୍ତର-୧, ମାର୍ଗଦର୍ଶୀ ଟିପ୍ପଣୀ-୫, ୬ ଦେଖନ୍ତୁ ।)

ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷାକର୍ମଚାରୀଙ୍କୁ ସାଧାରଣ ନାଗରିକ ଭାବରେ ସମାଜରେ ପ୍ରାଧାନ୍ୟ ମିଳିଥିବା ପରି ଶିକ୍ଷାନୁଷ୍ଠାନ ଗୁଡ଼ିକୁ ମଧ୍ୟ ସାମାଜିକ ସ୍ୱୀକୃତି ଦିଆଯାଇଛି । ଜେନିଭା ସମ୍ମେଳନର ସୁପାରିଶ ଅନୁସାରେ ଏମାନଙ୍କୁ ସଶସ୍ତ୍ର ଆକ୍ରମଣରୁ ସୁରକ୍ଷିତ ରଖାଯାଇଛି । ଏହା ଅନ୍ତର୍ଜାତୀୟ ମାନବୀୟ ଆଇନର ଏକ ଅଂଶ ଯାହାକୁ ପ୍ରତ୍ୟେକ ଦେଶ ଅନୁମୋଦନ କରିଛନ୍ତି । ଏହି ସୁରକ୍ଷିତ ମର୍ଯ୍ୟାଦାକୁ ଜାତୀୟ ଆଇନ ଓ ଅଭ୍ୟାସରେ ପରିଣତ କରିବା ପାଇଁ ଜାତୀୟ ଅଧିକାରୀ, ଆନ୍ତର୍ଜାତୀୟ ଅଂଶୀଦାରମାନେ ସମର୍ଥନ ଓ ସହଯୋଗର ହାତ ବଢ଼ାଇବା ଉଚିତ । ଶିକ୍ଷା ସମ୍ବନ୍ଧୀୟ ସୁବିଧା ସୁଯୋଗ ଗୁଡ଼ିକୁ ସାମୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବାକୁ ବିରୋଧ କରିବା ଆବଶ୍ୟକ ।

ହିଂସା ଯୋଗୁଁ ଶିକ୍ଷାର ଅବିଚ୍ଛିନ୍ନତା ଓ ଶିଶୁ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଲା ବେଳେ ଶିକ୍ଷାସେବା, ମାନବିକ ଅଧିକାର ଓ ଶିକ୍ଷାସମ୍ବନ୍ଧିତ ମାନବୀୟ ଆଇନ ପ୍ରାଧାନ୍ୟ ପାଏ ଏବଂ ସେ ସଂପର୍କରେ, ବହୁ ପ୍ରଚାର ହୁଏ । ଶିକ୍ଷାର୍ଥୀ, ଶିକ୍ଷାକର୍ମଚାରୀ ଓ ଶିକ୍ଷା ସମ୍ବନ୍ଧୀୟ ସୁବିଧା ସୁଯୋଗ ଉପରେ ଆକ୍ରମଣ ହେଲେ ସେ ସବୁର ତଦାରଖ କରିବା ଏବଂ ସେସମ୍ବନ୍ଧରେ ସୂଚନା ପ୍ରଦାନ କରିବା ଅତ୍ୟନ୍ତ ଆବଶ୍ୟକ । ଏହା ଫଳରେ କ୍ଷତିଗ୍ରସ୍ତ ହେଉଥିବା ଲୋକମାନଙ୍କ ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇଥାଏ ଏବଂ ଅନୁସନ୍ଧାନ ସମ୍ବନ୍ଧରେ ଓ ଅପରାଧୀ ବିରୋଧରେ ଆଇନଗତ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ମିଳିତ ପ୍ରଚେଷ୍ଟାର ସୁଯୋଗ ସୃଷ୍ଟି ହୋଇଥାଏ । (ପ୍ରବେଶ ଓ ଶିକ୍ଷଣ ପରିବେଶ ସ୍ତର-୨, ମାର୍ଗଦର୍ଶୀ ଟିପ୍ପଣୀ ୧ ,୩-୪ ଏବଂ ୬-୭ ଦେଖନ୍ତୁ) ।

**୨. ସମସ୍ତଙ୍କ ପାଇଁ ଶିକ୍ଷାର ଅବିଚ୍ଛିନ୍ନତା ବଜାୟ ରଖିବା ବିଷୟକୁ ଜାତୀୟ ଶିକ୍ଷା ଆଇନ ଓ ନୀତିସମୂହ ସୁନିଶ୍ଚିତ କରିବା ଉଚିତ ।** ଜ୍ଞାତ, ପ୍ରତ୍ୟାଶିତ ଏବଂ ବାରମ୍ବାର ଘଟୁଥିବା ବିପଦର ଆଶଙ୍କା ଜାତୀୟ ଓ ସ୍ଥାନୀୟ ସ୍କୁଲ୍‌ର ସମ୍ଭାବ୍ୟ କର୍ମଯୋଜନାର ପରିସରଭୁକ୍ତ ହେବା ଉଚିତ । ଶିକ୍ଷା ଉପରେ ନକାରାତ୍ମକ ପ୍ରଭାବ ପକାଉଥିବା ନିୟମିତ ବନ୍ୟା ପରି ଛୋଟକାଟର ବିପର୍ଯ୍ୟୟ ଏଥିରେ ସାମିଲ ହୋଇଥାଏ । ଏପରି ବିପର୍ଯ୍ୟୟର ଶିକାର ହେଉଥିବା ଶିଶୁ ଓ ଯୁବକମାନଙ୍କର ଆବଶ୍ୟକତା ପୂରଣ କରିବା ଦିଗରେ ଦୃଷ୍ଟି ଦିଆଯାଇଥାଏ । ଯେଉଁ ଦେଶ ଗୁଡ଼ିକରେ ଶିକ୍ଷା ପାଇଁ କୌଣସି ଜରୁରୀକାଳୀନ କିମ୍ବା ବିପର୍ଯ୍ୟୟ ମୁକାବିଲା ଆଇନ ନାହିଁ ସେଠାରେ ଏପ୍ରକାର ଆଇନ ତିଆରି କରିବା ପାଇଁ ଜରୁରୀକାଳୀନ ପରିସ୍ଥିତି ସୁଯୋଗ ସୃଷ୍ଟି କରିଥାଏ । (ସମୀକ୍ଷା ପଦ୍ଧତି ସ୍ତର-୧, ମାର୍ଗଦର୍ଶୀ ଟିପ୍ପଣୀ-୩; ପ୍ରବେଶ ଓ ଶିକ୍ଷଣ ପରିବେଶ ସ୍ତର-୨, ମାର୍ଗଦଶୀ ଟିପ୍ପଣୀ-୧୧; ଶିକ୍ଷାଦାନ ଓ ଶିକ୍ଷଣ ସ୍ତର-୨, ମାର୍ଗଦର୍ଶୀ ଟିପ୍ପଣୀ-୬ ଦେଖନ୍ତୁ ।)

ସ୍କୁଲ୍ ଯିବା ବୟସଠାରୁ ନିମ୍ନରେ ଥିବା ପିଲାଙ୍କ ନିମନ୍ତେ ଆଦ୍ୟ ଶୈଶବ ବିକାଶ ମୂଳକ ସେବା ଏବଂ ସେହିପିଲାମାନଙ୍କର ପିତାମାତା ଅଥବା ଅଭିଭାବକମାନେ ଶିକ୍ଷାନୀତି ଓ ଶିକ୍ଷାକାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବା ଉଚିତ, ଏହି ସେବାରେ ନିମ୍ନ ପ୍ରସଙ୍ଗ ଗୁଡ଼ିକ ଅଙ୍ଗୀଭୂତ ହୋଇପାରେ ।

- ଆଦ୍ୟ କାଳୀନ ଯତ୍ନ ଏବଂ ପିତାମାତାଙ୍କ ନିମନ୍ତେ ଦଳଗଠନ,
- ଖେଳ ନିମନ୍ତେ ଦଳ ଗଠନ,
- ସୁରକ୍ଷିତ କାର୍ଯ୍ୟକ୍ରମରେ କିଶୋର କିଶୋରୀଙ୍କୁ ଅନ୍ତର୍ଭୁକ୍ତ କରିବା,
- ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସଂଯୋଗ ରକ୍ଷା କରିବା ।

ଜାତୀୟ ଯୁବନୀତି ଥିବା ଦେଶଗୁଡ଼ିକରେ ଯୁବବର୍ଗ ଉପରେ କେନ୍ଦ୍ରିତ ହୋଇଥିବା ଆନ୍ତଃ କ୍ଷେତ୍ର କାର୍ଯ୍ୟକୁ ଜରୁରୀକାଳୀନ ସ୍ଥିତି ସୁଦୃଢ଼ କରିଥାଏ । ଯେଉଁ ଦେଶରେ ଏପରି ଜାତୀୟ ଯୁବନୀତି ନ ଥାଏ, ସେଠାରେ ସଂପୃକ୍ତ ଅଂଶୀଦାରମାନେ ସଂକଟଜନକ ପରିସ୍ଥିତିରେ ଯୁବବର୍ଗ ସଂପର୍କିତ ପ୍ରସଙ୍ଗଗୁଡ଼ିକ ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଉଚିତ । ଯୁବବର୍ଗର ପ୍ରସଙ୍ଗଗୁଡ଼ିକୁ ବିଚାରକୁ ନେଉଥିବା ଆନ୍ତଃକ୍ଷେତ୍ରୀୟ ନୀତି, କାର୍ଯ୍ୟକ୍ରମ ଯୋଜନା ଓ ଏହାର କାର୍ଯ୍ୟକାରିତା ସହଭାଗିତାର ସହିତ ପରିଚାଳିତ ହେବା ଆବଶ୍ୟକ । ଏକ ଜାତୀୟ ଯୁବନୀତି ବିକଶିତ କରାଇବାକୁ ହେଲେ ତାହା ବିଭିନ୍ନ ଯୁବବର୍ଗର ସ୍ୱାର୍ଥ ଓ ପ୍ରଭାବ ଏବଂ ଯୁବବର୍ଗର ଅଂଶଗ୍ରହଣର ବିଭିନ୍ନ ପ୍ରକାର ସମ୍ଭାବ୍ୟ ବିପଦ/ଆଶଂକା ଇତ୍ୟାଦିକୁ ଭିତ୍ତିକରି ପ୍ରସ୍ତୁତ କରାଯିବା ଉଚିତ । ଏକ ଜାତୀୟ ଯୁବନୀତି ନିମ୍ନସୂଚିତ

ଜାତୀୟ ଢ଼ାଞ୍ଚାକୁ ପୂରଣ କରିବା ଆବଶ୍ୟକ-

- ଶିକ୍ଷା,
- ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଓ ତାଲିମ,
- ଜରୁରୀକାଳୀନ ପ୍ରସ୍ତୁତି ।

**୩. ନୂଆ ଓ ପୁନଃନିର୍ମିତ ସ୍କୁଲଗୁଡ଼ିକର ସୁରକ୍ଷା:** ଜଣାଶୁଣା ବିପଦ ଓ ଭୟଠାରୁ ସୁରକ୍ଷିତ ରହିବା ଭଳି ସ୍ଥାନରେ ସ୍କୁଲଗୁଡ଼ିକ ସ୍ଥାପିତ ହେବା ଉଚିତ ଏବଂ ଏଗୁଡ଼ିକ ଏପରି ଭାବରେ ନିର୍ମିତ ହେବା ଆବଶ୍ୟକ ଯେପରିକି କୌଣସି ବିପଦ ଦ୍ୱାରା ପ୍ରଭାବିତ ହେଲେ ଏଗୁଡ଼ିକ ପୂର୍ବ ଅବସ୍ଥାକୁ ଫେରି ଆସିପାରୁଥିବେ । ସ୍କୁଲ ପାଇଁ ଯଥେଷ୍ଟ ସ୍ଥାନ ରହିଥିବା ଉଚିତ, ଯେପରିକି ସ୍କୁଲଗୁଡ଼ିକୁ ଜରୁରୀକାଳୀନ ଅସ୍ଥାୟୀ ବାସସ୍ଥାନ ରୂପେ ବ୍ୟବହାର କରାଗଲେ ମଧ୍ୟ ପାଠପଢ଼ାରେ ବାଧାସୃଷ୍ଟି ହେବନାହିଁ ।

**୪. ପୃଷ୍ଠଭୂମିର ସମୀକ୍ଷା:** ଶିକ୍ଷା ଆଇନ ଓ ନୀତିଗୁଡ଼ିକରେ ଜରୁରୀକାଳୀନ ପୃଷ୍ଠଭୂମିରେ ସାମାଜିକ, ଅର୍ଥନୈତିକ, ନିରାପତ୍ତା ସମ୍ବନ୍ଧୀୟ, ପାରିବେଶିକ ଓ ରାଜନୈତିକ ସକ୍ରିୟତା ପ୍ରତିଫଳିତ ହେବା ଉଚିତ । ଏପରି ହୋଇପାରିଲେ ଶିକ୍ଷା ଯୋଜନା ଓ କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କର ଏବଂ ବୃହତ୍ତର ସମାଜର ଆବଶ୍ୟକତା ଓ ଅଧିକାରକୁ ପୂରଣକରେ ଏବଂ ସାମାଜିକ ବିଭାଜନ ଅଥବା ସଂଘର୍ଷକୁ ଏଡ଼ାଇ ଦିଏ ।

ସଂଘର୍ଷ ସମୀକ୍ଷା, ମାନବାଧିକାର ସମୀକ୍ଷା, ବିପଦର ଆଶଙ୍କା ଓ ବିପର୍ଯ୍ୟୟ ପ୍ରସ୍ତୁତି ସମୀକ୍ଷାକୁ ପୃଷ୍ଠଭୂମି ସମୀକ୍ଷାର ଅନ୍ତର୍ଭୁକ୍ତ କରାଯାଇପାରେ । ଶିକ୍ଷା ପ୍ରସଙ୍ଗଗୁଡ଼ିକୁ ସମୀକ୍ଷା କରାଯାଇଥିବା ବିଷୟକୁ ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ଶିକ୍ଷା ଅଧିକାରୀ ଓ ଶିକ୍ଷା ସହ ସଂପୃକ୍ତ ଅନ୍ୟ ଅଂଶୀଦାରମାନେ ପୃଷ୍ଠଭୂମି ସମୀକ୍ଷାରେ ଅଂଶଗ୍ରହଣ କରିବା ଆବଶ୍ୟକ । ଗୋଷ୍ଠୀ ସହିତ ବ୍ୟାପକ ବିଚାର ବିମର୍ଶ କରିବା ମଧ୍ୟ ପୃଷ୍ଠଭୂମି ସମୀକ୍ଷାର ଅନ୍ତର୍ଭୁକ୍ତ ହୋଇଥାଏ । ଏଭଳି ସମୀକ୍ଷା କରିବା ପାଇଁ ଶିକ୍ଷା ଅଧିକାରୀ ଓ ଶିକ୍ଷାର ଅନ୍ୟ ଅଂଶୀଦାରମାନେ ଏହାକୁ ଶିକ୍ଷାକ୍ଷେତ୍ରରେ ନିୟମିତ ସମୀକ୍ଷା ଓ ସଂସ୍କାର ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବା ସପକ୍ଷରେ ନିଜନିଜର ଯୁକ୍ତି ଉପସ୍ଥାପନ କରିବା ଉଚିତ ।

ବିପଦ ଆଶଙ୍କା ସମ୍ବଳିତ ସମୀକ୍ଷାରେ ରାଜନୈତିକ, ପ୍ରଶାସନିକ ଓ ଜନମଙ୍ଗଳକର ପରିବେଶରେ ଦୁର୍ନୀତିର ବିପଦ ଆଶଙ୍କା ଅନ୍ତର୍ଭୁକ୍ତ ହୋଇଥାଏ । ଜରୁରୀକାଳୀନ ଶିକ୍ଷା ପ୍ରବର୍ତ୍ତନ ଯୋଜନାର ପ୍ରସ୍ତୁତି ଓ କାର୍ଯ୍ୟକାରିତାରେ ଦୁର୍ନୀତି ସମ୍ବନ୍ଧୀୟ ଆଲୋଚନା ଯଥାସମ୍ଭବ ଖୋଲାଖୋଲି ଭାବରେ କରାଯିବା ଉଚିତ । ଏକ ଶକ୍ତିଶାଳୀ ଦୁର୍ନୀତି ବିରୋଧୀ ନୀତିର ବିକାଶ ନିମନ୍ତେ ଖୋଲା ଆଲୋଚନା ହେଉଛି ସବୁଠାରୁ ଭଲ ଉପାୟ । ଦୁର୍ନୀତି ପ୍ରସଙ୍ଗଗୁଡ଼ିକର ଆଲୋଚନାର ଅର୍ଥ ନୁହେଁ ଦୁର୍ନୀତିକୁ କ୍ଷମା କରିଦେବା କିମ୍ବା କୌଣସି କାର୍ଯ୍ୟକର୍ତ୍ତାଙ୍କ ଦୁର୍ବଳତା ପ୍ରତି ଇଙ୍ଗିତ କରିବା ।

**୫. ସୂଚନାର ଆଦାନ ପ୍ରଦାନ ଏବଂ ସୂଚନା ବ୍ୟବସ୍ଥା:** ଶିକ୍ଷାନୀତିର ବିକାଶ ଏବଂ ତାହାର କାର୍ଯ୍ୟକାରିତା ସହିତ ସଂପୃକ୍ତ ଲୋକମାନେ ନୀତି ଓ କୌଶଳଗୁଡ଼ିକ ସଂପର୍କରେ ସୂଚନାର ଆଦାନ ପ୍ରଦାନ କରିବା ଉଚିତ । ବିଶେଷକରି ସଂଘର୍ଷ ଓ ବିପର୍ଯ୍ୟୟ ଦୂରୀକରଣ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ । ସୂଚନା ଗୁଡ଼ିକ ସହଜରେ ବୁଝି ହେଉଥିବା ଉଚିତ ଏବଂ ତାହା ସମସ୍ତଙ୍କ ନିକଟରେ ପହଞ୍ଚିପାରୁଥିବା ଆବଶ୍ୟକ ।

ନିର୍ଭରଯୋଗ୍ୟ ସୂଚନା ଉପରେ ଆଧାର କରାଯାଇ ଆଇନ, ନିୟମାବଳୀ ଓ ନୀତି ବିକଶିତ ହେବା ଆବଶ୍ୟକ । ଶିକ୍ଷା ପରିଚାଳନା ସୂଚନା ବ୍ୟବସ୍ଥାର ତଥ୍ୟ ସହିତ ନିର୍ଦ୍ଦିଷ୍ଟ ଅଞ୍ଚଳ ଓ ନିର୍ଦ୍ଦିଷ୍ଟ ପ୍ରକାର ଜରୁରୀକାଳୀନ ସ୍ଥିତିରେ ସମ୍ମୁଖୀନ ହେଉଥିବା ଲୋକଙ୍କ ସଂପର୍କରେ ସୂଚନାର ସଂଯୋଗ ରହୁଥିବା ଉଚିତ । ଜାତୀୟ ଓ ସ୍ଥାନୀୟ ଶିକ୍ଷା ଯୋଜନା ପାଇଁ ତଥ୍ୟ ଯୋଗାଉଥିବା ଏହା ଏକ ପ୍ରସ୍ତୁତି କୌଶଳ । ସମ୍ଭବ ହେଉଥିବା ସ୍ଥାନରେ ଗୋଷ୍ଠୀଦ୍ୱାରା ସଂଗୃହୀତ ଶିକ୍ଷା ତଥ୍ୟକୁ ଜାତୀୟ ଶିକ୍ଷା ପରିଚାଳନା ସୂଚନା ବ୍ୟବସ୍ଥା ମଧ୍ୟରେ ସାମିଲ କରାଯିବା ଆବଶ୍ୟକ ।

**୬. ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଆଧାର:** ଶିକ୍ଷା ନିଶ୍ଚିତ ଭାବେ ଜାତୀୟ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମର ଆଧାର ଏବଂ ଏକ ଅଭିନ୍ନ ଅଙ୍ଗ ହେବା ଆବଶ୍ୟକ । ଏକ ଫଳପ୍ରଦ ଓ ସମୟୋଚିତ ଶିକ୍ଷା ପ୍ରବର୍ତ୍ତନ ପାଇଁ ସମ୍ବଳ ଯୋଗାଇଦିଆଯିବା ଆବଶ୍ୟକ । ବିକାଶ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଜରୁରୀକାଳୀନ ଶିକ୍ଷା ପ୍ରବର୍ତ୍ତନ ପାଇଁ ପ୍ରସ୍ତୁତିକୁ ଅନ୍ତର୍ଜାତୀୟ ଅଂଶୀଦାର, ଜାତୀୟ କିମ୍ବା ସ୍ଥାନୀୟ ଶିକ୍ଷାକାର୍ଯ୍ୟକ୍ରମଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇବା ଉଚିତ । ଗୋଷ୍ଠୀ ସ୍ତରରେ ମୁକାବିଲା ପ୍ରଚେଷ୍ଟାରେ ଶିଶୁ ଓ ଯୁବବର୍ଗଙ୍କ ଅଂଶଗ୍ରହଣ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ ଆଧାରରେ ସ୍ପଷ୍ଟ ବ୍ୟବସ୍ଥା ରହିବା ଆବଶ୍ୟକ ।

**୭. ପକ୍ଷପାତିତା ବିହୀନ:** ସମସ୍ତ ବର୍ଗର ଲୋକଙ୍କ ପାଖରେ ସମାନ ଢ଼ଙ୍ଗର ଶିକ୍ଷା ପହଞ୍ଚାଇବା ବିଷୟକୁ ଶିକ୍ଷା ଅଧିକାରୀମାନେ ସୁନିଶ୍ଚିତ କରିବେ । ଆନ୍ତର୍ଜାତୀୟ ଆଇନର ବ୍ୟବସ୍ଥା ଅନୁସାରେ ପ୍ରାଥମିକ ସ୍ତରରେ ଦେଶର ମୂଳବାସିନ୍ଦାମାନେ ଯେଉଁ ସ୍ତରର ଶିକ୍ଷା ହାସଲ କରିବେ, ସେ ଦେଶରେ ରହୁଥିବା ଶରଣାର୍ଥୀମାନେ ମଧ୍ୟ ସେହି ସ୍ତରର ଶିକ୍ଷା ପାଇବା ଆବଶ୍ୟକ । ଉଚ୍ଚଶିକ୍ଷା କ୍ଷେତ୍ରରେ ଆୟୋଜକ ଦେଶର ପିଲାମାନଙ୍କ ଭଳି ଶରଣାର୍ଥୀମାନେ ଶିକ୍ଷାର ସୁଯୋଗ ପାଇବା ଉଚିତ, ସେମାନେ ପାଉଥିବା ପ୍ରମାଣପତ୍ରକୁ ସ୍ୱୀକୃତି ମିଳିବା ଉଚିତ, ଡ଼ିପ୍ଲୋମା ଓ ଡିଗ୍ରୀକୁ ସ୍ୱୀକୃତି ମିଳିବା ଉଚିତ । ଶିକ୍ଷା ସମ୍ବନ୍ଧୀୟ ଦେୟ ପ୍ରଦାନରୁ ସେମାନଙ୍କୁ ରିହାତି ମିଳିବା ଉଚିତ ଏବଂ ବୃତ୍ତିପାଇବା ଦିଗରେ ସେମାନଙ୍କ ଦକ୍ଷତାକୁ ବିଚାରକୁ ନିଆଯିବା ଉଚିତ । ଆଭ୍ୟନ୍ତରୀଣ ଭାବେ ବିସ୍ଥାପିତ ହୋଇଥିବା ଶିକ୍ଷାର୍ଥୀମାନଙ୍କର ଶିକ୍ଷା ଅଧିକାର ବିସ୍ଥାପିତ ହୋଇନଥିବା ଶିକ୍ଷାର୍ଥୀଙ୍କ ଶିକ୍ଷା ଅଧିକାର ସଂଗେ ସମାନ ରହିଥାଏ । ସେମାନେ ଜାତୀୟ ଓ ଆନ୍ତର୍ଜାତୀୟ ମାନବାଧିକାର ଆଇନ ଓ ଆଭ୍ୟନ୍ତରୀଣ ବିସ୍ଥାପନ ମାର୍ଗଦର୍ଶୀ ନିୟମରେ ପରିସରଭୁକ୍ତ ହୋଇଥାଆନ୍ତି ।

**୮. ବେସରକାରୀ ଓ ଜାତିସଂଘର କର୍ମକର୍ତ୍ତା:** ସମସ୍ତ ଶିକ୍ଷାର୍ଥୀଙ୍କ ଶିକ୍ଷାଗତ ଆବଶ୍ୟକତା ଓ ଅଧିକାର ପୂରଣକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ବେସରକାରୀ ଅନୁଷ୍ଠାନ ଓ ଜାତିସଂଘର କର୍ମକର୍ତ୍ତାଙ୍କୁ ଶିକ୍ଷାବ୍ୟବସ୍ଥାର ପରିପୂରକ ହେବା ନିମନ୍ତେ ଅନୁମତି ଦିଆଯିବା ଆବଶ୍ୟକ । ଜରୁରୀକାଳୀନ ପରିସ୍ଥିତିର ସମ୍ମୁଖୀନ ହେବା ନିମନ୍ତେ କାର୍ଯ୍ୟକ୍ରମ ଓ ସୁବିଧା ସୁଯୋଗର ସୁବ୍ୟବସ୍ଥା ଉଦ୍ଦେଶ୍ୟରେ ଆୟୋଜକ ଦେଶ ସେମାନଙ୍କୁ ସହାୟତା କରିବା ଉଚିତ । ସେମାନଙ୍କୁ ତୁରନ୍ତ ଭିସା ପ୍ରଦାନ କରାଯିବ, ଶିକ୍ଷଣ ସାମଗ୍ରୀ ଓ ରିଲିଫ୍ ସାମଗ୍ରୀ ଗୁଡ଼ିକ ପାଇଁ ସ୍ୱତନ୍ତ୍ର ଆମଦାନୀ-ରପ୍ତାନୀ ଶୁଳ୍କ ନିୟମାବଳୀ କରିବା ଏହି ସହାୟତାର ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

## ଶିକ୍ଷାନୀତି ମାନଦଣ୍ଡ ୨ : ଯୋଜନା ଓ ରୂପାୟନ

ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ ଅନ୍ତର୍ଜାତୀୟ ଓ ଜାତୀୟ ଶିକ୍ଷାନୀତି, ଆଇନ, ପଦ୍ଧତି, ଯୋଜନା ଏବଂ ପ୍ରଭାବିତ ହେଉଥିବା ଲୋକଙ୍କ ଶିକ୍ଷଣ ଆବଶ୍ୟକତାକୁ ବିଚାରକୁ ନେଇଥାଏ ।

**ମୁଖ୍ୟ କାର୍ଯ୍ୟାବଳୀ** (ମାର୍ଗଦର୍ଶୀ ଟିପ୍ପଣୀ ସହିତ ପଢ଼ିବାକୁ ହେବ ।)

- ଅନ୍ତର୍ଜାତୀୟ ଓ ଜାତୀୟ ଆଇନର ଆଧାର ଓ ନୀତି ଗୁଡ଼ିକ ପ୍ରତିଫଳିତ କରୁଥିବେ । (ମାର୍ଗଦର୍ଶୀ ଟିପ୍ପଣୀ- ୧ ଦେଖନ୍ତୁ)
- ଶିକ୍ଷା କାର୍ଯ୍ୟକ୍ରମ ଗୁଡ଼ିକର ଯୋଜନା ଓ ରୂପାୟନ ଅନ୍ୟ ଆପଦକାଳୀନ ମୁକାବିଲା କ୍ଷେତ୍ରଗୁଡ଼ିକ ସହିତ ଏକାଠି ହୋଇଥାଆନ୍ତି । (ମାର୍ଗଦର୍ଶୀ ଟିପ୍ପଣୀ- ୨ ଦେଖନ୍ତୁ)
- ଜରୁରୀକାଳୀନ ଶିକ୍ଷା କାର୍ଯ୍ୟକ୍ରମ ଗୁଡ଼ିକ ଜାତୀୟ ଶିକ୍ଷାଯୋଜନା ଓ କୌଶଳ ସହିତ ସଂଯୁକ୍ତ ହୋଇଥାଏ ଏବଂ ସେଗୁଡ଼ିକ ଶିକ୍ଷା କ୍ଷେତ୍ରରେ, ଦୀର୍ଘସ୍ଥାୟୀ ବିକାଶ ସହିତ ଏକୀଭୂତ ହୋଇଥାଏ ।
- ଶିକ୍ଷା ଅଧିକାରୀମାନେ ସାମ୍ପ୍ରତିକ ଜରୁରୀକାଳୀନ ସ୍ଥିତିର ମୁକାବିଲା କରିବା ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତି କରୁଥିବା ଜାତୀୟ ଓ ସ୍ଥାନୀୟ ଶିକ୍ଷାଯୋଜନା ବିକଶିତ କରନ୍ତି ଓ ତାହାକୁ କାର୍ଯ୍ୟକାରୀ କରନ୍ତି । (ମାର୍ଗଦର୍ଶୀ ଟିପ୍ପଣୀ-୩ ଦେଖନ୍ତୁ ।)
- ଶିକ୍ଷାନୀତିର ଫଳପ୍ରଦ ଓ ସ୍ୱଚ୍ଛ ବିକାଶ ଏବଂ ଶିକ୍ଷା କାର୍ଯ୍ୟକ୍ରମ ଗୁଡ଼ିକର ଯୋଜନା ଓ ରୂପାୟନ ପାଇଁ ଆର୍ଥିକ, ବୈଷୟିକ, ଭୌତିକ ଓ ମାନବ ସମ୍ବଳ ପର୍ଯ୍ୟାପ୍ତ ହୋଇଥାଏ । (ମାର୍ଗଦର୍ଶୀ ଟିପ୍ପଣୀ ୪-୫ ଦେଖନ୍ତୁ ।)

## ମାର୍ଗଦର୍ଶୀ ଟିପ୍ପଣୀ

**୧. ଶିକ୍ଷା ଅଧିକାର ଓ ଲକ୍ଷ୍ୟପୂରଣ :** ଶିକ୍ଷା ଅଧିକାର ଓ ଲକ୍ଷ୍ୟପୂରଣ କରିପାରୁଥିବା ଅନ୍ତର୍ଭୁକ୍ତି ଶିକ୍ଷା କାର୍ଯ୍ୟକ୍ରମ ଗୁଡ଼ିକୁ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟକ୍ରମ ଯୋଗାଇ ଦେବା ଉଚିତ । ସେଗୁଡ଼ିକ ଜାତୀୟ ଓ ଅନ୍ତର୍ଜାତୀୟ ଆଇନ ଆଧାରକୁ ଅନୁସରଣ କରୁଥିବା ଆବଶ୍ୟକ ।

**୨. ଆନ୍ତଃ-କ୍ଷେତ୍ରୀୟ ସଂଯୋଗୀକରଣ :** ଆଦ୍ୟ ଶୈଶବ ବିକାଶ ଓ ଯୁବ କାର୍ଯ୍ୟକ୍ରମ ସମେତ ଶିକ୍ଷା ପ୍ରବର୍ତ୍ତନ ଗୁଡ଼ିକୁ ଜଳ ଯୋଗାଣ, ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟୋନ୍ନତି, ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା, ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ସହାୟତା, ବାସସ୍ଥାନ, ସ୍ୱାସ୍ଥ୍ୟସେବା ଓ ଅର୍ଥନୈତିକ ପୁନଃର୍ଲାଭ ପରି କାର୍ଯ୍ୟ ସହିତ ସଂଯୁକ୍ତ କରାଯିବା ଆବଶ୍ୟକ ।

**୩. ଜାତୀୟ ଏବଂ ସ୍ଥାନୀୟ ଶିକ୍ଷା ଯୋଜନା :** ସାଂପ୍ରତିକ ଓ ଭବିଷ୍ୟତର ଆପଦକାଳୀନ ସ୍ଥିତିରେ ଗ୍ରହଣ କରାଯିବାକୁ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକରେ ଜାତୀୟ ଓ ସ୍ଥାନୀୟ ଶିକ୍ଷା ଯୋଜନା ସୂଚିତ ହେବା ଆବଶ୍ୟକ । ଆନ୍ତଃକ୍ଷେତ୍ରୀୟ ସମନ୍ୱୟ ପାଇଁ ସେଗୁଡ଼ିକରେ ନିଷ୍ପତ୍ତି ଗ୍ରହଣ, ସମନ୍ୱୟ, ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା କୁ ନିର୍ଦ୍ଦିଷ୍ଟ କରିବା ଉଚିତ । ପୃଷ୍ଠଭୂମିକୁ ଭଲଭାବରେ ବୁଝି ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ ଏବଂ ବିପର୍ଯ୍ୟୟ ଓ ସଂଘର୍ଷର ପ୍ରାରମ୍ଭିକ ସତର୍କ ସୂଚନା ନିମନ୍ତେ ତହିଁରେ ସଂକେତ ଓ ବ୍ୟବସ୍ଥା ରହିଥିବା ଉଚିତ । ସେଗୁଡ଼ିକ ଉପଯୁକ୍ତ ଶିକ୍ଷାନୀତି ଆଧାର ଦ୍ୱାରା ସମର୍ଥିତ ହେଉଥିବା ଆବଶ୍ୟକ । ଜାତୀୟ ଓ ସ୍ଥାନୀୟ ଶିକ୍ଷା ଯୋଜନା ଗୁଡ଼ିକର ନିୟମିତ ସମୀକ୍ଷା ସମ୍ବନ୍ଧରେ ସେଥିରେ ବ୍ୟବସ୍ଥା ରହିଥିବା ବାଞ୍ଛନୀୟ ।

**୪. ସମ୍ବଳ :** ଜରୁରୀକାଳୀନ ଶିକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ପରିମାଣର ପାଣ୍ଠି ଯୋଗାଣକୁ ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ଜାତୀୟ ଅଧିକାରୀ, ଜନମଙ୍ଗଳକାରୀ ସଂସ୍ଥା, ଦାତା, ସ୍ୱେଚ୍ଛାସେବୀ ସଂସ୍ଥା, ଗୋଷ୍ଠୀ ଓ ଅନ୍ୟ ଅଂଶୀଦାରମାନେ ଏକାଠି କାର୍ଯ୍ୟ କରିବା ଉଚିତ । ସମ୍ବଳ ଗୁଡ଼ିକର ସମନ୍ୱୟ ବ୍ୟବସ୍ଥା ସହିତ ତାହା ଏକୀଭୂତ ହେବା ଆବଶ୍ୟକ । ପୃଷ୍ଠଭୂମି ଦୃଷ୍ଟିରୁ ପ୍ରାସଙ୍ଗିକ ମନେହେଉଥିବା କ୍ଷେତ୍ରରେ ନିମ୍ନ ସୂଚନା ଅନୁସାରେ ସମ୍ବଳ ବଣ୍ଟନ ବିଷୟରେ ଭାରସାମ୍ୟ ରକ୍ଷା କରାଯିବା ଆବଶ୍ୟକ ।

- ଅଧିକ ଶ୍ରେଣୀଗୃହ ବ୍ୟବସ୍ଥା, ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ପରି ଭୌତିକ ଉପାଦାନ
- ଶିକ୍ଷଣ ଏବଂ ଅନୁଧ୍ୟାନକାରୀ ତାଲିମ ପାଠ୍ୟକ୍ରମ, ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀପରି ଗୁଣାତ୍ମକ ଉପାଦାନ ।

ଶିକ୍ଷା ଉପରେ ହେଉଥିବା ଆକ୍ରମଣ ଏବଂ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ, ସେସବୁର ବିଶ୍ଳେଷଣ ଓ ସେ ସମ୍ବନ୍ଧରେ ମତବିନିମୟ କରିବା ପାଇଁ ବ୍ୟବସ୍ଥିତ ଢ଼ଙ୍ଗରେ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ସମ୍ବଳ ଗୁଡ଼ିକର ବିନିଯୋଗ କରାଯିବା ଆବଶ୍ୟକ ।

**୫. ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ :** ଉଭୟ ଆର୍ଥିକ ଓ ଅଣଆର୍ଥିକ କ୍ଷେତ୍ରରେ ଦୁର୍ନୀତିକୁ ରୋକିବା ସମେତ ନୀତି ସମ୍ବନ୍ଧୀୟ ଯୋଜନା ଓ ତା'ର କାର୍ଯ୍ୟକାରିତା ସମ୍ବନ୍ଧରେ କେନ୍ଦ୍ରୀୟ ଓ ସ୍ଥାନୀୟ ଅଧିକାରୀ, ଗୋଷ୍ଠୀ ଓ ଜନମଙ୍ଗଳକାରୀ ଅଂଶୀଦାରମାନଙ୍କ ମଧ୍ୟରେ ସୂଚନାର ଆଦାନପ୍ରଦାନ ହେବା ଆବଶ୍ୟକ । ଫଳପ୍ରଦ ତଦାରଖ ଏବଂ ଉତ୍ତରଦାୟିତ୍ୱ ନିମନ୍ତେ ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦୁର୍ନୀତି ଅଭିଯୋଗଗୁଡ଼ିକର ପରିଚାଳନା ନିମନ୍ତେ ଗୋପନୀୟ ଓ ସାଂସ୍କୃତିକ ଦୃଷ୍ଟିରୁ ଉପଯୋଗୀ ବ୍ୟବସ୍ଥା ରହିବା ଉଚିତ । ଦୁର୍ନୀତି ସଂପର୍କରେ ସମ୍ବାଦ ଦେଉଥିବା ଲୋକଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କୁ ସୁରକ୍ଷା ଯୋଗାଇବାର ନୀତି ଏହାର ଅନ୍ତର୍ଭୁକ୍ତ ହେବା ଉଚିତ ।

ଏହି ପଦ୍ଧତି ଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉପକରଣଗୁଡ଼ିକ ସଂପର୍କରେ ଜାଣିବା ପାଇଁ ଆଇଏନ୍ଇଇ ସରଂଜାମକୁ ଯାଆନ୍ତୁ www.ineesite.org/toolkit

ଆଇଏନ୍ଇଇ ସରଂଜାମ
└ ଆଇଏନ୍ଇଇ ସର୍ବନିମ୍ନ ମାନଦଣ୍ଡ
└ ରୂପାୟନ ଉପକରଣ
└ ଶିକ୍ଷାନୀତି

## ଅତିରିକ୍ତ ଅଂଶ - ୧ - ସଜ୍ଞା

**ସୁଯୋଗ:** ନାଁ ଲେଖାଇବା ପାଇଁ ଉପସ୍ଥିତ ରହିବା ଓ ଏକ ଔପଚାରିକ କିମ୍ବା ଅନୌପଚାରିକ ଶିକ୍ଷା କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ କରିବାକୁ ସୁଯୋଗ ପାଇବା । ଯେତେବେଳେ ସୁଯୋଗକୁ ନିଷିଦ୍ଧ କରାଯାଏ ନାହିଁ ତାର ଅର୍ଥ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ଓ ସଂପୂର୍ଣ୍ଣ କରିବା ନେଇ କୌଣସି ବାସ୍ତବ, ଆର୍ଥିକ, ଶାରୀରିକ, ସୁରକ୍ଷା-ସଂପର୍କିତ, ଢ଼ାଞ୍ଚା, ଆନୁଷ୍ଠାନିକ ଅବା ସମାଜିକ-ସାଂସ୍କୃତିକ ବାଧକ ନଥାଏ ।

**ଉତ୍ତରଦାୟିତ୍ୱ:** ଏହା ହେଉଛି ପ୍ରଭାବିତ ଲୋକଙ୍କ ଆବଶ୍ୟକତା, ସମସ୍ୟା, ଦକ୍ଷତା ଓ ପରିସ୍ଥିତି ବିଚାରକୁ ନେଇ ନିଷ୍ପତ୍ତି ନେବାର କାରଣ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣର ସ୍ୱଷ୍ଟୀକରଣ । ଆର୍ଥିକ ସମ୍ବଳର ବ୍ୟବହାର ସମେତ ପରିଚାଳନା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ହେଉଛି ଉତ୍ତରଦାୟିତ୍ୱ । ଏହା ହେଉଛି ଶୁଣିବାର ଅଧିକାର ଓ ଜବାବ ଦେବାର କର୍ତ୍ତବ୍ୟ । ଶିକ୍ଷାରେ ଉତ୍ତରଦାୟିତ୍ୱର ଅର୍ଥ ଛାତ୍ରଛାତ୍ରୀଙ୍କ ଜ୍ଞାନ, କୁଶଳତା ଓ ମନୋଭାବ : ଶିକ୍ଷକଙ୍କ ବ୍ୟବହାର; ଏବଂ ସ୍କୁଲ କିମ୍ବା ବ୍ୟବସ୍ଥାରେ କାର୍ଯ୍ୟର ଗୁଣାତ୍ମକମାନ ଆଧାରରେ ଶିକ୍ଷାଦାତାମାନଙ୍କୁ ଦାୟୀ କରିବା ।

**ମୂଲ୍ୟାଙ୍କନ:** ୧) ଶିକ୍ଷା କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି ଓ ଏକ ଜରୁରୀକାଳୀନ ସ୍ଥିତିରେ ହସ୍ତକ୍ଷେପ କରି ଆବଶ୍ୟକତା, ପ୍ରବର୍ତ୍ତନ ଓ ଉପଲବ୍ଧ ସମ୍ବଳ ମଧ୍ୟରେ ରହିଥିବା ବ୍ୟବଧାନ ଚିହ୍ନଟ କରିବା ପୂର୍ବରୁ ଏକ ଅନୁସନ୍ଧାନ କରାଯାଏ; ୨) ଶିକ୍ଷାର୍ଥୀମାନଙ୍କ ବିକାଶ ଓ ଲକ୍ଷ୍ୟସାଧନର ଏକ ପରୀକ୍ଷା । ମୂଲ୍ୟାଙ୍କନ ହେଉଛି ଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ମୂଲ୍ୟାଙ୍କନ ନିର୍ଣ୍ଣୟ କରିବାର ଏକ ବ୍ୟବସ୍ଥା । ଆଇଏନ୍‌ଇଇ ଟୁଲକିଟରେ www.ineesite.org/toolkit ରେ ଅନେକ ଗୁଡିଏ ମୂଲ୍ୟାଙ୍କନ ଉପକରଣ ସଂପର୍କରେ ଆମେ ଜାଣିପାରିବା । ଏକ ନିର୍ଦ୍ଦିଷ୍ଟ ପୃଷ୍ଠଭୂମି କିମ୍ବା ପରିବେଶରେ ଆବଶ୍ୟକ ସୂଚନାକୁ ପ୍ରତିଫଳିତ କରିବାକୁ ସର୍ବଦା ମୂଲ୍ୟାଙ୍କନ ଟୁଲ ବ୍ୟବହାର କରାଯିବା ଉଚିତ ।

**ଦକ୍ଷତା:** ବ୍ୟକ୍ତିମାନଙ୍କର କିମ୍ବା ଏକ ଗୋଷ୍ଠୀ, ସମାଜ କିମ୍ବା ସଂଗଠନରେ ଉପଲବ୍ଧ ସମ୍ବଳ ଯାହାକୁ ଲକ୍ଷ୍ୟ ହାସଲ ପାଇଁ ବ୍ୟବହାର କରାଯାଇପାରିବ ଏବଂ ସାମର୍ଥ ଓ ବିଶେଷଗୁଣର ସମାହାରକୁ କୁହାଯାଏ ଦକ୍ଷତା ।

**ଦକ୍ଷତା ବୃଦ୍ଧି:** ଲୋକମାନଙ୍କୁ ଓ ସଂଗଠନଗୁଡିକୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଜ୍ଞାନ, ଦକ୍ଷତା, କୁଶଳତା ଓ ବ୍ୟବହାରକୁ ମଜବୁତ କରିବାକୁ କୁହାଯାଏ ଦକ୍ଷତା ବୃଦ୍ଧି ।

**ଶିଶୁମାନଙ୍କୁ ସୁହାଇବାଭଳି ସ୍ଥାନ ଏବଂ ବିଦ୍ୟାଳୟ:** ସୁରକ୍ଷିତ ସ୍ଥାନ ଓ ବିଦ୍ୟାଳୟ ଯେଉଁଠାରେ ଗୋଷ୍ଠୀଗୁଡିକ ପିଲାମାନଙ୍କ ପାଇଁ ମାଗଣା ଓ ବ୍ୟବସ୍ଥିତ ଖେଳକୁଦ, ଆମୋଦପ୍ରମୋଦ, ବିରତି ଓ ଶିକ୍ଷାସମ୍ବନ୍ଧୀୟ କାର୍ଯ୍ୟକ୍ରମ ପରିବେଶ ତିଆରି କରିବେ । ଶିଶୁଙ୍କୁ ସୁହାଇବା ଭଳି ସ୍ଥାନଗୁଡିକ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଓ ମନୋସାମାଜିକ ସମର୍ଥନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯୋଗାଇ ଦେଇପାରନ୍ତି ଯାହା ସ୍ୱାଭାବିକ ଅବସ୍ଥା ଓ ଅବିଚ୍ଛିନ୍ନତାକୁ ପୁନଃଜୀବିତ କରିଥାଏ । ସେଗୁଡିକୁ ଏକ ଅଂଶଗ୍ରହଣ ପ୍ରକ୍ରିୟାରେ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରାଯାଇଥାଏ । ସେଗୁଡିକ ଏକ ନିର୍ଦ୍ଦିଷ୍ଟ କିମ୍ବା ବିଭିନ୍ନ ବୟସ ବର୍ଗର ଶିଶୁମାନଙ୍କର ସେବା କରିଥାଆନ୍ତି । ଜରୁରୀକାଳୀନ ସ୍ଥିତିରେ ପୁନର୍ଲାଭ ପର୍ଯ୍ୟନ୍ତ ଶିଶୁମାନଙ୍କୁ ସୁହାଇବା ଭଳି ସ୍ଥାନ ଓ ବିଦ୍ୟାଳୟଗୁଡିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

**ଶିଶୁ ସୁରକ୍ଷା:** ସମସ୍ତ ପ୍ରକାର ନିର୍ଯାତନା, ଶୋଷଣ ଅବହେଳା ଓ ହିଂସା, ଯୌନ ଶୋଷଣ, ବୟସ୍କ, ସାଙ୍ଗସାଥୀ, ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷା ଅଧିକାରୀମାନଙ୍କ ହିଂସାରୁ; ପ୍ରାକୃତିକ ବିପର୍ଯ୍ୟୟ, ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ, ଲ୍ୟାଣ୍ଡମାଇନ୍ ଓ ଫୁଟି ନ ଥିବା ବିସ୍ଫୋରକ, ସଶସ୍ତ୍ର ବାହିନୀ, ଗୁଳିବିନିମୟ ସ୍ଥାନ, ରାଜନୈତିକ ଓ ସେବା ଭୟ, ସଶସ୍ତ୍ର ବାହିନୀ କିମ୍ବା ଆତଙ୍କବାଦୀ ସଂଗଠନରେ ନିଯୁକ୍ତି ଆଦିରୁ ଶିଶୁମାନଙ୍କୁ ରକ୍ଷା କରିବାକୁ କୁହାଯାଏ ଶିଶୁ ସୁରକ୍ଷା ।

**ଶିଶୁ:** ସାଧାରଣତଃ ଶୂନ୍ୟରୁ ୧୮ ବର୍ଷ ମଧ୍ୟରେ ସମସ୍ତଙ୍କୁ ଶିଶୁ ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ଏହି ବର୍ଗ ଅଧିକ ମାତ୍ରାରେ କିଶୋରକିଶୋରୀ (୧୦-୧୯ବର୍ଷ)କୁ ସାମିଲ କରିଥାଏ । ଏହା ଯୁବ (୧୫ରୁ୨୪) ବର୍ଗକୁ ମଧ୍ୟ ଅଧିକ୍ରମଣ କରିଥାଏ । (ନିମ୍ନରେ ଯୁବର ସଂଜ୍ଞା ମଧ୍ୟ ଦେଖନ୍ତୁ) ।

**ସଶସ୍ତ୍ର ବାହିନୀ ଏବଂ ସଶସ୍ତ୍ର ସଂଗଠନ ସହିତ ଶିଶୁମାନଙ୍କ ସଂପୃକ୍ତି:** ଶିଶୁମାନଙ୍କୁ ଅପହରଣ କିମ୍ବା ବଳପୂର୍ବକ ନିଯୁକ୍ତି କରାଯାଇପାରେ, ଅବା ସେମାନେ ସ୍ୱେଚ୍ଛାକୃତ ଭାବେ ସଶସ୍ତ୍ର ସଂଗଠନରେ ଯୋଗ ଦେଇପାରନ୍ତି । ସେମାନେ ସବୁବେଳେ ଅସ୍ତ୍ର ଉଠାନ୍ତି ନାହିଁ । ସେମାନେ କୁଲି, ଗୁପ୍ତଚର, ରାନ୍ଧୁଣିଆ ହୋଇପାରନ୍ତି କିମ୍ବା ଗଭୀର ଯୌନ ହିଂସାର ପୀଡିତ ହୋଇପାରନ୍ତି । ଏହି ଶିଶୁମାନେ ଶିକ୍ଷା ସୁଯୋଗରୁ ବଞ୍ଚିତ ହୋଇଥାଆନ୍ତି । ଯୁଦ୍ଧ ଶେଷ ହେବା ପରେ ଏବଂ ପୁନଃଏକତ୍ରୀକରଣ ପ୍ରକ୍ରିୟା ବେଳେ ଔପଚାରିକ ଏବଂ ଅନୌପଚାରିକ ଶିକ୍ଷା ସମେତ ସେମାନଙ୍କର ନିର୍ଦ୍ଦିଷ୍ଟ ଶିକ୍ଷାଗତ ଆବଶ୍ୟକତା, ଜୀବନ କୌଶଳ ଓ ଧନ୍ଦା ମୂଳକ ଶିକ୍ଷାଗୁଡିକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଉଚିତ୍ । ଝିଅମାନଙ୍କୁ ବିଶେଷ ଭାବେ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି । କାରଣ ଅଧିକାଂଶ ସମୟରେ ସେମାନଙ୍କ ଉପରେ ଦୃଷ୍ଟି ଦିଆଯାଏ ନାହିଁ, ସେମାନଙ୍କୁ ଥଇଥାନ କାର୍ଯ୍ୟକ୍ରମରୁ ବାଦ ଦେଇ ଦିଆଯାଏ ।

**ବୋଧଶକ୍ତି:** ମାନସିକ ପ୍ରକ୍ରିୟା ଯେପରିକି ଭାବିବା, ପରିକଳ୍ପନା, ଅନୁଭବ, ସ୍ମରଣ, ନିଷ୍ପତ୍ତି ଗ୍ରହଣ, ଚିନ୍ତା ଓ ସମସ୍ୟା ସମାଧାନ କରିବା ।

**ଗୋଷ୍ଠୀ ଶିକ୍ଷା ସମିତି:** ଏକ ବିଦ୍ୟମାନ ଏବଂ ନୂତନ ସମିତି ଯାହା ଏକ ଗୋଷ୍ଠୀର ଶୈକ୍ଷିକ ଆବଶ୍ୟକତା ଚିହ୍ନଟ କରେ ଓ ତାହା ପୂରଣ କରେ । ଏଥିରେ ଅଭିଭାବକ ଓ ଯତ୍ନ ନେଉଥିବା ଲୋକ, ଶିକ୍ଷକ, ଶିକ୍ଷାର୍ଥୀ, ଗୋଷ୍ଠୀ ସଂଗଠକ ଓ ନେତା, ଦୁର୍ବଳ ବର୍ଗ, ନାଗରିକ ସମାଜ ସଂଘ, ଯୁବ ବର୍ଗ ଓ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତିନିଧିମାନେ ସଦସ୍ୟ ହୋଇଥାଆନ୍ତି ।

**ସଂଘର୍ଷ ଦୂରୀକରଣ:** କାର୍ଯ୍ୟାନୁଷ୍ଠାନ ଓ ପ୍ରକ୍ରିୟା ଯାହା ୧) ସଂଘର୍ଷ ପ୍ରତି ସମ୍ବେଦନଶୀଳ ଥାଏ ଏବଂ ଚାପ କିମ୍ବା ହିଂସାର ଉତ୍ସ ବଢ଼ାଏ ନାହିଁ, ଏବଂ ୨) ସଂଘର୍ଷର କାରଣକୁ ସମାଧାନ କରିବାକୁ ଲକ୍ଷ୍ୟ ରଖିଥାଏ ଏବଂ ଏହି କାର୍ଯ୍ୟକଳାପରେ ସଂପୃକ୍ତ ଲୋକଙ୍କ ବାଟ ବଦଳାଇଦିଏ ଏବଂ ପ୍ରସଙ୍ଗଗୁଡ଼ିକୁ ବୁଝିପାରେ । ସଂଘର୍ଷ ପୃଷ୍ଠଭୂମୀରେ ମାନବୀୟହିତ, ପୁନର୍ଲାଭ ଏବଂ ବିକାଶଶୀଳ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ ଏବଂ ଦୀର୍ଘ ସ୍ଥାୟୀ ଶାନ୍ତି ଓ ସ୍ଥିରତାରେ ସେମାନଙ୍କର ଯୋଗଦାନ ସଂପର୍କରେ ସମୀକ୍ଷା କରାଯାଇଥାଏ । ସଂଘର୍ଷ ଦୂରୀକରଣ ପନ୍ଥାକୁ ସଂଘର୍ଷ ନିବାରଣ ଓ ସଂଘର୍ଷ ବେଳେ ହସ୍ତକ୍ଷେପ ଏବଂ ସଂଘର୍ଷ ପରବର୍ତ୍ତୀ ପରିସ୍ଥିତିରେ ବ୍ୟବହାର କରାଯାଇପାରିବ ।

**ଭିନ୍ନକ୍ଷମ:** ଶାରୀରିକ, ମାନସିକ, ବୌଦ୍ଧିକ କିମ୍ବା ଇନ୍ଦ୍ରିୟ ଜନିତ ଭିନ୍ନକ୍ଷମତ୍ୱ ଏବଂ ମନୋଭାବରେ ପ୍ରତିବନ୍ଧକ ତଥା ଅନ୍ୟମାନଙ୍କ ସହିତ ସମାନ ଆଧାରରେ ସମାଜରେ ଅଂଶଗ୍ରହଣରେ ଥିବା ପ୍ରତିବନ୍ଧକ ।

**ଭିନ୍ନ ତଥ୍ୟ:** ପରିସଂଖ୍ୟାନ ସୂଚନା ଯାହାକି ବିଭିନ୍ନ ଅଂଶରେ ବିଭକ୍ତ କରାଯାଇଛି । ଉଦାହରଣ ସ୍ୱରୂପ, ଏକ ଜନବସତିରୁ ତଥ୍ୟ ସମୀକ୍ଷା କିମ୍ବା ଲିଙ୍ଗ, ବୟସ ଓ ଭୌଗୋଳିକ ସ୍ଥାନ ଅନୁସାରେ ଏକ ନମୁନାର ପରୀକ୍ଷା ।

**ବିପର୍ଯ୍ୟୟ:** ଏକ ଗୋଷ୍ଠୀର କାର୍ଯ୍ୟରେ ଅନ୍ତରାୟ କିମ୍ବା ଏକ ସମାଜରେ ବ୍ୟାପକମାତ୍ରାରେ ମନୁଷ୍ୟ, ଉପକରଣ, ଅର୍ଥନୈତିକ କିମ୍ବା ପରିବେଶ ଜନିତ କ୍ଷୟକ୍ଷତି ଏବଂ ଯାହାର ପ୍ରଭାବକୁ ସେମାନଙ୍କ ନିଜସ୍ୱ ସମ୍ବଳ ସାହାଯ୍ୟରେ ଦମନ କରିବା ପ୍ରଭାବିତ ଲୋକଙ୍କ କ୍ଷମତା ବାହାରେ ।

**ବିପର୍ଯ୍ୟୟ ଆଶଙ୍କା ହ୍ରାସ:** ବ୍ୟବସ୍ଥିତ ଢ଼ଙ୍ଗରେ ବିପଦ ଆଶଙ୍କା ହ୍ରାସ କରିବା ପାଇଁ ବିପର୍ଯ୍ୟୟର ସାମୟିକ

ପ୍ରସଙ୍ଗଗୁଡିକୁ ସମୀକ୍ଷା ଓ ପରିଚାଳନା କରିବା ଏବଂ ବିପଦ ପ୍ରତି ଉନ୍ମୁକ୍ତକୁ ହ୍ରାସ କରିବା, ଲୋକଙ୍କ ଦୁର୍ବଳତା ଓ ସଂପତ୍ତି ରକ୍ଷା କରିବା, ଜମି ଓ ପରିବେଶକୁ ଚତୁରତାର ସହିତ ପରିଚାଳନା କରିବା ଏବଂ ପ୍ରତିକୂଳ ଘଟଣାଗୁଡିକ ପାଇଁ ପ୍ରସ୍ତୁତି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଥାଏ ।

**ପକ୍ଷପାତିତା:** ଲିଙ୍ଗ, ଧର୍ମ, ବୟସ, ଜାତି, ଏଚଆଇଭି ଓ ଅନ୍ୟାନ୍ୟ ପ୍ରସଙ୍ଗ ଆଧାରରେ ସୁବିଧାସୁଯୋଗ, ସେବା, ଅଧିକାର ଅବା ଅଂଶଗ୍ରହଣକୁ ମନା କରିବା ।

**ମାନସିକ ଅଶାନ୍ତି:** ଅସ୍ୱସ୍ତି, ଅଧୀର ଓ ଅସ୍ଥିର ରହିବା ପରିସ୍ଥିତି । ଜୀବନଯାପନରେ କଷ୍ଟକର ପରିସ୍ଥିତି, ଯେପରିକି ଦାରିଦ୍ର୍ୟ ଓ ଜଣଙ୍କର ସୁରକ୍ଷା କିମ୍ବା ସୁସ୍ଥାବସ୍ଥା ପ୍ରତି ବିପଦର ଆଶଙ୍କା ରହିଥିଲେ ଏହା ଘଟିବ ।

**କୌଣସି କ୍ଷତି କରେ ନାହିଁ:** ଯେଉଁଠାରେ ସଂଘର୍ଷ ସୃଷ୍ଟି ହୋଇଥାଏ କିମ୍ବା ସଂଘର୍ଷ ହେବାର ଆଶଙ୍କା ଥାଏ ସେଠାରେ ମାନବୀୟହିତ ଓ ବିକାଶଶୀଳ ହସ୍ତକ୍ଷେପର ଅନୁଦ୍ଦିଷ୍ଟ ନକରାତ୍ମକ ଅବା ସକରାତ୍ମକ ପ୍ରଭାବ ଚିହ୍ନଟ କରିବାକୁ ଆପଣା ଯାଉଥିବା ଏକ ପନ୍ଥା । ହସ୍ତକ୍ଷେପ ଦ୍ୱାରା ସଂଘର୍ଷର ସ୍ଥିତି ଅହୁରି ଖରାପ ହୋଇନି ବରଂ ଏହା ସ୍ଥିତିକୁ ଉନ୍ନତ କରିବାରେ ଯୋଗଦାନ କରିଛି ବୋଲି ନିଶ୍ଚିତ କରିବାକୁ ଏହାକୁ ଯୋଜନା ପ୍ରସ୍ତୁତ, ନିରୀକ୍ଷଣ ଓ ମୂଲ୍ୟାଙ୍କନ ବେଳେ ପ୍ରୟୋଗ କରାଯାଇପାରିବ । ସଂଘର୍ଷ ପରିସ୍ଥିତିରେ ନିୟୋଜିତ ସଂଗଠନଗୁଡିକର କାର୍ଯ୍ୟ ପାଇଁ କୌଣସି କ୍ଷତି କରେ ନାହିଁ ବା ଡୁ ନୋ ହାର୍ମକୁ ଏକ ଆବଶ୍ୟକ ଆଧାର ଭାବେ ବିବେଚନା କରାଯାଏ ।

**ପ୍ରାରମ୍ଭିକ ଶୈଶବ ବିକାଶ:** ଏକ ପ୍ରକ୍ରିୟା ଯେଉଁଥିରେ ପିଲାମାନେ (୦ ରୁ ୮ବର୍ଷ) ସେମାନଙ୍କର ଅତ୍ୟୁତ୍ତମ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସତର୍କତା, ଆବେଗିକ ବିଶ୍ୱାସ, ସାମାଜିକ ସାମର୍ଥ୍ୟ ଓ ପାଠପଢ଼ିବା, ପ୍ରସ୍ତୁତିକୁ ବିକାଶ କରିଥାନ୍ତି । ଏହି ପ୍ରକ୍ରିୟାଗୁଡିକୁ ସାମାଜିକ ଓ ଆର୍ଥିକ ନୀତିଗୁଡିକ ସମର୍ଥନ କରିଥାନ୍ତି ଏବଂ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ଜଳ, ପରିମଳ, ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷା ଓ ଶିଶୁ ସୁରକ୍ଷା ସେବାଗୁଡିକୁ ଏକୀଭୂତ କରିଥିବା ବୋଧଶକ୍ତି କାର୍ଯ୍ୟକ୍ରମ ମଧ୍ୟ ଏହି ପ୍ରକ୍ରିୟାକୁ ସମର୍ଥନ କରିଥାଏ । ଉଚ୍ଚମାନର କାର୍ଯ୍ୟକ୍ରମଗୁଡିକରୁ ସମସ୍ତ ଶିଶୁ ଓ ପରିବାର ଉପକୃତ ହୋଇଥାନ୍ତି କିନ୍ତୁ ପ୍ରତିକୂଳ ଅବସ୍ଥାରେ ଥିବା ବର୍ଗଗୁଡିକ ଅଧିକ ଉପକୃତ ହୁଅନ୍ତି ।

**ଶିକ୍ଷା ଅଧିକାରୀ:** ଶିକ୍ଷା ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଦାୟୀ ସରକାର, ତାଙ୍କର ସହକାରୀ ମନ୍ତ୍ରୀମାନେ, ବିଭାଗ, ଅନୁଷ୍ଠାନ ଓ ଏଜେନ୍ସୀଗୁଡିକ । ସେମାନେ ଜାତୀୟ, ଜିଲ୍ଲା ଓ ସ୍ଥାନୀୟ ସ୍ତରରେ ଶିକ୍ଷା ଅଧିକାରୀ ଭାବେ

କାର୍ଯ୍ୟ କରନ୍ତି । ଯେଉଁ ପୃଷ୍ଠଭୂମିରେ ସରକାରୀ ସଂସ୍ଥାଗୁଡିକ ଅପୋଷ ବୁଝାମଣା କରିଥାନ୍ତି ସେହିଠାରେ ବେସରକାରୀ କାର୍ଯ୍ୟକର୍ତ୍ତା ଯେପରିକି ଏନ୍‌ଜିଓ ଓ ଜାତିସଂଘର ଏଜେନ୍ସୀଗୁଡିକ ବେଳେବେଳେ ଏହି ଦାୟିତ୍ୱ ନେଇପାରିବେ ।

**ଶିକ୍ଷା କ୍ଲଷ୍ଟର:** ଆଭ୍ୟନ୍ତରୀଣ ବିସ୍ଥାପନ ସ୍ଥିତିରେ ଶିକ୍ଷା କ୍ଷେତ୍ରରେ ମାନବୀୟହିତରେ ଅଭିଜ୍ଞତା ଥିବା ଏଜେନ୍ସୀ ଓ ସଂଗଠନଗୁଡିକ ପାଇଁ ଏହା ଏକ ଆନ୍ତଃ-ଏଜେନ୍ସୀ ସମନ୍ୱୟ ବ୍ୟବସ୍ଥା । ଆଇଏଏସ୍‌ସି ମାଧ୍ୟମରେ ୨୦୦୭ରେ ସ୍ଥାପନ ହୋଇଥିବା ଶିକ୍ଷା କ୍ଲଷ୍ଟରକୁ ବିଶ୍ୱ ସ୍ତରରେ ୟୁନିସେଫ ଓ ସେଭ୍ ଦ ଚିଲ୍‌ଡ୍ରେନ୍ ନେତୃତ୍ୱ ଦେଇଥାଏ । ଏକ ଦେଶ ସ୍ତରରେ ଅନ୍ୟ ଏଜେନ୍ସୀଗୁଡିକ ଏହାର ନେତୃତ୍ୱ ନେଇଥାଆନ୍ତି ଓ ଶିକ୍ଷା କ୍ଷେତ୍ରରେ ଜାତୀୟ ମନ୍ତ୍ରାଳୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥାଏ । ଶରଣାର୍ଥୀ ପୃଷ୍ଠଭୂମିରେ ୟୁଏନ୍‌ଏଚ୍‌ସିଆର ଏହାର ନେତୃତ୍ୱ ନେଇଥାଏ । ମାନବୀୟହିତ ଜରୁରୀକାଳୀନସ୍ଥିତିରେ ପ୍ରତିଜବାବ ଦେବା ପାଇଁ ବୈଷୟିକ ଦକ୍ଷତାକୁ ପ୍ରସ୍ତୁତ କରିବା ଦାୟିତ୍ୱ ଶିକ୍ଷା କ୍ଲଷ୍ଟରର ହୋଇଥାଏ । ମାନବୀୟହିତ ପ୍ରବର୍ତ୍ତନ ସମୟରେ ଏହା ପ୍ରତ୍ୟାଶିତ ନେତୃତ୍ୱ ଓ ଶିକ୍ଷା କ୍ଷେତ୍ରରେ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିଥାଏ ।

**ଜରୁରୀକାଳୀନ ସ୍ଥିତିରେ ଶିକ୍ଷା:** ବିପର୍ଯ୍ୟୟ ସମୟରେ ପ୍ରାରମ୍ଭିକ ଶୈଶବ ବିକାଶ, ମାଧ୍ୟମିକ, ପ୍ରାଥମିକ, ଅନୌପଚାରିକ, ବୈଷୟିକ, ଧନ୍ଦାମୂଳକ, ଉଚ୍ଚ ଓ କୈଶୋର ଶିକ୍ଷା ସମେତ ସମସ୍ତ ବୟସର ଲୋକଙ୍କୁ ଉଚ୍ଚମାନର ଶିକ୍ଷା ସୁଯୋଗ ଦେବା । ଜରୁରୀକାଳୀନ ସ୍ଥିତିରେ ଶିକ୍ଷା ଶାରୀରିକ, ମନୋସାମାଜିକ ଓ ବୋଧଶକ୍ତି ସଂକ୍ରାନ୍ତ ସୁରକ୍ଷା ଯୋଗାଇ ଦେଇଥାଏ ଯାହା ଜୀବନକୁ ବଜାୟ ରଖେ ଓ ସୁରକ୍ଷା ଦିଏ ।

**ଶିକ୍ଷା ପ୍ରବର୍ତ୍ତନ:** ଏକ ଜରୁରୀକାଳୀନ ସ୍ଥିତିରେ ପୁନର୍ଲାଭ ପାଇଁ ଲୋକଙ୍କ ଆବଶ୍ୟକତା ଓ ଶିକ୍ଷା ଅଧିକାରକୁ ପୂରଣ କରିବା ପାଇଁ ଶିକ୍ଷା ସେବାର ପ୍ରବର୍ତ୍ତନ ।

**ଜରୁରୀକାଳୀନ ସ୍ଥିତି:** ଏକ ସ୍ଥିତି ଯେଉଁଠାରେ ଏକ ଗୋଷ୍ଠୀ ବିଶୃଙ୍ଖଳିତ ହୋଇଯାଇଥାଏ ଏବଂ ସେଠାରେ ସ୍ଥିରତା ଫେରି ନ ଥାଏ ।

**ଔପଚାରିକ ଶିକ୍ଷା:** ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକରେ ଏକ ବ୍ୟବସ୍ଥିତ ଢ଼ଙ୍ଗରେ ଦିଆଯାଉଥିବା ଶିକ୍ଷାଗ୍ରହଣ ସୁଯୋଗ । ସାଧାରଣତଃ ଏହା ୫ ଓ ୭ ବର୍ଷରୁ ଆରମ୍ଭ କରି ୨୦ ରୁ ୨୫

ବର୍ଷର ଯୁବକଯୁବତୀମାନଙ୍କୁ ନିୟମିତ ଶିକ୍ଷା ପ୍ରଦାନ କରିଥାଏ । ସାଧାରଣତଃ ଏହା ଜାତୀୟ ଶିକ୍ଷା ମନ୍ତ୍ରାଳୟଗୁଡିକ ଦ୍ୱାରା ବିକଶିତ ହୋଇଥାଏ କିନ୍ତୁ ଜରୁରୀକାଳୀନ ସ୍ଥିତିଗୁଡିକୁ ଅନ୍ୟ ଶିକ୍ଷା ଅଂଶୀଦାରଗୁଡ଼ିକ ସହଯୋଗ କରିଥାଆନ୍ତି ।

**ଲିଙ୍ଗ:** ମହିଳା ଓ ପୁରୁଷମାନଙ୍କ ଭୁମିକା, ଦାୟିତ୍ୱ ଓ ପରିଚୟ ଏବଂ ସମାଜରେ ଏସବୁର କିପରି ମୂଲ୍ୟ ରହିଛି । ସେମାନେ ବିଭିନ୍ନ ପ୍ରକାର ସଂସ୍କୃତିକୁ ନିର୍ଦ୍ଦିଷ୍ଟ କରିଥାଆନ୍ତି ଓ ସମୟ ଅନୁସାରେ ପରିବର୍ତ୍ତନ ହୋଇଥାଆନ୍ତି । ମହିଳା ଓ ପୁରୁଷମାନେ କିପରି ଚିନ୍ତା କରନ୍ତୁ ଓ କାର୍ଯ୍ୟ କରନ୍ତୁ ବୋଲି ସମାଜ ଆଶା କରୁଛି ତାହା ଲିଙ୍ଗ ପରିଚୟ ନିରୂପଣ କରିଥାଏ । ଏହି ବ୍ୟବହାରଗୁଡ଼ିକ ଘରେ ଓ ସ୍କୁଲରେ ଏବଂ ଧାର୍ମିକ ଶିକ୍ଷା ଓ ଗଣମାଧ୍ୟମ ଦ୍ୱାରା ଶିଖାଯାଇଥାଏ । ଲିଙ୍ଗ ଗତ ଭୂମିକା, ଦାୟିତ୍ୱ ଓ ପରିଚୟ ପରିବର୍ତ୍ତନ କରାଯାଇପାରିବ କାରଣ ସେଗୁଡ଼ିକ ସାମାଜିକ ଭାବେ ଶିକ୍ଷଣୀୟ ।

**ଲିଙ୍ଗ ଭାରସାମ୍ୟ:** ଲିଙ୍ଗ ଭାରସାମ୍ୟ କହିଲେ ସାଧାରଣତଃ ପ୍ରାୟ ସମାନ ସଂଖ୍ୟକ ପୁରୁଷ ଓ ମହିଳା ଏବଂ ପୁଅ ଓ ଝିଅଙ୍କୁ ବୁଝାଯାଇଥାଏ । ଏହା ଅଂଶଗ୍ରହଣ, କାର୍ଯ୍ୟକ୍ରମ ପାଇଁ ସୂଚନା, ନିଷ୍ପତ୍ତି ଗ୍ରହଣ ଏବଂ ଉଭୟ ପୁରୁଷ ଓ ମହିଳାମାନଙ୍କ ସ୍ୱାର୍ଥକୁ ବିଚାରକୁ ନିଆଯାଇଛି ଏବଂ ସୁରକ୍ଷିତ କରାଯାଇଛି ବୋଲି ସୁନିଶ୍ଚିତ କରିଥାଏ । ଶିକ୍ଷା ଅଧିକାରୀ, ଆନ୍ତର୍ଜାତୀୟ ଓ ଜାତୀୟ ଏଜେନ୍ସିଗୁଡ଼ିକ କେତେ ସଂଖ୍ୟକ ପୁରୁଷ ଓ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି ତାହାକୁ ମଧ୍ୟ ଏହା ଅନ୍ତର୍ନିବେଶ କରିଥାଏ । ଶିକ୍ଷକ ନିଯୁକ୍ତିରେ ଏହା ନିର୍ଦ୍ଦିଷ୍ଟ ଭାବେ ଗୁରୁତ୍ୱପୂର୍ଣ୍ଣ । ସବୁ ସ୍ତରରେ ସମାନ ସଂଖ୍ୟକ ମହିଳା ଓ ପୁରୁଷ ଏବଂ ପୁଅ ଓ ଝିଅମାନଙ୍କ ଭାରସାମ୍ୟ ଉପରେ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମଗୁଡ଼ିକର ପଡୁଥିବା ପ୍ରଭାବ ସଂପର୍କରେ ଆଲୋଚନା କରିବା ଓ ସେଗୁଡ଼ିକର ସମାଧାନ କରିବା ସମ୍ଭାବନା ଅଧିକ ବଢ଼ିଯାଏ ।

**ଲିଙ୍ଗ-ଆଧାରିତ ହିଂସା:** ଲିଙ୍ଗ ଗତ ବିଭିନ୍ନତା ଉପରେ ଆଧାରିତ ଯେ କୌଣସି କ୍ଷତିକାରକ କାର୍ଯ୍ୟ । ଅନେକ ପୃଷ୍ଠଭୂମିରେ ମହିଳାମାଙ୍କର ସମାଜରେ ନିମ୍ନସ୍ତର କାରଣରୁ ଅଧିକମାତ୍ରାରେ ଲିଙ୍ଗ ଆଧାରିତ ହିଂସାର ଶିକାର ହୋଇଥାନ୍ତି । ପୁରୁଷ ଓ ବାଳକମାନେ ମଧ୍ୟ ପୀଡିତ ହୋଇପାରନ୍ତି, ବିଶେଷକରି ଏମାନେ ଯୌନ ହିଂସାର ଶିକାର ହୋଇପାରନ୍ତି । ଲିଙ୍ଗ-ଆଧାରିତ ହିଂସାର ପ୍ରକୃତି ଓ ବ୍ୟାପକତା ସଂସ୍କୃତି, ଦେଶ ଓ ଅଞ୍ଚଳ ଅନୁସାରେ ପୃଥକ ହୋଇଥାଏ । ଉଦାହରଣ ଭାବେ:

- ଯୌନ ହିଂସା ଯେପରିକି ଯୌନ ଶୋଷଣ ଓ ନିର୍ଯାତନା, ବଳପୂର୍ବକ ବେଶ୍ୟାବୃତ୍ତି, ଏବଂ ବଳପୂର୍ବକ ବାଲ୍ୟ ବିବାହ;
- ଶାରୀରିକ, ଆବେଗିକ ଓ ମାନସିକ ନିର୍ଯାତନା ସମେତ ଘରୋଇ ଓ ପାରିବାରିକ ହିଂସା;
- କ୍ଷତିକାରକ ସାଂସ୍କୃତିକ ଅବା ପାରଂପାରିକ ଧାରା ଯେପରିକି ମହିଳାଙ୍କ ଅଙ୍ଗ ଛେଦନ, ସମ୍ମାନହାନୀ, ଓ ବିଧବା ମହିଳାଙ୍କୁ ଉତ୍ତରାଧିକାରୀ ସୂତ୍ର ସଂପତ୍ତି ସ୍ୱରୂପ ତାଙ୍କ ମୃତ ସ୍ୱାମୀଙ୍କ ପରିବାରର ଜଣେ ପୁରୁଷଙ୍କ ହାତରେ ଅର୍ପଣ କରିବା ।

**ବିପଦ:** ଭୌତିକ ବସ୍ତୁକୁ କ୍ଷତି ପହଞ୍ଚାଉଥିବା ଏବଂ ମାନିବୀୟ କାର୍ଯ୍ୟ ଯାହା ଜଣଙ୍କ ଜୀବନ ନେଇପାରେ ଅବା ଆହତ କରିପାରେ, ସଂପତ୍ତି କ୍ଷୟ, ସମାଜିକ ଓ ଅର୍ଥନୈତିକ କ୍ଷୟକ୍ଷତି କିମ୍ବା ପାରିବେଶିକ ଅବକ୍ଷୟ କରିପାରୁଥିବ । ବିପଦଗୁଡିକ ମାନବକୃତ କିମ୍ବା ପ୍ରାକୃତିକ କିମ୍ବା ଏ ଦୁଇଟି ମିଶାମିଶି ହୋଇପାରେ । ଏକ ବିପଦ ଉପରେ ବିପତ୍ତିର ରୂପ ଏବଂ କେଉଁଠାରେ, କେତେ ଥର ଓ କେତେ ମାତ୍ରରେ ଏହା ଆସିବ ତାହା ନିର୍ଭର କରେ । ଉଦାହରଣ ସ୍ୱରୂପ - ମରୁଭୂମି ଅଞ୍ଚଳରେ ଶହେ ବର୍ଷରେ ଥରେ ହେଉଥିବା ଛୋଟ ଭୂକଂପରେ ଲୋକଙ୍କ ପାଇଁ ବହୁତ ଅଳ୍ପ ବିପଦ ଥାଏ । ଏକ ସହରାଞ୍ଚଳରେ ପ୍ରତି ୫-୧୦ ବର୍ଷରେ ହେଉଥିବା ବନ୍ୟା ୪୮ ଘଣ୍ଟା ମଧ୍ୟରେ ୩ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଠିବାରେ ଅଧିକ ବିପଦର ସମ୍ଭାବନା ଥାଏ ଓ ଏହାର ଦୂରିକରଣ ବ୍ୟବସ୍ଥା ଆବଶ୍ୟକ ହୋଇଥାଏ ।

**ଏଚ୍ଆଇଭି ପ୍ରତିରୋଧ, ଚିକିତ୍ସା, ଯତ୍ନ ଓ ସମର୍ଥନ:** ବ୍ୟବହାର, ଆଇନ୍, ଢ଼ାଞ୍ଚା ଓ ବାଇଓମେଡିକାଲ୍‌ର ମିଳିତ ସଂସ୍କରଣ ଯାହା ନୂତନ ଭାବେ ଏଚଆଇଭି ସଂକ୍ରମଣ ଏବଂ ଏଚ୍ଆଇଭି ଓ ଏଡ୍ସରେ ଆକ୍ରାନ୍ତଙ୍କ ପ୍ରଭାବକୁ ହ୍ରାସ କରିବାରେ ଆବଶ୍ୟକ ହୋଇଥାଏ । ଏଚଆଇଭି ପ୍ରତିରୋଧ, ଚିକିତ୍ସା, ଯତ୍ନ ଓ ସମର୍ଥନ ସଂପୂର୍ଣ୍ଣ ଭାବେ ମହାମାରୀକୁ ବୁଝିବା ଉପରେ ଅଧାରିତ ହେବା ଆବଶ୍ୟକ ଯେପରିକି କିଏ ଅଧିକମାତ୍ରାରେ ଏହାର ଶିକାର ହୋଇପାରେ ଏବଂ କେଉଁ ପ୍ରକାରର ବ୍ୟବହାର ଏହି ରୋଗର ସଂକ୍ରମଣ କାରଣ ହୋଇଥାଏ । ସବୁଠାରୁ ଅଧିକ ବିପଦପୂର୍ଣ୍ଣ ବ୍ୟବହାରଗୁଡିକ ମଧ୍ୟରେ ରହିଛି ପୁରୁଷମାନେ ଅନ୍ୟପୁରୁଷମାନଙ୍କ ସହିତ ଯୌନ ସଂପର୍କ ସ୍ଥାପନ କରିବା, ବ୍ୟବହୃତ ଇଞ୍ଜେକ୍ସନ୍ ମାଧ୍ୟମରେ ଡ୍ରଗ ନେବା, ଅର୍ଥ ଅବା ଅନ୍ୟ ଉପକରଣ ବଦଳରେ ଯୌନ ସଂପର୍କ ସ୍ଥାପନ, ଏକାଧିକ ବ୍ୟକ୍ତିଙ୍କ ସାଂଗରେ ଯୌନ ସଂପର୍କ, ବୟସ-ଅସମ ସଂପର୍କ । ସାମାଜିକ-ଅର୍ଥନୈତିକ ପରିଚାଳକଗୁଡିକ ମଧ୍ୟ ଏଚ୍ଆଇଭି ପ୍ରତିରୋଧ, ଚିକିତ୍ସା, ଯତ୍ନ ଓ ସମର୍ଥନ ଉପରେ ପ୍ରଭାବ ପକାନ୍ତି ।

**ମାନବାଧିକାର:** ସମ୍ମାନର ସହ ଜୀବନ ବଞ୍ଚିବାର ଏକ ଅର୍ଥ । ମାନବାଧିକାରଗୁଡିକ ବିଶ୍ୱବ୍ୟାପୀ ଓ ଅବିଚ୍ଛିନ୍ନ ।

**ଅଙ୍ଗ :** ସେଗୁଡିକୁ ଛାଡିଦିଆଯାଇପାରିବନାହିଁ, କିମ୍ବା ଅଲଗା କରାଯାଇପାରିବ ନାହିଁ । ଏକ ଜରୁରୀକାଳୀନ ପୃଷ୍ଠଭୂମିରେ ମାନବ ଅଧିକାର ଯେପରିକି ପକ୍ଷପାତିତାବିହୀନ, ନିରାପତ୍ତା ଓ ବଞ୍ଚିବାର ଅଧିକାରକୁ ତତ୍‌କ୍ଷଣାତ୍ ଗୁରୁତ୍ୱ ଦିଆଯାଏ ଯେତେବେଳେ କି ଅନ୍ୟ ଅଧିକାରଗୁଡିକ ଉପଲବ୍ଧ ସମ୍ବଳ ଉପରେ ନିର୍ଭର କରେ । ଯେହେତୁ ସୁରକ୍ଷା, ପକ୍ଷପାତିତାବିହୀନ ଓ ବଞ୍ଚି ରହିବାର ମୁଖ୍ୟ ଉପକରଣ ହେଉଛି ଶିକ୍ଷା ତେଣୁ ଏହାକୁ ନିଶ୍ଚିତ ଭାବେ ପ୍ରମୁଖ ମାନବାଧିକାର ଭାବେ ନିଶ୍ଚିତ ଭାବେ ବିଚାର କରାଯିବା ଉଚିତ୍ । ଜରୁରୀକାଳୀନ ସ୍ଥିତି ସମେତ ଅନ୍ୟ ସବୁ ସମୟରେ ମାନବାଧିକାରକୁ ସମ୍ମାନ, ସୁରକ୍ଷା ଓ ପରିପୂର୍ଣ୍ଣ କରିବା ପାଇଁ ଅନ୍ତର୍ଜାତୀୟ ମାନବାଧିକାର ଆଇନ୍ ଗୁରୁତ୍ୱ ଦେଇଆସିଛି । ସଂଘର୍ଷ ସମୟରେ ମଧ୍ୟ ଅନ୍ତର୍ଜାତୀୟ ମାନବୀୟହିତ ଓ ଅପରାଧିକ ଆଇନ୍ ବ୍ୟବହାର କରାଯାଇପାରିବ । ଏହି ଚୁକ୍ତି ଓ ପଦ୍ଧତିଗୁଡିକ ଶତ୍ରୁମାନଙ୍କୁ ପରିଚାଳିତ କରିବା ସହିତ ନାଗରିକମାନଙ୍କୁ ସୁରକ୍ଷା ଦେଇଥାଏ ଏବଂ ଯେଉଁମାନେ ରାଜ୍ୟ ବା ଦେଶ ପକ୍ଷରୁ କାର୍ଯ୍ୟ କରିପାରିବେ ଅବା ସଂଘର୍ଷ କାରଣଗୁଡିକୁ ଚ୍ୟାଲେଞ୍ଜ ଦେଇପାରିବେ ସେମାନଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରାଯାଇଥାଏ । ସଶସ୍ତ୍ର ସଂଘର୍ଷ ଯୋଗୁ ଆନ୍ତର୍ଜାତୀୟ ସୀମା ଡେଇଁ ଚାଲିଆସିଥିବା ଲୋକଙ୍କୁ ସରକାର ସାହାଯ୍ୟ କରିବା ପାଇଁ ଶରଣାର୍ଥୀ ଆଇନ୍‌ର ବ୍ୟବସ୍ଥା ରହିଛି ।

**ଅନ୍ତର୍ଭୁକ୍ତି ଶିକ୍ଷା:** ଏହି ଶିକ୍ଷା ସୁଯୋଗରେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତି, ଅଂଶଗ୍ରହଣ ଓ ସଫଳତାକୁ ସୁନିଶ୍ଚିତ କରିଥାଏ । ପୃଷ୍ଠଭୂମିରେ ଶିକ୍ଷାନୀତି, ଅଭ୍ୟାସ ଓ ବ୍ୟବସ୍ଥା ସମସ୍ତଙ୍କ ଆବଶ୍ୟକତାକୁ ପୂରଣ କରୁଥିବା ନେଇ ଏହାର ସଂପୃକ୍ତି ସୁନିଶ୍ଚିତ କରିଥାଏ । ପକ୍ଷପାତିତା, ବିଭିନ୍ନ ଭାଷାର ବ୍ୟବହାରରୁ ପ୍ରତିବନ୍ଧକ ହଟାଇବାରେ ସମର୍ଥନ ନ ମିଳିବା ବିଷୟବସ୍ତୁ କିମ୍ବା ଶିକ୍ଷାଦାନ ପଦ୍ଧତି ଯାହା ସମସ୍ତ ଶିକ୍ଷାର୍ଥୀଙ୍କୁ ଉପକୃତ କରୁନଥିବ ସେଗୁଡିକ ଶିକ୍ଷାରୁ ବାଦ୍ ପଡିବାର କାରଣ ହୋଇପାରିବେ । ଶାରୀରିକ, ଇନ୍ଦ୍ରିୟଜନିତ, ମାନସିକ ଓ ବୌଧିକ ଭାବେ ଭିନ୍ନକ୍ଷମ ଲୋକମାନେ ଅଧିକାଂଶ ସମୟରେ ଶିକ୍ଷାରୁ ବାଦ୍ ପଡିଥାଆନ୍ତି । ଶିକ୍ଷାରୁ ବାଦ୍ ପଡିବାରେ ଜରୁରୀକାଳୀନ ସ୍ଥିତିର ଏକ ପ୍ରଭାବ ଥାଏ । ପୂର୍ବରୁ ସ୍କୁଲ ଯାଉଥିବା କିଛି ଶିକ୍ଷାର୍ଥୀ ବିଭିନ୍ନ ପରିସ୍ଥିତି ଯଥା: ସାମାଜିକ, ସାଂସ୍କୃତିକ, ଭୌତିକ ଓ ସୁବିଧାସୁଯୋଗ ପ୍ରସଙ୍ଗ ଯୋଗୁଁ ସ୍କୁଲ ଛାଡନ୍ତି । ଅନ୍ତର୍ଭୁକ୍ତି ଶିକ୍ଷାର ଅର୍ଥ ଅଂଶଗ୍ରହଣ କରିବା ଓ ପାଠପଢ଼ିବାରୁ ଏହି ପ୍ରତିବନ୍ଧକଗୁଡିକୁ ହଟାଇବା ଏବଂ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ଉପାଦେୟ ହେବା ଭଳି ଶିକ୍ଷାଦାନ ପଦ୍ଧତି ଓ ପାଠ୍ୟକ୍ରମ ପ୍ରଚଳନ କରିବା । ଉନ୍ନତି କରିବା ପାଇଁ ସମସ୍ତଙ୍କୁ ସ୍ୱାଗତ କରିବା ଓ ସମର୍ଥନ କରିବା, ଏବଂ ସେମାନଙ୍କର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରିବା ।

**ସୂଚନା ପରିଚାଳନା:** ଏହା ଆବଶ୍ୟକତା, ଦକ୍ଷତାଗୁଡିକର ସମୀକ୍ଷା, ନିରୀକ୍ଷଣ ଓ ମୂଲ୍ୟାଙ୍କନ, ତଥ୍ୟ ସଂରକ୍ଷଣ, ତଥ୍ୟ ସମୀକ୍ଷା, ଏବଂ ସୂଚନା ଆବଣ୍ଟନ କରିବାର ବ୍ୟବସ୍ଥାକୁ ନେଇ ଗଠିତ । କେଉଁ ସୂଚନା ସଂଗ୍ରହ କରାଯିବ, କେଉଁ ପ୍ରକ୍ରିୟାରେ କରାଯିବ, କାହା ସହିତ, କେତେ ବେଳେ, କେଉଁ ଉଦ୍ଦେଶ୍ୟରେ ଓ କିପରି ତାହାକୁ ଆବଣ୍ଟନ କରାଯିବ ସେନେଇ ନିଷ୍ପତ୍ତି ନେବାକୁ ସୂଚନା ପରିଚାଳନା ଉପକରଣଗୁଡିକ ଅଂଶୀଦାରମାନଙ୍କୁ ସାହାଯ୍ୟ କରନ୍ତି ।

**ନିର୍ଦ୍ଦେଶାବଳୀ ଓ ଶିକ୍ଷାଗ୍ରହଣ ପଦ୍ଧତି:** ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ । ପାଠ୍ୟକ୍ରମ ଅନୁସାରେ ନିର୍ଦ୍ଦେଶାବଳୀ ଯୋଜନା ହୋଇଥାଏ । ସମୀକ୍ଷା ମାଧ୍ୟମରେ ଆବଶ୍ୟକତାଗୁଡିକୁ ଚିହ୍ନଟ କରାଯାଇଥାଏ, ଏବଂ ଶିକ୍ଷକମାନଙ୍କୁ ତାଲିମ ଦ୍ୱାରା ଏହା ସମ୍ଭବ ହୋଇଥାଏ । ଶିକ୍ଷା ଯୋଗାଇବାରେ ଓ ଏହାକୁ ସମର୍ଥନ କରିବାରେ ଶିକ୍ଷାର୍ଥୀ-କୈନ୍ଦ୍ରୀକ, ଅଂଶଗ୍ରହଣକାରୀ ଓ ଅନ୍ତର୍ଭୁକ୍ତି ନିର୍ଦ୍ଦେଶାବଳୀ ଓ ଶିକ୍ଷାଗ୍ରହଣ ପ୍ରକିୟା ବ୍ୟାପକ ଗୋଷ୍ଠୀକୁ ସଂଶ୍ଳିଷ୍ଟ କରିଥାଏ ।

**ଆନ୍ତଃ-ଏଜେନ୍ସୀ ଷ୍ଟାଣ୍ଡିଂ କମିଟି (ଆଇଏଏସ୍‌ସି):** ମାନବୀୟହିତ ସହାୟତା ମଧ୍ୟରେ ସମନ୍ୱୟ, ନୀତି ବିକଶିତ ଓ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ଏକ ଆନ୍ତଃ-ଏଜେନ୍ସୀ । ୧ ୯ ୯ ୨ ମସିହା ଜୁନ୍ ମାସରେ ପ୍ରତିଷ୍ଠିତ ଆଇଏଏସ୍‌ସି ଜାତିସଂଘ ସାଧାରଣ ପରିଷଦର ପ୍ରସ୍ତାବକ୍ରମେ ମାନବୀୟହିତ ସହାୟତାକୁ ଦୃଢ଼ କରିବା ପାଇଁ ଗଠନ କରାଯାଇଥିଲା । ଆଇଏଏସ୍‌ସିରେ ଉଭୟ ଜାତିସଂଘ ଓ ଅଣ-ଜାତିସଂଘ ମାନବୀୟହିତ ଅଂଶୀଦାର ରହିଛନ୍ତି ।

**ଆଭ୍ୟନ୍ତରୀଣ ବିସ୍ଥାପିତ ବ୍ୟକ୍ତି (ଆଇଡିପି):** ଜଣେ ବ୍ୟକ୍ତି ଯାହାକୁ ନିଜ ଦେଶ ମଧ୍ୟରେ ତାର ଘର କିମ୍ବା ଅଞ୍ଚଳ ଛାଡିବାକୁ ଏବଂ ସୁରକ୍ଷିତ ସ୍ଥାନ ଖୋଜିବାକୁ ବାଧ କରିବା, କିନ୍ତୁ ସେ ଅନ୍ତର୍ଜାତୀୟ ସୀମା ପାର ହୋଇନଥାଏ । ଅଧିକାଂଶ ସମୟରେ ଆଭ୍ୟନ୍ତରୀଣ ବିସ୍ଥାପିତ ବ୍ୟକ୍ତିମାନେ ଘର ଓ ଅଞ୍ଚଳ ଛାଡି ପଳାୟନ କରିବାର କାରଣଗୁଡିକ ଶରଣାର୍ଥୀମାନଙ୍କ କାରଣ ସହିତ ସାଦୃଶ୍ୟ ଥାଏ, ଯେପରିକି ସଶସ୍ତ୍ର ସଂଘର୍ଷ, ବିପର୍ଯ୍ୟୟ, ସାଧାରଣ ହିଂସା କିମ୍ବା ମାନବାଧିକାର ଉଲଂଘନ । ତେବେ ଆଇନତଃ ସେମାନେ ସେମାନଙ୍କ ନିଜ ସରକାରଙ୍କ ସୁରକ୍ଷା ଅଧୀନରେ ଥାଆନ୍ତି, ଯଦିଓ ସେହି ସରକାର ସେମାନଙ୍କର ପଳାୟନର କାରଣ ହୋଇଥାନ୍ତି । ନାଗରିକ ହିସାବରେ ସୁରକ୍ଷା ସମେତ ଉଭୟ ମାନବାଧିକାର ଆଇନ ଓ ଅନ୍ତର୍ଜାତୀୟ ମାନବୀୟହିତ ଆଇନ ଦ୍ୱାରା ସେମାନେ ସେମାନଙ୍କ ଅଧିକାର ଫେରିପାଆନ୍ତି ।

**ଶିକ୍ଷାର୍ଥୀ:** ଶିକ୍ଷା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଶିଶୁ, ଯୁବବର୍ଗ ଓ ବୟସ୍କଙ୍କ ସମେତ ସମସ୍ତ ଲୋକ ଏଥିରେ ଅନ୍ତର୍ଭୁକ୍ତ । ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଔପଚାରିକ ଶିକ୍ଷା, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷାରେ ତାଲିମ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ଅନୌପଚାରିକ ଶିକ୍ଷା ଯେପରିକି ଅକ୍ଷର ଓ ସଂଖ୍ୟା ସଂପର୍କିତ ଶ୍ରେଣୀ, ଗୋଷ୍ଠୀରେ ଜୀବନ କୌଶଳ ପାଠ୍ୟକ୍ରମ ଓ ସମବୟସ୍କଙ୍କ ଶିକ୍ଷାଦାନ ସାମିଲ ହୋଇଥାଏ ।

**ଶିକ୍ଷାଲାଭ ଫଳାଫଳ:** ଏକ ପାଠ୍ୟକ୍ରମ ଅବା ଶିକ୍ଷା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଦ୍ୱାରା ଛାତ୍ରଛାତୀମାନେ ଲାଭ କରିଥିବା ଜ୍ଞାନ, ମନୋଭାବ, କୌଶଳ ଓ ଦକ୍ଷତାକୁ ବୁଝାଏ । ଶିକ୍ଷାଲାଭ ଫଳାଫଳ ହେଉଛି ସାଧାରଣତଃ ଶିକ୍ଷାଲାଭ ପ୍ରକ୍ରିୟା ମଧ୍ୟରେ ଛାତ୍ରଛାତ୍ରୀମାନେ କଣ ଜାଣିବା ଉଚିତ ଓ କଣ ଜାଣିପାରିବାର ଦକ୍ଷତା ରହିଛି ।

**ଶିକ୍ଷାଗ୍ରହଣ ସାଇଟ୍:** ପାଠପଢ଼ିବା ପାଇଁ ସ୍ଥାନ ।

**ଶିକ୍ଷାଗ୍ରହଣ ଜାଗା:** ଯେଉଁଠାରେ ଶିକ୍ଷାଦାନ ଓ ଶିକ୍ଷାଲାଭ ହୋଇଥାଏ । ଉଦାହରଣ ସ୍ୱରୂପ ନିଜସ୍ୱ ଘର, ଶିଶୁ-ଯତ୍ନ କେନ୍ଦ୍ର, ପ୍ରାକ୍-ସ୍କୁଲ, ଅସ୍ଥାୟୀ ଡ଼ାଞ୍ଚା ଓ ସ୍କୁଲଗୁଡିକ ।

**ଜୀବନ କୌଶଳ:** କୌଶଳ ଓ ଦକ୍ଷତା ଲୋକମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଆସୁଥିବା ଚ୍ୟାଲେଞ୍ଜକୁ ମୁକାବିଲା କରିବାରେ ଓ ଦରକାରଗୁଡିକୁ ପୂରଣ କରିବାରେ ସହାୟକ ହୋଇଥାଏ । ସମାଜର ଅଂଶଗ୍ରହଣକାରୀ ସଦସ୍ୟ ଭାବେ ସେମାନଙ୍କୁ ଚିନ୍ତା କରିବା, ଅନୁଭବ କରିବା ଓ ଭାବର ଆଦାନପ୍ରଦାନ କରିବାରେ ସେମାନେ ସାହାଯ୍ୟ କରିଥାନ୍ତି । ଜୀବନ କୌଶଳ ତିନୋଟି ଶ୍ରେଣୀରେ ବିଭକ୍ତ : ବୌଦ୍ଧିକ, ବ୍ୟକ୍ତିଗତ କିମ୍ବା ଆବେଗିକ, ଏବଂ ଆନ୍ତଃ-ବ୍ୟକ୍ତିଗତ ଅବା ସାମାଜିକ । ଜୀବନ କୌଶଳ ସାଧାରଣ ବି ହୋଇପାରେ, ଉଦାହରଣ ସ୍ୱରୂପ - ଅନ୍ୟମାନଙ୍କ ସହିତ ସମୀକ୍ଷା ଓ ସୂଚନା ବ୍ୟବହାର କରିବା, ଯୋଗାଯୋଗ ଓ ଭାବର ଆଦାନପ୍ରଦାନ କରିବା । ସେଗୁଡିକ ନିର୍ଦ୍ଦିଷ୍ଟ ପ୍ରକାର ବିଷୟବସ୍ତୁ ଅଞ୍ଚଳ ଯେପରିକି ବିପଦ ଆଶଙ୍କା ହ୍ରାସ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ପ୍ରୋତ୍ସାହନ, ଏଚଆଇଭି ନିବାରଣ, ହିଂସା ପ୍ରତିରୋଧ କିମ୍ବା ଶାନ୍ତି ପ୍ରତିଷ୍ଠା ସଂପର୍କରେ ହୋଇପାରେ । ବିପର୍ଯ୍ୟୟ ସମୟରେ ହିଁ ଜୀବନ କୌଶଳର ଆବଶ୍ୟକତା ବଢ଼ିଯାଏ । ଜରୁରୀକାଳୀନ ଓ ସ୍ଥାନୀୟ ପୃଷ୍ଠଭୂମିରେ ଜୀବନ କୌଶଳ ଗଠନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ରହିଛି ।

**ଜୀବନଜୀବିକା:** ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ଦକ୍ଷତା, ଉପକରଣ, ସୁଯୋଗ ଓ କାର୍ଯ୍ୟକ୍ରମ । ବିଭିନ୍ନ ପ୍ରକାର ସମ୍ବଳ ଯଥା ଆର୍ଥିକ, ପ୍ରାକୃତିକ, ଭୌତିକ, ସାମାଜିକ ଓ ମାନବୀୟ ସମ୍ବଳ । ଉଦାହରଣ ସ୍ୱରୂପ – ଜମି ଓ ବଜାରକୁ ଯିବାକୁ ଗମନାଗମନ ସୁବିଧା, ଜୀବନଜୀବିକା ବଜାୟ ରହିବା, ଯେତେବେଳେ ଏହା ଚାପ ଓ ଝଟ୍‌କାରୁ ପୁନର୍ଲାଭ ପାଇପାରିବ, ଦକ୍ଷତାକୁ ବୃଦ୍ଧି କରିପାରିବ ଏବଂ ଆଗାମୀପୀଢ଼ି ପାଇଁ ଜୀବନଜୀବିକା ଯୋଗାଇ ଦେଉଥିବ ।

**ଅନୌପଚାରିକ ଶିକ୍ଷା:** ଶିକ୍ଷା କାର୍ଯ୍ୟକ୍ରମ ଯାହା ଔପଚାରିକ ଶିକ୍ଷାର ସଂଜ୍ଞାର ଅନୁରୂପ ନୁହେଁ । ଉଭୟ ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ସମସ୍ତ ବୟସର ଲୋକମାନଙ୍କୁ ଅନୌପଚାରିକ ଶିକ୍ଷା ଦିଆଯାଏ । ଏହା ସବୁବେଳେ ସ୍ୱିକୃତିପ୍ରାପ୍ତ ହୋଇନଥାଏ । ଶିଶୁ ଓ ବୟସ୍କମାନଙ୍କର ନୂଆ ଶିକ୍ଷା ଆବଶ୍ୟକତାକୁ ତତ୍‌କ୍ଷଣାତ୍ ପୂରଣ କରିବା ପାଇଁ ଅନୌପଚାରିକ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ ସେମାନଙ୍କର ପ୍ରକାର, ନମନୀୟତା ଓ ଦକ୍ଷତା ଅନୁସାରେ ଚିତ୍ରଣ କରାଯାଏ । ଅଧିକାଂଶ ସମୟରେ ଗ୍ରେଡ ଲେଭେଲ୍‌ରୁ ଅଧିକ ବୟସର ଲୋକ, ଯେଉଁମାନେ ଆଦୌ ସ୍କୁଲ ଯାଇନଥାଆନ୍ତି ଓ ପ୍ରୌଢ଼ମାନଙ୍କ ପାଇଁ ପୃଥକ ଭାବେ ନିର୍ଦ୍ଦିଷ୍ଟ ପ୍ରକାର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଥାଏ । ଉଦାହରଣ ସ୍ୱରୂପ – କ୍ୟାଚ – ଅପ୍ ଲର୍ଣ୍ଣିଂ ସ୍କୁଲ ପରବର୍ତ୍ତୀ କାର୍ଯ୍ୟକ୍ରମ, ସାକ୍ଷରତା ଓ ସଂଖ୍ୟାଗଣନା ଇତ୍ୟାଦି । ଅନୌପଚାରିକ ଶିକ୍ଷା ନିୟମିତ ଶିକ୍ଷା କାର୍ଯ୍ୟକ୍ରମରେ ବିଳମ୍ବ ଘଟାଇପାରେ । ଏହାକୁ ବେଳେବେଳେ ଶିକ୍ଷାର ଦ୍ୱିତୀୟ ସୁଯୋଗ ବୋଲି କୁହାଯାଏ ।

**ଅଂଶଗ୍ରହଣ:** ବିଭିନ୍ନ ପ୍ରକ୍ରିୟା, ନିଷ୍ପତ୍ତି ଗ୍ରହଣ ଓ କାର୍ଯ୍ୟକ୍ରମରେ ସଂପୃକ୍ତ ହେବା ଓ ସେଗୁଡ଼ିକୁ ପ୍ରଭାବିତ କରିବା । ଅଂଶଗ୍ରହଣ ହେଉଛି ସମସ୍ତଙ୍କ ପାଇଁ ଏକ ଅଧିକାର ଏବଂ ଗୋଷ୍ଠି ସହିତ କାର୍ଯ୍ୟ କରିବା ଓ କାର୍ଯ୍ୟକ୍ରମଗୁଡ଼ିକୁ ବିକଶିତ କରିବାର ଏବଂ ଆଧାର । ଦକ୍ଷତାର ବିକାଶ ଅନୁସାରେ ଅଂଶଗ୍ରହଣ ପରିବର୍ତ୍ତନ ହୋଇଥାଏ । ବୟସ୍କ, ଶିଶୁ, ଯୁବବର୍ଗ, ଭିନ୍ନକ୍ଷମ ଲୋକ ଓ ଦୁର୍ବଳ ବର୍ଗଗୁଡ଼ିକ ସମେତ ସମସ୍ତ ବର୍ଗ ପ୍ରାରମ୍ଭିକ ବୟସରୁ ବିଭିନ୍ନ ଉପାୟରେ ଅଂଶଗ୍ରହଣ କରିପାରିବେ । ଅଂଶଗ୍ରହଣର ସୁଯୋଗରୁ କୌଣସି ବର୍ଗଙ୍କୁ ବଞ୍ଚିତ କରିବା ଉଚିତ୍ ନୁହେଁ କାରଣ ସେମାନଙ୍କ ପାଖରେ ପହଞ୍ଚିବା କଷ୍ଟକର ହେବା ସହିତ ସେମାନଙ୍କ ସହିତ କାମ କରିବା ମଧ୍ୟ କଷ୍ଟକର ହୋଇଥାଏ । ଅଂଶଗ୍ରହଣ ହେଉଛି ସ୍ୱେଚ୍ଛାକୃତ । ଅଂଶଗ୍ରହଣ କରିବାକୁ ଲୋକମାନଙ୍କୁ ଆମନ୍ତ୍ରଣ ଓ ପ୍ରୋତ୍ସାହିତ କରାଯାଏ, ବାଧ କରାଯାଏ ନାହିଁ କିମ୍ବା କୌଶଳ ପ୍ରୟୋଗ କରାଯାଏ ନାହିଁ । ଅଂଶଗ୍ରହଣ କରିବା ଅନେକ ଗୁଡ଼ିଏ ଗତିବିଧୀ ଓ ପଦ୍ଧତିକୁ ନେଇ ହୋଇଥାଏ । ପ୍ରତିରୋଧ ନକରି ମାନିନେଉଥିବା ଭୂମିକାରେ ରହିଛି ସେବା ବ୍ୟବହାର, ଉପକରଣ ସମ୍ବଳ ପ୍ରଦାନ, ଅନ୍ୟମାନଙ୍କ ଦ୍ୱାରା ହେଉଥିବା ନିଷ୍ପତ୍ତିକୁ ଗ୍ରହଣ କରିନେବା ଓ ଅନ୍ୟମାନଙ୍କ ସହିତ କମ୍ ଉପାୟରେ ବିଚାରବିମର୍ଶ କରିବା । ସକ୍ରିୟ ଅଂଶଗ୍ରହଣର ଉଦାହରଣ ମଧ୍ୟରେ ରହିଛି ସମୟ ଦେବା, ନିଷ୍ପତ୍ତି ଗ୍ରହଣ ଓ ଶିକ୍ଷା କାଯ୍ୟକ୍ରମରେ ପ୍ରତ୍ୟେକ୍ଷ ଯୋଗଦାନ ।

**ଅଂଶଗ୍ରହଣୀୟ ଜ୍ଞାନ:** ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଏକ ପନ୍ଥା ଯାହା ଶିକ୍ଷାର୍ଥୀମାନଙ୍କ ଉପରେ ଦୃଷ୍ଟି ଦେଇଥାଏ । ଏହା ଶିକ୍ଷାର୍ଥୀଙ୍କ ବିଭିନ୍ନ କାମ, ଛୋଟ ଦଳଗୁଡିକର ବ୍ୟବହାର, ସଠିକ୍ ଉପକରଣ, ସିଧାସଳଖ ପ୍ରଶ୍ନ ଓ ସମବୟସ୍କ ଶିକ୍ଷା ଦ୍ୱାରା ଉତ୍ସାହିତ ହୋଇ କରିଥାଏ । ଉଦାହରଣ ସ୍ୱରୂପ, ଗାଣିତିକ ବିଷୟବସ୍ତୁଗୁଡିକୁ ବୁଝିବା ପାଇଁ ଶିକ୍ଷାର୍ଥୀମାନେ ପ୍ରାକ୍ଟିକାଲର ବ୍ୟବହାର କରନ୍ତି କିମ୍ବା ସମସ୍ୟାର ସମାଧାନ ପାଇଁ ଏକାଠି କାମ କରନ୍ତି ଓ ପ୍ରଶ୍ନ ଏବଂ ଉତ୍ତର ପଚରାପଚରି ହୁଅନ୍ତି । ଅଂଶଗ୍ରହଣୀୟ ଶିକ୍ଷାଲାଭ ଶିକ୍ଷକ କୈନ୍ଦ୍ରିକ ପଦ୍ଧତିଠାରୁ ଭିନ୍ନ,ଯେଉଁଥିରେ ଶିକ୍ଷାର୍ଥୀମାନେ ସହଜରେ ମାନି ନେବା ଢ଼ଙ୍ଗରେ ଡେସ୍କରେ ବସି, ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତି ଓ ଏକ କଳାପଟାରୁ ଉତାରନ୍ତି । ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ଆବଶ୍ୟକତାକୁ ସମୀକ୍ଷା କରିବା, ସମାଧାନର ସୂତ୍ର ବାହାର କରିବା ଓ ବିକଶିତ କରିବା ଏବଂ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରିବା ପାଇଁ ଅଂଶଗ୍ରହଣୀୟ ଶିକ୍ଷାଲାଭକୁ ଶିକ୍ଷକ ଓ ଶିକ୍ଷା ଅଧିକାରୀମାନେ ମଧ୍ୟ ବ୍ୟବହାର କରିବା ଉଚିତ୍ ।

**ପ୍ରସ୍ତୁତି:** ସାଂପ୍ରତିକ, ଆସନ୍ନ, ସମ୍ଭାବ୍ୟ ବିପଦପୂର୍ଣ୍ଣ ଘଟଣା ଅବା ସ୍ଥିତିକୁ ପ୍ରଭାବଶାଳୀ ଭାବେ ମୁକାବିଲା କରିବା ପାଇଁ ସରକାର, ବୃତ୍ତିଭିତ୍ତିକ ପ୍ରତିକ୍ରିୟା ଓ ପୁନର୍ଲାଭ ସଂଗଠନ, ଗୋଷ୍ଠୀ ଓ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବିକଶିତ କରାଯାଇଥିବା ଜ୍ଞାନ ଓ ଦକ୍ଷତାକୁ ବୁଝାଏ ।

**ପ୍ରତିରୋଧ:** ବିପଦ ଓ ବିପର୍ଯ୍ୟୟ ସଂପର୍କିତ ଖରାପ ପ୍ରଭାବକୁ ଏଡାଇବା ପାଇଁ ଗ୍ରହଣ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ।

**ସୁରକ୍ଷା:** ସମସ୍ତ ପ୍ରକାର ନିର୍ଯ୍ୟାତନା, ଶୋଷଣ, ହିଂସା ଓ ଅବହେଳାରୁ ମୁକ୍ତ କରିବା ।

**ମାନସିକ-ସାମାଜିକ ସମର୍ଥନ:** ସମାଜରେ ଲୋକମାନଙ୍କର ସୁସ୍ଥାବସ୍ଥାକୁ ପ୍ରୋତ୍ସାହିତ କରିବାର ପ୍ରକ୍ରିୟା ଓ କାର୍ଯ୍ୟାନୁଷ୍ଠାନ । ଏଥିରେ ପରିବାର ଓ ବନ୍ଧୁମାନଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସମର୍ଥନ ମଧ୍ୟ ଅନ୍ତର୍ଭୁକ୍ତ । ଉଦାହରଣ : ପରିବାରଠାରୁ ପୃଥକ ହୋଇଯାଇଥିବା ଛୁଆମାନଙ୍କୁ ଏକାଠି କରିବା ଓ ଏକ ଜରୁରୀକାଳୀନ ବ୍ୟବସ୍ଥାରେ ଶିକ୍ଷା ପ୍ରଚଳିତ କରିବା ପରିବାର ଓ ଗୋଷ୍ଠୀର ସମର୍ଥନ ଅନ୍ତର୍ଭୁକ୍ତ ହୋଇଥାଏ ।

**ଗୁଣାତ୍ମକ ଶିକ୍ଷା:** ଗୁଣାତ୍ମକ ଶିକ୍ଷା ହେଉଛି ଯାହା ସହନଶୀଳ, ଉପଲବ୍ଧ, ଲିଙ୍ଗ-ସମ୍ବେଦନଶୀଳ ଓ ବିଭିନ୍ନ ବର୍ଗକୁ ଛୁଉଁଥିବ । ଏଥିରେ ରହିଛି (୧) ଏକ ନିରାପଦ ଓ ଶିକ୍ଷାର୍ଥୀଙ୍କୁ ସୁହାଇବା ଭଳି ପରିବେଶ, ୨) ବିଷୟବସ୍ତୁ ଓ ଶିକ୍ଷା ବିଜ୍ଞାନ ସଂପର୍କରେ ଜ୍ଞାନ ଥିବା ଭଲ ତାଲିମପ୍ରାପ୍ତ ଶିକ୍ଷକ, ୩) ଏକ ସଠିକ ପୃଷ୍ଠଭୂମି ସୂଚୀତ ପାଠ୍ୟକ୍ରମ ଯାହାର ବ୍ୟାପକତା ଥିବ ଓ ଛାତ୍ରଛାତୀମାନଙ୍କ ପାଇଁ ସାଂସ୍କୃତିକ, ଭାଷାଗତ ଏବଂ ସାମାଜିକ ଭାବେ ପ୍ରାସଙ୍ଗିକ ହୋଇଥିବ, ୪) ଶିକ୍ଷାଦାନ ଓ ଶିକ୍ଷାଲାଭ ପାଇଁ ଉପଯୁକ୍ତ ଓ ପ୍ରାସଙ୍ଗିକ ଉପକରଣ, ୫) ନିର୍ଦ୍ଦେଶାବଳୀ ଓ ଶିକ୍ଷା ପ୍ରକ୍ରିୟାରେ ଅଂଶଗ୍ରହଣକାରୀ ପଦ୍ଧତି, ୬) ସଠିକ ଆକାରର ଶ୍ରେଣୀଗୃହ ଓ ଶିକ୍ଷକ-ଛାତ୍ରଛାତ୍ରୀ ହାର, ୭) ଆମୋଦପ୍ରମୋଦ, ଖେଳ, କ୍ରୀଡା ଓ ସୃଜନାତ୍ମକ କାର୍ଯ୍ୟକ୍ରମ ସମେତ ସାକ୍ଷରତା, ସଂଖ୍ୟାଗଣନା ଓ ଜୀବନକୌଶଳର ଶିକ୍ଷା ।

**ପୁନର୍ଲାଭ:** ବିପର୍ଯ୍ୟୟ ଆଶଙ୍କା ପ୍ରସଙ୍ଗଗୁଡିକ ସମେତ ସୁବିଧାସୁଯୋଗ, ଜୀବନଜୀବିକା, ଜୀବନ ପରିସ୍ଥିତି କିମ୍ବା ପ୍ରଭାବିତ ଗୋଷ୍ଠୀର ମାନସିକ ସାମାଜିକ ସୁସ୍ଥାବସ୍ଥାର ପୁନରୁଦ୍ଧାର ଓ ଉନ୍ନତିକରଣ ।

**ଶରଣାର୍ଥୀ:** ୧୯୫୧ ଶରଣାର୍ଥୀ ସମ୍ମେଳନ ଅନୁଯାୟୀ ଜଣେ ଶରଣାର୍ଥୀ ହେଉଛି ସେହି ବ୍ୟକ୍ତି ଯିଏ ଜାତି, ଧର୍ମ, ଜାତୀୟତା, ଏକ ନିର୍ଦ୍ଦିଷ୍ଟ ସାମାଜିକ ବର୍ଗର ସଦସ୍ୟ ଅବା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ମତ ରଖୁଥାଏ, ସେ ନିଜ ଦେଶ ବାହାରେ ଥାଏ ଏବଂ ଭୟରେ ସେହି ଦେଶର ସୁରକ୍ଷା ଉପରେ ବିଶ୍ୱାସ କରିପାରେନାହିଁ ।

**ପ୍ରାସଙ୍ଗିକ ଶିକ୍ଷା:** ଶିକ୍ଷାର୍ଥୀମାନଙ୍କ ପାଇଁ ସଠିକ ଶିକ୍ଷା ସୁଯୋଗ । ପ୍ରାସଙ୍ଗିକ ଶିକ୍ଷା ସ୍ଥାନୀୟ, ପାରପାଂରିକ ଓ ଆନୁଷ୍ଠାନିକ, ସକରାତ୍ମକ ସାଂସ୍କୃତିକ ଅଭ୍ୟାସ, ବ୍ୟବସ୍ଥା ଉପରେ ବିଶ୍ୱାସ ଓ ଗୋଷ୍ଠୀର ଆବଶ୍ୟକତାକୁ ବିଚାରକୁ ନେଇଥାଏ । ଏହା ଜାତୀୟ ଓ ଆନ୍ତର୍ଜାତୀୟ ପୃଷ୍ଠଭୂମି ଆଧାରରେ ଶିଶୁମାନଙ୍କ ପାଇଁ ଏକ ସକାରାତ୍ମକ ଭବିଷ୍ୟତ ପ୍ରସ୍ତୁତ କରିଥାଏ । ପ୍ରାସଙ୍ଗିକ ଶିକ୍ଷା ହେଉଛି ଶୈକ୍ଷିକ ଗୁଣର ଏକ ଉପାଦାନ ଯାହା ଅନ୍ତନିର୍ଦ୍ଦେଶ କରେ କ'ଣ ଶିକ୍ଷାଲାଭ କଲ, ଏହା କିପରି ଶିକ୍ଷାଲାଭ ହେଲା ଓ ଶିକ୍ଷାଲାଭର ପ୍ରଭାବ କେତେ ।

**ନମନୀୟତା:** ଏକ ବ୍ୟବସ୍ଥା, ଗୋଷ୍ଠୀ କିମ୍ବା ବ୍ୟକ୍ତିର ବିପଦକୁ ଗ୍ରହଣ କରିନେବାର ଦକ୍ଷତା । ଏହି ନମନୀୟତାର ଅର୍ଥ ଏକ ଗ୍ରହଣୀୟ ସ୍ତରର କାର୍ଯ୍ୟକ୍ରମ ଓ ଢ଼ାଞ୍ଚାରେ ପହଞ୍ଚିବା ଓ ବଜାୟ ରଖିବା । ନମନୀୟତା ସମାଧାନ ବ୍ୟବସ୍ଥା ଓ ଜୀବନ କୌଶଳ, ସହଯୋଗ ଆବଶ୍ୟକ କରିବାର ଯୋଗ୍ୟତା, ଦୃଢ଼ଇଚ୍ଛାଶକ୍ତି, ଉଚ୍ଚ ଆଶା, ବିଶ୍ୱାସ ଆଦି ଉପରେ ନିର୍ଭର କରେ । ନମନୀୟତା ସେତେବେଳେ ଘଟେ ଯେତେବେଳେ ନିରାପଦ ପ୍ରସଙ୍ଗ ଗୁଡିକ ସୁସ୍ଥାବସ୍ଥାକୁ ସମର୍ଥନ କରିବା ପ୍ରକ୍ରିୟା, କ୍ଷତି ପହଞ୍ଚାଉଥିବା ପ୍ରସଙ୍ଗଗୁଡିକଠାରୁ ଦୃଢ଼ ହୋଇଯାଏ ।

**ବିପଦ:** ପ୍ରାକୃତିକ ବିପଦ, ଏଚ୍‌ଆଇଭି, ଲିଙ୍ଗ-ଆଧାରିତ ହିଂସା, ସଶସ୍ତ୍ର ଆକ୍ରମଣ ଓ ଅପହରଣ ଏବଂ ବ୍ୟକ୍ତିଗତ ବିପଦ ଯଥା – ଦାରିଦ୍ର୍ୟ, ଶାରୀରିକ ଅବା ମାନସିକ ଭିନ୍ନକ୍ଷମତା ଅବା ଏକ ଦୁର୍ବଳ ଦଳର ସଦସ୍ୟତା ଭଳି ବାହ୍ୟ ଉୟର ଉତ୍ପାଦନ ।

**ବିପଦ ସମୀକ୍ଷା:** ବିପଦର ଦକ୍ଷତା ଓ ପାରିପାର୍ଶ୍ୱିକ ପରିବେଶକୁ ଆକଳନ କରି ଯାହା ଲୋକଙ୍କ ପ୍ରତି, ସେମାନଙ୍କ ସଂପତ୍ତି ପ୍ରତି, ଜୀବନଜୀବିକା ପ୍ରତି କ୍ଷତି ପହଞ୍ଚାଇ ପାରିବ ତାର ପ୍ରକୃତି ଓ ବ୍ୟାପକତାକୁ ନିରୁପଣ କରିବାର ପଦ୍ଧତି ।

**ସୁରକ୍ଷା:** ଶାରୀରିକ କିମ୍ୱା ମାନସିକ-ସାମାଜିକ କ୍ଷୟକ୍ଷତିରୁ ମୁକ୍ତ ।

**ନିରାପତ୍ତା:** ଭୟ, ବିପଦ, କ୍ଷତ ଅବା ହରାଇବା ଆଦିରୁ ସୁରକ୍ଷା

**ଅଂଶୀଦାର:** ଏକ ପ୍ରକଳ୍ପ କିମ୍ୱା କାର୍ଯ୍ୟକ୍ରମରେ ଆଗ୍ରହ ଥିବା ବ୍ୟକ୍ତି, ଦଳ କିମ୍ୱା ଅନୁଷ୍ଠାନ ।

**ଦୁର୍ବଳତା:** ଏକ ପରିସ୍ଥିତି ଯେଉଁଥିରେ ଜଣେ ବ୍ୟକ୍ତି ଅବା ଏକ ଦଳ ଆକ୍ରମଣର ଶିକାର ହେବା, କ୍ଷତାକ୍ତ ହେବା ବା ଚାପରେ ରହିବାର ସମ୍ଭାବନା ଥାଏ । ଉଦାହରଣ ସ୍ୱରୂପ କାହାରି ସାଥୀରେ ନଥିବା ଶିଶୁ, ଭିନ୍ନକ୍ଷମ ଲୋକ, ଏକୁଟିଆ ମୁଖିଆ ଥିବା ଘରରବ୍ୟକ୍ତି ଓ ସଶସ୍ତ୍ର ବାହିନୀ ଏବଂ ସଶସ୍ତ୍ର ବାହିନୀଗୁଡିକ ସହିତ ସଂଶ୍ଳିଷ୍ଟ ଶିଶୁମାନେ ।

**ସୁସ୍ଥାବସ୍ଥା:** ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଚିକିତ୍ସାର ସ୍ଥିତି ଓ ଏହାକୁ ହାସଲ କରିବାର ପ୍ରକ୍ରିୟା । ଏହା ଶାରୀରିକ, ଆବେଗିକ, ସାମାଜିକ ଓ ଉତ୍ତମ ସ୍ୱାସ୍ଥ୍ୟକୁ ଅନ୍ତର୍ନିର୍ଦ୍ଦେଶ କରିଥାଏ । ସୁସ୍ଥାବସ୍ଥା କହିଲେ ଯେଉଁଥିରେ ବ୍ୟକ୍ତି ପାଇଁ କ'ଣ ଭଲ, ଏକ ଅର୍ଥପୂର୍ଣ୍ଣ ସାମାଜିକ ଭୂମିକାରେ ଅଂଶଗ୍ରହଣ, ଖୁସି ଅନୁଭବ କରିବା ଓ ଆଶାବାଦୀ ହେବା, ଉତ୍ତମ ନୀତି ଅନୁସାରେ ବଞ୍ଚିବା ଯାହା କି ସ୍ଥାନୀୟ ଭାବେ ନିରୂପିତ ହୋଇଥାଏ, ସକରାତ୍ମକ ଜୀବନ କୌଶଳ ଦ୍ୱାରା ଚ୍ୟାଲେଞ୍ଜଗୁଡିକର ମୁକାବିଲା କରିବା, ସୁରକ୍ଷା, ନିରାପତ୍ତା ଓ ଗୁଣାତ୍ମକ ସେବା ସୁଯୋଗକୁ ଅନ୍ତର୍ଭୁକ୍ତ କରିଥାଏ ।

**ଯୁବ ଓ କିଶୋର:** ଯୁବମାନେ ହେଉଛନ୍ତି ୧୫ ରୁ ୨୪ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଏବଂ କିଶୋର ହେଉଛନ୍ତି ୧୦ ରୁ ୧୯ ବର୍ଷ ମଧ୍ୟରେ ବ୍ୟକ୍ତି । ଏ ଦୁଇଟି ବର୍ଗ ଏକାଠି ମିଶି ଏକ ବ୍ୟାପକ ଯୁବ ସମାଜ ଗଠନ କରନ୍ତି, ଯେଉଁମାନଙ୍କର ବୟସ ୧୦ ରୁ ୨୪ ବର୍ଷ ମଧ୍ୟରେ ହୋଇଥାଏ । କିଶୋରାବସ୍ଥାର ଶେଷ ଓ ପ୍ରାପ୍ତବୟସ୍କର ଆରମ୍ଭ ମଧ୍ୟରେ ପାର୍ଥକ୍ୟ କରିଛି । ଏକ ଦେଶରେ ବା ସଂସ୍କୃତିରେ ବିଭିନ୍ନ ବୟସ ଥାଏ ଯେଉଁଥିରେ ପୁଅ ବା ଝିଅକୁ ଦକ୍ଷ ବୋଲି କୁହାଯାଏ ଓ ସମାଜ ତାକୁ କିଛି ଦାୟିତ୍ୱ ଦେଇପାରିବ ବୋଲି ବିଶ୍ୱାସ ରଖେ । ଜରୁରୀକାଳୀନ ସ୍ଥିତିରେ କିଶୋରକିଶୋରୀମାନଙ୍କର ଆବଶ୍ୟକତା ଗୁଡିକ ଛୋଟ ପିଲା ଓ ବୟସ୍କମାନଙ୍କଠାରୁ ଅଲଗା ହୋଇଥାଏ । ଯୁବମାନେ ସ୍ୱାଧୀନ ଦାୟିତ୍ୱ ଆଡକୁ ଅଗ୍ରସର ହୁଅନ୍ତି । ସାମାଜିକ-ସାଂସ୍କୃତିକ, ଆନୁଷ୍ଠାନିକ, ଆର୍ଥିକ ଓ ରାଜନୈତିକ ଆଦି ପ୍ରସଙ୍ଗ ଉପରେ ନିର୍ଭର କରି ସଂଜ୍ଞାଗୁଡିକ ପରିବର୍ତ୍ତନଶୀଳ ହୋଇଥାନ୍ତି ।

## ଅତିରିକ୍ତ ଅଂଶ - ୨ - ସଂକ୍ଷିପ୍ତ ଶବ୍ଦ

**ଏଡ୍ସ :** ଆକ୍ୱାର୍ଡ ଇମ୍ୟୁନୋ ଡେଫିସିଏନ୍ସୀ ସିନ୍ଡ୍ରୋମ୍

**ଏଚ୍ଆଇଭି :** ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସୀ ଭାଇରସ୍

**ଆଇଏଏସ୍ସି :** ଇଣ୍ଟର-ଏଜେନ୍ସୀ ଷ୍ଟାଣ୍ଡିଂ କମିଟି

**ଆଇଡିପି :** ଇଣ୍ଟରନାଲି ଡିସ୍ପ୍ଲେସ୍ଡ ପରସନ୍

**ଆଇଏଲଓ :** ଇଣ୍ଟର ନ୍ୟାସନାଲ ଲେବର ଅର୍ଗାନାଇଜେସନ୍

**ଆଇଏନ୍ଇଇ :** ଇଣ୍ଟର ଏଜେନ୍ସୀ ନେଟୱାର୍କ ଫର ଏଜୁକେସନ୍ ଇନ୍ ଏମରଜେନ୍ସୀ

**ଏମ୍ଏଫ୍ଏ :** ମିନିଷ୍ଟ୍ରି ଅଫ୍ ଫରେନ୍ ଆଫେୟାର୍ସ

**ଏନ୍ଜିଓ :** ନନ୍ ଗଭର୍ନ୍‌ମେଣ୍ଟ ଅର୍ଗାନାଇଜେସନ୍

**ନୋଡାଲ :** ନରୱେନ୍ ଏଜେନ୍ସୀ ଫର ଡେଭଲପ୍‌ମେଣ୍ଟ

**ସିପ୍ :** ସ୍କୁଲ ଏଣ୍ଟର ପ୍ରାଇଜ୍ ଏଜୁକେସନ୍ ଏବଂ ପ୍ରୋମୋସନ୍

**ୟୁଏନ୍ସ୍କୋ :** ୟୁନାଇଟେଡ୍ ନେସନ୍ ଏଜୁକେସନାଲ୍, ସାଇଣ୍ଟିଫିକ୍ ଆଣ୍ଡ କଲଚର୍

**ୟୁଏନ୍ଏଚ୍ସିଆର୍ :** ୟୁନାଇଟେଡ୍ ହାଇକମିଶନ୍ ଫର ରିଫ୍ୟୁଜି

**ୟୁନିସେଫ :** ୟୁନାଇଟେଡ୍ ନେସନ୍ ଚିଲ୍ଡ୍ରେନ୍ ଫଣ୍ଡ

# ଅତିରିକ୍ତ ଅଂଶ - ୩ - ଅନୁକ୍ରମଣିକା

access 8, 29, 53, 115 *see also* equal access
access routes 64
accountability 33, 114, 115
active learning 87
adolescents 126
adult learners 43, 44, 57
analysis 19, 21, 35–49
    assessment 19, 35–40, 116
    evaluation 19, 48–9
    monitoring 19, 45–7
    response strategies 19, 41–4
assessment 19, 35–40, 115
    collaboration 39
    context analysis 37–8
    coordination 33, 36
    data collection tools 36
    data validity and analysis 38
    disaggregated data 35–6, 40, 116
    of education and psychosocial needs 40
    ethical considerations 36
    findings 40
    information sources 36
    key actions 35
    of learners 47
    of learning outcomes 75, 76, 78, 89–90
    participants 39
    and response strategies 41–2
    teams 36
    timing of initial assessments 35
attacks, protection from 64–5, 108

baseline data 44

capacity 9–10, 30, 33, 38, 115
capacity building 27, 42, 47, 49, 102, 115
child-friendly spaces and schools 57–8, 115
child protection 115
children 25–6, 29, 87, 115
class size 97
classroom management 66
codes of conduct 63, 65, 66, 99–100
cognitive processes 116
community education committees 23–4, 116
community participation 19, 20, 22–7, 121
    capacity building 27
    children and youth 25–6

community education committees 23–4, 116
equal access 59
inclusiveness 22–3
key actions 22
local education action plans 24–5
planning and implementation 106
protection 63, 66
roles and responsibilities 24
safety promotion 63
social audits 26
community resources 19, 28–30
access and security 29
building for the long term 29
key actions 28
local capacity 30
recognition of contributions 29–30
conflict analysis 37
conflict mitigation 116
context analysis 9–10, 11, 21, 37–8, 78, 109–10
contracts 98
coordination 19, 20–1, 31–4
accountability 33
information and knowledge management 32–3
inter-agency coordination committees 31–2
joint assessments 33, 36
key actions 31
resource mobilisation 32
results-oriented approach 34
core competencies 79
corruption 109–10
curricula 75, 76, 77–82
context, age and developmental levels 78, 79
core competencies 79
definitions 77–8
diversity 81–2
key actions 77
language of instruction 81
learning materials 82
life skills 79–80
psychosocial needs 80–1
review and development 78–9
for teacher training 83–4

dangers 62, 63–4
data
baseline data 44
collection 36, 42

  disaggregated data 35–6, 40, 116
  qualitative data 49
  quantitative data 48–9
  validity and analysis 38, 42
disabilities, people with 70, 71, 81, 116
disasters 116
  preparedness 110, 121
  risk reduction and management 44, 66–7, 116
discrimination 54, 55–7, 68–9, 95, 110–11, 117
distress 76, 80, 117
'Do No Harm' 42, 117

early childhood development 62, 79, 108, 117
education authorities 117
Education Cluster 4, 11, 16, 31, 117
education in emergencies 2–3, 117
  and humanitarian response 3–4, 44
  right to education 5–6, 7, 56, 106, 107–8
education policy 8, 105–14
  law and policy formulation 105, 107–11
  planning and implementation 105, 106, 112–14
education response 48–9, 117
emergencies 117
equal access 43, 53, 55–60
  admission, enrolment and retention 57
  child-friendly spaces 57–8, 115
  community involvement 59
  discrimination 54, 55–7, 68–9
  flexibility 58
  immediate education priorities 58
  key actions 55
  opportunities 57–8, 122
  quality education 122
  to resources 59, 72, 80
  temporary shelters 59–60
ethical considerations 36, 90
evaluation 19, 48–9

facilities 53, 54, 68–71
  design and maintenance of learning spaces 70
  hygiene promotion 71
  key actions 68
  location 64, 68–9, 109
  people with disabilities 70, 71
  safe water 71
  sanitation 70–1
  structure, design and construction 69–70, 109

as temporary shelters  59–60, 109
see *also* services
formal education  118
Foundational Standards  8, 9, 13, 19–50
analysis  19, 21, 35–49
community participation  19, 20, 22–30
coordination  19, 20–1, 31–4
funding  32, 43, 99

gender  26, 29, 54, 71, 106, 118
gender balance  42, 46, 85, 94, 96, 118
gender-based violence  63–4, 72, 118

hazards  86, 118
health and nutrition  71
human rights  5–6, 7, 76, 81–2, 119
humanitarian response  3–4, 44
hygiene promotion  71

inclusive education  81–2, 106, 119
INEE Minimum Standards  4–5
context analysis  9–10, 11
development  5
domains  8
frequently asked questions  17
guidance notes  10
human rights framework  5–6, 7
key actions  9, 10, 11
standards  10, 11
strategic linkages  15–16
tools for implementation  12
use  10, 13–15
information management  32–3, 46–7, 110, 119
information sources  36
instruction and learning processes  75, 81, 87–8, 119
instructional materials  78, 79, 82, 85, 101
inter-agency coordination committees  31–2
Inter-Agency Network for Education in Emergencies (INEE)  4
Inter-Agency Standing Committee (IASC)  16, 120
internally displaced persons (IDP)  43, 96, 111, 120
International Covenant on Economic, Social and Cultural Rights (1966)  6, 56–7
international legal instruments  6

job descriptions  95, 98

language of instruction  81, 95
law and policy formulation  105, 107–11
context analysis  109–10

continuity of education 108–9
disaster preparedness 110
information sharing and systems 110
key actions 107
non-discrimination 110–11
non-government and UN actors 111
right to education 107–8
school safety 109
learners 47, 102, 120
learning *see* teaching and learning
learning content 78
learning environment 8, 53–4, 61–72
facilities 53, 54, 68–71
protection and well-being 53, 61–7, 117, 121, 123
services 53, 68, 71–2, 80, 112
learning objectives 77
learning outcomes 75, 76, 78, 89–90, 120
learning processes 87–8, 119
learning sites 122
learning spaces 70, 101, 120
life skills 44, 47, 78, 79–80, 120
literacy 7, 44, 47, 54, 76, 78, 79
livelihood 120
local education action plans 24–5, 108, 113

monitoring 19, 45–7

non-formal education 88, 121
non-governmental organisations 111
numeracy 44, 47, 78, 79

participation 121
participatory learning 87, 121
performance appraisals 102
planning and implementation 11, 105, 106, 112–14
education rights and goals 112
inter-sectoral linkages 112
key actions 112
national and local education plans 24–5, 108, 113
resources 113
transparency and accountability 114
play 87
preparedness 110, 121
prevention 121
professional development *see* training and professional development
protection 53, 61–7, 115, 121
access routes 64
community participation 63, 66

dangers 62, 63–4
disaster risk reduction and management 66–7
gender-based violence 63–4, 72, 118
key actions 61
learners–learning site distance 64
non-violent classroom management 66
safety from attack 64–5, 108
security and safety 61–2
violations 63
*see also* well-being
psychosocial needs 2, 40, 65, 72, 80–1, 102, 121

quality education 7, 76, 122

recovery 124
recruitment and selection of teachers 93, 94, 95–7
class size 97
experience and qualifications 95–6
job descriptions 95, 98
key actions 95
references 97
selection criteria 96
refugees 43, 55, 78, 81, 90, 96, 110–11, 122
relevant education 122
resilience 38, 125
resources 19, 28–30, 32, 42, 59, 113
response strategies 19, 41–4
assessment 41–2
baseline data 44
capacity building 42
disaster risk reduction 44
'Do No Harm' 42, 117
donor response 43
emergency response preparedness 44, 66–7, 86, 121
key actions 41
national programmes 43
organisational mandates 44
updating response strategies 43
right to education 5–6, 7, 56, 106, 107–8, 112
risk 122
risk assessment 37–8, 62, 63, 69, 86, 109–10, 122

safety 2, 46, 61–2, 63, 64, 109, 122
sanitation 70–1
security 29, 61–2, 64–5, 123
services 53
access and referrals 72, 80
health and nutrition 71

inter-sectoral linkages 112
key actions 68
social audits 26
Sphere Project 4, 6, 15–16
stakeholders 10, 123
support and supervision 93, 94, 101–2
*see also* training and professional development

teacher compensation 99
teachers and education personnel 8, 93–102
conditions of work 93, 98–100
definition 94
recruitment and selection 93, 94, 95–7
roles and responsibilities 94
support and supervision 93, 94, 101–2
*see also* training and professional development
teaching and learning 8, 75–90
assessment 75, 76, 78, 89–90
curricula 75, 76, 77–82
instruction and learning processes 75, 81, 87–8, 119
instructional materials 78, 79, 82, 85, 101
training and professional development 75, 76, 83–6
teaching methods 78, 88
temporary shelters 59–60, 109
training and professional development 75, 76, 83–6
curricula and content 83–4
hazard awareness 86, 118
key actions 83
recognition and accreditation 85
response preparedness 86
support and coordination 84–5
teacher: definition 83
teaching and learning materials 85
transparency 114

vocational training 32, 44, 47, 57, 76, 80
vulnerability 9–10, 123

water, safe 71
well-being 46, 53, 61, 62, 65, 72, 123 *see also* protection
work conditions 93, 98–100

youth 25–6, 29, 30, 42, 108–9, 123

# ଅତିରିକ୍ତ ଅଂଶ - ୪ - ମତାମତ ଫର୍ଦ୍ଧ

| ଯୋଗାଯୋଗ ସୂଚନା | |
|---|---|
| ତାରିଖ | ନାମ |
| ସଂସ୍ଥା ଓ କାର୍ଯ୍ୟ ବିବରଣୀ | |
| ଠିକଣା | |
| ଫୋନ୍ | |
| ଇ-ମେଲ | |

୧ ) କେଉଁ ପ୍ରକାରେ ଆପଣ କିମ୍ବା ଆପଣଙ୍କ ସଂସ୍ଥା ସର୍ବନିମ୍ନ ମାନଦଣ୍ଡକୁ ବ୍ୟବହାର କରିଛି ଦୟାକରି ତା'ର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଯେତେ ସମ୍ଭବ ନିର୍ଦ୍ଦିଷ୍ଟ ଭାବେ ସେଗୁଡିକୁ ସୂଚୀତ କରନ୍ତୁ ଏବଂ ସେହି ଉପାୟଗୁଡିକ (ଯଦି କୌଣସି) ସଂପର୍କରେ କୁହନ୍ତୁ ଯେଉଁଗୁଡିକରେ ଆପଣ ଆପଣଙ୍କ ପୃଷ୍ଠଭୂମି ଓ ପ୍ରକଳ୍ପ/ସଂସ୍ଥା/ସମନ୍ୱୟ ଢ଼ାଞ୍ଚା ପାଇଁ ହ୍ୟାଣ୍ଡ୍‌ବୁକର ପ୍ରମୁଖ କାର୍ଯ୍ୟଗୁଡିକୁ ଆଂଶିକ ଭାବେ ଗ୍ରହଣ କରିଛନ୍ତି ।

.

.

.

୨ ) ଏହି ହ୍ୟାଣ୍ଡବୁକ୍ ବ୍ୟବହାର କରିବା ବେଳେ ଆପଣ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଲେ ଓ ଆପଣ କିଭଳି ଭାବେ ସେଗୁଡିକୁ ପ୍ରତିହତ କଲେ କିମ୍ବା ସେଗୁଡିକ ସତ୍ତ୍ୱେ କାର୍ଯ୍ୟ କଲେ ?

.

.

.

୩) ଏହି ହ୍ୟାଣ୍ଡବୁକ୍‌ର ବ୍ୟବହାରରୁ ପାଇଥିବା ଅଭିଜ୍ଞତାରୁ ଆପଣ ଶିକ୍ଷାଲାଭ କରିଥିବା କୌଣସି ବିଷୟ ସଂପର୍କରେ ଅବା କାମ କରିବାର ଏକ ଉଦାହରଣ ଦେଇପାରିବେ କି ? ଆପଣଙ୍କ କାମରେ ପଦ୍ଧତିଗୁଡିକ ବ୍ୟବହାର କରିବାର ପ୍ରଭାବ କ'ଣ ଥିଲା ?

.

.

.

୪) ଆପଣଙ୍କ ଅନୁଭୁତିରୁ କୁହନ୍ତୁ, ଆଉ କେଉଁ ଅତିରିକ୍ତ ସୂଚନା/ସାଧନ ବ୍ୟବହାର କରାଗଲେ ହ୍ୟାଣ୍ଡବୁକ୍‌ଟି ଅଧିକ ପ୍ରଭାବଶାଳୀ ହୋଇପାରିବ ?

- 
- 
- 
- 

୫) ଏହି ହ୍ୟାଣ୍ଡବୁକ୍ ଉପରେ ଆଉ କିଛି ଅତିରିକ୍ତ ମନ୍ତବ୍ୟ ବା ମତାମତ ଦେବାର ଥିଲେ ଦୟାକରି ଉଲ୍ଲେଖ କରନ୍ତୁ ।

- 
- 
- 
- 

ଶିକ୍ଷା ପାଇଁ ସର୍ବନିମ୍ନ ମାନଦଣ୍ଡ : ପ୍ରସ୍ତୁତି, ପତିକ୍ରିୟା ଓ ପୁନର୍ଲାଭ ବ୍ୟବହାର କରି ଆପଣଙ୍କ ଅନୁଭୁତି ବଣ୍ଟନ କରିଥିବା ଯୋଗୁ ଧନ୍ୟବାଦ । ସର୍ବନିମ୍ନ ମାନଦଣ୍ଡ ପ୍ରସାର ପାଇଁ କୌଶଳ ପ୍ରସ୍ତୁତ ଓ ଏହାକୁ ଅପ୍‌ଡେଟ୍ କରିବାରେ ଏହି ମତାମତ ସୂଚନା ଦେବ । ଦୟାକରି ଏହି ପ୍ରଶ୍ନଗୁଡିକର ଉତ୍ତର ଲେଖି minimumstandrad@ineesite.org କୁ ମେଲ୍ କରନ୍ତୁ କିମ୍ବା ଆଇଏନ୍ଏନ୍ଇ ସଂଯୋଜକ ମିନିୟମ୍ ଷ୍ଟାଣ୍ଡାର୍ଡ ଆଣ୍ଡ ନେଟ୍‌ୱାର୍କ ଟୁଲ, ମାର୍ଫତ : ୟୁନିସେଫ - ଶିକ୍ଷା ବିଭାଗ, ୭ମ ମହଲା, ୩ ୟୁନାଇଟେଡ୍ ନେସନ ପ୍ଲାଜା, ନ୍ୟୁୟର୍କ, ଏନ୍‌ୱାଇ ୧୦୦୧୭, ୟୁଏସ୍ଏକୁ ଚିଠି ଲେଖିପାରିବେ । ଆପଣ www. ineesite.org/feedbak ରେ ଅନ୍‌ଲାଇନ୍‌ରେ ଏହି ଫିଡ୍‌ବ୍ୟାକ ଫର୍ମ ପୂରଣ କରିପାରିବେ ।

ଇଣ୍ଟରନେସନାଲ ଇଜୁକେସନ ଫର ଏମରଜେନ୍‌ସି

# ମାନଚିତ୍ର

ମୂଳଦୁଆ ମାନଦଣ୍ଡ

ଶିକ୍ଷା ପାଇଁ ସର୍ବନିମ୍ନ ମାନଦଣ୍ଡ
ପ୍ରସ୍ତୁତି, ପ୍ରତିକ୍ରିୟା, ପୁନର୍ଲାଭ

ପଦ୍ଧତିଗୁଡ଼ିକରେ ଗୋଷ୍ଠୀର ଅଂଶଗ୍ରହଣ : ଅଂଶଗ୍ରହଣ ଓ ସମ୍ବଳ – ସମନ୍ୱୟ ମାନଦଣ୍ଡ : ସମନ୍ୱୟ – ସମୀକ୍ଷା ମାନଦଣ୍ଡ : ସମୀକ୍ଷା, ପ୍ରତିକ୍ରିୟା କୌଶଳ, ନିରୀକ୍ଷଣ ଓ ମୂଲ୍ୟାଙ୍କନ

| ସୁଯୋଗ ଓ ଶିକ୍ଷା ପରିବେଶ | ଶିକ୍ଷାଦାନ ଓ ଶିକ୍ଷଣ | ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀ | ଶିକ୍ଷା ନୀତି |
|---|---|---|---|
| ପଦ୍ଧତି ୧ : ସମାନ ସୁଯୋଗ – ସମସ୍ତଙ୍କ ପାଇଁ ଉଚ୍ଚମାନର ଓ ପ୍ରାସଙ୍ଗିକ ଶିକ୍ଷା ସୁବିଧାର ସୁଯୋଗ ରହିଛି । ପଦ୍ଧତି ୨ : ସୁରକ୍ଷା ଓ ସ୍ୱାସ୍ଥ୍ୟବ୍ୟବସ୍ଥା – ଶିକ୍ଷା ପରିବେଶଗୁଡ଼ିକ ନିରାପଦ ଓ ସୁରକ୍ଷିତ, ଏବଂ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀମାନଙ୍କର ସୁରକ୍ଷା ଓ ମାନସିକ ସାମାଜିକ ସ୍ୱାସ୍ଥ୍ୟାବସ୍ଥାକୁ ପ୍ରୋତ୍ସାହିତ କରିଥାଏ । ପଦ୍ଧତି ୩: ସୁବିଧାସୁଯୋଗ ଓ ସେବା – ଶିକ୍ଷା ସୁବିଧାସୁଯୋଗଗୁଡ଼ିକ ଶିକ୍ଷାର୍ଥୀ, ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀମାନଙ୍କର ସୁରକ୍ଷାକୁ ପ୍ରୋତ୍ସାହିତ କରନ୍ତି ଏବଂ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ମାନସିକ ସାମାଜିକ୍ ଓ ସୁରକ୍ଷା ସେବା ସହିତ ସଂଯୋଗ ସ୍ଥାପନ କରିଥାଏ । | ପଦ୍ଧତି ୧ : ପାଠ୍ୟକ୍ରମ – ନିର୍ଦ୍ଦିଷ୍ଟ ପୃଷ୍ଠଭୂମିକୁ ଠିକ୍ ହେବା ଭଳି ଓ ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ଅନୁସାରେ ଔପଚାରିକ ଓ ଅନୌପଚାରିକ ଶିକ୍ଷା ଯୋଗାଇ ଦେବା ପାଇଁ ସାଂସ୍କୃତିକ, ସାମାଜିକ ଓ ଭାଷାଗତ ପ୍ରାସଙ୍ଗିକ ପଦ୍ଧତି ୨ : ତାଲିମ, ବୃତ୍ତିଗତ ବିକାଶ ଓ ସମର୍ଥନ – ଆବଶ୍ୟକତା ଓ ପରିସ୍ଥିତି ଅନୁସାରେ ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀମାନେ ନିୟମିତ ବ୍ୟବଧାନରେ ପ୍ରାସଙ୍ଗିକ ଓ ଢ଼ାଞ୍ଚାଗତ ତାଲିମ ଗ୍ରହଣ ପଦ୍ଧତି ୩: ନିର୍ଦ୍ଦେଶାବଳୀ ଓ ଶିକ୍ଷାଗ୍ରହଣ ପ୍ରକ୍ରିୟା : ନିର୍ଦ୍ଦେଶାବଳୀ ଓ ଶିକ୍ଷା ଗ୍ରହଣ ପ୍ରକ୍ରିୟାଗୁଡ଼ିକ ଶିକ୍ଷାର୍ଥୀ-କୈନ୍ଦ୍ରିକ, ଯୋଗଦାନକାରୀ ଓ ଅନ୍ତର୍ଭୁକ୍ତ ହୋଇଥାଏ । ପଦ୍ଧତି ୪: ଶିକ୍ଷାଲାଭ ଫଳାଫଳର ସମୀକ୍ଷା– ଶିକ୍ଷାଲାଭ ଫଳାଫଳର ମୂଲ୍ୟାଙ୍କନ ପାଇଁ ସଠିକ୍ ପଦ୍ଧତିଗୁଡ଼ିକ ବ୍ୟବହାର କରାଯାଏ । | ପଦ୍ଧତି ୧ : ନିଯୁକ୍ତି ଓ ଚୟନ – ଚୟନ ନୀତି ଆଧାରରେ ଏକ ଅଂଶଗ୍ରହଣକାରୀ ଓ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ପର୍ଯ୍ୟାପ୍ତ ସଂଖ୍ୟକଯୋଗ୍ୟ ଶିକ୍ଷକ ଓ ଅନ୍ୟ ଶିକ୍ଷା ଅଧିକାରୀମାନେ ପଦ୍ଧତି ୨ : ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀମାନଙ୍କର କାମର ପ୍ରକାର ସ୍ପଷ୍ଟ ଭାବେ ନିରୁପିତ ହୋଇଥାଏ ଓ ସେଥିପାଇଁ ସେମାନଙ୍କୁ ଅର୍ଥ ଦିଆଯାଏ । ପଦ୍ଧତି ୩: ସମର୍ଥନ ଓ ନିରୀକ୍ଷଣ – ଶିକ୍ଷକ ଓ ଅନ୍ୟ ଶିକ୍ଷା କର୍ମଚାରୀମାନଙ୍କ ପାଇଁ ସମର୍ଥନ ଓ ନିରୀକ୍ଷଣ ବ୍ୟବସ୍ଥା ପ୍ରଭାବଶାଳୀ ଭାବେ କାର୍ଯ୍ୟକରେ । | ପଦ୍ଧତି ୧ : ଆଇନ୍ ଓ ନୀତି ଗଠନ – ମାଗଣା ଓ ଅନ୍ତର୍ଭୁକ୍ତ ଶିକ୍ଷା ସମେତ ଅବିଚ୍ଛିନ୍ନତା ଓ ପୁନର୍ଲାଭ ପାଇଁ ଉଚ୍ଚମାନର ଶିକ୍ଷାକୁ ଶିକ୍ଷାଧିକାରୀମାନେ ଗୁରୁତ୍ୱ ଦେଇଥାଆନ୍ତି । ପଦ୍ଧତି ୨ : ଯୋଜନା ଓ କାର୍ଯ୍ୟକାରୀତା : ଶିକ୍ଷା କାର୍ଯ୍ୟକର୍ତ୍ତାମାନେ ଅନ୍ତର୍ଜାତୀୟ ଜାତୀୟ ଶିକ୍ଷା ନୀତି, ଆଇନ୍, ପଦ୍ଧତି ଓ ଯୋଜନା, ଏବଂ ପ୍ରଭାବିତ ଜନବସତିର ଶିକ୍ଷାଲାଭ ଆବଶ୍ୟକତାଗୁଡ଼ିକୁ ବିଚାରକୁ ନେଇଥାଆନ୍ତି । ପ୍ରମୁଖ ବିଷୟଗତ ପ୍ରସଙ୍ଗ: ସଂଘର୍ଷ ଦୂରୀକରଣ, ବିପର୍ଯ୍ୟୟ ଆଶଙ୍କା ହ୍ରାସ, ପ୍ରାରମ୍ଭିକ ଶୈଶବ ବିକାଶ, ଲିଙ୍ଗଗତ ସାମ୍ୟତା, ଏଚଆଇଭି ଏବଂ ଏଡ୍‌ସ୍, ମାନବିକ ଅଧିକାର, ଅନ୍ତର୍ଭୁକ୍ତ ଶିକ୍ଷା, ଆନ୍ତଃ–କ୍ଷେତ୍ରୀୟ ସଂଯୋଗୀକରଣ, ସୁରକ୍ଷା, ମନୋସାମାଜିକ ସମର୍ଥନ ଓ ଯୁବବର୍ଗ । |

ପ୍ରମୁଖ ବିଷୟଗତ ପ୍ରସଙ୍ଗ: ସଂଘର୍ଷ ଦୂରୀକରଣ, ବିପର୍ଯ୍ୟୟ ଆଶଙ୍କା ହ୍ରାସ, ପ୍ରାରମ୍ଭିକ ଶୈଶବ ବିକାଶ, ଲିଙ୍ଗ, ଏଚ୍ ଆଇଭି ଏବଂ ଏଡ୍‌ସ୍, ମାନବିକ ଅଧିକାର, ଅନ୍ତର୍ଭୁକ୍ତ ଶିକ୍ଷା, ଆନ୍ତଃ–କ୍ଷେତ୍ରୀୟ ସଂଯୋଗୀକରଣ, ସୁରକ୍ଷା, ସାଇକୋସୋସିଆଲ ସମର୍ଥନ ଓ ଯୁବବର୍ଗ

**ଆଇଏନ୍‌ଇଇ ଶିକ୍ଷାପାଇଁ ସର୍ବନିମ୍ନ ମାନଦଣ୍ଡ:** ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନର୍ଲାଭ ଏକ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରେ ଯେ ସମସ୍ତ ବ୍ୟକ୍ତି-ଶିଶୁ, ଯୁବବର୍ଗ ଓ ବୟସ୍କମାନଙ୍କର ଶିକ୍ଷା ଅଧିକାର ରହିଛି । ଏହି ପଦ୍ଧତିଗୁଡିକ ଜରୁରୀକାଳୀନ ସ୍ଥିତିରେ ପୁନର୍ଲାଭ ପାଇଁ ଶିକ୍ଷାର ମାନର ସ୍ତର ଓ ସୁବିଧାକୁ ସ୍ୱଷ୍ଟ ଭାବେ ବ୍ୟକ୍ତ କରିଥାଏ । ମାନବୀୟହିତ ସଂସ୍ଥାଗୁଡିକ, ସରକାର ଓ ସ୍ଥାନୀୟ ଲୋକେ ସେମାନଙ୍କର ଶୈକ୍ଷିକ ସହାୟତାର ମାନ ବଢ଼ାଇବାକୁ ଓ ଏହାକୁ ପ୍ରଭାବଶାଳୀ କରିବାକୁ ଏକ ଦକ୍ଷତା ବୃଦ୍ଧି ଏବଂ ତାଲିମ ଉପକରଣ ଭାବେ ସେଗୁଡିକୁ ବ୍ୟବହାର କରିପାରିବେ । ମାନବୀୟହିତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଏହାର ଉତ୍ତରଦାୟିତ୍ୱକୁ ବଢ଼ାଇବା ସହିତ ଶିକ୍ଷା ଅଧିକାରୀମାନଙ୍କ ସମେତ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟକୁ ଉନ୍ନତ କରିଥାଏ ।

୨୦୦୩-୨୦୦୪ରେ ସର୍ବନିମ୍ନ ମାନଦଣ୍ଡଗୁଡିକୁ ବିକଶିତ କରିବା ପାଇଁ ଏବଂ ୨୦୦୯-୨୦୧୦ରେ ଅଦ୍ୟତନ କରିବା ପାଇଁ ଆଇଏନ୍‌ଇଇ ଏକ ଉଚ୍ଚ ସ୍ତରୀୟ ପରାମର୍ଶ ପ୍ରକ୍ରିୟାର ବ୍ୟବସ୍ଥା କରିଥିଲା । ସେଗୁଡିକ କନ୍‌ଭେନ୍‌ସନ୍ ଅନ୍ ଦ ରାଇଟ ଅଫ ଦ ଚାଇଲ୍ଡ୍, ଡାକର ୨୦୦୦ ଏଜୁକେସନ୍ ଫର୍ ଅଲ୍ ଗୋଲ ଓ ସ୍ଫିୟର ପ୍ରୋଜେକ୍ଟ ହ୍ୟୁମାନିଟାରିଆନ୍ ଚାର୍ଟର ଉପରେ ଗଠିତ ହୋଇଛି ।



## ଦ ସ୍ଫିୟର ପ୍ରୋଜେକ୍ଟ

ସ୍ଫିଅର ପ୍ରୋଜେକ୍ଟ ହ୍ୟୁମାନିଟାରିଆନ୍ ଚାର୍ଟର ଆଣ୍ଡ ମିନିୟମ ଷ୍ଟାଣ୍ଡାର୍ଡ ଇନ୍ ହ୍ୟୁମାନିଟାରିଆନ୍ ରେସ୍‌ପନ୍ସକୁ ସାଥୀ ଦେଉଥିବା ଯୋଗୁ ଶିକ୍ଷା ପାଇଁ ସର୍ବନିମ୍ନ ମାନଦଣ୍ଡ: ପ୍ରସ୍ତୁତି, ପ୍ରତିକ୍ରିୟା ପୁନର୍ଲାଭ କୁ ସ୍ଫିୟର ପ୍ରକଳ୍ପ ସ୍ୱୀକୃତି ଦିଏ ।